# ଅନନ୍ତ ପଥର ଯାତ୍ରୀ

ଏକ କଳ୍ପନାଶୀଳ ପ୍ରାଣତତ୍ତ୍ୱବିତ୍ ଏଥିରେ
ଅନୁସନ୍ଧାନ କରିଛନ୍ତି ମନୁଷ୍ୟ ଓ ପ୍ରକୃତିର ଗୂଢ଼ତତ୍ତ୍ୱ




ମୂଳରଚନା
ଲରେନ୍ ଆଇସ୍ଲି
ଅନୁବାଦ
ଅଧ୍ୟାପକ-ଶୈଳେନ୍ଦ୍ରହାରୀ ମ

# ଅନନ୍ତ ପଥର ଯାତ୍ରୀ

ମୂଳରଚନା **ଲରେନ୍ ଆଇସ୍ଲ**

ଅନୁବାଦ **ଅଧ୍ୟାପକ ଶ୍ରୀ ଶୈଳବିହାରୀ ଶର୍ମା**

# THE IMMENSE JOURNEY

by

**Loren Eiseley**

Copyright, 1946, 1950, 1951, 1953, 1956, 1957,
by Loren Eiseley.

*Originally published by Random House, Inc.*

ଓଡ଼ିଆ ସଂସ୍କରଣର ପ୍ରକାଶନ ସମୟ  ଏପ୍ରିଲ, ୧୯୬୭

ପ୍ରକାଶକ

**କଟକ ଟ୍ରେଡ଼ିଂ କମ୍ପାନୀ**

ବାଲୁବଜାର, କଟକ-୨

# ସୂଚୀ


| ବିଷୟ | ପୃଷ୍ଠାଙ୍କ |
| --- | --- |
| ୧ । ଫଟାଭୂଇଁ | ୧ |
| ୨ । ନଈର ସୁଅ | ୧୫ |
| ୩ । ଅତଳ ସମୁଦ୍ରର ଗହ୍ୱରରେ | ୩୦ |
| ୪ । ଚାଲୁଆ ଜୀବର କାହାଣୀ | ୫୦ |
| ୫ । ଫୁଲ କପଟ ପୃଥିବୀକୁ ବଦଳାଇଲା | ୬୫ |
| ୬ । ପିଲ୍‌ଟ ଡାଉନ୍‌ର ଅସଲ ରହସ୍ୟ | ୮୫ |
| ୭ । ଗୋଲକଧନ୍ଦା | ୧୦୨ |
| ୮ । ମାୟାମୃଗ | ୧୧୬ |
| ୯ । ଭବିଷ୍ୟତର ମଣିଷ | ୧୩୭ |
| ୧୦ । ଶ୍ରେଷ୍ଠ ମଣିଷ ଓ ଉଡ଼ନ୍ତା ଚକ | ୧୫୩ |
| ୧୧ । ଚଢ଼େଇ ବସ୍ଥର | ୧୭୪ |
| ୧୨ । ଚଢ଼େଇ ଓ ଯନ୍ତ୍ର | ୧୯୦ |
| ୧୩ । ପ୍ରାଣର ରହସ୍ୟ | ୨୦୭ |

# ଲେଖକଙ୍କ ପରିଚୟ

ଯୁକ୍ତରାଷ୍ଟ୍ରର ନେବ୍ରାସ୍କା ଅଞ୍ଚଳରେ ଲିଙ୍କନ ସହରରେ ଲେଖକ ଲରେନ୍ ଆଇସ୍‌ଲିଙ୍କ ଜନ୍ମ ହୋଇଥିଲା । ସେ ଅଞ୍ଚଳରେ ଲୋକଙ୍କର ପୂରାପୂରି ବସବାସ ହେବା ପୂର୍ବରୁ ତାଙ୍କ ବଂଶ ସେଠାରେ ଘରବାଡ଼ି କରି ରହିଥିଲେ । ପ୍ରକୃତି ସଙ୍ଗେ ତାଙ୍କର ପ୍ରଥମ ସମ୍ପର୍କ ଘଟିଥିଲା ଲିଙ୍କନ ସହର ଆଖପାଖରେ ଥିବା ଲୁଣିଆ ପଠା ଗାଡ଼ିଆମାନଙ୍କରେ ଓ ନେବ୍ରାସ୍କା ବିଶ୍ୱବିଦ୍ୟାଳୟର ଅଗଣାରେ ଲାଲ ରଙ୍ଗର ପୁରୁଣା ଇଟାରେ ତିଆରି ଯାଦୁ ଘରରେ ରଖା ହୋଇଥିବା ପ୍ରାଗୈତିହାସିକ ଅତିକାୟ 'ମ୍ୟାମଥ' ଜାତୀୟ ଜନ୍ତୁଙ୍କର ହାଡ଼ରୁ । ସେଠାରୁ ସେ ସ୍ନାତକ ହୋଇ, ପେନ୍‌ସିଲଭ୍ୟାନିଆ ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ ବିଷୟରେ ଉଚ୍ଚ ଶିକ୍ଷା ସମାପ୍ତ କରିଥିଲେ । ତାପରେ ମିଡ୍‌ଓ୍ୱେଷ୍ଟକୁ ସେ ଫେରିଯାଇ କାନ୍‌ସାସ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷକତା କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ସେ ଓହିଓ ସହରର ଓବେର୍ଲିନ କଲେଜରେ ସମାଜବିଜ୍ଞାନ ଓ ନୃତତ୍ତ୍ୱ ବିଭାଗର ଅଧ୍ୟକ୍ଷ ହୋଇଥିଲେ । ତାପରେ ୧୯୪୭ ମସିହାରେ ପେନ୍‌ସିଲଭ୍ୟାନିଆ ବିଶ୍ୱବିଦ୍ୟାଳୟକୁ ଫେରି ସେଠାର ନୃତତ୍ତ୍ୱ ବିଭାଗର ପ୍ରଧାନ ଅଧ୍ୟାପକ ପଦ ଅଳଂକୃତ କରିଥିଲେ । ସେଠାର ବିଶ୍ୱବିଦ୍ୟାଳୟର ଯାଦୁଘରରେ ସେ "ଆଦିମ ମଣିଷ" ଶାଖାର ତତ୍ତ୍ୱାବଧାରକ ମଧ୍ୟ ଥିଲେ ।

ଆଶ୍ଚର୍ଯ୍ୟ ଆଇସ୍‌ଲି ହାର୍ଭାର୍ଡ଼, କଲମ୍ବିଆ, କ୍ୟାଲିଫର୍ଣ୍ଣିଆ ପ୍ରଭୃତି ବହୁ ବିଶ୍ୱବିଦ୍ୟାଳୟରେ ବକ୍ତୃତା ଦେଇଛନ୍ତି । ଆମେରିକାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମ୍ୟାନ୍ ପ୍ୟାଲିଓଣ୍ଟୋଲଜି ନାମକ ସଂସ୍ଥାର ଭୂତପୂର୍ବ ସଭାପତି; 'ହାର୍‌ପାର୍‌ସ', 'ଆମେରିକାନ୍ ସ୍କଲାର' ଏବଂ 'ନେଣ୍ଟି' ପ୍ରଭୃତି ସାମୟିକ ପତ୍ର ଓ ବହୁ ଅଗ୍ରଗଣ୍ୟ ବୈଜ୍ଞାନିକ ପତ୍ରିକାମାନଙ୍କରେ ସେ ବରାବର ଲେଖା ଦିଅନ୍ତି ।

ଯୁକ୍ତରାଷ୍ଟ୍ରର ପଶ୍ଚିମ ଅଞ୍ଚଳରେ ବହୁବର୍ଷ ଧରି ହିମବାହ ଯୁଗୋତ୍ତର ଆଦିମ ମଣିଷର ନିଦର୍ଶନ ସନ୍ଧାନରେ ସେ ବ୍ରତୀ ଥିଲେ ଓ କାନାଡ଼ାଠାରୁ ମେକ୍ସିକୋ ପର୍ଯ୍ୟନ୍ତ ପ୍ରସାରିତ ରକି ପର୍ବତମାଳାର ସୀମାନ୍ତରେ ଥିବା ଅଧିତ୍ୟକା, ପାହାଡ଼ ଓ ମରୁଭୂମିମାନଙ୍କରେ ବ୍ୟାପକ ଗବେଷଣା କାର୍ଯ୍ୟ ଚଳାଇଥିଲେ ।

# ଫଟା ଭୂଇଁ

କେତେକ ଜମି ସମତଳ, ଘାସପୂର୍ଣ୍ଣ—ଖରାରେ ସୂର୍ଯ୍ୟ ଆଡ଼କୁ ଅନାଇ ସମସ୍ୱରରେ ଏପରି ହସନ୍ତି ଯେ ମନେହୁଏ ସତେ ଯେପରି ତାହା ଚିରନ୍ତନ ଯୌବନବନ୍ତ; ମଣିଷ ବା କାଳର ପ୍ରଭାବ ତାହାକୁ ଛୁଇଁ ପାରିବ ନାହିଁ । ଆଉ କେତେକ ଜମି ମନେ ହୁଏ ଅବଢ଼ାଖାବଡ଼ା ପରି; ତାହା ଖଣ୍ଡିଆଖାବରା; ବୁଢ଼ୀ ବୟସରେ ଚମ ଉପରେ ବଳି ରେଖା ଭଳି ତାହା ଅସୁନ୍ଦର ଓ ଦଳିତମଥିତ । ସେଠି ତଳୁ ପଥରଗୁଡ଼ାକ ଜୋରରେ ଉପରକୁ ଫିଙ୍ଗା ହୋଇଥାଏ; କଳା କଳା ଗାତଗୁଡ଼ାକ ସେଠି ସମସ୍ତଙ୍କ ନଜରରେ ପଡ଼େ; ସେ ସବୁ ଗାତ ଭିତରେ ଖରା ପଶେ ସିନା ଆଉ ଫେରି ଆସେ ନା ।

ଏମିତି ଏକ ଜମି ଉପରେ ଘୋଡ଼ାରେ ଚଢ଼ି ମୁଁ ଯାଉଥିଲି; କିନ୍ତୁ ସେଠାକୁ ପହଞ୍ଚିବାପାଇଁ ମୋତେ ପାରହେବାକୁ ପଡ଼ିଥିଲା ଏକ ବିରାଟ 'ପ୍ରେଆରି' ଘାସଭୂଇଁ; ଏହି ବିସ୍ତୀର୍ଣ୍ଣ ସୂର୍ଯ୍ୟକିରଣ-ଧୌତ ଘାସଭୂମିକୁ ଅତିକ୍ରମ କରିବାକୁ ମୋତେ ବହୁତ ସମୟ ଲାଗିଥିଲା । କେଉଁଠି କଦବା ଗୋଟାଏ କୃଷ୍ଣସାର ହରିଣ ବା ଉଡ଼ନ୍ତା ଚଢ଼େଇ ବ୍ୟତୀତ ଅନ୍ୟ ପ୍ରାଣୀ ମୋର ଦୃଷ୍ଟିଗୋଚର ହୋଇ ନଥିଲେ । ସେଇ ଘାସଭୂଇଁ ସରିଥାଏ ଉଲଗ୍ନ ବାଲିପଥର ଓ କାଦୁଅର ଏକ ଉଚ୍ଚ ପ୍ରାଚୀର ସାମନାରେ, ସେଠାରେ ମୋ ଆଖିରେ ପଡ଼ିଥିଲା ଏଇ ଫଟା ଭୂଇଁ । କେଉଁ କାଳେ ଏହାର ଆରମ୍ଭ ହୋଇଥିଲା ତାହା ସମସ୍ତଙ୍କୁ ଅଜଣା; ଉଚ୍ଚ ଭୂଇଁରୁ ତଳକୁ ଖସୁଥିବା ପାଣିସୁଅ ଦ୍ୱାରା କ୍ଷୟ ହୋଇ ହୋଇ ଏହା କେବେ ଏକ ସରୁ ଫାଟରେ ପରିଣତ ହେଲା ତାହା ମଧ୍ୟ କାହାରି ଦୃଷ୍ଟିଗୋଚର ହୋଇନଥିବ । ପଛପଟେ, 'ପ୍ରେଆରି' ଘାସ ଭିତରେ ବହୁଦୂର ପର୍ଯ୍ୟନ୍ତ ଏହା ବ୍ୟାପି ଥାଏ । ସୂକ୍ଷ୍ମ ବାଲିପଥର ଭିତରେ ଅଧିକରୁ ଅଧିକ

ଗହ୍ୱର ହୋଇ ପଡ଼ି, ଜଟିଳ, ଶାଖାପ୍ରଶାଖାରେ ଭାଗ ଭାଗ ହୋଇ ଏହା କ୍ରମଶଃ ମାଡ଼ି ଯାଇଥାଏ ଏକ ପଡ଼ିଆ ଜମି ଭିତରକୁ । ଫାଟର ଧାରେ ଧାରେ ଘୋଡ଼ାରେ ଚଢ଼ି ଫେରି ଆସିଲା ବେଳେ ମୁଁ ଏମିତି ଗୋଟାଏ ଜାଗାରେ ପହଞ୍ଚିଲି, ଯେଉଁଠାରେ ଭିତରକୁ ଯାଇ ହେବ । ଘୋଡ଼ାରୁ ଓହ୍ଲାଇ ମୁଁ ସେଠି ଘୋଡ଼ାଟିକୁ ଚରିବାକୁ ଛାଡ଼ି ଦେଲି ।

ଫାଟଟି ଓସାରରେ ପ୍ରାୟ ପୁରୁଟିଏ ମାତ୍ର । ମୁଁ ଯେତେବେଳେ ତଳକୁ ଓହ୍ଲାଇବାକୁ ଆରମ୍ଭ କଲି ସେତେବେଳେ ଦିନର ଆଲୁଅ ଝୁଲୁଥିବା ଘାସ ଭିତରେ ହଜି କ୍ରମଶଃ ସାଗୁଆକୁ କଳା ପକାଇ ଦେଉଥାଏ; ଉପରେ ବହୁ ଉଚ୍ଚରେ ଆକାଶ ଦିଶୁଥାଏ ନୀଳମାର ଏକ ସରୁ ଫାଳ ପରି । ମୋର ଦୁଇପଟେ ହାତରେ ବାଜୁଥାଏ ଓଦା ବାଲିପଥର । ଫଟା ଭୂଇଁ ମୋତେ କବର ପରି ଭୟଙ୍କର ମନେହେଲା । ଯଦି ଧରିଯାଏ ସେ ମଡ଼ାଗୁଡ଼ାକ ଶେଷଥରପାଇଁ ଥରେଆଖି ମେଲି ପାରନ୍ତି, ତାହାହେଲେ ଗୋଟାଏ ଖୋଲା କବର ଯେପରି ଅଶୁଭ ମନେ ହେବ, ସେ ଭୂଇଁର ଫାଟ ମତେ ସେହିପରି ବୋଧ ହେଉଥାଏ; କାରଣ, ଓହ୍ଲାଉ ଓହ୍ଲାଉ, ଉପରେ ଆକାଶ ମୋତେ ଭାରି ଦୂରରେ ଥିବା ମନେ ହେଉ ଥାଏ । ତାହା ଗୋଟିଏ ଭବିଷ୍ୟତ ଶତାବ୍ଦୀ ପରି ଜଣାଯାଉଥାଏ, ଯାହାକୁ ମୁଁ କେବେ ଦେଖିପାରିବି ନାହିଁ ।

ତେଣୁ ମୁଁ ଆକାଶଆଡ଼କୁ ଆଉ ଧ୍ୟାନଦେଲି ନାହିଁ; ବରଂ ଏକାଗ୍ରଚିତ୍ତରେ ମନୋଯୋଗ ଦେଲି ବାଲିପଥରର କାନ୍ଥଗୁଡ଼ାକରେ, କାରଣ ମୁଁ ତାହାକୁ ଧରି ତଳକୁ ଓହ୍ଲାଉଥିଲି । ଏହା ଏକ କଠିଣ ଓ ହାତ ସଫେଇ କାମ ଥିଲା; କିନ୍ତୁ ସେଇ ସରୁ ଫାଙ୍କ ଭିତରେ ଥିଲା—କୋଟି ବର୍ଷବ୍ୟାପୀ ଭୂ-ଉଦ୍‌ବର୍ତ୍ତନର ପ୍ରାୟ ସମ୍ପୂର୍ଣ୍ଣ ବିଶ୍ଳେଷଣ ରେଖା ! ଅନ୍ତତଃ ଗୋଟାଏ ହାଡ଼ ସେଠି ମିଳିବ ବୋଲି ମୁଁ ଆଶା କରିଥିଲି; କିନ୍ତୁ ଶେଷରେ ମୁଁ ଯେଉଁ ଦୃଶ୍ୟ ସେଠି ଦେଖିଲି ତାହା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ନ ଥିଲି । ସବୁଜ ଛାଇ ଅନ୍ଧାରରେ ଅଧିକରୁ ଅଧିକ ଗଭୀରକୁ ଖସୁ ଥିଲା ବେଳେ ମୋ ଆଡ଼କୁ ଏକାଗ୍ର ଦୃଷ୍ଟିରେ ସିଧାସଳଖ ଚାହିଁଥିଲା—ଜଦା ବାଲିପଥର ଭିତରେ ପୋତା ହୋଇଥିବା ଏକ କରୋଟି । ଠିକ୍ ଯେତେବେଳେ ଏହା ସମ୍ପୂର୍ଣ୍ଣ ଭାବରେ ଦେଖିବାର ପ୍ରଶସ୍ତ ସମୟ, ସେଇ ମୁହୂର୍ତ୍ତରେ ମୁଁ ସେଠି

ପଡ଼ିଥାଏ; ପାଣିଧାରରେ କ୍ଷୟ ପାଉଥିବା ଏକ ପାଉଁଶିଆ ଧଳାହାଡ଼ଟି ରଙ୍ଗର ଔଜ୍ଜ୍ୱଲ୍ୟରେ ଚକ୍ ଚକ୍ କରୁଥାଏ, ପରବର୍ତ୍ତୀ ବର୍ଷାର ଦୀର୍ଘ ପାଣିସୁଅରେ ଏହା ଗୁଣ୍ଡ ଗୁଣ୍ଡ ହୋଇ ଚୂର୍ଣ୍ଣ ହୋଇଯିବାର ସମଧିକ ସମ୍ଭାବନା ଥିଲା ।

ଅବଶ୍ୟ ଏହା କୌଣସି ମଣିଷର ଖପୁରି ନ ଥିଲା । ମଣିଷ ଜନ୍ମିବାର ବହୁ ବହୁପୂର୍ବର ଏକ ଯୁଗକୁ ମୁଁ ଚାଲି ଯାଇଥାଏ; ଯେତେବେଳେ ସ୍ତନ୍ୟପାୟୀ ଜୀବମାନେ ପୃଥିବୀରେ ରାଜତ୍ୱ କରିବାକୁ ଆରମ୍ଭ କରିଥିଲେ ମାତ୍ର । ସବୁ ଜୀବଙ୍କ ଭିତରେ ରେଡ଼୍ ଉପରେ ଭର ଦେଇ ମୁଁ ବସିଥାଏ—କରୋଟି ଓ ମୁଁ ପରସ୍ପରକୁ ଅନାଇ ଥାଉଁ । ସାଧାରଣ ଭାବରେ କହିବାକୁ ଗଲେ, ସେଇ ଗଡ଼ାଣିଆ,ଖଣ୍ଡିଆ ଧାବରା ଖପୁରି ଦେହରେ ଚିହ୍ନା ପଡୁଥାଏ ବହୁ ପୁରାକାଳର ଦାଗ ସବୁ; ମଗଜର ଖୋଳ ଓ ଗାଲ ପାଟିର ହାଡ଼ରୁ ଜଣା ପଡ଼ୁଥାଏ ଖପୁରିଟି କେତେ ପ୍ରାଚୀନ—ବୋଧହୁଏ, ତାହା ଏପରି ଏକ ଆଦିମ ସମୟ ଜୀବର ହାଡ଼ ଯେତେବେଳେ ବିରାଡ଼ି, ମଣିଷ ଓ ଠେକୁଆ ଜାତୀୟ ପ୍ରାଣୀଙ୍କର ଆଦିପୁରୁଷ ପ୍ରାୟ ଏକପ୍ରକାର ଥିଲେ । ଏହି ସମସ୍ୟାଟି ସମ୍ବନ୍ଧରେ ମୁଁ ପରେ ପ୍ରମାଣସହ ଆଲୋଚନା କରିବି ।

ଖପୁରିଟି ଥିଲା ଏପରି କୌଣସି ପ୍ରାଣୀର ଯାହା ପୁରାକାଳରେ ଶୁଙ୍ଘି ଶୁଙ୍ଘି ଜଙ୍ଗଲର ବାଟ କାଢ଼ୁଥିଲା; ତା'ର ମନେ ରଖିବାର ଶକ୍ତି ଥିଲା ଊଣା । ସହଜାତ ବୁଦ୍ଧିହିଁ ତା'ର ଚାଳକ ଥିଲା; ଭଲ ମନ୍ଦ ବାଛିବାର କ୍ଷମତା ତା'ର ଖୁବ କମ ଥିବା ସମ୍ଭବ । ମଣିଷ ବା ମଣିଷର ସିଧାସଳଖ କୌଣସି ପୂର୍ବପୁରୁଷ ନ ହେଲେ ହେଁ ସେ ପ୍ରାଣୀରୁ, ଏପରିକି ତା'ର ହାଡ଼ ମଜ୍ଜାରେ ଯେଉଁ ସବୁଲକ୍ଷଣ ଥିଲା ସେଥିରୁ ଜଣାପଡ଼ୁଥିଲା ଯେ,ତାହା ଏପରି ଏକପ୍ରାଚୀନ ଜଗତର ଅଧିବାସୀ, ଯହିଁରୁ ପରବର୍ତ୍ତୀ କାଳରେ ମଣିଷର୍ ପୂର୍ବପୁରୁଷମାନେ ଜନ୍ମିଥିଲେ । ଦୃଷ୍ଟିହୀନ ହେଲେହେଁ ଖପୁରିଟି ମୋ ଆଡ଼କୁ ଏକାଗ୍ରଭାବରେ ଚାହିଁଥାଏ; ପଥର କାନ୍ଥରେ ଆଡ଼େଇଥିବା ଖପୁରିର କେତେ ଫୁଟ ଉପରେ ଥାଇ ମୋ ମନରେ ସେ କାହାଣିର ମୋହ ଘେରୁଥାଏ; ବୋଧ ହେଉଥାଏ ମୁଁ ବି ସେଇ ପ୍ରାଚୀନ ଜୀବପର୍ଯ୍ୟାୟର ମାତ୍ର କେତୋଟି ସ୍ତର ଉପରେ ଯିନା, ତାହାରି ପରି ମୁଁ ମଧ୍ୟ

ତଳେ ଖସିଁ ପଡ଼ିଥିବା ପାହାଡ଼ର ଧ୍ୱଂସସ୍ତୂପ ଉପରେ ଥାଇ ଉପର ଆକାଶକୁ ଅନାଇ ଥାଏଁ; ଯେ ଆକାଶ ସମସ୍ତର ପ୍ରସ୍ତରରୁ ମୋଠାରୁ କ୍ରମଶଃ ଅଧିକରୁ ଅଧିକ ଦୂରକୁ ଚାଲି ଯାଉଥାଏ । ଖପୁରିଟି ଯେଉଁ ପ୍ରାଣୀର ତାହା କେବେହେଲେ ମଣିଷପରି ଜୀବଟିଏ ଦେଖି ନ ଥିବ; ମୁଁ ମଧ୍ୟ ଯେଉଁ ପ୍ରାଣୀର ଖପୁରିକି ଅନାଇ ଥିଲି, ତାହାକୁ କେବେହେଲେ ଦେଖିବି ବୋଲି ଆଶା କରିବା ଅସମ୍ଭବ ।

ମୁଣ୍ଡ ଉପରେ ଥିବା ଲମ୍ବା ଫାଙ୍କ ବାଟେ ଆକାଶର ଆଲୁଅ କ୍ରମଶଃ ଉଭେଇ ଯାଉଥାଏ; ତାହା ଦେଖି ଦେଖି ମୋ ମନରେ ଏକ ଭୟ ଖେଳିଗଲା ଶୀଘ୍ର ଉପରକୁ ଉଠିବା ପାଇଁ । କିନ୍ତୁ ମୁଁ ତାହା ଦମନ କଲି ଓ ଧୈର୍ଯ୍ୟ ଧରି ଖପୁରିର ଚାରିପଟେ ପଥର ଖୋଳିବା କାମରେ ଲାଗିଲି । ବୋଧହୁଏ ସେତେବେଳେ ମନେ ମନେ ସ୍ଥିର କଲି ଯେ, ଏପରି ଅବସ୍ଥାରେ ଆଉ କେବେହେଲେ ପଥର ହୋଇ ଯାଇଥିବା କଙ୍କାଳ ଖୋଳିବି ନାହିଁ, କାରଣ ଏହା ଖୋଳୁ ଖୋଳୁ ମନେ ହେଉଥିଲା ସତେ ଯେପରି ମୁଁ ମଧ୍ୟ ଏକ କଙ୍କାଳ ହୋଇ ଯାଉଛି । କିନ୍ତୁ ବାସ୍ତବିକ ଆମ ସମସ୍ତଙ୍କର ତ କଙ୍କାଳର ସମ୍ଭାବନା ରହିଛି; ଆମ ଦେହ ସବୁ ବହନ କରୁଛି ପୂର୍ବ ପ୍ରାଣୀଜନ୍ମର ସ୍ଥୂଳ ସହ୍ରମାନ; ଏହି ସବୁ ଚିହ୍ନ ଏପରି ଏକ ପୃଥିବୀର ସନ୍ଧିରେ ଆକାଶର ସ୍ୱପମାନ ବଉଦପରି ଜୀବନ୍ତ ପ୍ରାଣୀମାନେ ଯୁଗ ଯୁଗ ଧରି ପରିବର୍ତ୍ତନର ସ୍ରୋତରେ ଭାସି ଯାଆନ୍ତି ।

ପୃଥିବୀର ସେହି ଭିତ୍ତିଭୂଇଁକୁ ଭୁଷିଲି ଓ ଖୋଳିଲାବେଳେ ମୋତେ ଯଥେଷ୍ଟ ସମୟ ମିଳିଥିଲା ଭାବିବାକୁ ଯେ—ମଣିଷର ଆଙ୍ଗୁଳିଗୁଡ଼ାକ କେତେ କୌଶଳରେ ଚାଲିବୁଲି କରିପାରେ । କୌତୂହଳ-ବଶତଃ, ମୁଁ ଗୋଟାଏ ସବୁ ଲମ୍ବା ହାଡ଼କୁ ବଙ୍କାଇଲି; ତାହା ଚକମକି ପଥର ହୋଇ ପାରିଥାଆନ୍ତା—କିମ୍ବା ଆଲୁମିନିୟମ୍ ଅଥବା ଲୁହା ମଧ୍ୟ ହୋଇ ପାରିଥାଆନ୍ତା—ଏହା ଭିତରେ ଥିବା କୋଷଗୁଡ଼ିକ ଏପରି ପରିବର୍ତ୍ତନ ମଧ୍ୟ ଘଟାଇ ପାରନ୍ତା । କିନ୍ତୁ ଅସଲରେ ଏହା ଥିଲା ଚୂନପଥର—ଚୂନର ଧାତବ ଉପାଦାନ; କାରଣ, ମୂଳରେ ଥିଲା

ଏହାର ଇତିହାସ । ପୃଥିବୀର ବହିରାବରଣରେ ଥିବା ଚୂନ ଛଡ଼ା ଆହୁରି ଅସଂଖ୍ୟ ଉପାଦାନ ଏହି କଙ୍କାଳଟିକୁ ଗଢ଼ିବାରେ ବ୍ୟବହୃତ ହୋଇପାରି ଥାଆନ୍ତା । କିନ୍ତୁ ଇତିହାସ ତାହା ନୁହେଁ । ଆମେ ଉଦ୍ଭୂତ ହୋଇଛୁଁ ପାଣିରୁ—ସେହି ପାଣିରୁ ଜନ୍ମିଥିଲା ଆମ ଦେହକୋଷମାନ ଓ ସେମାନଙ୍କର ଚୂନ ସଂକ୍ରାନ୍ତୀୟ ଅଭ୍ୟାସ; ସେ ଅଭ୍ୟାସ ପାଣି ଛାଡ଼ି ସ୍ଥଳଭୂଇଁକୁ ଆସିବା ପରେ ମଧ୍ୟ ବଜାୟ ରହିଛି ।

ମାଛର ଡେଣା, ସରୀସୃପର କାତଭଙ୍ଗା ଗୋଡ଼ ଓ ଶେଷରେ ବସ୍ତିଜାତୀୟ ପ୍ରାଣୀର ଲୋମଶ ପଞ୍ଜାର କ୍ରମପରିଣାମରୁ ଗଢ଼ିଉଠିଛି ମଣିଷର ହାତ; ଅଙ୍ଗୁଳି ଗୁଡ଼ାକୁ ଅନାଇଁ ମୁଁ ପୁଣି ଭାବିଲି—ଉଦ୍‌ବର୍ତ୍ତନର ଦୀର୍ଘ ପଥରେ ମଣିଷର ହାତ ଏକ ସୁନ୍ଦର ପ୍ରତୀକ ସିନା । ଓହଳିଥିବା ପଥରର ସନ୍ଧିବାଟେ ମୁଁ ଉପରକୁ ଅନାଇଲି—ଧସେଇଯାଉ ଦୈବକ୍ରମେ ଅତଡ଼ାଟାଏ ଖସି ପଡ଼ନ୍ତା; ତା'ହେଲେ କରୋଟି ଓ ମୋ ହାଡ଼ ସବୁ ତ ଏଠାରେ ଲୁପ୍ତ ରହିବ ବହୁ ଯୁଗ ଧରି; ହୁଏତ ଯୁଗାନ୍ତର ପରେ ଗ୍ରହାନ୍ତରରୁ କେହି ଆସି ଆବିଷ୍କାର କରିବ କରୋଟି ଓ ମୋର ଶିଳୀଭୂତ କଙ୍କାଲ ଭିତରେ ଥିବା ସମ୍ଭବର ପରିଚୟବାଣୀ ।

ଏ କଥାସବୁ ଭାବୁ ଭାବୁ ମୋର ମୁଣ୍ଡ ଉପରେ ଥିବା ଫାଙ୍କ ଦୀର୍ଘରୁ ଦୀର୍ଘତର ପରି ବୋଧ ହେବାକୁ ଲଗିଲା ।

ମୋର ମନଭିତରେ ଚିନ୍ତା ଖେଳୁଥାଏ—ହୁଏତ ଏ ସବୁର କିଛି ଅର୍ଥ ନାହିଁ । ମଣିଷର ବୋଧଶକ୍ତିର ସୀମା ଭିତରେ ପ୍ରାଣୀମାନଙ୍କର ଉଦ୍‌ବର୍ତ୍ତନ ପଥରେ ଭ୍ରମଣର ଯାହା କିଛି ମୂଲ୍ୟ ଅଛି ସିନା—ବାକୀ ସବୁତ ଅର୍ଥହୀନ ! ବଞ୍ଚିଥିବାର ସୁଯୋଗ ଯେବେ ଯେପରି ମିଳିଛି, ଉଦବର୍ତ୍ତନ ପଥର ଧାରା ଯୁଗେ ଯୁଗେ ସେଇ ଅନୁସାରେ ବଦଳିଛି । ପ୍ରାଣୀଜୀବନର ଆଦି ଉତ୍ସ ମଧ୍ୟ ଏହିପରି ସୁଯୋଗ ଉପରେ ନିର୍ଭରଶୀଳ; ସୁଯୋଗ କ୍ରମେହିଁ ଆମେ ପୃଥିବୀରେ ଜାତ ହୋଇଛୁଁ ! କିନ୍ତୁ ପ୍ରାଣୀଜନ୍ମର ଉଦବର୍ତ୍ତନ ପଥରେ ଏହା ଏକ ସୁନ୍ଦର ଭ୍ରମଣ—ଦୀର୍ଘ ହୋଇପାରେ, କିନ୍ତୁ ଆରାମଦାୟକ; ସୂର୍ଯ୍ୟ କିରଣତଳେ ଏହା ଏକ ଆନନ୍ଦମୟ ଭ୍ରମଣ । ଏହାର ଉଦ୍ଦେଶ୍ୟପ୍ରତି ମନୋଯୋଗ ଏଡ଼ି ଯଦି କିପରି

ଆମେ ପୃଥିବୀକୁ ଆସିଲୁ ସେକଥା ଭାବିବା, ତେବେ ନିଶ୍ଚୟ ଟିକିଏ ଗର୍ବ ଅନୁଭବ କରିହେବ । ଏହି ହାତର କଥା ହେଲେ ଧରାଯାଉ; ଯୁଗ ଯୁଗ ଆଗରେ ଜଳଚରପ୍ରାଣୀ ଯେତେବେଳେ ପାଣିରୁ ପଥର କଙ୍କରମୟ ତୀର-ଭୂମିରେ ପ୍ରଥମକରି ଉଠିଥିଲା ସେତେବେଳେ ଏହି ହାତର ଆଦିରୂପକୁ କେତେ କଷ୍ଟ ହୋଇଥିବ—ଭାବନ୍ତୁ ତ

ଅଥବା ଧରନ୍ତୁ ଏହାର ପରବର୍ତ୍ତୀ କ୍ରମପରିଣାମ

ଖପୁରିର ବାଲିପୂର୍ଣ୍ଣ ଗହ୍ୱରର ଦ୍ୱାରପଟେ ଖୋଳିବା ବନ୍ଦ କରି, ମୁଁ ପଥର କାନ୍ଥରେ ଆଡ଼େଇ ଠିଆହେଲି ଧୂମ୍ରପାନ କରିବାପାଇଁ । ପାଇପ୍ ଭିତରେ ମେଞ୍ଚାଏ ଧୂଆଁ ପରି ଠେସୁ ଠେସୁ ମୋର ମନେପଡ଼ିଲା ଗୋଟିଏ ସହରର କଥା; ଉପତ୍ୟକା ସେପଟେଥିବା ସହରଟିକୁ ମୁଁ କେବେ କେବେ ଯାଉଥିଲି । ସେଠାର ଅଧିବାସୀମାନେ କେବେହେଲେ ମୋତେ ପାସ୍ପୋର୍ଟ ନେଇ ନଥିଲେ ଓ ସେଠାକୁ ମୁଁ ଆଉ ଯାଉନାହିଁ; କାରଣ, ଅସଲରେ ତାହା ସହର ନୁହେଁ—'ପ୍ରେଆରି' ତୃଣଭୂମିର ବାସିନ୍ଦା କୁକୁର ଜାତୀୟ ଜୀବର ଜନପଦ ମାତ୍ର । ସେଠାକୁ ଯିବାପାଇଁ ରାସ୍ତା କଡ଼ରେ କୌଣସି ପଥଲେଖ ନାହିଁ; ଅତି ଅଳ୍ପଲୋକ ମାତ୍ର ସେ ସ୍ଥାନକୁ ଚିହ୍ନନ୍ତି; ଆହୁରି ଅଳ୍ପଲୋକ ଅବଗତ ଯେ, ଏକ ହିସାବରେ ଆମେ ଅଥବା ଯେଉଁ ଜାତୀୟ ଜୀବ ସହିତ ଆମର ସମ୍ପର୍କ ଅଛି—ଏପରି ପ୍ରାଣୀମାନେ ବହୁକାଳ ଆଗରେ ସେଠାରୁ ତଡ଼ାଖାଇ ବାହାରି ଆସିଥିଲୁ । ପାହାଡ଼ ଉପରେ ମୋର ମଟରଗାଡ଼ି ରଖି ମୁଁ ଠାଏ ବସି ନିଃଶବ୍ଦରେ ସେ ଜନପଦକୁ ଲକ୍ଷ୍ୟ କରୁଥିଲି—ଶୁଣୁଥିଲି ସେଠାର ପଡ଼ୋଶୀ ପଡ଼ୋଶୀ ମଧ୍ୟରେ କଥାବାର୍ତ୍ତା, ଲକ୍ଷ୍ୟ କରୁଥିଲି କିପରି ସେଠାର ବାସିନ୍ଦାମାନେ ଦୁଆର ସାମନାରେ ଝିମୋଉଥାନ୍ତି । ସେଠାର ପବନରେ ଥିବା ଲତାଗୁଳ୍ମର ଗନ୍ଧ, ଅପରାହ୍ଣ ସୂର୍ଯ୍ୟାଲୋକ ଏବଂ ନିରୁଦ୍ଦେଶ୍ୟ ଗ୍ରାମ୍ୟଜୀବନ କଥା ଭାବୁଭାବୁ କଳ୍ପନାରେ ମୁଁ ଅତୀତକୁ ଫେରି ଯିବାକୁ ଇଚ୍ଛା କରୁଥିଲି; କିନ୍ତୁ ଆମେ ସେଇ ତୃଣଭୂମିର ଆଦିମ ଜନ୍ତୁମାନଙ୍କର ଆବାସ ସ୍ଥଳକୁ ଦେଖି ପାରୁ ସିନା, ସେଠାକାର ଜୀବନ ଯାତ୍ରାକୁ ଫେରିଯାଇ ପାରୁ ନା ।

ପ୍ରାଚୀନ ଗ୍ରୀକ୍ ମନୀଷୀ ଆରେଷ୍ଟୋଫିନସ୍ କହିଛନ୍ତି,'ଭଉଁରି ଏକା ରାଜା' । ପୃଥିବୀରେ ଜୀବଜୀବନର ଆରମ୍ଭରୁ ସ୍ତନ୍ୟପାୟୀ ପ୍ରାଣୀଙ୍କ ଯୁଗର ଆଦ୍ୟରେ ଏହି ଉକ୍ତିର ଯାଥାର୍ଥ୍ୟ ସବୁଠାରୁ ବେଶୀ ଅନୁଭୂତ ହୋଇଛି । ଆଜିଠାରୁ ଆଠକୋଟି ବର୍ଷ ପୂର୍ବରେ ସେଇ 'ପ୍ୟାଲିଓସିନ୍' ଯୁଗର ଊଷାକାଳରେ ପୃଥିବୀର ଇତିହାସରେ ଉଦ୍‌ବର୍ତ୍ତନଧାରା ସବୁଠାରୁ ବେଶୀ ଆବର୍ତ୍ତସଙ୍କୁଳ ଥିଲା । ଅନେକ ଲୋକଙ୍କର ଦୃଢ଼ ବିଶ୍ୱାସ ଯେ, ଉଦ୍‌ବର୍ତ୍ତନର ଭବିଷ୍ୟତଗତି ମାଦଳାପାଂଜିରେ ଲେଖାଥିବା ଇତିହାସପରି ପୂର୍ବରୁ ଅବଧାରିତ ଓ ସୁନିର୍ଦ୍ଦିଷ୍ଟ; କିନ୍ତୁ 'ପ୍ୟାଲିଓସିନ୍' ଯୁଗର 'ପତନଅଭ୍ୟୁଦୟ-ବନ୍ଧୁର ପନ୍ଥା' ଲକ୍ଷ୍ୟ କଲେ ତାଙ୍କର ଧାରଣା ରୂଢ଼ଭାବରେ ବ୍ୟାହତ ହେବ । ସେ ଯୁଗରେ ଅତିକାୟ ସରୀସୃପମାନେ ପୃଥିବୀ ପୃଷ୍ଠରୁ ଅପସୃତ ହୋଇଥିଲେ, କିନ୍ତୁ ତାଙ୍କ ପଛରେ ରଖି ଯାଇଥିଲେ ବସବାସ ପାଇଁ ବହୁ ବାସିନ୍ଦାହୀନ ଅଞ୍ଚଳ ଏବଂ ନୂଆ ନୂଆ ଜନ୍ମିଥିବା ଏପରି ଅନେକ ଧରଣର ପ୍ରାଣୀ ଯେଉଁମାନେ ନଖ ଦନ୍ତ ସାହାଯ୍ୟରେ ରାମ୍ପି, ଆଂଚୁଡ଼ି ଧରିପୃଷ୍ଠରେ ନିଜ ନିଜ ସ୍ଥିତି ବଜାୟ ରଖିବାରେ ଅଭ୍ୟସ୍ତ ଥିଲେ । ସେଇ ଆଦିମ ପରିସ୍ଥିତିରେ ପ୍ରାଧାନ୍ୟବିସ୍ତାର କରିଥିଲେ ଏକପ୍ରକାର ବିରାଟ ଉଭୟଚର ପକ୍ଷୀକୁଳ ଯାହାଙ୍କର ନାମ ପୂର୍ବରେ କେବେ ଶୁଣାଯାଇ ନଥିଲା । ଆରାମଦାୟକ ଘାସଜମି ଉପରେ ବିହନ ଖୋଳି ଖାଇବାପାଇଁ ଓ ମଧୁର ସୂର୍ଯ୍ୟାଲୋକତଳେ ଗାତଭିତରେ ନିଦରେ ଶୋଇବା ସକାଶେ ସେତେବେଳେ ଦୁଇ ବିଭିନ୍ନ ଧରଣର ଜୀବ ପ୍ରତିଯୋଗିତା କରୁଥିଲେ; ଏଇ ପ୍ରତିଯୋଗିତାରେ କେବେ କେତେବେଳେ ସାମାନ୍ୟ ବିରାମ ରହୁଥିଲା ।

ତୃଣଭୂମି 'ପ୍ରେଆରି'ର ପ୍ରାକ୍ତନ ଅଧିବାସୀ କୁକୁର ଜାତୀୟ ଜନ୍ତୁଙ୍କର ବାସସ୍ଥଳୀ ଉପରେ ପାହାଡ଼ରେ ସୂର୍ଯ୍ୟାଲୋକତଳେ ବସି ମୁଁ ଅନେକ କିଛି କଳ୍ପନା କରି ପାରୁଥିଲି; ଭାବୁଥିଲି—'ଫାର୍ଣ୍ଣ' ଜାତୀୟ ଗଛର ଜଙ୍ଗଲରେ ଭର୍ତ୍ତି ସନ୍ତସନ୍ତିଆ ଜମି ଓ ଭେକରବପୂର୍ଣ୍ଣ ଜଳାଭୂମିର ଆବାସ ତ୍ୟାଗ କରି ସେ ଯୁଗର ପ୍ରାଣୀମାନେ ପ୍ରଥମକରି ଖୋଲା ଜଗତରେ ଉଠି ଆସିବାର ଆକର୍ଷଣରେ କେତେ ସୁଖ ପାଉଥିଲେ ! ଗୋଟିଏ ଗଛମୂଳରେ ବସି କଳ୍ପନାବଳରେ ମୁଁ ପ୍ରାୟ ଦେଖି ପାରୁଥିଲି — କପିର ମଣିଷଜାତିର ପୂର୍ବପୁରୁଷ, ତରଚଞ୍ଚଳ

ଅପରିଚ୍ଛନ୍ନ 'ପ୍ୟାଲିଓସିନ୍' ଯୁଗର ଶ୍ରେଷ୍ଠମୁଖା ଦୁନିଆଯାକ ବୁଲବୁଲ କରୁଥିଲା, ଖସ୍ରରେ ପିଠିର ଲୋମଝାଡ଼ି, ବହୁନଷ୍ଟିକ ପାଇଁ, ଝାମ୍ପି ପଡ଼ୁଥିଲା । ସେ ଯୁଗ-ପରେ ଉଦ୍‌ବର୍ତ୍ତନ ଧାରାର ପ୍ରଭାବରେ ବହୁକାଳ ପାଇଁ ପୃଥିବୀ ଉପରେ ଆଉ ସେ ଦେଖାଯାଇ ନଥିଲା; ବୋଧହୁଏ ସେଇ ଦୀର୍ଘସମୟ ସେ ବିତାଇଥିଲା— ମନ ସ୍ଥିର କରିବାକୁ—ସୁଯୋଗ ପାଇଲେ ପୃଥିବୀ ଉପରେ ପୁଣିଥରେ ଆସି ଦେଖାଦେବ କି ନାହିଁ । ସେ ସୁଯୋଗ ଆସିଥିଲା ପାଞ୍ଚକୋଟି ବର୍ଷ ଉତ୍ତାରୁ, କିନ୍ତୁ ସେ ସୁଯୋଗ ତା'ର ଭଲପାଇଁ ଅବା ମନ୍ଦପାଇଁ, କହି ହେବ ନାହିଁ ।

ଏହି 'ପ୍ୟାଲିଓସିନ୍' ଯୁଗରେହିଁ ପ୍ରଥମତଃ ବିଶାଳ ଭାବରେ ବିସ୍ତାର ଘଟିଥିଲା ସେଇ ସ୍ତନ୍ୟପାୟୀ ଜୀବଙ୍କର—ଯାହାଙ୍କ ଜନନୀଜଠରରେ ଫୁଲ ଦେଖାଯାଏ; ତାଙ୍କର ଗର୍ଭରେ ଜନ୍ମିତଥିଲେ ଆଦିମତମ ସ୍ତନ୍ୟପାୟୀ ଚତୁଷ୍ପଦ ଜୀବ ଏବଂ ପ୍ରାଣିତତ୍ତ୍ୱ ଅନୁସାରେ ମଣିଷ ତାଙ୍କର ବଂଶଧର । ମଣିଷ ଓ ଖୁବ୍ ଅଳ୍ପ କେତେକ ନଗଣ୍ୟ ପ୍ରାଣୀ ବ୍ୟତୀତ ଅନ୍ୟସବୁ ସ୍ତନ୍ୟପାୟୀ ସେ ଜାତୀୟ ଜୀବ ଅଧୁନା ଅରଣ୍ୟବିହାରୀ । ତେଣୁ, ଆମେ ଏହି ଧାରଣାର ବଶବର୍ତ୍ତୀ ଯେ, ମଣିଷର ସୁଦୂର ଆତ୍ମୀୟମାନେ ସମସ୍ତେ ବୃକ୍ଷବାସୀ । କିନ୍ତୁ, ସାମ୍ପ୍ରତିକ ଗବେ-ଷଣାରୁ ଏହି ଏକଦେଶଦର୍ଶୀ ଧାରଣାର ପରିବର୍ତ୍ତନ ଘଟୁଛି । ଆମର ସେଇ ଆଦିମ ଆତ୍ମୀୟମାନେ ବହୁ ବିଚିତ୍ର ପ୍ରାଣୀମାନଙ୍କର ଏକ ଗୋଷ୍ଠୀର ଅନ୍ତର୍ଭୁକ୍ତ ଥିଲେ; ସେମାନେ ସେଉଁ ଅଞ୍ଚଳମାନଙ୍କରେ ସୃଷ୍ଟ ହୋଇଥିଲେ ତାହାର ଚତୁପାର୍ଶ୍ୱରେ ଏପରିସବୁ ଉପାଦାନ ଥିଲା, ଯହିଁରୁ ବହୁତ ଲାଭ ଉଠାଇ-ବାର ସୁବିଧା ଥିଲା । ତାହାର ପରବର୍ତ୍ତୀ ଯୁଗରେ ଦେଖା ଦେଇଥିଲେ ପ୍ରକୃତ ଦନ୍ତଯୁକ୍ତ ପ୍ରାଣୀମାନେ; ତାଙ୍କର ଜୀବନଯାତ୍ରା ଯେପରି ସକ୍ରିୟ ସେହିପରି ସାର୍ଥକ ଥିଲା । 'ପ୍ରେଆରି' ତୃଣଭୂମିର ବର୍ତ୍ତମାନ ବାସିନ୍ଦା କୁକୁର ଜାତୀୟ ପ୍ରାଣୀ ଓ ଉତ୍ତର ଆମେରିକାର ଗୃଣ୍ଟ୍‌ମୁଖା ସେଇ ଦନ୍ତଯୁକ୍ତ ଜୀବଗୋଷ୍ଠୀର ଅନ୍ତର୍ଭୁକ୍ତ ।

ଜଣେ ପଣ୍ଡିତଙ୍କ ମତରେ—"ବାସାଞ୍ଚଳ ଦୃଷ୍ଟିରୁ ଆଦିମ ସ୍ତନ୍ୟପାୟୀ ଚତୁଷ୍ପଦଙ୍କର ଅନେକଙ୍କୁ 'ପ୍ୟାଲିଓସିନ୍' ଯୁଗର ବଡ଼ମୁଖା ବୋଲି ସ୍ୱୀକାର

ହେବ । ପରବର୍ତ୍ତୀ କାଳରେ ପ୍ରକୃତ ଦନ୍ତଯୁକ୍ତ ପ୍ରାଣୀଙ୍କର ଆବିର୍ଭାବ ସଙ୍ଗେ ସଙ୍ଗେ ଏହି ସ୍ତନ୍ୟପାୟୀଙ୍କର ବାସାଞ୍ଚଳ ଉଲ୍ଲେଖଯୋଗ୍ୟ ଭାବରେ ସଙ୍କୁଚିତ ହୋଇ ଯାଇଥିଲା।'' ଅର୍ଥାତ୍ ସ୍ତନ୍ୟପାୟୀ ପ୍ରାଣୀଙ୍କର ବିବର୍ତ୍ତନର ଆଦି ଯୁଗରେ ସେମାନଙ୍କ ମଧ୍ୟରୁ ଅନେକଙ୍କ ଦନ୍ତର ଓ ଖପୁରିର ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଦେଖାଯାଇଥିଲା; ହାଡ଼ ଶିଳାଗୁଡ଼ମାନେ ଏହାର ସ୍ପଷ୍ଟ ପ୍ରମାଣ ଦେଇଛନ୍ତି । ଏହି ଧାରା କ୍ରମବୃଦ୍ଧି ସହ ବହୁ ବିଭିନ୍ନ ପ୍ରାଣୀଗୋଷ୍ଠି ମଧ୍ୟରେ ବ୍ୟାପକ ହୋଇଥିଲା । ପ୍ରକୃତରେ ଆଦିମ ସ୍ତନ୍ୟପାୟୀ ଚତୁଷ୍ପଦ ହେଲେହିଁ ଏପରି ଏକ ପ୍ରାଣୀଗୋଷ୍ଠୀ ସହ ଅଜର କଙ୍ଗାରୁର ସାଦୃଶ୍ୟ ରହିଛି; ଅଥଚ କଙ୍ଗାରୁ ଦନ୍ତଯୁକ୍ତ ଜୀବଶ୍ରେଣୀର ଅନ୍ତର୍ଗତ । ସେହି ପ୍ରାଚୀନ ପ୍ରାଣୀଗୋଷ୍ଠୀ ଯେ ବିବରବାସୀ ଥିଲା, ଏଥିରେ ସନ୍ଦେହର ଅବକାଶ ସ୍ୱଳ୍ପ ।

ତୃଣଭୂମି 'ପ୍ରେଆରି' ବାସିନ୍ଦା କୁକୁର ଜାତୀୟ ପ୍ରାଣୀଙ୍କର ଆବାସସ୍ଥଳ ଉପରେ, ଖସି ପଡ଼ୁଥିବା ପାହାଡ଼ ଢାଲୁରେ ମୋର ମନେ ପଡ଼ୁଥାଏ ମସ୍ତିଷ୍କର ଇତିହାସରେ ଏହି ହଜିଥିବା ଅଧ୍ୟାୟର ସାକ୍ଷ୍ୟପ୍ରମାଣ; ତେଣୁ, ଆଳଂକାରିକ ଭାଷାରେ ମୁଁ କହୁଛି ଯେ, ସେଠାରୁ ବହୁକାଳ ଆଗରୁ ଆମେ ତଡ଼ା ଖାଇ ବାହାରି ଆସିଥିଲୁ । ତୃଣଭୂମି 'ପ୍ରେଆରି'ର କୁକୁର ଜାତୀୟ ଜନ୍ତୁଙ୍କ ସହିତ ସ୍ତନ୍ୟପାୟୀ ଜୀବ ହିସାବରେ ଆମର କ୍ଷୀଣ ସମ୍ପର୍କ ଅଛି ମାତ୍ର, ନଚେତ୍ ତାଙ୍କ ସଙ୍ଗେ ଆମର ସମ୍ପର୍କ ନାହିଁ କହିଲେ ଚଳେ । ତଥାପି, 'ପ୍ୟାଲିଓସିନ୍' ଯୁଗର ଅନେକ ଲକ୍ଷ ଲକ୍ଷ ବର୍ଷଧରି ଆଦିମ ସ୍ତନ୍ୟପାୟୀ ଚତୁଷ୍ପଦ ପ୍ରାଣୀମାନେ କେବଳ ବୃକ୍ଷଗୁଳ୍ମ ନିରିହ କେତେକୋଂଶରେ ପରୀକ୍ଷା ନିରୀକ୍ଷା କରୁଥିଲେ ଘାସଭୂମିରେ ଗାତଖୋଳି ବସବାସର ଚେଷ୍ଟାରେ । ତାଙ୍କ ପରେପରେ ଦନ୍ତଯୁକ୍ତ ପ୍ରାଣୀମାନେ ଏହି ବିବରବାସର ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସଫଳ ହୋଇଥିଲେ । ଏହି ପରବର୍ତ୍ତୀ ବିବରବାସୀଙ୍କର ସାଫଲ୍ୟଯୋଗୁଁ ଆଦିମ ସ୍ତନ୍ୟପାୟୀ ଚତୁଷ୍ପଦମାନେ ଦଳବଦ୍ଧ ଭାବରେ ଉକ୍ତ ପରିବେଶରୁ ବିତାଡ଼ିତ ହୋଇଥିଲେ ଓ ବାଧ୍ୟହୋଇ ଥିଲେ ପୁଣି ଶାଖାଗୁଳ୍ମ ହେବାକୁ । ଫଳରେ, ମଧ୍ୟବର୍ତ୍ତୀ କାଳର ଯେଉଁ ଅନେକ ଆଦିମ ସ୍ତନ୍ୟପାୟୀ ଜୀବ ଭୂତଳ ବାସରେ ନିପୁଣ ଓ ଅତି ଅଭ୍ୟସ୍ତ ହୋଇ ପଡ଼ିଥିଲେ, ସେମାନେ ନିଶ୍ଚିହ୍ନ ହୋଇ ଯାଇଥିଲେ ।

ଅନ୍ୟମାନେ ଏହି ଶାଖାପତ୍ରର ସଙ୍କୀର୍ଣ୍ଣ ଜଗତରେ—ପ୍ରାଣୀତାତ୍ତ୍ୱିକମାନେ ଏହାକୁ 'ଉଦବାସ୍ପ ଅଞ୍ଚଳ' କହିପାରନ୍ତି—କ୍ରମଶଃ ବିରଳ ସଂଖ୍ୟାରେ କୌଣସି ପ୍ରକାରେ ତିଷ୍ଠି ରହିଲେ । ମନେହୁଏ, ଆମର ପ୍ରାଚୀନ ଆତ୍ମୀୟମାନେ ଜମି ଉପରେ ବ୍ୟାପିବାର ପ୍ରୟାସରେ ପରାଜିତ ହୋଇଥିଲେ । ନାତିଶୀତୋଷ୍ଣ ମଣ୍ଡଳରେ ସେମାନେ ମରଣାପନ୍ନ ହୋଇ ପଡ଼ିଲେ; ବୈଚିତ୍ର୍ୟଧର୍ମୀ ଓ ବହୁ-ବ୍ୟାପକ ଗୋଷ୍ଠୀ ହିସାବରେ ତାଙ୍କର ତାତ୍ପର୍ଯ୍ୟ ମଧ୍ୟ କ୍ରମଶଃ କ୍ଷୀଣହୋଇ ଆସିଲା । ସନ୍ତସନ୍ତିଆ ଗଛ ଉପରୁ ନିଜର ଲୋମର ଆବରଣକୁ ଝାଡ଼ୁଥିବା ଓ ଶୁଖାଉଥିବା ଯେଉଁ ଅପରିଚ୍ଛନ୍ନ ଛଦ୍ମ-ମୂଷିକକୁ ମୁଁ କଳ୍ପନା ଚକ୍ଷୁରେ ଦେଖିଥିଲି, ସେଇ ଜାତୀୟ ପ୍ରାଣୀ ପୁଣି ବର୍ଷାପୁଷ୍ଟ ଜଙ୍ଗଲର ସବୁଜ ଛାଇ-ଅନ୍ଧାରର ଗହନରେ ଚଢ଼ି ବସିଲା । ସେଇ ଗଛଡାଳର ରାଜ୍ୟରେ ପ୍ରଭୁତ୍ୱ କରୁଥିଲେ ଝିଙ୍କାରୁଥିବା ଜନ୍ତୁମାନେ, ଯାହାଙ୍କର ଦାନ୍ତର ଆକାର କ୍ରମାଗତ ବଢ଼ୁଥିଲା । ସେଇମାନେହିଁ ଘାସ ଓ ସୂର୍ଯ୍ୟାଲୋକର ଅଧିକାରୀ ଥିଲେ

ମନେହୁଏ, ଦନ୍ତଯୁକ୍ତ ପ୍ରାଣୀଗୋଷ୍ଠୀର ଆକ୍ରମଣ ନ ହୋଇଥିଲେ, ଆଦିମ ସ୍ତନ୍ୟପାୟୀ ଚତୁଷ୍ପଦମାନେ ଗଛରୁ ଓହ୍ଲାଇ ଆସିଥାନ୍ତେ । ଆମେ ସମସ୍ତେ ହୁଏତ ଘାସ ଉପରେ, ଉଚ୍ଚ ଉପତ୍ୟକାରେ, ଖରାରେ କୁକ୍କୁର ସୁଲଭ ଶବ୍ଦ କରୁଥାନ୍ତେ । ଅବଶ୍ୟ ବୃକ୍ଷ ଜଗତରୁ ଆମ ହାତ ଓ ଆଖି ଧୂର୍ତ୍ତତା ଯୋଗାଡ଼ କରିଥିଲା ଓ ସେଇ ଗୁଣରେ ଗୁଣୀ ହୋଇ ଆମେ ପାଞ୍ଚକୋଟି ବର୍ଷ ଉପରୁ ଗଛ ଛାଡ଼ି ତଳକୁ ଖସିଥିଲୁ; କିନ୍ତୁ ତାହା ଆମର ଜୟଲାଭର ସୂଚନା ଦିଏ କି ନାହିଁ, ସନ୍ଦେହ । ସ୍ୱପ୍ନ ପଥରେ ମୁଁ ଦେଖିଲି କିପରି ଊର୍ଦ୍ଧ୍ୱରୁ ନୀଳ ସନ୍ଧ୍ୟାଛାୟା ସେଇ ଗାଁକୁ ନିଦରେ ଘାରି ଦେଲା; ମୁଁ ମଧ୍ୟ ମଟର ଗାଡ଼ିଟିକୁ ଚଳାଇବାକୁ ଆରମ୍ଭ କଲି । କିନ୍ତୁ ଯେପରି ମୁଁ ସବୁଦିନ କରେ, ସେଦିନ ମଧ୍ୟ ସେହିପରି ମୋର ମାନସରାଜ୍ୟରେ ଆଲୋକପାତ କରିବାକୁ ଚେଷ୍ଟା କଲି । ଖୋଜିଲି ଉଦବର୍ତ୍ତନ ପଥରେ ଅସ୍ପଷ୍ଟ ପଥଚିହ୍ନ, ଯାହା ପ୍ରାଣୀତତ୍ତ୍ୱର ଇତିହାସର ଯୁଗସନ୍ଧିମାନଙ୍କରେ ବିଭିନ୍ନ ବାଟର ଇଙ୍ଗିତ ଦିଏ । କିନ୍ତୁ ସେ ପଥଚିହ୍ନ-ମାନଙ୍କରେ କୌଣସି ନାମ ଖୋଦେଇ ହୋଇ ନ ଥିଲା, ଜାଣି ହେଉ ନ ଥିଲା

ପ୍ରାଣୀତତ୍ତ୍ୱର ଇତିହାସ କେଉଁ ପଥରେ ଗତି କରିଛି । ସେଗୁଡ଼ିକରୁ ଇତିହାସର ଗତିର ଅସ୍ପଷ୍ଟ ଇସାରା ମିଳୁଥାଏ ସିନା; ମାତ୍ର କେତେକାଳ ଧରି ସେ ଗତି ଗୋଟାଏ ପଥରେ ବର୍ତ୍ତମାନ ଥିଲା, ତାହାର ଅନ୍ଦାଜ ନ ଥିଲା । ଏ ସବୁ ଯୁଗସନ୍ଧିରେ ପରିବର୍ତ୍ତନର ଧାରା କେଉଁ ପଥରେ ଗତି କରିଥିଲା ଓ କେତେ କାଳଧରି—ସେ ସମ୍ବନ୍ଧରେ ଆମେ ପ୍ରତ୍ୟେକ ନିଜ ନିଜ ଇଚ୍ଛାନୁଯାୟୀ ବ୍ୟକ୍ତିଗତ ସିଦ୍ଧାନ୍ତ କରି ପାରୁ ମାତ୍ର ।

ଏପରି ଭବାସ୍ୱପ୍ନ ଭାଙ୍ଗି ମୁଁ ଠେସ ଦେଇଥିବା ସେଇ ଗହ୍ୱରରୁ ବାହାର ଆସିଲି, ଧୂମ୍ରପାନ ପାଇଁ 'ପାଇପ୍'ଟିକୁ ଝାଡ଼ି ସଫା କଲି ଏବଂ ପୁଣି ସେଇ କଙ୍କାଳର ସ୍ତରପଟେ ଖୋଳିବାକୁ ଲାଗିଲି । ଭିତର ପଟେ ବଙ୍କା ହୋଇ ଥିବା ଦୀର୍ଘ ଫାଟର କାନ୍ଥଗୁଡ଼ିକରେ ମୋର ଖୋଳିବାର ଆବାଜ ଯେଉଁ ପ୍ରତିଧ୍ୱନି ସୃଷ୍ଟି କଲା, ତାହା ମନେ ହେଉଥାଏ ଯେତେ ଯେପରି ବହୁ ଲୋକଙ୍କର ଉପରକୁ ଉଠିବାର ଓ ତଳକୁ ଓହ୍ଲାଇବାର ପଦ ଶବ୍ଦ । ସକାଳୁ ମୁଁ ଅନେକ ତଳକୁ ଓହ୍ଲାଇ ସାରିଥିଲି; ମନଶ୍ଚକ୍ଷୁରେ ଏପରି ଏକ ଜୀବନଧାରାକୁ ଫେରି ଯାଇଥିଲି ଯେଉଁଠାକୁ ସଶରୀରରେ ମୋ ପକ୍ଷରେ ଯିବା ଅସମ୍ଭବ । ଅବଶେଷରେ ମୁଁ ମୋର ଯନ୍ତ୍ରପାତି ଠୁଳ କରି ଉପରକୁ ବହୁ କଷ୍ଟରେ ଉଠିଆସିଲି; ମନେ ହେଉଥାଏ, ଯୁଗଯୁଗ ଧରି ସଞ୍ଚିତ ଅତି ବିଶାଳ ଧ୍ୱଂସାବଶେଷ ତଳୁ ଫେରି ଆସିଲି । ସବା ଉପର ସ୍ତରର ଜମିରେ ଯେତେବେଳେ ମୋର ହାତ ବାଜିଲା, ସେତେବେଳେ ମୁଁ ସଯତ୍ନରେ ନଜର କଲି, ଚରୁଥିବା ଘୋଡ଼ାଟି ନ ଦେଖି ଅନ୍ୟ କିଛି ଜନ୍ତୁଜାନୋୟାର ଦେଖିବାକୁ ମିଳିବ ନାହିଁ ତ   ମୋ ମନରେ ହଠାତ୍ ସେତେବେଳେ ଉଦ୍‌ବେଗ ଭରି ଯାଇଥାଏ ।

ଦେଖି ଆଶ୍ୱସ୍ତ ହେଲି ଯେ, ମୋର ଘୋଡ଼ାଟି ଚରୁଥିଲା ମାତ୍ର । ମୋ କଳ୍ପନା ଅନୁସାରେ ତାହାର କୌଣସି ଦୈହିକ ପରିବର୍ତ୍ତନ ହୋଇ ନ ଥିଲା । ଘୋଡ଼ାରେ ଚଢ଼ିବା ପରେ ମଧ୍ୟ ମୋର ଉଦ୍‌ବେଗ ପୂରା କମି ନ ଥାଏ; ପ୍ରାଣୀତାତ୍ତ୍ୱିକ କଳ୍ପନାର ଘେରରେ ମନେ ହେଉଥାଏ

ପଶ୍ଚିମପଟେ ହୁଏତ ଗୋଟିଏ ରହିବାର ଜାଗା ମିଳିବ । ପ୍ରାଚୀନ ଜୀବମାନଙ୍କର ଜୀବନଧାରାର ସ୍ମୃତିରେ ମୋର ମନ ତଥାପି ଆବଦ୍ଧ ଥାଏ ।

ଦୀର୍ଘ ଫାଟ ଭିତରେ ମେଲା ହୋଇଥିଲା ବହୁ କଙ୍କାଳ ଓ ଉପରେ ଦିଶୁଥିଲା ସୁଦୂର ଆକାଶର ସୀମାରେଖା; ସେଥିରୁ ମୋ ମନରେ ଖେଳି ଯାଉଥାଏ ଅନନ୍ତକାଳର ଧାରଣା; ସେ ଧାରଣା ସାଧାରଣତଃ ମସ୍ତିଷ୍କର ଅଧିଗମ୍ୟ ନୁହେଁ । ବଗିଚା କାନ୍ଥରେ ଲମ୍ବିଥିବା 'ଉଇଷ୍ଟାରିଆ' ଲତା ପରି ପ୍ରତ୍ୟେକ ମସ୍ତିଷ୍କର ଜୀବନମୂଳ ଏକ ନିର୍ଦ୍ଦିଷ୍ଟ ଶତାବ୍ଦୀରେ ଆବଦ୍ଧ; ମାତ୍ର ତାହା ବାହାରେ ଅତୀତ ବା ଭବିଷ୍ୟତକୁ ଫେରିବାକୁ ସେ ଅକ୍ଷମ । ଏହି ସୀମିତ ସମୟକେନ୍ଦ୍ରରେ ଠିଆ ହୋଇ ନିଜର ବିଧିଲିପି ଦେଖିବାକୁ ସକ୍ଷମ ନ ହେଲେହେଁ, ମସ୍ତିଷ୍କ ଅତୀତ ପ୍ରତି ଦୃଷ୍ଟି ନିମନ୍ତେ ପ୍ରସାରିତ କରୁଛି; ଭବିଷ୍ୟତର ଆଭାସ ମଧ୍ୟ ଆଉ ତା ପାଖରେ ସୁଦୂର ନୀହାରିକା ପରି ଅସ୍ପଷ୍ଟ ନୁହେଁ । ଅଙ୍ଗୁରଲତାର ଚେର ଯେପରି ମାଟି ଭିତରେ ପୋତି ହୋଇ ରହେ, ସମୟସୀମାରେ ଆବଦ୍ଧ ମସ୍ତିଷ୍କ ମଧ୍ୟ ସେହିପରି ସଶରୀରେ କାଳର ପରିଧି ଉତ୍ତୀର୍ଣ୍ଣ ହୋଇପାରେ ନା । କିନ୍ତୁ ତା'ର ସ୍ନାୟୁତନ୍ତ୍ରୀର ଅସଂଖ୍ୟ କୌଶଳ ଦ୍ୱାରା ସେ ନିଜର ସ୍ଥାଣୁତ୍ୱକୁ ଅତିକ୍ରମ କରୁଛି; ଏହା ବିଚାରିଲେ କହି ହେବ ଯେ, ସ୍ଥାନ-କାଳ-ପାତ୍ରର ପରିଧି ଏଡ଼ି ମସ୍ତିଷ୍କ ଧୀରେ ଧୀରେ ଏକ ନୂଆ ମାତ୍ରାର କ୍ଷମତା ହାସଲ କରିଛି; ଏଥିରୁ ସେ ଯେଉଁ ନୂତନ ଜ୍ଞାନର ଅଧିକାରୀ ହୋଇପାରେ ବର୍ତ୍ତମାନ ତାହାର ସୂତ୍ରପାତ ହେଉଛି ମାତ୍ର ।

କିନ୍ତୁ ଆହୁରି କେତେ ଐନ୍ଦ୍ରଜାଲିକ ଧାରା ଓ ନବୀନ ଧାରଣାମାନଙ୍କ ମାଧ୍ୟମରେ ଜୀବଜୀବନକୁ ଗଢ଼ି କରିବାକୁ ସମ୍ଭବ ? ଗ୍ରହପୁଞ୍ଜ ମଧ୍ୟରେ ଆଉ କେତେ ପଥରେ ମସ୍ତିଷ୍କ ଭ୍ରମଣ କରିବ ଦୁର୍ଜ୍ଞେୟ ରହସ୍ୟର ସନ୍ଧାନରେ ? ଏପରି ଭ୍ରମଣ କେବଳ କଠିନ ନୁହେଁ, ପର୍ଯ୍ୟାପ୍ତ ମଧ୍ୟ ଏବଂ କେବେ କେବେ ଅସମ୍ଭବ ବୋଲି ବୋଧ ହେବ । ତଥାପି ସେ ପ୍ରୟାସରୁ ଆମ୍ଭମାନଙ୍କ ମଧ୍ୟରୁ କେତେକ ଲୋକ କେବେ ହେଲେ ବିରତ ହେବେ ନାହିଁ ।

ଅତୀତରେ ଘଟିଥିବା ସବୁ କିଛି ଘଟଣା ଓ ସେ ସବୁ ଘଟଣାର ପଛରେ ଥିବା ସମସ୍ତ କାରଣ ଆମେ ନ ଜାଣିପାରୁ; ସେହିପରି, ଭବିଷ୍ୟତରେ ଯାହା ସବୁ ଘଟିବ ତାହା ନିଶ୍ଚିତ ଭାବରେ ନ ଜାଣିପାରୁ ମଧ୍ୟ । କିନ୍ତୁ ଏ କଥା କହି ହେବ ଯେ, ଭ୍ରମଣପଥର ସାର୍ଥବାହ ଦଳରେ ଯେହେତୁ ଆମେ ଯୋଗ ଦେଇଛୁ; ଯାହା କିଛି ଆମେ ଜାଣିବାକୁ ବ୍ୟାକୁଳ, ଗୋଟିଏ ଜୀବନ ବୃତ୍ତରେ ତାହା ସବୁ ଦେଖିବାକୁ ଓ ଜାଣିବାକୁ ଅସମର୍ଥ ହେଲେହେଁ, ଯାତ୍ରୀଦଳ ସହ ଭ୍ରମଣରୁ ଆମେ ନିଶ୍ଚୟ କ୍ଷାନ୍ତ ହେବୁ ନାହିଁ ।

ଏଇ ଭ୍ରମଣରେ ଯେଉଁ ପାଠକମାନେ ମୋର ସହଗାମୀ ହେବେ, ତାଙ୍କୁ ମୁଁ ସାବଧାନ କରାଇ ଦେବାକୁ ଚାହେଁ ଯେ, ପଥନିର୍ଦ୍ଦେଶକ ରୂପେ ଏ ବହିର ପ୍ରବନ୍ଧଗୁଡ଼ିକ ସଂଗୃହୀତ ହୋଇନାହିଁ । ବରଂ ଏଗୁଡ଼ିକୁ ଗୋଟିଏ ବ୍ୟକ୍ତିମନର ସନ୍ଧାନୀ ଭ୍ରମଣର ଅବଧିନିଦ୍ଧ ବୃତ୍ତାନ୍ତରୂପେ ଉତ୍ସର୍ଗ କରାହୋଇଛି । ବିଜ୍ଞାନରାଜ୍ୟର ଅନ୍ତର୍ଗତ ଓ ବହିର୍ଭୂତ—ବିଶ୍ୱର ଅତ୍ୟାଶ୍ଚର୍ଯ୍ୟ ବସ୍ତୁ-ସମୂହକୁ ଏହି ମନ ବୁଝିବାକୁ; ଆବିଷ୍କାର କରିବାକୁ ଓ ଉପଭୋଗ କରିବାକୁ ଆଗ୍ରହୀ । ନିଃସନ୍ଦେହରେ, ଅନେକ ଦିଗରୁ କହିହେବ ଯେ, ଏହା ଏକ ଅସଂଲଗ୍ନ ବୃତ୍ତାନ୍ତ; ଏଥିରେ ଅଛି ଆଶଙ୍କା ଓ ଆଶା, କାରଣ ଏହା ରୂପାୟିତ ହୋଇଛି ଅନନ୍ତ କାଳର ଚକ୍ରାରେ ଅଭିଭୂତ ଜଣେ ବ୍ୟକ୍ତିର ଋତୁ ଋତୁ ବ୍ୟାପି ଅନୁଲିପିରୁ । ବହି ଆକାରରେ ଏହାକୁ ଗ୍ରଥିତ କରିବାକୁ ଯାଇ ମୁଁ ଦେଖୁଛି ଯେ, ଏଥିରେ ନିହିତ ଅତି ପ୍ରାଚୀନ ଗ୍ରୀକ୍‌ମାନଙ୍କର ଅବଗତ ଚାରିଗୋଟି ଉପାଦାନ, ଯଥାः—ଜୀବନୀଶକ୍ତିଭରା ଉତ୍ତାପଥିବା ମାଟି କାଦୁଅର ଜଡ଼ପିଣ୍ଡ, ବିଶାଳ ଜଳରାଶି, ବ୍ୟୋମ, ପବନ ଏବଂ ବୈଜ୍ଞାନିକ ବିଶ୍ଳେଷଣର ସର୍ବଥା-ବହିର୍ଭୂତ ଆଶା; ଧରିଛୁ ଆଉ ବାହାରେ ଥିବା ଏହି ଆଶାରୁହିଁ ମଣିଷର ସ୍ୱପ୍ନର ସୃଷ୍ଟି !

ଅତୀତ ଓ ଭବିଷ୍ୟତକୁ ମୁଁ ଗଢ଼ କରିଛି ଏକ ଅପର୍ଯ୍ୟାପ୍ତ ପର୍ଯ୍ୟଟନରେ । ବସ୍ତୁ-ସମ୍ବନ୍ଧୀୟ ସବୁପ୍ରକାର ପ୍ରମାଦକୁ ପରିହାର କରିବାକୁ ମୁଁ ସର୍ବପ୍ରଥମେ ପ୍ରୟାସ କରିଛି । ତଥାପି ଏ ଭ୍ରମଣରେ ମୋର ସହଗାମୀମାନେ ସାଧାରଣ

ଅର୍ଥରେ ବୈଜ୍ଞାନିକ ବ୍ୟାଖ୍ୟା ଓ ବୃତ୍ତାନ୍ତ ଖୋଜିବା ଉଚିତ ନୁହେଁ । ମୋ କାଳର ସୀମାବଦ୍ଧ ବୈଜ୍ଞାନିକ ପଦ୍ଧତିର ପରିଧି ଭିତରେ ଗବେଷଣା କରୁ କରୁ ମୁଁ ଯାହା ଭାବିଛି ତାହାର ବିବରଣମାତ୍ର ଏ ବହିରେ ଦେଇଛି । ଅଦୌ, ମୁଁ ଅସ୍ୱୀକାର କରିବାକୁ ଚାହେଁନା ଯେ, ଏହା ଆବିଷ୍କାରର ବିବରଣ ନୁହେଁ ବରଂ ଅଜ୍ଞାନତାର ଆତ୍ମକଥନ । ଅହଂକାର କରିବାରେ ଆମେ ସମସ୍ତେ ପ୍ରାୟ ସଦାବେଳେ ଯତ୍ନଶୀଳ । ତଥାପି କେବେ କେଉଁ ଅସତର୍କ ମୁହୂର୍ତ୍ତରେ ବ୍ୟକ୍ତିବିଶେଷର ମନରେ ଯେଉଁ ଜ୍ଞାନର ଆଲୋକ ଖେଳିଯାଏ, ଏ ବହି ତାହାର ମଧ୍ୟ ଏକ ବୃତ୍ତାନ୍ତ । ଏହାର ଶେଷ ତିନି ଅଧ୍ୟାୟରେ ମୁଁ ଚେଷ୍ଟା କରିଛି ସେଇ ସବୁ ଅତ୍ୟାଶ୍ଚର୍ଯ୍ୟ, ବିଷୟ ସମ୍ବନ୍ଧରେ ଲେଖିବାକୁ ଯାହା ଏଇ ଅତି-ସାଧାରଣ ପୃଥିବୀରୁ ଆହରଣ କରାଯାଇପାରେ । କିନ୍ତୁ ବିଭିନ୍ନ ଲୋକର ଦୃଷ୍ଟିଭଙ୍ଗୀ ବିଭିନ୍ନ । ଅତ୍ୟାଶ୍ଚର୍ଯ୍ୟ ବିଷୟ ସମ୍ବନ୍ଧରେ କେବଳ ମୋର ବିସ୍ମୟ-ବିହ୍ୱଳତାରୁହିଁ ମୁଁ ଲେଖିପାରେ । କିନ୍ତୁ ତା'ଠାରୁ ବଡ଼ କଥା ହେଉଛି ଯେ, ପ୍ରତ୍ୟେକ ଲୋକ ଭିତରେ ଏ ବିହ୍ୱଳତା ଅଛି ଓ ପ୍ରତ୍ୟେକ ବିଚାର କରିବା ଦରକାର—କେତେ ଅନିର୍ବଚନୀୟ ବିସ୍ମୟରେ ଏ ପୃଥିବୀ ପୂର୍ଣ୍ଣ ।

ଶେଷରେ ମୁଁ କହିବାକୁ ଚାହେଁ ଯେ, ମନୀଷୀ ବେକନ୍ ଯେପରି କହିଯାଇଥିଲେ—ସେପରି ବିଶ୍ୱଜଗତରେ ଏକ ଯଥାଯଥ ଏପରିକି ଦୃଢ଼ସବଦ୍ଧ ଧାରଣା ଲିପିବଦ୍ଧ କରିବାର ଦୁଃସାହସ ମୋର ନାହିଁ । ମୁଁ କେବଳ ଏତିକି କହିପାରେ ଯେ, ଏଥିରେ ଅଛି ମୋର ବ୍ୟକ୍ତିଗତ ବିଶ୍ୱର ଭଗ୍ନାଂଶ; ସେ ବିଶ୍ୱରେ ଭ୍ରମଣ ଯେପରି ଦୀର୍ଘ ସେପରି ଅସମ୍ପୂର୍ଣ୍ଣ । ଷୋଡ଼ଶ ଶତାବ୍ଦୀର ସମୁଦ୍ରଯାତ୍ରୀଙ୍କ ପରି ମୋର ବୃତ୍ତାନ୍ତ ଯଦି ଅଦ୍ଭୁତ ଜନ୍ତୁ, ଲୋମହର୍ଷକ ଚିନ୍ତା ଅଥବା ବ୍ୟର୍ଥ ବ୍ୟକ୍ତି ସମୂହର ଉଲ୍ଲେଖରେ ବିଭ୍ରାନ୍ତ ହୋଇଥାଏ, ତେବେ ମୁଁ ଏତିକି ମାତ୍ର କହିପାରେ ଯେ ଏହାଠାରୁ ଅଧିକ ମୋର ଆଖି କିଛି ଦେଖିନାହିଁ ବା ମୋର ମନ କିଛି ଭାବିନାହିଁ । ଜାହାଜ ବୁଡ଼ିବାପରେ କୌଣସି ଦ୍ୱୀପରେ ନିକ୍ଷିପ୍ତ ଲୋକଙ୍କ ପରି ଏଜଗତରେ ଜଣେ ଯାହା ଦେଖେ ଅନ୍ୟର ପାଖରେ ତାହା ଦୁର୍ବୋଧ ଏପରିକି ଅଜ୍ଞାତ ମନେ ହୋଇପାରେ !

# ନଈର ସୁଅ

ପୃଥିବୀ ଗହ୍ୱରର ଇନ୍ଦ୍ରଜାଲସବୁ, ପାଣିରେ ଭର୍ତ୍ତି । ମୋର ଅଫିସଘର ସାମନାରେ ଗୋଟାଏ ସମତଳ ଛାତ ଉପରେ ବର୍ଷାପାଣିର ଗାଡ଼ିଆଟିଏ ଗଢ଼ି ଉଠିଛି; ସେଥିରେ ସାମାନ୍ୟ ସ୍ପନ୍ଦନ ମୋତେ ଖିଡ଼କି ପାର୍ଶ୍ୱକୁ ଟାଣି ଆଣିବାକୁ ଯଥେଷ୍ଟ; ଅନୁସନ୍ଧିତ୍ସୁ ମନଦେଇ ମୁଁ ଦେଖେ ପବନରେ ଜାଗୁଥିବା ଗ୍ରେଟ ଲହରୀଟିଏ କିପରି ସଜୀବ ହୋଇଉଠୁଛି । ସହରର ଘର ଛାତ ଉପରେ ଜଙ୍କ ଧରିଥିବା ପାଣିନାଳ ଓ ପୁରୁଣା ଟେଲିଭିଜନ୍ ତାରର ଗଦା; ମୁଁ ଅନୁଭବ କରେ ଯେ ଏହାରି ଭିତରୁ କେବେହେଲେ ମୁଁ ଆବିଷ୍କାର କରିବି ଏକ ଉଲ୍ଲେଖଯୋଗ୍ୟ ଅଲୌକିକ ଘଟଣା, ଦେଖିବି ହଠାତ୍ କିପରି ସେଇ ଲୁହା ଓ ତାରଗଦା ଭିତରୁ ପ୍ରାଣଶକ୍ତି ଯଥାର୍ଥରେ ଉଚ୍ଛୁଳି ଉଠିବ । ସେଠି, ଜଳ ତଳେ, ସାମାନ୍ୟ ଟିକିଏ ସବୁଜ ଶିଉଳି ଭିତରେ ପାଣିପୋକଟିଏ କିପରି ହଠାତ୍ ଆସି ଝୁଲବୁଲ କରୁଛି ତାହା ଦେଖି ମୁଁ ବିସ୍ମିତ ହୁଏ । ବହୁ ବିଚିତ୍ର ଉପାଦାନ ମିଶା ମଣିଷର ମନପରି ଛାତଉପରେ ଜଙ୍କଧରା ଲୁହାତାର, ଓଦା ଆଲ୍କାତରା, ଖରା ଓ ପାଣିରୁ ଉଠୁଥିବା ପତଳା ବାଷ୍ପର ସମାହାର; କଟୁ ଗନ୍ଧମୟ ଯେଉଁସବୁ ଭୌତିକ ଛାୟା ସେଥିରୁ ଉଠୁଥାନ୍ତି; ମୋର ଭସ୍ମହୁଏ ନଗ୍ନଟିଆ ଜବେଲାରେ ସେମାନେ ଜୀବନ୍ତ ହୋଇପାରନ୍ତି ।

ମଣିଷ ଜୀବନରେ ସଚରାଚର କେହି ଶରୀରର ସୀମାବଦ୍ଧ ପ୍ରସ୍ତବରୁ ଉତ୍ତୀର୍ଣ୍ଣ ହୋଇପାରେନା । ସାରାଜୀବନରେ କ୍ୱଚିତ୍ କଦବା ଥରେ କୌଣସି ଭାଗ୍ୟବାନ୍ ପକ୍ଷରେ ଏହା ସମ୍ଭବ ହୁଏ; ସେତେବେଳେ ତା'ର ମନ ଯୁଗଯୁଗ ବ୍ୟାପି ଖରା, ପବନ ଓ ପାଣିସୁଅର ପରିବର୍ତ୍ତନ ପ୍ରବାହରେ ନିଜକୁ ନିଃଶେଷରେ ମିଶାଇ ଦେଇପାରେ । ସେଇ ବିଶାଳ ସୁଅର ସାକ୍ଷୀ କେବଳ ସୁପ୍ରାଚୀନ ପାହାଡ଼ ଓ ମରୁଭୂମିମାନେ; କିନ୍ତୁ ଅନନ୍ତ କାଳର ହିସାବରେ ସେଇ ମହାନ୍ ସମସ୍ତ-

ପ୍ରବାହ ହୁଏତ ଗୋଟିଏ ଶ୍ରେଷ୍ଠ ଅପରାହ୍ନସହ ସମାନ ! ଏପରି ଚନ୍ଦ୍ରାରେ ନିଯୁକ୍ତ ମନ ବୁଡ଼ିଯାଏ ପ୍ରାଣ ସଂଚାରଣର ଉତ୍ସମୂଳରେ, ନିର୍ଜୀବ ପଦାର୍ଥମାନଙ୍କ ମଧ୍ୟରେ ଦୁର୍ବୋଧ୍ୟ ପ୍ରବାହ ଓ ଚାଞ୍ଚଲ୍ୟ ଧାରାରେ ଶୁଣାଯାଏ, ମାୟାବୀ ସ୍ୱପ୍ନ-ରାଜ୍ୟରେ ଜଣେ କେବେ ପଦକ୍ଷେପ କରିଥିଲା; ସେଠାରେ ରାତିଟାଏ କଟାଇ ସେ ଫେରିଲାବେଳକୁ ଜାଣିଲା ଯେ ପୂରା ଗୋଟିଏ ଶତାବ୍ଦୀ ବିତି ଯାଇଛି । ତାହାପରି କେହି କେବେ ମହାକାଳର ରହସ୍ୟର ସନ୍ଧା ଦେଇ ନପାରେ । କିନ୍ତୁ ମୋର ମନେହୁଏ ସବୁଦିନ ଦେଖୁଥିବା ପାଣିରେ ଏହାର ସନ୍ଧାନ ମିଳିପାରେ । ଅତୀତ ସହିତ ଏହାର ସମ୍ପର୍କ ଅଛି,ଭବିଷ୍ୟତକୁ ଏହା ଗଢ଼େ ମଧ୍ୟ । ମେରୁପ୍ରଦେଶର ତଳେ ପାଣି ଯେପରି ପୂରେ,ଉର୍ଦ୍ଧ୍ୱାକାଶର ପବନରେ ପତଳା ଆସ୍ତରଣରେ ସେହିପରି ଭାସେ ମଧ୍ୟ; ବରଫଫୁଲର ସୌନ୍ଦର୍ଯ୍ୟରେ ପାଣିର ରୂପ ଚୂଡ଼ାନ୍ତଭାବେ ପ୍ରସ୍ଫୁଟିତ; ପୁଣି ମଡ଼ ଦେହରୁ ମାଂସ ଛଡ଼ାଇନେଇ ସମୁଦ୍ରର ପାଣି ଚକ୍ଚକିଆ ଖଣ୍ଡେ କଙ୍କାଳ ମାତ୍ର ଆଣି କୂଳରେ ଫିଙ୍ଗି ଦିଏ ।

ଯୁକ୍ତରାଷ୍ଟ୍ରର ଏକ ସୁଦୂର ପଶ୍ଚିମ ପ୍ରଦେଶରେ ବହୁକାଳ ପୂର୍ବେ ମୁଁ ଥରେ ବୈଜ୍ଞାନିକ ଅଭିଯାନରେ ଯାଇଥିଲି; ସେଠି ଭ୍ରମଣବେଳେ ହଠାତ୍ ମୋର ଏକ ଅଭିଜ୍ଞତା ହୋଇଥିଲା । ସେ ଅଭିଜ୍ଞତା ଏକ କୌତୂହଳୋଦ୍ଦୀପକ ବିଷୟରେ—ଅର୍ଥାତ୍ ପାଣି କିପରି ଅନ୍ୟ ବସ୍ତୁମାନଙ୍କୁ ଆତ୍ମସାତ୍ କରିନିଏ; ବୈଜ୍ଞାନିକ ଭାଷାରେ ଏଇ ପ୍ରକ୍ରିୟାର ନାମ 'ଅସମୋସିସ' । ଛିଦ୍ରମୟ ପଦାର୍ଥ ଭିତରେ ବିଭିନ୍ନ ପାଣିର ଧାର ଖେଳି ବୁଲି କିପରି ପରସ୍ପର ସହିତ ମିଶିଯାଏ ତାହାହିଁ ଏଇ ପ୍ରକ୍ରିୟା ସୂଚିତ କରେ । ଏହି ପ୍ରଣାଳୀରେ ଶ୍ରେଷ୍ଠବଡ଼ ବସ୍ତୁମାନଙ୍କର ଆକାର ବଦଳି ଯାଏ । ଏଇ ପରିବର୍ତ୍ତନ ପ୍ରତି ମୁଁ ଇତଃପୂର୍ବରେ ଇଙ୍ଗିତ କରୁଥିଲି ଓ ପୂର୍ବୋକ୍ତ ଭ୍ରମଣ ସମୟରେ ମୋର ଅଭିଜ୍ଞତା ଘଟିଥିଲା ଏଇ ପରିବର୍ତ୍ତନ ସମ୍ବନ୍ଧରେ । ନିଜର ସଞ୍ଚାଡ଼ିତରେ ପାଠକେ ବୋଧହୁଏ କେବେ ଅନୁଭବ କରି ନାହାନ୍ତି କିପରି ଜଟିଲ ଉତ୍ସ ସବୁରୁ ଅବବାହିକାର ସନ୍ଧି କାଗାସବୁ ସୃଷ୍ଟି ହୁଅନ୍ତି; ଅଥବା, କ୍ଷୟପ୍ରାପ୍ତ ପାହାଡ଼ର ଧୋଇ ହେଉଥିବା ଭଗ୍ନାବଶେଷ ଉପରେ ପାଣିସ୍ରୋତରେ ଉପସାଗର ଆଡ଼କୁ ଭାସି ଗଲାବେଳେ ଅତୀନ୍ଦ୍ରିୟ କଳ୍ପନାବଳରେ ଆଙ୍କି ମେଲି ସେମାନେ ଛୁଇଁନାହାନ୍ତି ତୃଷାର୍ତ୍ତଙ୍କୁ

ଭ୍ରମଣଶୀଳାର ଶ୍ରେଷ୍ଠ ଶ୍ରେଷ୍ଠ ଝରମାନଙ୍କ । ମ୍ୟାକ୍‌ନାଇଟ୍ ବ୍ଲ୍ୟାକ୍ ନାମକ କବି କହିଛନ୍ତି 'ଏକ ମେରୁଠାରୁ ଅନ୍ୟମେରୁ ପର୍ଯ୍ୟନ୍ତ ବିସ୍ତାରି ପାଣିରୁ ଉଦ୍‌ଭୂତ ଦେହ' ବିଷୟରେ । ପ୍ରାଣ ଓ ପାଣିର ଆଦ୍ୟ ସମ୍ପର୍କ ବିଷୟରେ ତାଙ୍କର ଧାରଣା କେବଳ ଠିକ୍ ନୁହେଁ, ବରଂ ପ୍ରମାଣ କରେ ଯେ ଏପରି ଅନୁଭୂତି ଅପରଙ୍କ ଅଧିଗମ୍ୟ ମଧ୍ୟ, କିନ୍ତୁ ଏହା ଦୁର୍ଲଭ ଓ ସୁକଠିନ । କାନ ଉପରେ ସମୁଦ୍ରର ଶାମୁକାଟିଏ ରଖି ଧରି ଲୋକେ ଏପରି ଅନୁଭୂତିର ସ୍ପର୍ଶ ଲାଭ କରନ୍ତି; କିନ୍ତୁ ମୋ ପରି ପୁସ୍ତକକୀଟ ଅଧ୍ୟାପକଙ୍କ କହିବାରେ ଏ ବିଷୟରେ ସ୍ୱୀକାରୋକ୍ତି ପଢ଼ିଲେ ଅବିଶ୍ୱାସରେ ହସି ଦିଅନ୍ତି । ମୋର ଅଧିକ ଦୁର୍ଭାଗ୍ୟ ଯେ, ପିଲାବେଳେ ଦେହରେ ଆଘାତ ଲାଗିବା ଯୋଗୁଁ ମୁଁ ପହଁରି ଜାଣେନା ଓ କୌଣସି ବୃହତ୍ ଜଳସ୍ତର ଦେଖିଲେ ମୋତେ ଭୟ ହୁଏ । ଏକ ହିସାବରେ ବୋଧହୁଏ ଏହି ହେତୁ ମୋର ସେପରି ଅନୁଭୂତି ଘଟିଥିଲା ।

'ରକି' ପର୍ବତ ଶୃଙ୍ଗ ଉପତ୍ୟକା ଉପର ଦେଇ 'ମିସୌରି' ନଦୀ ଆଡ଼କୁ ବହୁଥିବା 'ପ୍ଲ୍ୟାଟ୍' ଶାଖାନଦୀର ଦୃଶ୍ୟ ବଡ଼ କୌତୂହଳୋଦ୍ଦୀପକ । ସମୟେ ସମୟେ ବସନ୍ତକାଳୀନ ବଢ଼ିବେଳେ ଏହା ପ୍ରାୟ ମାଇଲେ ବିସ୍ତାରି ଗର୍ଜୁଥିବା ଧ୍ୱଂସରସ୍ରୋତ ବୋହିପଡ଼େ ଓ ଖମାର ଏବଂ ଡେରି ସବୁ ଗ୍ରାସ କରେ । ଅବଶ୍ୟ, ସାଧାରଣତଃ ଏହା କେତେକ ଲକ୍ଷ୍ୟହୀନ, ବିଚ୍ଛିନ୍ନ ଶ୍ରେଷ୍ଠ ସୂଅରସମଷ୍ଟି, ଅନିର୍ଦ୍ଦିଷ୍ଟ ଭାବରେ ଏଗୁଡ଼ିକ ବହିଯାଏ ଏକବିସ୍ତୃତ ବାଲିଗରଡ଼ାମୟ ତଳଭାଗ ଉପରେ ଯାହା ଅଂଶତଃ ପୂର୍ବକାଳର ତୁଷାର-ଯୁଗର କୌଣସି ବିଶାଳ ନଦୀଗର୍ଭ ଥିଲା । 'ପ୍ଲ୍ୟାଟ୍' ନଦୀର ପାଣିରେ ଚୋରିବାଲି ଓ ଦ୍ୱୀପର ସଂଖ୍ୟା ଅଜସ୍ର; ଦ୍ୱୀପ-ଗୁଡ଼ିକ ଆଜି ଏଠି ଦେଖା ଦିଅନ୍ତି ତ କାଲି ଅନ୍ୟତ୍ର ଜାଗି ଉଠନ୍ତି । ସାରା ଗ୍ରୀଷ୍ମକାଳ ନଈପାଣି ଉପରେ ନିର୍ଦ୍ଦୟ ଖରା ଖେଳେ, ତୀରରେ ଯାଉଥିବାବେଳେ କ୍ଲାନ୍ତ ବାଟୋଇ ପାଇଁ 'ମାଇଲିଏ ଓସାର ଓ ଇଞ୍ଚେ ଗଭୀର ପ୍ଲ୍ୟାଟ୍' ନଦୀ ଏକ ଆରାମର ଆଶ୍ରୟ । ପର୍ବତମାନଙ୍କ ଆଡ଼କୁ ଦୀର୍ଘ ଯାତ୍ରା କରିବା ପୂର୍ବରୁ ଉପତ୍ୟକାଭୂମିରେ ଏହାହିଁ ନଦୀର ସତ୍ୟ ସ୍ୱରୂପ ।

କାହିଁକି ମୁଁ ସେ ନଦୀକୁ ଯାଇଥିଲି ତାହା ଜାଣିବା ଏହି ନିବନ୍ଧ ପାଇଁ ଆବଶ୍ୟକ ନୁହେଁ । କିନ୍ତୁ ଗୋଟିଏ 'ହୁଇଲୋ' ବୁଦା ଭିତର ଦେଇ,

ପାଦଗଣ୍ଠି ଯାଏ ପାଣିରେ ଝୁଣ୍ଟି ଝୁଣ୍ଟି ମୁଁ ଗୋଟିଏ ଗ୍ରୁପ୍ସାପେଗ୍ବା ବାଲି ଢିପରେ ପହଞ୍ଚିଥିଲି । ନାନା ବୈଜ୍ଞାନିକ ଉଦ୍ଦେଶ୍ୟରେ ମୁଁ ସେ ଅଞ୍ଚଳରେ ବହୁବାର ପଦଯାତ୍ରା କରିଛି । ମୁଁ ଜାଣେ, ସେଠି ଗ୍ରେଟବଡ଼ ପଥର ଭିତରୁ ଉଛୁଳୁଥିବା ପାଣି ଧାରରେ କି ଧରଣର ହାଡ଼ ମିଳେ ଓ ପାଣିରେ ହୁଗୁଳିଥିବା ବାଲିଭିତରୁ କିପରି ଦାମିକା ଚକ୍‌ଚକିଆ ପଥରର ତ୍ରିକୋଣ ଖଣ୍ଡ ମିଳେ । କିନ୍ତୁ ସେଦିନ ବହୁ ମାଇଲ ବୁଲି କ୍ଳାନ୍ତ ହୋଇଥିବାରୁ, ଆକାଶ, ଉଇଲୋ ବୁଦା ଏବଂ ହ୍ରଦସାଗରର ଆଡକୁ ଗତି କଲାବେଳେ କୁଳୁକୁଳୁ ଶବ୍ଦ କରୁଥିବା ଅଗଭୀର ନଦୀର ଦୃଶ୍ୟ ଦେଖି ମୋ ମନରେ ଏକ ନୂଆ ଇଚ୍ଛା ଜାଗିଲା । ମୁଁ ଏକ ବିରାଟ ଅଭିଯାନରେ ବ୍ରତୀ ହେବାକୁ ସ୍ଥିର କଲି—ସ୍ୱଚ୍ଛ ନଦୀ ପାଣିରେ ଭାସି ଯିବି ।

ମନେହୁଏ, ଏ ବାସନା ମୋ ମନରେ କ୍ରମେ କ୍ରମେ ଜାଗିଥିଲା । ତା ଆଗରୁ ମୁଁ ଲୁଗାପଟା ଗ୍ରୁଡ଼ ଆସ୍ରମରେ ଶରଗଛ ଭିତରେ ଲଟପଟ ହେଉଥିଲି, ସହସା ଏଇ ଅଦମ୍ୟ ଇଚ୍ଛା ମୋ ମନରେ ଚାପି ବସିଲା ଯେ, ଲମ୍ବ ହୋଇ ଭାସି ଭାସି ନଦୀ ସୁଅରେ ଦୂରକୁ ଚାଲି ଯିବି । ଆଣ୍ଠୁଏ ପାଣି ଭିତରେ ଠିଆହୋଇ କିଛି ସମୟ ଧରି ମୁଁ ମନସ୍ଥିର କରି ପାରିଲି ନାହିଁ—ଭାସି ଯିବି ନା ଡରି କରି ରହି ଯିବି ? ଆଜିର ସାହସୀ ଆଧୁନିକମାନଙ୍କ ପାଖରେ ଏପରି ଦ୍ୱନ୍ଦ୍ୱାକୁଳ ମନ ପରିହାସର ପାତ୍ର ପରି ମନେ ହେବ । କିନ୍ତୁ ମୋ ପକ୍ଷରେ ଏହା ପ୍ରକୃତରେ ସେପରି ନଥିଲା; ମୁଁ ପିଲାବେଳେ ଥରେ ପ୍ରାୟ ବୁଡ଼ି ଯାଉଥିଲି, ସେ ଦୁର୍ଘଟଣାର ପ୍ରତିକ୍ରିୟା ସର୍ବଦା ମୋ ମନରେ ସକ୍ରିୟ । ତାହା ଛଡ଼ା, ମୁଁ ପହଁରି ଜାଣେ ନା ଏବଂ ଏଇ 'ଇଞ୍ଜେ ଗଲ୍ପର' ନଦୀଟି ଥିଲା ଘୋର୍‌ବାଲି ଓ ଗାତରେ ପୂର୍ଣ୍ଣ । ଏ ନଦୀର ଛଳନା ଭରା ବହୁ ଶାଖା ସ୍ରୋତରେ ବୁଡ଼ି ମରିବାର ଅନେକ ଖବର ସମ୍ବାଦ ମଧ୍ୟ ମୋତେ ଜଣାଥିଲା । ଖୁବ୍ ଓସାରିଆ ଏପରି ଭୂଭାଗରେ କେଉଁଠାରେ ପାଣି ଅଛି ତ କେଉଁଠାରେ କଣ୍ଟିଆ ଖାବରା ଭୂଇଁ ଓ ଘଞ୍ଚ ବୁଦାମାନ; ସାଧାରଣତଃ ଏପରି ନିର୍ଜନ ଜାଗାକୁ କେହି ଆସନ୍ତି ନାହିଁ । ତେଣୁ ବିପଦରେ ପଡ଼ି ଏଠାରେ ପାଟି କଲେ ମଧ୍ୟ ସାହାଯ୍ୟର ଆଶା କରିବା ବୃଥା ।

ପାଣି ଭିତରେ ଶାନ୍ତଭାବରେ ଠିଆହୋଇ ମୁଁ ଏସବୁ କଥା ଭାବୁଥାଏ; ମୋ ଗୋଡ଼ତଳୁ ବାଲି ମଧ୍ୟ ପାଣି ସୁଅରେ ଖସୁଥାଏ । ତା'ପରେ ଆକାଶ

ଆଡ଼କୁ ମୁହଁ କରି ଚିତ୍ ହୋଇ ପାଣିପୃଷ୍ଠରେ ମୁଁ ଦେହ ଢାଳି ଦେଲି ଓ ଭାସିବାକୁ ଆରମ୍ଭ କଲି । ନଦୀର ପ୍ରଧାନ ସ୍ରୋତରେ ଭାସି ଚାଲିଲାବେଳେ ମୁଁ ଥରକ ପାଇଁ ଅନୁଭବ କଲି ଯେତେ ଯେପରି ଏକ ମହାଦେଶର ଗଭୀରିଆ ଉପତ୍ୟକାରେ ମୁଁ ଭାସିଯାଉଛି ! ଯେତେବେଳେ ମୁଁ ନିଜର ଆଙ୍ଗୁଳି ମୁନରେ ଉପଲବ୍ଧି କଲି 'ଆଲ୍‌ପ୍ସ' ପାହାଡ଼ର ବରଫଗଳାର ଶୀତଳତା, ତେବେ ଦକ୍ଷିଣ ଦିଗର ଉପସାଗରର ଉଷ୍ଣତା ମୋତେ ଆକର୍ଷଣ କଲା । ଅଗଣିତ କେତେ ଯୁଗ ଧରି ମହାଦେଶର ଅସ୍ଥି ପରମାଣୁ, ଚୂର୍ଣ୍ଣ ଚୂର୍ଣ୍ଣ ହୋଇଥିବା ପାହାଡ଼ ପର୍ବତର ଧୂଳି ବୋହିଥିବା ନଦୀ ପରି ସମୁଦ୍ର ଆଡ଼କୁ ବହି ଯାଉଥିବ; ଏଇ କଥା ଭାବୁ ଭାବୁ ମୋର ମନେ ହେଲା ଯେ, ମହାଦେଶର ଅତିକାୟ ଦେହ ମଧ୍ୟ ମୋ ସାଙ୍ଗରେ ଭାସି ଚାଲିଛି; ଧୂଳିରେ ଭରା ତା'ର ଆସ୍ୱାଦ ପାଣି ମୋ ଓଠରେ ଲାଗୁଥାଏ, ତା'ର ବାଲିଭରା ଲହଡ଼ି ଗୁଡ଼ିକ ମୁଁ ପିଠିତଳେ ଅନୁଭବ କରୁଥାଏ । ଅତିକାୟ ସରୀସୃପମାନେ ଦିନେ ଯେଉଁଠାରେ କେଳି କରୁଥିଲେ, ଉପରକୁ ଠେଲି ଉଠୁଥିବା ସେଇ ପ୍ରାଚୀନ ସମୁଦ୍ର ଗର୍ଭ ଉପରେ ମୁଁ ନଦୀ ସ୍ରୋତରେ ଭାସି ଯାଉଥାଏ । ସମୟର ସୀମା ଓ ମେଘସ୍ପର୍ଶୀ ପର୍ବତମାନଙ୍କୁ ମୁଁ ପଛରେ ବସୁନ୍ଧର ଗର୍ଭରେ ପକାଇ ଆଗେଇ ଯାଉଥିଲି ପରି ବୋଧ ହେଉଥାଏ । ଭାସୁ ଭାସୁ ଦୁଇ ପାଖରେ ପାଣି ଛୁଇଁଲାବେଳେ ମୋର ମନରେ ଖେଳୁଥାଏ ସେଇ ସୂକ୍ଷ୍ମ ଉପଲବ୍ଧି ଯାହା ଚିଙ୍ଗୁଡ଼ିମାନେ ଅନୁଭବ କରେ ଉପରେ ଝୁଙ୍କିଥିବା ତାର ଶୁଣ୍ଢରୁ; ମୋର ମନେ ହେଉଥାଏ ଯେ, ମୋ ଗୋଡ଼ ଆଡ଼େ ବଡ଼ ବଡ଼ ମାଛ ସବୁ ନିଜ ନିଜ କାମରେ ଘୂରାବୁଲା କରୁଛନ୍ତି ।

ପାଣିରୁ ମିଳିଥିବା ଗୋଟିଏ କାଠ ପଟା ଧରି ମୁଁ ସ୍ରୋତର ଅନୁକୂଳରେ ଗତି କଲି ଓ ଅଗଣିତ ଗାଁମାନ ପାର ହେଲି; ହୁଏତ ଯେ ସବୁ ଜାଗାରେ ପ୍ରାଗୈତିହାସିକ ଯୁଗର ଅତିକାୟ ଜନ୍ତୁଙ୍କର ହାଡ଼ ପୋତା ହୋଇଥିବ; 'ପ୍ରେଆରି' ତୃଣ ଭୂମିରେ ବ୍ୟବହୃତ ହେଉଥିବା ଜଳଯାନର ଭଙ୍ଗା ଚକର ଅଂଶ ମଧ୍ୟ ସେଠି ପାଣିତଳେ ମିଳି ପାରେ । କେତେବେଳେ ମୁଁ ଗଭୀର ଖସ୍ତଳେ ତାଢ଼ିଥିବା ଫେନିଲ ପାଣି ଭିତରେ ବୁଡ଼ି ଯାଉଥିଲି; ପୁଣି କେତେବେଳେ ଗ୍ରସ୍ତଭରା ଲୁଦାଡ଼ିଭର ଦେଇ ଲୁଚ୍‌ଛୁପ୍ ଖେଳୁଥିଲି । ମନେ

ହଉଥିଲି, ମୋର ସତ୍ତା ନିଃଶେଷରେ ପାଣି ସହିତ ମିଶିଯାଉଛି; ଏକାତ୍ମ ହୋଇ ଯାଉଛି ଏକ ଅଲୌକିକ ରସାୟନ ବଳରେ 'ଜେଲି'ପରି ଜୀବମାନଙ୍କ ସହିତ । ଏଇ 'ଜେଲି' ପାଣିରେ କେବଳ ଜନ୍ମନ୍ତି ନାହିଁ, ରୂପାନ୍ତରିତ ମଧ୍ୟ ହୁଅନ୍ତି । ପ୍ରଖର ଖରାର ଅତିରିକ୍ତତାର ତଳେ ପୀଡ଼ିତ ହୋଇ କ୍ଲେଦାକ୍ତ 'ଜେଲି' ସବେଗେ ଉପରକୁ ଉଠିଯାଏ ଥଳ ଥଳ ମାଛର ମୁହିଁ ପରି, ଅଥବା ଯେଉଁଠାରୁ ଜନ୍ମି ଥିଲି, ସେଇ ପଙ୍କ ତଳକୁ ଏପରି ଭାବରେ ବୁଡ଼ିଯାଏ ଯେ ତାକୁ ଆଉ ଦେଖିବା ଦୁଷ୍କର ହୋଇ ପଡ଼େ । ଖରାତଳେ ଲବଣାକ୍ତ ଉପାଦାନ ଓ ପାଣି ବିଭିନ୍ନ ଅନୁପାତରେ ଯୁକ୍ତ ହୋଇ କାଳର ପ୍ରଭାବରେ ଯେଉଁ ସମିଶ୍ରଣ ସୃଷ୍ଟି କରିଛନ୍ତି, ସେଇ ଅବର୍ଣ୍ଣନୀୟ ତରଳ ପଦାର୍ଥରୁ ଗଢ଼ି ଉଠିଛନ୍ତି କହିଛି, ମାଛ ଓ ସୂଚୀତୀକ୍ଷ୍ଣ ଶବ୍ଦ କରୁଥିବା କେତେକ ବେଙ୍ଗ, ଏମାନେ ସବୁ ପାଣିରୁ ଆକାର ଧାରଣ କରିଛନ୍ତି ଓ ଏମାନଙ୍କୁ ପାଣିର କେନ୍ଦ୍ରୀଭୂତ ରୂପ ବୋଲି ଜଣା ହେବ, ଠିକ୍ ଯେପରି ମଣିଷ ଅନ୍ୟାନ୍ୟ ଉପାଦାନର କେନ୍ଦ୍ରୀଭୂତ ରୂପାନ୍ତର । 'ଜେଲି'ର ନାନା ରୂପ ଅଛି, କିନ୍ତୁ ଏହାର କେନ୍ଦ୍ରବିନ୍ଦୁରେ ଥାଏ ପାଣି । ଏଇ ସବୁ କଥା ଭାବୁ ଭାବୁ ମୋରଦେହ ଧୀରେ ଗୋଟିଏ ବାଲିହୁଡ଼ାରେ ଯାଇ ବାଜିଲା ଓ ଖଣ୍ଡେ ବଡ଼ କାଠ ପରି ମୋ ଦେହକୁ ନଦୀ ସ୍ରୋତ ସେଇ ବାଲିହୁଡ଼ାରେ ଥୋଇ ଦେଲା । ଭାସିବା ଶେଷ କରି ମୁଁ ଉଠି ଠିଆ ହେଲି— କିନ୍ତୁ ଉଠିଲାବେଳେ ଦେହ ଟିକିଏ ଥରି ଗଲା । ସେଥିରୁ ପୁଣି ମୁଁ ଅନୁଭବ କଲି—ଜନନୀ ସ୍ୱରୂପା ଜଳରାଶି ସଙ୍ଗେ ସମ୍ପର୍କ ତୁଟାଇବାକୁ ପ୍ରାଣୀଦେହ କେତେ ନାରାଜ; ଅଥଚ ତାହା କେତେ ବିଦ୍ରୋହ କରେ ପବନ ବିରୁଦ୍ଧରେ ! ଯୁଗ ଯୁଗାନ୍ତର ପାର ହୋଇଗଲେ ମଧ୍ୟ, ଆଜିର ଅତି ପ୍ରାଚୀନ ପୃଥିବୀରେ ଜୀବନ୍ତ ଥିବା ଦଶଭାଗ ଜୀବମାନଙ୍କର ନଅଭାଗକୁ ଏଇ ମାତୃସ୍ୱରୂପା ପାଣି କେବଳ ଜନ୍ମ ଦିଏ ନାହିଁ, ଆଶ୍ରୟ ମଧ୍ୟ ଯୋଗାଏ ।

ଏହି ସୂତ୍ରରେ ମଣିଷର କଥା ବିଗ୍ଭରିଲେ, ମୋର ମନେ ପଡ଼େ ଏଠି ସେଠି ଥିବା ଅସଂଖ୍ୟ ଗଡ଼ିଆରେ ମେଞ୍ଚା ମେଞ୍ଚା ଜୀବମାନଙ୍କର କଥା, ଯାହାଙ୍କ ଦେହରେ ରକ୍ତକଣିକା ନାହିଁମାନ । ନଦୀର ସୀମା ଅତିକ୍ରମ କରି ଅନ୍ୟାନ୍ୟ ଜୀବସୃଷ୍ଟି ଉପରେ ପାଣିର ଅପର ଏକ ପ୍ରସ୍ତାବ ଛଡ଼ା ଏମାନେ ଆଉ କଅଣ ?

ପ୍ରବଳ ସ୍ରୋତସ୍ୱିନୀର ପାଣି ଏବଂ ଭାସୁଥିବା କାଠ ଖଣ୍ଡରେ ଜବାଣି ରୂପରେ ମୁଁ ହୁଏତ କେବେ ଆଶ୍ରୟ ନେଇଥିଲି; ଯେଉଁସବୁ କ୍ଷୁଦ୍ରାତିକ୍ଷୁଦ୍ର ରହସ୍ୟମୟ ପ୍ରାଣୀମାନଙ୍କୁ ମୋର ଗବେଷଣାରେ ଆବିଷ୍କାର କରିଛି, ହୁଏତ ତନ୍ମଧ୍ୟରୁ କେତେକ ସେଇ କାଠଖଣ୍ଡକୁ ଥରେ ଅଧେ ଗ୍ରାସିବାକୁ ଖାଇଥିଲେ । ମୋର ଦେହ ଚତୁର୍ଥାଂଶ ସେତେବେଳେ ଥିଲା ପାଣି—ରକ୍ତ ରୂପରେ ତାହା ମୋର ଫମ୍ପା ଶିରା ପ୍ରଶିରାରେ ସତେକି ଶୃଙ୍ଖଳା ଆଣୁଥିଲା; ଖୁବ୍ ଶ୍ରେଷ୍ଠ ନାଡ଼ୀଟିଏ ସେଇ ରକ୍ତସ୍ରୋତର ଉର୍ଦ୍ଧ୍ୱ ଓ ଅଧୋଗତି ମାପୁଥାଏ; ପ୍ରାୟ ସେହିପରି ଏକ ଶାଶ୍ୱତ ଅନ୍ତକାସ୍ଥ ନାଡ଼ୀ ପୃଥିବୀର ତରଳ ଭୂସ୍ତରକୁ ଉପରକୁ ଠେଲି ହିମାଳୟ ସୃଷ୍ଟି କରେ, ପୁଣି କେତେବେଳେ ସେଇ ଉର୍ଦ୍ଧ୍ୱ ସ୍ତରକୁ ତଳକୁ ଯେନି ଆସେ ।

ମନୀଷୀ 'ଥରେ୍ୟା' ଅଦ୍ଭୁତ ଅନ୍ତର୍ଦୃଷ୍ଟିର ଅଧିକାରୀ ଥିଲେ । ଘରପାଖ 'ଓ୍ୱାଲ୍‌ଡେନ୍ ପୋଖରୀ'ରେ ସବୁଜ 'ପିକାରେଲ୍' ମାଛ ଚକ୍ ଚକ୍ କରୁଥିବାର ଦେଖି ସେ ତାକୁ 'ପ୍ରାଣୀରେ ରୂପାନ୍ତରିତ ପାଣି' ବୋଲି ଅଭିହିତ କରିଥିଲେ । କେତେକ ବେଙ୍ଗର ସ୍ଥୂଳ ଆଚରଣରୁ ସେ ଋତ୍ୱାନ୍ତରର ପ୍ରତିଧ୍ୱନି ଓ ଆଗ୍ନେୟଗିରିର ଉଦ୍‌ଗୀରଣ ଲକ୍ଷ୍ୟ କରି ଖୁସି ହୋଇଥିଲେ । କିନ୍ତୁ ତାଙ୍କ ଜୀବନକାଳ ପରଠାରୁ, କଠିଣ କ୍ଳେଶରେ ଯେଉଁ ସବୁ ଭୂତତ୍ତ୍ୱ ବିଷୟକ ଜ୍ଞାନ ଜମା ହେଲାଣି, ତାହା ତାଙ୍କୁ ଅଜଣା ଥିଲା; ଯଦି ସେ ସେସବୁ ଜାଣିଥାନ୍ତେ, ତାହା ହେଲେ ସେ ଆହୁରି ଅଗ୍ରସର ହୋଇ ବେଙ୍ଗମାନଙ୍କର ଆଚରଣରୁ କୌତୁକ ସହ ଅନୁଭବ କରିଥାନ୍ତେ ରହସ୍ୟମୟ ପୃଥିବୀର ଅଭ୍ୟନ୍ତରୀଣ ସ୍ତରର ଲକ୍ଷଣ; ଏଇ ସ୍ତର ବହୁ ସମୁଦ୍ର ଗର୍ଭକୁ ଠେଲି ପର୍ବତ ପ୍ରମାଣ ଉଚ୍ଚତା ସୃଷ୍ଟି କରିଛି । ଆଜି ଯେଉଁଠାରେ 'କାନ୍‌ସାସ୍' ରାଜ୍ୟର ସୀମାହୀନ ଗହମ ଶସ୍ୟରେ ପବନର ଢେଉ ଖେଳି ଯାଏ, ସୁପ୍ରାଚୀନ କାଳରେ ସେଠି ଚକ୍‌ଚକ୍ ଭରା ତୀର ଭୂଇଁରେ ସମୁଦ୍ରର ଲହଡ଼ୀ ଭାଙ୍ଗି ପଡ଼ୁଥିଲା । ଆଧୁନିକ ଭୂତତ୍ତ୍ୱ ଜାଣିଥିଲେ, ଥରେ୍ୟା ଅନ୍ତରର କାନ ଡେରି ସେଇ ସମୁଦ୍ର ଶବ୍ଦ ଶୁଣିବାକୁ ସମର୍ଥ ହୋଇ ପାରିଥାନ୍ତେ । ଶିଳୀଭୂତ କଙ୍କାଳ ଅନ୍ୱେଷଣକାରୀ ପ୍ରାଣି ବିଜ୍ଞାନୀମାନେ ପ୍ରାଞ୍ଜଳ ଭାବରେ ଦେଖାଇଛନ୍ତି ଜୀବର ଜୀବନେତିହାସର ଦୀର୍ଘ ପଥରେଖା; ସେତକ ଜାଣିଥିଲେ ଅନ୍ତତଃ 'ଥରେ୍ୟା' ଦେଖି ପାରିଥାନ୍ତେ 'ପ୍ରାଣୀରେ ପରିଣତ

ପାଣି ଉପରେ ଯୁଗଯୁଗାନ୍ତର ଧରି ନିଜ ଦେହର ପରିବର୍ତ୍ତନ ଘଟାଇଛି ; ଏହି ରୂପାନ୍ତର ଅନନ୍ତକାଳ ବ୍ୟାପି ପୃଥିବୀ ବକ୍ଷର ଅଜ୍ଞାତ ଉତ୍ଥାନ ପତନର ଅନୁଗାମୀ । ପ୍ରଥମରେ ଅନୁଚ୍ଚ ମହାଦେଶମାନଙ୍କର ଜଳ ଭୂମିରେ ଉଭୟଚର ପ୍ରାଣୀମାନେ ଜନ୍ମି କେତେ ଯୁଗ ପ୍ରଭୁତ୍ୱ କରିଥିଲେ । ତା'ପରେ ବହୁକାଳ ଧରି ପୃଥିବୀ ପୃଷ୍ଠ ଆକାଶ ଆଡ଼କୁ ଉଠିବାକୁ ଆରମ୍ଭ କଲା; ସେ ସମୟରେ ଗାଧଭୂଇଁ ସବୁ ଉଚ୍ଚକୁ ଉଠିବାରୁ ଥଣ୍ଡା ହେବାକୁ ଲାଗିଲେ ଓ ସେ ଯୁଗରେ ସ୍ତନ୍ୟପାୟୀ ପ୍ରାଣୀଙ୍କର ଆବିର୍ଭାବ ଘଟିଲା ।

ବହୁବର୍ଷ ପୂର୍ବରେ ଯେଉଁ 'ପ୍ଲାଟ୍' ନଦୀର ମୁହାଣରେ ମୁଁ ଖସି ଖସି ଯାଉଥିଲି, ତାହାର ଗୋଟିଏ ଉପନଦୀର କଡ଼େ କଡ଼େ ମୁଁ ଅଳ୍ପ କେତେକାଳ ତଳେ ଏକାଧିକ ମାଇଲ ଚାଲିଥିଲି; ଶୀତଋତୁ ଥିବାରୁ ଏଥର ମୋଟା ମୋଟା ଗରମ ପୋଷାକ ପିନ୍ଧିଥିଲି ଥଣ୍ଡାରୁ ଆତ୍ମରକ୍ଷା କରିବା ପାଇଁ । ଏଥର ଦେଖିଲି ବିସ୍ତୃତ ଭୂଭାଗ ଅନାବୃତ ଓ ବରଫ ଭରା, ଛୋଟ ଛୋଟ ନଦୀମାନ ବରଫରେ ଜମି ଯାଇଛନ୍ତି; ଜଳାଭୂମି ଯେ କଡ଼େ 'ଉଇଲୋ' ବୃକ୍ଷମାନ ସିଧାସଳଖ ଠିଆ ହୋଇ ବରଫ ଆସ୍ତରଣର ପଶ୍ଚାତ୍‌ପଟରେ ବ୍ୟୂହପରି ଦିଶୁଥାନ୍ତି; ତାହା ଭିତରେ ଚାଲିଗଲା ବେଳେ ଦୃଷ୍ଟିବିଭ୍ରମ ଘଟେ ଓ ମୁଣ୍ଡ ଘୂରେ । ନଈ ପଠାର ଯେପଟେ ଝଟକିଥିବା ପାଣି ଜମି ଯାଇଥାଏ, ତାହା ସାମନାରେ ମୁଁ ଠିଆହୋଇ ଗଲି; ତୃଣଭୂମି 'ପ୍ରେଆରି'ର ଖୋଲା ପବନ ମୋର ଗୋଡ଼ ତଳେ ବରଫ ଉପରୁ ନରମ ତୃଣକୁ ଝାଡ଼ି ଦେଉଥାଏ । ତାହା ଭିତରେ ଗୋଟିଏ ଅଦ୍‌ଭୁତ ସବୁଜ ପଦାର୍ଥ ମୋର ଦୃଷ୍ଟି ଆକର୍ଷଣ କଲା, ଆଖି ରଗଡ଼ି ମୁଁ ଆଉଥରେ ନଜର କଲି—ନା, ବସ୍ତୁଟି ସମ୍ବନ୍ଧରେ ସନ୍ଦେହର ଅବକାଶ ନାହିଁ ।

ପବନରେ ବିକ୍ଷିପ୍ତ ବରଫ ଛିଟରେ ଏହା ଦୃଢ଼ଭାବରେ ଜମି ଯାଇଥାଏ, କିନ୍ତୁ ଏହାର ବୃହଦାକାର ମୁଖମଣ୍ଡଳ ମୋର ପରିଚିତ; ଅଳ୍ପ ଅଳ୍ପ ମାଂସସବୁ ଅସହାୟ ଭାବରେ ଚାରିଆଡ଼େ ବାନ୍ଧି ଏହା ମୋ ଆଡ଼କୁ ଏକାଗ୍ରଦୃଷ୍ଟିରେ ଚାହିଁ ଥାଏ । ଆମେରିକାର ଛୋଟ ନାଳ ମାନଙ୍କରେ ମିଳୁଥିବା ଏକ ଶ୍ରେଣୀର ମାଛରୁ ଏହା ଗୋଟିଏ; ଏହି ନାଳସବୁ ସର୍ପିଳ ଗତିରେ ବଢ଼ କରନ୍ତି ଓ ଏହାଙ୍କ ହଳଦିଆ ପଙ୍କ ମାଟିରେ ଏହି ମାଛ ଥାଆନ୍ତି । ମୁଁ ଯେଉଁଦିନ ନଦୀରେ ଖସି

ଝାସି ଦ'ଇଥିଲି, ସେ-ଦିନ ଏଇ ମାଛମାନେ ମୋର ଭାସୁଥିବା ଦେହର ତଳେ ଓ ଚାରିପଟେ ଖେଳୁଥିଲେ । ଧୀରେ ଧୀରେ ଜମିଗଲା ବେଳେ ଏହାର ଆଶ୍ଚର୍ଯ୍ୟ ନିଷ୍କ୍ରିୟ ହୋଇ ଆଉ ବଞ୍ଚୁନଥାଏ । କିନ୍ତୁ, ପାଣିପାଗର ତାପମାତ୍ରା ଯେତେବେଳେ ହିମାଙ୍କ ଆଡ଼କୁ ଓହ୍ଲାଉ ଥିଲା ସେତେବେଳେ କେଉଁ ସୂର୍ଯ୍ୟ ସ୍ୱପ୍ନରେ ବିଭୋର ରହି ଏହା ନ ପଳାଇଲା, କିଏ କହିବ ? ଏମିତ ବି ହୋଇପାରେ ଯେ, ଯେଉଁ ନାଳରେ ଏହା ଖେଳୁଥିଲା, ଚାରିପଟୁ ସେଥିରେ ବନ୍ଧପଡ଼ି ଯିବାରୁ ଫାନ୍ଦରେ ଅଟକିଲା ପରେ ଏହା ପହଁରିବାକୁ ଲାଗିଲା ଯେପର୍ଯ୍ୟନ୍ତ ତା ଚାରିଆଡ଼ୁ ବରଫ ଏହାକୁ ଘେରିନଥିଲା । ବରଫ ତରଳିବା ପାଇଁ ବସନ୍ତ ଋତୁ ନ ଆସିବା ଯାଏ ଯେ ଏହା ଏଠି ରହିବ, ଅନ୍ତତଃ ଏତକ ନିଃସନ୍ଦେହ ।

ମୁହଁ ଫେରାଇ ଚାଲିବାକୁ ଆରମ୍ଭ କରିବା ମାତ୍ରେ ମୁହୂର୍ତ୍ତକ ପାଇଁ, ମୋର ମନେ ହେଲା—ସେଇ ଶ୍ୱାସଲେଶ ହୀନ ଜଳଚର ମୁହିଁ ମୋତେ ଭର୍ତ୍ସନା କରୁଛି ; ଅଥବା, ପକ୍ଷାନ୍ତରେ ନଦୀ ଜଳ ସନ୍ତାନଙ୍କୁ ଡାକୁଛି । ଭାବପ୍ରବଣତାପୂର୍ଣ୍ଣ ଏପରି କ୍ଷେତ୍ରରେ,ମୁଁ ସୁବିଧା ଲାଗି,ଅଧିକ ଯୁକ୍ତିସହ ହୃଦସ୍ଥାବେଗବର୍ଜ୍ଜିତ ବିଜ୍ଞାନର ଦ୍ୱାହି ଦେଇଥାଏ ; ତେଣୁ, ସେଦିନ ମଧ୍ୟ ମନକୁ ବୁଝାଇଲି ଯେ, ଖାଇବା ପାଇଁ ନୁହେଁ, ବୈଜ୍ଞାନିକ ଗବେଷଣା ପାଇଁ ମାଛଟିକୁ ବରଫ ଭିତରୁ ଖୋଳି ଉଠାଇ ଘରକୁ ନେଇ ଯିବି । ଅମ୍ଳଜାନହୀନ ଗଡ଼ିଆରେ ଅଥବା ଶୀତଋତୁରେ ହିମବାହତଳେ ଛନ୍ଦି ହୋଇ ରହିଥିବା ଏ ଜାତୀୟ ଉପତ୍ୟକା-ସୁଲଭ ମାଛର ଜୀବନୀଶକ୍ତି କେତେଦୂର ମୃତ୍ୟୁକୁ ରୋକିପାରେ ତାହା ପରୀକ୍ଷା କରିବାକୁ ହଠାତ୍ ମୋର ଭାରି ଇଚ୍ଛା ହୋଇଥିଲା । ସଯତ୍ନରେ ମୁଁ ବରଫଗୁଣ୍ଡା ସହ ଏହାକୁ କାଟିଲି ଓ ମୋଟରଗାଡ଼ିରେ ଥିବା ଗବେଷଣାବସ୍ତୁ ସମ୍ଭାରର ଗୋଟାଏ ଟିଣ ଭିତରେ ଥୋଇ ଦେଲି । ତା' ପରେ ଆମେ ଦୁହେଁ ଘର ଆଡ଼କୁ ଫେରିଲୁ ।

ମାଛଟି କିପରି ପୁନର୍ଜ୍ଜୀବିତ ହେଲା ତାହାର ବୃତ୍ତାନ୍ତର ପ୍ରଥମ ପର୍ଯ୍ୟାୟ ମୋ ପାଖରେ ଧରା ପଡ଼ିଲା ନାହିଁ । ବହୁଦୂର ଅରଣ୍ୟଭିତରେ ମୋଟର ଚଳାଇ ମୁଁ ବଡ଼ କ୍ଳାନ୍ତ ହୋଇଥିଲି । ତେଣୁ, ସିଡ଼ିତଳେ ବରଫମିଶା ପାଣି ସହ ଟିଣଟିକୁ ଥୋଇ ମୁଁ ବିଶ୍ରାମ କରିବାକୁ ଯାଇଥିଲି ; ଭାବିଥିଲି ଯେ, ପରଦିନ ବେଳକୁ ମାଛଟି ମରି ଯାଇଥିବ ଏବଂ ହୁଏତ ମୁଁ ତାର ମଢ଼କୁ ଫିଙ୍ଗି ଦେବ

ଅଥବା ଚର ଫାନ୍ଦ ଦେଖିବ । ଭରଭରରେ ସିଡ଼ିତଳେ ଥୋଇଲବେଳେ ମାଛ ଦେହରେ ପ୍ରାଣ ଥିଲପର ମୋତେ ଜଣା ପଡ଼ିନଥିଲ ।

କିନ୍ତୁ କେତେଘଣ୍ଟା ବିଶ୍ରାମପରେ ସିଁଡ଼ିତଳେ ଆସି ସବୁସ୍ପଷ୍ଟରେ ଶୁଣିଲି ଟିଣପାତ୍ର ଭିତରେ ଗୁଳଗୁଳ କରିବାର ଶବ୍ଦ ; ଭିତରକୁ ଅନାଇ ଦେଖେତ ବରଫ ତରଳ ଯାଇଛି ; ଗୋଟିଏ ବୃହଦାକାର ମୁହଁ ମୋ ଆଡ଼କୁ ଅନାଇଛି —କଷ୍ଟରେ ନିଃଶ୍ୱାସ ନେଉଥିବାରୁ ତା'ର ଗୁଡ ଗୁଡ ପରି ଉଠୁଛି ପଡୁଛି ଓ ତଳୁ ପାଣି ଉପରକୁ ଗୋଟାଏ ପରେ ଗୋଟାଏ ଫୋଟକା ଉଠିବାରେ ଲଗିଛି । ମାଛର ଦୃଷ୍ଟିରୁ ମୋତେ ବୋଧ ହେଲଯେ, ସେ ନାଲିଶ କରି କହୁଛି "ମୁଁ ଗୋଟାଏ ପୋଖରୀକୁ ଯିବାକୁ ଚାହେଁ ।"

ମୋର ଖିଆଲ ହେଲ ଯେ, ଏହା "ଅରେ୍ୟା"ଙ୍କ ବର୍ଣ୍ଣିତ "ଓସ୍କାଲ-ଡେନ୍"ର "ପିକାରେଲ୍" ମାଛ ନୁହେଁ । ହଳଦିଆ ଓ ସବୁଜ ରଙ୍ଗମିଶା, ମାଟି କାମୁଡ଼ା, ବଦ୍‌ମେଜାଜୀ ଏଇ ମାଛ ପରି ପ୍ରାଣିମାନେ ଜୀଇଁଥାନ୍ତି ଖସ୍ରମରୁଡ଼ି ବଢ଼ି ଝଡ଼ ତୋଫାନ ଭିତରେ । ସମୁଦ୍ର ପୃଷ୍ଠରୁ ଯଥେଷ୍ଟ ଉଚ୍ଚ ମହାଦେଶ-ମାନଙ୍କର ବୁକୁ ଉପରେ ଯେଉଁ ସବୁ ଜଳସ୍ରୋତ ବହି ଯାଏ, ସେଥିରେ ଥିବା ଜୀବମାନଙ୍କ ଭିତରେ ଏହା କୁଳୀନ ଶ୍ରେଣୀର । ଖାଲ ଜମିରେ ଠିଆ ହୋଇ ରହି ଗୃହପାଳିତ ଜନ୍ତୁମାନେ ଯେଉଁ ତୁଷାର ଝଡ଼ରେ ଜମି ଯାନ୍ତି, ଏହା ସେଥିରୁ ମଧ୍ୟ ବଞ୍ଚି ରହି ପାରେ । ତେଣୁ, ଏହା ପ୍ରତି ମୋର ମନରେ ଶ୍ରଦ୍ଧା ଦେଖା ଦେଲ ; ମୁଁ କହିଲି "ବଡ଼ କୁଣ୍ଡଟାଏ ମୁଁ ଆଣୁଛି ।"

ସାରା ଶୀତକାଳ ମାଛଟି ମୋ ଘରେ ରହିଲ ଓ ଯେଉଁଭଳି ସେ ମୋତେ ଛାଡ଼ିଗଲ ତାହା ତା'ର ବଳିଷ୍ଠ, ସ୍ୱାଧୀନ ଚରିତ୍ରର ପରିଚୟ ମାତ୍ର । ବସନ୍ତ କାଳରେ ତା' ମନରେ ଗୁପ୍ତି ବସିଲ ବୋଧହୁଏ, ବହୁକାଳଧରି ଗୋଟାଏ ସ୍ଥାନରେ ବନ୍ଧାହୋଇ ରହିଥିବା ପ୍ରତି ବିରକ୍ତି, ଅଥବା ତା'ର ଜନ୍ମଗତ ଘୂରି ବୁଲିବାର ପ୍ରବୃତ୍ତି । ହୁଏତ, ତା'ର ମଗଜର ଛୋଟିଆ ଗୋଟିଏ କୋଣରେ ସେ ଅନୁଭବ କରିଥିଲ ବହୁଦୂରେ ପାହାଡ଼ର ଝରସବୁ କିପରି 'ପ୍ଲାଟ୍' ନଦୀର ବାଲିଚରରେ ପାଣି ଅଜାଡ଼ୁଥାନ୍ତି । ଯାହା ହେଉ, ଏହି ପରି କୌଣସି ଡ଼ାକରା ଯୋଗୁ ସେ ଚାଲି ଯାଇଥିଲ । ଦିନେ ରାତରେ, ପାଖରେ

ସେତେବେଳେ କେହି ନ ଥିଲେ, ସେ କେବଳ କୁଣ୍ଡରୁ ବାହାରକୁ ଡେଇଁ ପଡ଼ିଥିଲା । ପରଦିନ ସକାଳେ ତଟାଣ ଉପରେ ମୁଁ ତାକୁ ମରି ପଡ଼ିଥିବାର ଦେଖିଲି । ମଣିଷ ପରି ଅଥବା ମାଛ ପରି ? ତାହା ଏକ ଦୁର୍ଜୟ ଦୁଃସାହସ ଦେଖାଇଥିଲା । ଯଥାସ୍ଥାନରେ ହୋଇଥିଲେ, ଏହାକୁ ମୂର୍ଖର ଅହଂକାରିତା କହି ହେବ ନାହିଁ । 'ପ୍ରେଆରି' ତୃଣ ଭୂମିରେ ଝିଲ ପାଣିର କୌଣସି ଠିକଣା ନାହିଁ । ତାହା ଅନବରତ ବଦଳେନା; ଏବେ ଅଛି ତ, ଏବେ ନାହିଁ । ସେଥିରେ ଯେଉଁ ମାଛମାନେ ଥାନ୍ତି ସେମାନେ ଶୁଖି ଆସୁଥିବା ଅଗଭୀର ପାଣିରୁ, ସମସ୍ତ ଆଡ଼ି ଆଡ଼, ଅଧିକ ଗଭୀର ସୁଅକୁ ଡେଇଁ ପଡ଼ି ବଞ୍ଚିବାର ଶେଷ ଚେଷ୍ଟା କରନ୍ତି । ଲକ୍ଷ କୋଟି ବର୍ଷ ଧରି ଏ ଜାତୀୟ ପ୍ରାଣୀମାନଙ୍କର ପୂର୍ବପୁରୁଷଙ୍କଠାରେ ମଧ୍ୟ ଅନୁରୂପ ଅବସ୍ଥାରେ ମୃତ୍ୟୁରୁ ତ୍ରାହି ପାଇବାର ଏକ ଅଭ୍ୟାସ ଥିଲା—କାଳକ୍ରମେ ତାହାହିଁ ପରିଣତ ହୋଇଛି ଏପରି ଲମ୍ଫନରେ ! ମାଛଟିକୁ ଦେଖି ଦେଖି ମୋର ମନେ ପଡ଼ିଲା କିପରି ଏ ଜାତୀୟ ଜଳଜ ଜୀବ 'ପ୍ରେଆରି' ତୃଣଭୂମିର ଅଗଭୀର ଜଳାଶୟରୁ ସୂର୍ଯ୍ୟମୁଖୀ ଫୁଲଗୁଡ଼ିକ ଉପରେ ଡେଇଁ ଅଥବା ସେଠାରେ ପାଣି ପିଉଥିବା ପ୍ରାଗୈତିହାସିକ ଯୁଗର ଅତିକାୟ ଜନ୍ତୁମାନଙ୍କର ପ୍ରସ୍ତରପରି ଜଙ୍ଘମାନଙ୍କୁ ଆଶ୍ରୟ କରି ଅତୀତରେ ଲକ୍ଷ ଲକ୍ଷ ବର୍ଷଧରି ମରଣକୁ ଏଡ଼ି ଅନ୍ୟତ୍ର ପଳାଇବାର ଚେଷ୍ଟା କରୁଥିଲେ ।

ମାଛଟିକୁ ତଟାଣରୁ ଉଠାଉ ଉଠାଉ ନିରୁଦ୍ଦେଶ୍ୟ ଭାବରେ ମୁଁ ମନ୍ତବ୍ୟ କଲି 'ତୁମରି କେତେକ ନିକଟାତ୍ମୀୟ ସେଇ ଅତୀତରେ ଖୋଲା ପବନରେ ଶ୍ୱାସ ପ୍ରଶ୍ୱାସ ନେବାର ପରୀକ୍ଷା ନିରୀକ୍ଷା କରିଥିଲେ; ଆଶା କରୁଥାଉ, ଆସନ୍ତା କେତେ ଲକ୍ଷ ବର୍ଷପରେ ସେ ପରୀକ୍ଷାର ସାଫଲ୍ୟ ଉପରୁ ଆମର ପୁଣି ସାକ୍ଷାତ ହେବ ଶିମୁଳଗଛର ଜଙ୍ଗଲରେ ।'

ଏ କଥା କହୁ କହୁ ତା'ର ବିୟୋଗରେ ମୋତେ କେମିତି ବିଷର୍ଣ୍ଣ ଲାଗିଲା । ପାଣିରେ ଥିବା ମଣିଷର ସ୍ୱଜାତୀୟମାନଙ୍କର ଲୁପ୍ତ-ଗୌରବମୟ ପରିଚୟ ଯେପରି ସେ ମୋ ପାଖକୁ ଆସିଥିଲା । ସେଇ ସୀମାହୀନ ସମୟର ଆବର୍ତ୍ତରୁ ଆମେ ଦୁହେଁ ଉତ୍କ୍ଷିପ୍ତ ଏବଂ ଏ ଜୀବନପଥଧର ବାହାରେ ହସାବହୀନ

ଭବିଷ୍ୟତର ବୃହତ୍ତର ଐକ୍ୟରେ ଉଭୟେ ଆବଦ୍ଧ ମଧ୍ୟ । ବନ୍ଧୁମାଛର ତେଣାରେ ଓ ସରୀସୃପର ଗୋଡ଼ରେ ମୁଁ ନିରୀକ୍ଷଣ କରିଛି ମୋର ନିଜର ଗତି, ମୋର ସତ୍ତାର ଏକ ଅଂଶ ବିଶେଷ; ସେ ଅଂଶର ଉପଲବ୍ଧି କ୍ଷଣସ୍ଥାୟୀ, ମୋର ଏଇ ଦେହର ଇନ୍ଦ୍ରିୟଗ୍ରାହ୍ୟ ହେବାର ନୁହେଁ । ଛାପା ଅକ୍ଷରରେ ଏସବୁ ବିଷୟ ପ୍ରକାଶ କରିବାରୁ ପାଠକେ ମୋତେ କଟୁ ଚିଠି ଲେଖିଛନ୍ତି, ନିନ୍ଦା କରିଛନ୍ତି ଯେ, ମଣିଷଠାରେ ମୋର ଆସ୍ଥାର ଅଭାବ । ମୋର କିନ୍ତୁ ମନେ ହୁଏ ନିଜର ଆକୃତି ଓ ନିଜସ୍ୱ ଭାବନା ଛଡ଼ା, ଅନ୍ୟ ସବୁଥିରେ ତାଙ୍କର ଅବିଶ୍ୱାସ । ଦୋକାନୀ ମନୋବୃତ୍ତିରେ ସେମାନେ ଈଶ୍ୱରଙ୍କୁ ନିକଟର ପାସଙ୍ଗ ଭିତରକୁ ଟାଣି ଆଣନ୍ତି ଓ ସେଇ ସଙ୍କୀର୍ଣ୍ଣ ପରିଧିରେ ତାଙ୍କୁ ଅଟକାଇ ରଖିବାକୁ ଚାହାଁନ୍ତି; ସେମାନେ ଭାବନ୍ତି କାଳେ, ନବିବଚନ୍ତ ଭଗବାନ୍ ମଣିଷଠାରୁ ସୁନ୍ଦରତର ଜୀବଟିଏ ସୃଷ୍ଟି କରି ଦେବେ ସତ ! ମୋର କିନ୍ତୁ ବିଶ୍ୱାସ ଯେ ପ୍ରକୃତି ଏପରି ସୃଷ୍ଟି କରିପାରେ ଏବଂ ସେ ସୃଷ୍ଟି ପ୍ରତି ମୋର ତିଳେମାତ୍ର ଈର୍ଷା ନାହିଁ , ବେଙ୍ଗତ କେବେ ସରୀସୃପକୁ ଈର୍ଷା କରି ନାହିଁ, ଆମର ପୂର୍ବପୁରୁଷ ବାନର ତ କେବେ ମଣିଷକୁ ଈର୍ଷା କରି ନାହିଁ ।

ପ୍ରତି ବସନ୍ତକାଳରେ ଓଦା ଘାସଜମିରେ ଓ ଖାଲବିଲରେ ଖାଡ୍ ଆବାଜ୍‌ମାନଙ୍କର ଏକ ଶ୍ରେଷ୍ଠ ସମବେତ ସଙ୍ଗୀତ ମୁଁ ଶୁଣେ; ଏ ସଙ୍ଗୀତ ପୃଥିବୀର ସମସ୍ତଙ୍କୁ ଏକ ଅପରନ୍ତ ଘୋଷାରେ କହୁଥାଏ:—"ଆମେ ଏଠି ଜୀଇଁଛୁ, ଆମେ ଏଠି ଜୀଇଁଛୁ, ଆମେ ଏଠି ଜୀଇଁଛୁ" ଏବଂ ପ୍ରକୃତରେ ସେମାନେ ଅର୍ଥାତ୍ ବେଙ୍ଗମାନେ—ସେଠି ଜୀଇଁଛନ୍ତି । ସାନ ସାନ ଜୀବ ହେଲେ କଅଣ ହେବ—ସେମାନଙ୍କର ନିଜଠାରେ ଆଶା ଅଛି, ଆତ୍ମବିଶ୍ୱାସ ରହିଛି । ଏ ଯେଉଁ ଶ୍ରେଷ୍ଠ ଶ୍ରେଷ୍ଠ ଆବାଜ୍ ସନ୍ଧ୍ୟାଠାରୁ ରାତିଯାଏ ପ୍ରତିଧ୍ୱନି ଜଗାଇଥାଏ, ମୋର ମନେହୁଏ; ମଣିଷଠାରୁ ମହତ୍ତର ଜୀବର କାନରେ ଏ ସଂସାରରେ ମଣିଷର ଭୂମିକା ଓ ଭବିତବ୍ୟ ସମ୍ପର୍କରେ ନିଜର ଆତ୍ମଭରି ଘୋଷଣା ମଧ୍ୟ ପ୍ରାୟ ଏହାରି ପରି ଶୁଭେ । କେବଳ ନିକଟରେ ବାଜେ ବୋଲି ଏ ଆବାଜ୍ ଆମକୁ ବାଧେ; ନଚେତ୍ ପାହାଡ଼ ଉପରୁ ବା ନଦୀର ଜଳାଭୂମି କୂଳରୁ ଶୁଣିଲେ ଏହା ବେଶ୍ ମିଶିଗଲା ପରି ମନେହୁଏ ସେଇ ସବୁ ତନ୍ତ୍ରୀର ଅପରୂପର କଣ୍ଠସ୍ୱର ସହିତ

ଯାହା ଜାଗେ ବେଙ୍ଗର ଆବାଜ୍‌ରୁ ଓ କୀଟମାନଙ୍କର କେଁକାଁରୁ; ଏ ସବୁ ଧ୍ୱନି ମିଳିତ ହୋଇ ଗୋଟିଏ ମାତ୍ର ସ୍ୱରଟି ବ୍ୟକ୍ତ କରନ୍ତି ।

କିଛି ସମୟ ପରେ ଏସବୁ ଶବ୍ଦରେ ଅଭ୍ୟସ୍ତ ହୋଇଗଲେ, ଶ୍ରୋତାର କାନ ବାଛି ପାରିବ କେଉଁଟା ମଣିଷର କଣ୍ଠସ୍ୱର, କିଏବା ତାଳ ମାରୁଥିବ । 'କ୍ୟାଟିଡ୍ରିଡ୍' ନାମକ ଆମେରିକାନ୍ ପତଙ୍ଗର ଆବାଜ୍; ସେ ବାରି ପାରିବ ଠେକୁଆର ମାଟି ଖୋଳିବାର ଶବ୍ଦ ଓ ଶିରଶି କାଳର ଝିଙ୍କିକାର ଅବିଶ୍ରାନ୍ତ ଝିଁଝିସ୍ୱର । ଏ ସମସ୍ତରୁ ନିବିଡ଼ ଆନନ୍ଦ ପାଇଲାବେଳେ ତା'ର ମନରେ ଏସବୁ ଧ୍ୱନିରୁ କେଉଁଟା ପ୍ରଧାନ ବା କେଉଁଟା ଅପ୍ରଧାନ—ଏ ଚିନ୍ତା ସ୍ଥାନ ପାଇବ ନାହିଁ । ଯେତେବେଳେ ଏସବୁ ସ୍ୱର ସରିଯାଏ, ଜଳାଶୟ ଗୁଡ଼ିକ ଶାନ୍ତହୋଇ ପଡ଼େ; ବରଫରେ ଜମି ଯାଇଥିବା ନଦୀରୁ କୌଣସି ଚଡ଼କାର ଆର୍ତ୍ତନାଦ ବା ଗର୍ଜ୍ଜନ ଶୁଭେନା—ସେତେବେଳେ ବିରାଟ ବ୍ୟୋମର ନୈଃଶବ୍ଦ୍ୟ ଆମର ମନର ଗହନରେ ସ୍ପର୍ଶିବସେ; ସେ ବ୍ୟୋମର ମନ ଥିଲାପରି ଜଣା ପଡ଼େ ନା । ତାରାମାନଙ୍କର ଆଲୁଅ ଯେଉଁଠାରେ ପ୍ରତିଫଳିତ ହୁଏ ସେଇ ଭଙ୍ଗାରୁଜା ବରଫର ପଡ଼ିଆ ଭିତରେ ସେତେବେଳେ କଳାରଙ୍ଗର ପାଣିପୂର୍ଣ୍ଣ ନିଷ୍ପ୍ରାଣ ଖାତରେ କେଉଁ ବଧିଳିପି ଆଡ଼କୁ ଗତି କରେ, କିଏ ଜାଣେ ? ହୁଏତ ସେଇ ଶଧିଲିପି ବଳରେ ଜ୍ୟୋତିର ଅପବୃତ୍ତ ବିଚ୍ଛୁରଣ ଯୋଗୁ ଆକାଶର ବିରାଟ ମହାଶୂନ୍ୟ ଦିନେ ବୁଝେଲା ହିମପାଶରେ ଧରା ପଡ଼ିବ ।

ଅଫଳା ଜଳାଭୂମି ଉପର ଦେଇ ସିଧାସଳଖଭାବେ ପବନ ଯେବେ ସବେଗେ ବହି ଆସେ, ଅସଂଖ୍ୟ ଲମ୍ବଡ଼ା ପତ୍ର ତୁଷାର କଣିକା ପଥିକଙ୍କୁ ଆଘାତ କରେ, ଠିକ୍ ସେତିକିବେଳେ କଳ୍ପନାର କୌଶଳକ୍ରମେ ମୋର ସବୁଠାରୁ ବେଶୀ ଭଳକର ମନେପଡ଼େ—ନଦୀଉପରେ ମୋର ଖରାଦିନିଆ ଜଳଯାତ୍ରାର କଥା । ମୋର ମନେ ପଡ଼େ, କେଉଁ ପ୍ରାଗୈତିହାସିକ ଯୁଗରେ ମୁଁ ଥିଲି ଗୋଟିଏ ସବୁଜ ଆସ୍ତରଣ ମାତ୍ର; ମନେପଡ଼େ, ତୁଙ୍ଗାଳ୍ପ ଭୂପରେ ମୋର ନାସିକା-ସଞ୍ଚାଳନ, ଶ୍ରେଷ୍ଠ ମାଛ ହୋଇ ମୋର ପିଚ୍ଛିଳ ଖସି ବୁଲିବାର କଥା; ସ୍ମୃତିରେ ଧରା ପଡ଼େ—ଅଠାଳିଆ ରସଗର୍ଭରୁ ଚିକ୍କଣ ତରଳ ଦ୍ରାବ ସ୍ରବ

ଜଣଆରେ ମୋର ଜଡ଼ଦେହରେ ରୂପାନ୍ତର ! ଏବଂ ଏଇ ଚିନ୍ତାରେ ବୃଡ଼ିଯାଇ ଜମି ଉପରେ ପଡ଼ିଥିବା ବରଫର ସଫେଦ୍ ଆଚ୍ଛାଦନ ଉପରେ ଆଗେଇଲା ବେଳେ ପାଣି ତା'ର କାଉଁଶର ଶେଷ ଇସାରା ମୋତେ ଦେଇଥାଏ ।

ଜନ୍ତୁ ଓ ଶକ୍ତି ବିଷୟରେ ଏବଂ ଅସ୍ତିତ୍ୱ ଲାଗି ସଂଗ୍ରାମ ସମ୍ବନ୍ଧରେ ଲୋକେ ଅନେକ କଥା କହନ୍ତି ; ପ୍ରାଣକୁ ଆକୃତି ଦେବାରେ ଏ ସବୁ ସବୁ ଗ୍ରନ୍ଥିର କାମ କରେ ! ଅବଶ୍ୟ, ଏ ସବୁର ଅସ୍ତିତ୍ୱ ଅଛି, ଏକଥା ସତ ; ପାଣିରେ ଚଳବୁଲ କରୁଥିବା ମାଛର ଡେଣାରେ ଏ ସବୁ ତତ୍ତ୍ୱର ପରିଚୟ ଅଛି । କିନ୍ତୁ ତାହା ଅପେକ୍ଷା ଅଧିକ ସୁକୁମାର, ସୂକ୍ଷ୍ମ ଓ କ୍ଷିପ୍ରତର ଅଛି ସେଇ ରହସ୍ୟମୟ ପଦ୍ଧତି ଯାହାକୁ 'ସହଜ' ନାମରେ ଅଭିହିତ କରି ହୋଇଥାଏ । ଏହା ସହିତ ତୁଳନା କଲେ, ପ୍ରାଣତତ୍ତ୍ୱ ସମ୍ପର୍କୀୟ ଅନ୍ୟାନ୍ୟ ରହସ୍ୟ ପୁରୁଣା ଓ ନଗଣ୍ୟ ବୋଲି ବୋଧହୁଏ । ଏହା ଅତିସୁସ୍ପଷ୍ଟ ଯେ,ସହଜ ବ୍ୟତୀତ ଜୀବନ ବଞ୍ଚି ପାରେନା । ତଥାପି, ସହଜର ଧାରା ଜୀବନରୁ ଜନ୍ମେ ନାହିଁ ; ଅପେକ୍ଷାକୃତ ଅସମର୍ଥକୁ ଦବାଇ ସକ୍ଷମତମ ପ୍ରାଣ ଜୀବନ ସଂଗ୍ରାମର ନିର୍ବାଚନ କ୍ଷେତ୍ରରେ ଜୟୀ ହୁଏ ; ସହଜ ଏଇ ନିର୍ବାଚନର ଫଳ ମଧ୍ୟ ନୁହେଁ । ଜଡ଼ ବସ୍ତୁ ଭିତରେ ଏହା ଏକ ଗତିଶୀଳ ଅଙ୍ଗାର ସ୍ଥାପକ କାମ କରେ ; ଜୀବ-ଦେହରେ ସ୍ଥାନ ଗିନା ସର ନକ୍ସ କୋଟର ଖୋଲି ଏହା ସେଥିରେ ଶ୍ରେଷ୍ଠ ଶ୍ରେଷ୍ଠ ନୟନର ବାତାୟନ ଖୋଲିଦିଏ, ଅଥବା ଘାସଚୂଳିର 'ଲର୍କ' ଚଢ଼େଇର ଗୀତରେ କେଉଁଠାରେ କେମିତି ଛେଦର ମାତ୍ରା ପଡ଼ିବ ତାହା ମଧ୍ୟ ଖଞ୍ଜି ଦିଏ ; ଏବଂ ଏଇ ସବୁ ସୂକ୍ଷ୍ମ ଓ ଜଟିଳ ପ୍ରକ୍ରିୟା ସବୁ ସମ୍ପୂର୍ଣ୍ଣ ହୁଏ ଶ୍ରେଷ୍ଠ ଗୋଟିଏ ଡ଼ିମ୍ବ ବା ଭ୍ରୂଣ ଭିତରେ । ତେଣୁ ମୋର ସନ୍ଦେହ ହୁଏ ଯେ ପାଣିର ଗର୍ଭରେ ପ୍ରାଣ ଜନ୍ମିବା ପୂର୍ବରୁ ମଧ୍ୟ ସହଜର ଧାରା ସକ୍ରିୟ ଥିଲା ।

ଏ ସବୁ ଚିନ୍ତା କରୁ କରୁ ମୋର ମନେହେଲା ଯେ, ଘଣ୍ଟା ପରେ ତାପର ମାତ୍ରା ବଢ଼ି ଯାଉଛି ; ବନ୍ଧୁଥିବା ଶ୍ରେଷ୍ଠ କ୍ଷୁଦ୍ରପରି ତୁହିନ କଣିକା ଆଉ ନ ଥାଏ ; ତାହା ପରିବର୍ତ୍ତେ ଖସି ଆସୁଥାଏ ତୂଳା ପରି ବଡ଼ ବଡ଼ ହାଲୁକା ତୁଷାରର ଗୁଚ୍ଛ ; ମୁକ୍ତ ଆକାଶରେ ଗୋଟାଏ ବଡ଼ ଗଛ ଥିବାର

କଳ୍ପନା, କଲେ ଏହି ତୁଷାରଗୁଚ୍ଛଗୁଡ଼ିକ ସେଇ ଗଛରୁ ଝରୁଥିବା ପତ୍ର ପରି ମନେ ହେବ । ମୋଟର ଗାଡ଼ି ଭିତରେ ବସି ମୁଁ ଗାଡ଼ିର ଆଲୁଅ ଜଳାଇ ଦେଲି ; ମୋର ଜାମାର ଆସ୍ତିନ୍ ଉପରେ ଲାଗିଥିବା ସ୍ଫଟିକ ପରି ଜଟିଳ କୋଣବିଶିଷ୍ଟ ଗୋଟାଏ ତୁଷାରଗୁଚ୍ଛକୁ ମୁଁ ମନୋଯୋଗ ସହ ଲକ୍ଷ୍ୟ କଲି । ତାହା ସେତେବେଳକୁ ତରଳି ଯାଇ ନ ଥାଏ । ହେତୁବାଦୀ ଦର୍ଶନଶାସ୍ତ୍ରରେ ଏଇ ସ୍ଫଟିକ ପରି ନୀହାର ଖଣ୍ଡର କୌଣସି ସ୍ଥାନ ନାହିଁ; ଏହା ଆମର ପ୍ରୟୋଜନରେ ଲାଗେ ଅବା ଲାଗେ ନାହିଁ । ଶୀତର ଆକାଶତଳେ ବଷ୍ପରୁ ରୂପାନ୍ତରିତ ପାଣିବିନ୍ଦୁ ସବୁ ନୀହାର କଣାର ଆକାରରେ ପରିବର୍ତ୍ତିତ ହୋଇଛି—ଏତିକି ମାତ୍ର ଆମେ ଜାଣୁଁ । ତୁଷାରଗୁଚ୍ଛ ପଛରେ କୌଣସି ତର୍କଶାସ୍ତ୍ରସମ୍ମତ କାରଣାବଳୀ ନାହିଁ ; କିମ୍ବା ଉଦ୍‌ବର୍ତ୍ତନ ଧାରା ପଛରେ ମଧ୍ୟ ଏପରି କିଛି ତ ନାହିଁ  ମୋର ମନେହୁଏ ତୁଷାରଗୁଚ୍ଛର ବିଦେହ ମୂର୍ତ୍ତି ଇଙ୍ଗିତରେ ଜଣାଏ ଯେ, ତାହା ଆସିଛି ନିସର୍ଗରୁ ଊର୍ଦ୍ଧ୍ୱତର ଏକ ରହସ୍ୟମୟ ସ୍ରଷ୍ଟା ଜଗତରୁ । ମଣିଷ, ଚିଙ୍ଗୁଡ଼ି ମାଛ ଓ ସବୁଜ ପତ୍ରପଲ୍ଲବ କିପରି ଆକାର ଲଭିଲେ, ସେ ବ୍ୟାଖ୍ୟା ଯଦି କେଉଁଠାରେ ଥାଏ, ତେବେ ସେଇ ଜଗତରେହିଁ ଅଛି ।

# ଅତଳ ସମୁଦ୍ରର ଗହ୍ୱରରେ

ସମୁଦ୍ରର ଅତଳ ଗହ୍ୱରରୁ କେହି ବଞ୍ଚି ଫେରି ଆସି ନାହିଁ ; ଖୁବ୍ ଅଳ୍ପ ଲୋକହିଁ ସେଇ ଗାଢ଼ପରି ଅନ୍ଧାର ଜଗତରେ ପଶିଛନ୍ତି । ହଜି ଯାଇଥିବା ସୁପ୍ରାଚୀନ "ପ୍ୟାଲିଓଜୋଇକ" ଯୁଗର ଜଗତର ଅଧିବାସୀ ପରି ମଣିଷର ଧରା-ଛୁଆଁର ବାହାରେ କେତେକ ଜୀବ ସେଠି ବୁଲନ୍ତି—ଏ ଧାରଣା ପୁରୁଣା ପ୍ରାଣିତାତ୍ତ୍ୱିକ ଡାର୍‌ୱିନ୍‌ଙ୍କ ସହକାରୀମାନଙ୍କର କଳ୍ପନାରେ ଥିଲା । ସୁଦୂର ସମୁଦ୍ରଯାତ୍ରୀଙ୍କୁ ଡାର୍‌ୱିନ୍ ନିଜେ ଅନୁରୋଧ କରୁଥିଲେ, "ଗ୍ରୀଷ୍ମମଣ୍ଡଳର ସମୁଦ୍ରଗର୍ଭରୁ ମାଟି କାଟି ଉଠାଇ ଦେଖୁଥିବ ; କାରଣ ଉଷ୍ଣ ସାଗରମାନଙ୍କର ତଳଦେଶରେ ଥିବା ଜୀବମାନଙ୍କର ସମ୍ପର୍କରେ ଆମର ଜ୍ଞାନ ସୀମାବଦ୍ଧ ।"

ଲୁପ୍ତ ଭୂତାତ୍ତ୍ୱିକ ଯୁଗମାନଙ୍କର ଜୀବମାନଙ୍କୁ ଆମେ କେବଳ ଖଡ଼ିରେ ଅଙ୍କା ଚିତ୍ରରେ ଦେଖି ପାରୁ, ଚର୍ମଚକ୍ଷୁରେ ଦେଖି ପାରୁନା । ଲକ୍ଷ ଲକ୍ଷ ବର୍ଷ ପୂର୍ବେ ଯେପରି ଯେଉଁସବୁ ଜୀବ ମରି ଯାଇଛନ୍ତି ବୋଲି ମନେ କରା ହୁଏ, ତାହା ଭିତରୁ ଗୋଟାଏ ଜୀବନ୍ତ ଅବସ୍ଥାରେ ଯଦି ଆମ ହାତ ଉପରେ ଚଳ-ବୁଲ୍ କରେ, ତେବେ ତାହା ବାଜିଗିରି ଖେଳ ମନେହେବ । କିନ୍ତୁ ଠିକ୍ ଏଇ ଅଭିଜ୍ଞତା ହୋଇଥିଲା ସାର୍ ଚାର୍ଲସ୍ ଥମ୍‌ସନଙ୍କର । ଉତ୍ତର ଆଟଲାଣ୍ଟିକ୍ ମହାସାଗର ଗର୍ଭର, ପ୍ରଥମ ଆବିଷ୍କାରକମାନଙ୍କ ମଧ୍ୟରେ ସେ ଥିଲେ ଜଣେ । ଶିଳୀଭୂତ କଙ୍କାଳରାଜ୍ୟର ଅଧିବାସୀମାନଙ୍କୁ ସେ ଯେପରି ଦେଖି-ଥିଲେ ଓ ସ୍ପର୍ଶ କରି ପାରିଥିଲେ, ତାଙ୍କ ପରବର୍ତ୍ତୀ ଯୁଗରେ କେହି ସେପରି

ପାଣି ନାହାନ୍ତି । କୌଣସି ଲୋକ ଏପରି ଅନୁସନ୍ଧାନର କଥା ଭୁଲି ନ ପାରେ । ଏଇ ଆବିଷ୍କାରର ପରୋକ୍ଷ ପ୍ରଭାବରୁ ସଗଠିତ ହୋଇଥିଲା ପୃଥିବୀର ସର୍ବବୃହତ୍ ମହାସାଗରୀୟ ଅଭିଯାନ ଏବଂ ସାର ଗ୍ୱାଁସ୍ ସେଥିର ନେତା ଥିଲେ । ବହୁଦିନ ପରେ ତାଙ୍କ ଅବିଷ୍କାର ବର୍ଣ୍ଣନା କରି ସେ କହିଥିଲେ:—"ଯେଉଁ ସାମୁଦ୍ରିକ ଜୀବଟି ମୋର ହାତରେ ସ୍ୱଚ୍ଛନ୍ଦ ଚଳୁଥିଲା ତାହା ଦିଶୁଥିଲା ଲାଲ ରଙ୍ଗର ଏକ ଗୋଲ ପିଠାପରି । ମୋର ହାତ ଭିତରେ ଏହା କଷ୍ଟରେ ଶ୍ୱାସ ନେବାକୁ ଲାଗିଲା । ଯେତେବେଳେ ତାର ଦେହ ଅଭ୍ୟନ୍ତ ଭାବରେ ଉଠୁଥାଏ ଓ ପଡୁଥାଏ । ମନରେ ସବୁଠାରୁ ବେଶୀ ସାହସ ବାନ୍ଧି ଖାଉସ୍ତ୍ର ସ୍ପ୍ରେଞ୍ଜ ଜୀବଟିକୁ ମୁଁ ହାତରେ ରଖି ପାରିଥିଲି ।"

ସାଧାରଣ ଲୋକ ପାଖରେ ଏଇ ସ୍ପ୍ରେଞ୍ଜ ଗୋଲ ଓ ଲାଲରଙ୍ଗର ଜୀବଟି ଗୋଟିଏ ନଗଣ୍ୟ ସାମୁଦ୍ରିକ ପ୍ରାଣୀମାତ୍ର ବୋଲି ମନେ ହୋଇଥାନ୍ତା ଓ ତା'ର ଶ୍ୱାସପ୍ରଶ୍ୱାସରୁ ଏତିକ ମାତ୍ର ଜଣା ପଡୁଥାନ୍ତା ଯେ, ଜୀବଟି ବଞ୍ଚିଛି । ତଥାପି, ସାଧାରଣ ଲୋକର ସେଇ ଧାରଣା ଭୁଲ୍ ବୋଲି ପରିଗଣିତ ହୋଇଥାନ୍ତା ; କାରଣ, ଘଟଣାଟି ପ୍ରକୃତରେ ଥିଲା ଚାଂଚଲ୍ୟକର ଓ ନଗଣ୍ୟ ସ୍ପ୍ରେଞ୍ଜ ସେଇ ଲାଲ ସାମୁଦ୍ରିକ ଜୀବଟି ଥିଲା ଆହୁରି ବେଶୀ ବିସ୍ମୟକର ; ଏପରିକି, ଏହାର ସାମାନ୍ୟ ଶ୍ୱାସ ପ୍ରଶ୍ୱାସରେ ମଧ୍ୟ ତାତ୍ପର୍ଯ୍ୟ ଥିଲା । ସାଗରର ଗଭୀରରୁ ଯେତେ ପ୍ରାଣୀ ଏହା ପୂର୍ବରୁ ଜାବନ୍ତ ଧରା ପଡ଼ିଥିଲେ ସେ ସମସ୍ତଙ୍କର ଦେହର ଆବରଣ ଥିଲା ଅତ୍ୟନ୍ତ ଅଟଳ, ତାଙ୍କଠାରେ ଏପରି ଧିଁଅ ସିଁଅ ହେବାର ଲକ୍ଷଣ ଦେଖା ଯାଇ ନ ଥିଲା । ଏଇ ଲକ୍ଷଣରୁ ନିଶ୍ଚିତ ଭାବରେ ଜାଣି ହେଲା ଯେ, ଏଇ ସ୍ପ୍ରେଞ୍ଜ ଜନ୍ତୁଟିର ଆଦି ପୂରୁଷମାନଙ୍କର ଦେହ ଅଧିକତର ଚର୍ମାବୃତ ଥିଲା ଓ ସେମାନଙ୍କ ପକ୍ଷରେ ପରିବର୍ତ୍ତିତ ଅବସ୍ଥା ସହିତ ଖାପ ଖୁଆଇ ଚଳିବା ସହଜ ଥିଲା ।

ଉତ୍ତର ଆଟଲାଣ୍ଟିକ୍ ମହାସାଗରର ପାଣିତଳେ ପ୍ରାୟ ମାଇଲେ ଗଭୀରରୁ ଏଇ ସ୍ପ୍ରେଞ୍ଜ ଜନ୍ତୁଟିକୁ ଉଠାଇ ଅଣା ହୋଇଥିଲା । 'ଟାଇଟାନିକ୍' ଉପସାଗରର ସମୁଦ୍ର ପୃଷ୍ଠରୁ ତଳକୁ ଛଅମାଇଲ ଗଭୀର ପର୍ଯ୍ୟନ୍ତ ଆଜି ଆମକୁ ଜଣା, ସେ ତୁଳନାରେ ଗୋଟିଏ ମାଇଲ୍ ଗଭୀରତା ଏବେ ବେଶୀ କିଛି ମନେହୋଇ ନ

ପାରେ । କିନ୍ତୁ ଗତ ଶତାବ୍ଦିର ମଧ୍ୟ-ଦଶକବେଳକୁ ସାର୍ ଚାର୍ଲସ୍ ଟମ୍ସନ୍ ଏହା ପାଇଥିଲେ, ସେଇ ୧୮୭୦ ଖ୍ରୀଷ୍ଟାବ୍ଦ ବେଳକୁ ବୈଜ୍ଞାନିକଙ୍କର ଧାରଣା ଥିଲା ଯେ, ଏତେ ଗଭୀରରେ କୌଣସି ଜୀବନ୍ତ ପ୍ରାଣୀ ରହିବା ସମ୍ଭବ ନୁହେଁ । ୧୮୪୦ ଖ୍ରୀଷ୍ଟାବ୍ଦର ନିକଟବର୍ତ୍ତୀ ସମୟରେ ଆଧୁନିକ ବିଶିଷ୍ଟ ମହାସାଗର ବୈଜ୍ଞାନିମାନଙ୍କ ମଧ୍ୟରେ ପ୍ରଥମ ବ୍ୟକ୍ତି, ଏଡ୍‌ୱାର୍ଡ଼ ଫର୍‌ବେସ୍ ଲେଖିଥିଲେ ଯେ, ତିନିଶତ 'ଫ୍ୟାଦମ୍' ( ଫ୍ୟାଦମ୍ = ୬ ଫୁଟ ) ତଳେ ପାଣିଭିତରେ ଅଛି 'ଆ୍ୟାଜେଇକ୍' ଅଞ୍ଚଳ ଓ ସେଥିରେ ଜୀଇଁବା ଅସମ୍ଭବ । ଅନ୍ୟାନ୍ୟ ଅନେକ ତଥ୍ୟ ପରି ତାଙ୍କର ଏ ତଥ୍ୟ ଭୁଲବୋଲି ପରେ ପ୍ରମାଣିତ ହୋଇପାରେ । କିନ୍ତୁ ତାଙ୍କ ପ୍ରତି ଅନ୍ୟର ବୈଜ୍ଞାନିମାନଙ୍କର ସହାନୁଭୂତି ରହିବା ସ୍ୱାଭାବିକ । ଥଣ୍ଡା, ଅନ୍ଧାର ଓ ଉପରୁ ପଡ଼ୁଥିବା ପ୍ରଚଣ୍ଡ ଚାପତଳେ ସେଇ ଗଭୀର ସମୁଦ୍ରର କଥା ସେତେବେଳେ ଭାବିଲେ ମଧ୍ୟ ଭୟଙ୍କର ମନେ ହେଉଥିଲା । ମଣିଷର ମନର ଗହନରେ ଥିବା ସେଇ ଭୟରୁ ଏ ଧାରଣା ହେବା କଷ୍ଟକର ଥିଲା ଯେ, ସଚେତନ ଜୀବମାନେ ଆଦିମ ସମୁଦ୍ର ଗର୍ଭର ପଙ୍କରେ ପହଞ୍ଚିବା ପାଇଁ ଏତେ ତଳକୁ ମଧ୍ୟ ଅଣ୍ଡାଳି ଅଣ୍ଡାଳି ଯାଇଥିଲେ । ପ୍ରଥମ ସୃଷ୍ଟି ପୃଥିବୀର ମଧ୍ୟରାତ୍ରି ଯେପରି, ସେହିପରି ହେଉ ଅତଳ ଜଗତ ମଧ୍ୟ ପ୍ରାଣରେ ଚିହ୍ନଶୂନ୍ୟ ବୋଲି ଲୋକଙ୍କର ଧାରଣା ଥିଲା ।

କିନ୍ତୁ ଆଜି ଆମେ ଜାଣୁ ଯେ ସେଠାରେ ପ୍ରାଣୀଙ୍କର ବସବାସ ଅଛି । ରାତ୍ରିର ଅନ୍ଧାରରେ ଚାଲବୁଲ୍ କରିବା ପାଇଁ ଦେହ ଅପେକ୍ଷା ମୁଣ୍ଡ ଖେଳାଇବା ବେଶି ଦରକାର, ବୋଧହୁଏ ତେଣୁ ସେଇ ଅତଳ ଅନ୍ଧାରରେ ବୁଲୁଥିବା ସାମୁଦ୍ରିକ ଜୀବଙ୍କର ଦେହସବୁ ଖୁବ୍ ଛୋଟ, କିନ୍ତୁ ବଡ଼ ବଡ଼ ଫାନ୍ଦ ପରି ମୁହଁ ଓ ମୁଣ୍ଡସବୁ ପାଣିରେ ଖେଳି ବୁଲେ । ସେଥିରୁ ଡ଼ାହାଣି-ଆଲୁଅ ପରି ଜ୍ୟୋତି ବାହାରେ ; କାହାରି ନାକ ଆଗରୁ ଗଜେ ଲମ୍ବ ଖଡ଼୍‌ଗଟିଏ ବାହାରିଛି ତ କାହାରି ଚକା ଚକା ଡୋଳାରେ ଧରି ପଡ଼ୁଛି ବହୁଦୂରର ସାମାନ୍ୟତମ ଆଲୋକ ବିନ୍ଦୁ । ସେପରି ଖଡ଼୍‌ଗ ଦ୍ୱାରା ସେମାନେ ହୁଏତ ପାଣିତଳେ ଅଣ୍ଡାଳି ଥାନ୍ତି । ଅନ୍ଧାର ଭିତରେ ଜୁଳୁଜୁଳିଆ ପୋକପରି ସେଇ ଆଲୋକବିନ୍ଦୁ ପଛରେ ହୁଏତ ସେମାନେ ଗୋଡ଼ାଇ ଥାନ୍ତି । କିନ୍ତୁ ସାର୍ ଚାର୍ଲସ୍ ଟମ୍ସନ୍‌ଙ୍କ ପାଖରେ

ସେଇ ଅତଳ ଶୂନ୍ୟର ଆଢୁଣ ଏକ ଅର୍ଥ ଥିଲା । ସେ ଭାବିଥିଲେ ସେ ତାହା ଏକ ଅଜ୍ଞାତର ପୃଥିବୀ ।

ତେବେ ଥିଲା ଅଥଚ ଆଜି ନାହିଁ, ଏପରି ହଜି ଯାଇଥିବା ପୃଥିବୀର ଅଧିବାସୀ ସବୁ ମଣିଷକୁ ଚିରଦିନ ଆକୃଷ୍ଟ କରିଛି । ଆଜିର ମଣିଷ ନୀହାରିକା ସମ୍ବନ୍ଧରେ ଗବେଷଣା କରୁଛି, ଅନେକ ବର୍ଷର ହିସାବ ରଖୁଛି । ତଥାପି ମଣିଷର ଜୀବନ କ୍ଷଣସ୍ଥାୟୀ ; ସେହେତୁ ସମସ୍ତ ସୀମାର ବାହାରେ କୌଣସି ଦ୍ୱୀପର ଅସ୍ତିତ୍ୱ ଖୋଜିବାକୁ ତା'ର ବ୍ୟାକୁଳ ହେବାସ୍ୱାଭାବିକ । ମଣିଷ ସୁଲଭ ଅବଲୁପ୍ତି ଏହାକୁ ଛୁଇଁପାରେ ନା;ଏପରି 'ଆଣ୍ଟଲନ' ଦ୍ୱୀପର ଧାରଣା କବିମାନେ ତେଣୁ କରିଛନ୍ତି । ପଣ୍ଡିତମାନେ ମଧ୍ୟ ଏପରି ଅସ୍ତିତ୍ୱ ଖୋଜିବାରେ ପଛେଇ ନାହାନ୍ତି ; ଦ୍ୱୀପରେ ଅଥବା ତୁଙ୍ଗ ପାହାଡ଼ ଘେରା ଅଧିତ୍ୟକାରେ ଅଜ୍ଞାତ ପୃଥିବୀର ଜୀବନ୍ତ ନମୁନା ଖୋଜିବାରେ ସେମାନେ ମଧ୍ୟ ବ୍ୟସ୍ତ । 'ଜେଫାରସନ୍' ବହୁଥର ଏକ ଶିକାରୀର ଗପଟିଏ କହୁଥିଲେ । ସେ ଫାନ୍ଦ ଦ୍ୱାରା ପଶୁଶିକାର କରୁଥିଲା । 'ଭର୍ଜିନିଆ' ଅଞ୍ଚଳର ଜଙ୍ଗଲରେ ସେ କୁଆଡ଼େ ପ୍ରାଗୈତିହାସିକ ଯୁଗର ଅଜ୍ଞାତନାମା ଜୀବର ଆବାଜ୍ ଶୁଣିଥିଲା । ୧୮୬୩ ଖ୍ରୀଷ୍ଟାବ୍ଦରେ ଦକ୍ଷିଣ ଆମେରିକାରେ ଜଣେ ପର୍ଯ୍ୟଟକ କଳ୍ପନା ବଳରେ ନିଜର ଶ୍ରେଷ୍ଠ ଦୂରବୀକ୍ଷଣ ଯନ୍ତ୍ରରେ କୁଆଡ଼େ ଦେଖିଥିଲା ଯେ, ବହୁଦୂରର 'ଆଣ୍ଡିଜ୍' ପର୍ବତ ଶ୍ରେଣୀର ଉପତ୍ୟକାରେ ଆଢୁଣ ଆଦିମ ହାତୀପରି 'ମ୍ୟାଷ୍ଟୋଡୋନ୍' ନାମକ ଜୀବମାନେ ଚରୁଛନ୍ତି ।

ଯେ ଯାହା ହେଉ, ଗତ ଶତାବ୍ଦୀର ମଧ୍ୟଭାଗ ବେଳକୁ ଆବିଷ୍କାରକମାନେ ସବୁରକମ ଜଙ୍ଗଲ ଭିତରେ ପଶି ସାରିଥିଲେ, ସବୁରକମ ନୂଆ ପ୍ରାଣୀ ଦେଖି ସାରିଥିଲେ । କିନ୍ତୁ କୌଣସିଠାରେ ଅତୀତର ଜଗତକୁ ସେମାନେ ଜୀବନ୍ତ ପାଇ ନଥିଲେ । କେବଳ ବାକି ଥିଲା ମହାସାଗରମାନଙ୍କର ଜଳରାଶି । ପୃଥିବୀ ଗ୍ରହର ଏଇ ବିରାଟ ଜଳଭାଗର ଉପରର ସ୍ତର ସିନା ମଣିଷକୁ ଜଣାଥିଲା, କିନ୍ତୁ ଏହାର ଗଭୀର ଅଞ୍ଚଳ ଥିଲା ଅନାବିଷ୍କୃତ । ଅତୀତ କାଳରୁ ଅସ୍ଥିର ମଣିଷ ପାଲ ଉଡ଼ାଇ ସମୁଦ୍ର ପୃଷ୍ଠରେ ଭ୍ରମିଛି ; ବୋଧହୁଏ ନରୱେର ମୁଣ୍ଡଶିକାରୀ 'ଅର୍ଫିନ' ସେମାନଙ୍କ ଭିତରେ ପ୍ରାଚୀନତମ । ସେଇ 'ଅରଫିନ'ଙ୍କ ଅମଳରୁ ମଣିଷର ଅନେକ ଜଳଯାନ ହୁଏତ ସମୁଦ୍ରରେ ବୁଡ଼ିଛି ନଚେତ୍ ସମୁଦ୍ର ତାହାକୁ

ବାସ କରନ୍ତି । ମତ୍ସ୍ୟକନ୍ୟାମାନଙ୍କର ରାଜ୍ୟର ସବୁଜ ଅନ୍ଧାର ଭିତରେ ବୁଡ଼ି ଯାଇଛି ଅସଂଖ୍ୟ ଜଳଦସ୍ୟୁର ଲୁଟିଥିବା ଧନରତ୍ନ ଓ ଅଗଣିତ ଜଳଯୁଦ୍ଧର ମଙ୍ଗ ସବୁ । ତାହା ପଣବର୍ତ୍ତିରେ ମଣିଷ କେବେ କେଉଁ ସନ୍ଧ୍ୟାରେ ଗପକାହାଣୀରେ ବର୍ଣ୍ଣିତ ଜଳକନ୍ୟାର ଶଙ୍ଖ ମଲମଲ ହାତର ଟିକିଏ ଇସାରା ଦେଖିଛି ଅଥବା କୌଣସି ଦ୍ୱୀପରୁ ଶୁଣିଛି କୁହୁକିନୀ ମତ୍ସ୍ୟକନ୍ୟାର ଗୀତ; ରାତ ପାହିଲା ବେଳକୁ ତାହାସବୁ ପାଣି ଉଭେଇ ଯାଉଥିବ ! ଗପକାହାଣୀର ପରବର୍ତ୍ତୀ ଯୁଗରେ ଏସବୁ ପିଲାଳିଆ କଳ୍ପନା ଉଡ଼ି ଯାଇ ରହିଯାଇ ଥିଲା କେତେକ ଜନରବ । ସମୁଦ୍ର-ଦାନବ, ଅଦ୍ଭୁତ ସାପ ସବୁ, ଲୁପ୍ତ ଜଳଜନ୍ତୁମାନଙ୍କ ସମ୍ବନ୍ଧରେ ସେସବୁ କିମ୍ବଦନ୍ତୀ ବହୁଦିନ ବଞ୍ଚି ରହିଥିଲା ।

ସମୁଦ୍ରର ଅତଳରେ ଯେ ଜୀବଜନ୍ତୁ ନାହାନ୍ତି ଏ ବିଶ୍ୱାସ ମଧ୍ୟ ଭାଙ୍ଗି ଗଲା । ସେତେବେଳକୁ ଖବର ଆଦାନ ପ୍ରଦାନ ପାଇଁ ସମୁଦ୍ର ଗର୍ଭରେ ତାର ପୋତା ହେଲାଣି । ସେଇ ପାଣିତଳର ତାର ଉପରେ ଜମୁଥିବା ଶିଉଳି ପ୍ରକୃତ ପଣ୍ଡିତମାନେ ପରୀକ୍ଷା କଲେ, ନୂଆ ଧରଣର ଖନନ ଯନ୍ତ୍ର ଆବିଷ୍କାର କରି ସମୁଦ୍ର ଗର୍ଭକୁ ଖୋଳି ତାଡ଼ି ମେଞ୍ଚା ମେଞ୍ଚା ପଙ୍କ କାଦୁଅ ଇତ୍ୟାଦି ଉପରକୁ ଉଠାଇ ସେମାନେ ଗବେଷଣା ମଧ୍ୟ କଲେ । ଏସବୁରୁ ଯାହାକିଛି ଜଣା ପଡ଼ିଲା, ତାହା 'କୋନାନ୍ ଡଏଲ୍'ଙ୍କ ଲେଖା ବହି 'ଲୁପ୍ତ ଜଗତ୍'ର ବର୍ଣ୍ଣନାର ପ୍ରାୟ ବିପରୀତ । ୧୮୭୦ ମସିହା ବେଳକୁ ସେ ଧାରଣାର ଦୁଇଟି ରୂପ ଗଢ଼ି ଉଠିଥିଲା । ପ୍ରଥମ ମତବାଦରେ କୁହାଯାଇ ଥିଲା ଯେ, ଇତିହାସର ଧରାଛୁଆଁର ବାହାରେ ଅତି ପ୍ରାଚୀନ କାଳରେ ଅଗଭୀର ସମୁଦ୍ରମାନଙ୍କର ଯେଉଁସବୁ ଜୀବଥିଲେ ସେମାନେ କ୍ରମଶଃ ଧ୍ୱଂସହୋଇ ଯାଇଥିଲେ, ସେଇ ଧ୍ୱଂସରୁ ବର୍ଞ୍ଚି ଅତୀତର ଭୂତାତ୍ତ୍ୱିକ ଯୁଗମାନଙ୍କର ବହୁ ସାମୁଦ୍ରିକ ଜୀବମାନଙ୍କର ଜୀବନ୍ତ ଅବଶିଷ୍ଟ ସମୃଦ୍ଧ ସାଗରର ଅତଳରେ ଏବେ ବି ବାସ କରୁଛନ୍ତି । ଦ୍ୱିତୀୟ ମତବାଦଟି ଗଢ଼ି ଉଠିଥାଏ ବୈପ୍ଳବିକ ଦର୍ଶନର ପ୍ରଭାବରୁ, ଏହି ଦର୍ଶନର ଚାର୍ଲ୍ସ. ଡାରୱଇନ୍ ପ୍ରବର୍ତ୍ତିତ ମତବାଦରୁ ଅନୁପ୍ରାଣିତ ହୋଇ ଶକ୍ତିଶାଳୀ ହେଉଥାଏ । ଦ୍ୱିତୀୟ ମତବାଦ ଅନୁଯାୟୀ ଏଇ ବିଶ୍ୱାସ ପ୍ରଚଳିତ ହୋଇଥିଲା ଯେ 'ଅତଳ ସମୁଦ୍ର ଗର୍ଭର ସମତଳ ଭୂମିରେ 'ଉର୍‌ସ୍‌ଲେଇମ୍' ନାମକ ଏକ

ଅଙ୍ଗ' ଜୀବନ୍ତ ବସ୍ତୁର ସ୍ତର ବିସ୍ତୃ ହୋଇଛି ; ପ୍ରାଣୀଜନ୍ତୁର ଉତ୍ସରେ ଯେଉଁସବୁ ଉପାଦାନ ଥାଏ, ଏଇ ଅଧ୍ୟରଣ ସେ ସବୁ ଉପାଦାନର ସମ୍ମିଶ୍ରଣ ଘଟିତ ଓ ଏହା ଜଡ଼ ଏବଂ ଜୀବନର ମଧ୍ୟବର୍ତ୍ତୀ ପର୍ଯ୍ୟାୟର ନିର୍ଦ୍ଦେଶକ ; କାଳ-କ୍ରମେ ଏଥିରୁହିଁ ଜଟିଳତର ଜୀବନ ବିକଶିତ ହୋଇଛି । ଅର୍ଥାତ୍, ସମୁଦ୍ରର ଅତଳରେ କେବଳ ଅତୀତର ଜୀବନ୍ତ ଇତିହାସ ନାହିଁ, ଏଥିରେ ଅଛି ପ୍ରାଣିଜଗତର ବୃତ୍ତାନ୍ତ ରହସ୍ୟ ମଧ୍ୟ ; ସେ ସୃଷ୍ଟିର ଧାରା ଏବେ ମଧ୍ୟ ଚାଲିଥିବ । "ସମୁଦ୍ରର ଗଭୀରରେ" ନାମକ ବହିରେ ସାର୍ ଗ୍ଳର୍ସ୍ ଅନେକ ଉତ୍ସାହବ୍ୟଞ୍ଜକ ଉକ୍ତି କରିଛନ୍ତି ସାହସରେ ଆଗଭର ହୋଇ ସେ ଏହାମଧ୍ୟ କହିଛନ୍ତି ଯେ, "ଏବର ସମୁଦ୍ରର ନାନା ଅଞ୍ଚଳର ଉପରୁ ତଳକୁ ବୁଡ଼ିଲେ ଯେଉଁ ସବୁ ପର୍ଯ୍ୟାୟର ସାକ୍ଷାତ୍ ମିଳେ, ତାହାଙ୍କର କ୍ରମ ପୃଥିବୀର ଚୂଳସ୍ତରର ତଳୁ ଉପରକୁ ଉଠିଥିବା ପ୍ରାଚୀନ ସ୍ତରମାନଙ୍କର ସମାନ୍ତରାଳ ।" ଅବଶ୍ୟ, ସବୁଠାରୁ ତଳେ ଅଛି ବିଶ୍ଳେଷଣର ବହିର୍ଭୂତ, ଜୀବନ୍ତ ସେଇ ଆଦିମତମ ଅଠାଳିଆ ଦ୍ରବ୍ୟ, ଯେପରି ସମୁଦ୍ରର ଅତଳରେ, ସେହିପରି ସମସ୍ତର ଅତଳରେ ଏହାର ଅବସ୍ଥିତି ।

ସମୁଦ୍ରର ଗଭୀର ପ୍ରଦେଶରେ ମଣିଷର ଅନୁସନ୍ଧାନ କ୍ରମେ ବଢ଼ିଲା । ଲୋକେ ଧୀରେ ଧୀରେ ଉପଲବ୍ଧି କରି ପାରିଲେ ଯେ, ଅଣ୍ଡା ଓ ଅନ୍ଧାର ସମୁଦ୍ରର ଅତଳ ଗର୍ଭର ଜଗତ କେତେ ପ୍ରାଚୀନ । ଏହା ସଙ୍ଗେ ସଙ୍ଗେ ଏକ ନୂଆ ଧାରଣାର ମଧ୍ୟ ଉଦୟ ହେଲା ; ଏ ଧାରଣା ସମ୍ବନ୍ଧରେ ମୁଁ ଆଗରୁ ଇଙ୍ଗିତ ଦେଇଛି ; ଏହା ଲୁପ୍ତ ଜଗତ ସମ୍ବନ୍ଧରେ ଆମର ଧାରଣାର ବିପରୀତ । ମଧ୍ୟରାତ୍ରିରେ ଅନ୍ତସ୍ଥ ହୋଇଥିବା ଏକ ସହର ପରି ଏ ଧାରଣାରେ ବର୍ତ୍ତମାନର ଜୀବନଧାରା ଅତୀତ ସହିତ ମିଶିଛି ବୋଲି କହିଲେ କେବଳ ହେବ ନାହିଁ ; ଏ କଥା ମଧ୍ୟ କହିବାକୁ ପଡ଼ିବ ଯେ, ସେଥିରେ ବର୍ତ୍ତମାନ କାଳ ଅତୀତ ସହିତ ସହାବସ୍ଥାନ କରୁଛି । ଅବଶ୍ୟ, ଏହା ଥିଲା ସମୁଦ୍ରର ଅତଳତମ ପ୍ରଦେଶ ; ସେଠି ସୃଷ୍ଟିର ଆଦିରୁ କେବେ ଆଲୋକ ଖେଳି ନାହିଁ ; ତାହାର ବିଶାଳ ଆୟତନ ସମୁଦ୍ରବକ୍ଷର ଉପରେ ଥିବା ଯେ କୌଣସି ମହାଦେଶଠାରୁ ବଡ଼ ।

ପ୍ରାଣୀ ବାସ କରୁଥିବା ପୃଥିବୀର ଅନ୍ୟସବୁ ଅଞ୍ଚଳରେ ପରିବର୍ତ୍ତନ ଘଟିଲେହେଁ, ସମୁଦ୍ରର ଗଭୀର ତଳ ବିନ୍ଦୁମାତ୍ର ବଦଳି ନାହିଁ । ଆମର ଏଇ ପୃଥିବୀ ଭିତରେ ଏହା ଏକମାତ୍ର ସ୍ଥାନ ଯାହାର ଅବସ୍ଥା ଠିକ୍ ସେହିପରି ଅଛି ଯେପରି ତାହା ଥିଲା ସୃଷ୍ଟିର ଆଦ୍ୟରେ । ସେଠାରେ ଉପରୁ ପାଞ୍ଚମାଇଲ୍ ତଳ ପର୍ଯ୍ୟନ୍ତ ମାଡ଼ିଥିବା ପ୍ରଚଣ୍ଡ ଚାପ ବିନ୍ଦୁମାତ୍ର ବଦଳି ନାହିଁ । ସେଠାରେ ଯେପରି, ମେରୁପ୍ରଦେଶ ତଳେ ସେହିପରି, ବିଷୁବରେଖା ତଳେ ମଧ୍ୟ ସମପ୍ରକାର ଥଣ୍ଡା । ସେଠି ଋତୁର ପରିବର୍ତ୍ତନ ନାହିଁ, ସୂର୍ଯ୍ୟର ଆଲୁଅ ନାହିଁ, ପବନ ମଧ୍ୟ ନାହିଁ ଯେ ତରଳ ଦ୍ରାବର ଆସ୍ତରଣକୁ ଟିକିଏ ହଲାଇ ଦେବାକୁ ଲହରୀଟିଏ ଉଠିବ । ତେଣୁ ସେଇ ଦ୍ରାବସ୍ତର ଉପରେ ସୁଦୃଶ୍ୟ ବୃନ୍ତର ଅଗରେ କାଚପରି 'ସ୍ପଞ୍ଜ' ନାମକ ବସ୍ତୁ ଜନ୍ମେ ଏବଂ ସମୁଦ୍ର ଗର୍ଭର ଝରମାନଙ୍କରୁ ଛୋଟ ଛୋଟ ସ୍ୱଚ୍ଛ ବେଲୁନ୍ ପରି ବୁଦ୍‌ବୁଦ୍ କାଦୁଅଉପରେ ଅଦୃଶ୍ୟ ସୂତାରେ ଗୁନ୍ଥା ହୋଇ ଝୁଲୁଥାଏ । ପୃଥିବୀ ଭିତରେ ଏହାହିଁ ଏକମାତ୍ର ଅଞ୍ଚଳ ଯେଉଁଠି ପଶିବା ପାଇଁ ପ୍ରବଳ କଳ୍ପନା ଏକାନ୍ତ ପ୍ରୟୋଜନ । ଏହାଠାରୁ ବେଶି କଳ୍ପନାର ଦୃଷ୍ଟାନ୍ତ ମିଳେ କେବଳ ଗୋଟିଏ କ୍ଷେତ୍ରରେ ଅର୍ଥାତ୍ ଊନବିଂଶ ଶତାବ୍ଦୀର ପ୍ରାଣିବିଦ୍ୟାର କ୍ଷେତ୍ରରେ । ସେ ସମୟର ପ୍ରାଣିବିଜ୍ଞାନୀ-ମାନେ ନିଜର ସାଫଲ୍ୟରେ ଅତ୍ୟୁତ୍ସାହିତ ହୋଇ ପଡ଼ିଥିଲେ ; ତେଣୁ, କଳ୍ପନାବଳରେ ସେମାନେ ଦେଖିବାକୁ ଚେଷ୍ଟା କରୁଥିଲେ ସମୁଦ୍ର ଗର୍ଭରେ କିପରି ପ୍ରାଣ ଜନ୍ମଲାଭ କରେ, ପାଣିର ଅତଳରେ ଅଠାଳିଆ ପ୍ରରଚିତରେ କିପରି ଜୀବନ ଓ ମୃତ୍ୟୁ ଛନ୍ଦ ହୋଇଥାଏ ।

ଯେ କାହାଣୀ ଆରମ୍ଭ ହୋଇଥିଲା ଗତ ଶତାବ୍ଦୀର ଷଷ୍ଠ ଦଶକରେ । ସେତେବେଳେ ଖବର ଆଦାନପ୍ରଦାନ ପାଇଁ ଅଟଲାଣ୍ଟିକ ମହାସାଗର ତଳେ ବୈଦ୍ୟୁତିକ ତାର ସ୍ଥାପନ କରା ହେଉଥିଲା । ବିଜ୍ଞାନର ନାମରେ ସେହି ସମୟରେ ଏକ ଭାରି ବିଚିତ୍ର ଓ ଅବିଶ୍ୱାସ୍ୟ ଭୁଲ ଚଳାଇଦିଆ ଗଲା । ଇତିହାସରେ ଏପରି ଯେତେ ଯେତେ ଭୁଲ କରା ହୋଇଛି, ଏହା ତାହାର ଅନ୍ୟତମ । କୌଣସି ଜଣକ ଉପରେ ଏ ଭୁଲପାଇଁ ଦୋଷ ଲଦିବା ଠିକ ହେବନାହିଁ, କାରଣ ସେ କାଳର ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଜଡ଼ିତ

ଥିଲେ । ବୈଷୟିକ ଜ୍ଞାନରେ ମାତ୍ରାଧିକ ଆସ୍ଥା ଯୋଗୁ ପଣ୍ଡିତମାନେ ମଦଗର୍ବୀ ହୋଇ ଧାରଣା କରିଥିଲେ ଯେ, ପ୍ରାଣୀ ଜନ୍ମ ସମ୍ପର୍କିତ ରହସ୍ୟ ଭେଦର ଉପକ୍ରମ ହୋଇ ଆସିଥିଲା ।

ଜାର୍ମାନୀର 'ହେକେଲ୍' ଓ ଇଂଲଣ୍ଡର 'ହାକ୍ସଲି' ନାମକ ମନୀଷୀ ଦେଖାଇବାକୁ ଅଗ୍ରସର ହୋଇଥିଲେ ଯେ, ଗୋଟିଏ ମାତ୍ର କୋଷ-ବିଶିଷ୍ଟ ପ୍ରାଣସତ୍ତ୍ୱର ଅଂଶ-ବିଭାଜନ ପରେ ମିଳେ ସମୁଦ୍ରର ଅତଳରେ ଥିବା ମାଟି କାଦୁଅରେ ଏକ ସହଜ ସରଳ ଶୃଙ୍ଖଳା ; ସେଥିରେ ଯେଉଁ ଅଠାଳିଆ ଦ୍ରାବକ ରସକ୍ଷରଣ ଘଟେ, ତାହା ଭିତରେ ଜଡ଼ ବି ନାହିଁ, ଜୀବନ ବି ନାହିଁ ; ଏହା କୋଷଗତ ବୈଶିଷ୍ଟ୍ୟଶୂନ୍ୟ ମଧ୍ୟ ।

ମହାସାଗରର ତଳଦେଶ ଯନ୍ତ୍ରସାହାଯ୍ୟରେ ଖୋଳିଲା ବେଳେ ଏଇ ନରମ ଅଠାଳିଆ 'ଜିଲାଟିନ୍' ପରି ବସ୍ତୁ ଉପରକୁ ଉଠା ହୋଇଥିଲା । ଅଧ୍ୟାପକ ହାକ୍ସଲି ଏହାକୁ ବିଶ୍ଳେଷଣ କରି ମତାମତ ଦେଇଥିଲେ । ତାଙ୍କର ବିଖ୍ୟାତ ଜର୍ମାନ ସହକର୍ମୀଙ୍କୁ ଶ୍ରଦ୍ଧା ଦେଖାଇବା ନିମନ୍ତେ ସେ ଏହାର ନାମ ଦେଇଥିଲେ 'ବ୍ୟାଥିବିଆସ୍ ବ୍ୟାଏକେଲଇ' । ( Royal geographical society ) ରାଜକୀୟ ଭୂଗୋଳ ସମିତିର ଅଧିବେଶନରେ ୧୮୭୦ ମସିହାରେ ହାକ୍ସଲି ନିର୍ଭର ଭାବରେ କହିଥିଲେ ଯେ, ସହସ୍ର ସହସ୍ର ବର୍ଗ ମାଇଲ ବ୍ୟାପି ସମୁଦ୍ରର ତଳ ଦେଶରେ ଯେଉଁ ଅଠାଳିଆ ତରଳ ପଦାର୍ଥର ସୂକ୍ଷ୍ମ ଆବରଣ ବିସ୍ତୃତ ହୋଇଛି, ସେଥିରେ ପ୍ରାଣ ଅଛି । ଅଧିକନ୍ତୁ ସେ ଏଇ ଉକ୍ତିକୁ ବ୍ୟାଖ୍ୟା କରି କହିଲେ ଯେ ବୋଧ ହୁଏ ଏଇ ଜୀବନ୍ତ ପଦାର୍ଥର ଅବିରଣ ଚଦରପରି ନିରବଚ୍ଛିନ୍ନ ଭାବରେ ସମସ୍ତ ପୃଥିବୀ ପୃଷ୍ଠକୁ ଘୋଡ଼ାଇଛି ।

ସାର ଚାର୍ଲ୍‌ସ ଥମ୍‌ସନ୍ ଏଇ ମତକୁ ସମର୍ଥନ କରିଥିଲେ ; ସେ ମନ୍ତବ୍ୟ କରିଥିଲେ ଯେ ଏଇ 'ପ୍ରାଣସତ୍ତ୍ୱଠାରେ 'ଇନ୍ଦ୍ରିୟଗତ କୌଣସି ପ୍ରଭେଦର ଲକ୍ଷଣ' ଦେଖାଯାଏ ନାହିଁ ; ଆପାତଦୃଷ୍ଟିରେ, ଏହା 'ପ୍ରୋଟିନ' ସମିଶ୍ରଣର ଏକ ଅନିର୍ଦ୍ଦିଷ୍ଟ ଚଦର ପରି ; ଏହା ଖାଦ୍ୟ ଗ୍ରହଣ କରି ପାରେ ଓ ଖୁବ ଅଳ୍ପ କାରଣରେ ଉତ୍ତେଜିତ ହୋଇଉଠେ······ଏହାଏକ ବିସ୍ତୃ ବିସ୍ତୀର୍ଣ୍ଣ ନିରବୟବ 'ପ୍ରୋଟୋପ୍ଲାଜ୍‌ମ' ବା ପ୍ରାଣ ଦ୍ରବ୍ୟ' । ହେକେଲ୍‌ଙ୍କ ଧାରଣା ଥିଲା ଯେ, ନିଷ୍ପ୍ରାଣ

ପଦାର୍ଥରୁ ଏଇ ଅବୟବହୀନ 'ମୋନେରା' ଉଦ୍ଭୂତ ହୋଇଛି ଓ "ରସାୟନିକ ତଥା ପଦାର୍ଥବିଦ୍ୟା' ସଂକ୍ରାନ୍ତ କାରଣ ମାନଙ୍କରେ ଏହାର ଜୀବନୀଶକ୍ତିର ମୂଳ ନିହିତ ଅଛି । ଏଇ ବର୍ଣ୍ଣନାରେ 'ଉର୍‌ସ୍କ୍ଲେଇମ୍'ର ଚୂଡ଼ାନ୍ତ ରୂପ ପ୍ରକାଶିତ ; ଏଇ 'ଉର୍‌ସ୍କ୍ଲେଇମ୍'ରେ ହିଁ ଗୋଲାପ ଫୁଲ ଓ ପ୍ରଜାପତିର ସମ୍ଭାବନା ରହିଛି ବୋଲି ଧରା ହେଉଥିଲା । ସେ ସମୟରେ ଲୋକଙ୍କର ସବୁଠାରୁ ବେଶି ବିଶ୍ୱାସ ଥିଲା ଜଡ଼ ଓ ଯନ୍ତ୍ର ଉପରେ, ତେଣୁ ଏପରି ଧାରଣାର ବଶବର୍ତ୍ତୀ ହୋଇ ସେମାନେ ବିଶ୍ୱାସ କରୁଥିଲେ ଯେ ମଣିଷ ମାଟି ଓ ମାଟିହିଁ ମଣିଷ ।

ଜଣେ ଲେଖକଙ୍କ ମତରେ ଏଇ ମତବାଦ ଅନେକ ତତ୍ତ୍ୱର ବ୍ୟାଖ୍ୟା ଯୋଗାଇଥିଲା ; ତେଣୁ ସେ ଏହାକୁ ସନ୍ଦେହରେ ମନେ ରଖିଥିଲେ । କିନ୍ତୁ ଏଇ ସୁନ୍ଦର ଧାରଣାଟିର ଦୁର୍ଭାଗ୍ୟ ଯେ, ପରେ ଏଇ 'ବ୍ୟାଥିବିଆସ୍'ର ଅସ୍ତିତ୍ୱ ନାହିଁ ବୋଲି ପ୍ରମାଣିତ ହୋଇଥିଲା । ଅଣୁବୀକ୍ଷଣରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣରୁ ଜଣାପଡ଼େ ଯେ, ଏହା ଏକ କାଳ୍ପନିକ ତତ୍ତ୍ୱ । ପରବର୍ତ୍ତୀ କାଳରେ 'ଚ୍ୟାଲେଞ୍ଜାର' ଜାହାଜ ଯୋଗେ ଯେଉଁ ଅନୁସନ୍ଧାନକାରୀ ଦଳ ପ୍ରେରିତ ହୋଇଥିଲେ, ସେଥିରେ ମିଷ୍ଟର୍ ବୁକାନନ୍ ନାମରେ ଜଣେ ଭାବାବେଗହୀନ ବ୍ୟକ୍ତି 'ବ୍ୟାଥିବିଆସ'ର ସ୍ୱରୂପ ସମ୍ବନ୍ଧରେ ଗବେଷଣା କରୁ କରୁ ଦେଖାଇଥିଲେ ଯେ, ସମୁଦ୍ର ପାଣିରେ କଡ଼ା ସୁରା ମିଶାଇଲେ ସହଜରେ ଏଇ ଅବର୍ଣ୍ଣନୀୟ ଜୀବ ବ୍ୟାଥିବିଆସର ଯାବତୀୟ ଲକ୍ଷଣ ସୃଷ୍ଟି କରାଯାଇପାରେ । ସେ ସମ୍ମିଶ୍ରଣକୁ ପିଇବାର ପ୍ରୟୋଜନ ନାହିଁ ; କେବଳ ତାହାର ନମୁନା ମାତ୍ର ଅଣୁବୀକ୍ଷଣ ଯନ୍ତ୍ରର କାଚ ତଳେ ରଖି ପରୀକ୍ଷା କରିବା ଦରକାର । ତାହାହେଲେ, ଦେଖାଯିବ ଯେ, ପଦାର୍ଥ କଣିକାମାନଙ୍କ ଗୁଚ୍ଛପରି ଏହା 'ଜେଲଟିନ୍' ଜାତୀୟ ଏକ ଅଠାଳିଆ ଦ୍ରାବରସ ପରି ଦେଖାଯାଏ ଓ ସେଥିରୁ ଚୂନରେ ଥିବା 'ସାଲ୍‌ଫେଟ୍' ନାମକ ଉପାଦାନ ଅତ୍ୟଧିକ ସ୍ପଷ୍ଟ ହେବାରୁ ମନେ ହୁଏ ସତେ ଯେପରି ପଦାର୍ଥ କଣିକାମାନ ତାହାର ଜଠରସ୍ଥ ; ଏଣୁ ବାହ୍ୟତଃ ଧାରଣା ହୁଏ ଯେ ସମ୍ମିଶ୍ରଣଟି ପ୍ରଜନନକ୍ଷମତାବିଶିଷ୍ଟ ଜୀବନୀଶକ୍ତିପୂର୍ଣ୍ଣ ।

ଯେଉଁ ନମୁନା ହାକ୍‌ସଲିଙ୍କ ପାଖକୁ ପଠା ହୋଇଥିଲା, ବୋଧହୁଏ ତାହା ମୂଳରୁ ଏହିପରି ଭାବରେ ତିଆରି ହୋଇଥିଲା । ହାକ୍‌ସଲି ଏଇ

ଘଟଣାରେ ବାଦ୍‌ମାନ ବିରକ୍ତ ହୋଇ ନଥିଲେ ମଧ୍ୟ, ଜଡ଼ବାଦୀମାନଙ୍କ ମତବାଦରେ ଏହା ପ୍ରଚଣ୍ଡ ଆଘାତ ଆଣିଥିଲା । ସେତେବେଳେ ବର୍ତ୍ତମାନ ପ୍ରାଣସତ୍ତାମାନଙ୍କର ଏକ ବଂଶାବଳୀ ତିଆରି କରି ତାଙ୍କର ପୂର୍ବପୁରୁଷ ସ୍ଥିର କରିବାରେ ଯେଉଁ ବୈଜ୍ଞାନିକମାନେ ବ୍ୟସ୍ତ ଥିଲେ, ସେମାନଙ୍କ ପକ୍ଷରେ, ଆକାରହୀନ ପ୍ରାଣଶକ୍ତିସମ୍ପନ୍ନ 'ଉର୍‌ସ୍କ୍ଲେଇମ୍‌' ଏକ ସମୃଦ୍ଧ ସ୍ୱପ୍ନର ଆଧାର ଥିଲା । ଗତ ଶତାବ୍ଦୀର ଜୀବବିଜ୍ଞାନୀ ହୋଇଥିବାରୁ ଦୁର୍ଭାଗ୍ୟକ୍ରମେ ସେମାନେ ଭୁଲି ଯାଇଥିଲେ, ଯେ ଉଦ୍ଭିଦ ଜୀବନରେ ମଧ୍ୟ ଏକ ଅଣୁପରମାଣୁମୟ ଜଗତ୍ ଅଛି ଓ ତାହା ଜୀବମାନଙ୍କର ପୁଷ୍ଟିସାଧନରେ ଉଦ୍ଦିଷ୍ଟାନାସ୍ତ । ଏଇ ସବୁଜ ଉଦ୍ଭିଦ ଜଗତରେ ଯେଉଁସବୁ ରହସ୍ୟମୟ ଅଦ୍ଭୁତ ପ୍ରକ୍ରିୟା ପ୍ରାଣକୁ ପୁଷ୍ଟ କରେ, ତାହା ପାଇଁ ଯେ ସୂର୍ଯ୍ୟାଲୋକ ନିତାନ୍ତ ପ୍ରୟୋଜନ, ଏହା ମଧ୍ୟ ସେମାନେ ଭୁଲିଯାଇଥିଲେ ।

ଅବଶ୍ୟ ସମୁଦ୍ରର ଗଭୀରରେ ଅନେକ ରକମର ଜୀବ ରହନ୍ତି । ମଧ୍ୟରାତ୍ରି ପରି ସେଇ ଅନ୍ଧାର ପାଣିତଳେ ଅନେକ ଜୀବ ପିଚ୍ଛୁଳା ଖସି ପଳାନ୍ତି । କିନ୍ତୁ ଏହା ସ୍ଥିରଭାବେ ଜଣାପଡ଼ିଲା ଯେ, ସମୁଦ୍ରର ଗଭୀରରେ ପ୍ରାଣର ଆଦି ଜନ୍ମ ଘଟି ନଥିଲା । ସେଇ ଅନ୍ଧାର କଳା ଅତଳରେ ଅତୀତର ଇତିହାସ ଲୁଚି ରହିଛି, ବହୁ ପ୍ରାଚୀନ ଯୁଗର ଅଦ୍ଭୁତ ଜୀବନ ଧାରା ମଧ୍ୟ ସେଠି ବର୍ତ୍ତମାନ ଥାଇପାରେ । କେତେକ ସମୁଦ୍ରତତ୍ତ୍ୱବିତ୍ ଏପରି ମଧ୍ୟ ଅନୁମାନ କରିଥିଲେ ଯେ ସେଠାରେ ଭୂତାତ୍ତ୍ୱିକ ଯୁଗପରମ୍ପରାର ସ୍ତର ଧାଡ଼ିକି ଧାଡ଼ି ଥୁଆହୋଇ ରହିଛି । କିନ୍ତୁ ତାଙ୍କର ଏ ଧାରଣା ଭୁଲ୍ ପ୍ରମାଣିତ ହେଲା । ସେଇ ପାଣିର ଅତଳରେ ଯେଉଁ ସରୁ ଦେହ ଅଥଚ ବଡ଼ ମୁଣ୍ଡ ବିଶିଷ୍ଟ ଜୀବ ଭାସନ୍ତି, 'ସ୍କୁଇଡ୍' ଜାତୀୟ ଯେଉଁ ମାଛ ବିପଦ ବେଳେ ଏକ କଳାରଙ୍ଗର ଚକ୍‌ଚକିଆ ଧୂଆଁ ସୃଷ୍ଟି କରି ତାହା ଆଳରେ ଅନ୍ତର୍ହିତ ହୁଅନ୍ତି—ସେ ସମସ୍ତେ ପ୍ରାଣୀଜୀବନର ସବୁଠାରୁ ଅଦ୍ଭୁତ ଲକ୍ଷଣ ପ୍ରତି ହିଁ ଇଙ୍ଗିତ କରନ୍ତି ; ସେ ଲକ୍ଷଣ ହେଉଛି—ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ଚିରକାଳର ଅସନ୍ତୋଷ । ପ୍ରାଣୀମାନେ ସଦାବେଳେ ଚାହାଁନ୍ତି ନୂଆ ପରିବେଶରେ ପହଞ୍ଚିବାକୁ ଓ ସବୁଠାରୁ ଜଟିଳ ହେଲେହେଁ ସେଇ

ନୂଆ ପରିବେଶ ସହିତ କ୍ରମଶଃ ନିଜକୁ ଖାପ ଖୁଆଇ ନେବାକୁ । ଏହା ସବୁ ପ୍ରାଣୀର ବଡ଼ମୂଳ ଅଭ୍ୟାସ ।

ବହୁଦିନ ତଳେ, ପିଲାବେଳେ ମୁଁ ଗୋଟିଏ ପୁରୁଣା କୂଅ ଡ଼ାଙ୍କୁଣୀ ଫିଟାଇ ଦେଖିଥିଲି; ମୋର ମନେ ଅଛି ଯେ, ମୁଁ ସେତେବେଳେ ଏକା ଥିଲି । କୂଅ କଡ଼ରୁ ନଇଁ ତଳକୁ ଅନାଇଲା ବେଳେ, ଅନ୍ଧାର ଭିତରେ ବହୁ ଫୁଟ୍ ତଳ ଯାଏ ସୂର୍ଯ୍ୟର ଏକରଶ୍ମି ଖେଳି ଯାଇଥିଲା । କିଛି ନକରି ଦେଖିଲେ ମଧ୍ୟ ମୁଁ ସେଦିନ ଯେଉଁ ଦୃଶ୍ୟ ଦେଖିଥିଲି, ତାହା ଭାବିଲାବେଳେ ଏବେ ବି ମୋର ଲୋମମୂଳ ଟାଙ୍କୁରି ଉଠେ । ପାଣିରୁ ପ୍ରାୟ କୋଡ଼ିଏ ଫୁଟ୍ ଉଚ୍ଚରେ ଗୋଟିଏ କଙ୍କି ଲଗିଥିବା ଲୁହାପାଇପ୍ କୂଅର ଏପଟୁ ସେପଟକୁ ଲାଗିଥାଏ ; ସେଥିରେ ଖଣ୍ଡିର ସେଇ ଗୋଟିକ ଧାର ଛୁଇଁଛି କି ନାହିଁ, ମୁଁ ଦେଖିଲି ଗୋଟାଏ ଲୋମଶ ଓ ବହୁ ଗୋଡ଼ ଥିବା ମାଙ୍କଡ଼ସା ପରି ଜୀବ ଧୀରେ ଧୀରେ ଓ ନିଶ୍ଚିନ୍ତରେ ଅନ୍ଧାର ଭିତରେ ପଶି ଗଲା । ମାଟିତଳର ଯେଉଁ ରହସ୍ୟ ମୋତେ ଏଇ ଦୁଃସାହସ କରିବାରେ ଆକୃଷ୍ଟ କରିଥିଲା, ତାହା ପରି ଏଇ ଜୀବଟି ମଧ୍ୟ ଲୋକ-ଲୋଚନରୁ ଲୁଚି ରହିବାରେ ଅଭ୍ୟସ୍ତ ଥିଲା । ପଟାରେ ଢଆଣ, ଡ଼ାଙ୍କୁଣୀଟି ମୁଁ ପୁଣି କୂଅ ଉପରେ ଘୋଡ଼ାଇ ଦେଲି ସିନା, ମାତ୍ର ସେଇ ଅଦ୍ଭୁତ ଜୀବଟିର ସ୍ମୃତି ଆଜି ମଧ୍ୟ ମୋ ମନରେ ରହିଛି ।

ଜୀବଜୀବନରେ ଯେଉଁ ଅସରନ୍ତି ବୈଚିତ୍ର୍ୟ ଅଛି, ସେ କଥା ଭାବିଲେ ଅନେକ ସମୟରେ ମନରେ ଡର ଲାଗେ । କିନ୍ତୁ ମୋର ମନେ ହେଲା ଯେ, ଜୀବନରେ ପ୍ରଥମ କରି ସେଇ ବୈଚିତ୍ର୍ୟ କଥା ବୁଝି ପାରିଥିଲି । ସେଇ କୂଅ ଭିତରେ ଥିଲା ଏପରି ଏକ ଜୀବ ଯେ ସୂର୍ଯ୍ୟାଲୋକ ନାପସନ୍ଦ କରୁଥିଲା । ଅସ୍ୱାସ୍ଥ୍ୟକର ପାଣି ଉପରେ ସୂଚୀଭେଦ୍ୟ ଅନ୍ଧାରରେ ପଦସ୍ଖଳନର ଭୟ ଥିଲେହେଁ ଏହା ସେହି କ୍ଷୁରଧାର ଜାଗାରେ ଗୃଳିବାକୁ ସକ୍ଷମ ଥିଲା । ଏହା ତଳକୁ ବେଶି ପସନ୍ଦ କରେ ବୋଲି ଉପରୁ ଖସି ଆସିଥିଲା । ଏହିପରି ଜୀବମାନେ ଉପରୁ ସମୁଦ୍ରର ଅତଳକୁ ପଶିଥିଲେ, ସେମାନେ ତଳକୁ ବେଶି ଭଲ ପାଉଥିଲେ । ସମୁଦ୍ର ତଳର ମାଟିରେ ପ୍ରାଣର ଜନ୍ମ ହୋଇନଥିଲା — ସେଇ ଅତଳ ପାଣିର ପଙ୍କରେ ଏପରି କିଛି ସମିଶ୍ରଣ ନଥିଲା । ବରଂ ସେଇ ଅନ୍ଧାର

ଅତଳକୁ ବିଭିନ୍ନ ଧରଣର ଜୀବ ଅଣ୍ଡାଳି ଅଣ୍ଡାଳି ପକାଉଥିଲେ ; ଏଥିରେ ତାଙ୍କ ଦେହରୁ ବାହାରୁଥିବା ଅନୁଜ୍ଜ୍ୱଳ ଜ୍ୟୋତି ଅଥବା ତାଙ୍କ ଯୋମଣିରେ ଥିବା ନଡ଼ାପରି ଶୁଣ୍ଢ ତାଙ୍କୁ ସାହାଯ୍ୟ କରୁଥିଲା ।

୧୮୭୨ ମସିହାର ବ୍ରିଟିଶ୍ ନୌବିଭାଗ ତରଫରୁ ଗୃହବର୍ଷ ଧରି 'ଚ୍ୟାଲେଞ୍ଜାର' ଜାହାଜ ସମୁଦ୍ରଗର୍ଭ ସମ୍ବନ୍ଧରେ ଯେଉଁ ଅନୁସନ୍ଧାନ ଚଳାଇ ଥିଲା ତାହା ଏ ଦିଗରେ ମନୁଷ୍ୟ କୃତ ପ୍ରୟାସମାନଙ୍କ ମଧ୍ୟରେ ସବୁଠାରୁ ଦୁଃସାହସିକ । ଗୃପନ୍ନା ଗବେଷଣାଗାରମାନ ଓ ଦଳେ ନିସର୍ଗତତ୍ତ୍ୱବେତ୍ତାଙ୍କୁ ସେ ଜାହାଜରେ ସ୍ଥାନ ଦିଆ ହୋଇଥିଲା । ତାହା ସମୁଦ୍ର ଉପରେ ୬୯,୦୦୦ ମାଇଲ ଭ୍ରମଣ କରିଥିଲା, ବହୁ ଶହ ଥର ପାଣିର ଗଭୀରତା ମାପିଥିଲା ଓ ଏହାର କର୍ମଚାରୀମାନେ ଯେଉଁ ବିବରଣୀ ସଂଗ୍ରହ କରିଥିଲେ ତାହା ପଚାଶଟି ବୃହତ୍ ଖଣ୍ଡରେ ପ୍ରକାଶିତ ହୋଇଥିଲା ।

'ଚ୍ୟାଲେଞ୍ଜାର୍' ଜାହାଜ ବନ୍ଦର ଛାଡ଼ି ଗଲାବେଳେ ସମୁଦ୍ରତତ୍ତ୍ୱ ମୂଳତଃ ଏକ କଳ୍ପନାଗତ ବିଜ୍ଞାନ ଥିଲା । ସେ ଜାହାଜରେ ବିଜ୍ଞାନୀମାନଙ୍କ ମଧ୍ୟରେ ପ୍ରାଣିତତ୍ତ୍ୱବିତ୍ ସାର୍ ଚାର୍ଲସ୍ ଓ୍ୱାଇଭିଲ୍ ଟମ୍ସନ ଥିଲେ ଗବେଷଣାର ନାୟକ; ଏ ସେଇ ସାର ଚାର୍ଲସ୍ ଯେ କି ଉତ୍ତର 'ଆଟଲାଣ୍ଟିକ୍ ମହାସାଗରରୁ ପୂର୍ବୋକ୍ତ ଲାଲ ରଙ୍ଗର ଷ୍ଟ୍ରେଟ ସମୁଦ୍ରଶିଶୁଟି ଉଠାଇ ଆଣିଥିଲେ । ତାଙ୍କର ବହୁ ସହକର୍ମୀମାନଙ୍କ ସଙ୍ଗେ ସେ ବିଶ୍ୱାସ କରୁଥିଲେ ଯେ, ଯୁଗ ଯୁଗ ଧରି ଅପରିବର୍ତ୍ତିତ, ଅତଳ ମହା ସମୁଦ୍ର ଗର୍ଭରୁ ବାହାରିବେ 'ଜୀବନ୍ତ କଙ୍କାଳ' ସବୁ ଏବଂ ସେମାନେହିଁ ପ୍ରଣୀର ଇତିହାସରେ ହଜି ଯାଇଥିବା ଅଧ୍ୟାୟଗୁଡ଼ିକ ଭିତରେ ସଂଯୋଗ ସ୍ଥାପନ କରିବେ । ସେତେବେଳେ ଟମାସ୍ ହାକ୍ସଲିଙ୍କର ପ୍ରତିପତ୍ତି ତୁଙ୍ଗଶିଖରରେ ଥିଲା । ସ୍ୱଭାବସୁଲଭ ଦୃଢ଼ତା ସହ ସେ ଘୋଷଣା କରିଥିଲେ — 'ଏହା ନିର୍ଭରଯୋଗ୍ୟରେ ଧରି ନିଆ ଯାଇ ପାରେ ଯେ ଯେଉଁ ସବୁ ବସ୍ତୁ ସମୁଦ୍ରଗର୍ଭରୁ ଉଠାହେବ, ସେଗୁଡ଼ିକ ଜୀବନତତ୍ତ୍ୱ ସମ୍ପର୍କିତ ପ୍ରାଚୀନ ନିଦର୍ଶନ ; ଶାନ୍ତ ଓ ପ୍ରାୟ ଅପରିବର୍ତ୍ତିତ ସମୁଦ୍ରର ଗଭୀରରେ ସେ ସବୁ ଏକ ଅତୀତ ଯୁଗର ପ୍ରଧାନ ପ୍ରଧାନ ଜୀବସଂଖ୍ୟାର ପ୍ରତିନିଧି ; ଅଳ୍ପ ଗଭୀର ପାଣିରେ

ଧ୍ୱଂସର ଯେଉଁ ସବୁ କାରଣମାନ ବର୍ତ୍ତମାନ, ଏଇସବୁ ଜୀବ ତହିଁରୁ ପରିତ୍ରାଣ ପାଇଥିଲେ ସମୁଦ୍ରର ଗଭୀରରେ ।'

ସୁଇଜାରଲ୍ୟାଣ୍ଡବାସୀ ବିଖ୍ୟାତ ନିସର୍ଗବିତ୍ ଲୁଇ ଆଗାସିଜ୍ ଉତ୍ସାହ-ସହକାରେ ଏହି ମତକୁ ସମର୍ଥନ କରିଥିଲେ । ତାଙ୍କ ଯୁକ୍ତିରେ, ଗଭୀର ପାଣିରେ "ଆମେ ଆଶାକରୁ ପୂର୍ବତନ ଭୂତାତ୍ତ୍ୱିକ ଯୁଗମାନଙ୍କ ପ୍ରତିନିଧିଙ୍କ ସଙ୍ଗେ ସାକ୍ଷାତ କରିବାକୁ" । ଆଗାସିଜ୍ ଆଗକୁ ବଢ଼ି ଆହୁରି ମଧ୍ୟ କହିଥିଲେ ଯେ, ଯେଉଁ ସବୁ ଅବସ୍ଥା ଚକ୍ରରେ ପ୍ରାଣର ପ୍ରଥମ ବିକାଶ ଘଟିଥିଲା, ତାହାର ନିକଟତମ ରୂପ ଗଭୀର ଜଳରେହିଁ ମିଳିବ । ସେ କହିଥିଲେ ଯେ, ଏକମାତ୍ର ମହାସାଗରର ଗର୍ଭରେହିଁ ସେହିପରି ସ୍ତରତଳେ ଜୀବ ଥିବା ସମ୍ଭବ ଯେଉଁ ସ୍ତର, ତାଙ୍କ ମତରେ ଆଦିମ ପୃଥିବୀର ଘନ ବାୟୁମଣ୍ଡଳରେ ଥିଲା ।

୧୮୭୨ ମସିହାରେ ବନ୍ଦରରୁ 'ଚ୍ୟାଲେଞ୍ଜାର୍' ଜାହାଜ ବାହାରିଲା-ବେଳକୁ ଏହିପରି ଉତ୍ତେଜନାମୟ ସ୍ୱପ୍ନସବୁ ବିଜ୍ଞାନଜଗତରେ ଥିଲା । ଚାରିବର୍ଷ ପରେ ୬୯,୦୦୦ ମାଇଲ ବୁଲି ସେ ଜାହାଜର କ୍ଳାନ୍ତ ବୈଜ୍ଞାନିକମାନେ ଫେରିଥିଲେ । ଜଟିଳ ପୁରୁଣାକାଳିଆ ଯନ୍ତ୍ରସହଯୋଗରେ ସୃଷ୍ଟିର ଆଦି ଜଠରସ୍ଥ ଜିନିଷ ତୋଳି ପ୍ରତ୍ୟେକ ସମୁଦ୍ରର ଢେଉର ଦୋଳାରେ ସେମାନେ ପୀଡ଼ିତ ହୋଇ ପଡ଼ୁଥିଲେ । ଦୁର୍ଲଭ ଜୀବମାନଙ୍କ ଦେହ ସେମାନେ ହାତରେ ଛୁଇଁ ଦେଖିଥିଲେ ଓ ଲକ୍ଷ୍ୟ କରିଥିଲେ ସେଇ ସବୁ ଜିନିଷ ଯାହା ସାଧାରଣ ମଣିଷ ପକ୍ଷେ ଅଲଭ୍ୟ । ସବୁଠାରୁ ବଳି ତାଙ୍କ କୃତିତ୍ୱ ଥିଲା ଯେ, ସେମାନେ ଏକ ପ୍ରକୃତ ସମୁଦ୍ରବିଜ୍ଞାନର ଭିତ୍ତି ରଚନା କରିଥିଲେ । ତଥାପି, ଫେରିଲା-ବେଳେ ତାଙ୍କ ଆଖିରେ ଥିଲା ଏକ ବିସ୍ମୟଶୂନ୍ୟତା ।

ଯେଉଁ ବିଶାଳ, ଅଠାଳିଆ ରବର ଜୀବନ୍ତ ଚାଦର ପୃଥିବୀ ବେଢ଼ି ରହିଥିଲା ବୋଲି ବିଶ୍ୱାସଥିଲା ତାହାର ସନ୍ଧାନ ମିଳି ନଥିଲା । ଏହାକୁହିଁ ଧରି ଯାଉଥିଲା ଉଦ୍‌ବର୍ତ୍ତନର ପ୍ରାଥମିକ ସ୍ତର ବୋଲି । ଏଇଥିରେହିଁ ଜର୍ମାନ ପଣ୍ଡିତ ମାନେ 'ସବୁରକମ ସମ୍ଭାବ୍ୟ ଦିଗରେ ଅନନ୍ତ ବିକାଶର ଅବକାଶ' ଦେଖି-ଥିଲେ । 'ଚ୍ୟାଲେଞ୍ଜାର୍' ଅଭିଯାନରେ ପ୍ରବାଳବିଷୟକ ବିଶେଷଜ୍ଞ ମୋଜ୍‌ଲେ ସାହେବ ସଖେଦରେ ସ୍ୱୀକାର କରିଥିଲେ ଯେ, 'ପୃଥିବୀର ପ୍ରତ୍ୟେକ କୋଣର

ସମୁଦ୍ର ଗର୍ଭରୁ ଯେତେବେଳେ ସମପ୍ରକାର ଜନ୍ତୁମାନେ ଉଠି ଆସିବାକୁ ଲାଗିଲେ, ସେତେବେଳେ ଆମେ କ୍ଳାନ୍ତ ବୋଧ କଲୁ ଓ ଆମର ଉତ୍ସାହ ଧିମେଇ ଆସିଲା ।"

ଅଭିଯାନର ପ୍ରଥମରେ ଜାହାଜର ଡେକରେ କାମ କରୁଥିବା ପିଲା ସ୍ୱନରମାନେ ବି ଦୌଡ଼ି ଆସୁଥିଲେ ଦେଖିବାକୁ ଯେ ସମୁଦ୍ର ତଳରୁ ଜାହାଜର ଗ୍ୱବମାଇଲ୍ ଲମ୍ବ ରଶି କଅଣ ସବୁ ଉଠାଇ ଆଣିଲା । କିନ୍ତୁ, କ୍ରମଶଃ ସେଥିରେ ନୂତନତ୍ୱ ହଜିଯିବା ସଙ୍ଗେ ସଙ୍ଗେ ଦର୍ଶକସଂଖ୍ୟା କମି ଗଲା । ଏପରି କି, ଅଭିଯାନର ବୈଜ୍ଞାନିକ ସଦସ୍ୟମାନେ ମଧ୍ୟ ସଦାବେଳେ ଉପସ୍ଥିତ ରହୁ ନ ଥିଲେ, ବିଶେଷତଃ ଯଦି ଦ୍ୱିପହର ଖାଇବା ସମୟରେ ରଶି ଉଠା ହେଉଥିଲା ।

ଅଭିଯାନର ଆରମ୍ଭରେ ଯେଉଁ ସବୁ ବଡ଼ ଆଶା ଥିଲା, ତାହାସବୁ କ୍ରମଶଃ କ୍ଷୀଣ ହୋଇଯାଇଥିଲା । ତଥାପି, ମୋଜଲେ ସାହେବ ସାର୍ ୱାଇଭିଲ ଟମ୍ସନଙ୍କ ଦୃଢ଼ ପ୍ରତିଜ୍ଞା ଓ ଉତ୍ସାହର ଏକ ଅବିସ୍ମରଣୀୟ ଚିତ୍ର ଦେଇଛନ୍ତି । ତାଙ୍କର ମତବାଦ ନିଃଶେଷ ହେଲବେଳେ ମଧ୍ୟ ସେ ଏହା ବଜାୟ ରଖିଥିଲେ । ସେ ଲେଖିଛନ୍ତି 'ଅଭିଯାନର ଶେଷ ଦିନଯାଏ ସମୁଦ୍ର ତଳରୁ ଯେଉଁ ସବୁ ପ୍ରାଣୀ ଉଠାହୋଇଥିଲା ତାହାର ପ୍ରତ୍ୟେକଟିକୁ ରଶି ଦେଖାହୋଇଥିଲା । ତାହାର ପିଠିରେ 'ବେଲେମ୍ନାଇଟ୍' ଜାତୀୟ ହାଡ଼ ଅଛି କି ନାହିଁ, ଆଗ୍ରହର ସହିତ ଲକ୍ଷ୍ୟ କରାହେଉଥିଲା । 'ଟ୍ରିଲୋବାଇଟ୍'ଜାତୀୟ ଜୀବ ମିଳିବେ କି ନାହିଁ ବୋଲି ଅନୁସନ୍ଧାନ କରାଯାଉଥିଲା । ଏଇ ଦୁଇଟିରୁ ଯେ କୌଣସି ଗୋଟିଏ ମିଳିଥିଲେ ବୁଝାଯାଇପାରିଥାନ୍ତା ଯେ, ଅତି ପ୍ରାଚୀନ 'ପ୍ୟାଲିଓଜୋଇକ୍' ଯୁଗର ପ୍ରାଣୀଟିଏ 'ଚ୍ୟାଲେଞ୍ଜାର୍' ଜାହାଜର ପଛାଉପରେ ଜୀଇଁଥିଲା । କିନ୍ତୁ ସାରୱ୍ୱାଇଭିଲ୍‌ଙ୍କ ଆଶା ଭଙ୍ଗ କରି ସେ ଉଭୟରୁ କୌଣସି ଗୋଟିଏ ବି ଦେଖାଦେଇନଥିଲେ । ଯେଉଁ ସବୁ ଜନ୍ତୁ ଓ କଙ୍କାଳ ହୋଇଯାଇଛନ୍ତି ବୋଲି ବିଶ୍ୱାସ କରାଯାଉଥିଲା, ଅବଶ୍ୟ ସେଥିରୁ ଅଳ୍ପ କେତେକ ଏଠିସେଠି ମିଳିଥିଲେ ; କିନ୍ତୁ ସ୍ଥଳ ବା ଜଳରେ ଯେ କୌଣସି ବିସ୍ତୀର୍ଣ୍ଣ ଅନାବିଷ୍କୃତ ଅଞ୍ଚଳରେ ପ୍ରଥମ କରି ଅନୁସନ୍ଧାନ ଚଳାଇଲେ, ଏପରି ଆବିଷ୍କାର ସ୍ୱାଭାବିକ ।

ସମୁଦ୍ରର ଗଭୀର ଗର୍ଭ ଗୋପନରେ ଆଦିମତମ ପୃଥିବୀର ସେଇ ସବୁ ଜୀବର ଅବଶେଷକୁ ସଞ୍ଚି ରଖିଥିଲା ବୋଲି ବିଶ୍ୱାସ ଥିଲା, ସେଥିରୁ କେହି ମିଳି ନ ଥିଲେ । ଯାହା ସବୁ ମିଳିଥିଲା ତାହା ବରଂ ପରବର୍ତ୍ତୀ ପ୍ରାଚୀନ ଯୁଗର ଜୀବ ଏବଂ ଅଗଭୀର ଓ ଉପରସ୍ତରର ସମୁଦ୍ର ପାଣିରେ ବୁଲୁଥିବା ପ୍ରାଣୀମାନଙ୍କର ବଂଶଧର ଅଥବା ସମ୍ପର୍କିତ; ସେମାନେ ଅପେକ୍ଷାକୃତ ଆଧୁନିକ ଯୁଗର ସାମୁଦ୍ରିକ ପ୍ରାଣୀ । ଅତଳ ସମୁଦ୍ରର ବକ୍ଷ ଉପରେ ଥିବା ମହାଦେଶମାନଙ୍କର ଭୂଭାଗକୁ ଲାଗିଥିବା ଅଗଭୀର ପାଣିର ଜୀବମାନେ ପ୍ରାଚୀନ ଯୁଗରେ ଅବସ୍ଥା ଚକ୍ର ସହିତ ନିଜକୁ ଖାପ ଖୁଆଇବା ପାଇଁ ଅଥବା ସ୍ଥାନ ଛାଡ଼ି ଅନ୍ୟତ୍ର ଯିବାର ପ୍ରବୃତ୍ତି ଯୋଗୁ ଗଭୀର ସମୁଦ୍ର ଗର୍ଭକୁ ଚାଲିଯାଇ ଥିଲେ । 'ଚ୍ୟାଲେଞ୍ଜାର୍' ଜାହାଜରେ ସେଇ ସବୁ ପ୍ରାଚୀନ ପ୍ରାଣୀମାନଙ୍କର କେତେକ ପରିବର୍ତ୍ତିତ ଆକୃତି ମାତ୍ର ମିଳିଥିଲା । ସେଇ ଦୃଷ୍ଟିରୁ କହି ହେବ ଯେ, ସମୁଦ୍ରର ଅତଳତଳର ସମସ୍ତର ସୀମାହୀନ ଏକ କ୍ଷୟିଷ୍ଣୁଅଞ୍ଚଳ ଅଛି କାରଣ ସେଠାରେ ଥିବା ଜୀବମାନଙ୍କୁ ଦେଖିଲେ ବିଭିନ୍ନ ଯୁଗର ପାର୍ଥକ୍ୟ ବାରି ହୁଏ ନା; ପୁରୁଣା ପୃଥିବୀର କେତେକ ପ୍ରାଣୀ ନୂଆ ଓ ଉନ୍ନତତର ଜୀବଙ୍କ ସହିତ ପ୍ରତିଯୋଗିତାରେ ହାରି ଯାଇ କ୍ରମେ କ୍ରମେ ସେଇ ବିହୀନଶୀତଳ ଅଞ୍ଚଳର ଗଭୀରକୁ ଖସି ଯାଇଥିଲେ । ସେଠାରେ ଆଶ୍ରମଦାୟକ ଅନ୍ଧାର ଭିତରେ ସେମାନେ ବଞ୍ଚି ଅଛନ୍ତି, କାରଣ ସେଠାରେ ବସବାସରେ ପରିବର୍ତ୍ତନର ପ୍ରଭାବ ନାହିଁ । କାଳକ୍ରମେ ଅନ୍ୟାନ୍ୟ ଜୀବମାନେ ମଧ୍ୟ ସେଠି ଆଶ୍ରୟ ନେଇଥିଲେ; ସେଇ ବିଶାଳ ଗହ୍ୱର ଭିତରେ ଅଣ୍ଡାଳି ଅଣ୍ଡାଳି ପଶିଥିଲେ ତାହାଣି ଧଣ ପାପ୍ୟମାନ ଜୀବ ଅଥବା ଜ୍ୟୋତିର୍ମୟ ଆଖିବିଶିଷ୍ଟ ପ୍ରାଣୀ । ଉନ୍ନତ ଧରଣର ମେରୁଦଣ୍ଡୀ ଜୀବ ଏବଂ 'ସ୍କ୍ୱିଡ୍' ଜାତୀୟ ମାଛର ସେମାନେ ସମ୍ଭାବ୍ୟ ପୂର୍ବପୁରୁଷ ।

କେବଳ ମେରୁଦଣ୍ଡୀ ଜୀବ ନୁହନ୍ତି, ସ୍ତନ୍ୟପାୟୀ ପ୍ରାଣୀଙ୍କ ମଧ୍ୟରେ ସର୍ବଶେଷରେ ଓ ସଗର୍ଜନରେ ସେଠି ପଶିଥିଲା ବିରାଟ ମେଦବହୁଳ ତିମି ମାଛ; ସେଇ ଅତଳର ଉର୍ଦ୍ଧ୍ୱ ସ୍ତରର କଡ଼େ କଡ଼େ ମାତ୍ର ଅଳ୍ପ କେତେକ ମୁହୂର୍ତ୍ତ ସେ ବୁଲିବାକୁ ସକ୍ଷମ ଥିଲା; ନଚେତ୍ ତାର ବାସସ୍ଥଳ ଥିଲା ପାଣିର ପ୍ରଚଣ୍ଡ ଚାପତଳେ ସେଇ ଜଗତରେ ଯହିଁ ପୁରାଣବର୍ଣ୍ଣିତ 'କ୍ରାକେନ୍' ନାମକ ଅତିକାୟ

ନିବର ସାଗସ୍ଥସ୍ଥ ଜୀବର ବାସ । ତାହା ଶରଣାର୍ଥୀର ଆଶ୍ରୟ ସ୍ଥଳ ହେଲେହେଁ, ଦୁର୍ଭିକ୍ଷ ପୀଡ଼ିତ ନଗର; ସେ ଅଞ୍ଚଳ ଉଦ୍ଭିଦଶୂନ୍ୟ । ସେଠାର ଅଧିବାସୀମାନେ ଅପରଙ୍କୁ ଶିକାର କରି କମ୍ବା ଉପରୁ ଝରି ପଡ଼ୁଥିବା ମଢ଼ ଖାଇ ବଞ୍ଚନ୍ତି । ତେଣୁ ସେଠାର ମାଛମାନଙ୍କର ଶରୀର ଯେପରି ଅଦ୍ଭୁତ ଭାବରେ ସଙ୍କ୍ଷିପ୍ତ, ଗାଲପାଟି ସେହିପରି ବୃହଦାକାର । ପାଣିର ସେହି ଅଞ୍ଚଳରେ ପ୍ରାଣୀମାନେ କାହିଁକି ବହୁ ପରବର୍ତ୍ତୀ ଯୁଗରେ ପଶିଥିଲେ, ଏହାହିଁ ତା'ର କାରଣ ।

ଜୈବରସାୟନ ବଜ୍ଞାନୀମାନଙ୍କ ମତରେ କୋଷବିଶିଷ୍ଟ ପ୍ରାଣୀ ଯେଉଁ ଅବସ୍ଥାମାନଙ୍କରେ ସମ୍ଭବ, ତାହା ଅତ୍ୟନ୍ତ ସୀମାବଦ୍ଧ ପରିବେଶ । ପ୍ରାଣବିକାଶର ଆଦିମତମ ଆରମ୍ଭ କାଳରୁ ଏହି ଅବସ୍ଥାମାନଙ୍କର ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ମଧ୍ୟ ହୋଇ ନାହିଁ । ପ୍ରଥମ ଦୃଷ୍ଟିରେ ଏପରି ବକ୍ତବ୍ୟ ଅବାସ୍ତବ ମନେ ହୋଇ ପାରେ । ପାଣିରୁ ପ୍ରାଣୀମାନେ ହାମୁଡ଼ି ହାମୁଡ଼ି ଉପରକୁ ଉଠିଥିଲେ, ପଡ଼ିଆ ଜମିରେ ବୁଲୁଥିଲେ; ବାୟୁମଣ୍ଡଳ ଭେଦ କରିଥିଲେ ଏବଂ ଏବେବି ଦକ୍ଷିଣ-ମେରୁ ପ୍ରଦେଶର ବରଫାଚ୍ଛନ୍ନ ନିର୍ଜନ ଅଞ୍ଚଳରେ ମଧ୍ୟ ଅଛନ୍ତି ବୋଲି ଜଣା ଯାଇଛି । ପ୍ରାଣୀ ଜୀବନରେ ଏଡ଼େ ବିଶାଳ ବୈଚିତ୍ର୍ୟ ନିଶ୍ଚୟ ସୀମାବଦ୍ଧ ପରି-ବେଶର ବିପରୀତ ବୋଲି ମନେହୁଏ ।

ଅବଶ୍ୟ ଏ ସମସ୍ୟାର ସମାଧାନ ଅଛି ଖୁବ୍ ଶ୍ରେଷ୍ଠ ଗୋଟିଏ ବାକ୍ୟାଂଶରେ, ତାହା ହେଉଛି —'କୋଷଗତ ଜୀବନର ବୈଶିଷ୍ଟ୍ୟ' । ଶ୍ରେଷ୍ଠ ଶ୍ରେଷ୍ଠ କୋଷ-ମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ ଉଦ୍ୟଶକ୍ତି ଅଛି । ତାହାର ମଧ୍ୟରେ ସେମାନେ ବଢ଼ି ପାରନ୍ତି । ଏଥିପାଇଁ ଲୋଡ଼ା ଏକ ଆଭ୍ୟନ୍ତରୀଣ ପୁଷ୍ଟି ଯୋଗାଉଥିବା ତରଳ ପଦାର୍ଥ । ସେହି ତରଳ ପଦାର୍ଥର ସରବରାହ ଅକ୍ଷୁର୍ଣ୍ଣ ରଖିବା ପାଇଁ ବହୁ ବ୍ୟାପକ କୌଶଳମାନ ଅଛି । ଏହି ସବୁ କୌଶଳର ପ୍ରୟୋଗ ଯୋଗୁ ଜୀବନ୍ତ ପ୍ରାଣୀମାନଙ୍କର ଆକୃତିରେ ଏତେ ପ୍ରଭେଦ ଘଟିଛି । ମଣିଷର ଧମନୀରେ ସ୍ତନ୍ୟପାୟୀ ଜୀବର ରକ୍ତ ବହୁ ଥିବାରୁ ଆମକୁ 'ସମୁଦ୍ର-ପାଣିର ଚଳନ୍ତି ଅଳୀ' କୁହାଯାଏ । ଏ ବର୍ଣ୍ଣନା ଅର୍ଥହୀନ ନୁହେଁ, ବିଖ୍ୟାତ ଫରାସୀ ଶରୀର ବଜ୍ଞାନୀ 'ବାର୍ଣ୍ଣାର୍ଡ' ମନ୍ତବ୍ୟ କରିଥିଲେ—"ଆଭ୍ୟନ୍ତରୀଣ ପାରିପାର୍ଶ୍ୱିକ ସ୍ଥାୟିତ୍ୱହିଁ ସ୍ୱାଧୀନଜୀବନର ନିସ୍ତାମକ।" ଏ କଥାର ମଧ୍ୟ ଯଥେଷ୍ଟ ତାତ୍ପର୍ଯ୍ୟ ଅଛି ।

ଏକ ସୃଷ୍ଟିକର ମିଶ୍ରଦ୍ରାବ ଭିତରେ ଆଦିମ ମହାସାଗରର ଅସଂଖ୍ୟ କୋଷ ବିଶିଷ୍ଟ ଜୀବମାନେ ଭାସୁଥିଲେ ଓ ବଞ୍ଚୁଥିଲେ । ଲବଣର ଉପାଦାନ, ଖାଦ୍ୟ ଓ ଆର୍ଦ୍ରତା ପାଇବା ସକାଶେ ଖୁବ୍ ବେଶୀ ଯାନ୍ତ୍ରିକ ଅଦଳ ବଦଳ ଦରକାର ନଥିଲା । ସେଇ ଆଦିମ ଜଳଭାଗରୁ ବାହାରି ଆସିବା ଯୋଗୁଁ ହିଁ ଏପରି ଜୀବନ ଧାରାର ପରିବର୍ତ୍ତନ ଘଟିଲା । ତୀର ଭୂଇଁକୁ ବାହାରି ଆସିଲାବେଳେ ଜଳର ସାମୁଦ୍ରିକ ବୈଶିଷ୍ଟ୍ୟକୁ ସାଙ୍ଗରେ ଆଣିବାକୁ କୋଷମୟ ପ୍ରାଣୀମାନେ ବାଧ୍ୟ ହେଲେ । ସମୁଦ୍ରର ବୈଶିଷ୍ଟ୍ୟ ପାଣିଭିତରେ ତାଙ୍କ ଶରୀରରେ ସର୍ବବ୍ୟାପୀ ଥିଲା; ଭୂଇଁକୁ ଉଠିଲାବେଳେ କୋଷର କଣା ଗୁଡ଼ିକରେ ସେ ବୈଶିଷ୍ଟ୍ୟ ବିସ୍ତୃତ ହେବାକୁ ଲାଗିଲା । ପାଣିରୁ ପ୍ରାଣୀମାନଙ୍କର ବାହାରି ଆସିବାର ଏହା ଏକ ବିସ୍ମୟକର ପ୍ରକ୍ରିୟା । ଯୁଗ ଯୁଗ ଧରି ଅଣ୍ଡାଳି ଅଣ୍ଡାଳି ଅନ୍ଧଭାବରେ ସେ ସବୁ ଦୃଢ଼ପ୍ରତିଜ୍ଞ ପ୍ରାଣମୟ କୋଷ ଭୂଇଁକୁ ଉଠି ଆସିଥିଲେ । ସମଗ୍ର ଜଡ଼ ଜଗତର ଭୂଇଁ ଥିଲା ପଥରରେ ଭର୍ତ୍ତି ; କେବଳ ପ୍ରାଣଶକ୍ତି ହିଁ ଏପରି ପ୍ରକ୍ରିୟା ସହ ଦୀର୍ଘ କାଳ ବଞ୍ଚି ରହିପାରେ ।

ଲୋକେ ଅନେକ ଜାଗାରେ କାମ କରିଛନ୍ତି । ସେମାନେ ଦେଖିଛନ୍ତି ଏଇ ସମୁଦ୍ରଜାତ ପ୍ରାଣସତ୍ତା କପରି ହାମୁଡ଼ାଇ ଉଠି 'ଲଇଚେନ୍' ନାମକ ଉଦ୍ଭିଦ ରୂପରେ ବରଫାଚ୍ଛନ୍ନ ପାହାଡ଼ ଉପରେ ଗର୍ଜୁଥିବା ଝଡ଼ ଭିତରେ ବଞ୍ଚିଛି । ବାଲି ଉପରେ ଦୌଡ଼ିବାରେ ସୁବିଧା ପାଇଁ ମରୁଭୂମିର ବଡ଼ ଝିଟିପିଟିର ଗୋଡ଼ରେ ଥିବା କୌଶଳମୟ ଚର୍ମାବରଣରେ ମଧ୍ୟ ସେମାନେ ଏହାକୁ ଆବିଷ୍କାର କରିଛନ୍ତି । କୌଣସି ଅଜଣା ସ୍ଥାନରୁ ସମ୍ଭବତଃ ମହାଦେଶମାନଙ୍କ ତୀରଭୂଇଁର ଅଗଭୀର ପାଣିରେ ଥିବା ମାଛମନ୍ଦାମାନଙ୍କରୁ ଏହା ହ୍ରଦ ଓ ତୃଣ-ଭୂଇଁମାନଙ୍କୁ ବ୍ୟାପି ଯାଇଛି ଓ ନିଃଶବ୍ଦରେ ପହଞ୍ଚିଛି ମରୁଭୂମିମାନଙ୍କ ସୀମାରେଖାରେ । ଏପରି କି ଏହା ଶିଖିଛି କପରି ଭାବରେ ସହ୍ୟ କରିବାକୁ ହୁଏ—ଫୁଟନ୍ତା ଝରମାନଙ୍କର ଉତ୍ତାପ ଏବଂ କପରି ବଡ଼ ଧରଣର 'ପେଙ୍ଗୁଇନ୍' ଜାତୀୟ ପକ୍ଷୀଙ୍କ ଭଳି ଦକ୍ଷିଣମେରୁର ତୁଷାର ଝଡ଼ ଭିତରେ ଅଣ୍ଡା ଦେବାକୁ ହୁଏ । ଅନୁରୂପ ଭାବରେ ଏହା ସମୁଦ୍ରର ଅତଳ ଆଡ଼କୁ ଯାଉଥିବା ସ୍ରୋତ ସଙ୍ଗେ ମଧ୍ୟ ଭାସିଯାଇଛି । ସମୁଦ୍ରତଳର ପାଣିର ଚାପରେ ଯେପରି, ସେପରି

ତୁଙ୍ଗତମ ପାହାଡ଼ର ପତଳା ପବନରେ ମଧ୍ୟ ବଞ୍ଚିରହିବାର ସମସ୍ୟାର ସମାଧାନ ଏମାନେ କରିଛନ୍ତି । ଏସବୁ ପାରିପାର୍ଶ୍ୱିକମାନଙ୍କରେ ପ୍ରାଣୀସଂଖ୍ୟା ସାମାନ୍ୟ ; ପ୍ରାଣଧାରଣ ପାଇଁ ଯେଉଁସବୁ କୌଶଳ ଲୋଡ଼ା ତାହା ଏସବୁ ଜାଗାରେ ପ୍ରୟୋଗ କରିବା ମୁସ୍କିଲ । ତେଣୁ ଏସବୁ ଅଞ୍ଚଳରେ ପ୍ରାଣୀମାନେ ବହୁ ପରବର୍ତ୍ତୀ ଯୁଗରେ ପଶି ପାରିଥିଲେ । ପୃଥିବୀ ଉପରର ଏସବୁ ଜନଶୂନ୍ୟ ପଡ଼ିଆମାନଙ୍କରେ ପ୍ରାଣଧାରଣର ପରୀକ୍ଷା ନିରୀକ୍ଷା ହୋଇଥିଲା ସବା ଶେଷରେ ।

ତଥାପି ନିୟୁତ ବର୍ଷ ଆଗରୁ ପ୍ରସାରିତ ହେବାର ଯେଉଁ ଧାରା ଆରମ୍ଭ ହୋଇଥିଲା, ତାହା ଏବେ ମଧ୍ୟ ଅବ୍ୟାହତ ଅଛି । ଚାପ, ଉତ୍ତାପ ଓ ଶୁଷ୍କତାର ନୂତନ ପର୍ଯ୍ୟାୟରେ ମଧ୍ୟ ସୀମିତ ସହ୍ୟଶକ୍ତି ଥିବା ଏଇସବୁ କୋଷମୟ ପ୍ରାଣଯନ୍ତ୍ର ତଳମାଳ ସନ୍ତୁଷ୍ଟ ନୁହନ୍ତି ; ସର୍ବଦା ନିଜକୁ ପରିବର୍ତ୍ତିତ ପରିବେଶ ସହିତ ଖାପ ଖୁଆଇବାକୁ ବ୍ୟସ୍ତ । ପ୍ରାଣୀର ଧର୍ମହିଁ ସନ୍ତୋଷ ପରିହାର କରିବା; ତେଣୁ ମଣିଷଠାରେ ମଧ୍ୟ ସନ୍ତୋଷ ନାହିଁ ।

୧୯୪୯ ମସିହାରେ ଯୁକ୍ତରାଷ୍ଟ୍ରର 'ହ୍ୱାଇଟ ସ୍ୟାଣ୍ଡସ୍' ନାମକ ଅସ୍ତ୍ରପରୀକ୍ଷା କ୍ଷେତ୍ରରେ 'ଡାବ୍ଲୁ. ଏ. ସି. କର୍ପୋରାଲ୍' ଶ୍ରେଣୀର ରକେଟ୍ ୨୫୦ ମାଇଲ ଉଚ୍ଚ ବାୟୁସ୍ତରକୁ ପହଞ୍ଚି ଥିଲା, ପୃଥିବୀର ବାୟୁମଣ୍ଡଳ ବାହାରେ ମହାଶୂନ୍ୟର ସୀମା ଛୁଇଁ ଏହା ପୁଣି ଭୂପୃଷ୍ଠରେ ପଡ଼ି ଯାଇଥିଲା । କେଜାଣି କାହିଁକି ମୋତେ ଯୁଗଲଗେ ସେଇ ରକେଟଗୁଡ଼ିକ କଥା ଭାବିବାକୁ । ମୁଁ ଭାବେ କିପରି ବର୍ଷପରେ ବର୍ଷ ସେ ଗୁଡ଼ିକ ପବନସାଗରକୁ ଭେଦ କରୁଛନ୍ତି, ବିଶାଳ ବ୍ୟୋମ ଭିତରେ ଗର୍ଜନ କରି ଗତି କରୁଛନ୍ତି । ହୁଏତ ଅଳ୍ପକାଳ ଭିତରେ ସେଥିରୁ ଗୋଟିଏ ଆଉ ଫେରି ଆସିବ ନାହିଁ । ତାରାଖଚିତ ସନ୍ଧ୍ୟାରେ ବୁଲୁ ବୁଲୁ କେବେ କେବେ ମୋର ମନେ ପଡ଼େ ମନସ୍ୱୀ 'ଆର୍ହେନିଆସ୍'ଙ୍କ ଭୁଲି ଯାଇଥିବା ମତବାଦ । ସେ କହିଥିଲେ ଯେ, ମହାଶୂନ୍ୟରୁହିଁ ପ୍ରାଣର ବୀଜ ପୃଥିବୀକୁ ଆସିଥିଲା ।

ମୋତେ ଖୁସି ଲଗେ ଏକଥା ଭାବିବାକୁ ଯେ, ବୋଧହୁଏ ଏହାହିଁ ସଠିକ୍ ବ୍ୟାଖ୍ୟା—ସେଇ ପ୍ରାଣ ପୁଣି ପ୍ରସାରିତ ହେଉଛି, ନିୟୁତ ବର୍ଷପରେ ପୁଣି ଆପ୍ରାଣ ଚେଷ୍ଟା କରୁଛି ଘରକୁ ଫେରିବାକୁ ।

ଅବଶ୍ୟ ଊନବିଂଶ ଶତାବ୍ଦୀର ଯାନ୍ତ୍ରିକତାବାଦୀ ବୈଜ୍ଞାନିକମାନେ ସମୁଦ୍ରର ଅତଳରେ ପ୍ରାଣୀଜନ୍ମର ମୂଳ ପାଉନଥିଲେ । ସେ କାଳର ରସାୟନିକ ମାନଙ୍କର ପରୀକ୍ଷାଗାରରେ ତରଳ ପଦାର୍ଥରୁ ଯେପରି ଗୋଟିକ ପରେ ଗୋଟିଏ ବୁଦ୍‌ବୁଦ୍ ଫାଟୁଥାଏ, ସେହିପରି ପ୍ରାଣୀଜନ୍ମର ରହସ୍ୟ ମଧ୍ୟ ତାଙ୍କ ପାଖରୁ ଦୂରରୁ ଅଧିକ ଦୂରକୁ ଚାଲି ଯାଉଥାଏ । ପ୍ରାଣର ଉପାଦାନମାନ ଆମକୁ ଜଣା ; ଯେ କୌଣସି ଡାକ୍ତରୀ ଔଷଧ ଦୋକାନରେ ତାହାସବୁ ମିଳିବ । ଯେ କୌଣସି ଲୋକ ତାହା ନେଇ ଆସି ମିଶାଇ, ଆଶାକରି ଅପେକ୍ଷା କରିପାରେ ଯେ ସେଇ ମିଶାଗୋଳା ଦ୍ରାବରୁ ପ୍ରାଣୀଟିଏ ହାମୁଡ଼ାଇ ବାହାରିବ । କିନ୍ତୁ ତାହା ବୃଥା ଆଶା । ଯେଉଁ ପରିବର୍ତ୍ତନଶୀଳ ରସାୟନ ରହସ୍ୟମୟ ସଙ୍ଗତରୁ ପ୍ରାଣରୂପୀ ଧମନୀର ସୁନ୍ଦର ସ୍ୱର ଫୁଟେ, ତାହାର ଧାରା କେବେ ହେଲେ ଧରା ଦେବ ନାହିଁ । ଉଦ୍‌ଜାନ, ଅମ୍ଳଜାନ, ଯବକ୍ଷାରଜାନ ଓ ଅଙ୍ଗାରକାମ୍ଳର ଯେଉଁ ସମାହାର ତାହା ପୂର୍ବପରି ନିର୍ଜୀବହିଁ ହେବ ।

ଗାଁ ସ୍କୁଲରେ ସମସ୍ୟାପୂର୍ଣ୍ଣ ମନ ନେଇ ଅଧ୍ୟାପକ ରୂପରେ ମୁଁ ବୁଲୁଥିଲେ ହେଁ, ମୋର ଶରୀର ଅଙ୍ଗାରକାମ୍ଳର କେତେକ ବୁନ୍ଦା ଓ ସମୁଦ୍ର ପାଣି ଛଡ଼ା ଆଉ କଅଣ ? କିଛି ବୃଷ୍ଟି ନହେଲା ପରି, ଚନ୍ଦ୍ର ଓ ଶୁକ୍ରଗ୍ରହର ସେପଟେ ବହୁ ଦୂରରେ ନୀଳ ଓ ସଫେଦ୍ ମହାବ୍ୟୋମ ଆଡ଼କୁ ମୁଁ ଅନାଏ । ଲହୁଁ ଲହୁଁ ମୋ ଦେହରେ ଶିହରଣ ଖେଳିଯାଏ, ଶରୀରର ପ୍ରତ୍ୟେକ ସ୍ନାୟୁତନ୍ତ୍ରୀରେ ମୁଁ ଅନୁଭବ କରେ ସତେ ଯେପରି କିଏ କଥା କହୁଛି ! ମଣିଷ ଅନ୍ୟଗ୍ରହରୁ ଏ ପୃଥିବୀକୁ ଆସିଛୁ କି ? ଏ ଯୁଗର ଯନ୍ତ୍ର ସାହାଯ୍ୟରେ ଆମେ ସେଇ ଘରକୁ ଫେରି ଯିବୁ କି ? ଯେ କୌଣସି ଠାରୁ ଆମର ଆରମ୍ଭ ହେଉପଛେ ଏବଂ ଯାନ୍ତ୍ରିକତାର ଯେତେ ପ୍ରସାର ହେଉ ନା କାହିଁକି, ପ୍ରାଣେ ବାନ୍ଧି ଆଜି ପୃଥିବୀ ଡେଇଁ ପୁଣି ମହାବ୍ୟୋମର ଶୂନ୍ୟରେ ପଶିବାକୁ ଉଦ୍ୟତ । 'ମାଉଣ୍ଟ ପାଲୋମାର' ରେ ଥିବା ୨୦୦ଇଞ୍ଚ ବ୍ୟାସର ବିରାଟ ଦୂରବୀକ୍ଷଣର ଦର୍ପଣ ତ ଇତିମଧ୍ୟରେ ସେ ସମ୍ଭାବନାର ଇଙ୍ଗିତ ଦେଇସାରିଲେଣି ।

ନିଯୁତବର୍ଷ ବିତି ଯାଇଛି ସେ ଦର୍ପଣର ଆଖି ତିଆରି କରିବାକୁ; ଖଣିରେ ଲୁଚିଥିବା ବାଷ୍ପ, ପାଣି ଓ ଲବଣର ଉପାଦାନରେ ତାହା ତିଆରି ହୋଇଛି ।

ଜୁଆର ପରେ ପଙ୍କ ମାଟିରେ ମେଞ୍ଚା ମେଞ୍ଚା ହେଉଥିବା କ୍ଷୁଦ୍ରାତି କ୍ଷୁଦ୍ର ଜୀବମାନେ ତାହା ଠଉରାଇ କରିବାରେ ସାହାଯ୍ୟ କରିଛନ୍ତି । ଆଲୋକ-ବର୍ଷ ପରେ ଆଲୋକ-ବର୍ଷ ଏକ ମହାସାଗରରୁ ଅନ୍ୟ ମହାସାଗରରେ ଏଇ ଦର୍ଶନଶକ୍ତି ବଳରେ ଜୀବର ମନ ଭ୍ରମିଛି । ତାହା ଯେପରି ଅତଳରେ ପଶିଛି ସେହିପରି ଅପଲକ ଦୃଷ୍ଟିରେ ଖୋଜି ବୁଲିଛି ଶ୍ରେଷ୍ଠ ଶ୍ରେଷ୍ଠ ସୂର୍ଯ୍ୟ ଭଳି ତାରାମାନଙ୍କରେ ଥିବା ପଦାର୍ଥ ଦ୍ରବ୍ୟର ଅବସ୍ଥା ।

ତଥାପି ପାଣିତଳେ ଥିବା ଓ ନୀରଭୂମିର ଦୃଶ୍ୟକୁ ସାବଧାନରେ ନଜର କରୁଥିବା ବେଙ୍ଗର ଆଖିଟିଏ ଦେଖିଲେ ପ୍ରସଙ୍ଗତଃ ମୁଁ ସଦାବେଳେ ଭାବେ ସେଇସବୁ ଯାନ୍ତ୍ରିକ ଚକ୍ଷୁ, ଅର୍ଥାତ୍ ଦୂରବୀକ୍ଷଣର କଥା ଯାହା ରାତି ରାତି ଧରି ମଣିଷ ହଜାର ହଜାର ମାନମନ୍ଦିରମାନଙ୍କରେ ବୁଲାଉଛି । ଏକ ଏକର ବ୍ୟାସ ବିଶିଷ୍ଟ ବୃହଦାକାର ଦୂରବୀକ୍ଷଣ ଯନ୍ତ୍ର ଯୋଗେ ହୁଏତ ଆମେ ଦିନେ ବ୍ୟୋମରୂପକ ପୋଖରୀର ସେପଟେ କୌଣସି ଯାକାରଜୀବକୁ ଆବିଷ୍କାର କରିବା, ତାହାର ଆକାର ଆମର ପସନ୍ଦ ହେଉ ବା ନହେଉ ।

ବେଙ୍ଗର ଆଖିଟିଏ ହାତରେ ଧରିଲାବେଳକୁ ଏ ଭାବନା ମୋର ମନରେ ଜାଗେ, କିନ୍ତୁ ଏପରି ଭାବନାରେ ମୁଁ ଦବିଯାଏ ନାହିଁ । ଶାନ୍ତ ଭାବରେ ଠିଆହୋଇ ମୋର ଦେହ ଓ ହାତ ନିଶ୍ଚଳ ରଖି ସେ ଚେଷ୍ଟା ମୁଁ ଖୁବ୍ କରେ, କାଳେ ବେଙ୍ଗଟି ଡରିଯିବ । ଏହିପରି ଠିଆ ହେଉ ହେଉ ଶେଷରେ ମୋ ମନରେ ଭାବନା ଜାଗେ ଯେ, ପ୍ରାଣୀର ସାଧ୍ୟଶକ୍ତି ଭିତରେ ଏହାହିଁ ଦୃଷ୍ଟିର ନୃତାନ୍ତ ପ୍ରସାରଣ । ଏହାଦ୍ୱାରା ପ୍ରାଣୀଟିଏ ନିଜକୁ ଅପରର ଜୀବନରେ ପ୍ରବେଶ କରାଇପାରେ । ଏକମାତ୍ର ମଣିଷଠାରେହିଁ ଏଇ ବିରାଟ କ୍ଷମତା ସମ୍ଭବ । ଆନ୍ତର୍ଗ୍ରହ ଅଭିଯାନ ଅପେକ୍ଷା ଏହାହିଁ ମଣିଷର ପ୍ରସାରଣ କ୍ଷମତାର ଚରମ ନମୁନା ।

# ନାକୁଆ ଜୀବର କାହାଣୀ

ବହୁ କାଳରୁ ମୁଁ 'ଅକ୍ଟୋପାସ୍' ନାମକ ସାମୁଦ୍ରିକ ପ୍ରାଣୀକୁ ପ୍ରଶଂସା କରିଆସୁଛି । ଅତି ପ୍ରାଚୀନ 'ସେଫାଲୋପଡ୍' ଶ୍ରେଣୀର ଜୀବ ଏଇ 'ଅକ୍ଟୋପାସ୍' ସମୁଦ୍ର ଭିତରେ ନାନା ପରିବର୍ତ୍ତିତ ଆକାର ଭିତର ଦେଇ ଗଢ଼ି ଉଠିଛି । ନରମ ଦେହାଭ୍ୟନ୍ତର ଓ କଠିଣ ବହିରାବରଣ ଥିବା ଜନ୍ତୁମାନଙ୍କ ମଧ୍ୟରେ ଏମାନେ ସବୁଠାରୁ ବୁଦ୍ଧିମାନ୍ । ଯଦିଓ ଅନ୍ୟାନ୍ୟ ଜୀବ ପାଣିରୁ ଭୂଇଁକୁ ଉଠି ଆସିଛନ୍ତି, ଏମାନେ ଯେ ସେପରି ଆସି ନାହାନ୍ତି—ଏହା ମଣିଷ ପକ୍ଷରେ ଶୁଭ ବୋଲି ମୁଁ ମନେକରେ ।

ଅବଶ୍ୟ, ଏଥିରେ ଡରି ଯିବାର ଦରକାର ନାହିଁ । ଏକଥା ସତ ଯେ, କେତେକ ପ୍ରାଣୀ ନିହାତି ଅଖାଡୁଆ । କିନ୍ତୁ ସେଥିଯୋଗୁ ଡରି ନଯାଇ ବରଂ ଉତ୍ସାହିତ ହେବାର କାରଣ ମିଳେ—ନିର୍ଭର ଯୋଗ୍ୟ ଭାବେ ଧାରଣା ହୁଏ ଯେ, ପ୍ରକୃତି ଏବେ ମଧ୍ୟ ଗତିଶୀଳ ଓ ପରୀକ୍ଷା ନିରୀକ୍ଷାରେ ବ୍ୟସ୍ତ । 'ଏଉସ୍ଥେନଅପନ' ବର୍ଗୀୟ ଏକ ମାଛର ଶ୍ରେଣୀ ଦୁଇ ଗୋଡ଼ିଆ ଜୀବରେ ପରିଣତ ହୋଇ ଯୋଲ ଝୋପି ମୁଣ୍ଡରେ ଦେଇଥିବାରୁ ପ୍ରକୃତିର ପରୀକ୍ଷାର ଗତି ସରିଯାଇ ନାହିଁ, ବା ତୃପ୍ତ ହୋଇ ନାହିଁ । ମହାସାଗରର ବିରାଟ ଗର୍ଭରେ ନୂଆ ନୂଆ ଆକୃତିର ପରୀକ୍ଷା ଚାଲିଛି, ନୂଆ ଜୀବ ଜନ୍ମ ହେଉଛନ୍ତି, ବଢ଼ୁଛନ୍ତି । ଏହା ଜାଣି ରଖିଲେ ଆମର ଲାଭ ଅଛି । ଲାଭଅଛି ଏଇଥି ପାଇଁ ଯେ, ଅତୀତର ଅନନ୍ତ ଧାରା ପରି ଭବିଷ୍ୟତର ଧାରା ମଧ୍ୟ ଅଶେଷ । ଏ ସବୁ ଧାରା ଭିତରେ ମଣିଷର ଭୂମିକା ସମ୍ବନ୍ଧରେ ନିଶ୍ଚିନ୍ତ ଧାରଣା କରିବାର ଅବକାଶ ବା କାହିଁ, ଲାଭ ବା କଅଣ ?

ଏବେମଧ୍ୟ ସମୁଦ୍ରଜନ୍ତୁ ପ୍ରାଣୀମାନେ ଭୂଇଁକୁ ଉଠି ଆସୁଛନ୍ତି । କେବେହେଲେ ଏ କଥା ଭାବିବା ଠିକ୍ ନୁହେଁ ଯେ, ପ୍ରାଣୀର ଧାରା ଏବେ ଚିରକାଳ ପାଇଁ ନିଜକୁ ଖାପ ଖୁଆଇ ସାରିଲାଣି, ଆଉ ବଦଳିବ ନାହିଁ । ନ ବଦଳିବାର ଏଇ ବିଶ୍ୱାସ ଅର୍ଥାତ୍ ମଣିଷହିଁ ପରିବର୍ତ୍ତନର ଶେଷ ପର୍ଯ୍ୟାୟ, ଏଇ ଧାରଣା—ଥରେ ଯଦି ମୁଣ୍ଡରେ ପଶିଛି ତେବେ ଆଉକିଛି ବୁଝି ହେବ ନାହିଁ । ଭଛାବେଳେ ପଠା ପଟୁରେ ଥିବା ଜୀବଙ୍କୁ ବୁଝି ହେବ ନାହିଁ, ବୁଝି ହେବ ନାହିଁ—କାହିଁକି ସେମାନଙ୍କୁ ନଜରରେ ରଖିବା ଦରକାର ।

ମୁସ୍କିଲ ହେଉଛି ଯେ, ଆମେ କାହାକୁ ନଜର କରିବୁ ? ଆମେରିକାର ଯେଉଁ 'ଆବିଷ୍କାରକଙ୍କ କ୍ଲବ୍' ଅଛି, ସେଥିରେ ମୋର ଜଣେ ବନ୍ଧୁ ସଭ୍ୟ । ଏକ ଅଭିଯାନରୁ ଫେରି ଅନ୍ୟ ଅଭିଯାନରେ ବାହାରିବା ପୂର୍ବରୁ ଯେତିକି ଅବସର ମିଳେ ତାହା ମଧ୍ୟରେ ସେ କେବେ କେବେ ମୋ ପାଖକୁ ଆସନ୍ତି । କହନ୍ତି ଆଫ୍ରିକାର ଉଗାଣ୍ଡା ଅଞ୍ଚଳର କୁମ୍ଭୀରର ଗାଲପାଟି କି ଆକାରର, ଅଷ୍ଟ୍ରେଲିଆର 'ଆର୍ଣ୍ଣହେମ୍ ଲ୍ୟାଣ୍ଡ୍' ନାମକ ସମୁଦ୍ର କୂଳ ଅଞ୍ଚଳରେ କଅଣ ଘଟିଥିଲା ।

"ବର୍ଷାଝୋପା ପରି ସେଗୁଡ଼ାକ ଗଛରୁ ଝରିପଡ଼ିଲେ ଆମ ଡଙ୍ଗା ଭିତରକୁ" ସେ କହିଲେ ।

ମୁଁ ନ ବୁଝିଲାପରି କହିଲେ—"ଏଁ" ।

ଜୋରଦେଇ ସେ କହିଲେ "କହୁଛିପରା—ଠିକ୍ ସେଇପରି ସେଗୁଡ଼ାକ ଝରିଲେ; ଆଉ ତାଙ୍କୁ ଧରିବା ବି ମୁସ୍କିଲ୍ ।"

'ସତେ ?' ମୁଁ କହିଲି ।

ସେ କହି ଚାଲିଲେ "ଉତ୍ତର ଅଷ୍ଟ୍ରେଲିଆର ସମୁଦ୍ର ବଢ଼ିରେ ତିଆରି ହୋଇଥିବା ଗୋଟାଏ ସରୁ ଖାଲ ଭିତରେ ଆମ କାଠୁଆ ବେଶ ଜୋର୍‌ରେ ଯାଉଥାଏ—ହଠାତ୍ ଧାଏଁ କରି କାଠୁଆଟା ଗୋଟାଏଁ ବୁଦାଭିତରେ ମାଡ଼ିଗଲା, ସଙ୍ଗେ ସଙ୍ଗେ ସେଗୁଡ଼ାକ ଝରି ପଡ଼ିଲେ ।

ମେଞ୍ଚା ମେଞ୍ଚା ହୋଇ ଉପରେ ବସି, ସେଠି ସେଗୁଡ଼ାକ କଅଣ କରୁଥିଲେ ? ସେ ଜାଗା ତ ମାଛପାଇଁ ନୁହେଁ, ତା ଛଡ଼ା, ସେଗୁଡ଼ାକ ଯେଉଁ

ଭାବରେ ଦୟା କରି ଆମ ଉପରେ ତୋଫାନିପଡ଼ିଲେ, ତାହା ମୋତେ କାହିଁକି ମୋଟେ ଭଲ ଲାଗିଲା ନାହିଁ; ତାଙ୍କ ଉପରେ ନଜର ରଖିବା ଦରକାର।"

'କାହିଁକି ?' ମୁଁ ପଚାରିଲି।

'କାହିଁକି ମୁଁ ଜାଣେ ନା' ଅଧୈର୍ଯ୍ୟ ଭାବରେ ଭ୍ରୂକୁଞ୍ଚନ କରି ନିଜର ଚୁଟି, ଚହଳା ହାତ ମୁଣ୍ଡର ବାଳଭିତରେ ଚଳାଇ ଚଳାଇ, ସେ କହିଲେ। 'ମୁଁ ଖାଲି କହିବାକୁ ଚାହେଁ ଯେ ସେଗୁଡ଼ାକୁ ଦେଖିଲାକ୍ଷଣି ସେପରି ମନେହୁଏ। ମାଛ ତ ପାଣିର ଜୀବ—ପାଣିରେ ରହିବା ଉଚିତ, ଠିକ୍ ଯେପରି ଆମେ ଜମିଉପରେ ଘର ଭିତରେ ଥାଉ। ସବୁ ଜୀବର ନିଜ ନିଜ ସ୍ଥାନ ଜାଣିବା ଓ ସ୍ୱସ୍ଥାନରେ ରହିବା ଉଚିତ। କିନ୍ତୁ ସେଇ ମାଛଗୁଡ଼ାକ କେମିତି ଗୋଟାଏ ଖସିଯିବାର କାଇଦା ଜାଣନ୍ତି; ଯେତେ ଯେପରି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବା ସର୍ତ୍ତାଧୀନ ଭାବରେ ରହିବାରେ ତାଙ୍କର ଅନିଚ୍ଛା! ବୁଝିଲ ନା ମୋ କଥା ?'

ଗମ୍ଭୀରଭାବରେ ମୁଁ କହିଲି, 'ହିଁ ବୁଝିଲି; ସେଗୁଡ଼ାକ ଉପରେ ନଜର ରଖିବା ଦରକାର। ମୋ ସ୍ତ୍ରୀ ମଧ୍ୟ ସେଇ କଥା କହନ୍ତି, କହନ୍ତି ଯେ ଖାଲି ଏମାନେ ନୁହନ୍ତି, ଗୁଡ଼ାଏ ଜୀବ ଉପରେ ଦୟାକରି ନଜର ରଖିବା ଦରକାର।'

ଉତ୍ସାହ ସହକାରେ ସେ କହିଲେ 'ସତେ ସେ ଏକଥା କହନ୍ତି ? ତା ହେଲେ, ମୁଁ ଏକା ଏକଥା କହୁ ନାହିଁ, କାହିଁକି କେଜାଣି ମୋତେ ସେପରି ବୋଧ ହୁଏ ?—ସେ ଜାଣି ନ ଥିଲେ; କିନ୍ତୁ ମୋର ମନେହେଲା, କାରଣଟା ମୋତେ ଜଣା।

ଏ ଜାତୀୟ ଜୀବଙ୍କର ସୃଷ୍ଟିର ଆଦି ଯେପରି, ଏମାନଙ୍କର ଜନ୍ମ ମଧ୍ୟ ସେଇପରି ଭାବରେ ଆରମ୍ଭ ହୋଇଥିଲା—ଅଲକ୍ଷିତ ସନ୍ତସନ୍ତିଆ ଜମିର ଚକଟା ମାଟିରେ ଯେଉଁଠି ଗ୍ରହଣ ଲାଗିଥିବା ଜହ୍ନପରି ଛୋଟ ଛୋଟ ଆଲୁଅର ବୃନ୍ଦ ଅନ୍ଧାର ମଧ୍ୟରେ ଖେଳୁଥାଏ; ସେଠି ଦମ୍ ବନ୍ଦ ହେଲାବେଳେ ପବନ ପାଇଁ ଧକେଇବା ଅବସ୍ଥାରୁ ଏହି ଧାରାର ଜନ୍ମ।

ଗଡ଼ିଆମାନଙ୍କରେ ତ ମଇଳା ଓ ସଡ଼ାଳିଆ ପୂରିଛି—ସେଇ ଦୂଷିତ ଦୁର୍ଗନ୍ଧରେ ପୂର୍ଣ୍ଣ ପାଣିରେ ଅମ୍ଳଜାନର ଅଭାବରେ ମାଛମାନଙ୍କର ଗାଲିଫି

କଷ୍ଟରେ ଶ୍ୱାସଯନ୍ତ୍ରର କାମ କରୁଥାନ୍ତି । ବେଳେବେଳେ ପାଣି କେତେ ଶୁଖିଯାଏ ଯେ ଗ୍ରୀଷ୍ମରୁ ଆନ୍ତର ଗ୍ରୀଷ୍ମ ହେଉଥିବା ପାଣିର ହ୍ରଦମାନଙ୍କରେ ପ୍ରଚଣ୍ଡ ଖରା ଏଡ଼ି ପଳାଇବାର ଆପ୍ରାଣ ଚେଷ୍ଟାରେ ମାଛମାନେ ଡେଇଁପଡ଼ନ୍ତି । କିନ୍ତୁ ବହଳ ଓ ଉତ୍ତପ୍ତ କାଦୁଅରେ ପଡ଼ି ମରିଯାନ୍ତି । ଖୁବ୍ ଟାଣୁଆ ପାହ୍ୟାର ପ୍ରାଣୀମାନେ ସେଠାରେ ଜନ୍ମି ଥିଲେ, ସେଠାରେହିଁ ମଣିଷର ମଗଜ ଆରମ୍ଭ ହୋଇଥିଲା ।

ସେଇସବୁ ପାଣିରେ ଥିଲେ ଅଦ୍ଭୁତ ଧରଣର ନାକୁଆ ଜୀବମାନେ— ସବୁଠାରୁ ଭଲେ ଥିଲେ କିଂଭୂତକିମାକାର କଣ୍ଟିଆ ମାଛପରି ଜୀବ । ଯୋମଣୀ ଘଷିଘଷି ସେମାନେ ବାଟ କାଢ଼ୁଥିଲେ; ଅଭ ଥିଲା ଅସରନ୍ତି ସମୟ ! ଉନକୋଟି ବର୍ଷକାଳ ପୃଥିବୀ ପୃଷ୍ଠର ଅଧିକାଂଶ ଜାଗାରେ ଥିଲା ଏଇ ଚକଟା ପଙ୍କପାଣି । ଏଇ ବିରାଟ ଗଡ଼ିଆର ବାହାରେ ଦିନସାରା ଖେଳୁଥାଏ ଭୟଙ୍କର ଖରାର ଉତ୍ତାପ; ରାତିବେଳକୁ ସୂର୍ଯ୍ୟ ବୁଡ଼ି ଯାଉଥାଏ ଧୂଆଁଳିଆ ଲାଲରଙ୍ଗ ଭିତରେ । ବହୁ ପ୍ରାଚୀନ କାଳର କେତୋଟି ଉଦ୍ଭିଦ ଛଡ଼ା ସେ ଯୁଗର ବିରାଟ ପଡ଼ିଆ ସବୁରେ ଆଉ କିଛି ନଥାଏ; ତାହାର ଉପର ଦେଇ ବହି ଯାଉଥାଏ ଧୂଳିଝଡ଼ ପରେ ଧୂଳିଝଡ଼ । କଷ୍ଟସହ, କଠିଣ ସେସବୁ ଉଦ୍ଭିଦ ଭୂତପରି ଜୀଇଁଥାନ୍ତି କେଉଁଠି କେଉଁ ପାଣି କୂଳରେ । ବାକୀ ସବୁ ବିଶାଳ ତୃଣସ୍ଥାନ ଉଚ୍ଚ ଭୂଇଁରେ ବହି ଯାଉଥିବା ଅଶ୍ରାନ୍ତ ପବନ ଯୁଗ ଯୁଗ ଧରି ଲାଲରଙ୍ଗର ପଥର ଉପରେ ପିଟି-ହୋଇ ସେଗୁଡ଼ାକୁ ମୁହଁ ଦେଖାଯିବା ପାଲିଶ୍ ଦର୍ପଣଭଳି କରି ଦେଉଥାଏ । ଭୂଇଁକୁ ସ୍ୱସ୍ଥାନରେ ଅଟକାଇ ରଖିଲାପରି କୌଣସି ବସ୍ତୁ ସେତେବେଳେ ନ ଥାଏ । କେତେ ଜମିସବୁ ଫାଟି ଫାଟି ଖସି ପଡ଼ୁଥାଏ । ପବନ ଗର୍ଜୁଥାଏ, ଧୂଳି-ଝଡ଼ ମେଘଦଳ ପରି ମାଡ଼ୁଥାଏ, ଗ୍ରୀଷ୍ମ ଗ୍ରୀଷ୍ମ ପାଣିନାଳ କାଦୁଅ ପଙ୍କରେ ଅଟକି ଅଟକି ଧାଇଁଥାନ୍ତି ସମୁଦ୍ର ଆଡ଼କୁ । ସେ କାଳର ସବୁ ବିପର୍ଯ୍ୟସ୍ତ କଥା ଭାବିଲେ ମୁଣ୍ଡ ଘୂରିଯିବ ! ତାହା ଥିଲା ପରିବର୍ତ୍ତନର ଯୁଗ !

କେବେ କେବେ ସେଇ ବିରାଟ ଗାଡ଼ିଆର ବନ୍ଧ ଆବରଣ ଭେଦ କରି ନାକୁଆ ଜନ୍ତୁଟିଏ ଉପରକୁ ମୁଣ୍ଡ ଟେକୁଥିଲା, ଅଦ୍ଭୁତ ରକମର ଶୁଁ ଶୁଁ ଶବ୍ଦ କରି ପବନରୁ ନିଃଶ୍ୱାସ ମାରୁଥିଲା ଏବଂ ତା'ପରେ ପୁଣି ଭଉଁରିଟିଏ ସୃଷ୍ଟି କରି ତା' ଭିତରେ ବୁଡ଼ି ଯାଉଥିଲା । ଗଡ଼ିଆଟା ଥିଲା ଅଗଭୀର ତା'ର ପାଣି ଯେପରି

ଦୂଷିତ ହୋଇପଡ଼େ ସେଥିରେ ଥାଏ ଅମ୍ଳଜାନର ଅଭାବ । କିନ୍ତୁ ସେଥିରେ ଜନ୍ତୁମାନେ ମରିବାକୁ ବ୍ୟଗ୍ର ନ ଥିଲେ ! ଗୋଟାଏ ସାହାଯ୍ୟକାରୀ ଫୁସ୍‌ଫୁସ୍ ଜରିଆରେ ସେମାନେ ସିଧାସଳଖ ପବନରୁ ଶ୍ୱାସନେଇ ପାରୁଥିଲେ । ସେମାନେ ଚାଲି ପାରୁଥିଲେ ମଧ୍ୟ । ସେହି ଭୂତରାଜ୍ୟ ପରି ପ୍ରାଣହୀନ ପରିବେଶରେ କେବଳ ସେଇମାନେହିଁ ଚାଲି ପାରୁଥିଲେ । ଅବଶ୍ୟ, ନିହାତି ବାଧ୍ୟ ନହେଲେ ସେମାନେ ଚାଲୁ ନଥିଲେ । ଏଥିରେ ଆଶ୍ଚର୍ଯ୍ୟ କିଛି ନଥିଲା, କାରଣ ସେମାନେ ଥିଲେ ମାଛଜାତୀୟ ଜନ୍ତୁ ।

ଗଡ଼ିଆଟିଏ କାଳକ୍ରମେ ପାଣିର ଗ୍ରୀଷ୍ମ ଋତୁରେ ପରିଣତ ହେଲା; ତଥାପି ସେଇ ନାଲୁଆ ଜୀବ ସେଥିରେ ଜୀଇଁଥାଏ । ଦିନେ ଅନ୍ଧାର ରାତିରେ କାକର ପଡ଼ିଲା ଓ ନିର୍ଜଳା ନଦୀ ଗର୍ଭକୁ ଭୀଷଣ ଅଣ୍ଡା ଆସିଲା । ପରଦିନ ସୂର୍ଯ୍ୟୋଦୟ ବେଳକୁ ସେଇ ଗଡ଼ିଆରେ ଥାଏ ଖାଲି ଶୁଖିଲା ଫାଟାମାଟି; କିନ୍ତୁ ତାହା ଥିଲା ଶୂନ୍ୟ, ନାଲୁଆ ଜୀବ ଆଉ ସେଥିରେ ନଥାଏ; ସେ ଚାଲି ଯାଇଥାଏ । ଶୁଖିଥିବା ନଦୀଧାରର କଡ଼େ କଡ଼େ ତଳକୁ ଅନ୍ୟସବୁ ଗଡ଼ିଆ ଥିଲା । ତେଣୁ ସେ ତା'ର ସରୁ ଡେଣା ଉପରେ ଭରାକରି ଧୀରେ ଧୀରେ ଝୁଣ୍ଟି ଝୁଣ୍ଟି ଆଗେଇ ଯାଇଥିଲା ।

ସେ ଦୃଶ୍ୟ ଦେଖିବାକୁ କେହି ତା' ପାଖରେ ଥିଲେ, ଏହା ରହସ୍ୟମୟ ମନେ ହୋଇଥାନ୍ତା । ସେତେବେଳେ ନଜରରେ ପଡ଼ିଲାଭଳି ଭ୍ରମଣ ଏହା ନ ଥିଲା । ଶିଶିରଝରା ରାତିର ଅନ୍ଧାରତଳେ ଓ ସନ୍ତସନ୍ତିଆ ଜମିରେ ଏପରି ଭ୍ରମଣରେ ସୁବିଧା ବେଶିଥିଲା । ଏକ ନିପିଡ଼ ଜୀବ ମନା ହୋଇଥିବା ରାଜ୍ୟରେ ଜବରଦସ୍ତି ପଶୁଥିଲା—ଏହା ଆପତ୍ତିକର ନୁହେଁ ତ ଆଉ କଅଣ ? ତେବେ, ନାଲୁଆ ଜୀବଟି ଆଲୁଅରୁ ନିଜ ମୁହଁକୁ ଲୁଚାଇ ଥିଲା । ସେ ମୁହଁ ଦେଖିଲେ ନିଶ୍ଚୟ ହସ ମାଡ଼ିବ, କିନ୍ତୁ ନ ହସିବାହିଁ ଭଲ । ତିନିକୋଟି ବର୍ଷପରେ ସେ ମୁହଁ ମଣିଷର ମୁହଁରେ ପରିଣତ ହୋଇଥିଲା !

ନାଲୁଆ ଜୀବଟିର ମଗଜ ଭିତରେ କଅଣ ସବୁ ଥାଏ ? ସେତ ଆଉ ପୂରାପୂରି ମାଛ ନ ଥିଲା । କେଉଁଠା ପଙ୍କରେ ତାର ଗୋଡ଼ ଚିହ୍ନିତ ହୋଇ ଯାଇଥାଏ । ଜଳାଭୂମି ଓ ପଠା ସମ୍ବନ୍ଧରେ ବିଶେଷଜ୍ଞ ବୈଜ୍ଞାନିକମାନେ ଏଇ

ପର୍ଯ୍ୟାୟର ପ୍ରାଣଧାରଣ ବିଷୟରେ ଆମକୁ କହି ପାରନ୍ତି । ଏହିଠାରେହିଁ ପ୍ରାଣୀମାନେ ଭେଟନ୍ତି ଚୂଡ଼ାନ୍ତ ରକମର ପରସ୍ପର ବିରୋଧୀ ଅବସ୍ଥା ସମୂହ । ପାଣିରେ ପ୍ରାଣଧାରଣ କରିବାରେ ବ୍ୟର୍ଥ ହୋଇଥିବା ଜୀବ ଏହିଠାରେ ନୈରାଶ୍ୟରେ ଉତ୍ପୀଡ଼ିତ ହୋଇ ଆପ୍ରାଣ ଚେଷ୍ଟାରେ ଆରମ୍ଭ କରନ୍ତି ନୂଆ ବର୍ଗର ଜୀବନ ପର୍ଯ୍ୟାୟ । ଜୀଇଁବା ସକାଶେ ପରିବେଶ ସହିତ ଖାପ ଖୁଆଇବା ପାଇଁ ଅଦ୍ଭୁତ ସବୁ କାଇଦା କୌଶଳ ଏଠାରେ ଦେଖାଯାଏ, ନୂଆ ଇନ୍ଦ୍ରିୟ ଚେତନାର ସୃଷ୍ଟି ହୁଏ । ନାକୁଆ ଜୀବଟି ମଧ୍ୟ ଏହାର ବ୍ୟତିକ୍ରମ ନ ଥିଲା । ମୂଳତଃ ଅବଶ୍ୟ, ଏହା ଜୀଇଁଥାଏ ଓ ବୁଲୁଥାଏ ନୂଆ ପାଣିରେ ବସବାସ ଖୋଜିବାକୁ, କିନ୍ତୁ ପ୍ରକୃତରେ ଏକ ଜଳଚର ଜୀବ ଉଭୟଚର ହେଉଥାଏ ।

ଏକ ଦୂଷିତ, ଅସୁବିଧାଜନକ, ଅମ୍ଳଜାନର ଅଭାବ ଥିବା ପାଣିର ପରିବେଶରେ ଏହା କୌଣସିମତେ ଜୀଇଁଥିଲା ସିନା ; ମାତ୍ର ଏହା ମାଛ ହିସାବରେ ସଫଳକାମ ନ ଥିଲା । ଶୀଘ୍ର ସେଦିନ ଆସୁଥାଏ ଯେତେବେଳେ ଏହି ବର୍ଗର ଶେଷ ପ୍ରାଣୀସବୁ ମହାଦେଶମାନଙ୍କର ସମୁଦ୍ରତୀରରେ ଥିବା ପାଣିରୁ ନିଜର ନିରାପତ୍ତା ପାଇଁ ଖସିଯାଇ ମହାସାଗରମାନଙ୍କର ଅନ୍ଧାର ଅତଳରେ ଆଶ୍ରୟ ନେଇଥିଲେ, କାରଣ ତାଙ୍କଠାରୁ ଶୀଘ୍ରଗତି ଓ ଅଧିକ ହିଂସ୍ର ମାଛମାନେ କୂଳର ପାଣିରେ ତାକୁ ହଇରାଣ କରିଥିଲେ । କିନ୍ତୁ ନାକୁଆ ଜୀବଟି ଥିଲା ମିଠାପାଣିର 'କ୍ରସୋପଟେରିଗିଆନ୍' ଶ୍ରେଣୀରେ ଅନ୍ତର୍ଭୁକ୍ତ ; ଏହାହିଁ ତାହାର ପ୍ରଚଳିତ ନାମ । ଭିଜା ଦେହଧରି ଘୋଷାରି ଘୋଷାରି ଆଗେଇଲାବେଳେ ତା'ର ଆଖିର ପଛଆଡ଼େ କଅଣ ଗୋଟାଏ ଘଟୁଥିଲା । ଗଡ଼ିଆର ଚଟକଟା ପଙ୍କର ଫେଣ ନିଜର କାମ ସେଠି ଆରମ୍ଭ କରି ଦେଇଥିଲା ।

ନାକୁଆ ଜୀବଙ୍କର ବହୁ ଦୂରବର୍ତ୍ତୀ ବଂଶଧରମାନେ ଆମେ, ସେଇ ସାଗୁଆ ପଙ୍କର ପ୍ରଭାବ ବିନା କି ଧରଣର ଜୀବ ହୋଇଥାନ୍ତୁ ତାହା ଭାବିବାକୁ ମଜା ଲାଗେ । ହୁଏତ ଆମେ ସ୍ତନ୍ୟପାୟୀ କୀଟ ମାତ୍ର ହୋଇଥାନ୍ତୁ । ଆମର ପରି ତାଙ୍କର ମଗଜ ନିଦା, ଯନ୍ତ୍ରବତ୍ ପ୍ରତିକ୍ରିୟାରେ ତତ୍ପର, ସୂକ୍ଷ୍ମ ତାରପରି ସ୍ନାୟୁତନ୍ତ୍ରୀ । ଜଟିଳ କଳକବ୍ଜାରେ ଗଢ଼ା କିନ୍ତୁ ମନ ନ ଥିବା ଘଣ୍ଟାଟିଏ ଯେପରି ଦମ ସରିଗଲେ ବନ୍ଦ ହୋଇଯାଏ, ସେହିପରି ସୁନ୍ଦର ଘଣ୍ଟାଟିଏ ଭଳି

ଆମର ଜୀବନ ମଧ୍ୟ ନିଃଶେଷ ହୋଇଥାନ୍ତା । ଅଧିକ ସମ୍ଭବ ଥିଲା ଯେ, ଆମେ ହୁଏତ ଏ ଜଗତରେ ଆଦୌ ବଞ୍ଚି ରହି ନ ଥାନ୍ତୁ । ନାକୁଆ ଜୀବ ଓ ସେଇ ଚିକଟା ପଙ୍କ ଏ ଦିଗରେ ଆମକୁ ସାହାଯ୍ୟ କରିଛି । ହୁଏତ ସେଇ ପଙ୍କରେ, ଯେଉଁ ପଡ଼ିଥିବା ସବୁ ମାଛ ମୁଣ୍ଡରେ ଗଡରେ କାଦୁଅ ଭିତରେ ଜଳୁଥିବା ଆଲୋକ ବିନ୍ଦୁ ପଛରେ ଚିର ରହସ୍ୟମୟ ଭଗବାନଙ୍କର ହାତ ସଯତ୍ନରେ କାମ କରୁଥିଲା । ସେଠି ପରିବର୍ତ୍ତନ ଯେ ବେଶି ହୋଇଥିଲା ତା ନୁହେଁ, ଖାଲି ଯୋଡ଼ିଏ ବୁଦ୍ ବୁଦ୍ ମାତ୍ର ଉଆସ ହୋଇଥିଲା । ନାକୁଆ ଜୀବଟିର ସାନ ମଗଜର ଶେଷରେ ଦୁଇଟି ପତଳା ଆବରଣ ଥିବା ଶ୍ରେଷ୍ଠ ବେଲୁନ୍ ପରି ଆଖି ସଂଯୁକ୍ତ ହୋଇଥିଲା, ଏହିପରି ଭାବରେ ସୃଷ୍ଟି ହୋଇଥିଲା ମସ୍ତିଷ୍କର ଦୁଇ ଗୋଲାର୍ଦ୍ଧ ।

ସେଇ ପାଣି ଝରୁଥିବା ପଙ୍କିଳ ଜଗତରେ ଯେତେ ପରୀକ୍ଷା ନିରୀକ୍ଷା ଚାଲିଥିଲା, ତାହା ଭିତରେ ଗୋଟିଏ ଥିଲା ଅତି ପ୍ରୟୋଜନୀୟ—ତାହା ହେଉଛି ମସ୍ତିଷ୍କକୁ ଆହାର ଯୋଗାଇବା । ଅମ୍ଳଜାନ ଗ୍ରାସ କରିବାରେ ସ୍ନାୟୁତନ୍ତ୍ରର ବିନ୍ଦୁ ମାତ୍ର ତୃପ୍ତି ନାହିଁ । ତାହା ନ ପାଇଲେ, ଜୀବନ ଶେଷ ହୋଇଯାଏ । ମସ୍ତିଷ୍କରେ ଅତ୍ୟନ୍ତ ନିପୁଣ ଭାବରେ ରକ୍ତସରବରାହ ବ୍ୟବସ୍ଥା ଦ୍ୱାରା କେବଳ ବଡ଼ ଜଳାଭୂମିରେ ଏପରି ବିପର୍ଯ୍ୟୟ ଏଡ଼ିବା ସମ୍ଭବ, ସେଇ ଅତି ପ୍ରାଚୀନ 'ସିଲୁରିଆନ୍' ଯୁଗର ଦୀର୍ଘ ଅନାବୃଷ୍ଟି ସମୟରେ ଶ୍ରେଷ୍ଠ ଶ୍ରେଷ୍ଠ ମଗଜଥିବା ଜୀବମାନେ ଯେତେବେଳେ ନିଃଶେଷ ହୋଇ ଯାଉଥିଲେ; ସେଇ କାଦୁଅରେ ଯେଉଁ ପ୍ରାଣୀମାନେ ଧକେଇ ଧକେଇ ମରୁଥିଲେ, ତାଙ୍କରି ଭିତରୁ ନାକୁଆ ଜୀବ ଓ ତାର ସଗୋତ୍ର ସବୁ ବଞ୍ଚିବାକୁ ସକ୍ଷମ ହୋଇଥିଲେ ।

ନାକୁଆ ଜୀବଟିର ଶ୍ରେଷ୍ଠ ମସ୍ତିଷ୍କର ବହିରାବରଣ ଉପରେ ଅସଂଖ୍ୟ ରକ୍ତବାହୀ ଶିରାଥାଏ । ଏଗୁଡ଼ିକ ତା'ର ମଗଜର ସେବା କରୁଥିଲେ । ଆଖି କଡ଼ରେଥିବା ଜଟିଳ ଧମନୀମାନଙ୍କ ଜରିଆରେ ଅନ୍ୟ ସବୁ ଉପଶିରା ତା'ର ମେରୁଦଣ୍ଡର ମଜ୍ଜାରେ ଅମ୍ଳଜାନ ପୂରାଉଥିଲେ । ମଗଜର ଆକାର ଥିଲା ଗୋଟିଏ ସରୁ ନଳପରି । ଏହାର ପତଳା ଆଚ୍ଛାଦନର ଦୁଇ ପଟୁ ଏହାର ଆହାର ସରବରାହ ହେଉଥିଲା । ଅମ୍ଳଜାନରେ ଆବୃତ ପତଳା ଆବରଣ ତଳେ ହିଁ

ଏମନ୍ତ ମଗଜର ଅସ୍ତିତ୍ୱ ସମ୍ଭବ ଥିଲା । ଅମ୍ଳଜାନ ଭର୍ତ୍ତି ପାଣିରେ ମାଛଙ୍କପରି ଯଦି ସେ ମଗଜର ସ୍ନାୟୁତନ୍ତ୍ରୀର ଜାଲ ମୋଟା ଓ ଟାଣ ହୋଇ ଯାଇଥାନ୍ତା, ତେବେ ବିଶେଷ ବିପଦର ସମ୍ଭାବନା ଘଟିଥାନ୍ତା । ତେଣୁ ସେଇ ନାକୁଆ ଜୀବମାନେ ବଞ୍ଚିଥିଲେ ଦୁଇଟି ବୁଦ୍‌ବୁଦ୍ ସାହାଯ୍ୟରେ ; ସେଇ ଯୋଡ଼ିଏ ବୁଦ୍‌ବୁଦ୍ ଥିଲା ତାଙ୍କ ମଗଜରେ ।

ତାଙ୍କର ଚିନ୍ତାଶକ୍ତି ଯେ ଗଭୀର ଥିଲା ତା' ନୁହେଁ, ବରଂ ତାହା ଅଗଭୀର ଥିବା ହିଁ ଆବଶ୍ୟକ ଥିଲା ; କାରଣ, ମସ୍ତିଷ୍କର ଦୁଇ ଗୋଲାର୍ଦ୍ଧର ଦୁଇଟି ଶ୍ରେଷ୍ଠ ବୁଦ୍‌ବୁଦ୍ ସେଇ କ୍ଷେତ୍ରକୁ ବଢ଼ାଇବାରେ ସାହାଯ୍ୟ କରିଥିଲେ ଯହିଁରେ ପରେ ଉନ୍ନତତର ଅନୁଭୂତିର ଆଦାନ ପ୍ରଦାନ କେନ୍ଦ୍ର ଗଢ଼ି ଉଠିବା ସମ୍ଭବ ହୋଇଥିଲା । ମସ୍ତିଷ୍କର ଆବରଣ ମୋଟା ହୋଇଥିଲେ ଅମ୍ଳଜାନ ସରବରାହରେ ବାଧା ଘଟାଇ ଥାନ୍ତା ଓ ଅମ୍ଳଜାନର ଅଭାବରେ ଜଳାଭୂମିବାସୀ ନାକୁଆ ଜୀବଟିର ମୃତ୍ୟୁ ଘଟିଥାନ୍ତା । ମସ୍ତିଷ୍କ-ଗୋଲାର୍ଦ୍ଧର ବୁଦ୍‌ବୁଦ୍ ଯୁଗଳ ତାହାର ସେପରି ବିନାଶ ମଧ୍ୟ ରୋକିଥିଲା । ମସ୍ତିଷ୍କ-ଆବରଣୀ ମୋଟା ହେଉ-ହେଉ ଏକ ରହସ୍ୟମୟ ପ୍ରକ୍ରିୟାରେ ତଥା-କଥିତ ନଦା ମଗଜରେ ପରିଣତ ହେଲା । ଏପରି ମଗଜ ଅଛି—କୀଟଙ୍କର, ପରବର୍ତ୍ତୀ ଯୁଗର ମାଛମାନଙ୍କର, କେତେକ ସରୀସୃପଙ୍କର ଓ ସମସ୍ତ ପକ୍ଷୀଙ୍କର । ନଦା ମଗଜର ଅର୍ଥ—ସହଜାତ ଆବେଗର ବିସ୍ତୃତ ଜଟାଜୁଟ ଓ ଚିନ୍ତାର ଅବସାନ । ତେଣୁ ଅଙ୍ଗସଂସ୍ଥାନ ଦୃଷ୍ଟିରୁ କହିହେବ ଯେ, ମଗଜର ବିକାଶ ଧାରା ଏପରି ଏକମୁଖୀ ଗତି କଲା ଯେ ତହିଁରୁ ଫେରିବା ପ୍ରାୟ ଅସମ୍ଭବ—ହେଲା ଉଚ୍ଚ କୋଟିର ଚେତନା ଆଡ଼କୁ ଗତି ନୁହେଁ ।

ମଣିଷର ମଗଜରେ ମସ୍ତିଷ୍କର ଢିଅ ପରି ଉପାଦାନ ଉପରକୁ ପ୍ରସାରିତ ହୋଇ ମଗଜର ବୃହତ୍ ଗୋଲାର୍ଦ୍ଧରେ ପଶେ, ସେଠାରେ ମିଳେ—ହ୍ରାସ ଅଥବା ଲୁହ । ତେଣୁ 'ତେଭନ' ବର୍ଗୀୟ ସେଇ ପ୍ରାଚୀନ ସ୍ତରରେ ଜନ୍ମିଥିଲା—ଦୃଷ୍ଟିଶକ୍ତି ଓ ଶ୍ରବଣଶକ୍ତି । ଅଦୃଶ୍ୟ ଭାବରେ ସମନ୍ୱିତ ସଙ୍ଗୀତ ସ୍ରଷ୍ଟାର ମଗଜରେ ଯେଉଁ ସୁରଲହରୀ ଖେଳିଯାଏ, ତାହାର ଜନ୍ମ ମଧ୍ୟ ସେହିଠାରେ । ପଙ୍କ କାଦୁଅର ଗଡ଼ିଆ କଡ଼େ କଡ଼େ ଥିବା ଜୀବମାନଙ୍କଠାରେ ଆଜି ମଧ୍ୟ

ଏସବୁ ଶତ୍ରୁ ମିଳେ । କିନ୍ତୁ କେହି ତାହା ଲକ୍ଷ୍ୟ କରେ ନାହିଁ । ଆମେ କହୁ ପୃଥିବୀର ସବୁ ବ୍ୟବସ୍ଥା ସ୍ଥିର ନିର୍ଦ୍ଦିଷ୍ଟ — ପାଣିରେ ମାଛ, ପବନରେ ଚଢ଼େଇ । କିନ୍ତୁ ନାଇଜାର୍ ନଦୀକୂଳେ ଜଳାଭୂମିର ଗଛବୁଦାରେ ମାଛ ଚଢ଼ି ଯାନ୍ତି ଓ ନିସର୍ଗବେତ୍ତାଙ୍କୁ ଡରାନ୍ତି । ଅପ୍ରସ୍ତୁତିରେ ପଡ଼ି ସେମାନେ ମାଛଗୁଡ଼ାକୁ ବୃଥାରେ ପୁଣି ପାଣିରେ ତଡ଼ି ଦେବାକୁ ଚେଷ୍ଟା କରନ୍ତି ; ବୃଥାରେ, କାରଣ — ପାଣିରୁ ଜୀବମାନେ ଏବେ ମଧ୍ୟ ଉଠି ଆସିବାରେ ବିରତ ନୁହନ୍ତି ।

ବର୍ତ୍ତମାନରୁ ଅତୀତ ଆଡ଼କୁ ଅନାଇବା ପାଇଁ ଯେଉଁ କବାଟ ଅଛି ବୋଲି କଳ୍ପନା କରାଯାଏ, ତାହା ଅଦ୍ଭୁତ ଧରଣର । ସେ କବାଟବାଟେ କେବଳ ଗୋଟିଏ ଆଡ଼େ ଗତି କରିହେବ । ଅବଶ୍ୟ,ସେଇ କବାଟ ବାଟେ ପଛକୁ ଅନାଇ ହେବ, ଦେଖି ହେବ ଜଳଜ ଘାସ ଭିତରେ ସାଗୁଆ ଆଲୁଅର ଖେଳ । କିନ୍ତୁ ଥରେ ସେଇ କବାଟର ଚୌକାଠ ଡେଇଁ ପଛକୁ ଗଲେ ଆଉ ଫେରି ଆସି ହେବ ନାହିଁ ।

ଦୁଇ ବିଭିନ୍ନ ପ୍ରଣାଳୀରେ ଅଜ୍ଞାତର ସେଇ କବାଟର ସନ୍ଧାନ ମିଳିବ । ସ୍ଥଳଭାଗ ଭିତରେ ଥିବା ପାଣିପୂର୍ଣ୍ଣ କଡ଼େ କଡ଼େ ଜଳାଭୂମିରେ ଏବଂ ସମୁଦ୍ର ପାଖରେ ନଦୀ ମୁହାଣର ପଠାରେ, ଏଇ ଦୁଇ ବାଟେ ପାଣିର ପ୍ରାଣୀ ପ୍ରାଚୀନ କାଳରୁ ଭୂଇଁକୁ ଉଠି ଆସିଛନ୍ତି । ମୋହବଶତଃ ଆମେ ଅନେକେ ଭାବୁଁ ଯେ, ବଡ଼ ବଡ଼ ଢେଉ ଉପରେ ଚଢ଼ି, ପଥୁରିଆ ପାହାଡ଼ ଡେଇଁ ସେମାନେ ଆସିଛନ୍ତି ; କିନ୍ତୁ ତାହା ଭୁଲ୍ । ସମୁଦ୍ର କୂଳରେ ଜୀଇଁବାରେ ବ୍ୟର୍ଥ ହୋଇ ଏମାନେ ଭୂଇଁକୁ ଉଠି ଆସିଥିଲେ ଚୁପ୍‌ଚାପ୍, ଚୋରଙ୍କ ପରି । ଶୁଖି ଆସୁଥିବା ପଠାର ପଙ୍କରେ ନାନା ରସାୟନିକ ଉପାଦାନର ଅପ୍ରସ୍ତୁତି ଘେରି, କ୍ରମଶଃ ବନ୍ଦ ହୋଇ ମରି ଯିବାର ଆତଙ୍କକୁ ଏମାନେ ଏଡ଼ିବାକୁ ଚାହିଁଥିଲେ ।

ତାଙ୍କ ଭିତରୁ କେତେକ ଆସିଥିଲେ ସିଧାସଳଖ ଲୁଣିଆ ପାଣିରୁ; ଅନ୍ୟ କେତେକ ସମୁଦ୍ର କୂଳରୁ ମୁହାଣ ବାଟେ ନଦୀ କଡ଼େ କଡ଼େ ଜୁଆର ପରେ ଭୂଇଁକୁ ଉଠି ଆସିଥିଲେ । ଅବଶ୍ୟ ଲୁଣିଆ ସମୁଦ୍ର ପାଣି ଓ ନଦୀର ମିଠା ପାଣି ଭିତରେ ରାସାୟନିକ ପ୍ରଭେଦ ଅଛି । ସେ ପ୍ରଭେଦ ଆଖିରେ ଦେଖାଯାଏ ନା ; କିନ୍ତୁ ଲୁଣିଆ ପାଣିର ଜୀବ ପକ୍ଷରେ ମିଠା ପାଣିକୁ ଉଠି ଆସିବା କ୍ଷେତ୍ରରେ

ଏହା ବାଧା ସ୍ୱରୂପ । ଶେଷୋକ୍ତ ପ୍ରାଣୀମାନେ ସେ ବାଧାକୁ ଜୟ କରିଥିଲେ । ଉଭୟ ରକମର ପ୍ରାଣୀଙ୍କ କ୍ଷେତ୍ରରେ ଅବଶ୍ୟ ଏହା ଏକ ଲାଭପ୍ରଦ ପରିବେଶର ଅଭିଯାନ ବିଶେଷ ଥିଲା । ତାଙ୍କର ଏହି ପ୍ରଥମ ଅଭିଯାନ ନିୟନ୍ତ୍ରଣ କରିଥିଲା ଦୁଇଟି ଜିନିଷ:—ପ୍ରଥମତଃ ସେମାନେ ଭେଟିଥିଲେ ଅସଂଖ୍ୟ ଶତ୍ରୁର ଅଦମ୍ୟ ବାଧା । ଦ୍ୱିତୀୟତଃ, ସେ ବାଧାକୁ ପଛକୁ ହଟି ତାଙ୍କୁ ମିଳୁଥିଲା ସ୍ଥଳ ଓ ଜଳର ମଝିରେ ଥିବା ସରୁ ତୀରଭୂମିର ଆଶ୍ରୟ । ସେଠି ଅନ୍ନପାନ ମିଳିବା କ୍ରମଶଃ କଷ୍ଟକର ହେଉଥାଏ । ତେଣୁ, ଜଳାଭୂମିର ତୀରମାନଙ୍କରେ ଯୋଗ୍ୟତମ ବାସସ୍ଥାନ ନିର୍ବାଚନର କଠିଣ ପରିଶ୍ରମରୁ ଅଥବା ପଠାମାନଙ୍କରେ ଆହାର ଅନ୍ୱେଷଣ କରୁ କରୁ, ସେଇ ଜଳଚର ଜୀବମାନେ ଶେଷରେ ସ୍ଥଳବାସୀ ହୋଇଗଲେ ।

ପଠାରେ ଆସି ଉଠିଥିବା କେତେକ ସେପରି ପ୍ରାଣୀଙ୍କର ଲକ୍ଷଣସବୁ ଯଥେଷ୍ଟ କୌତୂହଳୋଦ୍ଦୀପକ । ସେପରି ଏକ ଖାସ ମଜାର ଲକ୍ଷଣ ହେଲା ଯେ, ସେମାନେ ପଠାରେ ମାଡ଼ୁଥିବା ବଢ଼ି ପାଣିକୁ ନାପସନ୍ଦ କରୁଥିଲେ । ପଙ୍କ କାଦୁଅରେ ଖାଦ୍ୟ ଅନ୍ୱେଷଣରେ ଏହା ତାଙ୍କର ବାଧା ଘଟାଉ ଥିଲା ଏବଂ ବଢ଼ି ଜରିଆରେ ଶତ୍ରୁ ମଧ୍ୟ ଆମଦାନୀ ହେଉଥିଲେ । କେବଳ ଖୁବ୍ ଆତଙ୍କିତ ହେଲେ ଯାଇ ସେମାନେ କିଛି ସମୟ ପାଇଁ ପାଣିରେ ଆଶ୍ରୟ ନେଉଥିଲେ ।

ସବୁଠାରୁ ନିପୁଣ ଓ ଯୋଗ୍ୟତମ ଜୀବହିଁ ଜୀବନ ସଂଗ୍ରାମରେ ବଞ୍ଚିବାକୁ ସକ୍ଷମ—ଏହାହିଁ ବିବର୍ତ୍ତନ ଧାରାର ପ୍ରଚଳିତ ନିୟମ । କିନ୍ତୁ ଗତ ଶତାବ୍ଦୀର ବିଖ୍ୟାତ ବିଜ୍ଞାନୀ 'କୋପ୍' ସର୍ବପ୍ରଥମେ ବ୍ୟାଖ୍ୟା କରିଥିଲେ 'ଅ-ଦକ୍ଷଙ୍କ ନିୟମ'; ମାଟିତଳେ ଚାପା ପଡ଼ି ଯୁଗ ଯୁଗ ଧରି ରହିବାରୁ ପଥର ହୋଇ ଯାଇଥିବା ଉଦ୍ଭିଦମାନଙ୍କ ସମ୍ବନ୍ଧରେ ସେ ଥିଲେ ବିଶେଷଜ୍ଞ । ସାଧାରଣତଃ ଧରିଯାଏ ଯେ କୌଣସି ଭୂତାତ୍ତ୍ୱିକ ଯୁଗର ସୁସଂଗଠିତ ଓ ପ୍ରଧାନ ଧରଣର ପ୍ରାଣୀମାନଙ୍କ ଭିତରୁ ପରବର୍ତ୍ତୀ ଯୁଗର ମୁଖ୍ୟ ଜୀବମାନେ ଉଦ୍ଭୂତ ହୁଅନ୍ତି । କିନ୍ତୁ 'କୋପ୍'ଙ୍କ ଯୁକ୍ତିରେ ଏହା ପରିବର୍ତ୍ତେ ବରଂ ବୁଝାଯାଇ ଥିଲା ଯେ, ପରବର୍ତ୍ତୀ ଯୁଗର ପ୍ରଧାନ ପ୍ରଧାନ ଜୀବମାନେ ଉଦ୍ଭୂତ ହୋଇଥିଲେ ପୂର୍ବ ଯୁଗର ତଳୁଆ ଓ ସାଧାରଣ ଶ୍ରେଣୀର ପ୍ରାଣୀମାନଙ୍କଠାରୁ ଯେଉଁମାନେ କି ନୂଆ ନୂଆ ସାମର୍ଥ୍ୟ

ବିଧାନ କରିବାରେ ସକ୍ଷମ ଥିଲେ ଓ ଖୁବ୍ ସଙ୍କୀର୍ଣ୍ଣ ପରିବେଶରେ ଆବଦ୍ଧ ରହିବାର ପାତ୍ର ନଥିଲେ ।

ଏପରି ମତରେ ଯଥେଷ୍ଟ ସତ୍ୟ ଥିଲେହେଁ ଏ ଧାରଣା ଖୁବ୍ ସରଳ ନୁହେଁ । ଭବିଷ୍ୟତ ସମ୍ବନ୍ଧରେ ଆଗରୁ ଜ୍ଞାନ ନ ଥାଇ କିଏ କହିବ, କେଉଁ ପ୍ରାଣୀ ଦକ୍ଷ ବା କେଉଁ ପ୍ରାଣୀ ଅ-ଦକ୍ଷ ? ଏଇ 'ଅ-ଦକ୍ଷଙ୍କ ନିୟମ' ଯେ ଆମକୁ କେତେ ଜଟିଳତା ଭିତରେ ଶୃଙ୍ଖଳିତ କରି ପାରେ ତାହା କେବଳ ଆମର ସୁଦୂର ପୂର୍ବ ପୁରୁଷ ନାକୁଆ ଜୀବ ସମ୍ବନ୍ଧରେ ଆଲୋଚନା କଲେ ଜଣା ପଡ଼ିବ ।

ଧରିଯାଉ, ସୁପ୍ରାଚୀନ 'ପ୍ୟାଲିଓଜୋଇକ୍' ଯୁଗରେ ପ୍ରାଣୀବିଜ୍ଞାନ ସମ୍ବନ୍ଧୀୟ ଅନୁସନ୍ଧାନ ଚଳାଇବାକୁ କେହି ସକ୍ଷମ ଥିଲେ ; ତାଙ୍କୁ ତ ଜଣା ନ ଥିଲା ଯେ ଭବିଷ୍ୟତରେ ପ୍ରାଣୀଜୀବନ କେତେ ଅଦ୍ଭୁତ କ୍ଷେତ୍ର ଭିତରେ ଗତି କରିବ ! ସୁତରାଂ ସେମାନେ ହୁଏତ ନାକୁଆ ଜୀବକୁ ଦକ୍ଷ ଶ୍ରେଣୀର ଅନ୍ତର୍ଭୁକ୍ତ ବୋଲି ବିବେଚନା କରିଥାନ୍ତେ । ଏପରି ବିଶ୍ୱାସର କାରଣ ସ୍ୱରୂପ ସେମାନେ ଲକ୍ଷ୍ୟ କରିଥାନ୍ତେ ନାକୁଆ ଜୀବର ପବନ ପୂର୍ଣ୍ଣ ଥଳୀ ପରି ଫୁସ୍‌ଫୁସ୍, ତାହାର ମଜବୁତ ଗୋଦଡ଼ା ଗୋଡ଼ ପରି ଦୁଇ ଡେଣା । ଏ ବିଷୟରେ ଆହୁରି ଲକ୍ଷଣୀୟ ଥିଲା ମହାଦେଶମାନଙ୍କର ବଡ଼ ଜଳାଭୂମି ଗୁଡ଼ିକରୁ ସଙ୍କୀର୍ଣ୍ଣ ପରିଧି ଅତିକ୍ରମ କରି ଖସି ଯାଇ ଭୂଇଁ ଉପରେ ନିପୁଣଭାବରେ ନିଜକୁ ଖାପ ଖୁଆଇ ବୁଲି ବୁଲି କରିବାରେ ତା'ର ଅଦ୍ଭୁତ ସାମର୍ଥ୍ୟ । ସେ ଯୁଗର ଜଳଚର ଜୀବନ ଧାରାର ବଶବର୍ତ୍ତୀ ଚିନ୍ତା ଅନୁସାରେ ଲୋକେ ବିଶ୍ୱାସ ଆନ୍ତେ ଯେ ପ୍ରଗତିଶୀଳ ଉଦ୍‌ବର୍ତ୍ତନ ଧାରାର ପ୍ରଧାନ ପ୍ରବାହରେ ନାକୁଆ ଜୀବ ଏକ ବ୍ୟର୍ଥତାର ଉଦାହରଣ ଓ ବ୍ୟତିକ୍ରମ ବିଶେଷ । ପାଣିରେଥିବା ତା'ର ଶତ୍ରୁଙ୍କଠାରୁ ପଳାଇ ଯାଇ ବିଶାଳ ଜଳଭାଗର କୂଳେକୂଳେ ଥିବା ଜବେଳା ଭୂଇଁରେ ସେ ବଞ୍ଚିବାରେ ସଫଳ ହୋଇଥିଲା । ଗଭୀର ସମୁଦ୍ରରେ ଓ ବହମାନ ଜଳଧାରାରେ ପରବର୍ତ୍ତୀ ଯୁଗରେ ଯେଉଁ କ୍ଷିପ୍ରଗତି, ଲମ୍ବାକୃତି ମାଛ ପ୍ରଭୁତ୍ୱ କରିଥିଲେ ସେମାନେ ସେଇ କୂଳଭୂଇଁକୁ ଘୃଣାରେ ଏଡ଼ି ଯାଇଥିଲେ ।

ସୁତରାଂ ନାକୁଆ ଜୀବର ଦକ୍ଷତା ଯେ ଉଚ୍ଚକୋଟିର ତାହା କହି ହେବ ନାହିଁ । ବରଂ ସେ ଜଳାଭୂମିରେ ଜୀଇଁବାକୁ ବ୍ୟର୍ଥ ହୋଇଥିବା ଏକ

ଜୀବ-ବିଶେଷ । ତଥାପି ଏଇ ବିଫଳ ଅଲ୍ପଦକ୍ଷ ଜୀବର ସନ୍ତାନ ସନ୍ତତି ତିନୋଟି ବିରାଟ ବିକାଶ ଧାରା ଉତ୍ତାରୁ ପୃଥିବୀରେ ପ୍ରାଧାନ୍ୟ ବିସ୍ତାର କରିଥିଲେ । କେବଳ ଆଜି ଆମେ ଅତୀତକୁ ଦୃଷ୍ଟି ଫେରାଇ ବିଚାର କଲେ କହିପାରୁ ଯେ ନାକୁଆ ଜୀବ 'ଦକ୍ଷଶ୍ରେଣୀର' ନୁହେଁ, 'ସାଧାରଣ ବର୍ଗୀୟ' ଜୀବ ଥିଲା । ମେରୁଦଣ୍ଡୀ ଜୀବମାନଙ୍କ ମଧ୍ୟରେ ସର୍ବପ୍ରଥମେ ଏକମାତ୍ର ସେ ପାଣିର ସୂକ୍ଷ୍ମ ସ୍ତରମାନଙ୍କୁ ସମ୍ପୂର୍ଣ୍ଣ ଭେଦ କରି ଉପରକୁ ଉଠି ନୂତନ ମାନର ଜୀବନଯାପନ କରି ପାରିଥିଲା । ଜଳଚର ଜୀବନ ଧାରା ପ୍ରଗତିର ଦୃଷ୍ଟି କୋଣରୁ ବିଚାର କଲେ କହିହେବ ଯେ, ତା'ର ଦକ୍ଷତା ଓ ବ୍ୟର୍ଥତା ଉଭୟ ତାକୁ ଆଗରୁ ପ୍ରସ୍ତୁତ କରିଥିଲା ଏପରି ଏକ ଜଗତରେ ବଞ୍ଚିବାକୁ ଯାହା ବିଷୟରେ ସେ ଥିଲା ଅଜ୍ଞ ।

ଆଜିଠାରୁ ତିନକୋଟି ବର୍ଷ ଆଗରେ ଏ ପୃଥିବୀରେ ନାକୁଆ ଜୀବମାନଙ୍କର ବସବାସ ସରି ଯାଇଥିଲା । କିଛିକାଳ ପୂର୍ବରେ ମୁଁ ଗୋଟିଏ ବହି ପଢୁଥିଲି, ସେଥିରେ ଏକ ସୁପରିଚିତ ବୈଜ୍ଞାନିକ ସାନନ୍ଦରେ ଲେଖିଛନ୍ତି ଯେ, ମଣିଷଜାତି ପୃଥିବୀରେ ଆଉରି ଦଶ ଅର୍ବୁଦ ବର୍ଷ ରହିବ । ଏଇ ବିରାଟ କାଳ ପରିଧିରେ ମଣିଷ କଅଣ କଅଣ କରିପାରିବ ସେ ଖୁସି ହୋଇ ତାହାର ତାଲିକା ଦେଇଛନ୍ତି । ପଢ଼ିଲାବେଳେ ମୋର ପୁଣି ମନେପଡ଼ିଲା ସେଇ ପୁରୁଣା କଥା— 'ପାଣିରେ ମାଛ, ପବନରେ ପକ୍ଷୀ' । ଏ କଥା କହିଥିଲେ ମୋର ସେଇ ଆବିଷ୍କାରକ ବନ୍ଧୁ, ମୃତ୍ତିକ ପାଇଁ ସେ ଆପତ୍ତି କରିଥିଲେ କାହିଁକି କାଦୁଅର ମାଛ ଗଛରେ ଚଢ଼ିବ ? ସେ ଲକ୍ଷ୍ୟ କରିଥିଲେ ସେମାନଙ୍କର ପାଣିରେ ରହିବାରେ ଅପସନ୍ଦ । ତାଙ୍କ ମତରେ ସେ ସବୁ ଜୀବର କୌଣସି ଭବିଷ୍ୟତ ନାହିଁ । ମୋର ମନେହୁଏ ଏପରି ଧାରଣା ଓ ପୃଥିବୀ ସମ୍ବନ୍ଧରେ ଆମର ଦୃଷ୍ଟିଭଙ୍ଗୀ ଭୁଲ୍ । ଯଦିଓ ଆମେ ଏବେ 'ଟଲେମି'ଙ୍କ ପରି ବିଶ୍ୱାସ କରୁ ଯେ ସୂର୍ଯ୍ୟ ପୃଥିବୀର ଚାରିପଟେ ବୁଲୁଛି, ତଥାପି ଆମର ଧାରଣା ସବୁ ପ୍ରାଚୀନ ପନ୍ଥୀ ଓ ପ୍ରମାଦ ପୂର୍ଣ୍ଣ ।

ଆମେ ଅତୀତ ବିଷୟରେ ପାଠ ପଢ଼ାଉ । ଅତୀତରେ ଯେତେସବୁ ପ୍ରାଣୀ ଥିଲେ, ସେମାନଙ୍କ ଭିତରେ କେହି ଆମ ପରି ଏତେ ଦୂର ଅତୀତ ପ୍ରତି ଦୃଷ୍ଟି

ଫେରାଇବାରେ ସକ୍ଷମ ନଥିଲେ । କିନ୍ତୁ ବର୍ତ୍ତମାନର କାଳଚକ୍ରରେ ଆସି ଆମେ ଶାନ୍ତ ହେଉ ଅବା ବେଶୀ ହେଲେ କଳ୍ପନାରେ ଆମର ସୁଦୂର ଭବିଷ୍ୟତ ରଞ୍ଜିତ କରୁ । ପଶ୍ଚାତ୍‌ର ସୁଦୂର ଅତୀତକୁ ଆମେ ଦେଖୁ କେବଳ ମସ୍ତିଷ୍କ ସୁଲଭ ଦୃଷ୍ଟିକୋଣରୁ ; ଅବଶ୍ୟ ଏହା ଛଡ଼ା ଆମର ଅନ୍ୟ ଉପାୟ ବା କଅଣ ଅଛି ? ଆମେ ଭାବୁଁ ଯେ ଉଦ୍‌ବର୍ତ୍ତନ ଧାରାର ଆମେ ଶେଷ ପର୍ଯ୍ୟାୟ ଓ ଚୂଡ଼ାନ୍ତ ବିକାଶ ଏବଂ ଯଦି ଆମେ କେବେହେଲେ ଲୁପ୍ତ ହୋଇଯାଉ ତେବେ ଆମ ସଙ୍ଗେ ସଙ୍ଗେ ସୂର୍ଯ୍ୟ ଓ ତା'ର ଆଲୋକ ମଧ୍ୟ ଲୁପ୍ତ ହେବ, ପୃଥିବୀ ଅନ୍ଧାର ହୋଇଯିବ । ଆମେ ଭାବୁ ଯେ, ଆମେ ହିଁ ସୃଷ୍ଟିର ଅନ୍ତିମ ଉଦ୍ଦେଶ୍ୟ, ଆମରି ଲାଗି ମହାଦେଶମାନଙ୍କ ଭୂଭାଗର ଉତ୍‌ଥାନପତନ ଘଟିଥିଲା, ଆମରି ଲାଗି ପାଣି ଓ ପବନର ଶକ୍ତି ମଣିଷର ବଶ୍ୟତା ସ୍ୱୀକାର କରିଛି, ଆମରି ଲାଗି ବୃଦ୍ଧି ଆଣୀ ଜାଲ ପରି ସୃଷ୍ଟିର ରହସ୍ୟ ଜୀବନ୍ତ ଓ ଜଟିଳ ହୋଇଛି ।

ଥରେ ଜଣେ ମୋତେ କହିଲେ ଯେ, ଏସବୁ ତତ୍ତ୍ୱ ଅସ୍ୱୀକାର କରିବାର ଅର୍ଥ ଭଗବାନଙ୍କୁ ଅସ୍ୱୀକାର କରିବା । ତାଙ୍କର ଏଇ ଉକ୍ତି ମୁଁ ବୁଝି ପାରିଲି ନାହିଁ । ଅତୀତର ରାସ୍ତା ଧରି ମୁଁ ଫେରିଗଲି ଜନ୍ମଭୂମିକୁ । ଅତୀତର ରାସ୍ତା ଧରି ଗଲି ସିନା, କିନ୍ତୁ ବର୍ତ୍ତମାନକୁ ଏଡ଼ି ଅତୀତକୁ ଫେରିଗଲି ନାହିଁ । ମୃତ ଅତୀତର ହାଡ଼ କଙ୍କାଳ ଧରି ନୁହେଁ, ନାକୁଆ ଜୀବର ଲୁପ୍ତ ପଥରେଖା ଧରି ନୁହେଁ ବରଂ ବର୍ତ୍ତମାନର ଉଜ୍ଜ୍ୱଳ ଦିବାଲୋକରେ ମୁଁ ଦେଖିବାକୁ ଗଲି ବର୍ତ୍ତମାନ ଓ ଅତୀତର କାଳସନ୍ଧିରେ ଥିବା ସେହି କବାଟ କଥା ମୁଁ ଆଗରୁ କହି ସାରିଛି ତାହା ଖୋଲା ଅଛି କି ନାହିଁ ଓ କେଉଁ ପ୍ରାଣୀସବୁ ସେ ବାଟେ ଯାତାୟାତ କରିଛନ୍ତି ।

ମୁଁ ଦେଖିଲି ଯେ ସେଇ ସୁପ୍ରାଚୀନ ପରୀକ୍ଷା ନିରୀକ୍ଷା ଏବେ ମଧ୍ୟ ଚାଲିଛି । ଅତି ପୁରୁଣା କୂଅରୁ ଏବେ ମଧ୍ୟ ଡେଣା ସାହାଯ୍ୟରେ ପାଣିର ଜନ୍ତୁସବୁ ଖରାକୁ ଆସିବାପାଇଁ କଠିଣ ଚେଷ୍ଟା କରୁଛନ୍ତି । ସେଗୁଡ଼ିକ ଛୋଟ ଛୋଟ ପ୍ରାଣୀ ଏବଂ ତାଙ୍କ ମଧ୍ୟରେ କଏ ଭବିଷ୍ୟତରେ ବିକଶିତ ହୋଇଉଠିବେ ତାହା ମୁଁ କହିପାରିବି ନାହିଁ । ଖାଲି ମୁଁ ଦେଖିଲି ଯେ ସେମାନେ ସଂଖ୍ୟାରେ ଅନେକ ଥିଲେ ଏବଂ ଅମ୍ଳଜାନ ଅଭାବଜନିତ ମୃତ୍ୟୁର କବଳରୁ ବଞ୍ଚିବା ପାଇଁ ଅନେକ

ଅସ୍ଥାୟୀ ସମାଧାନର ବାଟ କାଢ଼ିଥିଲେ । ତାଙ୍କର ସେସବୁ ସମାଧାନର ପଦ୍ଧତି, ଅନୁରୂପ ସମସ୍ୟାରେ ମଣିଷର ସମାଧାନ ପ୍ରଣାଳୀଠୁ ଭିନ୍ନ ।

ମୁଁ ସେଠାରେ ଆଧୁନିକ ଯୁଗର ମାଛମାନଙ୍କୁ ଦେଖିଲି । ସେମାନେ ଫୁସ୍‌ଫୁସ୍‌ବାଟେ ନିଃଶ୍ୱାସ ନେଉନଥାନ୍ତି । ଯେଉଁଠାରେ ମାଛଙ୍କର ଗାଲସି ଥିବା କଥା, ସେଇ ଜାଗାରେ ତାଙ୍କ ଦେହରେ ଦୁଇଗୋଟି ଅଦ୍ଭୁତ ଧରଣର ପ୍ରକୋଷ୍ଠ ଥାଏ । ସେଇ ବାଟେ ଅଥବା ପେଟ ଜଣାଅରେ କେତେକ ମାଛ ଶ୍ୱାସପ୍ରଶ୍ୱାସ ନେଉଥାନ୍ତି । ଅନ୍ୟ କେତେକଙ୍କୁ ଦେଖିଲି ଯେଉଁମାନେ ସ୍ଥଳଚର ନାକୁଆ ଜୀବଙ୍କ ପରି ଶ୍ୱାସ ନେଉଥାନ୍ତି । ଦିନ ସରିଯିବା ପରେ ମୁଁ ଦେଖିଲି ଯେ, ତାଙ୍କ ଭିତରୁ କେତେକ ଗୁଳ ଅନ୍ଧାରରେ ପଡ଼ିଆର କୀଟପତଙ୍ଗଙ୍କୁ ଗୋଡ଼େଇ ମାରିବାର ଚେଷ୍ଟା କରୁଛନ୍ତି ଓ ସେଇ ଉଦ୍ଦେଶ୍ୟରେ ଭୂଇଁଉପରେ ଉଠି ହାମୁଡ଼ୁଛନ୍ତି । ଅନ୍ୟ କେତେକ ଗଡ଼ିଆ ପାଖରେ ଥିବା ଘାସ ଉପରେ ନିଦରେ ଶୋଇ ପଡ଼ିଲେ । ମଣିଷ ଯେପରି ପାଣିରେ ବୁଡ଼ି ମରିଯାଏ, ଏମାନେ ମଧ୍ୟ ପାଣି ଭିତରେ ରଖାଗଲେ ସେହିପରି ବୁଡ଼ିମରନ୍ତି ।

ଏଇସବୁ ମାଛଙ୍କ ମଧ୍ୟରେ 'ପେରଓଫ୍‌ଥାଲମାସ' ନାମକ ମାଛ ବୋଧହୁଏ ସବୁଠାରୁ ଅଦ୍ଭୁତ । ସେମାନେ କାଦୁଅରେ ଡେଇଁ ଡେଇଁ ଚାଲିପାରନ୍ତି । ଡେଣା ସାହାଯ୍ୟରେ ଗଛ ଉପରେ ଚଢ଼ିପାରନ୍ତି ଓ କୀଟପତଙ୍ଗଙ୍କୁ ଗୋଡ଼େଇଖାଆନ୍ତି । ସଠା ଜମିରେ ଗ୍ରେଟ ପୋକକୁ ସେମାନେ ଘର ଚଟିଆ ପରି ଖତମ୍ କରନ୍ତି ଦୃଷ୍ଟି ଓ ବୋଧଶକ୍ତିରେ ସେମାନେ ଭୂଇଁରେ ପ୍ରାଣୀମାନଙ୍କ ଅନୁରୂପ । ସବୁଠାରୁ ବେଶୀ ଲକ୍ଷ୍ୟ କରିବାର କଥା ଯେ ସେମାନେ ଯେପରି ଅଦ୍ଭୁତ ଧରଣର ଉଦ୍ଧତ ଭାବରେ ଅନାଇ ଅନାଇ ଶତ୍ରୁକୁ ଏଡ଼ି ପଳାଇଯାନ୍ତି ତାହା ଜଳବାସୀ ଜୀବଙ୍କର ନୁହେଁ, ସ୍ଥଳଚର ଜୀବଙ୍କର ବ୍ୟବହାର ସୂଚାଏ । ଯଦିଓ ସେମାନେ ଗୋତ୍ର ଓ କାଳ ପର୍ଯ୍ୟାୟରେ ନାକୁଆ ଜୀବଙ୍କଠାରୁ ଭିନ୍ନ, ତଥାପି ତାଙ୍କୁ ନଜର କଲେ, ନାକୁଆ ଜୀବଙ୍କ କଥା ମନେ ପଡ଼େ ।

ହେଲେ କଅଣ ହେବ, ସେମାନେ ନାକୁଆ ଜୀବଙ୍କର ପୁରାପୁରି ଅନୁରୂପ ନୁହନ୍ତି । ଏଇଥିରେ ହିଁ ପ୍ରାଣ ବଞ୍ଚାଣର ଭବିଷ୍ୟତ ସମ୍ବନ୍ଧରେ ଆମର ଆଶାର ଅବକାଶ ଅଛି । ପୁରୁଣା ରୀତିନୀତିମାନ ରହିଛି ଓ ସେସବୁର ବ୍ୟବହାର ମଧ୍ୟ

ହେଉଛି । କିନ୍ତୁ ନୂଆରକମର ପ୍ରାଣୀଙ୍କର ଆବିର୍ଭାବ ହେଉଛି ଓ ନବଜାତ ଇନ୍ଦ୍ରିୟବୋଧ ନବତର ଜଗତକୁ ବୁଝିବାରେ ପ୍ରଚେଷ୍ଟା ହେଉଛି । ଅନ୍ଧାରରେ ଗଡ଼ିଆ ଭିତରେ ଶୁଭୁଛି ଛୋଟ ଛୋଟ ଓଲଟପାଲଟ ଏବଂ ପାଣି ଛୁଆଁଳିବାର ଶବ୍ଦ । ଏପରି ପରିବେଶରୁ ଜାଗୁଛି ଭବିଷ୍ୟତ ପ୍ରାଣୀମାନଙ୍କର ଇଙ୍ଗିତବାହୀ ପ୍ରାଥମିକ ଆବାଜ୍‌ସବୁ—ସେଥିରୁ କେତେକ କଣ୍ଠସ୍ୱରର ଅର୍ଥ ବୁଝି ହୁଏ ନା ; ଅନ୍ୟ କେତେକ ବେଙ୍ଗଙ୍କ ଘଡ଼ ଘଡ଼ ରବ ପରି । କପାଳର ଉପରେ ଥିବା ମଗଜର ଛୋଟ ଛୋଟ ବୁଦ୍ ବୁଦ୍ ଭଳି କୋଷରେ ମସ୍ତିଷ୍କ ମଧ୍ୟ ଦିନେ ଠିକ୍ ଏହିପରି ସ୍ୱପ୍ନ ଦେଖୁଥିଲା ଓ ଘଡ଼ଘଡ଼ି ଶବ୍ଦ କରୁଥିଲା ।

ମସ୍ତିଷ୍କର ଶାଶ୍ୱତ ସ୍ୱରୂପ କଅଣ, ଚିରକାଳ ଆମର କେଉଁ ଆକୃତି ଥିଲା ଓ ହେବ—ତାହାର ଧାରଣା ଆମକୁ ବରାବର ଏଡ଼ି ଯାଉଛି । ଏ ବିଷୟରେ ଆମର ସନ୍ଧାନର ଅନ୍ତ ନାହିଁ, ବିତର୍କ ଓ ବିବାଦର ମଧ୍ୟ ଅନ୍ତ ନାହିଁ । ଜନ୍ମଭୂମିରୁ ବୋଧହୁଏ ଏ ସମସ୍ୟା ସମାଧାନର ବାଟ ମିଳିବ । ଯେଉଁ ବସ୍ତୁକୁ ଆମେ ପ୍ରାଣବୋଲି ଆଖ୍ୟା ଦେଉ, ତାହାର ଅନେକ ରୂପ ; ମଣିଷ ସେଥିରୁ ଗୋଟିଏ ମାତ୍ର । ପୁଣି କେବେହେଲେ ଆମେ ପ୍ରାଣର ପୂର୍ଣ୍ଣତମ ରୂପ ନୋହୁଁ, କାରଣ ପ୍ରାଣର ଆକାର ପ୍ରାଣଛଡ଼ା ଆଉ କିଛି ହୋଇ ନପାରେ ଏବଂ କାଳ-ସ୍ରୋତରେ ପ୍ରାଣର ସ୍ୱରୂପର ନୂଆ ନୂଆ ବିକାଶ ବୈଚିତ୍ର୍ୟ ଅଗଣନ ।

# ଫୁଲ କିପରି ପୃଥିବୀକୁ ବଦଳାଇଲା

ଭୂତାତ୍ତ୍ୱିକ ଯୁଗମାନଙ୍କର ଦୀର୍ଘ କାଳସ୍ରୋତରେ କେବେହେଲେ ଯଦି କେହି ସୌରମଣ୍ଡଳର ଆରପଟୁ ଆମ ପୃଥିବୀକୁ ଦେଖିବାକୁ ସକ୍ଷମ ହୋଇଥାନ୍ତା ତେବେ ସେ ଲକ୍ଷ୍ୟ କରିଥାନ୍ତା ଆମ ଗ୍ରହରୁ ପ୍ରତିଫଳିତ ଆଲୋକ ଧାରାରେ ଏକ ସୂକ୍ଷ୍ମ ପରିବର୍ତ୍ତନ । ମଙ୍ଗଳଗ୍ରହର ଲାଲରଙ୍ଗର ମରୁଭୂମି ପରି ତା'ର ନଜରରେ ପଡ଼ିଥାନ୍ତା ଯେ, ସେଇ ପୁରୁଣାକାଳର ପୃଥିବୀ ଆଲୋକ ପ୍ରତିଫଳିତ କରୁଛି, ଗୋଡ଼ି ପଥରର ବିଶାଳ ସ୍ତୋତରୁ, ସ୍ଥାନ ପରିବର୍ତ୍ତନକାରୀ ବାଲି-ପଡ଼ିଆମାନଙ୍କରୁ, ଉଲଗ୍ନ ମାଙ୍କଡ଼ାପଥରର କଳା ଚଟାଣ ସମୂହରୁ ଏବଂ ସେ କାଳରେ ବହୁଥିବା ଅସରନ୍ତି ଝଡ଼ର ଧୂଳି କଣିକାରାଜିରୁ । ଅବଶ୍ୟ ଅନ୍ୟ ଦୃଶ୍ୟ ମଧ୍ୟ ସେତେବେଳେ ଥିଲା । ଯଥା:—ଅସରନ୍ତି ଭସା ବଉଦର ସାତାସୂତା ଓ ଅଶାନ୍ତ ସାଗରବକ୍ଷରୁ ବିସ୍ମୟମାନ ଆଲୋକର ଝଲକ ; କିନ୍ତୁ ପ୍ରାଣସୃଷ୍ଟି କରିବାରେ ଏସବୁ ମୂଳତଃ ଅପାରଗ ଥିଲେ । ତା'ପରେ ଶତାବ୍ଦୀ, ସହସ୍ରାବ୍ଦୀ, ଯୁଗ ଯୁଗାନ୍ତ ବିତିଯିବା ଉତ୍ତାରୁ ସୌରମଣ୍ଡଳର ସେପଟୁ ଆମ ପୃଥିବୀ ଆଡ଼କୁ ଅନାଇଲେ ସଂଖ୍ୟାହୀନ ମାଇଲ ଦୂରତ୍ୱରେ କ୍ରମଶଃ ଦିଶିଥାନ୍ତା ଏକ ନୂଆ ଓ ସବୁଜ ଆଲୋକର ରଶ୍ମି ।

ସୌରମଣ୍ଡଳର ଆରପଟେ ଥିବା ସେଇ ଦୂରବର୍ତ୍ତୀ ଦର୍ଶକମାନଙ୍କର ସୂକ୍ଷ୍ମ ଯନ୍ତ୍ରପାତିରେ ଧରା ପଡ଼ିଥାନ୍ତା ପୃଥିବୀ ଗ୍ରହର ଆବହମାନ କାଳର ଇତିହାସରେ ଏହି ଏକମାତ୍ର ପରିବର୍ତ୍ତନ । କିନ୍ତୁ କ୍ରମବର୍ଦ୍ଧମାନ ସେଇ ସବୁଜ ବିଚ୍ଛୁରଣର ଅନ୍ୟ ଅର୍ଥ ମଧ୍ୟ ଥିଲା । ମହାକାବ୍ୟ ପରି ଏହା ସୂଚାଉ ଥିଲା ପ୍ରାଣ-

ବିସ୍ତାରର ଅନ୍ଧକାର । ପଠାମାନଙ୍କର ନିକଟ ବାହୁଅରୁ ଏଇ ଅନ୍ଧକାର ବ୍ୟାପି ଯାଉଥିଲା ଅନାବୃତ ମହାଦେଶମାନଙ୍କର କର୍କଶ ଭୂଭାଗ ଉପରେ । ସମୁଦ୍ର ତ ଏକ ରାସାୟନିକ ଉପାଦାନ ସମୃଦ୍ଧ ଜଳାଗାର ବିଶେଷ । ସେଥିରେ ଗାଧୁଆ ସାରି ଆଙ୍ଗୁଳ ପରି ଉଦ୍ଭିଦମାନେ ଉଠି ଆସୁଥିଲେ ଉଚ୍ଚ ଭୂମିକୁ ; ଗଭୀର ସମୁଦ୍ରରୁ ସେମାନେ ଆସୁ ନ ଥିଲେ । ବରଂ ସେମାନେ ଆସୁଥିଲେ ମହାଦେଶମାନଙ୍କର କୂଳର ଅଗଭୀର ସମୁଦ୍ରତୀର ନିକଟରେ ଥିବା ପଠାମାନଙ୍କରୁ ; ଏସବୁ ପଠା ଅନେକ ଓ ବିବିଧ ଉପାଦାନରେ ସମୃଦ୍ଧ ଥିଲା । ତହିଁରୁ ଉଠି ଆସିବା ଲାଗି ସେଇ ସବୁଜ ଉଦ୍ଭିଦମାନେ ବାଟ କାଢ଼ୁଥିଲେ ଜଟିଳ ନଦୀ ନାଳର ଉଜାଣିରେ ଓ ହ୍ରଦମାନଙ୍କର କଡ଼େ କଡ଼େ ଥିବା ଗୋଡ଼ି ଭିତରେ ସେସବୁ ହ୍ରଦ ଏବେ ଲୁପ୍ତ ।

ଜଳଧାର ଓ ଜଳାଭୂମି ଗୁଡ଼ିକୁ ଆଶ୍ରୟ କରିବା ଛଡ଼ା ସେଇ ଆଦିମ ଯୁଗର ଉଦ୍ଭିଦମାନଙ୍କର ଅନ୍ୟ ଉପାୟ ନ ଥିଲା । ପାଣି ସହିତ ସିଧା ସଳଖ ସମ୍ପର୍କ ବିନା ତାଙ୍କ ପ୍ରଜନନ ପଦ୍ଧତି ଅକାମୀ ଥିଲା । ଝର ଓ ଜଳାଭୂମିମାନଙ୍କର କଡ଼େ କଡ଼େ ସେଇ ଆଦିମ ଶିଉଳୀ ଓ 'ଫାର୍ଣ୍ଣ' ଜାତୀୟ ଉଦ୍ଭିଦ ଲାଗି ରହିଥିଲେ ସିନା ; କିନ୍ତୁ ବିଶାଳ ପୃଥିବୀର ଉଲଗ୍ନ ବକ୍ଷ ଥିଲା ପଥରରେ ପୂର୍ଣ୍ଣ । ତହିଁରେ ଚୂର୍ଣ୍ଣ ଧୂଳି ଝଡ଼ର ଘୂର୍ଣ୍ଣାବର୍ତ୍ତ । ଆଜିର ପୃଥିବୀରେ ମାଟି ପଥରକୁ ଯଥା ସ୍ଥାନରେ ଜାକି ଧରି ରଖିଛି ଘାସର ଏକ ବିଶାଳ ଆସ୍ତରଣ । ସେଇ ପ୍ରାଚୀନ ଯୁଗର ବହୁକୋଟି ବର୍ଷପରେ ସୃଷ୍ଟି ହୋଇଥିଲା ଏଇ ଘାସ । ସେତେବେଳର ସେଇ ସବୁଜର ଅଭିଯାତ୍ରୀମାନେ କେବଳ ସନ୍ତସନ୍ତିଆ ଜମିରେ କୌଣସି ପ୍ରକାର ତିଷ୍ଠି ରହିବାକୁ ସକ୍ଷମ ହୋଇଥିଲେ ଓ ସେତିକିରେ ତାଙ୍କର ସାମର୍ଥ୍ୟ ସରିଯାଇ ଥିଲା । ବିହନ ଦ୍ୱାରା ସେମାନେ ନିଜର ବଂଶବୃଦ୍ଧି କରିବାରେ ଅସମର୍ଥ ଥିଲେ, କେବଳ ପାଣିରେ ପହଁରି ପହଁରି ତାଙ୍କର ପୁଂ ବୀଜ କ୍ୱଚିତ୍ କଦବା ସ୍ତ୍ରୀ ଗର୍ଭକୁ ଉର୍ବର କରୁଥିଲା । ଉଚ୍ଚତର ଶ୍ରେଣୀର ଏଇ ସବୁ ଉଦ୍ଭିଦ ପ୍ରଜନନ ପଦ୍ଧତିରେ ବର୍ଷା ପାଣିକୁ ସୁକୌଶଳରେ ବ୍ୟବହାର କରୁଥିଲେ ଏବଂ ସନ୍ତସନ୍ତିଆ ଜମିର ପରିବେଶରେ ନିଜକୁ ଖାପ ଖୁଆଇ ରହିବାରେ ଅଧିକରୁ ଅଧିକତର ସଫଳ ହେଉଥିଲେ । ଏଇ ସବୁ ଉଦ୍ଭିଦ

ଆଜି ମଣିଷର ସ୍ୱାଭାବିକ ପାରିପାର୍ଶ୍ୱିକ ବୋଲି ମନେ ହୁଏ, କିନ୍ତୁ ପ୍ରକୃତରେ ନିସର୍ଗ ସମ୍ବନ୍ଧରେ 'ସ୍ୱାଭାବିକତ୍ୱ'ର ଅବକାଶ ସ୍ୱଳ୍ପ । ଏପରି ଦିନ ଥିଲା ଯେତେବେଳେ ପୃଥିବୀରେ ଫୁଲ ମୋଟେ ନଥିଲା ।

ଭୂତାତ୍ତ୍ୱିକମାନେ ଆମ ଗ୍ରହର ବୟସ ସ୍ଥିର ଅର୍ବୁଦ ବର୍ଷ ବୋଲି ବିଚାରନ୍ତି । ଏହି ହିସାବ ଅନୁସାରେ କହିବାକୁ ଗଲେ ମାତ୍ର କିଛି କାଳ ଆଗରେ ଅର୍ଥାତ୍ ଦଶକୋଟି ବର୍ଷ ପୂର୍ବରେ ପୃଥିବୀ ଗ୍ରହର ପାଞ୍ଚୋଟି ମହାଦେଶର କୌଣସିଠାରେ ଫୁଲ ଦେଖାଯାଉ ନ ଥିଲା । ମେରୁମାନଙ୍କରୁ ବିଷୁବରେଖା ପର୍ଯ୍ୟନ୍ତ ଯେ କୌଣସି ଜାଗା ଦେଖିଲେ ସେତେବେଳେ ଦିଶୁଥିଲା କେବଳ ଅଣ୍ଡା, ଅନ୍ଧାର ଓ ବିରକ୍ତିକର ଏକ ସବୁଜ ପୃଥିବୀ ସନ୍ଧିର ଉଦ୍ଭିଦ ଜୀବନରେ ଅନ୍ୟ କୌଣସି ରଙ୍ଗ ଖେଳୁ ନଥିଲା ।

ପୃଥିବୀ ପୃଷ୍ଠରେ ସୁପ୍ରାଚୀନ କାଳର ବିରାଟ ସରୀସୃପମାନଙ୍କ ଯୁଗ ଶେଷ ହେବାର ସାମାନ୍ୟ କିଛିକାଳ ପୂର୍ବରୁ କୌଣସି ଏକ ସମୟରେ ଗୋଟିଏ ନିଶବ୍ଦ ଅଥଚ ପ୍ରଚଣ୍ଡବିସ୍ଫୋରଣ ଘଟିଥିଲା । ଲକ୍ଷକୋଟି ବର୍ଷଧରି ଚାଲିଥିଲେହେଁ, ଏହା ବିସ୍ଫୋରଣ ଛଡ଼ା ଆଉ କିଛି ନଥିଲା । ଏହି ସମୟରେ ଦେଖାଯାଇ ଥିଲା 'ଆଞ୍ଜିଓସ୍ପାର୍ମସ୍' ଅର୍ଥାତ୍ କୁସୁମିତ ଉଦ୍ଭିଦର ଆବିର୍ଭାବ । ବିଖ୍ୟାତ ଉଦ୍‌ବର୍ତ୍ତନବାଦୀ ଚାର୍ଲସ୍ ଡାରୁଇନ୍ ମଧ୍ୟ ଏହି ଉଦ୍ଭିଦମାନଙ୍କୁ 'ଘୃଣ୍ୟରହସ୍ୟ' ବୋଲି କହି ଯାଇଛନ୍ତି । କାରଣ ସେମାନେ ଆବିର୍ଭୂତ ହୋଇଥିଲେ ଯେପରି ହଠାତ୍, ବ୍ୟାପି ଯାଇଥିଲେ ମଧ୍ୟ ସେହିପରି ଶୀଘ୍ରଗତିରେ ।

ଏହିପରି ଭାବରେ ଫୁଲ ଆମ ପୃଥିବୀ ଗ୍ରହର ମୁଖମଣ୍ଡଳର ରୂପରେ ପରିବର୍ତ୍ତନ ଆଣିଥିଲା । ସେତେବେଳର ଫୁଲ ବିନା ଆଜି ଆମର ସୁପରିଚିତ ପୃଥିବୀର ରୂପ, ଏପରି କି ମଣିଷର ଅସ୍ତିତ୍ୱ ମଧ୍ୟ, ସମ୍ଭବ ହୋଇ ନ ଥାନ୍ତା । ଇଂରାଜୀ କବି ଫ୍ରାନ୍‌ସିସ୍ ଥମସନ୍ ଥରେ ଲେଖିଥିଲେ ଯେ ଫୁଲଟିଏ ଛିଣ୍ଡାଇବା ଅର୍ଥ—ଗୋଟିଏ ତାରକାକୁ କ୍ଲେଶ ଦେବା । ନିସର୍ଗବାଦୀଙ୍କ ପରି ସେ ସହଜାତ ବୋଧରୁ ଅନୁଭବ କରିଥିଲେ ଯେ ଏଇ ପ୍ରାଣମୟ ଜଗତର ଜୀବନ କେତେ ଜଟିଳ ଓ କେତେ ବିରାଟଭାବରେ ପରସ୍ପର ସମ୍ପର୍କିତ । ଆଜି ଆମେ ଜାଣୁ ଯେ,

ଜଳର ଆବର୍ତ୍ତ ଭିତରେ ମଣିଷର ସୃଷ୍ଟି ମଧ୍ୟ ନିହିତ ଥିଲା ; ଉଭୟ ସମାନ ରହସ୍ୟମୟ ।

ସୁପ୍ରାଚୀନ କାଳର ଅତିକାୟ ସରୀସୃପମାନଙ୍କ ଯୁଗକୁ ଫେରିଯିବା ସମ୍ଭବ ହେଲେ ଆମେ ଦେଖିପାରୁ ଯେ ସେ କାଳର ପାଣିରେ ବୁଡ଼ିଥିବା ଜଳାଭୂମି ଗୁଡ଼ିକରେ ଓ ପକ୍ଷୀ ନଥିବା ଜଙ୍ଗଲମାନଙ୍କରେ ଏପରି ଏକ ଜଗତ ବର୍ତ୍ତମାନ ଥିଲା ଯାହା ଆଜିର ପୃଥିବୀ ସହିତ ତୁଳନୀୟ, କିନ୍ତୁ ଅଧିକ ନିଦ୍ରାଳୁ । ଏଠି ସେଠି 'ଡାଇନୋସୋର' ନାମକ ଅତିକାୟ ତୃଣଭୋଜୀ ଜନ୍ତୁ ଦେଖାଯାଉ ଥିଲେ । ଭୂମିରେ ଆହାର ଖାଉଖାଉ କେବେ କେତେବେଳେ ସେଇ ଦୈତ୍ୟକାୟ ସରୀସୃପ ତା'ର ସର୍ପାକୃତି ବେକ ଟେକି ଚାରିପଟେ ଅନାଉ ଥିଲା । ଭୟ ଓ ସନ୍ଦେହର ସେ ନଜର କରୁଥିଲା, ପାଖରେ ସେ କାଳର କୌଣସି ମାଂସାଶୀ ଜନ୍ତୁ ଅର୍ଥାତ୍ ତାର ଶତ୍ରୁ ଅଛନ୍ତି କି ନାହିଁ । ଆଉ ଥିଲେ—'ଟାଇନୋସୋର' ନାମକ ଦ୍ୱିପଦ ଜନ୍ତୁ । ସେମାନଙ୍କୁ ମଣିଷର ଅତିକାୟ ବ୍ୟଙ୍ଗଚିତ୍ର କହି ହେବ । ଭବିଷ୍ୟତରେ ଯେଉଁଠାରେ ମହାନଗରମାନ ଗଢ଼ି ଉଠିଥିଲା ସେତେବେଳର ସେଇ ପଡ଼ିଆ ଜମିରେ ସେମାନେ ଉଦାସୀନ ଭାବରେ ପଦକ୍ଷେପ କରି ଚାଲୁଥିଲେ । ଧୀରେ ଧୀରେ ସେମାନେ ଭୂତାତ୍ତ୍ୱିକ କାଳସ୍ରୋତର ଅନ୍ଧାର ଗର୍ଭରେ ବିଲୀନ ହୋଇ ଯାଇଥିଲେ ।

ସେ ଯୁଗର ଜୀବନ୍ତ ପଦାର୍ଥମାନେ ଚାରିଆଡ଼େ ଅନାଉଥିଲେ । ଶିକାରୀର ତୀକ୍ଷ୍ଣ ଦୃଷ୍ଟି ଦେଇ ଚାଲୁଥିଲା ବେଳେ ତାଙ୍କଠାରେ ଦିଶୁଥାଏ ନିଦ୍ରାଳୁ ଭାବ ; ସତେ ଯେପରି ସେମାନେ ସ୍ୱପ୍ନଚାରୀ ସେହିପରି ଥିଲା ; ତାଙ୍କର ଗମ୍ଭୀର ଚାଲିଚଳନ; ତାଙ୍କର ମଗଜ ଚାଳିତ ହେଉଥିବା ସହଜାତ ବୋଧ ଦ୍ୱାରା । ଆଜି କାଲି ମାନଦଣ୍ଡରେ ବିଚାରକଲେ ଜଣାଯାଏ ଯେ ସେ ଥିଲା ଏକ ଶ୍ଳଥଗତି ଶିଥିଳ ଓ ଶୀତଳ ରକ୍ତର ଜଗତ । ସେ ଜଗତର ଅଧିବାସୀମାନେ କେବଳ ଖରାବେଳେ ସକ୍ରିୟ ଥିଲେ କିନ୍ତୁ ସାମାନ୍ୟ ଥଣ୍ଡା ରାତିରେ ନିସ୍ତେଜ ହୋଇ ପଡ଼ୁଥିଲେ । ଯେଉଁ ଦେହଗତ ପୁଷ୍ଟି ମେଧାର ବିକାଶରେ ସାହାଯ୍ୟ କରେ ତାହାର ଧାରା ତାଙ୍କଠାରେ ଅତ୍ୟନ୍ତ ଶ୍ଳଥ ଥିବାରୁ ତାଙ୍କର ମସ୍ତିଷ୍କର କ୍ରିୟା ନିର୍ଜୀବ ଥିଲା । ଆଜି ଆମେ ଯେତେ ସବୁ କବୋଷ୍ଣରକ୍ତ ବିଶିଷ୍ଟ ଆଦିମ ଜନ୍ତୁଙ୍କ

ଜଥା ଜାଣି ତାଙ୍କର ଜାହାଣ ମେଧା ବିକାଶର ପୁଷ୍ଟିଧାରା ଏତେ ଶ୍ଳଥ ନଥିଲା ।

ଜୀବନର ଉଦ୍‌ବର୍ତ୍ତନ ଧାରାରେ ଚୂଡ଼ାନ୍ତ କୀର୍ତ୍ତି ହେଉଛି—ଉଚ୍ଚ କୋଟିର ମେଧାବିକାଶ ଧାରା ଏବଂ ଦେହୋତ୍ତାପ ନିୟମିତ ରଖିବାର କ୍ଷମତା । ଏଇ ଉଭୟରୁ ଜାତ ହୁଏ ନିକୃଷ୍ଟତମ ପରିବେଶରେ ବେଶି ତାପ ବା ଥଣ୍ଡା ତାପ ବେଳେ ପ୍ରାଣୀମାନଙ୍କର ପଳାଇବାର କ୍ଷମତା ଓ ତତ୍ସଙ୍ଗେ ଏକ ଉଚ୍ଚ ଶ୍ରେଣୀର ମାନସିକ ଦକ୍ଷତା । ଦୃଷ୍ଟିଜନିତ ମେଧାବିକାଶର ଧାରା ଯେଉଁ ପ୍ରାଣୀଙ୍କ-ଠାରେ ନାହିଁ, ସେମାନେ ପାରିପାର୍ଶ୍ୱର ଦାସ । ଦମ୍ ବନ୍ଦହେଲେ ଶ୍ରେଷ୍ଠ ଘଣ୍ଟାଟିଏ ଯେପରି ଅଚଳ ହୋଇପଡ଼େ, ହେମନ୍ତ ଋତୁର ପ୍ରଥମ ତୁହିନ ପଡ଼ିଲା ମାତ୍ରେ କୀଟ ପତଙ୍ଗମାନେ ସେହିପରି ନିର୍ଜୀବ ହୋଇ ପଡ଼ନ୍ତି । କିନ୍ତୁ ସେଥିରୁ ଗୋଟିଏକୁ ହାତରେ ଉଠାଇ କେହି ଯଦି ଫୁଙ୍କିବାଦ୍ୱାରା ଉଷ୍ମତା ଦାନ କରେ, ତେବେ ତାହା ପୁଣି ସଚଳ ହୋଇଥାଏ ।

ଏପରି ପ୍ରାଣୀମାନେ ସେମାନଙ୍କ ଆଶ୍ରୟସ୍ଥଳମାନଙ୍କରେ ସାରା ଶୀତକାଳ ନିଦରେ କଟାନ୍ତି, ଅସଲରେ ସେମାନେ ଚଳନ୍ତ ଶକ୍ତି ରହିତ ହୋଇ ପଡ଼ନ୍ତି । ଅବଶ୍ୟ, ଉତ୍ତର ଆମେରିକାର ଦେଢ଼ଫୁଟ ଲମ୍ବ 'ଉଡ୍‌ଚକ୍' ନାମକ ଗୁଣ୍ଡୁଚି ମୂଷା ଜାତୀୟ ପ୍ରାଣୀ ପରି ଅଳ୍ପ କେତେକ କଶେରୁକା ବିଶିଷ୍ଟ ସ୍ତନ୍ୟପାୟୀ ଜନ୍ତୁ ଶୀତନିଦ୍ରା ପ୍ରବୃତ୍ତି ସକାଶେ ନିଜର ପୁଷ୍ଟି ଓ ମେଧା ବିକାଶର ଧାରାକୁ ଶ୍ଳଥ କରିଛନ୍ତି । କିନ୍ତୁ ଏପରି ପ୍ରକ୍ରିୟା ଏବେ ମଧ୍ୟ ବଜାୟ ରଖିବାର ଯଥେଷ୍ଟ ଯୁକ୍ତି ରହିଛି ଯଥା:—ସାମୟିକ ଭାବରେ ନିର୍ଜୀବ ଥିଲାବେଳେ ଶତ୍ରୁଙ୍କ ନଜରରେ ପଡ଼ିଲେ ଏହାଙ୍କର ସମୂହ ବିପଦର ସମ୍ଭାବନା । ତେଣୁ ବଡ଼ ବା ଶ୍ରେଷ୍ଠ ଜନ୍ତୁ, ଯଥା:—ଭାଲୁ ବା 'ଉଡ୍‌ଚକ୍' ଶୀତଋତୁ ସାରା ଶୋଇଲାବେଳେ ଲୁକ୍‌କାୟିତ ଗୁହା ବା ଗାତମାନଙ୍କରେ ପ୍ରଥମେ ନିରାପଦ ଆଶ୍ରୟ ଖୋଜି ନିଅନ୍ତି । ସୁତରାଂ ଏପରି ପ୍ରବୃତ୍ତି ପ୍ରାଥମିକତଃ ବଡ଼ ଜନ୍ତୁଙ୍କର ନୁହେଁ ବରଂ ଶ୍ରେଷ୍ଠ ଜୀବମାନଙ୍କର ଶୀତକାଳୀନ ଆଶ୍ରୟ ଯେଉଁମାନେ ସହଜରେ ଲୁଚି ରହି ପାରନ୍ତି ।

ଶରୀରର ତାପ ଓ ଦକ୍ଷତା ସ୍ଥିର ରଖିବା ପାଇଁ ଦରକାର ହୁଏ ବେଶି ପରିମାଣରେ ଶକ୍ତି ଆହରଣ । ଉଚ୍ଚ ଶ୍ରେଣୀର ପୁଷ୍ଟି ବଜାୟ ରଖିବାରେ ଏହା

ଏକାନ୍ତ ପ୍ରୟୋଜନ । ପରବର୍ତ୍ତୀ ଯୁଗର କବୋଷ୍ଣରକ୍ତ ବିଶିଷ୍ଟ କେତେକ ସ୍ତନ୍ୟପାୟୀ ଜୀବ ଏବେ ମଧ୍ୟ ବର୍ତ୍ତମାନ । ଏହି କାରଣରୁ ସେମାନେ ମଧ୍ୟ ଶୀତମାସମାନଙ୍କରେ ଶ୍ଳଥତର, ପ୍ରାୟ ଅଚେତନ ଜୀବନ ଯାପନ ପଦ୍ଧତି ଶିଖିଛନ୍ତି । କାରଣ ସେ ସମୟରେ ଖାଦ୍ୟ ସଂଗ୍ରହ ଦୁର୍ଘଟ । ସମତଳ ଭୂମିର ସାମାନ୍ୟ ଉଚ୍ଚ ଜାଗାମାନଙ୍କରେ ସେମାନେ ଅନ୍ୟ ପ୍ରଣାଳୀ ଅନୁସରଣ କରନ୍ତି । ବରଫାଚ୍ଛନ୍ନ ଗାଡ଼ିଆମାନଙ୍କର ତଳେ ପଙ୍କ ଭିତରେ ସେମାନେ ଶୀତଳ ରକ୍ତ ବିଶିଷ୍ଟ ବେଙ୍ଗମାନଙ୍କ ପରି ଶୋଇଥାନ୍ତି ।

କବୋଷ୍ଣ ରକ୍ତବିଶିଷ୍ଟ ପକ୍ଷୀ ଓ ସ୍ତନ୍ୟପାୟୀ ଜୀବଙ୍କର ପ୍ରଖର ମସ୍ତିଷ୍କ ଚାଳନା ପାଇଁ ଦରକାର ହୁଏ ଅଧିକ ପରିମାଣରେ ଅମ୍ଳଜାନ ଓ ଘନୀଭୂତ ଆକାରରେ ଖାଦ୍ୟ । ନଚେତ୍ ସେଇ ପ୍ରାଣୀମାନେ ଦୀର୍ଘକାଳ ନିଜକୁ ବଞ୍ଚାଇ ରଖିବାକୁ ଅକ୍ଷମ ହୋଇପଡ଼ନ୍ତି । କୁସୁମିତ ଉଦ୍ଭିଦମାନଙ୍କର ଆବିର୍ଭାବରୁହିଁ ଏଇ ଅତି ପ୍ରୟୋଜନୀୟ ଶକ୍ତିର ଉତ୍ପତ୍ତି ହୋଇଥିଲା ଓ ତାହା ସଜୀବ ଜଗତର ପ୍ରକୃତି ବଦଳାଇ ଦେଇଥିଲା । ଫୁଲର ଆବିର୍ଭାବ ଓ ପକ୍ଷୀ ଏବଂ ସ୍ତନ୍ୟପାୟୀ ଜୀବଙ୍କ ଆବିର୍ଭାବ ସମାନ୍ତରାଳ; ଉଭୟର ସାଦୃଶ୍ୟ ଭାରି ବିସ୍ମୟକର ।

ଆଜିଠାରୁ ପ୍ରାୟ ପଚିଶକୋଟି ବର୍ଷ ଆଗର କଥା—ଅତିକାୟ ସରୀସୃପ-ମାନଙ୍କ ଯୁଗର ଉଷାକାଳରେ ସେଇ ସବୁଜ ଉଦ୍ଭିଦର ଅନାବୃତ, ଅଣୁପରିମାଣ ସଂକୀର୍ଣ୍ଣ କଳର ଓ ବର୍ଷାପାଣିରେ ଖସିଯାଇ କ୍ରମଶଃ ରୂପାନ୍ତରିତ ହୋଇଥିଲା ପବନବାହିତ ଏକ ପ୍ରକାର ପରାଗରେ । ପରାଗ ବିତରୁଥିବା ବୃକ୍ଷ ବର୍ଗର ଏକ ଉଦାହରଣ ହେଉଛି ଆମର ଆଜିକାର 'ପାଇନ୍' ଜଙ୍ଗଲମାନ । ଗର୍ଭାଧାନର ପ୍ରକ୍ରିୟା ଆଉ ସେତେବେଳେ ବର୍ଷାଃସ୍ଥିତ ପାଣି ଉପରେ ନିର୍ଭର କଲା ନାହିଁ ସେତେବେଳେ ତାହାର ଅଭିଯାନ ଶୁଷ୍କତର ଅଞ୍ଚଳମାନଙ୍କରେ ବ୍ୟାପ୍ତ ହୋଇ ପଡ଼ିଲା । କ୍ରମଶଃ ରେଣୁ ବଦଳରେ ସରଳ ଧରଣର ଆଦିମ ବୀଜନ ଦେଖା-ଦେଲା—ଏହା ବୃକ୍ଷଶିଶୁଙ୍କୁ ପୁଷ୍ଟି ଯୋଗାଇ ପାରୁଥାଏ । ତଥାପି, ପ୍ରକୃତ ଫୁଲର ଉତ୍ପତ୍ତି ହୋଇଥିଲା ଆହୁରି କେତେ କୋଟି ବର୍ଷ ପରେ । ଇତିମଧ୍ୟରେ ଉଦ୍‌ବର୍ତ୍ତନର ଧାରା ଦୀର୍ଘକାଳ ଇତସ୍ତତଃ ଅଣ୍ଡାଳ ବିକଶିତ ହେଉଥିଲା । ତା'ପରେ ହଠାତ ଏକ ପ୍ରଚଣ୍ଡ ବିପ୍ଳବ ପରି ପୃଥିବୀ ପୃଷ୍ଠରେ ସେମାନେ ବିସ୍ଫୋରିତ ହୋଇଥିଲେ ।

ଅତିକାୟ ସରୀସୃପମାନଙ୍କର ଯୁଗ ସରିଆସିଲାବେଳେ 'କ୍ରେଟାକେସିଆସ' କାଳପର୍ଯ୍ୟ ଭିତରେ ଏହି ଘଟଣା ଘଟିଥିଲା । କୁସୁମିତ ଉଦ୍ଭିଦମାନଙ୍କର ଆବିର୍ଭାବର ଅବ୍ୟବହିତ ପୂର୍ବରୁ ମଣିଷର ପୂର୍ବ ପୁରୁଷ ଅର୍ଥାତ୍ କବୋଷ୍ଣ ରକ୍ତ ବିଶିଷ୍ଟ ସ୍ତନ୍ୟପାୟୀ ଜୀବମାନେ ଥିଲେ ଆକାରରେ ମୂଷାପରି କ୍ଷୁଦ୍ର ଓ ସଂଖ୍ୟାରେ ସ୍ୱଳ୍ପ । ସେମାନେ ଗଛରେ ଓ ଗଛ ମୂଳର ବୁଦାମାନଙ୍କରେ ଲୁଚି ରହୁଥିଲେ । ମାଂସାଶୀ ଦାନ୍ତଥିବା ଝିଟିପିଟି ପରି ଅଳ୍ପ କେତେକ ପକ୍ଷୀ ସେତେବେଳେ ଉଡ଼ିବାରେ ଖୁବ୍ କୁଶଳ ନ ଥିଲେ ; ତାଙ୍କର ଲକ୍ଷ୍ୟରେ ପହଞ୍ଚିବାର କ୍ଷମତା ମଧ୍ୟ ଊଣାଥିବାରୁ ଅଖାଡ଼ୁଆ ଭାବରେ ଡେଣା ଝାପଟି ସେମାନେ ବୁଦାରୁ ଝୋପକୁ ଉଡ଼ି ଯାଉଥିଲେ । ସେ ସବୁ ବୁଦା ଝୋପ କାଳ ସ୍ରୋତରେ ବିଲୀନ ହୋଇ ଯାଇଛି । ସେସବୁ ନଗଣ୍ୟ ପ୍ରାଣୀମାନଙ୍କ ମଧ୍ୟରୁ କେହି ହେଲେ ଉଲ୍ଲେଖ ଯୋଗ୍ୟ ପ୍ରତିଭାର ପରିଚୟ ଦେଇ ନ ଥିଲେ । ସେତେବେଳକୁ ସ୍ତନ୍ୟପାୟୀ ଜୀବମାନେ କେତେ କୋଟି ବର୍ଷ ଜୀଇଁ ସାରିଥିଲେ କିନ୍ତୁ ସେମାନେ ଅତିକାୟ ସରୀସୃପମାନଙ୍କର ଗୁରୁତ୍ୱତଳେ ପ୍ରାୟ ଅଦେଖା ରହୁଥିଲେ । ସତ କହିବାକୁ ଗଲେ ବଡ଼ ମୂଷା ଆକାରର ପ୍ରାଣୀମାନଙ୍କର କ୍ଷୁଦ୍ର ଦେହ ଭିତରେ ମଣିଷ ସୃଷ୍ଟିର ସମ୍ଭାବନା ଆରବ୍ୟ ଉପନ୍ୟାସରେ ବର୍ଣ୍ଣିତ ବୋତଲରେ ଥିବା ଦୈତ୍ୟପରି ଲୁଚି ଥିଲା ।

ଏଥର ସେ କାଳର ପକ୍ଷୀମାନଙ୍କ ବିଷୟରେ କିଛି କୁହା ଯାଉ । ଅତିକାୟ ସରୀସୃପ ଜାତୀୟ ହେଲେହେଁ, 'ଟେରାଡ଼୍ୟାକ୍ଟିଲସ୍' ମାନେ ପକ୍ଷୀମାନଙ୍କ ସଗୋତ୍ରଥିଲେ । ସେମାନେ ଅଧିକତର ଭଲ ଭାବରେ ଏବଂ ବେଶୀଦୂର ଉଡ଼ି ପାରୁଥିଲେ । ସ୍ତନ୍ୟପାୟୀ ଜୀବମାନଙ୍କ ଦେହ ସଂସ୍ଥାନ ସହିତ ସେ କାଳର ପକ୍ଷୀମାନଙ୍କର ମାତ୍ର ଗୋଟିଏ ସାଦୃଶ୍ୟ ଥିଲା । ସେମାନେ ମଧ୍ୟ କବୋଷ୍ଣ ରକ୍ତ ସଞ୍ଚାଳନ ଓ ତଜ୍ଜନିତ ତାପନିୟନ୍ତ୍ରଣର କୌଶଳ ଉଦ୍ଭାବନ କରିଥିଲେ । ତଥାପି ପରଗୁଡ଼ିକ ଛଣ୍ଡାଇ ନେଲେ ସେଇ ପକ୍ଷୀମାନେ ଦିଶୁଥିଲେ ଟିକିଏ ଅଖାଡ଼ୁଆ ଧରଣର କୁଶ୍ରୀ ଝିଟିପିଟି ପରି ।

କିନ୍ତୁ ପକ୍ଷୀ ବା ସ୍ତନ୍ୟପାୟୀ ଜୀବଙ୍କ ମଧ୍ୟରେ କେହି ହେଲେ, ଯେପରି ଦେଖାଯାଉଥିଲେ ପ୍ରକୃତରେ ତାହା ନଥିଲେ । ସେମାନେ ଫୁଲର ଯୁଗକୁ

ଅପେକ୍ଷା କରିଥିଲେ । ଫୁଲର ଆବିର୍ଭାବ ସଙ୍ଗେ ସଙ୍ଗେ ଆସିଥିଲା ଯାହାକୁ ଆମେ ବନ୍ଧନ ବୋଲି ଜାଣୁ— ଅର୍ଥାତ୍ ଖୋଳ ଭିତରେ ଥିବା 'ମଞ୍ଜି' । ଏହାର ଅପେକ୍ଷାରେ ସେମାନେ ଥିଲେ । ପରବର୍ତ୍ତୀ ଯୁଗରେ 'ଜଳଭୂମି'ମାନଙ୍କରେ ବଞ୍ଚି ପାରିଲେ ଉଦ୍ଭିଦଗୁଚ୍ଛ । ସେଇସବୁ ଜଳଭୂମିମାନଙ୍କରେ ସେକାଳରେ ବୁଲୁଥିଲେ ଦୈତ୍ୟାକୃତି, ବାଦୁଡ଼ିପକ୍ଷ ପରି ଡେଣା ଥିବା ସରୀସୃପମାନେ ; ସେମାନେ ମାଛ ଖାଉଥିଲେ । ଗୋଟିଏ ଡେଣାର ପ୍ରାନ୍ତରୁ ଅନ୍ୟ ଡେଣାର ପ୍ରାନ୍ତ ପର୍ଯ୍ୟନ୍ତ ତାଙ୍କର ଚଉଡ଼ା ଥିଲା ଅଠେଇଶ ଫୁଟ ମାତ୍ର !

ଜଳଭୂମି ଛଡ଼ା ଭୂଭାଗର ଅଭ୍ୟନ୍ତରରେ ଦେଖାଯାଉଥିଲା କେବଳ 'ପାଇନ' ଓ 'ଫାର୍' ଜାତୀୟ ଗଛରେପୂର୍ଣ୍ଣ ଜଙ୍ଗଲର ବିରକ୍ତିକର ଦୃଶ୍ୟ । ସବୁଆଡ଼େ ଥିଲା ଖାଲି ସେଇସବୁ ଗଛର ଆଦିମ ବନ୍ୟ, କୋଣବିଶିଷ୍ଟ ଅସଂଖ୍ୟ ଫୁଲ । ଘାସ ନଥିବା ଅନାବୃତ ପୃଥିବୀପୃଷ୍ଠରେ ଅବାଧରେ ଝରିପଡ଼ୁଥିଲା ସେଇ ସବୁ ଗଛରୁ ବନ୍ଧନ ସବୁ । ଆଉ ଥିଲେ ଆକାଶଚୁମ୍ବୀ 'ସିକୋୟା' ଗଛମାନ । ଅବଶ୍ୟ, ସେକାଳର ପୃଥିବୀର ଏକ ଆବେଦନ ଆମ ମନକୁ ଛୁଇଁ ପାରିଥାନ୍ତା । କିନ୍ତୁ ତାହା ଥିଲା ଦାନବୀୟ ଜଗତର ଆବେଦନ । ସେ ଜଗତ ସେହିପରି ଧୀରେ ଧୀରେ ଗତି କରୁଥିଲା ଯେପରି ଧୀରେ ଗଛମାନଙ୍କର ଗଣ୍ଠି ଭିତରେ ସେ କାଳର ଅତିକାୟ ସରୀସୃପମାନେ ରାଜକୀୟ ମହିମା ସହିତ ପଦସଞ୍ଚରଣ କରୁଥିଲେ ।

ଉତ୍ତର ଆମେରିକାର କାଲିଫୋର୍ଣ୍ଣିଆ ଅଞ୍ଚଳର ସମୁଦ୍ର ତଟରେ ଆଜି ମଧ୍ୟ ବଞ୍ଚିରହିଥିବା 'ରେଡ୍ ଉଡ୍' ଗଛର ଘଞ୍ଚ ବନସ୍ତ ପରି ସେକାଳର ସେଇ ଗଛଗୁଡ଼ାକ ଥିଲା ସୁପ୍ରାଚୀନ ଓ ଅତିକାୟ । ସେଗୁଡ଼ାକ ଖୁବ୍ ଧୀରେ ବଢ଼ୁଥିଲେ । ସବୁଆଡ଼େ ଥିଲା ଖାଲି ସିଧାସଳଖ ଉପରକୁ ଉଠିଯାଇଥିବା ଅଞ୍ଚଳ, ବିରକ୍ତିକର ସବୁଜର ସମାବେଶ । ସେ ପର୍ଯ୍ୟନ୍ତ ଘାସ ଜନ୍ମି ନଥାଏ; ସୂର୍ଯ୍ୟକୁ ଚାହିଁଥିବା ବିସ୍ତୀର୍ଣ୍ଣ ସମତଳ ଭୂମି ମଧ୍ୟ ନଥିଲା । ଘାସଭୂଇଁରେ ବାଟୋଇର ଗୋଡ଼ତଳେ ଉଙ୍କିମାରିଲା ପରି 'ଡେଇଜି' ଫୁଲର ଶ୍ୱେତ ବିନ୍ଦୁମାନେ ମଧ୍ୟ ଦେଖାଯାଉ ନଥିଲେ । ସେକାଳର ଦୃଶ୍ୟରେ ବୈଚିତ୍ର୍ୟ ଆଦୌ ନଥିଲା । ପ୍ରକୃତରେ ତାହା ଥିଲା ଏକ ଦୈତ୍ୟରାଜ୍ୟ ।

ସେଇ ସୁଦୂର ଅତୀତ ଯୁଗରୁ ପୃଥିବୀ ଯେ କେତେ ବଦଳିଛି ସେ ବିଷୟରେ ମୋର ହୃଦ୍‌ବୋଧ ହୋଇଛି ଏଇ କେତେଦିନ ପୂର୍ବେ ଏକ ରାତିରେ । ସେ ରାତିରେ ମୋର ରହିବା ଘରେ ହଠାତ୍ ମୋର ନିଦ ଭାଙ୍ଗିଗଲା ଏକ ଅଜଣା ଶବ୍ଦରେ । ମୂଷାର ଚୁଲବୁଲ ବା ପକ୍ଷୀର ସଙ୍କୋଚନ ଶବ୍ଦ ପରି ଏହା ସାମାନ୍ୟ ଏକ ଆବାଜ ନଥିଲା । ମଦ ଗ୍ଲାସ ଉପରେ ଅସାବଧାନ ଗୋଡ଼ ପଡ଼ିଲେ ଗୁଣ୍ଡ ଗୁଣ୍ଡ ହୋଇ ଫାଟି ଭାଙ୍ଗିଯିବାର ଶବ୍ଦ ପରି ଏହା ଏକ ଜୋର ଆବାଜ ଥିଲା । ହଠାତ୍ ବିଛଣାରୁ ଉଠି ଦମ୍ ବନ୍ଦ କରି ଶେଯରେ ପଡ଼ିରହିଲି । ଉତ୍କଣ୍ଠିତ ହୋଇ ଅପେକ୍ଷା କଲି ଆଉ ଗୋଟିଏ ସେପରି ଶବ୍ଦ ଶୁଣିବି ବୋଲି ; କିନ୍ତୁ ଆଉ ସେପରି ଶବ୍ଦ ଶୁଣିଲି ନାହିଁ ।

ଉତ୍କଟ ଉତ୍କଣ୍ଠା ସହି ନପାରି ମୁଁ ଆଲୁଅ ଜଳାଇ ଏକ ବଖରାରୁ ଅନ୍ୟ ବଖରାକୁ ଗଲି—ସିଡ଼ି ତଳେ, ଚୌକି ତଳେ ଖୋଜା କରି ଅନାଇଲି । କିଛି ହେଲେ ଓଲଟପାଲଟ ହୋଇଥିବା ମନେ ହେଲା ନାହିଁ, ମୋର ରହିଲା ଘରେ ମେଜିଆ ଉପରେ ହତବୁଦ୍ଧି ହୋଇ ମୁଁ ଠିଆ ହୋଇ ରହିଲି । ହଠାତ୍ ମୋର ଆଖି ପଡ଼ିଲା କାର୍ପେଟ୍ ଉପରେ । ସେଠାରେ ମୁଁ ଦେଖିଲି ଗୋଟିଏ ବୋତାମ ଆକାରର ଜିନିଷ । ତାହା ଯେପରି ଟାଣ, ସେହିପରି ପାଲିଶ ହୋଇଥିଲା ପରି ଚକ୍‌ଚକ୍ କରୁଥିଲା । ସାବଧାନରେ ଅନାଉଥିବା ଗ୍ରେଟ ଗ୍ରେଟ ଆଖି ଭଳି ସେଇ ଜିନିଷର ଆହୁରି କେତେକ, ବଖରାର ଦୈର୍ଘ୍ୟ ବରାବର ବିଖି ହୋଇ ଚକ୍‌ଚକ କରୁଥାନ୍ତି ଓ ମୋ ଆଡ଼େ ଅନାଉଥାନ୍ତି । ମୁଁ ବୁଝିପାରିଲି ଯେ ଗୋଟିଏ ପ୍ଲେଟ ଉପରେ ରଖା ହୋଇଥିବା 'ପାଇନ୍' ଗଛର କୋଣାକୃତି ଗୁଚ୍ଛ ଫୁଟି ଯାଇ କଫି ଟେବୁଲ ଉପରେ ବିଖି ହୋଇଯାଇଛି । ନିଶ୍ଚୟ ସେଇ ପ୍ଲେଟ୍‌ଟି ଫାଟି ଯାଇ ଆବାଜ କରିନଥିଲା । ମୋର ଖୁବ୍ ନିକଟରେ ମୁଁ ଦେଖିଲି ଦୁଇ ଗୋଟି ଭେଲ୍‌ଭେଟ୍ ସବୁଜ ଫିତାର ଅଂଶ । ସେ ଦୁଇଟିକୁ ଯୋଡ଼ି ଗୋଟିଏ ବୀଜକୋଷ ହୋଇପାରେ କି ନାହିଁ ତାହା ଦେଖିବାକୁ ମୁଁ ଚେଷ୍ଟା କଲି । ମୋଡ଼ି ହୋଇ ସେ ଦୁଇ ଅଂଶ ପରସ୍ପର ବିଚ୍ଛିନ୍ନ ରହିବାରୁ ମୁଁ ତାକୁ ଯୋଡ଼ି ପାରିଲି ନାହିଁ ।

ତାପରେ ଗୋଟିଏ ଡେସ୍କାରରେ ଉଲଟନ୍ତି ମୁଁ ସେଇ ରାତିର ଅଶାନ୍ତିର କାରଣ ଖୋଜି ପାଇଲି । ଦିନେ ଦୁଇଦିନ ଆଗରେ ମୁଁ 'ଇଣ୍ଡିଷ୍ଟାରିଆ' ଲତାର

କେତେକ ମକ୍ଷିଭରା ଖୋଳ ଆଣି ପ୍ଲେଟ୍‌ଟିରେ ରଖିଥିଲି । କେଉଁ ଖିଆଲରେ ସେମାନେ ସେଇ ମଧ୍ୟ ସର୍ଭିକୁ ବାଛି ନେଇଥିଲେ ଫାଟିଯାଇ ପରସ୍ପର ନିଜର ପ୍ରାଣଭଣ୍ଡାର ଓଜାଡ଼ି ଦେବାକୁ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବଦ୍ଧ, ମୂଳରେ ଶୃଙ୍ଖଳିତ, ଚଳତ୍ ଶକ୍ତିହୀନ, ଗଛଟିଏ ଅଚଳାନ୍ତ ହେଲେ କଅଣ ହେବ, ତାହା ଶୂନ୍ୟରେ ନିଜର ଦାୟାଦଙ୍କୁ ଫିଙ୍ଗି ଦେବାର କୌଶଳ ଆୟତ୍ତ କରିଥାଏ । ସଙ୍ଗେ ସଙ୍ଗେ ମୋର ଆଖି ସାମନାରେ ଖେଳିଗଲା, ପବନରେ ମାଡ଼ୁଥିବା ଲକ୍ଷ ଲକ୍ଷ ସୈନ୍ୟ ପରି ଅର୍କ ଗଛର କଢ଼ରୁ କଣିକା ସବୁ ; ଘୃଣପଟର ବାଲି ଭୂଇଁରେ ଥିବା ଉଦ୍ଭିଦମାନଙ୍କର ଆଙ୍କୁଶ ପରି ଆଳିଙ୍ଗନରେ ସେମାନେ ଆବଦ୍ଧ ହେଉଥାନ୍ତି । ଉତ୍ତର ଆମେରିକାର 'ପ୍ରେଆରି' ତୃଣଭୂଇଁରେ 'କମ୍ପୋଟ୍' ନାମକ କୁକୁର ଜାତୀୟ ଜନ୍ତୁର ଲାଞ୍ଜରେ ଲାଗି ରହିଥିବା ବିହନ, ଶିକାରୀମାନଙ୍କ କୋଟରେ ବନ୍ଧ ହୋଇଥିବା ବିହନ, ପଙ୍ଗପାଳ ପରି ପବନରେ ବ୍ୟାପୁଥିବା 'ଥିସଲ୍' ନାମକ କଣ୍ଟା ଝୋପର ବିହନ — ଏ ସମସ୍ତେ ପ୍ରାଣର ସଙ୍କୀର୍ଣ୍ଣ ପରିଧି ଡେଇଁ ଜୟୀ ହେଉଥିଲେ । ତଥାପି, ପ୍ରଥମରୁ ତାଙ୍କର ଏପରି କ୍ଷମତା ନ ଥିଲା ; ଅପରନ୍ତୁ ଉଦ୍ୟମ ଓ ପରୀକ୍ଷା ନିରୀକ୍ଷା କରିଆରେ ସେମାନେ ଏ ଶକ୍ତି ଅର୍ଜିଥିଲେ ।

ପୂର୍ବକାଳରେ କୋଣାକୃତି 'ପାଇନ୍'ଗଛର କାଠମାନଙ୍କରେ ଯେଉଁ ସବୁ ମକ୍ଷି ପବନରୁ ତଳେ ଖସି ଥିଲେ ତାହା ଯେଉଁଠାରେ ପଡ଼ିଥିଲେ ସେହିଠାରେହିଁ ରହି ଯାଇଥିଲେ । କିନ୍ତୁ ତାଙ୍କର ଆଧୁନିକ ଆତ୍ମୀୟ ହେଲେହେଁ ମୋର କାର୍ପେଟ୍ ଉପରେ ପଡ଼ିଥିବା ବିହନମାନ ସେପରି ନଥିଲେ । ଏମାନେ ଚଳନ୍ତା ବିହନ । ଏଇ କଥା ଭାବୁ ଭାବୁ ମୁଁ ପରଦିନ ବାହାରି ଯାଇ ଅନ୍ୟ କେତେ ଜାତୀୟ ମକ୍ଷି ଖୋଳ ସଂଗ୍ରହ କରି ଆଣିଲି ; ସେଥିରୁ କାହାର ଆକାର ଆଙ୍କୁଶ ପରି ତ, ଅନ୍ୟ କେତେକ ବର୍ଚ୍ଛା ଆକାରର, ପୁଣି କେତେକଙ୍କ ଦେହରେ ଡେଣା ମଧ୍ୟ ଲାଗିଥିଲା । ପ୍ରତ୍ୟେକଟି ଥିଲା ପୁଷ୍ପିତ ଗଛର ଫଳ ଅର୍ଥାତ୍ ପ୍ରକୃତ 'ଆଞ୍ଜିଓସ୍ପରମ୍' । ସେ ଗୁଡ଼ିକୁ ମୁଁ ଟେବୁଲ୍ ଉପରେ ଧାଡ଼ି ଧାଡ଼ି କରି ରଖିଲି । ପ୍ରତ୍ୟେକଟି ଥିଲା ଏକ ପ୍ରାଣଭରା ବଟିକା । ଏହାଙ୍କ ମଧ୍ୟରେ ଯେଉଁ ରହସ୍ୟ ସନ୍ନିହିତ ଥିଲା ତାହାହିଁ ସେଇ ସୁଦୂର ଅତୀତର

‘କ୍ରେଟାକେସିଆସ୍’ ଯୁଗର ବିସ୍ତାରଣ ଘଟାଇ ଥିଲା ଏବଂ ଦଶକୋଟି ବର୍ଷ ଆଗରେ ଯେଉଁ ପରିବର୍ତ୍ତନ ଆଣିଥିଲା ତାହା ଆମ ଗ୍ରହର ମୁଖଶ୍ରୀ ବଦଳାଇ ଦେଇଥିଲା । ସେଥିରୁ ଗୋଟିଏ ବାଲୁଙ୍ଗା ଘାସର ବୀଜର [illegible] ବିଶେଷ ଟାଣ ଥିଲା ; ତାହାକୁ କେଞ୍ଚୁ କେଞ୍ଚୁ ମୁଁ ଗମ୍ଭୀର ସ୍ୱରରେ ଚିନ୍ତା କଲି ଯେ ଏହିପରି କୌଣସି ଆଶ୍ରୟରେ ଦିନେ ମଣିଷର ସତ୍ତା ମଧ୍ୟ ଲୁଚିଥିଲା ।

‘ଡ଼ାଇନୋସୋର୍’ମାନଙ୍କ ଯୁଗର ଶେଷ ଆଡ଼କୁ ଏକ କଣ୍ଟା ଉଚ୍ଚ-ଭୂମିରେ ପ୍ରଥମ ଯେଉଁ ଫୁଲ ଫୁଟିଥିଲେ ସେଥିରେ କୌଣସି ଜଟିଳତା ନଥିଲା । କୋଣାକୃତି ଆଦିମ ‘ପାଇନ୍’ ପଲ୍ଲବ ସହିତ ତାଙ୍କର ନିକଟ ସମ୍ପର୍କ ଥିଲା । ଉଦ୍ଭବ ଜନ୍ମିଥିଲେ ପବନ ତାଡ଼ିତ ପରାଗରୁ । ଏହା ଏକ ନଗଣ୍ୟ ଧରଣର ଫୁଲ ଥିଲା ; କାରଣ, ପରାଗ ବହିନେବା ପାଇଁ ବାହକ ହିସାବରେ ପବନ ଅପେକ୍ଷା ଚଢ଼େଇ ଓ କୀଟ ପତଙ୍ଗ ଉପରେ ଯେ ବେଶି ନିଶ୍ଚିତରୂପରେ ନିର୍ଭର କରିଯାଇପାରେ ତାହା ଏହାକୁ ଅଜଣା ଥିଲା । କେବଳ ପବନର ଅନିଶ୍ଚିତ ଯାତାୟାତ ଉପରେ ନିର୍ଭର କରି ଏହା ନିଜର ପରାଗ ବୁଣୁଥିଲା ଅଥବା ଅନ୍ୟର ପରାଗ ସଂଗ୍ରହ କରୁଥିଲା । କୀଟ ପତଙ୍ଗ ଯେଉଁଠାରେ ବିରଳ, ସେଇ ସବୁ ଅଞ୍ଚଳରେ ଏବେ ମଧ୍ୟ ଅନେକ ଗଛ ଏହି ପ୍ରକ୍ରିୟା ଅବଲମ୍ବନ କରନ୍ତି । ତଥାପି ଫୁଲ ଏବଂ ସେଥିରୁ ଜାତ ବିହନ ସେ ଯୁଗର ସଜୀବ ଜଗତରେ ଏକ ଗମ୍ଭୀର ନୂତନତ୍ୱ ଆମଦାନି କରିଥିଲା, ଏହା ନିଃସନ୍ଦେହ ।

ଉଦ୍ଭିଦ ଜଗତର ଏହି ଘଟଣା ଏକ ହିସାବରେ ପ୍ରାଣୀ ଜଗତର ବିକାଶ ସହିତ ସମାନ୍ତରାଳ । ମଣିଷ ବା ଜନ୍ତୁଶିଶୁ ବଞ୍ଚି ରହିଲା ଭଳି ଶକ୍ତି ସଞ୍ଚୟ ନ କରିବା ପର୍ଯ୍ୟନ୍ତ ମାସ ମାସ ଧରି ଜନନୀ ଜଠର ଭିତରେ ସ୍ତନ୍ୟପାୟୀ ଜୀବଙ୍କ ଭ୍ରୂଣ ସଯତ୍ନେ ରଖାହୋଇ ଥାଏ । ସେ ତୁଳନାରେ ବିଚାର କଲେ, ବାହାରେ ଥିବା ମାଛ ଅଣ୍ଡାର ଜୀଇଁବାର ସୁଯୋଗ ସ୍ୱଳ୍ପ ବୋଲି କହିବାକୁ ହେବ । ସୁତରାଂ ସ୍ତନ୍ୟପାୟୀଙ୍କ କ୍ଷେତ୍ରରେ ଭ୍ରୂଣର ଅପଚୟ ହୁଏ କମ୍ । ଫୁଲ ଫୁଟୁଥିବା ଗଛଙ୍କ କ୍ଷେତ୍ରରେ ମଧ୍ୟ ଏହା ଅନୁରୂପ । ସୃଷ୍ଟିର ଆରମ୍ଭରେ ପହିଲୁ ଥିବା ପୁଂ ବର୍ଗ ଗୋଟିଏ ଗୋଟିଏ କୋଷରେ ଗର୍ଭାଧାନ କରୁଥିଲେ । ସେଇ ସବୁ ଆଦିମ ରେଣୁ ନିଜକୁ ଶୀଘ୍ର ବିସ୍ତାର କରି ପାରୁ ନଥିଲେ । ପୁଣି,

ଜୀବନ ସଂଗ୍ରାମରେ ଲଢ଼ିବା ସକାଶେ ଶ୍ରେଷ୍ଠ ସ୍ୱଗ୍ର ଗଛର ମଧ୍ୟ ଜୀବନୀ ଶକ୍ତିର ଉତ୍ସ ଉଣା ଥିଲା । ନିଜର ଏକକ ଉଦ୍ୟମରେ ସେ ଯାହା କିଛି ଖାଦ୍ୟ ସଂଗ୍ରହ କରୁଥିଲା ସିନା ; ମାତ୍ର କେହି ତାହାକୁ ଆହାର ଯୋଗାଉ ନଥିଲା ।

ଏହାର ବିପରୀତ ଭାବରେ,ଯାହାକୁ ପ୍ରକୃତରେ କୁସୁମିତ ଗଛ କୁହାଯାଏ ( 'ଆ୍ୟାଞ୍ଜିଓସ୍ପାର୍ମ'ର ଆକ୍ଷରିକ ଅର୍ଥ—'ଖୋଳ ଭିତରେ ଥିବା ବୀଜ' ) ସେ ଗୁଡ଼ିକର ଫୁଲର ବୃନ୍ତରେ ବୀଜଟିଏ ଜନ୍ମାଉ ଥିଲା । ସେହି ବୀଜ ବାହାରର ଆର୍ଦ୍ରତାର ଅଧୀନ ନ ଥିଲା ; ତାହାର ବିକାଶ ଧୂରୁ ହେଉଥିଲା ଖତ ପରି ପରାଗ କଣିକା କ୍ଷେତ୍ର ଭିତରେ । ଗୃହପଟର ରେଣୁ ସ୍ୱୀକୃତ ହେଲା ବେଳକୁ ବୀଜଟି ପୂର୍ଣ୍ଣ ରୂପେ ସଜ୍ଜିତ ଏକ ଗଛର ଭ୍ରୂଣ ହୋଇ ଯାଇଥାଏ । ସାରବାନ୍ ଖାଦ୍ୟର ଏକ ଭଣ୍ଡାର ଭିତରେ ଏହା ଆବଦ୍ଧ ହୋଇ ରହିଥାଏ । ଅଧିକନ୍ତୁ, 'ଡ୍ୟାଣ୍ଡେଲିଆନ୍' ବା 'ମିଲ୍କଉଇଡ୍' ଜାତୀୟ ଗଛର ବନ୍ଧନ ପରି ବୀଜର ଖୋଳରେ ପକ୍ଷୀପର ଭଳି ତନ୍ତୁ ଲାଗିଥିବାରୁ ଦମ୍କା ପବନରେ ଅର୍ଥାତ୍ ବାୟୁ ଯାନରେ ଏହା ମାଇଲ୍ ପରେ ମାଇଲ୍ ଅତିକ୍ରମ କରି ପାରେ । କେତେକ ବୀଜରେ ଆଙ୍କୁଶ ଲାଗିଥିବାରୁ ତାହା ଭାଲୁର ଅଥବା ଠେକୁଆର ଦେହରେ ଲାଗିରହି ଯାଇପାରେ । ଅଥବା, କେତେକ କୋଳି ଜାତୀୟ ଫଳର ମଞ୍ଜି ପରି ବୀଜ ରସାଳ ଓ ଚିତ୍ତାକର୍ଷକ ରସଦ୍ୱାରା ଆବୃତ ଥିବାରୁ ଚଢ଼େଇ-ମାନଙ୍କୁ ଲୁବ୍ଧ କରନ୍ତି ଏବଂ ହଜମ ନହୋଇ ତାଙ୍କ ଜଠରରୁ ବାହାରି ପଡ଼ି ଶୂନ୍ୟମାର୍ଗରେ ବହୁ କୋଶ ଦୂରକୁ ଯାଇପାରନ୍ତି ।

ଦେହତତ୍ତ୍ୱ ସମ୍ବନ୍ଧୀୟ ଏଇ ସବୁ ଉଦ୍ଭାବନ କୌଶଳର କେତେ ଯେ ବିଭିନ୍ନ ଶାଖା ତାହା କହିଲେ ନ ସରେ । ଅଭୂତପୂର୍ବ ଭାବରେ ଗଛମାନେ ସେତେବେଳେ ଭ୍ରାମ୍ୟମାଣ ଥିଲେ । ଆଡ଼ଷ୍ଟ ଓ କୋଣାକୃତ 'ପାଇନ୍' ଗୁଚ୍ଛ ଅଥବା ପୁରୁଣା କାଳର ଯେଉଁସବୁ ଗଛ ରେଣୁରୁ ବଢ଼ିଥିଲେ—ଏମାନେ ଯେଉଁସବୁ ପରିବେଶମାନଙ୍କରେ ପୂର୍ବକାଳରେ ପଶି ନଥିଲେ ସେଇ ସବୁ ଅଜଣା ମଣ୍ଡଳମାନଙ୍କରେ ମଧ୍ୟ କୁସୁମିତ ଗଛମାନେ ପଶିଲେ । ସୁପୁଷ୍ଟ ଓ ସଯତ୍ନ ରକ୍ଷିତ ମଞ୍ଜି ମଧ୍ୟରେଥିବା ଭ୍ରୂଣ ବୃକ୍ଷମାନେ ସବୁଠାରେ ମୁଣ୍ଡ ଟେକିଲେ ଏମାନଙ୍କ ସହିତ ଅସମ ପ୍ରତିଯୋଗିତାରେ ହାରି ଯାଇ ପୁରୁଣା କାଳର ବହୁ

ଗଛ ଲୋପ ପାଇଲେ । କାରଣ ତାଙ୍କର ପ୍ରଜନନ ପଦ୍ଧତି ଅତ୍ୟନ୍ତ ଆଦିମ ଧରଣର ଥିଲା । ପରିବର୍ତ୍ତିତ ପରିବେଶମାନଙ୍କରେ ସେମାନେ ନିଜର ପ୍ରସାରକୁ ସଙ୍କୁଚିତ କରି ରଖିଥିଲେ । ପ୍ରାଚୀନ ନିଦର୍ଶନପରି ଦୈତ୍ୟାକୃତି 'ରେଡ୍‌ଉଡ୍‌' ଜାତୀୟ କେତେକ ଗଛ ବର୍ତ୍ତି ରହିଥିଲେ କିନ୍ତୁ ଅନ୍ୟମାନେ ପୁରାପୁରି ଲୋପ ପାଇଥିଲେ ।

ଦୈତ୍ୟରାଜ୍ୟ ସେତେବେଳେ ଅଦୃଶ୍ୟ ହେବାକୁ ବସିଥିଲା । ଜଙ୍ଗଲ, ଉପତ୍ୟକା ପ୍ରଭୃତିରେ ଯେଉଁ ଉଦ୍ଭିଦ ଏଇ ଶ୍ରେଷ୍ଠ ଶ୍ରେଷ୍ଠ ମଞ୍ଜିମାନେ ଯେଉଁ କାଣ୍ଡ ଘଟାଇଥିଲେ ତାହା ଅବିଶ୍ୱାସ୍ୟ ହେଲେହେଁ ଏହା ନିଶ୍ଚିତ ଯେ ସେମାନଙ୍କର ଖାପ ଖୁଆଇବାର ଶକ୍ତି ଥିଲା ବିସ୍ମୟକର ଏବଂ ପୃଥିବୀକୁ ତାହା ନୂଆ ଆମଦାନୀ ହୋଇଥିଲା । ଆଜି ଆମର ସାରା ଜୀବନକୁ ଘେରି ଏହାଙ୍କର ପରିବେଶ ଏତେ ସୁପରିଚିତ ବୋଲି ଆମେ ଏପରି ପ୍ରକ୍ରିୟା ନଜର କରୁନା ; ନଚେତ୍ ଏହାଙ୍କର କାଣ୍ଡ କାରଖାନାରେ ଆମେ ହତବୁଦ୍ଧି ହୋଇ ଯାଇଥାନ୍ତୁ । ପୁରୁଣା, ଅଜସ୍ର, ଆକାଶସ୍ପର୍ଶୀ ଜଙ୍ଗଲର ଜଗତ କ୍ରମେ ବଦଳିଯାଇ ଏଠି ସେଠି ନାନା ଅଦ୍ଭୁତ ରଙ୍ଗସବୁ ଦେଖା ଦେଲେ । ସେମାନେ ଠାଏ ଠାଏ ଚକ୍ ଚକ୍ କରୁଥାନ୍ତି ; ସେ ସବୁରୁ ବାହାରିଲା ଅଜଣା ଅଶୁଣା ଫଳ, ଜଟିଳ ଭାବରେ ଖୋଦେଇ ହୋଇଥିବା ମଞ୍ଜି ଭର୍ତ୍ତି ଶ୍ରେଷ୍ଠ ଶ୍ରେଷ୍ଠ ଡବା । ଏହାଠାରୁ ଏକଅଧିକଜରୁରୀ ଜିନିଷ ପୃଥିବୀରେ ସର୍ବପ୍ରଥମ ବାହାରି ଥିଲା । ତାହା ହେଉଛି ଘନୀଭୂତ ଖାଦ୍ୟ । ଆମିଷାଶୀ ପରଭୋଜୀ ଅଧିକାଂଶ ଜନ୍ତୁ ପ୍ରାଚୀନ 'ଡାଇନୋସୋର୍'ମାନଙ୍କ ଯୁଗରେ ଏହା ଅଦୃଷ୍ଟପୂର୍ବ ଓ ଅକଳ୍ପନୀୟ ଥିଲା ।

ଭିନ୍ନରକମ ପୁଷ୍ପରୁ କୁସୁମିତ ଉଦ୍ଭିଦମାନଙ୍କର ପ୍ରଜନନ ପଦ୍ଧତି ଜରିଆରେ ଏଇ ଘନୀଭୂତ ଖାଦ୍ୟ ତିଆରି ହେଉଥିଲା । ପ୍ରଥମତଃ, ଫୁଲମାନଙ୍କର ଲୋଭନୀୟ ମଧୁ ଓ ପରାଗ—ଏହା ରେଣୁ ସିଞ୍ଚିବା ପାଇଁ କୀଟ ପତଙ୍ଗମାନଙ୍କୁ ଆକୃଷ୍ଟ କରୁଥିଲା । ଏହାରି ଯୋଗୁ 'ହାମିଂବାର୍ଡ୍' ଜାତୀୟ ପକ୍ଷୀ ସୃଷ୍ଟି ହେଉଥିଲେ ; ସତେ ଯେପରି ରତ୍ନଖଚିତ ଏହାଙ୍କର ଡେଣା ସେଇ ଡେଣା ଝାପଟିଲେ ଆଶ୍ଚର୍ଯ୍ୟଜନକ ଗୁଣ୍ ଗୁଣ୍ ଶବ୍ଦ ହୁଏ । ଏମାନେ ଫୁଲମାନଙ୍କରେ ଥିବା ପୋକ ଖାଇବାକୁ ଭଲ ପାଆନ୍ତି । ଦ୍ୱିତୀୟତଃ ବଳିଷ୍ଠ ବାଇଗଣ ପରି

ରସାଳ ଓ ନେଭମାସ୍ଥ ଫଳସବୁ—ଏମାନେ ଅପେକ୍ଷାକୃତ ବଡ଼ ଆକାରର ଜନ୍ତୁଙ୍କୁ ଆକୃଷ୍ଟ କରୁଥିଲେ । ଏଇସବୁ ଫଳ ଭିତରେ ଟାଣ ଖୋଳତଳେ ମଞ୍ଜି ଲୁଚି ରହୁଥିଲା । ସାରା ପୃଥିବୀ ବ୍ୟାପି କୁସୁମିତ ଉଦ୍ଭିଦମାନଙ୍କର ଏହିପରି ଅବିଶ୍ୱାସ୍ୟ ବିସ୍ଫୋରଣ ଘଟିଥିଲା, ଠିକ୍ ଯେପରି ଆଧୁନିକତମ ପଦ୍ଧତିରେ କୃଷୀମାନେ ଚାଉଳ ବିହନ ଜମିରେ ବୁଣନ୍ତି । ସେଇ ବିରାଟ ବିସ୍ଫୋରଣ ଘଟିଥିଲା ସବୁଜ ପ୍ରାୟ ଏକ ସମୟରେ । ଭୂତାତ୍ତ୍ୱିକ ଭାଷାରେ କହିହେବ ଯେ, ହଠାତ୍ 'ଅ୍ୟାଙ୍ଗିଓସ୍ପାରମସ୍' ବା କୁସୁମିତ ଉଦ୍ଭିଦମାନେ ପୃଥିବୀ ଅଧିକାର କରି ନେଲେ । ଆଜିଯାଏ ପ୍ରାୟ ଛଅ ହଜାରରୁ ଅଧିକ ଜାତିର ଘାସ ଦେଖା ଯାଆନ୍ତି ; କିନ୍ତୁ ସେତେବେଳେ ଅନାବୃତ ପୃଥିବୀରେ ଘାସ କେବଳ ଜନ୍ମିବାକୁ ଆରମ୍ଭ କରିଥିଲେ । ନୂଆ ନୂଆ ଗଛମାନଙ୍କରୁ ଝଡ଼ୁଥିଲେ ମଞ୍ଜି ଓ ତାଙ୍କ ତଳେ କଠିଣ ପ୍ରୟାସରେ ଲମ୍ବୁଥିଲେ ଲତା ଓ ବୁଦାମାନେ ।

ଜନ୍ତୁମାନଙ୍କ ଜୀବନ ଉପରେ ମଧ୍ୟ ଏଇ ବିସ୍ଫୋରଣର ପ୍ରଭାବ ପଡ଼ିଥିଲା । ନୂଆ ଉତ୍ସରୁ ମିଳୁଥିବା ଆହାର ଖାଇବାକୁ ବିଶେଷ ଧରଣର କୀଟପତଙ୍ଗ ଜନ୍ମିଥିଲେ । ସେଥି ସଙ୍ଗେ ସଙ୍ଗେ ସେମାନେ ନିଜର ଅଜଣାରେ ଗଛମାନଙ୍କରେ ପରାଗ ବୋହୁଥିଲେ । ସଂଖ୍ୟାରେ ଏବଂ ବର୍ଣ୍ଣରେ ଅଧିକରୁ ଅଧିକ ବିଚିତ୍ର ଫୁଲସବୁ କ୍ରମାଗତ ଫୁଟୁଥାନ୍ତି । କେତେକ ଥିଲେ ମଳିନ ରଙ୍ଗର, ରାତିରେ ଫୁଟୁଥିବା ଫୁଲ ; ସେମାନେ ପୃଥିବୀର ଫୁଲ ନ ଥିବା ପରି ମନେ ହେଉଥାନ୍ତି ; ସନ୍ଧ୍ୟାର ଗ୍ଳାନି ଅନ୍ଧାରରେ ଜୁଳୁଜୁଳିଆ ପୋକଙ୍କୁ ଆକୃଷ୍ଟ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ଏପରି କି, ଦେଖିବାକୁ ଫୁଲପରି କେତେକ 'ଅର୍କିଡ୍' ଗୁଚ୍ଛ ବୁଲୁଥିବା ପୁରୁଷଙ୍କୁ ମୋହିବାକୁ ବୁଢ଼ିଆଣୀ ରୂପ ଧରିଥିଲେ । ଦ୍ୱିପହର ଖରାର ନଈ ପରି ଚକ୍‌ଚକ୍ କରୁଥିଲେ କେତେକ ନୀଳରଙ୍ଗର ଫୁଲ; ଅନ୍ୟ କେତେକ, ପଡ଼ିଆର ଘାସ ଭିତରେ ନଈଁ ରହି ମିଟିମିଟି କରୁଥିଲେ । ଫୁଲ-ମାନଙ୍କ ଦେହରେ ଥିବା ଯନ୍ତ୍ରପରି ଜଟିଳ ବ୍ୟବସ୍ଥା ଜରିଆରେ ଗୁଣୁ ଗୁଣୁ ହେଉଥିବା 'ହାମିଂବାର୍ଡ୍' ନାମକ ପକ୍ଷୀମାନଙ୍କର ତୁଣ୍ଡରେ ପରାଗ ଛୁଆଁ ହେଉଥିଲା ; ଅଥବା, ଫୁଲରୁ ଫୁଲକୁ ଅବିଶ୍ରାନ୍ତ ଉଡ଼ୁଥିବା ଏବଂ ଭଣ ଭଣ

ହେଉଥିବା କଳା ଭ୍ରମରର ପେଟରେ ରେଣୁ ବୋଳା ହେଉଥିଲା । ମହୁ ଝରୁଥିଲା, ପୋକ ପତଙ୍ଗ ବଂଶବୃଦ୍ଧି କରୁଥିଲେ; ଏପରି କି ଦାନ୍ତବିଶିଷ୍ଟ ଅଥଚ ଝିଟିପିଟିପରି ଦେହ ଥିବା ପ୍ରାଚୀନ ଚଢ଼େଇମାନଙ୍କର ଆକୃତି ଅଦ୍ଭୁତ ଭାବରେ ବଦଳି ଯାଉଥିଲା । ଚୋବାଇବା ସକାଶେ ଦାନ୍ତ ବଦଳରେ ଲମ୍ବ ଥଣ୍ଟରେ ସଜ୍ଜିତ ହୋଇ ସେମାନେ ଖୁମ୍ପି ଖୁମ୍ପି ମଞ୍ଜି ଖାଉଥିଲେ ଓ ପୋକ ଗିଳୁଥିଲେ; ପ୍ରକୃତରେ ସେ ସବୁ ପୋକ ଥିଲେ ଅମୃତ ସୁଧାର ରୂପାନ୍ତର ।

ପୃଥିବୀଗ୍ରହର ସବୁଆଡ଼େ ଘାସଭୂଇଁ ମାଡ଼ି ଯାଉଥାଏ । 'ଫୁଲର ଯୁଗ'ର ଅନ୍ତକାଳରେ ଏକ ଆଂଶିକ ବୈଶିଷ୍ଟ୍ୟ ଥିଲା ଯେ, ସେଇ ସମୟରେ ତଳୁ ଠେଲ୍‌ହୋଇ ମହାଦେଶମାନଙ୍କର ଭୂଭାଗ ଧୀରେ ଧୀରେ ଉପରକୁ ଉଠି ଯାଉଥିଲା ଏବଂ ପୃଥିବୀର ଜଳବାୟୁ ଥଣ୍ଡା ପଡ଼ୁଥିଲା । ପାଦଚାଳନା କରୁଥିବା ଅତିକାୟ ସରୀସୃପମାନେ ଓ ସମୁଦ୍ର କୂଳର ପଥୁରିଆ ପାହାଡ଼ ଉପରେ ବାଦୁଡ଼ି ପରି ଚମଡ଼ା ଡେଣା ସାହାଯ୍ୟରେ ଉଡ଼ୁଥିବା ଶଇତାନ୍ ଚଢ଼େଇମାନେ ନିଶ୍ଚିହ୍ନ ହୋଇ ଯାଇଥିଲେ । ଏବେ କେବଳ ସେଇ ଚଢ଼େଇମାନେ ପବନରେ ଏଣେ ତେଣେ ଉଡ଼ୁଥିଲେ ଯେଉଁମାନଙ୍କର ରକ୍ତ ଥିଲା ଉଷ୍ମ ଓ ଗତିବେଗ ଥିଲା କ୍ଷିପ୍ର । ଏହିପରି ବ୍ୟବସ୍ଥା ଯୋଗୁ ତାଙ୍କର ଦୈହିକ ପୁଷ୍ଟିରୁ ଜନ୍ମୁଥିଲା ମେଧା ଓ ଜୀବନୀଶକ୍ତିର ବଳ ।

ସ୍ତନ୍ୟପାୟୀ ଜୀବମାନେ ମଧ୍ୟ କେବଳ କାହିଁ ରହି ନ ଥିଲେ, ବରଂ ଅତିକାୟ ଝିଟିପିଟିମାନଙ୍କର ଅନ୍ତର୍ଦ୍ଧାନ ପରେ ଏତେ ହଠାତ୍ ପ୍ରାଧାନ୍ୟ ଲଭିଥିଲେ ଯେ ସେମାନେ କନେ ଟିକିଏ ହତବୁଦ୍ଧି ହୋଇ ଯାଇଥିଲେ । ତଥାପି, ସଗର୍ବେ ଗୃଶପଟେ ଅନାଇ ଅନାଇ ସେମାନେ ନୂଆ ଅଞ୍ଚଳମାନଙ୍କରେ ପଶିବାର ଉଦ୍ୟମ କଲେ ; ତାଙ୍କ ଭିତରେ ଅନେକ ଜଙ୍ଗଲରେ ଗଛପତ୍ରର ଅଗ ଖାଇ ଜୀବନ ଆରମ୍ଭ କରିଥିଲେ । ଖରାରେ ଧୂଆଁ ହେଉଥିବା ଘାସର ନୂଆ ଜଗତରେ ସେମାନେ ସାହସ ସହ ପଶିଲେ । ଘାସରେ ଚକମକି ପଥରର ଉପାଦାନ ଖୁବ୍ ବେଶୀ ; ଘାସ ଖାଇଲା ବେଳେ ଦାନ୍ତ ଉପରେ ଥିବା ପାଲିଶ୍ ଘଷି ହୋଇ ଖାଇ ଯାଏ ; ତେଣୁ ଘାସ ଚୋବାଇବା ପାଇଁ ସେପରି କ୍ଷୟ ରୋକିଲା ଭଳି ଟାଣୁଆ ଦାନ୍ତର ପାଲିଶ୍ ଦରକାର ହୁଏ । କିନ୍ତୁ ଘାସର

ଅଗ ଖାଉ ଖାଉ, ତାହା ସଙ୍ଗେ ମନ୍ତ୍ରିମାନେ ମଧ୍ୟ ପେଟଭିତରକୁ ଗ୍ଲଲଯାନ୍ତି ; ଏଗୁଡ଼ାକ ଖୁବ ବଳକାରକ । ସୁତରାଂ କହି ହେବ ଯେ, କବୋଷ୍ଣରକ୍ତ ବିଶିଷ୍ଟ ସ୍ତନ୍ୟପାୟୀଙ୍କ ସକାଶେ ଏକ ନୂଆ ଜଗତ ସୃଷ୍ଟି ହୋଇଥିଲା । ଏହି କାରଣରୁ ଅନେକାଂଶ ତୃଣଭୋଜୀ ଜୀବମାନଙ୍କର ଆବିର୍ଭାବ ଘଟିଲା ; ସେମାନଙ୍କ ଭିତରେ ଥିଲେ ଘୋଡ଼ା, ଦୀର୍ଘ ଦାନ୍ତଥିବା ବୃହଦାକାର ହାତୀ ବା 'ମ୍ୟାମଥ୍' ଏବଂ 'ବାଇସନ' ଅର୍ଥାତ୍ କେଶର ଓ ଶୃଙ୍ଗ ବହୁଳ ଗଣ୍ଡମାନେ । ତାଙ୍କର ପଛପଟେ ଲୁଚି ବୁଲୁଥିଲେ ନୂଆ ଧରଣର ହିଂସ୍ର ମାଂସାଶୀ ଜୀବମାନେ—ଯଥା, ନେକ୍ସୁର ଚିତାବାଘ ଓ ଖଣ୍ଡାପରି ଦାନ୍ତ ଥିବା ବାଘମାନେ । ଏମାନେ ଏବେ ଆଉ ଦେଖା ଯାଆନ୍ତିନାହିଁ ।

ଯଦିଓ ଏମାନେ ମାଂସାଶୀ ଥିଲେ, ତଥାପି କହି ହେବ ଯେ, ଏକ ହିସାବରେ ସେମାନେ ବଳକାରକ ଘାସଦ୍ୱାରା ପୁଷ୍ଟ ହେଉଥିଲେ । ଗ୍ରୀଷ୍ମକାଳର ବନମାନଙ୍କରେ ଓ ବରଫ ଝରୁଥିବା ରତୁରେ, 'ଅ୍ୟାଙ୍ଗିଓସ୍ପାର୍ମାସ୍' ଅର୍ଥାତ୍ କୁସୁମିତ ଉଦ୍ଭିଦର ଘନୀଭୂତ ବଳକାରକ ଉପାଦାନ ଏହି ସବୁ ହିଂସ୍ର ଜନ୍ତୁଙ୍କର ଶକ୍ତିକୁ ଉନ୍ନତ ଓ ଉଦ୍ୟମଶୀଳ ରଖିବାରେ ସାହାଯ୍ୟ କରୁଥିଲା । ଧାନ, ଗହମ ଜାତୀୟ କେତେକ ଖାଦ୍ୟଶସ୍ୟର ଦାନା ବିଶିଷ୍ଟ ତୃଣର କ୍ଷେତ୍ରରେ ସେହି ଉପାଦାନ ସମଗ୍ର ଗଛର ଓଜନର ଶତକଡ଼ା ଚାଳିଶ ଭାଗ ହୋଇଥାଏ; ଘାସଜମିରେ ବଢ଼ୁଥିବା ଯେଉଁ ବୃହତ୍ ତୃଣଭୋଜୀ ଜନ୍ତୁଦଳକୁ ମାଂସାଶୀ ଜୀବମାନେ ଶିକାର କରି ଖାଉଥିଲେ, ତାଙ୍କର ଦେହରେ ଏହି ଉପାଦାନ ତୃଣଖାଦ୍ୟରୁ ସଞ୍ଚିତ ଓ ଘନୀଭୂତ ହୁଏ ସମୃଦ୍ଧ 'ପ୍ରୋଟିନ୍' ଓ ଚର୍ବିରୂପରେ । ତେଣୁ, ଘାସରେ ଥିବା ପୁଷ୍ଟି, ଶିକାର କରିଆରେ ଗୌଣ-ଭାବରେ ମାଂସାଶୀ ହିଂସ୍ର ଜନ୍ତୁଙ୍କୁ ଶକ୍ତି ଯୋଗାଉଥିଲା ।

ଜଙ୍ଗଲର ସୀମାରେ ଏକ ଅଦ୍ଭୁତ ଧରଣର, ପୁଚ୍ଛହୀନ ଲାଞ୍ଜିଆ ଜନ୍ତୁ ତଥାପି ଇତସ୍ତତଃ କରୁଥିଲା, ଘାସଜମିରେ ପଶିବାକୁ ନାହିଁ । ବୃକ୍ଷବାସୀଙ୍କ ପରି ଥିଲା ତା'ର ଦେହର ଗଠନ ; ମଣିଷଜାତିଆ ନିକଟରେ ତୌଳିଲେ ତାକୁ ଟାଣୁଆ ଓ କୁଟିଳ କହି ହେବ ; କିନ୍ତୁ, ସେ ଯୁଗର ଜଗତରେ ସେ ଦୁର୍ବଳ ଜୀବଟିଏ ଥିଲା । ତା'ର ଦାନ୍ତ ଯଥେଷ୍ଟ ଟାଣ ଥିଲା; ଜଙ୍ଗଲର ଟାଣ ଫଳଗୁଡ଼ାକୁ

ସେ ଗୁେବାଇ ପାରୁଥିଲା । ତା'ର ହାତର ଗଠନ ଏପରି ଥିଲା ଯେ ବେଳେ-ବେଳେ ଅସତର୍କ ଚଢ଼େଇଙ୍କୁ ସେ ମୁଠେଇ ଧରି ପାରୁଥିଲା ; ଦାନ୍ତରେ ସ୍ତପି ସେଇ ଚଢ଼େଇଙ୍କୁ ସେ ଖତମ୍ କରି ପାରୁଥିଲା ମଧ୍ୟ । ତଥାପି ବର୍ଗାକ୍ତ ବର୍ଗର ଅନ୍ତର୍ଗତ ସେକାଳର ଅତିକାୟ ଜନ୍ତୁଙ୍କ ଭଳି ସେ ଦାନ୍ତ ଖଣ୍ଡାପରି ତୁଣ୍ଡାଇବାର ଉପଯୁକ୍ତ ନଥିଲା । ଅଧିକନ୍ତୁ, ବାରବୁଲା ସେଇ ଜୀବ ସଦାବେଳେ କୌତୁହଳର ବଶବର୍ତ୍ତୀ ହୋଇ ଗୁଣଆଡେ କଅଣ ଅଛି ଦେଖିବା ସକାଶେ ସିଧା ହୋଇ ଠିଆ ହେବାର ଅଭ୍ୟାସ କରୁଥିଲା । କ୍ୱଚିତ କଦବା ସାହସ କରି ଖୋଲା ଜମିକୁ ଆସିଲେ, ସେ ହୁଏତ ନିଜର ପଛ ଦୁଇ ଗୋଡ ଉପରେ ଭରା ଦେଇ ଆଡ଼ଷ୍ଟ ଭାବରେ ଓ ଡରି ଡରି ଦୌଡ଼ିବାର ସାମାନ୍ୟ ଚେଷ୍ଟା ମଧ୍ୟ କରୁଥିଲା । ଗଛରୁ ଗଛକୁ ଲମ୍ଫନର ଐତିହ୍ୟ ଧାରାରୁ ସେ ଏସବୁ ଅଭ୍ୟାସ ପାଇଥିଲା । ତା'ର ହାତରେ ଥିଲା ନମନୀୟ ଆଙ୍ଗୁଳି ; କିନ୍ତୁ ବାୟୁବେଗରେ ଦୌଡ଼ିବା ସକାଶେ ଗୋଡ଼ତଳେ ଯେଉଁ ଖୁରାର ପ୍ରୟୋଜନ, ତାହା ତା'ଠରେ ନଥିଲା ।

ସେଇ ନୂଆ ଜଗତର ଜୀବଙ୍କ ସହିତ ପ୍ରତିଯୋଗିତା କରିବାର କୌଣସି ସ୍ପୃହା ଭୂଲବାହି ତା' ପକ୍ଷରେ ଶୁଭଥିଲା । କୌଣସି କ୍ଷେତ୍ରରେ ତା' ପକ୍ଷରେ କୃତିତ୍ୱ ଦର୍ଶାଇ ପାରିବାର ଆଶା ନ ଥିଲା । ସେ ଥିଲା ମଝିମଝିଆ ଧରଣର ଜୀବ । ପ୍ରକୃତିର ଦାକ୍ଷିଣ୍ୟ ତା'ଠାରେ ନଥିଲା; ବୋଧହୁଏ ପ୍ରକୃତି ତା' ସମ୍ବନ୍ଧରେ ମନସ୍ଥିର କରି ପାରି ନଥିଲା ଯେ, ତା'କୁ କେମିତି ଗଢ଼ିବ । ତେଣୁ ବୋଧହୁଏ, ତା'ର ଆଖି କୋଣରେ ଜଳୁଥାଏ ଈର୍ଷାର ଜ୍ୱାଲା ; ସବହରା ଅଚ୍ଛ୍ୟୁତମାନଙ୍କ ମନରେ ଏହିପରି ଜ୍ୱାଲା ଥାଏ । ଉଭୟ ଜାଣନ୍ତି ଯେ, କୌଣସିଥିରେ ତାଙ୍କ ଅଧିକାର ନାହିଁ । ଯାହା କିଛି ସେମାନେ ଦଖଲ କରି ପାରିବେ ସେତିକି ମାତ୍ର ତାଙ୍କୁ ମିଳିବ । ଦିନେ ଏହିପରି ଅଖାଡ଼ୁଆ ଲାଞ୍ଜହୀନ ବାନରମାନଙ୍କର ଶ୍ରେଷ୍ଠ ଗୋଷ୍ଠିଏ ଦଳ ସନ୍ତର୍ପଣରେ ମାଡ଼ି ଆସିଲେ ଘାସଭୂଇଁ ଉପରେ । ସେଦିନ ଉତ୍ତାରୁ ଆରମ୍ଭ ହେଲା ମଣିଷର କାହାଣୀ ।

ପ୍ରକୃତ ପଛରେ ଯେ କେତେ ଜ୍ଞାନ ଲୁଚି ରହିଛି ତାହା କଳନା କରିବା ମୁସ୍କିଲ । ଏହିପରି ଜ୍ଞାନବଳରେ ସ୍ଥିର ହୋଇଥିଲା ଯେ ଲାଞ୍ଜ ନଥିବା

ବାନରମାନେ ଦିନେ ମଣିଷ ହେବେ । କାରଣ ଫୁଲର ଜଗତ ଯେଉଁ ଫଳ ଓ ମଞ୍ଜି ପ୍ରସବ କରୁଥିଲା ତାହାର ପରିମାଣ ଅମାପ ଥିବାରୁ ସେଥିରୁ ଗଢ଼ି ଉଠିଥିଲା ଏକ ନୂଆ ଓ ପ୍ରଚୁର ପୃଥକ୍ ରକମର ଘନୀଭୂତ ଶକ୍ତିର ଭଣ୍ଡାର । ସେ ଯୁଗ ପୂର୍ବରେ ଦୈତ୍ୟାକୃତି 'ଡାଇନୋସୋର୍'ମାନେ ଧୀରେ ସୁସ୍ଥେ ଚାଲ ଚଳ କରୁଥିଲେ, ତାଙ୍କର ମଗଜ ମଧ୍ୟ ଥିଲା ମନ୍ଥର । ଏକଥା ସନ୍ଦେହ କରିବାର କାରଣ ଅଛି ଯେ ଏପରି ଜୀବଙ୍କ ଯୁଗରେ କେବେହେଲେ ସେଇ ପ୍ରକାର ବୈଚିତ୍ର୍ୟମୟ ଜୀବନର ଅବକାଶ ନଥିଲା ଯାହା ତାଙ୍କ ପରେ ପୃଥିବୀର ସବୁଆଡ଼େ ଅଜସ୍ର ଭାବରେ ବ୍ୟାପି ଯାଇଥିଲା । ଏଇ ବୈଚିତ୍ର୍ୟମୟ ଜୀବନର ବାହକ ପ୍ରାଣୀମାନେ ଗଛର ଭିତରେ ଓ ଉପରେ ଲୁଚକାଳି ଖେଳୁଥିଲେ । ସେଠାରୁ ତଳକୁ ଓହ୍ଲାଇ ଲଞ୍ଜହୀନ ବାନର ଦଳର ଜଣେ ଗୋଟିଏ ନାଳ କଡ଼େ ଘାସ ଉପରେ ଗୋଟିଏ ପଥର ଉପରେ ହାତର ଆଙ୍ଗୁଳିରେ ଆଉଁଶି ଜାଣିବାକୁ ଚେଷ୍ଟା କଲା ତାହା କଅଣ । ପଥରଟାକୁ ଓଲଟାଇ ଦେଖି ତାର ଓଜନ କେତେ ତାହା ମଧ୍ୟ ଅନ୍ଦାଜ କଲା, ଦଳର ଅନ୍ୟମାନେ ଜଭଦ୍ୱାର ଗଳାରୁ ଖିଙ୍କାରିବାର ଶବ୍ଦ କରି ଲମ୍ବ ଲମ୍ବ ଘାସ ଭିତରେ ପୋକ ଓ ମଞ୍ଜି ଖୋଜିବାକୁ ଆଗେଇ ଗଲେ । କିନ୍ତୁ ସେଇ ଜଣକ ତଥାପି ସେଇ ପଥରଟାକୁ ହାତରେ ଧରି ଥରେ ଅଧେ ଶୁଙ୍ଘି, ତାର ଓଜନର ଅନ୍ଦାଜ କରିବାରେ ବ୍ୟସ୍ତ ରହିଲା । ଆଙ୍ଗୁଳି ଭିତରେ ପଥରଟାକୁ ଧରିବାରେ ସେ ଖୁସିହେଲା ଭଳି ମନେ ହେଉଥାଏ । ପ୍ରାୟ ଏପରି କୌଣସି ଘଟଣାରୁ ଆରମ୍ଭ ହୋଇଥିଲା, ପଶୁଜଗତ ଉପରେ ଆକ୍ରମଣ ।

ତା' ପରେ ଦଶଲକ୍ଷ ବର୍ଷ ଧରି ସେଇ ଆଦିମ ମନୁଷ୍ୟଜାତୀୟ ଜୀବଙ୍କର କଅଣ ଘଟିଥିଲା ସେ କାହାଣୀ ଯଦି ଛାୟା ଚିତ୍ରପରି ଅଳ୍ପ ସମୟ ମଧ୍ୟରେ ଆମ ଆଖି ଆଗରେ ଖେଳିଯାଏ, ତେବେ ଦେଖାଯିବ ଯେ ସେଇ ଦଶଲକ୍ଷ ବର୍ଷ ଉତ୍ତାରୁ ସେ ଜାତୀୟ ଜୀବଙ୍କର ବଂଶଧରଙ୍କର ହାତରେ ଅଛି ପଥର ପରିବର୍ତ୍ତେ ଚକମକି ପଥରରେ ତିଆରି କୁରାଢ଼ି ଓ ମଶାଲ । ଚାରି ପଟେ ମାଡ଼ିଥିବା ସେଇ ଘାସ ଭୂଇଁର ଜଗତ ଓ ତାହାର ଜୀବମାନେ ଯଥା:—ଶୁଭ୍ର ବହୁଳ କେଶରଥିବା ଅତିକାୟ ଷଣ୍ଢ ବା 'ବାଇସନ୍' ଏବଂ ତୂର୍ଯ୍ୟ ପରି ଶବ୍ଦ କରୁଥିବା ଦୀର୍ଘଦନ୍ତା

ଦୈତ୍ୟାକାର ହାତୀ ବା 'ମ୍ୟାମଥ୍'ମାନେ କ୍ରମଶଃ ଧ୍ୱଂସ ହୋଇ ଯାଇଥିଲେ । ଏଇ ଚିର-ଅତୃପ୍ତ ମାଂସାଶୀମାନଙ୍କୁ ଖାଦ୍ୟ ଯୋଗାଉ ଯୋଗାଉ ; ଏମାନଙ୍କର ସଂଖ୍ୟା କ୍ରମଶଃ ବଢ଼ୁଥିଲା ଓ ଏହାଙ୍କ ପୂର୍ବବର୍ତ୍ତୀ ବଡ଼ ବଡ଼ ସରୀସୃପଜାତୀୟ ଜନ୍ତୁ ଅର୍ଥାତ୍ ଖଣ୍ଡାପରି ଦାନ୍ତଥିବା ବାଘଙ୍କ ଭଳି ଏମାନେ ତୃଣଭୁକ୍ ଜୀବଙ୍କୁ ଶିକାର କରି ଖାଇ ପରୋକ୍ଷ ଭାବରେ ଘାସରୁ ଶକ୍ତିସଂଗ୍ରହ କରୁଥିଲେ । ଆନ୍ଦାଜ କେତେକ କାଳ ଗଲା ଉତ୍ତାରୁ ଏମାନେ ନିଆଁର ବ୍ୟବହାର ଆବିଷ୍କାର କରିଥିଲେ । ତାହା ସାହାଯ୍ୟରେ ଟାଣିଆ ମାଂସକୁ ନରମ କରି ଖାଦ୍ୟରୁ ଶକ୍ତି ସଂଗ୍ରହ ଚଞ୍ଚଳ ହୋଇ ପାରୁଥିଲା । କିନ୍ତୁ ସେ କାଳର ମନୁଷ୍ୟ ଜାତୀୟ ଜୀବଙ୍କର ଏପରି ହିଂସ୍ର ସ୍ୱଭାବ-ସୁଲଭ ଖାଦ୍ୟ ତାଙ୍କର ପେଟ ଓ ହଜମ ଶକ୍ତି ପକ୍ଷେ ନୂଆ ଓ ଅସୁବିଧା ଜନକ ଥିଲା ; କାରଣ ପୂର୍ବରେ ସେମାନେ ଅଧିକାଂଶତଃ ନିରାମିଷାଶୀ ଥିଲେ ଓ ହିଂସ୍ର ନଥିଲେ ।

ସେ ଜାତୀୟ ଜୀବର ଅଙ୍ଗ ପ୍ରତ୍ୟଙ୍ଗ କ୍ରମଶଃ ଅଧିକ ଲମ୍ବ ହେଲା ; ଘାସ ଉପରେ ପାଦ ପକାଇଲାବେଳେ ତା'ର ମନର ଗହନରେ ଉଦ୍ଦେଶ୍ୟ ଖେଳିବା ଆରମ୍ଭ ହେଲା । ସେ ସଂଗ୍ରହକରିଥିଲା ସେଇ ଶକ୍ତି ଯାହା ବହୁବର୍ଷପରେ ମଣିଷକୁ ମହାଦେଶସବୁ ଅତିକ୍ରମକରିବାକୁ ସାହାଯ୍ୟ କରିଥିଲା କିନ୍ତୁ ଶେଷରେ ତାହା ଆଉ ତା'କୁ ବଳଦେଇ ପାରି ନଥିଲା । କାରଣ ମହାତୁଷାର ଯୁଗର ଜୀବମାନଙ୍କର ଭାଗ୍ୟରେ ନିଶ୍ଚିହ୍ନ ହେବାହିଁ ଲେଖା ଥିଲା । ସେମାନେ ଅନ୍ତର୍ହିତ ହେବାର ବହୁ ପରେ ନଈକୂଳେ ପଥର ଧରିଥିବା ତାଙ୍କରି ହାତ ପରି ହାତ ଥିବା ଆଉ ଗୋଟିଏ ଜୀବ ଗଣ୍ଡାଏ ଘାସ ବିହନ ଓପାଡ଼ି ମୁଠାରେ ଧରି କେତେ କଅଣ ଭାବିବାକୁ ବସିଥିଲା ।

କାଦୁଅ ଲାଗିଥିବା ସେଇ ହାତରେ ଅଳ୍ପ କେତୋଟି ସେପରି ବିହନ ଆଜିର ଗହମଦାନାର ଅଗ୍ରିମ ନମୁନା । ସେଇ ମୁହୂର୍ତ୍ତରେ ସେଇ ମଞ୍ଜି କେତୋଟି ଭିତରେ ଲୁଚିତ୍ ଉଜ୍ଜ୍ୱଳ ଥିଲା ମଣିଷର ଭବିଷ୍ୟତ—ଲକ୍ଷ କୋଟି ନରନାରୀ ଚାଲୁଥିବା ଯନ୍ତ୍ରମାନଙ୍କ ଚକ ବନ୍ଧ ଭିତ୍ତି ଆଳମାରୀର ଗମ୍ଭୀର ଜ୍ଞାନ, ସଭ୍ୟତାର ପୂଜା ମନ୍ଦିର ! କୁସୁମିତ ଉଦ୍ଭିଦର ଦାନ ଫୁଲ ଓ ବହୁ ବିଚିତ୍ର ଫଳ ନ ଥିଲେ, ମଣିଷ ବା ପକ୍ଷୀକୁଳ ଜାଇଁ ଆନ୍ତେ କି ନାହିଁ ସନ୍ଦେହ ; ଯଦି ବା

କାହିଁ ଥାନ୍ତେ ତାଙ୍କର ରୂପ ଏପରି ହୋଇଥାନ୍ତା ଯେ, ଆଜି ତାଙ୍କୁ ଚିହ୍ନି ହୋଇ ନ ଥାନ୍ତା । ହୁଏତ ଟିଁଟିପିଟିର ଶବ୍ଦର ବିଶିଷ୍ଟ ଆଦିମ ପକ୍ଷୀମାନେ 'ସିକୋୟା'-ଗଛର ଶାଖାରେ ପୋକମାନଙ୍କ ଉପରେ ଏବେ ବି ଝାମ୍ପୁଥାନ୍ତେ ; କୀଟଖାଦକ ନିଶାଚର ପଶୁ ମଣିଷ ହୁଏତ ଅନ୍ଧାରରେ ମିଠାପାଣିର ଟ୍ରାଉଟ ମାଛମାନଙ୍କୁ ଦାନ୍ତରେ କାଟୁଥାନ୍ତା । ତେଣୁ କହିହେବ ଯେ ହାଲୁକା ଫୁଲ ପାଖୁଡ଼ାଟିଏ ତଳକୁ ଖସିବାଦ୍ୱାରା ପୃଥିବୀର ମୁଖଶ୍ରୀ ବଦଳି ଯାଇଥିଲା ଓ ମଣିଷର ଦଖଲରେ ଆସିଥିଲା ।

# ପିଲ୍‌ଟଡ଼ାଉନର ଅସଲ ରହସ୍ୟ

ଗତ ଶତାବ୍ଦୀର ଚାର୍ଲସ୍ ଡାରୱିନ୍ 'ସ୍ୱାଭାବିକ ବଛେଇ'ର ନୀତି ଉଦ୍ଭାବନ କରିଥିଲେ । ଆଲ୍‌ଫ୍ରେଡ୍ ରସେଲ ଓ୍ୱାଲେସ୍ ତାଙ୍କର ଜଣେ ବିଖ୍ୟାତ ସମସାମୟିକ ଓ ସେହି ନୀତିର ସହ-ଉଦ୍ଭାବକ ମଧ୍ୟ ଥିଲେ । (ଉକ୍ତ ନୀତି ସମ୍ବନ୍ଧରେ ପରେ କୁହାଯିବ) ଏହି ଓ୍ୱାଲେସ୍ ସାହେବ ଗୋଟିଏ ସହଜ ପ୍ରଶ୍ନ ଉଠାଇ ଥିଲେ:—'ମଣିଷ କିପରି ତା'ର ମସ୍ତିଷ୍କ ପାଇଲା ?' ସେ ଏ ବିଷୟରେ ଗୋଟିଏ ପ୍ରବନ୍ଧ ମଧ୍ୟ ଛପାଇଥିଲେ । ତାଙ୍କ ଦିନୁ ଏ ପ୍ରଶ୍ନ ଉଦ୍‌ବର୍ତ୍ତନ ବାଦୀଙ୍କୁ ବିବ୍ରତ କରି ଆସିଛି ତାଙ୍କ ପ୍ରବନ୍ଧ ପଢ଼ି ଡାର୍‌ୱିନ୍ ମଧ୍ୟ ହତଚକିତ ହୋଇଥିଲେ । ତେଣୁ ସେ ସେହି ପ୍ରବନ୍ଧର ଏପଟୁ ସେପଟ ପର୍ଯ୍ୟନ୍ତ ଗାର ଟାଣି "ନା" ଶବ୍ଦଟି ଲେଖି ତାହା ତଳେ ତିନିଥର ଗାର ଦେଇଥିଲେ—ଏତେ ବେଶି ଥିଲା ତାଙ୍କର ପ୍ରତିବାଦର ଜୋର ଓ ମନର ରାଗ । ସେ ଯେ ଏପରି କରିଥିଲେ ତାହାର ଲିଖିତ ପ୍ରମାଣ ଅଛି ।

ଓ୍ୱାଲେସ୍ ସାହେବଙ୍କ ସେହି ପ୍ରଶ୍ନର ଡାରୱିନ୍ କେବେହେଲେ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ ; ଆଜି ତାହା ପୁଣି ଫେରି ଆସିଛି ଆମକୁ ବ୍ୟତିବ୍ୟସ୍ତ କରିବାକୁ । ୧୯୧୧ ମସିହାରେ "ପିଲ୍‌ଟ ଡାଉନ୍" ନାମକ ସ୍ଥାନରେ ଏକ ପ୍ରାଚୀନ ଖପୁରି ମିଳିଥିଲା, ଏହା ଏକ ଖୁବ୍ ପ୍ରାଚୀନ ଖପୁରି ବୋଲି ଧରାହୋଇ ଥିଲା । ବହୁ କାଳଯାଏ ଉଦ୍‌ବର୍ତ୍ତନ ଧାରା ସମ୍ବନ୍ଧରେ ଡାରୱିନଙ୍କ ମତ ପ୍ରତିଷ୍ଠାର ସ୍ୱପକ୍ଷେ ଏହା ଏକ ଜବରଦସ୍ତ ସାକ୍ଷ୍ୟ ପ୍ରମାଣ ପରି ବ୍ୟବହୃତ ହୋଇଥିଲା । ଏବେ ଏହା ଜାଲ୍ ବୋଲି ପ୍ରମାଣିତ ହୋଇଛି ।

ଏକ ସୌଖୀନ ପଣ୍ଡିତବ୍ୟକ୍ତିର ମିଥ ବିଗର୍ହିତ ବ୍ୟଙ୍ଗ ବୋଲି ଜଣା ଯାଇଛି । ଇଂଲଣ୍ଡର "ସ୍ୟାସେକ୍ସ" ଅଞ୍ଚଳରେ ଏକ କବର ଗାତରେଥିବା "ପିଲ୍‌ଟ-ଡାଉନ୍'ର ଏହି ଖପୁରି ତା'ର ଆବିଷ୍କାର ଦିନୁ ବୈଜ୍ଞାନିକ ମହଲରେ ସୁପରିଚିତ । ୧୯୫୩ ମସିହାର ହେମନ୍ତ କାଳରେ ସାରା ପୃଥିବୀର ଖବର କାଗଜରେ ଏହାକୁ ଅଛା କରି ଉଡ଼ାଇ ଦିଆଯାଇଥିଲା ସେଇ ଖପୁରି ବୋଲି "ଯାହାକି ନୃତାତ୍ତ୍ୱିକମାନଙ୍କୁ ମାଙ୍କଡ଼ କରି ଗୁଡ଼ାଉଛି ।' ୧୯୫୩ ମସିହାରେ କିନ୍ତୁ କେହି ମନେ ରଖି ନ ଥିଲେ ଯେ, ବିଖ୍ୟାତ ଉଦ୍‌ବର୍ତ୍ତନ ବାଦୀ ଓ୍ୱାଲେସ୍ ସାହେବ ୧୯୧୩ ମସିହାରେ ତାଙ୍କର ଏକ ବନ୍ଧୁଙ୍କୁ ପ୍ରତିବାଦ କରି ଲେଖିଥିଲେ ଯେ, ପିଲ୍‌ଟ-ଡାଉନ୍‌ର ଖପୁରି ଯଦି ବା କିଛି ପ୍ରମାଣ କରେ ତାହା ବେଶି କିଛି ନୁହେଁ ।'

କାହିଁକି ଓ୍ୱାଲେସ୍ ସାହେବ ସେପରି ପ୍ରଶ୍ନ ଉଠାଇ ଥିଲେ ? କେଉଁ କାରଣରୁ ସେ ସମୟର ଇଂରେଜ ବୈଜ୍ଞାନିକମାନଙ୍କ ମଧ୍ୟରେ ଏକା ସେ ସନ୍ଦେହର ଦୃଷ୍ଟିରେ ବିଚାର କରିଥିଲେ ସେଇ କଙ୍କାଳ କରୋଟିର ନିଦର୍ଶନକୁ ଯାହା ଡ଼ାରଉଇନଙ୍କର ଏବଂ ତାଙ୍କର ନିଜର ଆଜୀବନ ସାଧନାଲବ୍ଧ ତତ୍ତ୍ୱକୁ ସୁପ୍ରମାଣ କରୁଥିଲା ? ଗୋଟିଏ ମାତ୍ର କାରଣରୁ ସେ ଏହା କରିଥିଲେ—ପ୍ରଥମ ହିସାବରେ ସେ ଖପୁରି ଦଶଲକ୍ଷ ବର୍ଷରୁ ବେଶି ପୂର୍ବର ବୋଲି ଧରା ହୋଇଥିଲା; ଅଥଚ ଏହାର ମଗଜର ଖୋଲଥିଲା ଆଧୁନିକ ଧରଣର । ଏପରି ଖୋଲ ଯେ ଆଦିମ କୌଣସି ଖପୁରିର ମୁଖ ମଣ୍ଡଳ ସହିତ ସଯୁକ୍ତ ରହିପାରେ ଏ କଥା ସେ ବିଶ୍ୱାସ କରି ନଥିଲେ ।

ଉଦ୍‌ବର୍ତ୍ତନ ବାଦକୁ ବୈଜ୍ଞାନିକ ଭାବରେ ସ୍ୱୀକାର କରିବାର ସପକ୍ଷରେ ଆଜି ଏତେ ମଣିଷ କରୋଟିର ପ୍ରାଚୀନ କଙ୍କାଳ ପ୍ରମାଣ ସାକ୍ଷ୍ୟରୂପେ ଗ୍ରାହ୍ୟ ହୋଇଛି ଯେ, 'ପିଲ୍‌ଟଡାଉନ୍'ରେ ମିଳିଥିବା ଖପୁରି ସେଥିରୁ ବାଦଗଲେ ବି କିଛି ଯାଏଆସେ ନାହିଁ । ଏହା ପଛରେ ଥିବା ଅସାଧାରଣ ଜାଲିଆତି ଏତେ ଡେରିରେ ଧରାପଡ଼ିବାର କାରଣ ହେଉଛି ଯେ, ଏହା ଆବିଷ୍କୃତ ହୋଇଥିଲା ବହୁପୂର୍ବରେ । ସେତେବେଳେ ମଣିଷ କରୋଟିର ଆକୃତି ପ୍ରକୃତି ଓ ସେଗୁଡ଼ିକର ସଠିକ ତାରିଖ ସ୍ଥିର କରିବାର ପଦ୍ଧତି ସମ୍ବନ୍ଧରେ ଆମର ସ୍ପଷ୍ଟ ଧାରଣା ନଥିଲା । କିନ୍ତୁ ବୈଜ୍ଞାନିକ ବ୍ୟାପାରରେ ଯେଉଁ ଧୂର୍ତ୍ତ ଚୋରିଦାଗିରି

ସେଇ ଜାଲ୍‌ସ୍ପାଠ ଧରିପାରିଲେ ସେଥିରୁ ମଜା ଲୁଟି ଲୁଟି ଖବରକାଗଜବାଲାମାନେ 'ପିଲ୍‌ଟଡାଉନ୍'ର ଅସଲ ରହସ୍ୟକୁ ଭୁଲିଯାଇଥିଲେ । ଡାରଉଇନଙ୍କର ଥିଲା ଏକ ଅନନ୍ୟ ସାଧାରଣ ମେଧା । ତହିଁରୁ ସେ ବୁଝିପାରିଥିଲେ ଯେ, ଯେଉଁ ସ୍ୱାଭାବିକ ଶକ୍ତିମାନଙ୍କର ଅନିଷ୍ପିତ ଲୀଳାରୁ ଗଛ, ପଶୁ, ଜନ୍ତୁ ପ୍ରଭୃତି ସୃଷ୍ଟିର ବାକୀ ପଦାର୍ଥମାନେ ଜନ୍ମିଛନ୍ତି, ତହିଁରୁ ମଣିଷର ଅଭ୍ୟୁଦୟ ମଧ୍ୟ ଘଟିଛି ଓ୍ୱାଲେସ ସାହେବ କିନ୍ତୁ ଏ ତତ୍ତ୍ୱର ବିପରୀତ ଭାବରେ କେବ ମଣିଷ ସୃଷ୍ଟିର କ୍ଷେତ୍ରରେ ଏ ତତ୍ତ୍ୱକୁ ପୂରାପୂରି ଛାଡ଼ିଦେଇ ଏକ ଅନ୍ୟ ମତବାଦ ଆଡ଼କୁ ଗତି କରି କହିଥିଲେ ଯେ,'ଉଦ୍‌ବର୍ତ୍ତନଧାରା ଉପରେ ସ୍ୱର୍ଗୀୟ ନିୟନ୍ତ୍ରଣ ଅଛି ।' ଉଭୟଙ୍କର ମତବାଦ ପରସ୍ପର ତୁଳନା କଲେ ଏ ସମସ୍ୟା ସଂକ୍ଷେପରେ ସ୍ପଷ୍ଟ କରି ହେବ ।

ଯେଉଁମାନେ ଉଦ୍‌ବର୍ତ୍ତନ ସମ୍ବନ୍ଧରେ ପଢ଼ାଶୁଣା କରିଛନ୍ତି, ସେମାନେ ଡାରଉଇନଙ୍କ ମତବାଦ ବିଷୟରେ ଜାଣିଥିବେ । ଏଇ ମତବାଦ ଅନୁସାରେ ପ୍ରକୃତିର ଜଗତରେ ପ୍ରତ୍ୟେକ ଜୀବନ୍ତ ଜିନିଷ ବରାବର ନିଜର 'ଅସ୍ତିତ୍ୱ ରକ୍ଷା ପାଇଁ ସଂଗ୍ରାମ' କରେ । କାରଣ ଉଦ୍ଭିଦ ଓ ପ୍ରାଣୀମାନଙ୍କର ବଂଶବୃଦ୍ଧିର କ୍ଷମତା ଅତି ପ୍ରବଳ ହୋଇଥିବାରୁ ସମ୍ଭାବ୍ୟ ଜନ୍ମ ସଂଖ୍ୟାର ବୃଦ୍ଧିଦା ଅନୁପାତରେ ଖାଦ୍ୟ ସରବରାହ କେବେ ହେଲେ ହୋଇପାରିବ ନାହିଁ । ପ୍ରତ୍ୟେକ ଜନ୍ତୁ ପରସ୍ପରଠାରୁ ପୃଥକ୍ । ତେଣୁ ଯେଉଁମାନେ ସବୁଠାରୁ ବେଶୀ କୌଶଳରେ ଅବସ୍ଥାଦୃଷ୍ଟିରୁ ନିଜକୁ ଖାପ ଖୁଆଇବାକୁ ସମର୍ଥ, କେବଳ ସେଇମାନେହିଁ ବଞ୍ଚିବାକୁ ସକ୍ଷମ । ତାଙ୍କର ବଂଶଧରମାନେ ପୂର୍ବପୁରୁଷଙ୍କଠାରୁ ଏଇ ଜନ୍ମଗତ ଉତ୍ତରାଧିକାର କେବଳ ଯେ ପାଇଥାନ୍ତି ତା ନୁହେଁ, ନିଜ ନିଜ କ୍ଷେତ୍ରରେ ତାହାକୁ ସେମାନେ ବଢ଼ାନ୍ତି ମଧ୍ୟ । ଯୁଗ ଯୁଗ ଧରି ପ୍ରାଣୀ ଜୀବନ ଲଢ଼ିଆସିଛି ନାନା ଉତ୍ଥାନ ପତନ ଓ ବିବିଧ ଶତ୍ରୁଙ୍କ ବିରୁଦ୍ଧରେ । ସେମାନେ ନାନା ପ୍ରକାର ପ୍ରାକୃତିକ ପରିବେଶର ଅଧୀନ ରହିଛନ୍ତି । ଯେହେତୁ ଜୀବନ ପାଇଁ ଏପରି ସଂଗ୍ରାମ ଅସରନ୍ତି । ତେଣୁ ଏଇ ଦ୍ୱନ୍ଦ୍ୱମୂଳକ ପ୍ରତିସ୍ପର୍ଦ୍ଧାର ଫଳସ୍ୱରୂପ ଜୀବ ଦେହରେ ଅମାପ ପରିବର୍ତ୍ତନ ଘଟିଛି ।

ନିଜ ମତବାଦରେ ଡାରଉଇନ କିନ୍ତୁ ମାତ୍ର ଗୋଟିଏ ଦୋଷ ଅବିଷ୍କାର କରିଥିଲେ । ସେ କହିଥିଲେ ଯେ, ଏଇ ମତ ଅନୁସାରେ "କୌଣସି ଅଞ୍ଚଳର

ପ୍ରତ୍ୟେକ ସୁସଂଗଠିତ ପ୍ରାଣୀ ସେଠାର ଅନ୍ୟାନ୍ୟ ଅଧିବାସୀଙ୍କ ତୁଳନାରେ ହୁଏତ ସମପରିମାଣ ଅଥବା ତାଙ୍କଠାରୁ ସାମାନ୍ୟ ବେଶୀ ପ୍ରତିଷ୍ଠା ହାସଲ କରିପାରନ୍ତି ।” ତାଙ୍କ ମତ ମନୁଯାୟୀ ଜନ୍ତୁମାନେ କେବଳ ଆପେକ୍ଷିକ ଶ୍ରେଷ୍ଠତ୍ୱ ଲଭିପାରେ ସିନା, ନିର୍ବିଶେଷ ଶ୍ରେଷ୍ଠତ୍ୱ ଲଭି ନପାରେ । ନଚେତ୍ 'ଅସ୍ତିତ୍ୱ ଲାଗି ଲଢ଼େଇ' ଓ 'ସ୍ୱାଭାବିକ ନିର୍ବାଚନ'ର ମାନ ସର୍ବସ୍ୱ ରହିପାରନ୍ତାନାହିଁ । ତେଣୁ ଡାରଉଇନ୍ ଧରିନେଇଥିଲେ ଯେ ଜାତି ଓ ଜାତି ଭିତରେ ଏବଂ ମଣିଷ ଓ ମଣିଷ ମଧ୍ୟରେ ଦୀର୍ଘକାଳ ଲଢ଼େଇ ଚାଲିଥିଲା । ଅଭ୍ୟୁଦୟ ପଥରେ ମଣିଷ 'ସ୍ୱାଭାବିକ ନିର୍ବାଚନ' ସୂତ୍ରରୁ ଧୀରେ ଧୀରେ ଯେଉଁ ଯତ୍ସାମାନ୍ୟ ଲାଭ ହାସଲ କରିଥିଲା ତାହା ସେ ଏହିପରି ଭାବରେ ବ୍ୟାଖ୍ୟା କରିଥିଲେ ।

ସେ ଏପରି ଧାରଣା କରିବାକୁ ପ୍ରବୃତ୍ତ ହୋଇଥିବାର କାରଣ—ମଣିଷ ତାର ସହଯୋଗୀ ଜନ୍ତୁଙ୍କଠାରୁ ବହୁଦୂର ଆଗେଇ ଯାଇଥିଲା । ଜୀବନ ସଂଗ୍ରାମରେ ଦୈହିକ ଓ ମାନସିକ ସବୁ ପ୍ରକାର ବୈଶିଷ୍ଟ୍ୟର ପ୍ରୟୋଗାତ୍ମକ ମୂଲ୍ୟ ଉପରେ ଡାରଉଇନଙ୍କ ମତବାଦ ପ୍ରତିଷ୍ଠିତ ଥିଲା । ତେଣୁ ମଣିଷ ଓ ମଣିଷ ମଧ୍ୟରେ ସଂଘର୍ଷକୁ ସେ ଉଡ଼ାଇ ଦେଇପାରି ନଥିଲେ । 'ଏ ସଂଘର୍ଷ ପ୍ରତି ଆଖି ମୁଦିଦେବାର ଅର୍ଥ ହୋଇଥାନ୍ତା ଯେ, ଯେଉଁ ଜନ୍ତୁମାନଙ୍କ ସଙ୍ଗରେ ମଣିଷ ଅସ୍ତିତ୍ୱ ପାଇଁ ପ୍ରତିଯୋଗିତା ଆରମ୍ଭ କରିଥିଲା, ସେମାନଙ୍କର ପ୍ରତ୍ୟେକଟି ଅପେକ୍ଷା ସେ ବୁଦ୍ଧିର କ୍ଷେତ୍ରରେ ଏତେ ବେଶି କିପରି ଆଗେଇଗଲେ, ତାହାର କୌଣସି ବ୍ୟାଖ୍ୟା ମିଳି ନଥାନ୍ତା । ବୁଦ୍ଧିବୃତ୍ତିରେ ଏଇ ଉଚ୍ଚ ପାହ୍ୟା କଅଣ 'ସ୍ୱାଭାବିକ ବଛେଇ' ସୂତ୍ରରେ ମଣିଷ ହାସିଲ କରିଥିଲା ?

ସେପରି ବ୍ୟାଖ୍ୟା ଅବଶ୍ୟ ଡାରଉଇନଙ୍କ ପରିଚର୍ଯ୍ୟାଶୀଳ ଲେଖକଙ୍କ ପାଖରେ ଯୁକ୍ତିଯୁକ୍ତ ମନେ ହୋଇଥିଲା । ତାହା ଥିଲା ଔପନିବେଶିକ ବିସ୍ତାର ଏବଂ ନିର୍ମମ ବାଣିଜ୍ୟିକ ପ୍ରତିଯୋଗିତାର ଯୁଗ । ଆଦିମ ସଂସ୍କୃତିର ଲୋକମାନଙ୍କର ଓ ସଭ୍ୟତାର ସୀମାନ୍ତରେ ଥିବା ଛୋଟ ଛୋଟ ସମାଜଗୁଡ଼ିକର ବିନାଶ ଅବଧାରିତ ବୋଲି ଧରା ହେଉଥିଲା । ଭିକ୍ଟୋରିଆ ଯୁଗର ସଭ୍ୟତା ମଣ୍ଡିତ ଉଚ୍ଚତମ ଜାତି ଏବଂ ପାଶ୍ଚାତ୍ୟର ଲୋକଙ୍କଠାରୁ ନିମ୍ନ ଅନ୍ୟାନ୍ୟ ଜାତିର ଓ ଭିନ୍ନ ଆଚାର ବ୍ୟବହାର ବା ଜୀବନଧାରାର ଅନ୍ତର୍ଗତ ଲୋକମାନେ ହୀନ ବୋଲି

ବିସ୍ତୃତ କରାହୋଇଥିଲା । ପ୍ରାଣୀତତ୍ତ୍ୱ ଦୃଷ୍ଟିରୁ ତନ୍ମଧ୍ୟରୁ କେତେକଙ୍କୁ ଲଞ୍ଜହୀନ ବାନରମାନଙ୍କ ଅପେକ୍ଷା ସାମାନ୍ୟ ଉନ୍ନତ ବୋଲି ମଧ୍ୟ ବର୍ଣ୍ଣନା କରାଯାଇଥିଲା । ସେକାଳରେ ଦୃଷ୍ଟିଗ୍ରାହ୍ୟ ଭାବରେ ମସ୍ତିଷ୍କର ବିବର୍ତ୍ତନ ପ୍ରଦର୍ଶନ କରିବା ପାଇଁ ଉପଯୁକ୍ତ ଶିଳୀଭୂତ କଙ୍କାଳ ନ ଥିଲା । ସୁତରାଂ ଲଞ୍ଜହୀନ ବାନରଙ୍କ ମସ୍ତିଷ୍କ ଭିତରେ ଥିବା ଗଭୀର ପାର୍ଥକ୍ୟର ଗୁରୁତ୍ୱକୁ ଡାରଉଇନ-ବାଦୀମାନେ ଲଘୁ କରି ଦେଖାଉଥିଲେ । ଅବଶ୍ୟ ନିଜର ଅଜ୍ଞାତସାରରେ ସେମାନେ ଏହା କରୁଥିଲେ । କେତେ ନିମ୍ନଶ୍ରେଣୀର ସ୍ତରରୁ ମସ୍ତିଷ୍କର ଉଦ୍ଭବ ଘଟିଛି, ତାହା ଦେଖାଇବାର ଆଗ୍ରହରେ ସେମାନେ ଏବେକାର ଆଦିବାସୀଙ୍କର ଉଦାହରଣ ଦେଉଥିଲେ । ଏମାନେ କୁଆଡ଼େ ମସ୍ତିଷ୍କର ଶୃଙ୍ଖଳାବଦ୍ଧ ଉଦ୍‌ବର୍ତ୍ତନ ପଦ୍ଧତିରେ ନର ଓ ବାନରମଧ୍ୟରେ ମିଳୁନଥିବା ଯୋଗସୂତ୍ରର ଜୀବନ୍ତ ନିଦର୍ଶନ !

ଠିକ୍ ସେହି ସମୟରେ ଓ୍ୱାଲେସ୍ ସାହେବଙ୍କର ଏକ ପ୍ରତିବାଦ ଶୁଣାଯାଇଥିଲା । ବିଜ୍ଞାନର ଇତିହାସରେ ଏହା ଏକ କୌତୂହଳୋଦ୍ଦୀପକ ଘଟଣା । କାରଣ ଉଦ୍‌ବର୍ତ୍ତନ ଧାରାର ପ୍ରକୃତି ସମ୍ବନ୍ଧରେ ଡାରଉଇନ ସାହେବ ଯେଉଁ ସାଧାରଣ ସିଦ୍ଧାନ୍ତ କରିଥିଲେ ସେଇ ଏକ ଓ ଅଭିନ୍ନ ସିଦ୍ଧାନ୍ତରେ ଓ୍ୱେଲେସ୍ ପହଞ୍ଚିଥିଲେ ମୌଳିକଭାବରେ ଏବଂ ଡାରଉଇନଙ୍କଠାରୁ ସମ୍ପୂର୍ଣ୍ଣ ସ୍ୱାଧୀନ ସୂତ୍ରରେ । ସେ ଯାହାହେଉ 'ଅରିଜିନ୍ ଅଫ୍ ସ୍ପିସିଜ୍' ନାମକ ଡାରଉଇନଙ୍କ ବହି ପ୍ରକାଶିତ ହେବାର ମାତ୍ର ଅଳ୍ପ କେତେ ବର୍ଷ ପରେ ଓ୍ୱାଲେସ୍ ଯେଉଁ ସିଦ୍ଧାନ୍ତକୁ ଅନୁସରଣ କରିବାକୁ ଆରମ୍ଭ କରିଥିଲେ ତାହା ଡାରଉଇନଙ୍କୁ ସଚକିତ ଓ ବିବ୍ରତ କରିଥିଲା । ଗ୍ରୀଷ୍ମମଣ୍ଡଳର ଦ୍ୱୀପପୁଞ୍ଜରେ ଆଦିମ ଅଧିବାସୀଙ୍କ ବିଷୟରେ ଓ୍ୱାଲେସଙ୍କର ବହୁ ବର୍ଷର ଅଭିଜ୍ଞତାରୁ ସେ ସେମାନଙ୍କୁ ମାନସିକ ଦିଗରୁ ନିମ୍ନ ଶ୍ରେଣୀର ବୋଲି ବିଚାରିବାରୁ କ୍ଷାନ୍ତ ହୋଇଥିଲେ । ସେ ଆହୁରି ଅଗ୍ରସର ହୋଇ ସୁପ୍ରତିଷ୍ଠିତ ଡାରଉଇନବାଦର ବିରୁଦ୍ଧାଚରଣ କରି କହିଥିଲେ ଯେ, ଯଦିଓ ସେହି ଆଦିମ ଅଧିବାସୀମାନେ ଜୀଇଁବା ପାଇଁ ଖାଦ୍ୟ ସଂଗ୍ରହର ସରଳ ପଦ୍ଧତି ଅନୁସରଣ କରନ୍ତି । ତଥାପି ସେଥିପାଇଁ ତାଙ୍କର ଯେତିକି ପ୍ରୟୋଜନ ତାହା ଅପେକ୍ଷା ବହୁ ବେଶୀ ଗୁଣ ମାନସିକ କ୍ଷମତା ତାଙ୍କଠାରେ ଦେଖାଯାଏ ।

ଓ୍ୱାଲେସ୍ ଲିଖିଥିଲେ, "ତାହେଲେ ଇନ୍ଦ୍ରିୟ ବିଶେଷର ଅଧିକାଂଶ ଜୀବର ପ୍ରୟୋଜନ ଅପେକ୍ଷା ତାର ସେଇ ଇନ୍ଦ୍ରିୟ ଶକ୍ତି ଏତେ ବେଶୀ କିପରି ହେଲା ? ସ୍ୱାଭାବିକ ନିର୍ବାଚନ ମୂଳ ଅନୁସାରେ ଅସଭ୍ୟ ଜାତିଙ୍କ ମେଧା ଲାଞ୍ଜହୀନ ବାନରର ମେଧାଠାରୁ ଟିକିଏମାତ୍ର ବେଶୀ ହେବା କଥା । କିନ୍ତୁ ପ୍ରକୃତରେ ସେମାନଙ୍କ ମସ୍ତିଷ୍କର କ୍ଷମତା ଆମ ଶିକ୍ଷିତ ସମାଜର ସାଧାରଣ ଲୋକଙ୍କଠାରୁ ସାମାନ୍ୟ ମାତ୍ର ଊଣା ।"

ସେ ସମୟରେ ଏପରି ଭୁଲ୍ ଧାରଣା ଥିଲା ଯେ ଅନେକ ଆଦିବାସୀ କୁଆଡ଼େ କେବଳ 'ହୁଁ ହାଁ' କରି ବା ମାଙ୍କଡ଼ମାନଙ୍କ ପରି ଚିତ୍କାର ମନର ଭାବ ପ୍ରକାଶ କରନ୍ତି । ତଥାପି ଓ୍ୱାଲେସ୍ ଅଭିମତ ପୋଷଣ କରୁଥିଲେ ଯେ, ଆଦିବାସୀଙ୍କ ବୁଦ୍ଧିବୃତ୍ତି ଉଚ୍ଚ କୋଟିର ଥିଲା ; ତାଙ୍କ ବକ୍ତବ୍ୟ ମତରେ "କଣ୍ଠ ବିଭିନ୍ନ କିନ୍ତୁ ସୁସ୍ପଷ୍ଟ ଶବ୍ଦ ଉଚ୍ଚାରଣ କରିବାର ଯେଉଁ କ୍ଷମତା ସେଥିରେ ଅସରନ୍ତି ପରିମାଣରେ ସ୍ୱର ଗ୍ରାମ ନିୟନ୍ତ୍ରଣ କରିବାର ଯେଉଁ ଶକ୍ତି ଆଦିବାସୀଙ୍କଠାରେ ଅଛି ତାହା…କେବେହେଲେ ଉଚ୍ଚତର ଜାତିମାନଙ୍କଠାରୁ ଊଣା ନୁହେଁ, ବରଂ ପ୍ରୟୋଜନ ତୁଳନାରେ ସେମାନଙ୍କ ଅଧିକାରରେ ଉନ୍ନତତର ଶକ୍ତି ଦେଖାଯାଏ ।

ଶେଷରେ, ଡ଼ାରଉଇନ୍‌ତତ୍ତ୍ୱର ସମଗ୍ର ସ୍ଥିତି ବିରୁଦ୍ଧରେ ଓ୍ୱାଲେସ୍ ଦୃଢ଼ ଘୋଷଣା କରିଥିଲେ ଯେ, 'ଅସ୍ତିତ୍ୱ ଲାଗି ଲଢ଼େଇ' ଓ 'ସ୍ୱାଭାବିକ ନିର୍ବାଚନ' ତତ୍ତ୍ୱର ଭିତରେ ମଣିଷର ଗାଣିତିକ, କଳାବିଷୟକ ଓ ସାଙ୍ଗୀତିକ ଉତ୍କର୍ଷ ବ୍ୟାଖ୍ୟା କରି ହେବ ନାହିଁ । ସେ ଯୁକ୍ତି ବାଢ଼ିଥିଲେ ଯେ, ମଣିଷର ମସ୍ତିଷ୍କର ବିକାଶରେ ଅନ୍ୟ କିଛି ହୁଏତ ଅଜଣା କୌଣସି ଆଧ୍ୟାତ୍ମିକ ଉପାଦାନ ନିଶ୍ଚୟ କ୍ରିୟା କରିଛି । ନଚେତ୍ ଡ଼ାର୍‌ଉଇନ୍‌ବାଦୀଙ୍କ ମତରେ ଯେଉଁ ମୌଳିକ ବୁଦ୍ଧି ବୃତ୍ତିର ଶକ୍ତି କେବଳ ପ୍ରତିଯୋଗିତାମୂଳକ ସଂଗ୍ରାମରୁ ବିକଶିତ ହୁଏ ତାହାର ଅଧିକାଂଶ ସରଳ ସଭ୍ୟତାର ଲୋକେ କିପରି ହେଲେ ?

ଏଥିରେ ବିସ୍ମିତ ହୋଇ ଡ଼ାର୍‌ଉଇନ୍ କହିଥିଲେ "ନିଜେ ତୁମେ ଯଦି ମୋତେ ନ କହିଥାନ୍ତ ଯେ ତୁମେ ଏସବୁ ମନ୍ତବ୍ୟ କରିଛ, ତେବେ ମୁଁ ଭାବିଥାନ୍ତି ଯେ ଅନ୍ୟ କେହି ଏଗୁଡ଼ାକ ଯୋଗ କରିଛୁ । ଦୁଃଖର ସହିତ ମୁଁ ସ୍ୱୀକାର କରୁଛି

ଯେ ଏ ବିଷୟରେ ତୁମ ସହିତ ମୋର ମତଭେଦ ଗୁରୁତର ଓ ବେଦନାଦାୟକ ।" ଯାହା ହେଉ, ସେ କିନ୍ତୁ ଓ୍ୱାଲେସ୍‌ଙ୍କର ପ୍ରଶ୍ନ ଗୁଡ଼ିକର କୌଣସି ଯୁକ୍ତି-ଗ୍ରାହ୍ୟ ଜବାବ ଦେଇ ପାରି ନଥିଲେ । ଏବେକାର ବୈଜ୍ଞାନିକ ଯୁକ୍ତିରେ ଯାହା ଅଚଳ ସେଇ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଅଭ୍ୟାସର ପ୍ରଭାବ ସମ୍ପର୍କରେ ଅସ୍ପଷ୍ଟ ଭାବରେ ପଦେ ଅଧେ କହିବା ଛଡ଼ା, ଡାରୱିନ୍ ତାଙ୍କ ଜବାବରେ ନିଜର ମୌଳିକ ମତବାଦକୁ ଦୃଢ଼ କରି ଧରିଥିଲେ ମାତ୍ର, କିନ୍ତୁ ଧୀରେ ଧୀରେ ଓ୍ୱାଲେସଙ୍କ ବିଦ୍ରୋହର କଥା ଲୋକେ ଭୁଲି ଯାଇଥିଲେ ଓ ବୈଜ୍ଞାନିକ ଜଗତରେ ମାଡ଼ିଆସିଥିଲା ଡାରୱିନତତ୍ତ୍ୱର ସପକ୍ଷରେ ଏକ ଆତ୍ମସନ୍ତୋଷର ବ୍ୟାପକ ମନୋଭାବ ।

୧୮୫୯ ମସିହାରେ ଡାରୱିନ୍‌ଙ୍କ ବହି 'ଅରିଜିନ୍ ଅଫ୍ ସ୍ପିସିଜ୍' ପ୍ରକାଶିତ ହୋଇଥିଲା । ତାହାପରୁ ସତୁରି ବର୍ଷମଧ୍ୟରେ ଡାରୱିନ୍-ଓ୍ୱାଲେସ୍ ବିତର୍କ ଉପରେ ଆଲୋକପାତ କଲା ଭଳି ପଥର ହୋଇଯାଇଥିବା ଦୁଇଟି ମଣିଷ ଖପୁରି ମିଳିଥିଲା । ଜାଭାର 'ଏପ୍ ମ୍ୟାନ୍' ବା 'ଲାଙ୍ଗୁଳହୀନ ବାନର ମଣିଷ'ର ଓ ଅନ୍ୟଟି 'ପିଲ୍‌ଟଡାଉନ୍'ର 'ଡନ୍‌ମ୍ୟାନ୍' ବା 'ଉଷା କାଳର ମାନବ'"ର । ଉଭୟଙ୍କର ଆବିର୍ଭାବକାଳ ପ୍ରାଚୀନ ତୁଷାର-ଯୁଗର ଆଦ୍ୟରେ ବୋଲି ନିର୍ଦ୍ଧାରିତ ହୋଇଥିଲା । ଆବିର୍ଭାବର ତାରିଖ ପରେ ବଦଳି ଯାଇଥିଲେହେଁ, ଖପୁରି ଦୁଇଟି ପ୍ରାୟ ସେଇ ସମୟର ଓ ଅତି ପ୍ରାଚୀନ ବୋଲି ବହୁକାଳରୁ ବିବେଚିତ ହୋଇଥିଲା ।

ନର-ବାନର ମଧ୍ୟରେ 'ମିଳୁ ନଥିବା ଯୋଗ ସୂତ୍ର'ର ଏପରି ଦୁଇଟି ସାଦୃଶହୀନ ଦୃଷ୍ଟାନ୍ତ କଳ୍ପନା କରିବା କଠିନ । ଦଶଲକ୍ଷ ବର୍ଷର ପ୍ରାଚୀନତ୍ୱର ଚିହ୍ନ ଉଭୟ ଖପୁରିରେ ଥିଲା ବୋଲି ଧରାଯାଇଥିଲେହେଁ, ଗୋଟିଏ ଖପୁରି ଆଦିମ ଓ ଶ୍ରେଷ୍ଠ ମସ୍ତିଷ୍କବିଶିଷ୍ଟ ଥିଲା । ଅପରଟି ଅର୍ଥାତ୍ 'ପିଲ୍‌ଡାଉନ'ର ଖପୁରିର ମୁଖର ତଳଭାଗ ଆଦିମ ପରି ଦିଶୁଥିଲେ ହେଁ ସେଥିରେ ଥିଲା ଏକ ଆଶ୍ଚର୍ଯ୍ୟଜନକ ଆଧୁନିକ ମଗଜ । ଏହା ଭିତରୁ କେଉଁ ଖପୁରି ମାନବ ବିକାଶର ପ୍ରକୃତ କାହାଣୀ କହୁଥିବ ? ବଡ଼ ଆକାରର ମଗଜ ପ୍ରାଚୀନତ୍ୱର ଚିହ୍ନ କି ? ଡାରୱିନ୍‌ବାଦ ଅନୁଯାୟୀ ଯୁଗ ଯୁଗାନ୍ତର-ବ୍ୟାପୀ ଧୀରେ ବଢ଼ୁଥିବା ମୁଣ୍ଡ

ପ୍ରଗତିର ଧାପ ଏହାକୁ ଗଢ଼ିଥିଲା କି ? 'ପିଲ୍‌ଟଡ଼ାଉନ'ର ଖପୁରିଟି ଏପରି ବିକାଶର ସୂଚନା ଦେଉଥିବା ମନେ ହେଉଥିଲା ।

ଗରିଲା, ସିଂପାଞ୍ଜୀ ପ୍ରଭୃତିଙ୍କ ଠାରୁ ଆମର ଉତ୍ପତ୍ତିର ଇତିହାସ ଆହୁରି ସୁଦୂର ଅତୀତକୁ ଘୁଞ୍ଚି ଯିବାରୁ ଅନେକେ ଖୁସି ହେଲେ । ଡାଃ 'ଏପ୍‌ମ୍ୟାନ'ର ଖପୁରିରୁ ଏପରି ଆନନ୍ଦ ଅନୁଭବ କରିବା ସମ୍ଭବ ନ ଥିଲା ତାହା ସୁସ୍ପଷ୍ଟ ଥାଏ ଏପରି ଏକ ପୂର୍ବପୁରୁଷ ଯେଉଁ ଦାରୁଣ ଦୂରବର୍ତ୍ତୀ କୌଣସି ଅତୀତକାଳର ନ ଥିଲେ ; ତାଙ୍କର ମୁଖମଣ୍ଡଳ ଓ ମଗଜରୁ ଲାଙ୍ଗୁଡ଼ହୀନ ବାନରର କିଛି ଆଭାସ ମିଳୁଥିଲା । ତଥାପି, "ସିଧାହୋଇ ଚାଲିବାକୁ ସମର୍ଥ ଲାଙ୍ଗୁଡ଼ହୀନ ବାନର'କୁ ଭୂତାତ୍ତ୍ୱିକ ସାକ୍ଷ୍ୟ ଅନୁସାରେ ଯେତେବେଳେ ମଧ୍ୟ କାଳୀନ ତୁଷାର-ଯୁଗର ଅନ୍ତର୍ଭୁକ୍ତ କରାଗଲା, ତତ୍‌କ୍ଷଣାତ୍ ଓ୍ୱାଲେସ୍ ସାହେବ ଠିକ୍ କହିଥିବାର ସମ୍ଭାବନା ଜଣା ପଡ଼ିଲା ; କାରଣ, ସେ ସନ୍ଦେହ କରିଥିଲେ ଯେ, ମଣିଷର ମସ୍ତିଷ୍କରେ ବୋଧହୁଏ ବିସ୍ମୟଜନକ କ୍ଷିପ୍ର ବିକାଶ ଘଟିଥିଲା । ଏହାର ବିପରୀତ ଧାରଣା ଜନ୍ମୁଥାଏ 'ପିଲ୍‌ଟଡ଼ାଉନ'ର ଧ୍ୱଂସାବଶେଷରୁ ; ତାହା ସୁସ୍ପଷ୍ଟ ଥାଏ ମଣିଷର ଆହୁରି ଅଧିକ ପ୍ରାଚୀନ ଓ ଧୀରଗତି ବିକାଶ । 'ପିଲ୍‌ଟଡ଼ାଉନ'ର ଜାଲିଆତି, ବୋଧହୁଏ ନିଜର ଅଜଣାରେ ଖଣ୍ଡେ ମଣିଷ ଖପୁରିରେ ଲାଙ୍ଗୁଡ଼ହୀନ ବାନରର ଗାଲ ପାଟି ଜୋଡ଼ି ଏପରି ଏକ ଜୀବ ସୃଷ୍ଟି କରିଥିଲା ଯେ କି ଡାର୍‌ୱିନ୍‌ବାଦୀ ମଣିଷର ଧାରଣା ସମର୍ଥନ କରୁଥିଲା; ତାହା ଆଜିର ମଣିଷର ପ୍ରାୟ ସଦୃଶ ଥିଲା, ତାର ପ୍ରାଚୀନତ୍ୱ ଥିଲା ପ୍ରାକ୍‌-ତୁଷାର ଯୁଗର ।

ଏହା ମଧ୍ୟରୁ କେଉଁ କାହାଣୀ ଠିକ୍ ? ୧୯୫୩ ମସିହାରେ 'ପିଲ୍‌ଟଡ଼ାଉନ'ର ଜାଲିଆତି ଉଦ୍‌ଘାଟିତ ହୋଇଥିଲା । ତାହାର ପୂର୍ବ ପର୍ଯ୍ୟନ୍ତ ଦୁଇଟି ଯାକ ଅଭିମତ ସମ୍ଭବ ବୋଲି ସ୍ୱୀକାର କରିବାକୁ ପଡ଼ୁଥିଲା ଏବଂ ଉଭୟ ସମ୍ପୂର୍ଣ୍ଣ ସାଦୃଶ୍ୟହୀନ କଙ୍କାଳକୁ ଗୁରୁତ୍ୱ ସହକାରେ ସମାନ ନିକିତିରେ ତୌଲିବାକୁ ପଡ଼ୁଥିଲା । ଆଜି 'ପିଲ୍‌ଟଡ଼ାଉନ'ର ପତ୍ତା ନାହିଁ, ତାହା ବଦଳରେ ଆମକୁ ମିଳିଛି ଦୁଇଜଣ ଆଧୁନିକ ବୈଜ୍ଞାନିକଙ୍କର ସ୍ପଷ୍ଟବାଦୀ ଉକ୍ତି । ଓ୍ୱାଲେସ୍‌ଙ୍କ ପ୍ରବନ୍ଧ ଉପରେ ଡାର୍‌ୱିନ୍ ଜବର ଦସ୍ତ ଅସ୍ୱୀକୃତି ସୂଚକ 'ନା' ଲେଖିବାର ଅଶୀବର୍ଷ ପରେ ଏ ଦୁଇ ଜଣ ସ୍ୱୀକାର କରିଛନ୍ତି : —

"ମସ୍ତିଷ୍କଠାରେ ମିଳୁଥିବା ଏତେ ବୃହଦାକାର ମଗଜର ବ୍ୟାଖ୍ୟା ପାଇଁ ଯଥେଷ୍ଟ କାରଣ ଏବେ ପର୍ଯ୍ୟନ୍ତ ମିଳିନାହିଁ ।" *

ଜନ୍ତୁମାନଙ୍କର ଆକୃତି ଅନୁସରଣ କରି ଉଦ୍‌ବର୍ତ୍ତନର ଇଦ୍ର୍‌ସ୍ୱଗାଦ୍ୟ ବିଗମାନଙ୍କର ଇତିହାସ ରଚନାରେ ଅତ୍ୟନ୍ତ ବ୍ୟସ୍ତ ଥିବାରୁ ଆମର ମୁଣ୍ଡ ସମ୍ବନ୍ଧରେ ମୁଣ୍ଡବ୍ୟଥା ନାହିଁ କହିଲେ ଚଳେ । ହେମନ୍ତ ଋତୁରେ ଫୁଲଦିଆ ବୋଇତ କଖାରୁର ବୃଦ୍ଧି ପରି ଆମେ ଏହାକୁ ସ୍ୱାଭାବିକ ବୋଲି ଧରି ନେଉଁ, ଅଥଚ ଏଇ ଶ୍ରେଷ୍ଠ ପେଣ୍ଡୁ ପରି ମୁଣ୍ଡଗୁଡ଼ିକରେ ଅସଂଖ୍ୟ ତାରାଭରା ବିରାଟ ଜଶୀୟ ଆକାଶ ଓ ଅଦୃଶ୍ୟ କିନ୍ତୁ ଦୀପ୍ୟମାନ ଚନ୍ଦ୍ରାଳଗତ ଅବସ୍ଥିତ ।

ଆଜିକାର ନୃତାତ୍ତ୍ୱିକମାନଙ୍କ ଦୃଷ୍ଟିରେ କାଳର ଗତି ଅନୁପାତରେ ମସ୍ତିଷ୍କର ପ୍ରଗତି ଭିତରେ ଏଇ ରହସ୍ୟର ଏକାଂଶ ନିହିତ । ଓ୍ୱାଲେସ୍ କହିଥିଲେ—'ୟୁରୋପ ଓ ଏସିଆର ସବୁ ଅଂଶରେ ଗବେଷଣାରୁ ଯଦି ସୁଦୂର ଅତୀତରେ ସ୍ତନ୍ୟପାୟୀମାନଙ୍କ ଯୁଗରେ ମଣିଷର ଅସ୍ତିତ୍ୱର କୌଣସି ପ୍ରମାଣ ନ ମିଳେ, ତେବେ ଅନ୍ତତଃ ଏ ଧାରଣା କରି ହେବ ଯେ, ଆହୁରି ଅନେକ ପରବର୍ତ୍ତୀକାଳରେ ଓ କ୍ଷିପ୍ରତର ବିକାଶ ପ୍ରଣାଳୀରେ ମଣିଷର ଆବିର୍ଭାବ ଘଟିଥିଲା ।' ଓ୍ୱାଲେସ୍ ଅନୁଭବ କରିଥିଲେ ଯେ, ତାଙ୍କର ମତ ଯଥାର୍ଥବୋଲି ଜଣାଯିବ, ଯଦି ମଣିଷର ଉଦ୍‌ବର୍ତ୍ତନ କ୍ଷିପ୍ରଗତି ବା 'ବୈପ୍ଳବିକ' ବୋଲି ପ୍ରମାଣିତହୁଏ;କାରଣ,ମସ୍ତିଷ୍କର ଏପରି କ୍ଷିପ୍ର ବିକାଶର ଅର୍ଥ ହେବ ଯେ, ଦୈବଶକ୍ତି ମଣିଷଠାରେ ସନ୍ନିବିଷ୍ଟ । ୧୮୭୦ ମସିହାରେ ସେ ଏହା ଲେଖିଥିଲେ, ସେତେବେଳେ ମଣିଷର ପ୍ରାଗୈତିହାସିକ ଇତିବୃତ୍ତି ପ୍ରାୟ ଅଜଣା ଏକ ଶୂନ୍ୟ ପରି ଥିଲା । ଆଜି ଆମେ ଓ୍ୱାଲେସଙ୍କର ପ୍ରଶ୍ନର ଆଂଶିକ ଜବାବ ଦେଇପାରୁ 'ପିଲ୍‌ଟଡ଼ାଉନର' ଜାଲିଯାତି ଧରିପଡ଼ିବା ଦିନୁ ଯେତେ ଯେତେ ସାକ୍ଷ୍ୟ ପ୍ରମାଣ ମିଳିଛି ସେ ସବୁର ଏକମାତ୍ର ଇଙ୍ଗିତ ଏହି ଯେ, ବର୍ତ୍ତମାନ ଆକାରର ମଣିଷ ପୃଥିବୀର ଯାବତୀୟ ବାସିନ୍ଦାଙ୍କ ମଧ୍ୟରେ ନୂତନତମ ଓ କନିଷ୍ଠ ।

---

* ସିମ୍ପୋଜିଅା ଅଫ୍ ଦ ସୋସାଇଟି ଫର୍ ଏକ୍ସପେରିମେଣ୍ଟାଲ୍ ବାଇଓଲଜି —VII, ଏଭୋଲ୍ୟୁସନ୍ ( ନ୍ୟୁୟର୍କ : ଆକାଡେମିକ୍ ପ୍ରେସ୍ ୧୯୫୩) ପୃଷ୍ଠା ୩୯୫ ଦ୍ରଷ୍ଟବ୍ୟ ।

ଆମ ପୂର୍ବରେ ପ୍ରାୟ ଦଶଲକ୍ଷ ବର୍ଷ ଆଗରେ ତୁଷାର ଯୁଗ ବ୍ୟାପିଥିଲା । ମଣିଷର ଲିଖିତ ଇତିହାସ ମାତ୍ର ଯେ ଅଧ୍ୟୟନ କରେ ତାହା ପକ୍ଷରେ ଏହା ଏକ ଦୀର୍ଘ ସମୟ ମନେ ହୋଇ ପାରେ, କିନ୍ତୁ ପ୍ରକୃତରେ ବିଶେଷତଃ ଉଦ୍‌ବର୍ତ୍ତନ ଧାରାର ସମସ୍ତ ମାପିବାରେ ନିଯୁକ୍ତ ଛୁଜଙ୍କ ପାଖରେ ଏହା ଅତି କମ ସମୟ । ଦୈତ୍ୟାକୃତି ଲୋମଶ ହାତୀ ବା 'ମ୍ୟାମଥ୍' ଓ ଖଡ୍‌ଗଦନ୍ତା ମହାବଳ ବାଘ ପରି ଟ୍ରଲଚର ଅତିକାୟ ଜନ୍ତୁଙ୍କର ବିନାଶ ଏହି ଯୁଗରେ ଘଟିଥିଲା, କିନ୍ତୁ ନୂଆ ଧରଣର ଜୀବଙ୍କର ଆବିର୍ଭାବ ପ୍ରାୟ ଘଟି ନଥିଲା କହିଲେ ଚଳେ । କିନ୍ତୁ ଏପରି ଉକ୍ତିର ଏକମାତ୍ର ଗୁରୁତ୍ୱ ବ୍ୟତିକ୍ରମ ହେଲା ପୁରୁଣା ପୃଥିବୀର ଭୂଭାଗଉପରେ ମଣିଷର ଆବିର୍ଭାବ ଓ ପ୍ରସାର ।

'ପିଲ୍‌ଟଡାଉନ୍'ର ଜାଲିଆତି ଧରା ପଡ଼ିବାପରେ ମଣିଷ ସମ୍ବନ୍ଧରେ ଆମର ଜ୍ଞାନର ଅଧିକାଂଶ ତୁଷାର ଯୁଗର ଶେଷାର୍ଦ୍ଧରେ ଆବଦ୍ଧ । ସେତେବେଳେ ତା'ର ମୁଖ ମଣ୍ଡଳ ଥିଲା ବିରାଟ ଓ କପାଳ ଥିଲା ଦାଉଡ଼ି ପରି । ସେ କାଳରୁ ଆହୁରି ଅତୀତକୁ ଦୃଷ୍ଟି ଚଳାଇଲେ, ମିଳେ ଅମସୃଣ, ସ୍ଥୂଳ ହତିଆର ଓ ପଥରରେ ତିଆରି ଯନ୍ତ୍ରପାତିର ଚିହ୍ନ । ସେଥିରୁ ଆଭାସ ମିଳେ ଯେ, ତୁଷାର ଯୁଗର ପ୍ରଥମାର୍ଦ୍ଧରେ ଏସିଆ, ଇଉରୋପର ଏଠି ସେଠି, କିନ୍ତୁ ବିଶେଷ କରି ଆଫ୍ରିକାରେ ଆହୁରି ଆଦିମ ମଣିଷର କିଛି ଅସ୍ତିତ୍ୱ ଥିଲା । କିନ୍ତୁ ବୈଜ୍ଞାନିକଙ୍କ ପାଖରେ ଏହା ଏକ ଅଜଣା ଭୂଭାଗ ଉପରେ ଭାସୁଥିବା କୁହୁଡ଼ି ଭିତରେ ଦୃଷ୍ଟି ଚଳାଇବା ପରି ମନେହୁଏ । ଏଥିରେ, ଭଉଁରି ପରି ଉପରକୁ କୁହୁଳୁ ଥିବା ବାଷ୍ପ ଭିତରେ ହଳି ହଳି ଚାଲୁଥିବା ଚେହେରାଟିଏ ଏଠି ସେଠି ହୁଏତ ଦିଶିବ । ଅଥବା ଧୂଆଁର ଘେର ଭିତରେ ସାମାନ୍ୟ ଫାଙ୍କ ବାଟେ ମୁହୂର୍ତ୍ତିକ ପାଇଁ ଅଧା ଜଙ୍ଗଲି ବନ୍ୟ ଆଦିମ ମୁହଁଟିଏ ହୁଏତ ପଛକୁ ଥରେ ଅନାଇବ । କିନ୍ତୁ ଠିକ୍ ସେତିକିବେଳେ ସନ୍ଧାନର ସୂତ୍ର ଆମ ହାତକୁ ଆସିଯିବାର ମୁହୂର୍ତ୍ତରେ ସେଇ ସବୁ ପ୍ରତିମୂର୍ତ୍ତି ଓ ତାଙ୍କର ଅର୍ଦ୍ଧସ୍ଫୁଟ କଣ୍ଠସ୍ୱରକୁ ଲିଭାଇ ମାଡ଼ି ଆସିବ ଏକ ପାଉଁଶିଆ ଗୁଇ ଅନ୍ଧାର ।

ତଥାପି, ବିଶେଷତଃ ଆଫ୍ରିକାରେ ମଣିଷ ପରି ଲାଙ୍ଗୁଳହୀନ ବାନରଙ୍କର ଏକ ଉଲ୍ଲେଖଯୋଗ୍ୟ ଗୋଷ୍ଠୀ ଆବିଷ୍କୃତ ହୋଇଛି । ତାଙ୍କର ମଗଜର

ଆକାର ଯେପରି ଶ୍ରେଷ୍ଠ, ଦାନ୍ତ ମଧ୍ୟ ସେହିପରି ମଣିଷଙ୍କ ଭଳି । ଅଗ୍ରଗଣ୍ୟ ବୈଜ୍ଞାନିକମାନେ ଏବେ ବି ବିତର୍କ କରୁଛନ୍ତି ଯେ, ସେମାନେ ଆମର ଆତ୍ମୀୟ ମାତ୍ର; ନା, ଉଦ୍‌ବର୍ତ୍ତନର ଆରୋହ ପଥରେ ସେମାନଙ୍କ ସଙ୍ଗେ ଆମର ସିଧା ସଳଖ ସମ୍ପର୍କ ଅଛି । ସ୍ପଷ୍ଟତଃ ତାଙ୍କ ଭିତରେ କେତେକ ଆମର ପ୍ରକୃତ ପୂର୍ବ ପୁରୁଷ ହୋଇ ନ ପାରନ୍ତି । କାରଣ, କାଳସ୍ରୋତର ବହୁ ଶେଷ ଧାରରେ ତାଙ୍କର ଅସ୍ତିତ୍ୱ ଥିଲା, କିନ୍ତୁ ତାଙ୍କ ଦେହ ବୈଶିଷ୍ଟ୍ୟରୁ ଜାଣିହେବ ଯେ, ଆଦିମ ସିମ୍ପାଞ୍ଜି, ଗରିଲା ପ୍ରଭୃତି ଜିପରି ଜନ୍ତୁଥିଲେ ଓ ତାଙ୍କ ବିକାଶ କେଉଁ ଖାତରେ ମଣିଷଜନ୍ମ ଆଡ଼କୁ ଗତି କରିଥିଲା ।

ସେମାନେ ଯେପରି ଗୋଟିଏ ଶ୍ରେଣୀଭୁକ୍ତ ନୁହନ୍ତି ତାଙ୍କର ଚେହେରା ମଧ୍ୟ ସେହିପରି ଏକ ଧରଣର ନୁହେଁ । ଏକ ହିସାବରେ ସେମାନେ ମଣିଷ ନୁହନ୍ତି, ପୁଣି ତାଙ୍କୁ ମଣିଷ ନ କହିବା ମଧ୍ୟ ଠିକ୍ ହେବ ନାହିଁ । ତାଙ୍କ ମଧ୍ୟରେ କେତେକଙ୍କ ଦେହ ବେଶି ଭଙ୍ଗୁର; ଅନ୍ୟମାନଙ୍କର ଗାଲପାଟି ଏତେ ବଡ଼ ଓ ବଳିଷ୍ଠ ଯେ ତଦ୍ୱାରା ହାଡ଼ ଚୋବାଇ ଖାଇ ହୁଏ । ଏମାନଙ୍କର ଖପୁରି ଉପରେ ଗରିଲାଙ୍କପରି ଭରି ମସ୍ତିକାବରଣ ଥାଏ, ଏହି ତଥ୍ୟରୁ ବହୁକାଳ ଆଗର ଓ୍ୱାଲେସ୍‌ଙ୍କ ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଅନୁଭୂତିର କଥା ଆମର ମନେ ପଡ଼େ । ଦେହର ଉଦ୍‌ବର୍ତ୍ତନ ପ୍ରକ୍ରିୟାରେ ଜନ୍ତୁମାନଙ୍କର ଅଙ୍ଗ ପ୍ରତ୍ୟଙ୍ଗର ମଧ୍ୟ ପରିବର୍ତ୍ତନ ହୁଏ । ଓ୍ୱାଲେସ୍ ବୁଝି ପାରିଥିଲେ ଯେ, ପ୍ରକୃତରେ ମଣିଷ ସୁଲଭ ମସ୍ତିଷ୍କର ଆବିର୍ଭାବ ଓ ବିକାଶ ସଙ୍ଗେ ସଙ୍ଗେ ମଣିଷ ଜାତିର ଅଙ୍ଗ ପ୍ରତ୍ୟଙ୍ଗର ଅନେକ ପରିବର୍ତ୍ତନକୁ ତା'ର ଯନ୍ତ୍ରପାତି ଓ ହତିଆରରେ ଆରୋପ କରିଥିଲା । ବହିର୍ବ୍ୟୋମଗସ୍ତ ଅଣୁବିଭାଜନ କରିବାକୁ ସକ୍ଷମ ମଣିଷ ଆଜି ଶର ଅପେକ୍ଷା କ୍ଷିପ୍ରଗତିରେ ଉଡ଼ିପାରେ । କୋଡ଼ିଏ ହଜାର ବର୍ଷ ଆଗରେ ଏହି ମଣିଷର ପୂର୍ବ ପୁରୁଷ ଫ୍ରାନ୍‌ସ ଦେଶର ଗୁହା ଗାତରେ ତୁଷାର ଯୁଗର ଅନ୍ତିମ ଅଧିବାସୀ ଅତିକାୟ ଦନ୍ତୀ ହାତୀଙ୍କର ଚିତ୍ର ଅଙ୍କିଥିଲେ । କିନ୍ତୁ ସେ କାଳର ଓ ଏବର ମଣିଷର ଦେହ ଓ ମସ୍ତିଷ୍କ ନିଖୁଣ ଭାବରେ ଅଭିନ୍ନ ।

ଅର୍ଥାତ୍ ମଣିଷର ଚିନ୍ତାଭାବ ନାହିଁ କେବଳ ବିବର୍ତ୍ତିତ ହୋଇଛି ଓ ତାହାହିଁ ତା'ର ଚାରିପଟର ଜଗତକୁ ବଦଳାଇଛି । ଏବେ ମଣିଷ ଜାତିର ସୃଷ୍ଟି

ଯନ୍ତ୍ରମାନଙ୍କର ଅବଶ୍ୱାସ୍ୟ ଗତ ଓ ମୁକ୍ତ ଆକାଶରେ ତାରକାସ୍ଥ ଅଣୁ ବିକୀରଣର ସମ୍ମୁଖୀନ । ତେଣୁ ତାର ସ୍ନାୟୁ ଅପେକ୍ଷା ଶୀଘ୍ର କ୍ରିୟାକ୍ଷମ ନୂଆ ଆଣବିକ ଜିସ୍ତନ୍ତ୍ରଣ ଆବିଷ୍କାର କରିବାକୁ ସେ ବାଧ୍ୟ ହୋଇଛି । ଧାତବ ରକ୍ଷାକବଚ ବ୍ୟବହାର କରି ଆଣବିକ ବିକିରଣ ବିରୁଦ୍ଧରେ ତା'ର ନଗ୍ନ ଦେହକୁ ବର୍ମୀକୃତ କରିବାକୁ ସେ ବାଧ୍ୟ ! ମଣିଷ-ସୃଷ୍ଟ ସ୍ୱୟଂକ୍ରିୟ ଯନ୍ତ୍ରର ଜଗତରେ ମଣିଷର ଦେହ ଆଜ ପୁରୁଣାକାଳିଆ ହୋଇ ପଡ଼ିଲାଣି । ଏକମାତ୍ର ଯେଉଁ ଜିନିଷ ତାହାକୁ ବଞ୍ଚାଇ ରଖିଛି ତାହା ହେଉଛି ଶ୍ରେଷ୍ଠ ପେଣ୍ଡୁପରି ଖୋଲରେ ଥିବା ତାର ମସ୍ତିଷ୍କ; ଯାହାର କରିଆରେ ବିକଶିତ ହେଉଛି ତାର ଜଗତ ସମ୍ବନ୍ଧରେ ସଦା ପରିବର୍ତ୍ତନଶୀଳ ଧାରଣାଗୁଡ଼ିକ ।

ଅଥଚ ଶହେ ବର୍ଷ ପୂର୍ବରେ ଓ୍ୱାଲେସ୍ ମଣିଷଠାରେ ଥିବା ଏହି କାଳଜୟୀ ଉପାଦାନ ସମ୍ବନ୍ଧରେ ଅନ୍ଦାଜ କରିଥିଲେ ଓ ସେ ଅଦ୍ଭୁତ ଗୋଟିଏ ଭବିଷ୍ୟତବାଣୀ କରିଥିଲେ । ସେ ଯୁକ୍ତି ବାଢ଼ିଥିଲେ ଯେ ଅତୀତ ଭିତରେ ଇତିହାସକୁ ଖୋଜି ଖୋଜି ଆମେ ଏପରି ଏକ କାଳଚକ୍ରରେ ଯାଇଁ ପହଞ୍ଚିବା ଯେଉଁଠାରେ ମଣିଷର ଦେହରେ ପରିବର୍ତ୍ତନ ଆରମ୍ଭ ହୋଇ ଯାଇଥିବ ଓ ତାହା ପୂର୍ବବର୍ତ୍ତୀ ଚେହେରାରୁ ଏତେ ବେଶୀ ବିଭିନ୍ନ ହେବାକୁ ଯାଉଥିବ ଯେ, ତାହା କଳ୍ପନା କରିବା କଠିନ । ତାଙ୍କ ମତରେ ସେହି ସମୟରେ ଆମେ ଜାଣିପାରିବୁ ଯେ, ମାନବ ପରିବାର ସୃଷ୍ଟିର ପ୍ରାରମ୍ଭ କାଳରେ ଆମେ ପହଞ୍ଚିଛୁ । ମଣିଷ ମନର ଜନ୍ମ ଲଗ୍ନର ପ୍ରତ୍ୟୁଷରେ ପରିବର୍ତ୍ତନ ପ୍ରଭାବରୁ ନିଜ ଦେହକୁ ରକ୍ଷା କରିବାରେ ସେ ଅସମର୍ଥ ଥିଲା । ମନୁଷ୍ୟେତର ଜୀବଜଗତ ଉପରେ ଯେଉଁସବୁ ଶକ୍ତି କ୍ରିୟା କରୁଥିଲା ସେ ସବୁର ଚିହ୍ନ ମଣିଷର ଧ୍ୱଂସାବଶେଷରେ ନିଶ୍ଚୟ ମିଳିବା କଥା । ଆକୃତିରେ ମଧ୍ୟ ସେ ଭିନ୍ନ ଧରଣର ହେବା କଥା ଅର୍ଥାତ୍ ଦକ୍ଷିଣ ଆଫ୍ରିକାର ଯେଉଁ ନର-ବାନର ଆମର ପରିଚିତ, ତାଙ୍କରି ପରି ତାର ଦେହ ପରିବର୍ତ୍ତନଶୀଳ ହେବା କଥା ।

'ପିଲ୍ଟଡାଉନ'ର ପ୍ରହେଳିକା ପରେ ମଣିଷର କ୍ରମବିବର୍ତ୍ତନ-ସନ୍ଧାନ କାଳର ପ୍ରଶ୍ନ ସମାଧାନ ଆଜ ଡାର୍ୱିନଙ୍କ ସପକ୍ଷରେ ନୁହେଁ, ଓ୍ୱାଲେସ୍‌ଙ୍କ ସପକ୍ଷରେ କରିବାକୁ ପଡ଼ିବ । ଏଥିରେ ଅବଶ୍ୟ ଓ୍ୱାଲେସ୍‌ଙ୍କର

ଚିନ୍ତା ଧାରାର ଗୁପ୍ତବାଦୀ ଅଂଶ ଅନୁସରଣ କରିବା ଦରକାର ନାହିଁ । କାରଣ, ଏ ପର୍ଯ୍ୟନ୍ତ ଅପରୀକ୍ଷିତ ଅନ୍ୟାନ୍ୟ କାରଣ ସମୂହ ମଣିଷର ଆବିର୍ଭାବ ଓ ବିକାଶ ବ୍ୟାଖ୍ୟା କରି ପାରେ । ତୁଷାରଯୁଗର ହତିଆରଗୁଡ଼ିକର ଗଠନସୂତ୍ରରୁ ମିଳୁଥିବା ସାକ୍ଷ୍ୟ-ପ୍ରମାଣ ଯେପରି ଶୀଘ୍ର ଶୀଘ୍ର ଅଦୃଶ୍ୟ ହୋଇ ଯାଇଥିଲା, ସେଥିରୁ ଆଭାସ ମିଳେ ଯେ ଡାରୱିନ୍‌ବାଦୀ ସମ୍ପ୍ରଦାୟ ପ୍ରଥମେ ଯେପରି ଭାବୁଥିଲେ ତାହା ଅପେକ୍ଷା କ୍ଷିପ୍ରଭାବରେ ମଣିଷର ବିକାଶ ଘଟିଥିଲା । ଏହି ଅଭିମତ ଆହୁରି ସମର୍ଥିତ ହେଉଛି ଯେହେତୁ ନରବାନରମାନେ ଆବିଷ୍କୃତ ହୋଇଛନ୍ତି । ତାଙ୍କର ମଗଜର ଆକାର ବାନର ପରି, କିନ୍ତୁ ଦେହର ଗଠନରେ ଯେପରି ମଣିଷ ସୁଲଭ ବୈଶିଷ୍ଟ୍ୟ ଅଛି, ସେହିପରି ଅନ୍ୟାନ୍ୟ ଲକ୍ଷଣ ମଧ୍ୟ ଅଛି । ଆଦି ଡାରୱିନ୍‌ବାଦୀଙ୍କ ସମୟରେ ଏକଥା କହିବା ସମ୍ଭବ ଥିଲା ଯେ, ଏସ୍କିମୋ-ମାନେ ବୋଧହୁଏ ବହୁଲକ୍ଷ ବର୍ଷ ପୂର୍ବର 'ମାଇଓସିନ୍' ଯୁଗୀୟ ମଣିଷଙ୍କ ଦଳରୁ ବଜାୟ ରହିଛନ୍ତି । କିନ୍ତୁ ଏପରି ମତ ବିରୁଦ୍ଧରେ ଆଜିକାଲି ଅନୁମିତ ହେଉଅଛି ଯେ, ମଣିଷର ଆବିର୍ଭାବ ଓ ବିକାଶ ଖୁବ୍ ଅଳ୍ପ ସମୟ ଭିତରେ ଘଟିଥିଲା । ଏତେ ଅଳ୍ପ ସମୟ ଭିତରେ ଯେ ତାହାକୁ 'ବୈପ୍ଳବିକ' କହି ହେବ । ଏକଥା ବିଶ୍ୱାସ କରିବାର କାରଣ ଅଛି ଯେ ମଣିଷର ମଗଜର ବିକାଶରେ ଯେଉଁସବୁ ଶକ୍ତି କ୍ରିୟା କରିଥିଲେ ତାହା ଯାହା ହେଉନା କାହିଁକି, ଗୋଷ୍ଠୀ ଓ ଗୋଷ୍ଠୀ ଏବଂ ଜାତି ଓ ଜାତି ଭିତରେ ଧୀରଗତିର ପ୍ରତିଯୋଗିତା ସୂତ୍ରରେ ସର୍ବଦା ଓ ସବୁ ମଣିଷଙ୍କଠାରେ ଏପରି ମାନସିକ ଅଭିବୃଦ୍ଧି ସମ୍ଭବ ନୁହେଁ । ଏ ବିଷୟରେ ନିଶ୍ଚୟ ଅନ୍ୟ କିଛି ଦାୟୀ ଏବଂ ସେଇ ଶକ୍ତିର ସନ୍ଧାନ ଆମର ବୈଜ୍ଞାନିକ ଗବେଷଣାରେ ଧରାପଡ଼ିବ ନାହିଁ ।

କୁକୁର କୁକୁରର ମାଂସ ଖାଇଥାଏ ଓ ଏପରି ସ୍ୱଜନ ବିନାଶ ସୂତ୍ରରେ ବଞ୍ଚିବାର ପ୍ରତିଯୋଗିତା କ୍ଷେତ୍ରରେ ଜୟୀ ହୁଏ । କିନ୍ତୁ ମଣିଷଠାରେ ଏପରି କେତେକ ଦୈହିକ ବୈଶିଷ୍ଟ୍ୟ ଅଛି ଯାହା ସୂଚିତ କରେ ଯେ ମଣିଷ ଏପରି ପଦ୍ଧତିର ଊର୍ଦ୍ଧ୍ୱରେ । କେତେକ ଜୀବ ତାଙ୍କର ଅସୁମାର ଶ୍ରେଷ୍ଠ ଶ୍ରେଷ୍ଠ ଡ଼ିମ୍ବ ପ୍ରସବକରି ଉନ୍ମୁକ୍ତ ଆକାଶତଳେ ଛାଡ଼ିଯାନ୍ତି , 'ବଞ୍ଚିରହିବାର ପ୍ରତିଯୋଗିତାର' ନୀତିରେ ଏପରି ଆଚରଣର ବ୍ୟାଖ୍ୟା ମିଳିବା କଠିନ । ମଣିଷଠାରେ ମଧ୍ୟ ଏହା

ଦେଖାଯାଏ ତା'ର ଶୈଶବ ଓ ବାଲ୍ୟକାଳ ବଡ ଅସହାୟ । ବ୍ୟକ୍ତି ଓ ବ୍ୟକ୍ତି ଭିତରେ କମ୍ ବେଶୀ ଶକ୍ତି ହେଲେହେଁ ସୌନ୍ଦର୍ଯ୍ୟବୋଧ ନାନା ଅନୁପାତରେ ସବୁ ମାନବଗୋଷ୍ଠୀରେ ଦେଖାଯାଏ । ମଣିଷ ସ୍ୱଭାବରେ ଯୋଗ୍ୟତା ହାସଲ କରିବାରେ ସେ ମଣିଷ ସମ୍ପ୍ରଦାୟ ଭିତରେ ମିଳୁଥିବା ସଯତ୍ନ ଶିକ୍ଷା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ।

କେତେକ ଜାତିର ଜନ୍ତୁ ନିଜକୁ ଏକାକୀ ବିକାଶ କରିପାରନ୍ତି । କିନ୍ତୁ ମଣିଷ ତାହା କରି ପାରେନା । ଆଚରଣକୁ ନିୟନ୍ତ୍ରିତ କରିବାର ସଠିକ ସହଜାତ କ୍ଷମତା ସେ ହରାଇଛି । ଏହା ତାହା ପକ୍ଷେ ଏକ ବଡ ଧରଣର ଲୋକ୍‌ସାନ୍ । ଏହାର କ୍ଷତିପୂରଣ ସକାଶେ ସମାଜ ଓ ପିତାମାତାମାନେ ଶିଶୁକୁ ନିୟନ୍ତ୍ରିତ କରନ୍ତି । ତାହାର ମନରେ ସଙ୍କଳ୍ପର ସୃଷ୍ଟି କରନ୍ତି ଏବଂ ସ୍ୱାଭାବିକ ମଣିଷ ହେବାର କଠିନ ବ୍ରତରେ ତାର ଦୀର୍ଘକାଳବ୍ୟାପୀ ଶିକ୍ଷାରେ ସାହାଯ୍ୟ କରନ୍ତି । ଅଳ୍ପ କେତେକ ବ୍ୟକ୍ତି ଆଜିବି ଏପରି ସାମଞ୍ଜସ୍ୟ ବିଧାନରେ ଅପାରଗ ହେବାରୁ ସମାଜରେ ତାଙ୍କର ପ୍ରବେଶ ନିଷେଧ ।

ଏଥିରୁ ଜଣାପଡ଼େ ଯେ, ସମାଜ ଉପରେ ମଣିଷ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଏହା ତାହା ପକ୍ଷରେ ଏକ ବିପତ୍ତିବିଶେଷ ; ଏହା ଯେପରି ହିତପ୍ରଦ ସେହିପରି ବିପ୍ଲବକର । ନିଜେ ସ୍ୱପ୍ନସମ୍ଭବ ଜୀବ ହେଲେହେଁ ସେ ଏକ ଅଦୃଶ୍ୟ ଜଗତ ସୃଷ୍ଟି କରିଛି । ଅଭ୍ୟାସ, ବିଶ୍ୱାସ, ଧାରଣା ଏବଂ ଆସ୍ଥାର ବ୍ୟବହାରରେ ଗଢ଼ା ଏଇ ଜଗତ; ପାରିପାର୍ଶ୍ୱିକଠାରୁ ଏ ଜଗତ ତାହାକୁ ରକ୍ଷାକରେ । ମନୁଷ୍ୟେତର ଜୀବଙ୍କଠାରେ ଯେଉଁ ସବୁ ସହଜାତ ବୋଧର ନିର୍ମୂଳ କିମ୍ବା ଦେଖାଯାଏ, ମଣିଷଠାରେ ଏହା ତାହାର ସ୍ଥାନ ଅଧିକାର କରିଛି । ଏଇ ଅଦୃଶ୍ୟ ଜଗତରେ ସେ ଆଶ୍ରୟ ନେଇଥାଏ, କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତିର କୌଣସି ପରିବର୍ତ୍ତନ ପ୍ରଭାବରେ ଜନ୍ତୁମାନଙ୍କର ସହଜାତ ବୋଧ ଯେପରି ଅକାମୀ ହୋଇଯାଏ ସେହିପରି ନୂଆ ପରିବେଶରେ ସମ୍ମୁଖୀନ ହେବାରେ ମଣିଷର ସାମ୍ପ୍ରତିକ ବିଶ୍ୱାସସମୂହ ସମ୍ପୂର୍ଣ୍ଣ ସମର୍ଥ ନ ହୋଇପାରେ । ଅଥବା ବ୍ୟକ୍ତିଗତ କ୍ଷେତ୍ରରେ ଏକ ଭୀଷଣ ଐନ୍ଦ୍ରଜାଲିକ ପରିବର୍ତ୍ତନ ଯୋଗୁଁ ବିଭ୍ରାନ୍ତ ମନରେ ପ୍ରେମ ନିଷ୍ଠୁରତାରେ ରୂପାନ୍ତରିତ ହୋଇପାରେ ।

ପଶୁ ଅବସ୍ଥାରୁ ମଣିଷର ପଦବୀରେ ଉତ୍ତୀର୍ଣ୍ଣହେବାର ଶରୀର ପ୍ରତକ୍ରିୟା ଏବେ ଯାଏ ଆମ ମନର ଅବଚେତନ ଗହନରେ ପ୍ରତଧ୍ୱନତ । ଏପରି ପରିବର୍ତ୍ତନ ପାଇଁ ଯାହା ଏକାନ୍ତ ପ୍ରୟୋଜନ ଥିଲା ତାହା ହେଉଛି ପରିବେଶ ସହିତ ନିଜକୁ ଖାପ ଖୁଆଇବାର କ୍ଷମତା । ବଞ୍ଚି ରହିବାପାଇଁ ମଣିଷ ପକ୍ଷରେ ଏହା ନିତାନ୍ତ ଲୋଡ଼ା ଥିଲା; ତାହା ସଙ୍ଗେ ଆହୁରି ଆବଶ୍ୟକ ଥିଲା ମନୁଷ୍ୟେତର ପ୍ରାଣୀଙ୍କ ଅବସ୍ଥାରେ ସ୍ନେହ ବନ୍ଧନର ଦୀର୍ଘକାଳବ୍ୟାପୀ ବିକାଶ; ନଚେତ୍ ତାଙ୍କର ଉଲଗ୍ନ ଅସହାୟ ଶିଶୁ ସନ୍ତାନଙ୍କର ବିନାଶ ଅବଶ୍ୟମ୍ଭାବୀ ଥିଲା ।

ସହଜାତ ବୋଧର ଏଇ ଅଦ୍ଭୁତ ହ୍ରାସ ସମ୍ଭବତଃ କୌଣସି ପ୍ରକାରେ ମଣିଷର ମସ୍ତିଷ୍କର ବିକାଶ ଅତି କ୍ଷିପ୍ର କରିଥିଲା । ବଞ୍ଚି ରହିବା ପାଇଁ ଏପରି ତୀବ୍ର ଗତିର ବିକାଶ ଅପରିହାର୍ଯ୍ୟ ଥିଲା । ସହଜାତ ବୋଧର ହ୍ରାସଜନିତ ଆଭାବ ପୂରାଇବାର ଏହା ଥିଲା ପ୍ରକୃତିଦତ୍ତ କ୍ଷତିପୂରଣ । ସୁତରାଂ କହିହେବ ଯେ, ନିଜ ଗୋଷ୍ଠୀ ଭିତରେ ପ୍ରତଯୋଗିତା ମଣିଷ ପକ୍ଷରେ ସେତେ ତୀବ୍ର ନଥିଲା । ବରଂ ତା ପକ୍ଷରେ ଅଧିକ ପ୍ରୟୋଜନ ଥିଲା—ଏକ ଭାବଗତ ଜଗତ ଗଢ଼ି ତୋଳିବା । ପଶୁସୁଲଭ ପରିବେଶ ଅର୍ଥାତ୍ ସହଜାତ ବୋଧ ହରାଇବାର ଲୋକ୍‌ସାନ୍ ପୂରଣ ଲାଗି ଏପରି ଜଗତର ପ୍ରୟୋଜନ ଘଟିଥିଲା । ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଦେଖାଇ ହେବ ଯେ ମଣିଷ ଏପରି ଏକ ପ୍ରାଣୀ, ଯାହାର ଶୈଶବ ତା'ର ସାରାଜୀବନରେ ପ୍ରସାରିତ; ସେ ଚିର ଶିଶୁ ।

ଏ ପ୍ରସଙ୍ଗରେ ଆଧୁନିକ ବିଜ୍ଞାନର ଆହୁରି କିଛି ବକ୍ତବ୍ୟ ଅଛି । ମଣିଷର ଦେହରେ ଲୋମର ଅଭାବ । ତା'ର ଖପୁରିର ହାଡ଼ ପତଳା, ତା'ର ମୁଣ୍ଡର ଆକାର ଗୋଲ । ଏହି ଲକ୍ଷଣ ମଣିଷର ବିକାଶ ପଥରେ ରହସ୍ୟମୟ ପରିବର୍ତ୍ତନର ଆଭାସ ଦିଏ । ପରିଣତ ବୟସ୍କ ମଣିଷଠାରେ ବି ଏହା ସ୍ପଷ୍ଟ ପିଲାଳିଆ ଏପରି କି ଭ୍ରୂଣସୁଲଭ ବୈଶିଷ୍ଟ୍ୟ । ସେଥିରୁ ଇଙ୍ଗିତ ମିଳେ ଯେ କୌଣସି ଶିମ୍ପାଞ୍ଜି ପୂର୍ବଗାମୀ ପଶୁଙ୍କର ଶୈଶବାବସ୍ଥାରୁ ଅବଶ୍ୟମ୍ଭାବୀ ଭାବରେ ମଣିଷ ସୃଷ୍ଟି କରିଥିଲା । ଓସ୍କାଲେସ୍‌ଙ୍କର ଉକ୍ତି ଆଜିଏଥିରେ ମନେପଡ଼ି ଆମକୁ ଅଭିଭୂତ କରେ; ସେ କହିଥିଲେ ଆମେ ନିର୍ଭରଭାବେ ଅନ୍ଦାଜ କରିପାରୁ ଯେ ଅସଭ୍ୟ

ଲେକେ ତାଙ୍କ ମସ୍ତିଷ୍କକୁ ଯେଉଁକି ବ୍ୟବହାରରେ ଲଗାନ୍ତି, ପରିଶୀଳନ ଓ ବିକାଶ କରିବା ପରେ ସେଇ ମସ୍ତିଷ୍କ ତାହା ଅପେକ୍ଷା ବହୁ ଗୁଣ ବେଶୀକାମ କରିବାକୁ ସମର୍ଥ ।"

ଆଧୁନିକ ମଣିଷ ହିସାବରେ ବଡ଼ ବଡ଼ ସଭାଗୃହରେ ସମବେତ ସଙ୍ଗୀତ ଶୁଣିଲବେଳେ ମୁଁ ଲକ୍ଷ୍ୟ କରିଛି କିପରି ଶ୍ରୋତାମାନଙ୍କର ବିରାଟ ଜନତା ଏକ ବିଖ୍ୟାତ ଗାୟକର କଣ୍ଠ ସ୍ୱରରେ ଅଭିଭୂତ ହୋଇ ଯାନ୍ତି । ସେଠି ଅନ୍ଧାର କୋଣରେ ଏକାକୀ ବସି ମୋର କାନକୁ ଆସେ ବହୁଦୂରର କୌଣସି କୂଅରୁ ଉଠୁଥିବା ଘଡ଼ ଘଡ଼ ଶବ୍ଦର ଫୁସ୍ ଫାସ୍ ଏବଂ ଜଳଜ ଜନ୍ତୁଙ୍କ ଖସିବାର ଶବ୍ଦ । ପୁଣି ପାହାଡ଼ ଚୂଡ଼ାରେ ବସି ମାନମନ୍ଦିରର ଅର୍ଦ୍ଧ ବୃତ୍ତାକାର ଗୁମ୍ବଜର ଫାଙ୍କ ଭିତର ଦେଇ ମୁଁ ଦେଖିଛି ମଧ୍ୟରାତ୍ରିର ଐଶ୍ୱର୍ଯ୍ୟମୟ ଛାୟାପଥର ବିରାଟ ଚକ୍ର କିପରି ବୁଲୁଥାଏ । ସେତେବେଳେ ଆଶ୍ଚର୍ଯ୍ୟ ହୋଇ ମୁଁ ଭାବିଛି ଯେ, ମଣିଷର ମନ କିପରି କ୍ଷୁଦ୍ର ପ୍ରକୋଷ୍ଠ ଭିତରେ ଅସୀମ ଦୂରତ୍ୱର ଓ ଅମାପ ଆୟତନର ଏକ ଜଗତର ଧାରଣାକୁ ଆୟତ୍ତ କରି ପାରିଛି ।

ବିଜ୍ଞାନ ସିନା ଆମର ମୃତ ପୂର୍ବ ପୁରୁଷଙ୍କର ଭଙ୍ଗା ଖପୁରି ଓ ଚକମକି ପଥର ଆମକୁ ଦେଖାଇ ପାରେ ; କିନ୍ତୁ ଏହା ବ୍ୟାଖ୍ୟାକରି ପାରେନା ଯେ, ଏତେ କ୍ଷିପ୍ରଭାବରେ ମଣିଷର ଏତେ ଅଭିବୃଦ୍ଧି କିପରି ହେଲା । ବହୁ ପୂର୍ବରେ ଓ୍ୱାଲେସ୍ ଯେଉଁ ପ୍ରଶ୍ନ ପଚାରିଥିଲେ ତାର ଜବାବ ମଧ୍ୟ ବିଜ୍ଞାନ ଦେଇ ପାରେ ନା । ମଣିଷର ବଂଶାବଳୀର ପ୍ରଥମ ପାଦରେ ଲାଙ୍ଗୁଳହୀନ ବାନର ଅଛି ବୋଲି ଯେଉଁମାନେ ଆମକୁ ଅଶ୍ରଦ୍ଧା କରନ୍ତି, ସେମାନେ ବୁଝନ୍ତି ନାହିଁ ଯେ, ବିକାଶର ତୁଙ୍ଗତମ ଶିଖରରେ ମଣିଷର ନିଃସଙ୍ଗ ଆରୋହଣର ସମସ୍ୟାରେ ହତବୁଦ୍ଧି ହୋଇ ବିଜ୍ଞାନୀଙ୍କ ମନ କିପରି ଭୟମିଶ୍ରିତ ଶ୍ରଦ୍ଧା ଅନୁଭବ କରେ । ପ୍ରାଗୈତିହାସିକ ସ୍ନାୟୁବିଜ୍ଞାନର ବିଖ୍ୟାତ ଗବେଷକ ଆଗ୍ୟୁର୍ଯ୍ୟ ଟିଲି ଏଡ଼ିଙ୍ଗାର ସମ୍ପ୍ରତି ମନ୍ତବ୍ୟ କରିଛନ୍ତିଃ "ମଣିଷ ଯଦି ନର ବାନର ସ୍ତର ଭିତର ଦେଇ ଉଦ୍‌ବର୍ତ୍ତିତ ହୋଇଥାଏ । ତେବେ ତାର ବିବର୍ତ୍ତନ ଧାରାର ଫଳ ଯେ କେବଳ ଅତୁଳନୀୟ ତା' ନୁହେଁ, ଯେ ଧାରାର କ୍ଷିପ୍ରଗତିର ମଧ୍ୟ ତୁଳନା ନାହିଁ……ଭୂତତ୍ତ୍ୱର ହିସାବରେ କହିବାକୁ ଗଲେ, ମୁହୂର୍ତ୍ତ ମଧ୍ୟରେ ତା'ର ମସ୍ତିଷ୍କ ଗୋଲାର୍ଦ୍ଧ

ମୁଗଲର ପ୍ରହାର ଶତକଡ଼ା ପସ୍ତିଶ ଭାଗ ବଢ଼ି ଯାଇଥିଲା ପରି ମନେ ହୁଏ । ଅଥଚ ଏପରି ପ୍ରହାର ସଙ୍ଗେ ତାଲ ପକାଇ ତା'ର ଦେହର କୌଣସି ବୃଦ୍ଧି ଘଟି ନଥିଲା ।"

'ପିଲ୍‌ଟଡ଼ାଉନ୍‌ର ପ୍ରକୃତ ରହସ୍ୟ ତା' ହେଲେ କଅଣ ? ଜନତାର ମତରେ ଏହା ଏକ ନୀତିବର୍ଜିତ ଜୁଆଚୋରିର ଉଦ୍‌ଘାଟନ । କିନ୍ତୁ ପ୍ରକୃତରେ ଏହା ବିଜ୍ଞାନକୁ ବାଧ୍ୟ କରୁଛି—ବିଶ୍ୱର ସବୁଠାରୁ ଉଲ୍ଲେଖଯୋଗ୍ୟ ସୃଷ୍ଟି ଅର୍ଥାତ୍ ମଣିଷର ମସ୍ତିଷ୍କର ଇତିହାସକୁ ସଯତ୍ନରେ ପୁଣି ଅନୁଧାବନ କରିବାକୁ ।

# ଗୋଲକ ଧନ୍ଦା

'ପିଲ୍‌ଟଡାଉନ'ର ରହସ୍ୟ ସମ୍ବନ୍ଧରେ ମୋର ସିଦ୍ଧାନ୍ତ ପ୍ରକାଶ କରିବା ପରେ ଅଳ୍ପ କେତେକ ଲୋକ ମୋତେ ଅଧର୍ମ ନିନ୍ଦା କରିଛନ୍ତି । ମୋର ମନ୍ତବ୍ୟକୁ ସେମାନେ ଡାର୍‌ଉଇନଙ୍କ ଉପରେ ଓ ସେଇ ହେତୁ ବିବର୍ତ୍ତନ ତତ୍ତ୍ୱ ଉପରେ ଆକ୍ରମଣ ବୋଲି ବୁଝିଛନ୍ତି । ପ୍ରାୟ ଏକ ଶତାବ୍ଦୀ ପୁରୁଣା ଏଇ ସବୁ ତତ୍ତ୍ୱକୁ ଘେରି ଏବେ ଯାଏ ଆଶ୍ଚର୍ଯ୍ୟ ପରିମାଣ ଭାବପ୍ରବଣତା ଲୋକଙ୍କ ମନରେ ଛପି ରହିଛି । ଅନେକଙ୍କର ପୁଣି ଐତିହାସିକ ଧାରଣା ନାହିଁ । ସଠିକ୍ ଭାବରେ ନ ହେଲେହେଁ, ସେମାନେ ବୀରଦର୍ପରେ ଅନେକ ସମୟ ଭୁଲ ଯାଉଥିବା ବିତର୍କ ଗହନରେ ପଶିଥାନ୍ତି । ଅଥଚ, ଆଧୁନିକ ବିଜ୍ଞାନର ସଙ୍ଗେ ତାଳ ରଖି ଯେଉଁମାନେ ବିଜ୍ଞାନବିଷୟକ ଜ୍ଞାନବର୍ଜିତ ସାଧାରଣଙ୍କ ପାଇଁ ଲେଖନ୍ତି, ତାଙ୍କର ବିପଦର ସମ୍ଭାବନା ଯେପରି ବେଶୀ, ଅଭିଜ୍ଞତା ମଧ୍ୟ ସେହିପରି କୌତୂହଳୋଦ୍ଦୀପକ । କେବେ କେବେ ଭାଗ୍ୟ ମଧ୍ୟ ତାଙ୍କ ସହିତ ପରିହାସ କରେ, ଯଥା:—ମୋର ପରିଚିତ ଜଣେ 'ପିଲ୍‌ଟଡାଉନ'ର ଖପୁରି ସମ୍ବନ୍ଧରେ ଗୁରୁଗମ୍ଭୀର ଏକ ପ୍ରବନ୍ଧ ଲେଖିଥିଲେ । କିନ୍ତୁ ଏହା ଛପା ହୋଇଥିଲା ଠିକ୍ ସେଇ ସମୟରେ ଯେତେବେଳେ ସେଇ ଜୁଆଚୋରି ଖବରକାଗଜମାନଙ୍କରେ ନିନ୍ଦିତ ହେଉଥିଲା । ପକ୍ଷାନ୍ତରରେ ସେପରି ଲେଖକର ଅଲୌକିକ ସୌଭାଗ୍ୟ ମଧ୍ୟ ଘଟିପାରେ; ଯେଉଁ ମତକୁ ସେ ସାକ୍ଷ୍ୟ ପ୍ରମାଣର ନ୍ୟୂନତମ ସମର୍ଥନରେ ଇତସ୍ତତଃ କରି ପ୍ରକାଶ କରେ, ପରବର୍ତ୍ତୀ ଅପ୍ରତ୍ୟାଶିତ ଘଟଣା ପରମ୍ପରା ତାହା ହୁଏତ ବଳିଷ୍ଠ ଭାବରେ ସମର୍ଥିତ ହୋଇପାରେ ।

ଲାଞ୍ଜହୀନ ଅତିକାୟ ବାନରମାନଙ୍କ ସମ୍ବନ୍ଧରେ ବିଖ୍ୟାତ ବିଶେଷଜ୍ଞ 'ସଲି ଜୁକାରମ୍ୟାନ୍' କହିଛନ୍ତି, 'ମଣିଷ ଓ ମାଙ୍କଡ଼, ପ୍ରଭୃତି 'ପ୍ରାଇମେଟ୍‌ସ'ମାନଙ୍କ ବୁଦ୍ଧି ଭିତରେ ଏକ ବିରାଟ ଫାଙ୍କ ଅଛି ।' ତଥାପି ମଣିଷର ମସ୍ତିଷ୍କ ପରି ଭୟଙ୍କର ବିତର୍କମୂଳକ ବିଷୟରେ ମୋର ମତ ପ୍ରକାଶକରି

ପାରବା ପରେ ଦୁଇଟି ଖୁବ ଆଶ୍ଚର୍ଯ୍ୟଜନକ ବ୍ୟାପାର ଘଟିଛି । ଏହି ଅଧ୍ୟାୟରେ ମୁଁ ତହିଁରୁ ପ୍ରଥମ ଘଟଣାଟିର ବର୍ଣ୍ଣନା ଦେବି । ଦ୍ୱିତୀୟଟି ଆମ କଥାବସ୍ତୁର ଶେଷ ପରିଣତି ଓ ତାହା ପରବର୍ତ୍ତୀ ଅଧ୍ୟାୟ ପାଇଁ ରଖି ରଖିଛି । ଖବର-କାଗଜରେ ବାହାରିଥିବା ପ୍ରଥମ ଘଟଣାଟି 'ପିଲ୍‌ଟଡାଉନ' ରହସ୍ୟ ସମ୍ବନ୍ଧରେ ପ୍ରକାଶିତ ମୋର ମତର ଅଧିକାଂଶକୁ ଅର୍ଥାତ୍ ମଣିଷ ଯେ ସମ୍ପୂର୍ଣ୍ଣ ସୃଷ୍ଟ ହୋଇଛି ଏହି ଅଭିମତକୁ ପୁରାପୂରି ନାକଚ କରିଦିଏ ।

ପାଠକେ ମନେ ରଖିଥିବେ ଯେ, ୧୯୧୬ ମସିହାର ମାର୍ଚ୍ଚ ମାସରେ ଅଦ୍ଭୁତ ଏବଂ ଚମକ ପ୍ରଦ ସବୁ ଜବର ଖବର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହେବାକୁ ଆରମ୍ଭ କରିଥିଲା । ସେହି ଉତ୍ତେଜନାର ପ୍ରଥମ ଯୁଅରେ ସାଧାରଣ ଲୋକେ ଭାବିଥିଲେ ଯେ, ଉଦ୍‌ବର୍ତ୍ତନବାଦ ପୁରାପୂରି ଉଚ୍ଛିଦିବାର ଉପକ୍ରମ କରିଥିଲା । ଖବରକାଗଜମାନଙ୍କରେ ଏକ କୋଟି ବର୍ଷ ପୁରୁଣା ମଣିଷର କଙ୍କାଳ ମିଳିଥିବାର ବିବରଣ ଛପା ହୋଇଥିଲା । ପ୍ରଥମ ଦୃଷ୍ଟିରେ ଏହା ମଣିଷର ଐତିହାସିକ ଯୌବନ ସମ୍ପର୍କରେ ଅର୍ଥାତ୍ ବାକ୍ୟାଳାପକାରୀ ସଭ୍ୟତର ବାହକ ମଣିଷ ସମ୍ପର୍କରେ, ମୁଁ ଯାହା କହୁଛି ତା'ର ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ ।

ସୁଇଜରଲାଣ୍ଡରୁ ଜଣେ ପ୍ରାଚୀନ କଙ୍କାଳ ବିଜ୍ଞାନୀ ନ୍ୟୁୟର୍କ ସହରରେ ପହଞ୍ଚିବା ସଙ୍ଗେ ସଙ୍ଗେ ଏହି ଶୃଙ୍ଖଳାର ସୂତ୍ରପାତ ହୋଇଥିଲା । ବହୁକାଳ ଧରି ବିଜ୍ଞାନୀମାନଙ୍କ ପାଖରେ 'ଓରିଓପିଥେକାସ୍' ନାମକ ଏକ 'ପ୍ରାଇମେଟସ୍' ଜାତୀୟ ଅର୍ଥାତ୍ ମାଙ୍କଡ଼, ଲେମୁର ଶ୍ରେଣୀର ଜୀବର କେତେକ ହାଡ଼ ସେ ଧରି ଆସିଥିଲେ । ବାସେଲ୍ ସହରବାସୀ ସେହି ବିଜ୍ଞାନୀଙ୍କର ନାମ ଥିଲା ଜୋହାନେସ୍ ହାର୍ଜେଲର୍ । ନୃତାତ୍ତ୍ୱିକ ଗବେଷଣା ପାଇଁ ପ୍ରତିଷ୍ଠିତ ଅନୁଷ୍ଠାନ 'ଓସ୍ନେରାଗେନ୍ ଫାଉଣ୍ଡେସନ୍'ରେ ସମବେତ କେତେକ ପଣ୍ଡିତଙ୍କ ସାମନାରେ ସେହି ହାଡ଼ ଦେଖାଇ ଉକ୍ତ ବିଜ୍ଞାନୀ ତାଙ୍କର ଅଭିମତ ପ୍ରକାଶ କରିଥିଲେ ଯେ, 'ଓରିଓପିଥେକାସ'ର ହାଡ଼ ସଙ୍ଗେ ଗରିଲା, ସିପାଞ୍ଜୀ ପ୍ରଭୃତିଙ୍କ ସାଦୃଶ୍ୟ ଅପେକ୍ଷା ମଣିଷର ସାଦୃଶ୍ୟ ବେଶୀ ଅଛି । ସେତେବେଳେ ଯାଏ ଜଣାଥିବା ପ୍ରାଚୀନତମ ମନୁଷ୍ୟ କଙ୍କାଳ ଅପେକ୍ଷା ସେହି 'ଓରିଓପିଥେକାସ୍'ର ହାଡ଼ କୋଟିଏ ବର୍ଷ

ଅଧିକ ପୁରୁଣାବୋଲି ହିସାବ ହେବାରୁ, ସେଇ ବୈଜ୍ଞାନିକଙ୍କର ଘୋଷଣା ଖବରକାଗଜମାନେ ବଡ଼ ବଡ଼ ଶିରୋନାମା ଦେଇ ଛାପିଥିଲେ ।

ନ୍ୟୁୟର୍କ ଟାଇମ୍ସ୍ କାଗଜର ଅଗ୍ରଲେଖ ଥିଲା, 'କଙ୍କାଳ ଗବେଷଣାରୁ ଡାର୍‌ୱିନଙ୍କ ଉଦ୍‌ବର୍ତ୍ତନବାଦରେ ସଂଶୟ ।' ହେରାଲଡ଼୍ ଟ୍ରିବ୍ୟୁନର ସମ୍ପାଦକୀୟରେ କୁହାଯାଇ ଥିଲା ଯେ, "ନର ବାନର ସମ୍ପର୍କରେ ଆଉ ବୋଧହୁଏ ଯୋଗସୂତ୍ରର ଅଭାବ ରହିଲା ନାହିଁ ।" ମଣିଷର ପୁରୁଣା କଙ୍କାଳ ସମ୍ବନ୍ଧରେ ବିଶେଷଜ୍ଞଙ୍କୁ ସାମ୍ବାଦିକମାନେ ଟେଲିଫୋନ୍ କରି କରି ବ୍ୟତିବ୍ୟସ୍ତ କରି ପକାଇଲେ । କେତେକ ଲୋକ ଆଗରୁ ଉଦ୍‌ବର୍ତ୍ତନବାଦର ବିରୋଧୀ ଥିଲେ; ପିଲ୍‌ଟଡ଼ାଉନ୍‌'ର ଜାଲିଆତି ଧରାପଡ଼ିବା ପରେ ସେମାନଙ୍କ ବିରୋଧ ଆହୁରି ବେଶି ହୋଇ ଯାଇଥିଲା । ଏବେ ସେମାନେ ବିଦ୍ରୂପାତ୍ମକ ମନ୍ତବ୍ୟ କରି ବିଶେଷଜ୍ଞଙ୍କୁ ବିବ୍ରତ କଲେ । ନର ବାନର ତତ୍ତ୍ୱ ଖାରଜ ହେବାର ଶେଷ ଅଧ୍ୟାୟ ଆସନ୍ନ ବୋଲି ମନେହେଲା; ତତ୍‌ସଙ୍ଗେ ନୃତତ୍ତ୍ୱ ଓ ନୃତାତ୍ତ୍ୱିକ-ମାନଙ୍କର ବିଦାୟ ମଧ୍ୟ ପାଖେଇ ଆସିଲା ପରି ଜଣାଗଲା ।

ଅବଶ୍ୟ ପ୍ରଶ୍ନ କଣ୍ଟକିତ ବିଜ୍ଞାନୀମାନେ ଅବଶେଷରେ ଜବାବ ଦେବାକୁ ଆରମ୍ଭକଲେ, କିନ୍ତୁ ସାମାନ୍ୟ ବିଳମ୍ବରେ । ସେତେବେଳକୁ ଖବରକାଗଜମାନେ ପ୍ରସଙ୍ଗାନ୍ତରରେ ଯାଇ ସାରିଥିଲେ; ଇଉରୋପର 'ଟାସ୍କାନି' ଅଞ୍ଚଳର କୋଇଲା ଖଣିରେ ମିଳିଥିବା ସେଇ 'ସାନ ମଣିଷ'ଟିର କଙ୍କାଳ ସମ୍ବନ୍ଧରେ ସେମାନେ ଆଉ ଉଚ୍ଚବାଚ୍ୟ କରୁ ନ ଥିଲେ । ଖାଲି ଜନସାଧାରଣଙ୍କ ମନରେ ରହି ଯାଇଥିଲା, ସେ କଙ୍କାଳ ସମ୍ପର୍କରେ ଏକ ଗୋଲମାଳିଆ ଧାରଣା । କିନ୍ତୁ, ଏପରି ଅନ୍ୟାନ୍ୟ ବ୍ୟାପାର ଭଳି 'ଓରିଓପିଥେକସ୍'ର ପଛରେ ମଧ୍ୟ ଏକ ଇତିହାସ ଥିଲା । ଠିକ୍ ଏପରି ଆଉ ଦୁଇଟି ବିତର୍କରେ କଥା ଏବେକାର ବୟସ୍କ ଲୋକଙ୍କର ମନେଥିବ ଉଭୟ କ୍ଷେତ୍ରରେ ଯୁକ୍ତିତର୍କର ଧରଣ ସମପ୍ରକାର ଥିଲା ।

ନୃତାତ୍ତ୍ୱିକମାନଙ୍କ ମଧ୍ୟରେ ବହୁକାଳରୁ ଚାଲିଆସିଛି ଏପରି ଏକ ବିତର୍କ ଯାହାକି ମଝିରେ ମଝିରେ ବିବାଦରେ ପରିଣତ ହୋଇଛି । ସେ ବିତର୍କ କଥା ଲୋକଙ୍କର ମନେ ପଡ଼ିଗଲା । ସେ ବିତର୍କର ପକ୍ଷମାନେ ଦୁଇ ସମ୍ପ୍ରଦାୟରେ ବିଭକ୍ତ:—'ସାନ ମଣିଷ'ର ସମ୍ପ୍ରଦାୟ ଓ 'ନର ବାନର' ସମର୍ଥକ ସମ୍ପ୍ରଦାୟ ।

ପ୍ରଥମ ସମ୍ପ୍ରଦାୟଙ୍କ ମତରେ ଅଜ୍ଞାତର ମଣିଷ ଥିଲା ଶ୍ରେଷ୍ଠ ଆକାରର, ମନସ୍-ଚକ୍ଷୁରେ ସେମାନେ ଦେଖନ୍ତି ଯେ, ବଡ଼ ମୁଣ୍ଡଥିବା ଖର୍ବଦେହୀ ସେଇ ମଣିଷର ଗୁମ୍ଫା ସତେ ଯେପରି ସମସ୍ତ ପ୍ରାଣୀର ଉପରେ ଝଲମଲ କରୁଛି । ଅନ୍ୟ ସମ୍ପ୍ରଦାୟଙ୍କ ମତରେ, ଗରିଲା, ଶିମ୍ପାଞ୍ଜୀଙ୍କ ପରି ଆମର ଆଦିମ ପୂର୍ବପୁରୁଷମାନେ କୁଣ୍ଡୀ, ଲୋମଶ ଏବଂ ବିରାଟ-କାୟ ଥିଲେ । ସେମାନଙ୍କର ପଦକ୍ଷେପ ମଧ୍ୟ ନିଶ୍ଚିତ ନ ଥିଲା । ଏପରି ବିତର୍କରୁ ଅନ୍ୟ ଏକ ପ୍ରାଚୀନ ମତଭେଦର କଥା ମନେ ପଡ଼ିଯାଏ । ସେ ବିତର୍କ ଥିଲା 'ନିଷ୍ଟାବାଦୀ' ଓ ତାଙ୍କର ବିରୋଧୀମାନଙ୍କ ମଧ୍ୟରେ । 'ନିଷ୍ଟାବାଦୀଙ୍କ' ମତରେ – ମଣିଷର ପୁଂବୀର୍ଯ୍ୟ କୋଷ ମଧ୍ୟରେ ଆଗରୁ ତିଆରି 'ଶ୍ରେଷ୍ଠ ଗୋଟିଏ ମଣିଷ' ଅନ୍ତର୍ହିତ ଥାଏ ଓ କ୍ରମେ କ୍ରମେ ସେ ପୂର୍ଣ୍ଣବୟସ୍କ ମଣିଷରେ ପରିଣତ ହୁଏ । କିନ୍ତୁ ତାଙ୍କର ବିରୋଧୀମାନଙ୍କ ଅଭିମତ ଥିଲା ଯେ ପ୍ରତ୍ୟେକ ଭ୍ରୁଣ କେବଳ ବିକଶିତ ହେଲାବେଳେ ମଣିଷସୁଲଭ ବୈଶିଷ୍ଟ୍ୟ ହାସଲ କରେ, ସେଗୁଡ଼ିକ ଆଗରୁ ତିଆରି ହୋଇ ତା' ଠାରେ ନ ଥାଏ । ଏହି ଶେଷୋକ୍ତ ମତହିଁ ଠିକ୍ ।

ମଣିଷର ଉଦ୍‌ବର୍ତ୍ତନ ଧାରାର ଆଦି ପର୍ଯ୍ୟାୟରେ କେତେକ ନୃତାତ୍ତ୍ୱିକ ମଣିଷର ଗୁଣବାଚିକ ବୈଶିଷ୍ଟ୍ୟର ସନ୍ଧାନ କରନ୍ତି, ଯଥା: – ଲମ୍ବ ସାମନା ଦାନ୍ତ, ଶ୍ରେଷ୍ଠ ଆକାରର ମୁଖମଣ୍ଡଳ, ବିସ୍ତୃତ ମଗଜ ଖୋଲ ପ୍ରଭୃତି । ଅର୍ଥାତ୍ 'ନିଷ୍ଟାବାଦୀ'ଙ୍କ ପରି ସେମାନେ ଆଗରୁ ଏକ ପରିଣତ 'ଶ୍ରେଷ୍ଠ ମଣିଷ'ଙ୍କୁ ଖୋଜନ୍ତି । ୧୮୭୪ ମସିହାରେ ସେଣ୍ଟ୍ ଜର୍ଜ ଜ୍ୟାକ୍‌ସନ୍ ମାଇଭାର୍ଟଙ୍କ ଭାଷାରେ 'ଆମର ପରିଚିତ ମଣିଷ ଦେହର ସର୍ବପ୍ରଥମ ଆବିର୍ଭାବର କାରଣ ବ୍ୟାଖ୍ୟା କରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ମଣିଷ ସହିତ ଏତେ॰ ଅଧିକ ସାଦୃଶ୍ୟ ଥିବା ଆମ ପ୍ରାଚୀନ ପୂର୍ବପୁରୁଷର ଆକୃତି ସେମାନେ ଖୋଜନ୍ତି ଯେ, ମଣିଷର ଶରୀର ଆଗରୁ ଏହିପରି ଥିଲା ଏକଥା ଆମକୁ ଧରିନେବାକୁ ପଡ଼ିବ ।'

ଏହାର ବିପରୀତରେ ଅଧିକ ନିଷ୍ଠାପର ଉଦ୍‌ବର୍ତ୍ତନବାଦୀମାନେ ଏପରି ସବୁ ପ୍ରାଚୀନ ଆକୃତି ଖୋଜନ୍ତି ଯହିଁରେ ବର୍ତ୍ତମାନ ମଣିଷର ବିକଶିତ ହେବାର ସମ୍ଭାବନା ମାତ୍ର ଥିଲା । ଏପରି ଗବେଷକମାନଙ୍କର ସାଧାରଣ ମତ ଏଇ ଯେ:—ମଣିଷର ଜନ୍ମ ସାମ୍ପ୍ରତିକ ବିବର୍ତ୍ତନର ଫଳ । ମାଙ୍କଡ଼, ଲେମୁର

ପ୍ରଭୃତ 'ପ୍ରାଇମେଟସ୍'ମାନଙ୍କର ଦଳରୁ ଆମର ସୃଷ୍ଟି ହୋଇଛି । ସେଇ ଦଳରୁ ଆଧୁନିକ ବିରାଟ ଦେହ ଥିବା ଲାଞ୍ଜହୀନ ବାନରମାନଙ୍କର ମଧ୍ୟ ଜନ୍ମ ହୋଇଥିଲା । ଅର୍ଥାତ୍, ଆଜିକାର ଗରିଲା, ସିମ୍ପାଞ୍ଜୀ ପ୍ରଭୃତିଙ୍କ ସହିତ ମଣିଷର ତୁଳନାର ମୂଳରେ ଅଛି ଏଇ ଧାରଣା ଯେ, ତାଙ୍କର ଓ ଆମର ପୂର୍ବପୁରୁଷ ଏକ ଓ ଅଭିନ୍ନ ଧରଣର ଥିଲେ ।

ମାଙ୍କଡ଼ ଓ ଲାଞ୍ଜହୀନ ବାନର ସହିତ ମଣିଷର ସାଦୃଶ୍ୟ ଦେଖାଇବାରେ ଡାର୍‌ୱିନ୍ ପ୍ରଥମ ବ୍ୟକ୍ତି ନୁହନ୍ତି । ପ୍ରାଚୀନକାଳରେ ମଧ୍ୟ ଏପରି ତୁଳନା ମୂଳକ ମନ୍ତବ୍ୟର ଦୃଷ୍ଟାନ୍ତ ମିଳେ । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଦାର୍ଶନିକମାନେ ମାଙ୍କଡ଼ ଲେମୁର ପ୍ରଭୃତି 'ପ୍ରାଇମେଟସ୍'ଙ୍କୁ ଜଟିଳତାର କ୍ରମପର୍ଯ୍ୟାୟରେ ବିଭକ୍ତ କରୁଥିଲେ । ସେତେବେଳେ ସମୁଦ୍ର ଯାତ୍ରୀମାନେ ଆଦିମ ଅଧିବାସୀଙ୍କ ସଂସ୍ପର୍ଶରେ ଆସିବାକୁ ଆରମ୍ଭ କରିଥିଲେ । ତେଣୁ ସେକାଳରେ ଅନେକ ସମୟରେ ସେଇ ଆଦିବାସୀଙ୍କୁ ଗରିଲା, ସିମ୍ପାଞ୍ଜୀ ଓ ସଭ୍ୟ ଇଉରୋପୀୟ ଜାତିଙ୍କଭିତରେ ମଧ୍ୟବର୍ତ୍ତୀ ସ୍ତରରେ ସ୍ଥାପନ କରିଥିଲେ । ବିଶେଷତଃ ଉତ୍ତମାଶା ଅନ୍ତରୀପର ହଟେନ୍‌ଟଟ୍‌ସ୍ ଜାତିକୁ ଏଇ ସ୍ତରର ଯୋଗ୍ୟ ବୋଲି ବିଚାରିବାକୁ ପାଶ୍ଚାତ୍ୟ ଲୋକଙ୍କର ଆଗ୍ରହ ଥିଲା । ଏହା ମଧ୍ୟ କୁହାଯାଇଥିଲା ଯେ, ତାଙ୍କର ଭାଷା କୁଆଡ଼େ ମାଙ୍କଡ଼ଙ୍କର ଖିଙ୍କାରିବାଠାରୁ ସାମାନ୍ୟ ମାତ୍ର ଉନ୍ନତ ।

ଡାର୍‌ୱିନ୍ ଏବଂ ପ୍ରକୃତ ଉଦ୍‌ବର୍ତ୍ତନବାଦୀ ଦର୍ଶନର ଆବିର୍ଭାବର ବହୁତ ପୂର୍ବରୁ ନର ବାନର ସମ୍ପର୍କରେ 'ହଜିଥିବା ଯୋଗସୂତ୍ର'ର ଧାରଣା ବର୍ତ୍ତମାନ ଥିଲା । ଲାଞ୍ଜହୀନ ବାନର ସହିତ ମଣିଷର ସଠିକ୍ ସମ୍ପର୍କ ସମ୍ବନ୍ଧରେ କୌଣସି ପ୍ରସ୍ତାବ କରିବାରେ ଡାର୍‌ୱିନ୍ ସତର୍କ ଭାବରେ ବିରତ ଥିଲେ । କିନ୍ତୁ ତାଙ୍କର କେତେକ ଅନୁଗାମୀ ବିଶେଷତଃ ଟି. ଏଇଚ୍. ହାକ୍‌ସଲି ଏ ସମସ୍ୟାରେ ଖୋଲି ଖୋଲି ହାତ ଦେଇଥିଲେ । ୧୮୬୦ ମସିହାରେ ଅକ୍‌ସଫୋର୍ଡ଼ଠାରେ 'ବ୍ରିଟିଶ ଆସୋସିଏସନ୍ ଫର୍ ଆଡ୍‌ଭାନ୍‌ସମେଣ୍ଟ ଅଫ୍ ସାଇନ୍‌ସ'ର ବିଖ୍ୟାତ ସଭାରେ କେତେକ ଘଟଣା ଯୋଗୁଁ ଉତ୍ତେଜିତ ହୋଇ ହାକ୍‌ସଲି ମଣିଷର ଅତୀତ ଇତିହାସର ସନ୍ଧାନ କରିଥିଲେ । ରକ୍ଷଣଶୀଳମାନେ ସେଇ ସଭାରେ ଉଦ୍‌ବର୍ତ୍ତନ ତତ୍ତ୍ୱକୁ ଆକ୍ରମଣ କରିଥିଲେ । ସେଇ ଆକ୍ରମଣରେ ଘୃପ ପଡ଼ିଥିଲା

ହାକ୍‌ସଲୀଙ୍କ ଉପରେ । ଡାର୍‌ୱିନ୍ ଓ ତାଙ୍କର ଅନୁଗାମୀମାନଙ୍କର ତୀବ୍ର ବିରୋଧୀ ଥିଲେ ଇଂଲଣ୍ଡର ସର୍ବାଗ୍ରଗଣ୍ୟ ତୁଳନାମୂଳକ ଦେହ ସଂସ୍ଥାନ ବିଶାରଦ ରିଚାର୍ଡ୍ ଆଓ୍ୱେନ୍ । ସେଇ ସମୟରେ ମଣିଷକୁ ପଶୁ ଜଗତରେ ଏକ ଅଦ୍ୱିତୀୟ ସ୍ଥାନ ଦେବାର ପ୍ରସ୍ତାବ ସେ କରିଥିଲେ । ତାଙ୍କ ମତରେ ମଣିଷ ସ୍ତନ୍ୟପାୟୀ ଜୀବଙ୍କର ଏକ ସ୍ୱତନ୍ତ୍ର ଅଧସ୍ତନ ଶ୍ରେଣୀ । ଏଇ ଶ୍ରେଣୀକୁ ସେ 'ଆର୍କେନ୍‌ସେଫାଲ୍' ନାମରେ ଅଭିହିତ କରିବାର ପ୍ରସ୍ତାବ କରିଥିଲେ । ତାଙ୍କ ଯୁକ୍ତିରେ ଏହି ଶ୍ରେଣୀବିଭାଗର ଭିତ୍ତି ଥିଲା ଯେ ମଣିଷର ମସ୍ତିଷ୍କର ଲକ୍ଷଣମାନ ନିମ୍ନ ଶ୍ରେଣୀର ମାଙ୍କଡ଼, ଲେମୁର ପ୍ରଭୃତି 'ପ୍ରାଇମେଟ୍‌ସ୍'ମାନଙ୍କଠାରେ ମିଳେ ନା । ଏଥିରେ କ୍ରୁଦ୍ଧ ହୋଇ ହାକ୍‌ସଲୀ ସୁସ୍ପଷ୍ଟ ଭାବରେ ପ୍ରମାଣ କରିବାକୁ ଚାହାଁଥିଲେ ଯେ, ଆଓ୍ୱେନ୍ ଭ୍ରାନ୍ତ ଓ ମାଙ୍କଡ଼, ଲେମୁର ପ୍ରଭୃତି ଅନ୍ୟାନ୍ୟ 'ପ୍ରାଇମେଟସ୍'ଙ୍କ ସଙ୍ଗେ ମଣିଷର ଘନିଷ୍ଠ ଆତ୍ମୀୟତା ଅଛି । ସେ ଏବିଷୟରେ ୧୮୬୩ ମସିହାରେ ପ୍ରକାଶିତ କେତେକ ଧାରା ବାହିକ ବକ୍ତୃତା ରଚନା କରିଥିଲେ ; ସେ ଗ୍ରନ୍ଥର ଶିରୋନାମା ଥିଲା 'ପ୍ରକୃତି ଜଗତରେ ମଣିଷର ସ୍ଥାନ ଓ ସେ ସମ୍ବନ୍ଧରେ ସାକ୍ଷ୍ୟପ୍ରମାଣ ।'

ପରେ ହାକ୍‌ସଲୀ ଆଉ ଯାହାସବୁ ଲେଖିଥିଲେ, ଏ ବହି ତାହାର ଆଗରୁଆ ନମୁନା ପରି । ଏଥିରେ ସେ ଆଓ୍ୱେନଙ୍କ ମତକୁ ଦୃଢ଼ଭାବେ ଖଣ୍ଡନ କରି ଦେଇଥିଲେ । ସେ ଏଇ ମତ ଧରିଥିଲେ ଯେ, 'ମାଙ୍କଡ଼ର ମସ୍ତିଷ୍କ ଆବରଣ କେତେକାଂଶରେ ମଣିଷ ମସ୍ତିଷ୍କ ଆବରଣର ଏକ ଛୋଟ ଧରଣର ମାନଚିତ୍ର ସ୍ୱରୂପ । ଏହାର ନିଜନଶୀ ଉପାଦାନମାନ କ୍ରମଶଃ ସ୍ପଷ୍ଟ ହୋଇ ଉଠେ ମଣିଷ ସଦୃଶ ଲାଙ୍ଗୁଡ଼ହୀନ ବାନରମାନଙ୍କଠାରେ; ଶେଷରେ ଶିମ୍ପାଞ୍ଜୀ ବା ଓରାଂଓଟାଙ୍ଗ୍‌ର ମସ୍ତିଷ୍କର ଗଠନ ମଣିଷ ମସ୍ତିଷ୍କର ଗଠନରୁ କେବଳ ମାତ୍ର ଅପ୍ରଧାନ ବୈଶିଷ୍ଟ୍ୟ-ମାନଙ୍କରେ ପୃଥକ୍ ।' ଅବଶ୍ୟ, ମଣିଷର ଉଦ୍ଭବ ଯେ ଦୁର୍ବୋଧ୍ୟ ତତ୍ତ୍ୱ ଏବଂ ବହୁଲକ୍ଷ ବର୍ଷ ଆଗରେ ମଣିଷ ଓ ଲାଙ୍ଗୁଡ଼ହୀନ ବାନରଙ୍କର ଆଦି ପୂର୍ବ ପୁରୁଷ ଯେ ସମଗୋତ୍ରୀୟ ଥିଲେ—ତାହା ମାନିବାକୁ ହାକ୍‌ସଲୀ ସମ୍ପୂର୍ଣ୍ଣ ରାଜି ଥିଲେ । ଜନ୍ତୁ ସେ ଦୃଢ଼ଭାବରେ କହୁଥିଲେ ଯେ, ମଣିଷର ଆତ୍ମୀୟ ହେଲାଭଳି ଏକାଧିକ ପ୍ରାଣୀ ଆଜି ମଧ୍ୟ ବଞ୍ଚିଛନ୍ତି । ଆଧୁନିକ ଲାଙ୍ଗୁଡ଼ହୀନ ବାନରମାନେ ତାଙ୍କ ମଧ୍ୟରେ

ଆମର ନିକଟତମ ଆତ୍ମୀୟ ମାତ୍ର । କୁହାଯାଇପାରେ ଯେ ହାକ୍‌ସଲି ଭାବା-ବେଗର ଆତିଶଯ୍ୟ ସହ ଆମର ଓ ବଡ଼ ବଡ଼ ଲାଞ୍ଜହୀନ ବାନରଙ୍କ ମଧ୍ୟରେ ଥିବା ଦେହସଂସ୍ଥାନଗତ ସୌସାଦୃଶ୍ୟ ଉପରେ ଅତିରିକ୍ତ ପ୍ରାଧାନ୍ୟ ଆରୋପ କରିଥିଲେ । କିନ୍ତୁ ଏ ପ୍ରସଙ୍ଗରେ ହାକ୍‌ସଲିଙ୍କ ସମକାଳୀନ ଯୁଗ କଥା ମନେ ରଖିବା ଦରକାର । ସେ ଯୁଗରେ ଉଦ୍‌ବର୍ତ୍ତନବାଦୀମାନେ ମୁଖ୍ୟତଃ ଲଢ଼ୁଥିଲେ ଏକ ନୀତି ବିରୁଦ୍ଧରେ—ସେ ନୀତି ଥିଲା ସନାତନୀ 'ବିଶେଷ ସୃଷ୍ଟି'ରେ ବିଶ୍ୱାସୀମାନଙ୍କର । ଆହୁରି ମଧ୍ୟ ମନେରଖିବା ଦରକାର ଯେ, ସେତେବେଳକୁ ଖୁବ୍ ଅଳ୍ପ କେତେକ ମଣିଷ ଖପୁରିର ଶିଳୀଭୂତ ନମୁନାର ଭଗ୍ନାଂଶ ମାତ୍ର ଆବିଷ୍କୃତ ହୋଇଥିଲା । ଆମର ଜୀବିତ ଆତ୍ମୀୟଜନଙ୍କୁ ସେତେବେଳେ କେବଳ ଚିଡ଼ିଆଖାନାରେ ଦେଖିବାକୁ ମିଳୁଥିଲା । ତେଣୁ, ସେମାନେ ଅନିବାର୍ଯ୍ୟ ଭାବରେ ମଣିଷର କଳ୍ପନା ଉପରେ ଆଧିପତ୍ୟ ବିସ୍ତାର କରୁଥିଲେ । ସ୍ଥିତିଧୀ ପଣ୍ଡିତ-ମାନେ ବି ବିଶ୍ୱାସ କରି ପାରୁଥିଲେ ଯେ ଅପରିଣତ ଓ ଛୋଟ ଆକାରର ମୁଣ୍ଡ ଥିବା ବୋକା ଲୋକମାନେ ମଣିଷର ଇତିହାସର କୌଣସି ସୁଦୂର ଅତୀତ ଯୁଗର ଉଦ୍‌ବୃତ୍ତ ମାତ୍ର ।

ଲାଞ୍ଜହୀନ ବାନରମାନେ ଯେ ଆଧୁନିକ ମଣିଷ ଜାତିର ଉତ୍ସ—ଏକଥା ବିଂଶ ଶତାବ୍ଦୀର ଆରମ୍ଭବେଳକୁ ପ୍ରାୟ ପୂର୍ଣ୍ଣ ପ୍ରତିଷ୍ଠିତ ହୋଇ ଯାଇଥିଲା ପରି ମନେ ହେଉଥାଏ । 'ପିଥେକାନ୍ଥ୍ରୋପସ୍' ବା 'ଜାଭାମ୍ୟାନ୍'ର ଖପୁରି ଖୋଳ ଆବିଷ୍କୃତ ହୋଇ,ଏହି ମତବାଦକୁ ଦୃଢ଼ ସମର୍ଥନ କରୁଥିଲା । ଅନେକେ ଅନୁଭବ କରିଥିଲେ ଯେ ସିମ୍ପାଞ୍ଜୀ ଭଳି ଆକୃତି ସହଜରେ ପରବର୍ତ୍ତୀ ପର୍ଯ୍ୟାୟରେ 'ଜାଭାମ୍ୟାନ୍' ଏବଂ ତହିଁରୁ 'ନିଆନ୍ ଡ଼ାର୍ ଥାଲ୍' ଓ ଆଧୁନିକ ମଣିଷର ସୃଷ୍ଟି କରିଥିଲା । କିନ୍ତୁ ଏହି ଶତାବ୍ଦୀର ପ୍ରଥମ ପାଦ ବେଳକୁ ଲାଞ୍ଜହୀନ ବାନର ଯେ ଆମର ଉତ୍ସ, ଏପରି ମତ ବିରୁଦ୍ଧରେ ନୂଆ ବିଦ୍ରୋହ ଘଟିଥିଲା ।

ଦେହ ବ୍ୟବଚ୍ଛେଦକାରୀ ବୈଜ୍ଞାନିକଙ୍କ ମନୋଯୋଗ ସେତେବେଳେ ଆକୃଷ୍ଟ ହୋଇଥିଲା ଦକ୍ଷିଣ ପୂର୍ବ ଏସିଆର ବୃକ୍ଷବାସୀ ଛୋଟ ଏକ ପ୍ରାଣୀ ପ୍ରତି । ମାଙ୍କଡ଼, ଲେମୁର ପ୍ରଭୃତି 'ପ୍ରାଇମେଟ୍'ମାନଙ୍କର ବୈଶିଷ୍ଟ୍ୟ ଏହାଠାରେ ସ୍ପଷ୍ଟ ଥିଲା । ଏହି 'ଟାର୍ସିଏର୍' ନାମକ ଜନ୍ତୁର ଆକାର ଛୋଟ ବିଲେଇ ଛୁଆ ପରି

ଓ ଏହାର ଆଖି ଦୁଇଟି ବଡ଼ । ମଗଜ ଓ ଅନ୍ୟାନ୍ୟ ବୈଶିଷ୍ଟ୍ୟ ଯୋଗୁ ଏହା ତଲ ପାହ୍ୟାର ମାଙ୍କଡ଼ଜାତିର କୃଷ୍ଣିମ୍ବ । ଏଫ୍. ଉଡ୍. କୋନସ୍ ନାମକ ଜଣେ ବିଶିଷ୍ଟ ଇଂରେଜ ଦେହ ବ୍ୟବଚ୍ଛେଦକାରୀ ବିଜ୍ଞାନୀ ୧୯୧୮ ମସିହାରେ ମତ ପ୍ରକାଶ କରିଥିଲେ ଯେ ଗରିଲ, ସିମ୍ପାଞ୍ଜୀ ପ୍ରଭୃତିଙ୍କ ଠାରୁ ନୁହେଁ, ମଣିଷ ଉଦ୍ଭୂତ ହୋଇଛି ବରଂ 'ଟାର୍ସିଅଏଡ଼୍' ସୂତ୍ରରୁ । ପ୍ରଚଳିତ ଧାରଣା ବିରୁଦ୍ଧରେ ତାଙ୍କର ଏଇ ବିଦ୍ରୋହୀ ମତ ସେ ସେଇଦିନୁ କେବଳ କଳବତ୍ ରଖି ନାହାନ୍ତି, ତାର ପରିବର୍ଦ୍ଧନ ମଧ୍ୟ କରିଛନ୍ତି ।

ଉଡ୍ କୋନ୍ସ୍ ଜୋର ଦେଇ କହନ୍ତି ଯେ, ମଣିଷର ଜନ୍ମଧାରା ସୁପ୍ରାଚୀନ । ଏହାର ମୂଳ ଅଛି କେତେ କୋଟି ବର୍ଷ ଅତୀତର 'ଟେର୍ ଟିଆରି-ଦ୍ଧ'ରେ ।ମଣିଷର ଠିକ୍ ପୂର୍ବପୁରୁଷ କିଏ ତାହା ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ଅନେକେ କଳ୍ପନା କରନ୍ତି ଯେ ଗଛ ଶାଖାରୁ ଝୁଲୁଥିବା ଲୋମଶ 'ନର ବାନର'ମାନେ ହିଁ ଏପରି ପୂର୍ବପୁରୁଷ; ଏପରି ସ୍ୱପ୍ନକୁ କାଟି ଉଡ୍ କୋନ୍ସ୍ ଭବିଷ୍ୟତବାଣୀ କରିଛନ୍ତି ଯେ, ଯଦି କେବେ ମଣିଷର ଅବ୍ୟବହିତ ପୂର୍ବପୁରୁଷ କେହି ଆବିଷ୍କୃତ ହୁଅନ୍ତି ତେବେ ସେମାନେ ନିଶ୍ଚୟ ପୁରାପୁରି 'ନରବାନର'ଙ୍କ ବିପରୀତ ହେବେ ଏବଂ ସେମାନଙ୍କ ଆବିର୍ଭାବର ତାରିଖ ନିର୍ଦ୍ଦିଷ୍ଟ ହେବ ଏପରି ଏକ ଭୂତାତ୍ତ୍ୱିକ ସ୍ତରରେ ଯାହା ବଡ଼ ବଡ଼ ଲାଞ୍ଜହୀନ ବାନରଙ୍କର ପ୍ରଭୁତ୍ୱ ମଧ୍ୟର ପୂର୍ବରେ । ତାଙ୍କ ମତରେ ମଣିଷର ପୂର୍ବପୁରୁଷମାନେ 'କ୍ଷୁଦ୍ରାକାର, ସଦାସର୍ତ୍ତିସ୍ତ ଜନ୍ତୁ ଥିଲେ । ସେମାନଙ୍କର ଖପୁରିର ଆକାର ବର୍ଦ୍ଧିତ ହୋଇଥିଲ ଗୋଡ଼ ଦୁଇଟି ବାହା ଅପେକ୍ଷା ବେଶୀ ଲମ୍ବ ଥିଲ । ତାଙ୍କର ଗାଲପାଟି ଶ୍ରେଷ୍ଠ ଥିଲ, କିନ୍ତୁ ସେମାନେ ଦାନ୍ତୁଆ ନ ଥିଲେ । ଗଛରୁ ସେମାନେ ଓହ୍ଲାନ୍ତି ନଥିଲେ ମଣିଷର ନିକଟତମ ପୂର୍ବପୁରୁଷ ଯଦି ବୃକ୍ଷବାସୀ ହୋଇଥାନ୍ତେ, ତା ହେଲେ କହିବାକୁ ପଡ଼ିବ ଯେ, ଏପରି ଶାଖାବିହାରୀଙ୍କ ହାତ ଓ ଗୋଡ଼ ହଠାତ୍ ତଡ଼ିତ୍ ଗତିରେ ମଣିଷର ହାତ ଗୋଡ଼ରୂପେ ବିକଶିତ ହୋଇଛି । କିନ୍ତୁ ଉଡ୍-କୋନ୍ସ୍ଙ୍କ ଯୁକ୍ତିରେ ମଣିଷର ହାତ ଗୋଡ଼ ଏଡ଼େ ବୈଶିଷ୍ଟ୍ୟପୂର୍ଣ୍ଣ ଯେ ଏଗୁଡ଼ାକ ସେପରି କ୍ଷିପ୍ର ବିକାଶ ଲାଭ କରି ନାହିଁ । ତାଙ୍କ ମତରେ ଆଜିର ବୃକ୍ଷବାସୀ 'ଟାର୍ସିଏର'ମାନେ ତାଙ୍କର ଶାଖାଗ୍ରସ୍ତ ବୈଶିଷ୍ଟ୍ୟସବୁ ପରବର୍ତ୍ତୀ

କାଳରେ ଅର୍ଜନ କରିଛନ୍ତି । କିନ୍ତୁ ମଣିଷର ଅାଦିମ ପୂର୍ବପୁରୁଷ ଯେଉଁ 'ଟାର୍‌ସିଏର'ମାନେ ଥିଲେ ସେମାନେ ଭୂଇଁ ଉପରେ ଚାଲୁଥିଲେ ।

ଉଡ୍ ଜୋନ୍‌ସ୍‌ଙ୍କ ଧାରଣାରେ ଥିବା ମଣିଷର ଏପରି ପ୍ରତିଛବିକୁ ବାଲିଖିଲ୍ୟ ପରି ମନେ ହେବ । ପ୍ରଥମ ପ୍ରକାଶ ବେଳେ ତାଙ୍କର ମତର ଅନୁଗାମୀ ସଂଖ୍ୟାରେ ଖୁବ୍ କମ୍ ଥିଲେ । ଶିଳୀଭୂତ କଙ୍କାଳ ବିଜ୍ଞାନୀ ସୁପରିଚିତ ହେନ୍‌ରି ଫେଆର୍‌ଫିଲ୍‌ଡ ଅସବର୍ଣ୍ଣ, ଉଡ୍ ଜୋନ୍‌ସ୍‌ଙ୍କର ଅନୁଗାମୀ ନ ଥିଲେହେଁ, ମଣିଷର ଏପରି ବାଲିଖିଲ୍ୟ ଅାଦିପୁରୁଷ ଥିବା କଥା ସମର୍ଥନ କରୁଥିଲେ । ବହୁକୋଟି ବର୍ଷ ଅାଗରେ ସେଇ ଅାଦିପୁରୁଷ 'ଟେର୍‌ଟିଆରି' ଯୁଗର ଉଷା-କାଳରେ ଜୀଇଁଥିଲେ ବୋଲି ଧରାଯାଉ ଥିଲା । ସେ କହୁଥିଲେ—'ମୁଁ ଭବିଷ୍ୟତବାଣୀ କହୁଛି ଯେ, 'ଉଚ୍ଚତର ଓଲିଗୋସିନ୍ ଯୁଗରେ ମଧ୍ୟ ଅାମେ ମଣିଷର ପ୍ରତିରୂପ ଖୋଜି ପାଇବା ଏବଂ ସେମାନଙ୍କର ଅଙ୍ଗପ୍ରତ୍ୟଙ୍ଗ ମଣିଷ ସଦୃଶ ବୋଲି ଜଣାପଡ଼ିବ ।

ମାଇକେଲ୍, କେମ୍ବ୍ରିଜ ପ୍ରଭୃତି 'ପ୍ରାଇମେଟ୍‌ମାନେ' ମଣିଷର ପୂର୍ବପୁରୁଷ ବୋଲି ଯେଉଁ ବିଜ୍ଞାନୀ ବିଶ୍ୱାସ କରୁଥିଲେ ସେମାନେ ଉଡ୍ ଜୋନ୍‌ସ୍ ଓ ଅସବର୍ଣ୍ଣଙ୍କ ମତର ଦୃଢ଼ ପ୍ରତିବାଦ କରିଥିଲେ । ଏଇ ବିଜ୍ଞାନୀଙ୍କ ମରହଟ୍ଟି ମତ ଥିଲା ଯେ, ମଣିଷ 'ଲଙ୍ଗୁଡହୀନ ବାନରର ପରିବର୍ତ୍ତିତ ରୂପ' । ସେମାନେ ଜୋର ଦେଇ କହୁଥିଲେ ଉଡ୍ ଜୋନ୍‌ସ୍ ଓ ଅସବର୍ଣ୍ଣଙ୍କ ମତ ଅନୁସାରେ ମଣିଷର ନିକଟତମ ପୂର୍ବପୁରୁଷ ଯେତେ ପ୍ରାଚୀନ ବୁଝାଯାଉଥିଲା ସେମାନେ ସେତେ ପ୍ରାଚୀନ ହେବା ଅସମ୍ଭବ । ଉଇଲିଆମ୍ କିଙ୍ଗ୍ ଗ୍ରେଗରି ଲେଖିଥିଲେ—"ମଣିଷର ଅପରିହାର୍ଯ୍ୟ ଲକ୍ଷଣସମୂହ ହେଉଛି— ଲମ୍ବା ଗୋଡ଼, ଲମ୍ବା ବୁଢ଼ାଙ୍ଗୁଷ୍ଠି ବଡ଼ ମସ୍ତିଷ୍କ ଖୋଲ, ଛୋଟ ମୁହଁ, ଛୋଟ କୁକୁର ଦାନ୍ତ ପ୍ରଭୃତି । ବହୁ ପ୍ରାଚୀନ 'ଟେର୍‌ଟିଆରି' ଯୁଗରେ ମଣିଷର ପୂର୍ବପୁରୁଷ ଜୀଇଁଥିଲେ କହିବାର ଅର୍ଥ ହେଉଛି ଯେ ସେପରି ଜୀବଙ୍କଠାରେ ଏସବୁ ଲକ୍ଷଣ ବର୍ତ୍ତମାନ ଥିଲା । ଏପରି ଧାରଣା ସମସ୍ତର ଧାରା ପ୍ରବାହର ବିପରୀତ ।" କିନ୍ତୁ ୧୯୪୦ ମସିହାବେଳକୁ ଏପରି ମତବାଦରେ ଏକ ପରିବର୍ତ୍ତନ ଦେଖାଯାଇଥିଲା । ମଣିଷ ଯେ 'ନର ବାନରର ପରିଣତ ରୂପ—ଏପରି ଧାରଣା ଆଉ ସେତେ ପ୍ରବଳ ଭାବରେ

ହେଲୁ ନ ଥିଲା । ଏପରି ପରିବର୍ତ୍ତନ ଘଟାଇବାରେ ମୁଖ୍ୟ କାରଣ ମାନଙ୍କର ଅନ୍ୟତମ ଥିଲା—'ପ୍ରୋକନସାଲ୍ ଆଫ୍ରିକ୍ୟାନାସ୍'ନାମକ ଦକ୍ଷିଣ ଆଫ୍ରିକାର ଆବିଷ୍କୃତ ଏକ ଶିଳୀଭୂତ କଙ୍କାଳ । ଆଜିଠାରୁ ଦୁଇକୋଟି ବର୍ଷ ପୂର୍ବର 'ମାଇଓସିନ୍' ଯୁଗର ଆଦ୍ୟରେ ଏହି ପ୍ରାଣୀ ବଞ୍ଚିଥିଲା ବୋଲି ବିଶ୍ୱାସ କରାଯାଉ ଥିଲା । ଏହାଠାରେ ମିଳିଥିଲା ବଡ଼ ବଡ଼ ଲାଙ୍ଗୁଳହୀନ ବାନର ଓ ପ୍ରାଚୀନ ପୃଥିବୀର ଆଦ୍ୟରେ ବଞ୍ଚିଥିବା ମାଙ୍କଡ଼ଙ୍କ ଲକ୍ଷଣ । ୱିଲିଅମ୍. ଏଲ୍. ଷ୍ଟ୍ରଂସ୍ (ଜୁନିଅର) ନାମକ ଦି ଜନ୍ସ୍ ହପକିନ୍ସ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଏପରି ସନ୍ଦେହ ସୃଷ୍ଟିକରିଥିଲେ ଯେ, ମଣିଷର ନିକଟତମ ପୂର୍ବପୁରୁଷ 'ଅଳ୍ପତଃ ଗରିଲା, ସିମ୍ପାଞ୍ଜୀଙ୍କ ପରି ଥିଲେ କିନ୍ତୁ ଅଧିକାଂଶତଃ ମାଙ୍କଡ଼ପରି ଥିଲେ । ମଣିଷର ପୂର୍ବ ପୁରୁଷ ସ୍ଥିରକରିବା ସମ୍ବନ୍ଧରେ ଅବଶ୍ୟ ଦୀର୍ଘ ବିତର୍କ ବର୍ତ୍ତମାନ , କିନ୍ତୁ ଏପରି ବିତର୍କରେ ଷ୍ଟ୍ରଂସ୍ ସାହେବ ସର୍ବଦା ସ୍ଥିରବୁଦ୍ଧି ଓ ସତର୍କ ମତପାଇଁ ସୁପରିଚିତ । ତାଙ୍କ ଧାରଣାରେ 'ସିମ୍ପାଞ୍ଜୀ, ଗରିଲା ପ୍ରଭୃତିଙ୍କର ବାନରରୂପେ 'ପରିବର୍ତ୍ତନ' ବିଷୟକ ମତବାଦର ଦୁର୍ବଳତମ ଅଂଶ ହେଉଛି ଯେ, ଏହା ବ୍ୟାଖ୍ୟା କରି ପାରେ ନା କାହିଁକି ମଣିଷଠାରେ ମାଙ୍କଡ଼, ଲେମୁର ପ୍ରଭୃତିଙ୍କ ଗୁଣଗତ ଲକ୍ଷଣ ସବୁ ଦେଖାଯାଏ । ଆଉଜଣେ ସମ୍ପ୍ରତି ସୁପରିଚିତ ଇଂରେଜ ବୈଜ୍ଞାନିକ ଡ଼ାକ୍ତର୍ ସି. ଓସ୍‌ମ୍ୟାନ୍ ହିଲ୍ ଏ ଦିଗରେ ଆଲୋକପାତ କରିଛନ୍ତି । ମାଙ୍କଡ଼, ଲେମୁର ପ୍ରଭୃତି 'ପ୍ରାଇମେଟ୍'ମାନଙ୍କ ବିଷୟରେ ସେ ଜଣେ ବିଶେଷଜ୍ଞ, ସେ ବିଶ୍ୱାସ କରି ସାରିଲେଣି ଯେ, ବଡ଼ ବଡ଼ ଲାଙ୍ଗୁଳହୀନ ବାନରମାନଙ୍କ ଧାରାର ଅଧସ୍ତନ ପର୍ଯ୍ୟାୟରେ ଥିବା 'ପ୍ରାଇମେଟ୍'ମାନଙ୍କ ବଂଶଶାଖାରୁ ମଣିଷର ଜନ୍ମ ହୋଇଥିଲା । ସେ ଆହୁରି ଆଶା କରନ୍ତି ଯେ ମଣିଷର ଉତ୍ପତ୍ତି ସମ୍ବନ୍ଧରେ ଉଡ୍ କୋନ୍ସ୍‌ଙ୍କର 'ଟାର୍ସିଅଏଡ୍' ତତ୍ତ୍ୱ ଓ ଷ୍ଟ୍ରଂସ ସାହେବଙ୍କର ମତର ସମନ୍ୱୟ ଘଟିବା ମଧ୍ୟ ସମ୍ଭବ । ଏହା ଘଟିପାରେ ଯଦି ଟାର୍ସିଏର ନାମକ ଜନ୍ତୁ ସହିତ ସାଦୃଶ୍ୟ ଥିବା ଆଦ୍ୟ 'ଓଲିଗୋସିନ୍' ଯୁଗର କେତେକ ମାଙ୍କଡ଼ଙ୍କୁ ଆମେ ମଣିଷର ପୂର୍ବ ପୁରୁଷଙ୍କ ଧାରାର ଅନ୍ତର୍ଭୁକ୍ତ କରିବା । ଏହି ମଧ୍ୟବର୍ତ୍ତୀ ଜୀବର ଉଦାହରଣସ୍ୱରୂପ 'ପ୍ୟାରାପିଥେକାସ୍' ନାମକ ପ୍ରାଣୀର ଉଲ୍ଲେଖ କରାଯାଇପାରେ ।

ତେଣୁ କୁହାହେବ ଯେ, ହାଲ୍‌ଲର୍‌ଙ୍କ ସାମ୍ପ୍ରତିକ ଘୋଷଣାର ଆଗରୁ ମଣିଷର ଉଦ୍‌ବର୍ତ୍ତନ ସମ୍ପର୍କିତ ଗବେଷଣାର କ୍ଷେତ୍ରରେ ଧୀରେ ଧୀରେ ଧାରଣା

ପରବର୍ତ୍ତୀ ନର ଓ ନୂତନ ଦିଗନ୍ତ ଆବିଷ୍କାରର ଏକ ଧାରା ଯଥେଷ୍ଟ ଅଗ୍ରସର ହୋଇ ସାରିଥିଲା । ମଣିଷ ଯେ ବହୁ ବିଳମ୍ବରେ ଗଛରୁ ଓହ୍ଲାଇ ଆସିଛି ଅର୍ଥାତ୍ ସେ ଯେ ଗରିଲା, ସିମ୍ପାଞ୍ଜୀଙ୍କ ନିକଟତମ ବଂଶଧର—ଏପରି ମତବାଦ କେତେକ ମହଲରେ ବାତିଲ ହୋଇ ଗଲଣି ଓ ଅନ୍ୟତ୍ର ଆଉ ସେତେ ପ୍ରବଳ ଭାବରେ ସମର୍ଥିତ ହେଉ ନାହିଁ, ଯେପରି କି ଆଗରୁ ହେଉଥିଲା । କାଳେ ନୂଆ ସାକ୍ଷ୍ୟ ପ୍ରମାଣ ମିଳିବ—ଏଇ ଅପେକ୍ଷାରେ ଏ ବିଷୟରେ ଚୂଡ଼ାନ୍ତ ମତ ଦେବାରୁ ବିରତ ରହିବାକୁ ଅନେକେ ଏବେ ଅଧିକତର ଇଚ୍ଛୁକ । 'ଓରିଓ-ପିଥେକାସ୍' ସମ୍ପର୍କରେ ନିଜର ନୂତନ ଗବେଷଣା ହାର୍ଜଲର୍ ସାହେବ ଏପରି ଅନୁକୂଳ ବାତାବରଣ ମଧ୍ୟରେ ପେଶ କରିଥିଲେ ।

୧୮୭୨ ମସିହାରୁ 'ଓରିଓପିଥେକାସ୍'ର ସେଇ କଙ୍କାଳ କଥା ଜଣାଥିଲା । ପଲ୍ ଜାରଭସ୍ ନାମକ ଶିଳୀଭୂତ ମଣିଷ କଙ୍କାଳ ସମ୍ବନ୍ଧରେ ଫରାସୀ ବିଶେଷଜ୍ଞ ସେ ସମୟରେ ଏହାକୁ ପ୍ରାଚୀନ ପୃଥିବୀର ଏକ ମାଙ୍କଡ଼ ଜାତୀୟ ପ୍ରାଣୀ ବୋଲି ବର୍ଣ୍ଣନା କରିଥିଲେ । ମୂଳ କଙ୍କାଳକୁ ଓ ତତ୍ପରବର୍ତ୍ତୀ ଆବିଷ୍କାର ସବୁକୁ ବିଶ୍ଳେଷଣ କରି ହାର୍ଜ୍‌ଲର୍ ଦୃଢ଼ ମତ ପୋଷଣ କଲେ ଯେ 'ଟେର୍‌ଟିଆରି' ଯୁଗରେ ଆବିଷ୍କୃତ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସଦୃଶ ପ୍ରଥମ ପ୍ରାଣୀ ହେଲା—'ଓରିଓପିଥେକାସ୍ ଏବଂ ଏହା 'ମାଇଓସିନ୍' ଯୁଗରୁ ଜୀଇଁଥିବା ସମ୍ଭବ । ସ୍ପଷ୍ଟତଃ, ତାଙ୍କର ଏପରି ଧାରଣାର ମୂଳ କାରଣ ଥିଲା ଉକ୍ତ ପ୍ରାଣୀର ସାନ ମୁଖମଣ୍ଡଳ ଓ ଦାନ୍ତର କେତେକ ବିଶେଷ ଲକ୍ଷଣ ଯଥା:— ତାର ଶ୍ବାନଦାନ୍ତ ଓଠ ଠେଲି ବାହାରି ଆସି ନଥିଲା ଏବଂ ଖ୍ରେବାଇଲବେଳେ ତା'ର ଦାନ୍ତ ଦୁଇପାଟି ସିଧା ସଳଖ ଭାବରେ ପରସ୍ପରର ସଂସ୍ପର୍ଶରେ ଆସୁଥିଲା । ଅବଶ୍ୟ, ଏହା ମନେ ରଖିବା ଦରକାର ଯେ ସେଇ ଜନ୍ତୁର ଖପୁରିର କେତେକ ଅଂଶ ମାତ୍ର ମିଳିଛି ଏବଂ ତାର ପୂର୍ଣ୍ଣ ଆକୃତି ଚିତ୍ରିତ କରିବା ସମ୍ଭବ ନୁହେଁ ।

ଚଳିତ କଥାରେ 'ଓରିଓପିଥେକାସ୍' ଏକ ନିମ୍ନ ପାହ୍ୟାର ମାଙ୍କଡ଼ବିଶେଷ । ଏହାର ଦାନ୍ତମାନଙ୍କ ଭିତରେ ଫାଙ୍କ ନ ଥିଲା । କିନ୍ତୁ ଲାଙ୍ଗୁଳହୀନ ବାନରଙ୍କ ପରି ଏହାର ଗାଲ ପାଟି ମଧ୍ୟ ବାହାରକୁ ଠେଲି ଉଠି ନଥିଲା ।' ତଥାପି, ଯେଉଁ ଅର୍ଥରେ ଅନେକ ସାମ୍ବାଦିକ ଏହାକୁ 'ମଣିଷ' ବୋଲି ଧରି ନେଇଥିଲେ, ଏହା

ସେ ଅର୍ଥରେ ମଣିଷ ଥିଲା ବୋଲି କହି ହେବ ନାହିଁ । ମାଙ୍କଡ଼ ଲେମୁର ଇତ୍ୟାଦି 'ପ୍ରାଇମେଟ୍'ମାନଙ୍କ ମଧ୍ୟରୁ ଜୀବିତ କଙ୍କାଳରେ ପରିଣତ କେତେକ ନିଦର୍ଶନ ମିଳିବା ସହଜ, ଯାହାଙ୍କଠାରେ 'ଓରିଓପିଥେକାସ୍' ପରି ମଣିଷ ସୁଲଭ ଲକ୍ଷଣ ସବୁ ଦେଖାଯାଏ ତଥାପି ମୁଁ ନିଶ୍ଚିତ ଜାଣେ ଯେ କେହି ସେମାନଙ୍କୁ ମଣିଷ ବୋଲି ଅଭିହିତ କରିବେ ନାହିଁ ।

ସୁତରାଂ ଏ ବୃତ୍ତାନ୍ତର ସାରାଂଶ ହେଲା ଯେ, ବହୁଦିନୁ ଆମେ ଯେଉଁ ବିତର୍କମୂଳକ କଙ୍କାଳର ବିଶ୍ଳେଷଣ କରୁଥିଲୁ ହାର୍ଲେର୍ ତତ୍ତ୍ୱପ୍ରତି ଆମର ମନୋଯୋଗ ପୁନର୍ବାର ଆକର୍ଷଣ କରିଥିଲେ ମାତ୍ର । 'ଟେର୍ ଟିଆରି' ଯୁଗର ଘୋଡ଼ାର ଉଦ୍‌ବର୍ତ୍ତନ ସମ୍ବନ୍ଧରେ ଗବେଷଣା ପାଇଁ ପ୍ରାଚୀନ କଙ୍କାଳ ବିଜ୍ଞାନୀମାନଙ୍କୁ ପଥର ହୋଇଯାଇଥିବା ବହୁ ହଜାର ହାଡ଼ ମିଳିଥିଲା । ସେ ତୁଳନାରେ ମଣିଷର ନିକଟତମ ପୂର୍ବପୁରୁଷଙ୍କର କଙ୍କାଳ ମିଳିବା ଦୂରେ ଥାଉ, ଅତୀତ-କାଳର ଲକ୍ଷକୋଟି ବର୍ଷ ଭିତରେ ଏପରି ଅନେକ ଅନ୍ଧକାର ଯୁଗର ଫାଙ୍କ ଅଛି ; ଯହିଁରୁ ଆମେ ଗୋଟିଏ ହେଲେ ସମ୍ପୂର୍ଣ୍ଣ ମାଙ୍କଡ଼ କଙ୍କାଳ ପାଉନା । ନିଶ୍ଚୟ ସେଇସବୁ ଅନ୍ଧକାର ଯୁଗରେ ଉଦ୍‌ବର୍ତ୍ତନ ଧାରା ସମ୍ବନ୍ଧରେ 'ପ୍ରାଇମେଟ୍' ଅର୍ଥାତ୍ ମାଙ୍କଡ଼, ଲେମୁର ପ୍ରଭୃତିଙ୍କ ବିଷୟରେ ବିଶେଷଜ୍ଞମାନଙ୍କର ଅଜ୍ଞାନ ଓ ଆଂଶିକ ଅଜ୍ଞତା କ୍ଷମାର୍ହ । ସମଗ୍ର 'ଟେର୍ ଟିଆରି'ଯୁଗ ପ୍ରାୟ ଛଅରୁ ଆଠକୋଟି ବର୍ଷ ବ୍ୟାପୀ ଥିଲା । ଏଇ ବିଶାଳ ଯୁଗ ବ୍ୟାପୀ 'ପ୍ରାଇମେଟ୍'ମାନଙ୍କ ଉଦ୍‌ବର୍ତ୍ତନ ଧାରାର କାହାଣୀ ଆମେ କେବଳ ମୁଷ୍ଟିମେୟ ଅଳ୍ପ କେତେକ ଭଙ୍ଗା ହାଡ଼ ଓ ଦାନ୍ତରୁ ଜାଣିପାରୁ ମାତ୍ର । ଏଇ ସବୁ ଭଙ୍ଗା କଙ୍କାଳ ମଧ୍ୟ ପ୍ରାଚୀନ ପୃଥିବୀର ସ୍ଥଳ ଭାଗର ଏପରି ସବୁ ବିଚ୍ଛିନ୍ନ ସ୍ଥାନରୁ ମିଳିଛି ଯାହାଙ୍କ ମଧ୍ୟରେ ହଜାର ହଜାର ମାଇଲର ବ୍ୟବଧାନ ।

ମଣିଷର ଇତିହାସ ଧାରାର ପ୍ରତ୍ୟେକ ପରିଚ୍ଛେଦ ଅନୁସରଣ କରି ଆମେ ଯଦି ଅତୀତକାଳର ଗହନରେ ପଛେଇ ଯାଉ, ତେବେ ଦେଖିବା ଯେ ମଣିଷର ଦୈହିକ ବୈଶିଷ୍ଟ୍ୟସବୁ ଗୋଟି ଗୋଟି କରି ଅଣୁ ପରମାଣୁ କ୍ରମେ ଲିଭି ଯାଉଛି । ଅବଶ୍ୟ, ସବୁ ବୈଶିଷ୍ଟ୍ୟଯାକ ଗୋଟିଏ ମାତ୍ର ସ୍ତରରେ ଲୁପ୍ତ ହେବାର ନୁହେଁ । ଉଦ୍‌ବର୍ତ୍ତନର ସାକ୍ଷ୍ୟ ପ୍ରମାଣ ଗ୍ରାହ୍ୟ କଲେ, ଧରିନେବାକୁ ପଡ଼ିବ ଯେ, ମଣିଷ

କ୍ରମଶଃ ମଣିଷ ହୋଇଛୁ । ବହୁ ଯୁଗ ଧରି ମଣିଷ ସୁଲଭ ଶାରୀରିକ ବୈଶିଷ୍ଟ୍ୟ ସବୁ ଧୀରେ ଧୀରେ ଏକାଠି ହେବା ଫଳରେ ପଶୁଜଗତରୁ ମଣିଷ ଉଦ୍ଭୂତ ହୋଇଛୁ । ତା'ର ମସ୍ତିଷ୍କ ବିକାଶର ଦୃଶ୍ୟତଃ କ୍ଷିପ୍ର ବେଗ କେବଳ ଏହାର ବ୍ୟତିକ୍ରମ ; ଏଇ ବିକାଶହିଁ ଆତ୍ମୀୟ ସଦୃଶ ଅନ୍ୟାନ୍ୟ ପ୍ରାଣୀଙ୍କଠାରୁ ମଣିଷକୁ ଏତେଦୂର ଅଗ୍ରସର କରି ଦେଇଛି ।

ଦେହ ସଂସ୍ଥାନଗତ ଠିକ୍ କେଉଁ ଲକ୍ଷଣ ଗୁଡ଼ାକ ମଣିଷର ଏକଚାଟିଆ ତାହା ପ୍ରତିପାଦନ କରିବାକୁ ଆମର ବର୍ତ୍ତମାନ ଜ୍ଞାନ ଯଥେଷ୍ଟ ନୁହେଁ । ଷ୍ଟ୍ରୟସ୍ ସାହେବ ଏବିଷୟରେ ଯଥାର୍ଥରେ କହିଛନ୍ତି ଯେ, 'ଦେହର ଗଠନ ସମ୍ବନ୍ଧରେ ବୈଶିଷ୍ଟ୍ୟର ଅଭାବ ହିଁ ସାଧାରଣତଃ 'ପ୍ରାଇମେଟ୍'ମାନଙ୍କର ଉଦ୍‌ବର୍ତ୍ତନ ଧାରା ସମ୍ପର୍କିତ ଗବେଷଣାର ଅନ୍ତରାୟ ।'' ଏଇ ଉଦ୍‌ବର୍ତ୍ତନ ଧାରାରେ ଏପରି କେତେକ ଲକ୍ଷଣର ସାକ୍ଷାତ୍ ମିଳେ ଯାହା ମଣିଷର ଲକ୍ଷଣ ସହିତ ସଦୃଶ ବା ସମାନ୍ତରାଳ ; ଅଥଚ ଏସବୁ ଲକ୍ଷଣର ଫଳଶ୍ରୁତି ମଣିଷ ନୁହେଁ । ସାଧାରଣ ଗୋଟର କେତେକ ଶାରୀରିକ ବୈଶିଷ୍ଟ୍ୟ, ଯାହାକୁ ଆମେ ମାନବିକ ବୈଶିଷ୍ଟ୍ୟବୋଲି ଅଭିହିତ କରିପାରୁ, ମଣିଷଠାରେ ଦେଖାଗଲେ ମଧ୍ୟ ମଣିଷର ଆଧୁନିକ ଆତ୍ମୀୟ ସ୍ୱରୂପ କେତେକ ପ୍ରାଣୀଙ୍କଠାରେ ଅନୁପସ୍ଥିତ ।

ତେଣୁ ମଣିଷର ଉଦ୍‌ବର୍ତ୍ତନ ଧାରାର କାହାଣୀ ରଚନା ସମ୍ପୂର୍ଣ୍ଣ କରିବା ପାଇଁ ନୂଆ ନୂଆ କଙ୍କାଳର ଆବିଷ୍କାର ଉପରେ ପୂର୍ଣ୍ଣ ମାତ୍ରାରେ ଅପେକ୍ଷା କରିବାକୁ ପଡ଼ିବ । ଅତିରିକ୍ତ ଏଇ ସବୁ ଆବିଷ୍କାର ଏକାଠି ନ କରିବା ପର୍ଯ୍ୟନ୍ତ ସେ କାହାଣୀ ରଚନା ଯେ ପ୍ରତ୍ୟେକ ଗବେଷକର ମନୋଭାବ ଦ୍ୱାରା କିଛିଏ ରଞ୍ଜିତ ହେବ—ଏହା ଅନିବାର୍ଯ୍ୟ । ହ୍ୱାର୍‌ଲର୍‌ଙ୍କ ପରି କେତେକ ପ୍ରାଧାନ୍ୟ ଦେବେ ଶ୍ରେଷ୍ଠ ମୁଖମଣ୍ଡଳ; ସିଧାସଳଖ ସାମନା ଦାନ୍ତ ଓ ସାନ ଗୋଲାକାର ଚିବୁକ ଉପରେ । କଳ୍ପନାରେ ସେମାନେ ଦେଖିବେ ମାୟାରାଜ୍ୟର ମନୁଷ୍ୟାକୃତି ଏକ ପ୍ରାଣୀକୁ ଯେ କି ସୁଦୂର ଅତୀତର ଉପତ୍ୟକାଟିର ଥିବା ସମସ୍ତର ଜଙ୍ଗଲରୁ ଆମକୁ ଅଣ୍ଟା କଲାଭଳି ମନେହେଉଥିବ । ପ୍ରାୟ ସମାନ ଧରଣର ଅନ୍ୟମାନେ ମତ ଦେବେ ଯେ, ଆମ ପୂର୍ବପୁରୁଷ ସବୁପ୍ରକାରେ ଠିକ୍ ଆମରି ପରି ଥିଲେ— ଏହା ଆମେ କାମନା କରୁଥିବାରୁ ସେଇ ଛଦ୍ମ କାମନାରୁ ଏପରି ଛଳନାମୟ

ମାସ୍ୱାଷୀ ବାଲଖିଲ୍ୟର ସ୍ୱପ୍ନ ଉଦ୍ଭୂତ ହୋଇଛି । ସେମାନେ କହିବେ ଯେ ଏବେ ବ ଜୀବନ୍ତ 'ପ୍ରାଇମେଟ୍'ମାନଙ୍କର ଯେଉଁ ଜଗତ ଆମ ଭୂଶପଟେ ବର୍ତ୍ତମାନ, ସେଥିରେ ଏପରି ଅନେକ ଲେମୁର ଅଛନ୍ତି ଯାହାଙ୍କ ମୁଖମଣ୍ଡଳ ସାନ ଓ ଦାନ୍ତ ସିଧାସଳଖ ଏବଂ ଏପରି କେତେକ ମାଙ୍କଡ଼ ଅଛନ୍ତି ଝଙ୍କାସ୍ତ ମଣିଷଙ୍କ ପରି ଯାହାଙ୍କର ଖପୁରି ପ୍ରଶସ୍ତ ଓ ମୁହଁ ପ୍ରକୃତରେ ପଶୁସୁଲଭ ।

ଦ୍ୱିଧାରେ ପଡ଼ି ମୁଣ୍ଡ ହଲାଇ ଶେଷରେ ଆମେ ସ୍ୱୀକାର କରୁ ଯେ, ଗୋଟିଏ ନୁହେଁ ବରଂ ସଗୋତ୍ର ମନେ ହେଉଥିବା ଅନେକ ପ୍ରାଣୀର ବିକାଶ ଧାରାର ଫଳ ସ୍ୱରୂପ ମଣିଷର ଉତ୍ପତ୍ତି ଘଟିଛି । ମନେ ହେବ ଯେତେ ଯେପରି ଏକ ଗୋଳକ ଧନ୍ଦାର ମଧ୍ୟ କେନ୍ଦ୍ରରେ ଠିଆହୋଇ ଆମର ମନେପଡ଼ୁ ନାହିଁ ଯେ, ଆମେ ଯେଠାକୁ କିପରି ଆସିଲୁ ।

---

# ମାୟାମୃଗ

ହାର୍ଜଲ୍ଡରଙ୍କ ଘୋଷଣା ଉତ୍ତାରୁ ମାୟାବୀ ବାଲଖିଲ୍ୟ ଡାରଉଇନବାଦ ଓ 'ମିଳୁନଥିବା ଯୋଗସୂତ୍ର'ର ସମାପ୍ତି ଘଟିଛି ବୋଲି ସଗର୍ଜନେ ଯେଉଁ ନାଟକୀୟ ପ୍ରଚାର ଖବରକାଗଜବାଲାମାନେ ଚଳାଇଥିଲେ ତାହା ନିରର୍ଥକ—ଏ କଥା ଏତେବେଳକୁ ଜଣାପଡ଼ିଥିବ । ଉଦ୍‌ବର୍ତ୍ତନମୂଳକ ବିକାଶର ସାହାଚ ପରି ଯେଉଁ ପଥ ମଣିଷଠାରେ ଆସି ସରିଛି, ତାହାର ପ୍ରଧାନ ଧାରରେ ଏଇ ବାଲଖିଲ୍ୟ ଅବସ୍ଥିତ କି ନୁହେଁ—ସେ ବିଷୟରେ ଏବେ ବି ଗମ୍ଭୀର ସନ୍ଦେହ ଅଛି । ଯଦି ବା ଧରାଯାଏ ଯେ ସେ ସେଥିରେ ଅବସ୍ଥିତ, ତଥାପି ମଣିଷ ମସ୍ତିଷ୍କର କୌଣସି ସମ୍ବନ୍ଧରେ ସେ କିଛି ଆଲୋକପାତ କରିପାରେନା । ଆକାରରେ ସେ ଶ୍ରେଷ୍ଠ । କଳ୍ପନାକୁ ସର୍ବଥା ପ୍ରସାରିତ କଲେ ମଧ୍ୟ ତାକୁ ମଣିଷ ବୋଲି କହି ହେବ ନାହିଁ । ଯଦି ବା ଧରାଯାଏ ଯେ ସେ ମଣିଷରେ ପରିଣତ ହୋଇପାରେ ତଥାପି ସେପରି ସମ୍ଭାବନା ଭବିଷ୍ୟତର ଲକ୍ଷକୋଟି ବର୍ଷର ଗର୍ଭରେ ନିହିତ । ଖବରକାଗଜମାନଙ୍କର ଅଜସ୍ର ବଡ଼ ବଡ଼ ଶିରୋନାମା ସତ୍ତ୍ୱେ, ଉଦ୍‌ବର୍ତ୍ତନମୂଳକ ପରିବର୍ତ୍ତନର ସାହାଯ୍ୟ ବିନା ଟାସକାନି ଅଞ୍ଚଳର ସେଇ ସାନ ପ୍ରାଣୀଟି ମଣିଷରେ ପରିଣତ ହୋଇନପାରେ । ଯେଉଁ ସବୁ ଲେଖକ ଏଇ 'ଶ୍ରେଷ୍ଠ ମଣିଷ'ଟିକୁ ଧରି ବସି ଡାରଉଇନଙ୍କ ସାଧାରଣ ତତ୍ତ୍ୱକୁ ଉଡ଼ାଇ ଦେବାର ଚେଷ୍ଟା କରିଥିଲେ ସେମାନେ 'ହଜିଥିବା ଯୋଗସୂତ୍ର'ରୁ ଗୋଟିଏ ନୂଆ ଯୋଗସୂତ୍ର ସମ୍ବନ୍ଧରେ ଘୋଷଣା କରିଥିଲେ ମାତ୍ର । ତାଠାରୁ ଅଧିକ କିଛି କରିଥିଲେ ବୋଲି କହି ହେବ ନାହିଁ ।

ମଣିଷ ମସ୍ତିଷ୍କର ବିକାଶଧାରାକୁ ଯେଉଁ ରହସ୍ୟ ଘୋଡ଼ାଇ ରଖିଛି, ତାହାର ସମସ୍ୟା ସମ୍ବନ୍ଧରେ ମୁଁ ଆଗରୁ ମନୋଯୋଗ ଦେଇଛି । ଏବେ ସେଇ ସମସ୍ୟାର କେତେକ ସାପ୍ରତିକ ଦିଗ ସମ୍ବନ୍ଧରେ ଆଲୋଚନା କରିବା

ଆବଶ୍ୟକ । ଗଭୀର ପାଣ୍ଡିତ୍ୟ ଥିବା ଜଣେ ଦାର୍ଶନିକ ଥରେ କହିଥିଲେ ଯେ ମଣିଷ ସମ୍ପର୍କରେ ସତ୍ୟ ତତ୍ତ୍ୱ ତାହାର ଭିତରେ ନିହିତ ଅଛି । ଅବଶ୍ୟ ଏହା ଯଥାର୍ଥ ହୋଇପାରେ । କିନ୍ତୁ ମୁସ୍କିଲ ହେଉଛି ଯେ, କିପରି ସେଇ ଲୁଚିଥିବା ସତ୍ୟ ପଦାକୁ ଆସିବ ଏବଂ ପଦାକୁ ଆସିଲେ ଆମେ ଯେ ତାହାକୁ ଯଥାଯଥ ଭାବରେ ଅନୁଧାବନ କରୁଛୁ ଏଥିରେ କିପରି ନିଶ୍ଚିତ ହେବା ?

ଲକ୍ଷକୋଟି ଜନସଂଖ୍ୟାର ପ୍ରାୟ କୋଟିକେ ଗୋଟିଏ କ୍ଷେତ୍ରରେ ଦେଖା-ଯାଏ ଯେ, ଛଅ ବର୍ଷ ବୟସର ବାଳକଟିଏ ଅଥବା ବୟଃସନ୍ଧିର କିଶୋରଟିଏ ଜରାଗ୍ରସ୍ତ ହୋଇ ମରିଗଲା । 'ପ୍ରଜେରିଆ' ବା ଅକାଳ ବାର୍ଦ୍ଧକ୍ୟ ନାମରେ ପରିଚିତ ଏଇ ଅଦ୍ଭୁତ ରୋଗର କାରଣ ସମ୍ପୂର୍ଣ୍ଣ ଅଜ୍ଞାତ । ଡାକ୍ତରମାନଙ୍କ ରିପୋର୍ଟରୁ ଏପରି ରୋଗୀଙ୍କର ଖବର ମିଳେ ଯାହାଙ୍କ ଲୋମ ଓ ବାଳ ସମ୍ପୂର୍ଣ୍ଣ ଲୋପ ପାଇଛିଃ ଗାତ୍ରଚର୍ମ କୁଞ୍ଚିତ ଓ ଶିଥିଳ ଏବଂ ହୃତ୍‌ପିଣ୍ଡ ଓ ରକ୍ତବାହୀ ଶିରାମାନଙ୍କରେ ଜରାଜନିତ ପରିବର୍ତ୍ତନ ଘଟିଛି । ଏଇସବୁ ବିରଳ ରୋଗୀଙ୍କ କ୍ଷେତ୍ରରେ ବୈଜ୍ଞାନିକମାନେ ଲକ୍ଷ୍ୟ କରିଛନ୍ତି—ବାର୍ଦ୍ଧକ୍ୟର ଗତି କେତେ ବେଗରେ ଓ ବିରାଟ ଭାବରେ ବଢ଼ି ଚାଲେ । କିନ୍ତୁ ଦେହଯନ୍ତ୍ରର କେଉଁ କ୍ରିୟା ଫଳରେ ଏହା ଘଟେ ତାହା ଏବେ ବି ଅନାବିଷ୍କୃତ ; ଅବଶ୍ୟ ସେଇ ରୋଗର କାରଣ କୌଣସି ଗ୍ରନ୍ଥିରେ ଯେ ନିହିତ ଏହା ଅନୁମାନ କରାଯାଇପାରେ ।

ବିରଳହେଲେ ମଧ୍ୟ ଏଇ ରୋଗ ଶରୀର ଭିତରେ ଗୋଟିଏ ରହସ୍ୟମୟ ଘଣ୍ଟାର ଅସ୍ତିତ୍ୱ ଜଣାଇ ଦିଏ । ଏଇ ଘଣ୍ଟା କେତେବେଳେ ଖୁବ୍ ବେଗରେ ଓ କେତେବେଳେ ଅଳ୍ପେ ଚାଲିପାରେ । ଆମର ଅଙ୍ଗପ୍ରତ୍ୟଙ୍ଗର ଅନ୍ୟାନ୍ୟ ଅଧିକ ଦୃଷ୍ଟିଗ୍ରାହ୍ୟ ଅଂଶ ପରି ଏହା ଉଦ୍‌ବର୍ତ୍ତନ ମୂଳକ ନିର୍ବାଚନର ଅଧୀନ ହୋଇ ଥିବାରୁ ଏହା ଆମର ଆୟୁ ବଢ଼ାଇ ବା କମାଇ ପାରେ । ଏଇ ଘଣ୍ଟାର ଅବଶ୍ୟ, ଅନ୍ୟ ଏକ ଆହୁରି ଅଦ୍ଭୁତ ଦିଗ ଅଛିଃ—ଏହା ବିଶେଷ ବିଶେଷ ଇନ୍ଦ୍ରିୟର ବୃଦ୍ଧିର ଧାରାକୁ ପ୍ରଭାବିତ କରିପାରେ । ଏହିପରି ଭାବରେ କେତେକ ଅଦ୍ଭୁତ ଜୈବିକ ବୈଶିଷ୍ଟ୍ୟର ଉଦ୍ଭବ ଘଟିଛି ଯଥା :—ଅଧୁନାଲୁପ୍ତ ଆୟର୍ଲାଣ୍ଡର ବୃହଦାକାର ହରିଣର ଅତିକାୟ ଶୃଙ୍ଗ ଅଥବା ଖଡ୍‌ଗ ଦନ୍ତା ବାଘର ଛୁରିପରି ବଙ୍କା ଦାନ୍ତ ।

ସବୁଠାରୁ ଅଧିକତର ଅଦୃଶ୍ୟ ଓ ସାଧାରଣ ଧରଣରେ ଏକ ଅଦ୍ଭୁତ ବୈଶିଷ୍ଟ୍ୟ ମଣିଷଠାରେ ମଧ୍ୟ ମିଳେ – ତାହା ହେଉଛି ମଣିଷର ମସ୍ତିଷ୍କ । ଏହା ମଣିଷଠାରୁ ଅନେକ ବେଶି ବଡ଼ ଆକାରର ପ୍ରାଣୀ ଅର୍ଥାତ୍ ଗରିଲର ମସ୍ତିଷ୍କ-ଠାରୁ ଦୁଇଗୁଣ ଅଧିକ ଆୟତନର । ଯଦି ଏପରି ମସ୍ତିଷ୍କ ଶୈଶବରେ ହିଁ ଅର୍ଜନ କରିବାକୁ ପଡ଼େ, ତେବେ ମଣିଷର ଜୀବନ୍ତ ସଗୋତ୍ର ଅର୍ଥାତ୍ ବଡ଼ ବଡ଼ ଲାଙ୍ଗୁଳହୀନ ବାନରଙ୍କ କ୍ଷେତ୍ରରେ ଏହାର ମୁଖ୍ୟ ବିକାଶ ଯେଉଁ ଗତିରେ ହୋଇଥାଏ ତାହାଠାରୁ ଅନେକ ବେଶି କ୍ଷିପ୍ରବେଗରେ ମଣିଷର ମସ୍ତିଷ୍କର ବିକାଶ ପ୍ରୟୋଜନ ହୋଇପଡ଼େ । ଗୋଟିଏ ବର୍ଷ ଭିତରେ ହଠାତ୍ ଫୁଟି ଉଠୁଥିବା ବେଙ୍ଗଛତୁ ପରି ଏହା ସହସା ବିକଶିତ ହେବା ନିଶ୍ଚୟ ଦରକାର ଓ ଏଇ ଅତି କ୍ଷିପ୍ର ବିକାଶ ମଣିଷ ଶିଶୁର ଜନ୍ମଠାରୁ ପ୍ରଥମ କେତେ ମାସ ଭିତରେ ହେବା ଦରକାର । ଏହା ଯଦି ଭ୍ରୁଣ ମଧ୍ୟରେ ବିକଶିତ ହୋଇଥାନ୍ତା, ତେବେ ମଣିଷ ପୃଥିବୀ ଗର୍ଭରୁ ବିଦାୟ ନେଇ ସାରିଥାନ୍ତା । ସାଧା କଥାରେ, ମଣିଷ ପକ୍ଷରେ ଜନ୍ମିବା ଅସମ୍ଭବ ହୋଇ ପଡ଼ିଥାନ୍ତା । ମଣିଷର ଜନ୍ମଯନ୍ତ୍ରଣା ଏତେ କଷ୍ଟକର କାହିଁକି ? ଏବେ ବି ଦେଖାଯାଏ ଯେ, ମଣିଷର ମୁଣ୍ଡ ଯୋଗୁଁ ଭୂମିଷ୍ଠ ହେବାରେ ତାକୁ କଷ୍ଟ ସହିବାକୁ ପଡ଼େ । କିନ୍ତୁ ପ୍ରସବବେଳେ ଆମ ମସ୍ତିଷ୍କର ଆୟତନ ପ୍ରାୟ ୮୩୦ ଘନ ସେଣ୍ଟିମିଟର ଅର୍ଥାତ୍ ଗରିଲା ଶିଶୁର ମସ୍ତିଷ୍କଠାରୁ ସାମାନ୍ୟ ବଡ଼ ଆକାରର । ତେଣୁ ମଣିଷ ଶିଶୁ ଗରିଲା ଓ ସିମ୍ପାଞ୍ଜୀ ଛୁଆଙ୍କ ମଧ୍ୟରେ ଶୈଶବରେ ଏତେ ସାମଞ୍ଜସ୍ୟ ଦେଖାଯାଏ ଯେ, ସେଇ ସାଦୃଶ୍ୟ ଆମର ମନକୁ ସ୍ପର୍ଶ କରେ ।

କିନ୍ତୁ ତାହାର କିଛିଦିନ ପରେ, ମଣିଷ ସନ୍ତାନଠାରେ ଆଶ୍ଚର୍ଯ୍ୟଜନକ ବିକାଶ ଲକ୍ଷ୍ୟ କରାଯାଏ । ଜୀବନର ପ୍ରଥମ ବର୍ଷରେ ତାହାର ମସ୍ତିଷ୍କ ଆୟତନରେ ତିନିଗୁଣ ବଢ଼ିଯାଏ । ପ୍ରାଣୀଜଗତରେ ଏହା ସମ୍ପୂର୍ଣ୍ଣ ଅଗୋଚର । କିନ୍ତୁ ଏଇ ଅଦ୍ଭୁତ ଅଗ୍ରଗମନହିଁ ମଣିଷକୁ ସେଇ ସବୁ ମାନବିକ ଗୁଣ ଦିଏ ଯାହାର ତୁଳନା ନାହିଁ । ଅପରପକ୍ଷେ ବୁଦ୍ଧି ଲୋକଙ୍କ କ୍ଷେତ୍ରରେ ଏଇ ଅଗ୍ରଗମନ ବ୍ୟାହତ ହେବାର ଦେଖାଯାଏ । ଅବଶ୍ୟ, ଏପରି ଦୃଷ୍ଟାନ୍ତ ବିରଳ । କିନ୍ତୁ ସେ କ୍ଷେତ୍ରରେ ମସ୍ତିଷ୍କ ବା ମୁଣ୍ଡର ଆକାର ଖୁବ୍ ଛୋଟ ହୋଇଥାଏ ଏବଂ

ଯେପରି ଶିଶୁ ହୁଏ ବୋକା । ମଣିଷର ଦେହ ଭିତରେ ଥିବା ଅନ୍ୟାନ୍ୟ ରହସ୍ୟର ଅନ୍ୟତମ ହେଉଛି ତାହା ଯାହାକି ମଣିଷର ମସ୍ତିଷ୍କ ବିକାଶର ସଠିକ୍ ସମୟ ଉପରେ ନଜର ରଖେ । ମାଙ୍କଡ଼, ଲେମୁର ପ୍ରଭୃତି ଆମର ସଗୋତ୍ର 'ପ୍ରାଇମେଟ୍'ମାନଙ୍କ ସହିତ ମଣିଷର ତୁଳନା କଲେ, ଉଭୟଙ୍କ ମଧ୍ୟରେ ବହୁ ସାଦୃଶ୍ୟ ନଜରରେ ପଡ଼େ । କିନ୍ତୁ ଏପରି ତୁଳନାବେଳେ ଆଜି ମଧ୍ୟ ଆମେ ଜାଣି ପାରୁନା ଯେ, ମଣିଷର ପ୍ରକୃତ ପୂର୍ବଗାମୀ ମଧ୍ୟରେ ଠିକ୍ କେଉଁ ସମୟରେ ବା ଉଦ୍‌ବର୍ତ୍ତନର କେଉଁ ଧାରାର ପ୍ରଭାବରେ ଜନ୍ମ ପରବର୍ତ୍ତୀ ଏହି ଅଦ୍ଭୁତ ମସ୍ତିଷ୍କ ବିକାଶ ଆରମ୍ଭ ହୋଇଥିଲା । ମଣିଷର କୁଟୁମ୍ବ ହେଲାଭଳି ଯେତେ ପ୍ରାଣୀ ଆଜି ବି ଜୀବିତ ଅଛନ୍ତି ତାଙ୍କର ମାନସିକ ଶକ୍ତିର ସୀମାଠାରୁ ବହୁ ଆଗକୁ ଏହି ମସ୍ତିଷ୍କ ବିକାଶ ମଣିଷକୁ ନେଇଯାଇଛି । ଇତିପୂର୍ବରେ ପ୍ରସଙ୍ଗତଃ ହାରଭାର୍ଡ଼ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞ ଆଚାର୍ଯ୍ୟା ଟିଲି ଓଡ଼ିଙ୍ଗାରଙ୍କ ଉକ୍ତି ଉଦ୍ଧୃତ କରାଯାଇଛି । ସେ କହନ୍ତି "ତୁଳନାମୂଳକ ଶରୀରବିଦ୍ୟା ଯେଉଁ ସବୁ ଅନ୍ୟାନ୍ୟ ଜନ୍ତୁଙ୍କ ମସ୍ତିଷ୍କ ସହିତ ବର୍ତ୍ତମାନ ମନୁଷ୍ୟ ଜାତିର ମସ୍ତିଷ୍କକୁ ତୁଳନା କରନ୍ତି ସେଗୁଡ଼ିକର କୌଣସିଟିଠାରୁ ଆଧୁନିକ ମଣିଷର ମସ୍ତିଷ୍କ ଉଦ୍‌ବର୍ତ୍ତିତ ହୋଇନାହିଁ । ଏହା 'ହୋମିନଏଡ୍' ଗୋଷ୍ଠୀର ଅଭ୍ୟନ୍ତରରୁହିଁ ବିକଶିତହୋଇଛି । ଏହି ଗୋଷ୍ଠୀର ଅପର ସବୁ ସମ୍ପ୍ରଦାୟ ଲୁପ୍ତ ହୋଇଯାଇଛି ଏବଂ ମସ୍ତିଷ୍କର ଉକ୍ତ ବିକାଶ ସେହି ଗୋଷ୍ଠୀର ଶେଷ ପର୍ଯ୍ୟାୟର ଉଦ୍‌ବର୍ତ୍ତନ ବେଳେ ବିକଶିତ ହୋଇଥିଲା ।"

ଅର୍ଥାତ୍ ଆମେ ଏବେ ଜାଣିଥିବା ଅନେକ ମାଙ୍କଡ଼ଙ୍କର ମସ୍ତିଷ୍କକୁ ମାପି, ଓଜନ କରି ଏବଂ ବିଶ୍ଳେଷଣ କରି ମଧ୍ୟ ଦେଖିଲେ ବି, ଏବଂ ସେହି ପ୍ରଣାଳୀର ଅନେକ ଜ୍ଞାନ ହାସଲ କଲେ ମଧ୍ୟ, ସେଥିରୁ ଆମ ମସ୍ତିଷ୍କରେ ଥିବା ଯନ୍ତ୍ରର ଚାବିକାଠି ଖୋଜି ପାଇବା ନାହିଁ । ଏହା ଏକମାତ୍ର ମଣିଷ ଗୋଷ୍ଠୀର ରକ୍ତରେ ଥିବା ଜୀବାଣୁବୃଦ୍ଧି ଜାତ ହୋଇଥିଲା ଏବଂ ଆମେ ଏହି ଗୋଷ୍ଠୀର ଶେଷ ଜୀବିତ ପ୍ରତିନିଧି । ଅବଶ୍ୟ ପ୍ରାଣିବିଜ୍ଞାନର ଏକ ପ୍ରାଚୀନ ନିୟମ ଅଛି ଯେ, ଯେକୌଣସି ଗୋଷ୍ଠୀର ଅନ୍ତର୍ଗତ ପ୍ରାଣୀବିଶେଷର ବିକାଶଧାରା କେତେକାଂଶରେ ସେହି ଗୋଷ୍ଠୀର ଉଦ୍‌ବର୍ତ୍ତନ ଇତିହାସର ପୁନରାବୃତ୍ତି କରିବାର ପ୍ରୟାସ କରେ ।

ଏଇ ନିୟମ ସମ୍ବନ୍ଧରେ ଚିନ୍ତା କଲେ ଆମେ ଗୋଟିଏ ବିଷୟରେ ଆଶ୍ଚର୍ଯ୍ୟବୋଧ ନ କରି ରହି ପାରୁନା । ତାହା ହେଉଛି ଯେ, ଭୂତାତ୍ତ୍ୱିକ ଭାଷାରେ କହିବାକୁ ଗଲେ, ଅତ୍ୟନ୍ତ ସ୍ୱଳ୍ପ ସମୟ ମଧ୍ୟରେ ମଣିଷର ଭୂତାତ୍ତ୍ୱିକ ଅତୀତରେ ଏକ ହଠାତ୍ ବୈପ୍ଳବିକ ଅଭିବୃଦ୍ଧି ଘଟିଥିଲା । ମଣିଷ ମସ୍ତିଷ୍କର ବିକାଶ ପଥରେ ଯେଉଁ ଉଲ୍ଲେଖଯୋଗ୍ୟ ଅଭ୍ୟୁତ୍ଥାନ ଘଟିଥିଲା ତାହା ଉକ୍ତ ବୈପ୍ଳବିକ ଅଭିବୃଦ୍ଧିର ସହିତ ସଂଯୁକ୍ତ ଓ ସମାନ୍ତରାଳ ନୁହେଁ କି ? ଡାରଉଇନ ଓ୍ୱାଲେସ୍ ବିତର୍କ ସମ୍ପର୍କରେ ଆଲୋଚନା ବେଳେ ଆମେ ଇତିପୂର୍ବେ ପ୍ରସଙ୍ଗ ଉଠାଇଛୁ । ସେଠି ଉଲ୍ଲେଖ କରାଯାଇଥିବା ତଥ୍ୟମାନଙ୍କ ଉପରେ କେଉଁ ନୂଆ ସାକ୍ଷ୍ୟ ପ୍ରମାଣର ପ୍ରଭାବ ପଡ଼ିଛି, ତାହା ଏବେ ଦେଖାଯାଉ ।

ସାଧାରଣ ଲୋକଙ୍କ ଭିତରେ ଯାହାକୁ ବରଫଯୁଗ ବୋଲି କୁହାଯାଏ ତାହା କେତେକ 'ପତନ ଅଭ୍ୟୁଦୟଶୀଳ' ଘଟଣାର ସମାହାର । ଏହାକୁ ଘେରି ସନାତନପନ୍ଥୀ ଭୂତାତ୍ତ୍ୱିକ ମତରେ ଏକ ସମୟର ଧାରଣା ପ୍ରତିଷ୍ଠିତ ହୋଇଅଛି । 'ପିଲ୍‌ଟଡ଼ାଉନ'ର ଜାଲିୟାତିର ଅର୍ଥ ଓ ଡ଼ାର୍‌ଉଇନ୍ ଓ୍ୱାଲେସ୍ ବିତର୍କ ଉପରେ ତାହାର ପ୍ରଭାବ ବିଚାର କଲାବେଳେ ମୁଁ ସେଇ ଧାରଣାକୁହିଁ ବ୍ୟବହାର କରିଛି । ମୁଁ ଦେଖାଇଛି ଯେ, ମଣିଷର ଉଦ୍‌ବର୍ତ୍ତନ ସମ୍ପର୍କରେ ଆମେ ଯାହାକିଛି ଜାଣିଛୁଁ ତାହାର ପ୍ରାୟ ସମସ୍ତ ଏଇ ଯୁଗ ଭିତରେ ଆବଦ୍ଧ । ମଣିଷର ଇତିହାସ ମାତ୍ର କେତୋଟି ସହସ୍ର ଖ୍ରୀଷ୍ଟାବ୍ଦ ଯେଉଁ ଲିପିବଦ୍ଧ; ତାହା ତୁଳନାରେ ଦଶଲକ୍ଷ ବର୍ଷ ନିଶ୍ଚୟ ଦୀର୍ଘକାଳ ବୋଲି ମନେହେବ । କିନ୍ତୁ ଭୂତାତ୍ତ୍ୱିକ ଭାଷାରେ ଓ ଉଦ୍‌ବର୍ତ୍ତନର ଆଲୋଚନାରେ ଜ୍ୟୋତିର୍ବିଦ୍ୟାର ଯେଉଁ କାଳଗଣନା ପ୍ରଚଳିତ ସେଥିରେ ଏଇ ଦୀର୍ଘକାଳ, ଘଣ୍ଟାର ଗୋଟିଏ ମିନିଟ୍ ମାତ୍ର ବୋଲି ମନେହେବ ।

ମଣିଷଛଡ଼ା ଅନ୍ୟାନ୍ୟ କେତେକ ଜୀବନ୍ତ ପ୍ରାଣୀଙ୍କ ମଧ୍ୟରେ ଉଲ୍ଲେଖ ଯୋଗ୍ୟ ପରିବର୍ତ୍ତନ ଖୁବ୍ କମ୍ ଘଟିଛି । ବରଂ 'ବରଫ ଯୁଗରେ ଓ ବିଶେଷ କରି ସେ ଯୁଗର ଶେଷ ପାଦରେ ଅନେକ ପ୍ରାଣୀ ଲୋପ ପାଇବା ଦେଖାଯାଏ । ପ୍ରାଗୈତିହାସିକ କାଳର ଅତିକାୟ ଜନ୍ତୁମାନେ ଏକ ମହାଦେଶରୁ ଅନ୍ୟ ମହାଦେଶକୁ ଯେଉଁ ସବୁ ରାସ୍ତାରେ ପ୍ରଥମେ ଯାଇଥିଲେ ତାହାହିଁ ପରେ ମଣିଷ

ଅନୁସରଣ କରନ୍ତି । ସେଇ ସବୁ ଦୈତ୍ୟାକାର ଜନ୍ତୁ 'ବରଫ ଯୁଗ'ରେ ସମ୍ପୂର୍ଣ୍ଣ ଅନ୍ତର୍ହିତ ହୋଇ ଯାଇଥିଲେ । 'ବରଫ ଯୁଗ' ଶେଷ ସୀମାରେ ଯେତେବେଳେ ତୁଷାରରାଶି ପଛକୁ ହଟି ଯାଉଥାଏ, ସେତେବେଳେ 'ନାତିଶୀତୋଷ୍ଣ ମଣ୍ଡଳ'ର ହାତୀ ଅର୍ଥାତ୍ 'ମ୍ୟାମଥ୍'ମାନଙ୍କର ବିଶାଳ ଦାନ୍ତଗୁଡ଼ିକ ଝରି ପଡ଼ୁଥିଲା । ଖୁବ୍ ଲମ୍ବା ଶିଙ୍ଗ ଓ ଦାଢ଼ି ଥିବା ଷଣ୍ଢ ଅର୍ଥାତ୍ 'ବାଇସନ୍'ମାନେ ଏଇ ସମୟରେ ଅଜାଡରେ ବସ୍ତୁହୋଇ ପଡ଼ୁଥିଲେ । ( ମୂର୍ଖ ଯାଯାବର ଥିଲାବେଳେ ପ୍ରାଚୀନ ଯୁଗର ମଣିଷ ଏହାଙ୍କର ଯୂଥ ଶିକାର କରି ଅନେକ ଶତାବ୍ଦୀ ପ୍ରାଣଧାରଣ କରିଛନ୍ତି )। 'ପ୍ରଥମ ହିମବାହ ଯୁଗ'ର ପ୍ରାରମ୍ଭରେ ଯେଉଁ ଲାଞ୍ଜହୀନ ବାନର-ମାନଙ୍କର ହାସ୍ତୃତିକ ହଳକର୍ଷର ନିଦର୍ଶନ ମାତ୍ର କେତୋଟି ଦୁର୍ଲଭ ପଥରଖଣ୍ଡରୁ ଆମେ ପାଉ ସେମାନେ 'ଚତୁର୍ଥ ହିମବାହ' ଯୁଗବେଳକୁ ସ୍ୱତମତ ଶିଳ୍ପୀ ପାଲଟି ସମସ୍ତଙ୍କ ଉପରେ ପ୍ରଭୁତ୍ୱ କରି ପାରିଥିଲେ ଓ ପାଞ୍ଚୋଟି ଯାକ ମହାଦେଶ ଭିତରେ ମାଡ଼ିଯାଇ ଭୂପର୍ଯ୍ୟଟକରେ ପରିଣତ ହୋଇ ଯାଇଥିଲେ । ଅବଶେଷରେ ପୃଥିବୀପୃଷ୍ଠରେ ନିଛକ ଜ୍ଞାନୋପାସକଙ୍କ ପ୍ରଭୁତ୍ୱର ଦିନ ସେତେ-ବେଳେ ପରି ଆସିଥିଲା ।

ଇତିପୂର୍ବରେ ଯେତେ ଯେତେ ଯୁଗ ଗ୍ଭଲି ଯାଇଥିଲା, ତାହାର କୌଣସିଟିରେ ଏପରି ଘଟଣା ଦେଖାଯାଇ ନ ଥିଲା । ଆଜିଠାରୁ ଦଶଲକ୍ଷ ବର୍ଷ ଆଗରେ ପ୍ରକୃତିର ଗବେଷଣାଗାରର ସାରୁଆ ଗ୍ରୁଇଅନ୍ଧାର ଭିତରୁ ଏକ ଧୂର୍ତ୍ତ ଓ ଅତୃପ୍ତ ପ୍ରାଣୀ ରହସ୍ୟମୟସ୍ୱଭାବରେ ଖସି ବାହାରକୁ ପଳାଇ ଆସିଥିଲା । ପରବର୍ତ୍ତୀ କାଳରେ ଏହାରି ଖିଆଲ ଉପରେ ନିର୍ଭର କଲା—ଜଙ୍ଗଲମାନଙ୍କର ବୃଦ୍ଧି, ବା ଧ୍ୱଂସ ମରୁଭୂମିର ବିସ୍ତୃତି ବା ବିଲୋପ, ଏହା ଭଲ ପାଇଁ ବା ମନ୍ଦ ପାଇଁ ହୋଇଥିଲା ତାହା କହିହେବ ନାହିଁ ।

ଉଦ୍‌ବର୍ତ୍ତନ ପଦ୍ଧତିର ଅଗ୍ରଗତିରେ ଦଶଲକ୍ଷ ବର୍ଷ ସାମାନ୍ୟ ସମୟ ମାତ୍ର । ତଥାପି, ଆମେ ଧରିନେଉ ଯେ ଯେଉଁ ପ୍ରାଣୀ ପରେ ମଣିଷ ପାଲଟି ଥିଲା, ସେ ପ୍ରାୟ ସେତିକି ସମୟ ପୂର୍ବରେ ନିଜର ପଛଗୋଡ଼ ଦୁଇଟି ଉପରେ ଭରଦେଇ ଗ୍ଭଲୁଥିଲା । କିନ୍ତୁ ଏକଥା ଭାବିବାର ଯଥେଷ୍ଟ କାରଣ ଅଛି ଯେ, ମଣିଷ ମସ୍ତିଷ୍କର ଯେଉଁ ଅଂଶ ପରେ ନକ୍ଷତ୍ରରାଜି ଓ ବରଫ ଯୁଗ ପଞ୍ଜୁର

ହିସାବ କରିବାରେ ସଫଳ ହୋଇଥିଲା ତାହା ସେତେବେଳେ ବିକଶିତ ହୋଇ ନ ଥିଲା । ଖପୁରି ପେଡ଼ିର ଏକା ଅନ୍ଧାରୁଆ ଅପରିଣତ କୋଣରେ ଏହା ତେବେ ବି ଲୁଚିଥାଏ । ସେତେବେଳେ ମଣିଷର ଖପୁରିର ଆୟତନ ଅନ୍ୟାନ୍ୟ ଲାଙ୍ଗୁଡ଼ହୀନ ବାନରଙ୍କ ଅପେକ୍ଷା ଅଧିକ ନଥିଲା । ତଥାପି, ମଣିଷ ପରି ଏକ ଏକକ ଗୋଷ୍ଠୀଭୁକ୍ତ ସର୍ବିସ୍ୱ ପ୍ରାଣୀଙ୍କ ଇତିହାସରେ ଦଶଲକ୍ଷ ବର୍ଷ ନିଶ୍ଚୟ ଦୀର୍ଘ ସମୟ; ଏହି ସମୟ ଭିତରେ ବରଫର ଆସ୍ତରଣ ନାତିଶୀତୋଷ୍ଣ ମଣ୍ଡଳର ବିଶାଳ ଅଞ୍ଚଳମାନଙ୍କରେ ଘୁଞ୍ଚି ଯାଉଥିଲା ଓ ଜୀବନ ସଂଗ୍ରାମରେ ଜୟୀ ହେବାପାଇଁ ପ୍ରାଣୀମାନଙ୍କୁ ଶକ୍ତିଶାଳୀ କାରଣମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ୁଥିଲା । କିନ୍ତୁ କ୍ଷଣକ ପାଇଁ ଧରିନିଅ ଯେ ଆମର ଏହି ଭୂତାତ୍ତ୍ୱିକ ହିସାବ ଭୁଲ ଓ ବିଶାଳ ବରଫ ଖଣ୍ଡର ବିସ୍ତାର ଦଶଲକ୍ଷ ବର୍ଷ ବ୍ୟାପୀ ହୋଇ ନ ଥିଲା । ଧରିନିଅ ଯେ ଏହି ଯୁଗର ହିସାବ ଦଶଲକ୍ଷ ବର୍ଷ ନୁହେଁ, ତାର ଏକ ତୃତୀୟାଂଶ ବ୍ୟାପୀ ହୋଇଥିଲା ।

ତା'ହେଲେ ଆମେ ମଣିଷର କାହାଣୀ ସମ୍ବନ୍ଧରେ କଅଣ ଭାବିପାରୁ ? ସେ କାହାଣୀ ବା ନାଟକ ସେ କ୍ଷେତ୍ରରେ ଆଗରୁ ସଂକ୍ଷିପ୍ତ ଓ ସଙ୍କୀର୍ଣ୍ଣ ହୋଇ ପଡ଼ିବ । ଏ ନାଟକରେ ପୁଣି ନୂତନ ଜଗତରେ ମଣିଷର ବିସ୍ତାର ସମ୍ପର୍କିତ କାଳନିର୍ଣ୍ଣୟ ଓ ଉଦ୍‌ବର୍ତ୍ତନମୂଳକ ପରିବର୍ତ୍ତନର ପ୍ରଶ୍ନ ପ୍ରସଙ୍ଗକ୍ରମେ ଆସିଯିବ । ତେଣୁ ଏହା ସ୍ପଷ୍ଟ ଯେ ଏପରି ଅନୁମାନ ହେତୁ ମଣିଷର ଉଦ୍‌ବର୍ତ୍ତନ ସମ୍ବନ୍ଧୀୟ ବିଷୟରେ ଆମର ଧାରଣାର ପୂରାପୂରି ପୁନର୍ବିଚାର କରିବାକୁ ପଡ଼ିବ । ୧୯୫୬ ମସିହାରେ ଚିକାଗୋ ବିଶ୍ୱବିଦ୍ୟାଳୟରେ ଆଗ୍ରହୀ ସେଜାରେ ଏମିଲିଆନି ତୁଷାର ଯୁଗର କାଳନିର୍ଣ୍ଣୟ ସମ୍ପର୍କରେ ଠିକ୍ ଏହି ଉପାଦାନର ଅବତାରଣା କରିଥିଲେ । ଆଣବିକ ପଦାର୍ଥ ବିଦ୍ୟାର କ୍ଷେତ୍ରରେ ଆବିଷ୍କୃତ ଏକ ନୂଆ ସମୟ ନିର୍ଦ୍ଧାରଣ ପ୍ରଣାଳୀ ପ୍ରୟୋଗକରି ସେ ଏହା କହିଥିଲେ ।

ଗତ ଦଶନ୍ଧିରେ ବହୁଳ ପ୍ରଚଳିତ ଅଙ୍ଗାରକାମ୍ଳ—୧୪ ଅନୁପାତ ପଦ୍ଧତିରୁ ଏହି ନୂଆ ସମୟ ନିର୍ଦ୍ଧାରଣ ପ୍ରଣାଳୀ ଯେ ପୃଥକ୍ ତାହା ମୁଁ ଆଗରୁ ସୂଚାଇ ରଖିବା ପ୍ରୟୋଜନ ମନେ କରୁଛି । ବେଶି ହେଲେ ତିରିଶରୁ ଚାଳିଶ ହଜାର ବର୍ଷ ପର୍ଯ୍ୟନ୍ତ ଅତୀତ କାଳର ହିସାବ କରିବାରେ ସେହି ପୁରୁଣା ପଦ୍ଧତିର

ପ୍ରୟୋଗ ହୋଇପାରେ । ଚିକାଗୋ ବିଶ୍ୱବିଦ୍ୟାଳୟରେ ପ୍ରବର୍ତ୍ତିତ ନୂଆ ପ୍ରଣାଳୀରେ ରହିଛି ଅମ୍ଳଜାନ—୧୮ର ପ୍ରୟୋଗ । ସାମୁଦ୍ରିକ ପ୍ରାଣୀମାନଙ୍କର ଖୋଳରେ ଏହି 'ଆଇସୋଟପ୍'ର ପରିମାଣ ଲକ୍ଷ୍ୟକରି ଦେଖାଯାଇ ଥିଲା ଯେ, ଗୋଟିଏ ଶାମୁକାର ଚୂନ ମିଶା ଖୋଳରେ ଥିବା ଅମ୍ଳଜାନ—୧୮ରେ ଯେତେ ଶତାଂଶ ଅଛି ସେଥିରୁ ଜାଣି ହେବ ଯେ, ଯେଉଁ ପାଣିରେ ଶାମୁକାଟି ଜୀଇଁଥିଲା ସେଥିରେ ଶାମୁକାଟିର ଖୋଳ ସୃଷ୍ଟି ହେଲାବେଳେ ଉତ୍ତାପ କେତେ ଥିଲା । ଏହାର କାରଣ—ବିଭିନ୍ନ ତାପମାତ୍ରାରେ ଅମ୍ଳଜାନ—୧୮ ବିଭିନ୍ନ ରକମର ରାସାୟନିକ ପ୍ରତିକ୍ରିୟା ଭିତରେ ପ୍ରବେଶ କରେ । ଯଥା:—ପାଣିର ତାପ ବଢ଼ିଲାବେଳେ ଶାମୁକା ଖୋଳରେ ଥିବା ଅମ୍ଳଜାନ—୧୮ କମିଯାଏ ।

ନୌସୈନ୍ୟମାନଙ୍କର ସମୁଦ୍ରତଳ ଖୋଳିବା ଯନ୍ତ୍ର ବ୍ୟବହାର କରି ଆସୃର୍ଫି ଏମିଲିଆନି ଏପରି ସବୁ ସାମୁଦ୍ରିକ ପଟୁ ଉଠାଇ ଆଣିଥିଲେ ଯାହିଁରେ ପୂର୍ବେ କେହି ହସ୍ତକ୍ଷେପ କରି ନ ଥିଲେ । ଶ୍ରେଷ୍ଠ ଶ୍ରେଷ୍ଠ ଶାମୁକାରେ ଭର୍ତ୍ତି ଏହି ସବୁ ଖଣ୍ଡମାଟିକୁ ଅମ୍ଳଜାନ—୧୮ର ସହଜ ବିଶ୍ଳେଷଣ ତଳେ ରଖିବାକୁ ସେ ସମର୍ଥ ହୋଇଥିଲେ । ସମୁଦ୍ରମାନଙ୍କରେ 'ଦୀର୍ଘ ବରଫ ପତନ' ଅର୍ଥାତ୍ ଯୁଗ ଯୁଗ ଧରି ଯେଉଁସବୁ କ୍ଷୁଦ୍ରାତିକ୍ଷୁଦ୍ର ଶାମୁକା ବୃଷ୍ଟିଧାରା ପରି ସମୁଦ୍ର ଗର୍ଭରେ ଝରି ଆସିଛି ତାହାର ରାସାୟନିକ ବିଶ୍ଳେଷଣ ସେ ଏହି ପ୍ରଣାଳୀରେ କରିଥିଲେ । ସେଥିରୁ ସେ ଦେଖିଥିଲେ ଯେ, ଅତୀତର ବିଭିନ୍ନ ଯୁଗ ପାଇଁ ପାଣିର ତାପମାତ୍ରାରେ ଲକ୍ଷଣୀୟ ପରିବର୍ତ୍ତନ ବାରି ହେବ । ଏକାଦିକ୍ରମେ ଗୋଟିକ ତଳେ ଗୋଟିଏ ଯେଉଁସବୁ ଖଣ୍ଡ ଦ୍ରାବର ସ୍ତର ସମୁଦ୍ର ଗର୍ଭରୁ ଉଠାହେଲା ସେଗୁଡ଼ିକୁ କ୍ରମାନ୍ୱୟରେ ବିଶ୍ଳେଷଣ କରି ସେ ଦେଖିଲେ ଯେ, ସମୁଦ୍ରତଳର ଖୁବ୍ ସାନ ସାନ ଶାମୁକାରେ ଥିବା ଅମ୍ଳଜାନ—୧୮ର ଉପାଦାନ ଯେଉଁ ଯୁଗର ସାକ୍ଷ୍ୟ ବହନ କରୁଥିଲା ତାହା ବର୍ତ୍ତମାନର ହିମାଙ୍କଠାରୁ ଆହୁରି ଅନେକ ବେଶୀ ଶୀତଳ । ସେ ଯୁଗ ଏବଂ ତୁଷାରଯୁଗରେ ମହାଦେଶମାନଙ୍କରେ ବରଫର ସବୁଠାରୁ ବେଶି ବିସ୍ତାର ଯେଉଁ ସମୟରେ ଘଟିଥିଲା ତାହା ଏକ ଓ ଅଭିନ୍ନ ।

ଅଟଲାଣ୍ଟିକ୍ ଓ କ୍ୟାରିବିଆନ୍ ସାଗରର ପଟୁ ବିଶ୍ଳେଷଣ କରି ଏମିଲିଆନି ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ, ସବୁଠାରୁ ଆଦିମ ବିଷମ ଶୀତଳ ଯୁଗ

ବୋଧହୁଏ ତିନିଲକ୍ଷ ବର୍ଷ ପୂର୍ବରୁ ନଥିଲା । ଏହି ଯୁଗ ଓ ୟୁରୋପ ଅଞ୍ଚଳରେ ପ୍ରଥମ ହିମବାହ ଯୁଗର ପ୍ରାରମ୍ଭ ସମୟ ଏକ ଥିବାର ଖୁବ୍ ସମ୍ଭାବନା ଜଣା ପଡ଼େ । ଅବଶ୍ୟ ଅମ୍ଳଜାନ—୧୮, ବର୍ଷ ସୂଚାଏ ନାହିଁ ; ଏହା ଆପେକ୍ଷିକ ଗରମ ବା ଥଣ୍ଡାର ସମୟ ମାତ୍ର ସୂଚାଇ ଥାଏ । କିନ୍ତୁ ଖଣ୍ଡଦ୍ରାବରେ ଅଙ୍ଗାର-କାମ୍ଳ—୧୪ର ସ୍ତର ଥିଲା । ଏହି ଅଙ୍ଗାରକାମ୍ଳ—୧୪ସମ୍ମିଷ୍ଟ ସୁପରିଚିତ ପଦ୍ଧତି ସାହାଯ୍ୟରେ ସଫଳ ଭାବରେ କହି ହୋଇଥିଲା ଯେ, ଅତୀତର ସ୍ଥଳଣ ହଜାର ବର୍ଷ ମଧ୍ୟରେ ସମୁଦ୍ରତଳରୁ ଉଠା ହୋଇଥିବା ଖଣ୍ଡ ଦ୍ରାବର ଉପରଅଂଶ ଠିକ୍ କେଉଁ ସମୟର ।

ଏହିପରି ଭାବରେ ସ୍ଥିର କରାଯାଇ ଥିଲା ଯେ, ତୁଷାର ଯୁଗର ବରଫ ଶେଷଥର ପାଇଁ ପଛକୁ ହଟିବାକୁ ଆରମ୍ଭ କରିଥିଲା । ଆଜିଠାରୁ କୋଡ଼ିଏ ହଜାର ବର୍ଷ ଆଗରେ ସମୁଦ୍ରଗର୍ଭରୁ ଉଠା ହୋଇଥିବା ପଙ୍କରେ ମଧ୍ୟ କୌଣସି ହସ୍ତକ୍ଷେପ ଘଟି ନଥିଲା ଏବଂ ତାହାର ପ୍ରକୃତି ଅଭିନ୍ନ ପ୍ରକାରର ଥିଲା । ଏହି ଉଭୟ ତଥ୍ୟରୁ ସମୟ ନିର୍ଦ୍ଧାରଣରେ ଧାରାକୁ ଅତୀତ ଅଭିମୁଖୀ କରିବା ସମ୍ଭବ ହୋଇଥିଲା । ଏହା କରାଯାଇ ଥିଲା ଦୁଇଟି ଜିନିଷର ସଂଯୋଗ ସୂତ୍ରରେ, ପ୍ରଥମଟି ହେଉଛି—ହିମାଙ୍କର ଗାଣିତିକ ରେଖାଚିତ୍ର ବା 'କୋଲଡ଼୍ ଗ୍ରାଫ୍' ଓ ଅନ୍ୟଟି ହେଉଛି—ଖଣ୍ଡଦ୍ରାବର ସ୍ତରଗୁଡ଼ିକର ସମୁଦ୍ର ତଳେ ଜମିବାର ଗତିବେଗ । ଅପେକ୍ଷାକୃତ ସମ୍ପ୍ରତି ଜମିଥିବା ସ୍ତରମାନଙ୍କର ଅଙ୍ଗାରାମ୍ଳ ପଦ୍ଧତିରେ ନିର୍ଦ୍ଧାରିତ ତାରିଖରୁ ଏହି ଗତିବେଗ ନିର୍ଣ୍ଣିତ ହୋଇଥିଲା । ଏପରି ଗବେଷଣାରୁ ଜଣାପଡ଼ିଥିଲା ଯେ, ପ୍ରାପ୍ତ ପରିଣାମରୁ ଷାଠିଏ ହଜାର ବର୍ଷର ବ୍ୟବଧାନରେ ତୁଷାର ଯୁଗର ବରଫ ଯେଉଁ ଅନୁପାତରେ ବଢ଼ୁଥିଲା ଓ କମୁଥିଲା ତାହା ଅସଲଗ୍ନ ନୁହେଁ, ଧାରାବାହିକ ଥିଲା ।

ପୁରାତନପନ୍ଥୀ ହିସାବରୁ ବିସ୍ମୟକର ଭାବରେ ଭିନ୍ନ ଏ ଯେଉଁ ତୁଷାର ଯୁଗର ସମୟତାଲିକା ଆର୍ସେନି ଏମିଲିଆନି ଓ ତାଙ୍କର ସହକର୍ମୀମାନେ ଆବିଷ୍କାର କଲେ ତାହା ଏବେ ବହୁଳଭାବରେ ଓ ସାଦରେ ଗୃହୀତ ହେଉଛି । ଏହି ନବତର ପ୍ରଣାଳୀରେ ସମଗ୍ର ତୁଷାର ଯୁଗ ପ୍ରାୟ ଷାଠିଏଲକ୍ଷ ବର୍ଷବ୍ୟାପୀ ବୋଲି ଧରାହୋଇ ପାରେ । ପ୍ରକୃତରେ, ପୁରୁଣା ହିସାବରୁ ଏହି ନୂଆ

ହିସାବର ପରିବର୍ତ୍ତନ ଯେ, କେତେ ଚମକପ୍ରଦ ତାହା ଅଙ୍କର ଉଦ୍ଦେଶ୍ୟରୁ ଜଣାପଡ଼ିବ ନାହିଁ । ପୁରୁଣା ହିସାବ ଅନୁସାରେ ରୁଷ୍ପାର ଯୁଗର ଆଦ୍ୟରେ ପ୍ରଥମ ବା ଗୁଂଜ୍' ହିମବାହ ପର୍ବ ଆମଠାରୁ ପ୍ରାୟ ଦଶଲକ୍ଷ ବର୍ଷ ପୂର୍ବରେ ଥିଲା । ନୂଆ ସମୟ ତାଲିକା ଅନୁସାରେ ସେଇ ହିମବାହ ପ୍ରାୟ ଛଅଲକ୍ଷ ବର୍ଷ ପୂର୍ବର ମାତ୍ର ଏବଂ ଆହୁରି ଛଅଲକ୍ଷ ବର୍ଷ ବୋଧହୁଏ ଲାଗିଥିଲା । ଅନ୍ତତଃ କେତେକ ହିମବାହ ପୂର୍ବବର୍ତ୍ତୀ ଘଟଣା ଘଟିବାରେ ସେଇ ସମୟକ୍ରମକୁ ସେତେ ସଠିକ ଭାବରେ ହିସାବ କରି ହେବନାହିଁ ଓ ତାହା ପୁରାପୁରି ଅନିର୍ଦ୍ଦିଷ୍ଟ । ବୋଧହୁଏ ଏଇ ସମୟକ୍ରମର ଅନ୍ତର୍ଭୁକ୍ତ ଥିଲେ 'ଅଷ୍ଟ୍ରେଲୋପିଥେସିନ୍' ବର୍ଗର 'ନର ବାନର'ମାନଙ୍କର ସବୁଠାରୁ ପୁରୁଣା ନିଦର୍ଶନମାନେ ଓ ଦକ୍ଷିଣ ଆଫ୍ରିକାର ପ୍ରାଚୀନ ଗରିଲା, ସିମ୍ପାଞ୍ଜୀମାନଙ୍କର ତିଆରି ରୁକ୍ଷ ପଥର ଓ ହାଡ଼ର ଯନ୍ତ୍ରପାତିର ଆଦିମ ଓ ଅସ୍ପଷ୍ଟ ନମୁନାଗୁଡ଼ିକ ।

ମୁଁ ଆଗରୁ ଇଙ୍ଗିତ ଦେଇଛି ଯେ, ମଣିଷ କଙ୍କାଳର ପଥର ହୋଇ ଯାଇଥିବା ନିଦର୍ଶନ ଯେତିକି ଆମେ ପାଇଛୁଁ ତାହାର ଅଧିକାଂଶ 'ପ୍ଲେଷ୍ଟୋସିନ୍ ଯୁଗର ଶେଷାର୍ଦ୍ଧରେ । କିନ୍ତୁ ଏହା ପୁରୁଣା ସମୟତାଲିକା ଅନୁସାରେ କରାଯାଇଥିବା ହିସାବ । ନୂଆ ବ୍ୟବସ୍ଥାରେ ଏଇ ସବୁ ନିଦର୍ଶନର ଅଧିକାଂଶ ଆଜିଠାରୁ ଦୁଇଲକ୍ଷ ବର୍ଷର କମ ପୁରୁଣା । ଆସୁର୍ଧି ଏମିଲିଆନଙ୍କ ଭାଷାରେ ମଣିଷଠାରେ ଥିଲା 'କ୍ଷିପ୍ର ଭାବରେ ଉଦ୍‌ବର୍ତ୍ତିତ ହେବାର ପୁଷ୍କଳ କ୍ଷମତା ।' ଏହାକୁ ମଧ୍ୟ ବିଜ୍ଞାନର ଭାଷା କହି ହେବ, ମୁଁ ଯେଉଁ ଚମକପ୍ରଦ ବିକାଶ କଥା ଆଗରୁ କହିଛି ନୂଆ ସମୟ ତାଲିକା ଅନୁସାରେ ମଣିଷର ବିକାଶ ତାଠାରୁ ଅଧିକ ବୈପ୍ଳବିକ ବୋଲି ଜଣାପଡ଼ିବ ।

ଦୁର୍ଭାଗ୍ୟବଶତଃ ଏଇ କାହାଣୀର ପୁରାପୁରି ରୂପରେଖ ଆଜି ବି ଦେଇ ହେବ ନାହିଁ । ଯେଉଁସବୁ ମଣିଷ କଙ୍କାଳର ଶିଳୀଭୂତ ନମୁନା ଆମକୁ ମିଳିଛି ତାହା ବହୁ ବିକ୍ଷିପ୍ତ ଓ ସଂଖ୍ୟାରେ ଅଳ୍ପ । ଫ୍ରାନ୍ସ ଦେଶର ଫନ୍‌ଟେଚେଭାଡେ ନାମକ ସ୍ଥାନରୁ ମିଳିଥିବା ମଣିଷ ଖପୁରିରୁ ଜଣାଯାଏ ଯେ ତୃତୀୟ ଫରାସୀ ଆନ୍ତର୍ହିମବାହ ଯୁଗର ମଣିଷ ଅସଲରେ ପ୍ରାୟ ଆମରି ପରି ଥିଲା ଓ ତାର ମସ୍ତିଷ୍କ ଆମରି ମସ୍ତିଷ୍କ ଭଳି ଥିଲା । ଯଦି ତାହାହିଁ ଠିକ୍ ହୁଏ ତା' ହେଲେ

ମଣିଷର ଅସ୍ତିତ୍ୱକାଳ ଆଜିଠାରୁ ବୋଧହୁଏ ଗତ ସତୁରି ହଜାର ବର୍ଷ ବ୍ୟାପୀ ବୋଲି ହିସାବ କରିବାକୁ ପଡ଼ିବ । ଯଦିଓ ସେଇ ସମୟର ଆଦିରେ ମଣିଷ ଜାତିର ପୂର୍ବପୁରୁଷ ବିସ୍ତାର କେଉଁ କେଉଁ ଅଞ୍ଚଳରେ ଘଟିଥିଲା ତାହା ଆମକୁ ଜଣାନାହିଁ । କିନ୍ତୁ ଇଂଲଣ୍ଡର ସୋଆନ୍ସ୍କୋମ୍ବ ନାମକ ସ୍ଥାନରେ ଆବିଷ୍କୃତ ଖପୁରି ବିତର୍କର ବିଷୟ । ଏହାର ମୁଖ ମଣ୍ଡଳ ମିଳିନାହିଁ, କିନ୍ତୁ ଏଇ ଖପୁରିରେ ଅଦ୍ୟତନ ଆଧୁନିକ ସ୍ତ୍ରୀ ମଣିଷର ଖପୁରି ପରି । ଯଦି ଏଥିରୁ ମିଳୁଥିବା ସାକ୍ଷ୍ୟ ପ୍ରମାଣ ଗ୍ରାହ୍ୟ ହୁଏ ତେବେ ମଣିଷ ଜାତିର ଆଧୁନିକ ରୂପ ବୋଧହୁଏ ଏକଲକ୍ଷ କୋଡ଼ିଏ ହଜାର ବର୍ଷ ପୂର୍ବରେ ଘଟିଥିଲା ବୋଲି ଧରିବାକୁ ପଡ଼ିବ ।

ଶେଷରେ ଯଦିଓ ଏ କଥା ପ୍ରମାଣିତ ହୋଇପାରେ ଯେ ଏଇ ଯୁଗର ମଣିଷର ମୁଖମଣ୍ଡଳ ଆଧୁନିକ ମଣିଷର ମୁଖମଣ୍ଡଳଠାରୁ ସାମାନ୍ୟ ବୃହଦାକାର ଥିଲା, ତଥାପି ସେତେ ଆଦିକାଳରେ ଯେ ତା'ର ମସ୍ତିଷ୍କ ଅସଲରେ ଆଧୁନିକ ମଣିଷର ମସ୍ତିଷ୍କ ପରି ଥିଲା—ତାହା ନିଃସନ୍ଦେହ । ଏମିଲିଆନଙ୍କର ନୂଆ ସମୟ ତାଲିକା ଅନୁସାରେ ଏଇ ତଥ୍ୟରୁ ଇଙ୍ଗିତ ମିଳିବ ଯେ ସବୁଠାରୁ ଆଦିମ ପ୍ରାକ୍ ହିମବାହ ଯୁଗର ଯେଉଁ 'ନର ବାନର'ମାନେ ଦକ୍ଷିଣ ଆଫ୍ରିକାରେ ଥିଲେ, ତାଙ୍କର ମସ୍ତିଷ୍କ ସ୍ତରରୁ ଆଧୁନିକ ମଣିଷର ମସ୍ତିଷ୍କ ବିକାଶ ଘଟିଥିଲା ଅତ୍ୟନ୍ତ କ୍ଷିପ୍ରଗତିରେ । ସେପରି ଯଦି ନ ଘଟିଥାଏ ତେବେ ସିଦ୍ଧାନ୍ତ କରିବାକୁ ପଡ଼ିବ ଯେ, ପଥର ହୋଇ ଯାଇଥିବା ଅନ୍ୟାନ୍ୟ ଯେଉଁ କଙ୍କାଳଗୁଡ଼ିକ ଆମେ ପାଇଛୁ ସେଗୁଡ଼ିକ ମଣିଷର ଊର୍ଦ୍ଧ୍ୱମୁଖୀ ବିକାଶର ପ୍ରଧାନ ଧାରାର ଅନ୍ତର୍ଗତ ନୁହନ୍ତି । ମଣିଷର ଉଦ୍‌ବର୍ତ୍ତନ ଧୀର ଗତିରେ ଘଟିଥିଲା—ଏଇ ଧରଣର ଯୁକ୍ତିରେ ଯଦି ଆମେ ଦୃଢ଼ ରହିବା ତେବେ ଉପରେ କୁହାଯାଇ ଥିବା ଶେଷୋକ୍ତ ମତବାଦକୁ [illegible] ପଡ଼ିବ ସତେ ଯେପରି ମଣିଷ ଜାତିର ଉତ୍ପତ୍ତିର ପ୍ରକୃତ ସୂତ୍ର ପ୍ରାଚୀନ ପ୍ରାକ୍ ତୁଷାର ଯୁଗର କୌଣସି ସ୍ତରରେ ହଜିଯାଇଛି ଏବଂ ଅନ୍ୟାନ୍ୟ ଯେଉଁ ସବୁ ଶିଳୀଭୂତ ମଣିଷ କଙ୍କାଳ ଆମକୁ ମିଳିଛି ତାହା ଉଦ୍‌ବର୍ତ୍ତନ ପଥରେ ବିକାଶର ଶାଖା ମାତ୍ର ଏବଂ ଅନ୍ଧ ଗଳିପରି । ଏଇ ସବୁ କଙ୍କାଳ 'ପ୍ଲେଇଷ୍ଟୋସିନ୍' ଯୁଗରେ ବି ବିଲୁପ୍ତ ନିଦର୍ଶନ ପରି ହୋଇ ଯାଇଥିଲେ ।

ଏଇ ମତର ସ୍ୱପକ୍ଷରେ ଯୁକ୍ତି କାଢ଼ି କେତେକ ଲୋକ ଦେଖାଇଛନ୍ତି ଯେ, ସମ୍ପ୍ରତି ଆମେରିକାରେ ଚାଳିଶ ହଜାର ବର୍ଷର ପାଖାପାଖି ଚୁଲ୍ଲୀର ଅସ୍ତିତ୍ୱ ଲିପିବଦ୍ଧ କରାଯାଇଛି । ଏଥିରୁ ଅନୁମାନ କରାଯାଇପାରେ ଯେ, ଏବେ ଯେପରି ଧରାଯାଉଛି ମଣିଷ ଜାତିର ବୟସ ଯଦି ପ୍ରକୃତରେ ସେତିକି କମ୍ ହୋଇଥାଏ ତା' ହେଲେ ଏ ଜାତି ଶୈଶବରେ ବହୁ ବିସ୍ତୃତ ଥିଲେ ବୋଲି ବୁଝାଯିବ । କିନ୍ତୁ ଅଳ୍ପ କେତେକାଳ ତଳେ ଅଙ୍ଗାରାମ୍ଳ—୧୪ ପଦ୍ଧତିରେ ହିସାବ କରାଯାଇଥିବା ଆମେରିକାର କେତେକ ତାରିଖ ସମ୍ବନ୍ଧରେ ସନ୍ଦେହ ପ୍ରକାଶ କରାଯାଇଛି । ଲଣ୍ଡନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଫ୍ରେଡ଼ରିକ୍ ଜିଉନାର୍ ସମ୍ପ୍ରତି (୧୯୫୭) ଜଣାଇଛନ୍ତି ଯେ 'ଆଲକାଲି' ମିଶ୍ରିତ ରସାୟନରେ ଧୂଆ ହୋଇଥିବା ଅଙ୍ଗାରାମ୍ଳ—୧୪ର ନମୁନା ନିଜର ଅସ୍ତିତ୍ୱର ପ୍ରକୃତ ବୟସ ଅପେକ୍ଷା ବେଶି ବୟସ ଦେଖାନ୍ତି । ସଠିକ କାଳ ନିରୂପଣ ସକାଶେ ଆବଶ୍ୟକ ଅଙ୍ଗାରାମ୍ଳ—୧୪ର କେତେକ ଉପାଦାନ 'ଆଲ୍‌କାଲି'ରେ ଜାରିତ ହେଲେ ବିନଷ୍ଟ ହୋଇଯାଏ । ତେଣୁ ହିସାବରେ ନମୁନାର ବୟସ ବଢ଼ିଯାଏ; ଫଳରେ ଆମେରିକାରୁ ପ୍ରଥମ ଆସିଥିବା ସମୟର ହିସାବ ଗୁଡ଼ିକ ପୁଣି ଥରେ ଯାଞ୍ଚ କରିବାକୁ ପଡ଼ିପାରେ । ଏହା ନିଃସନ୍ଦେହ ଯେ, ଶେଷ ତୁଷାର ଯୁଗରେ ମଣିଷ ଆମେରିକାରେ ପହଞ୍ଚିଥିଲା କିନ୍ତୁ ଏ ସମ୍ବନ୍ଧରେ ଯେଉଁ କାଳ ନିରୂପଣ ଆଗରୁ କରାଯାଇଛି ତାହାର ଆମୂଳ ତଦନ୍ତ ପ୍ରୟୋଜନ ।

ଅଷ୍ଟ୍ରେଲିଆରୁ ମିଳିଥିବା 'କେଇଲର' ଖପୁରିକୁ ଏକ ସମୟରେ ମନେକରାଯାଉଥିଲା ଆମ ସଗୋତ୍ର ଭୂତତ୍ତ୍ୱ ଆନ୍ତର୍ହିମବାହ ଯୁଗର ଉତ୍ତାପକାଳରେ ଥିବା ମଣିଷର ବୋଲି । ମଜାର କଥା ଯେ ଅଙ୍ଗାରାମ୍ଳ ସାହାଯ୍ୟରେ କାଳନିରୂପଣର ହିସାବରେ ଏହା ଏବେ ନିଶ୍ଚିତ ଭାବରେ ହିମବାହ ଯୁଗର ପରବର୍ତ୍ତୀ ବୋଲି ଧରାଯାଉଛି । ସୁତରାଂ ସେଇ ସୁଦୂର ମହାଦେଶ ଅଷ୍ଟ୍ରେଲିଆରେ ଯେ ମଣିଷ ଖୁବ୍ ପ୍ରାଚୀନକାଳରେ ପଶିଥିଲେ—ତାହାର କୌଣସି ନିର୍ଭର ଯୋଗ୍ୟ ସାକ୍ଷ୍ୟ ନାହିଁ । ପୁଣି ଯଦି ଆମେ ଇଉରୋପ, ଏସିଆ ପ୍ରଭୃତି ପୁରୁଣା ମହାଦେଶମାନଙ୍କ ପ୍ରତି ମନୋଯୋଗ ଦେଉ ଏବଂ ଆମର ସଗୋତ୍ର ମଣିଷ ଜାତିର ଅସ୍ତିତ୍ୱ ପ୍ରଥମ ହିମବାହ ଯୁଗ ପରି ସୁପ୍ରାଚୀନ କାଳରେ ଖୋଜୁ,

ତେବେ, ଆମକୁ ଗୋଟିଏ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ । ସେ ପ୍ରଶ୍ନ ହେଉଛି 'ତା' ହେଲେ ମଣିଷର ଏତେ ଶୀଘ୍ର କିପରି ପ୍ରାପ୍ତ ସଂସ୍କୃତିବାନ ସ୍ତରକୁ ଅଧଃପତନ ଘଟିଲା ?' ଆମରି ପରି ମଣିଷର ଅସ୍ତିତ୍ୱ ସମ୍ବନ୍ଧରେ ଆମର ଯେଉଁ ଧାରଣା ଅଛି, ତାହା ପ୍ରକୃତରେ ଯଦି ତା'ଠାରୁ ବେଶି ପ୍ରାଚୀନ ହୋଇଥାଏ, ତେବେ ଏହା ବିଶ୍ୱାସ କରାଯାଇ ପାରେ ଯେ, ବହୁକାଳ ଧରି ତାହାର ଦୈହିକ ଧ୍ୱଂସାବଶେଷ ଆମେ ନପାଇ ପାରୁ । କିନ୍ତୁ ଯଦି ଧରାଯାଏ ମଣିଷ ଜାତିର ମସ୍ତିଷ୍କ ବଡ଼ ଆକାରର ଥିଲା ଓ ସେମାନେ ବହୁ ଅଞ୍ଚଳରେ ବ୍ୟାପିଥିଲେ ତେବେ ଏ କଥା ବିଶ୍ୱାସ କରି ହୁଏନା ଯେ, ନିଜର କାର୍ଯ୍ୟକଳାପ ସମ୍ବନ୍ଧରେ ସେମାନେ କିଛି ଚିହ୍ନରଖି ଯାଇ ନାହାନ୍ତି । ତେଣୁ ମନେହୁଏ ଯେ, ଅତୀତର ପାଞ୍ଚଲକ୍ଷରୁ ଦେଢ଼ଲକ୍ଷ ବର୍ଷ ଭିତରେ ଥିବା ଏକ ସଂକ୍ଷିପ୍ତ ଯୁଗରେ ମଣିଷ ଅଧୁନିକ ମସ୍ତିଷ୍କର ଅତ୍ୟାବଶ୍ୟକ ଲକ୍ଷଣ ସବୁ ହାସଲ କରିଥିଲା । ଏହା ମାନିବାକୁ ହେବ ଯେ ଯେଉଁ ପ୍ରକ୍ରିୟାରେ ଏହା ହାସଲ କରାଯାଇ ଥିଲା ତାହାର ରୂପରେଖ ଖୁବ୍ ଅସ୍ପଷ୍ଟ । କିନ୍ତୁ ଆମ ହାତରେଥିବା ସବୁ ସାକ୍ଷ୍ୟ ପ୍ରମାଣରୁ ଜଣାଯାଏ ଯେ ସେଇ ପ୍ରକ୍ରିୟା ବିସ୍ମୟକର ଭାବରେ କ୍ଷିପ୍ରଥିଲା ।

ଊନବିଂଶ ଶତାବ୍ଦୀର ଇଂରେଜୀ ସାହିତ୍ୟରେ ଜୀଇଁବା ପାଇଁ ସଂଗ୍ରାମ ଓ ଦକ୍ଷତମର ନିର୍ବାଚନର ପଦ୍ଧତି ସମ୍ବନ୍ଧରେ ଯେଉଁ ସବୁ ଇଙ୍ଗିତ କରାଯାଇଛି ତାହାଠାରୁ ଭିନ୍ନ ଅନ୍ୟ ପଦ୍ଧତିର ଅନ୍ଦାଜ ମିଳେ ଉପରେ ଉଲ୍ଲିଖିତ କ୍ଷିପ୍ର ବେଗର ପ୍ରକ୍ରିୟାରୁ । ସେଇ ସାହିତ୍ୟ ଗୋଷ୍ଠୀ ଗୋଷ୍ଠୀ ଭିତରେ ସଂଘର୍ଷ ବା ପ୍ରତିଯୋଗିତା ଉପରେ ପ୍ରାଧାନ୍ୟ ଆରୋପ କରିଥିଲା, ଅଥଚ ଏପରି ପ୍ରତିଯୋଗିତା ପାଇଁ ଦରକାର ହୋଇଥାନ୍ତା ବିପୁଳ ଜନସଂଖ୍ୟା । ଅବଶ୍ୟ, ଆମେ ଏଠାରେ ପରିଷ୍କାର ଭାବରେ କହିବାକୁ ଚାହୁଁ ଯେ, ପୁରାତନ ଡାରୱିନବାଦୀ ଯୁକ୍ତି ଅଗ୍ରାହ୍ୟ କରିବାର ଅର୍ଥ ଏହା ନୁହେଁ ଯେ 'ସ୍ୱାଭାବିକ ବଛେଇ'ର ନୀତି ପ୍ରତ୍ୟାଖ୍ୟାନ କରାଯାଇଛି । ବରଂ ଏପରି କ୍ଷେତ୍ରରେ ଆମେ ସେଇ ପରିସ୍ଥିତିର ସମ୍ମୁଖୀନ ହେଉ ଯହିଁରେ ନିଜ ନିଜ ଯୁଗରେ ଡାରୱିନ୍ ଓ ଓ୍ୱାଲେସ୍ ଉଭୟେ ଦେଖିବାକୁ ଅସମର୍ଥ ହୋଇଥିଲେ ଯେ, ମଣିଷଠାରେ କେଉଁ କେଉଁ ବଛେଇ ପ୍ରକ୍ରିୟା ସକ୍ରିୟ ଥାଇ ପାରେ । ଜୀଇଁବାପାଇଁ ସଂଗ୍ରାମର ଅପେକ୍ଷାକୃତ

ସୂକ୍ଷ୍ମ ଦିଗଗୁଡ଼ିକ ପ୍ରତି ଅର୍ଥାତ୍ ଯେଉଁ ଦିଗଗୁଡ଼ିକ ଆମର ଚର୍ମ ଚକ୍ଷୁରେ ଧରାପଡ଼େ, ତାହା ଉପରେ ଭିକ୍‌ଟୋରିୟ ଯୁଗର ଅଧିକାଂଶ ପ୍ରାଣିବିଜ୍ଞାନୀ ଧ୍ୟାନ ଦେଉଥିଲେ । ତାଙ୍କର ଚଉପଟେ ବ୍ୟାପିଥିବା ଶିଳ୍ପସଭ୍ୟତା ଭିତରେ ସେ ଏଇ ନୀତିକୁ ଲକ୍ଷ୍ୟ କରିଥିଲେ । ପ୍ରକୃତିକୁ ସେମାନେ ଦେଖୁଥିଲେ ପୂରାପୂରି 'ରକ୍ତାକ୍ତ ନଖଦନ୍ତ'ରେ ସଜ୍ଜିତରୂପରେ ।

ଆଦିବାସୀ ସମାଜ ଗୁଡ଼ିକରେ ସେତେବେଳ ଯାଏ ନୃତାତ୍ତ୍ୱିକମାନେ ସଯତ୍ନ ତଦନ୍ତ ଚଳାଇ ନଥିଲେ । ସେମାନେ ଏହା ମଧ୍ୟ ଜାଣି ନ ଥିଲେ ଯେ, ଭିନ୍ନ କୃଷ୍ଟିର ଅନ୍ତର୍ଗତ ହେଲେ ହେଁ ଲୋକେ ଅର୍ଥାତ୍ ଆଦିବାସୀମାନେ ମୂଳଗତ ମାନସିକ ଗଠନରେ ଉଲ୍ଲେଖଯୋଗ୍ୟ ଭାବରେ ଆମରି ପରି । ଆଦିବାସୀଙ୍କୁ ଅନେକ ସମୟରେ ବର୍ବର କରାହେଉ ଥିଲା ଆମଠାରୁ ମାନସିକ ସ୍ତରରେ ନିକୃଷ୍ଟ ବୋଲି । ଗୋରାମାନଙ୍କ ପ୍ରାଧାନ୍ୟ ବିରୁଦ୍ଧରେ ଲଢ଼େଇ କରୁ କରୁ ଏଇ ଜୀବନ୍ତ କଙ୍କାଳମାନେ ସମାପ୍ତ ହେଉଥିଲେ । ଆମେ ଦେଖିଛୁ ଯେ, ଏଇ ଭିକ୍‌ଟୋରିୟ ବିଦ୍ୱେଷର ବାହାରେ ଓ୍ୱାଲେସ୍ କୌଣସି ପ୍ରକାରେ ମୁଣ୍ଡ ଟେକିଥିଲେ ଓ ନିଜେ ଅର୍ଥନାଶ ସତ୍ତ୍ୱ, ସେ କାଳର ମୁଖ୍ୟ ପ୍ରାଣୀବିଜ୍ଞାନୀମାନଙ୍କ ମଧ୍ୟରେ ଏକା ସେ ମଣିଷର ବିକାଶ ଧାରାର ବ୍ୟାଖ୍ୟା ପାଇଁ ନୂଆ ରାସ୍ତା ଖୋଜିଥିଲେ ।

ତାଙ୍କର ଭାବନାମାନ ତାଙ୍କୁ କେତେକାଂଶରେ ଅତୀନ୍ଦ୍ରିୟତା ଆଡ଼େ ଚାଳିତ କରିଥିଲା । ତଥାପି, ସେ ଯେଉଁ ସବୁ ତଥ୍ୟ ଲିପିବଦ୍ଧ କରିଛନ୍ତି ତାହା ମଧ୍ୟରୁ କେତୋଟିର ସାରବତ୍ତା ଅଛି । ଅବଶ୍ୟ, ସେ ଆଜିଠାରୁ ଅନେକ ଦିନ ଆଗରେ ଲେଖିଥିଲେ । ତେଣୁ, ସେ କାଳରେ ତାଙ୍କୁ ସେଇ ସବୁ ସ୍ୱାଭାବିକ ସମାଧାନ ମିଳି ନଥିଲା ଯାହା କି ଏବେ ଆମେ ପାଉଛୁ । ଏହା କମ୍ କଥା ନୁହେଁ ଯେ, ନ ବୁଝିଲେ ମଧ୍ୟ, ଓ୍ୱାଲେସ୍ ଲକ୍ଷ୍ୟ କରିଥିଲେ ମଣିଷର ପ୍ରାୟ କେଶହୀନ ଦେହ, ତା'ର ଅସହାୟ ଶୈଶବ ଓ ବିସ୍ମୟକର ଭାବରେ ବିକଶିତ ତାର ମସ୍ତିଷ୍କ । ଯୁକ୍ତିଯୁକ୍ତ ଭାବରେ ସେ ଏଇ ସବୁ ଲକ୍ଷଣରେ ମଣିଷର ଅସାଧାରଣତ୍ୱର ସୂତ୍ର ଖୋଜି ପାଇଥିଲେ । ଏଗୁଡ଼ିକୁ ଆମେ ଆଜି ମଣିଷର 'ପେଡୋମର୍ଫିକ' ଲକ୍ଷଣ ବୋଲି ଅଭିହିତ କରୁ । ଓ୍ୱାଲେସ୍‌ଙ୍କ ସିଦ୍ଧାନ୍ତ ଥିଲା

ଯେ, ଆଦିବାସୀଙ୍କର ସ୍ୱଭାଗତ ସାମର୍ଥ୍ୟ ତାଙ୍କଠାରୁ 'ଉନ୍ନତତର' ଜାତିମାନଙ୍କର ସ୍ୱଭାବରୁ କୌଣସି ପ୍ରକାରେ ହୀନ ନୁହେଁ । ଏ ସିଦ୍ଧାନ୍ତ ଅବଶ୍ୟ ଆଜି ସମସ୍ତଙ୍କୁ ଜଣା, କିନ୍ତୁ ତାଙ୍କ ସମୟରେ ବୈଜ୍ଞାନିକଙ୍କ ମଧ୍ୟରେ ବି ଅତିପ୍ରଚଳିତ ବିଶ୍ୱାସର ଏହା ଯଥେଷ୍ଟ ବିରୋଧୀ ଥିଲା, ଏପରି ଉକ୍ତି କରିବା ତାଙ୍କର ସାହସର ପରିଚାୟକ ।

ଅବଶ୍ୟ ଏପରି ଅନେକ ଜିନିଷ ଅଛି, ଯାହା ଆମ ପକ୍ଷରେ ବୁଝିବାକୁ ବାକି ଅଛି, ତଥାପି ମଣିଷର ସାମାଜିକ ତଥା ସାଂସ୍କୃତିକ ଜଗତର ପ୍ରକୃତି ସମ୍ବନ୍ଧରେ ପଦେ ଅଧେ କହି ହେବ । ମୂଳତଃ ସେଥିରେ ବି କହିବା ଅଛି ସେଇ ସବୁ ଶକ୍ତି ଯାହା ମୂଳଗତ ଭାବରେ କାର୍ଯ୍ୟ କରିଛି ମଣିଷ ନାମକ ଜନ୍ତୁକୁ ଯଥାର୍ଥ ମଣିଷ କରିବାକୁ । ଅର୍ଥାତ୍ ଏଇ ନୂଆ ଓ ଅଦୃଶ୍ୟ ପରିବେଶରେ ଉତ୍ତୀର୍ଣ୍ଣ ହେଲାପରେ ମଣିଷ ଜୀଇଁବାପାଇଁ ଭାରି କଠିନ ପ୍ରତିଯୋଗିତା ଓ ଦକ୍ଷତା ଅନୁଯାୟୀ ବଛେଇର ସମ୍ମୁଖୀନ ହୋଇଥିଲା । ସବୁଠାରୁ ପ୍ରଥମରେ ଯେଉଁ ମାଛଟି କୂଳରେ ଉଠି ଡେଣା ଉପରେ ଭରାଦେଇ ଝୁଣ୍ଟି ଝୁଣ୍ଟି ଆଗେଇ ଥିଲା ସେ ମଧ୍ୟ ଏହିପରି ଅବସ୍ଥାର ସମ୍ମୁଖୀନ ହୋଇଥିଲା । ଏଇ ଜଗତକୁ 'ଅଦୃଶ୍ୟ' କହିବାରେ କେତେକ ଯୁକ୍ତିସଙ୍ଗତ କାରଣ ଅଛି । ଏ ଜଗତର ଅସ୍ତିତ୍ୱ ମଣିଷର ପାରିପାର୍ଶ୍ୱିକ ପରିବେଶରେ ସେତେ ନ ଥିଲା । ବରଂ ଏ ଜଗତର ଅସ୍ତିତ୍ୱ ବେଶୀ କ୍ରିୟାଶୀଳ ଥିଲା ତା'ର ମଗଜରେ, ଗୁରୁପରର ଜିନିଷ ସବୁ ପ୍ରତି ତା'ର ଦୃଷ୍ଟିଭଙ୍ଗୀରେ ଏବଂ ସାମାଜିକ ପରିବେଶରେ, ଯାହାକି ସେ ଗଢ଼ି ତୋଳିଥିଲା ତା'ର ଛୋଟ ଛୋଟ ଗୋଷ୍ଠୀଭିତରେ ।

ଏହିପରି ଭାବରେ ସେ ପରିଣତ ହେଉଥିଲା ଏକ ଅଦୃଷ୍ଟପୂର୍ବ ଜୀବରେ ଏକ ମାୟାମୃଗରେ । ଅନ୍ତତଃ ଆଂଶିକ ଭାବରେ ସେ ଜୀଇଁଥିଲା ନିଜର ସୃଷ୍ଟି ଏକ ଗୁପ୍ତ ଜଗତର ଗହନରେ । ଏ ଜଗତ ଥିଲା ତା'ର ମଗଜ ଭିତରେ । ତାର ପର ଅନ୍ୟାନ୍ୟ ମଣିଷ ମଗଜରେ ଥିବା ଚିନ୍ତା ଭାବନାର ଅଂଶ ମଧ୍ୟ ସେ ନେଉଥିଲା । ପ୍ରତୀକ ଧର୍ମୀ ଭାବପ୍ରକାଶର ଧାରା ସେତେବେଳକୁ ଆରମ୍ଭ ହୋଇ ସାରିଥିଲା । ପଶୁକୁଳର କେବଳ ବର୍ତ୍ତମାନ କାଳର ଧାରଣାର ଉପରେ ଉଠି ମଣିଷ ଭୂତ ଭବିଷ୍ୟତର ଚିନ୍ତା କଲା । ତା'ର ମସ୍ତିଷ୍କରେ ସୃଷ୍ଟି ହେଲେ

ଅଦୃଶ୍ୟ ଦେବତାମାନେ । ବିଶେଷ ପ୍ରାକୃତିକ ଶକ୍ତିମାନଙ୍କ ପଛରେ ସେଇସବୁ ଦେବତାଙ୍କ ହାତ ଯେ କାମ କରୁଥିଲା—ଏ କଥା ମଣିଷର ସ୍ୱପ୍ନରେ ସ୍ଥାନ ପାଇଲା ।

ଅବଶ୍ୟ, ପାଣି ପବନର କ୍ରିୟା ପର୍ଯ୍ୟାଲୋଚନା କରିବାରେ ସେ ସବୁ ମଣିଷଙ୍କର ମନର ଶକ୍ତି ବିଶେଷ କୁସଂସ୍କାରରେ ପୂର୍ଣ୍ଣ ଥିଲା । ତଥାପି, କହି ହେବ ଯେ, ଏଇ ଘୋର କୁସଂସ୍କାରଚ୍ଛନ୍ନ ମାନସିକ ଶକ୍ତି ନେଇ ପ୍ରକୃତି ପଛରେ ଥିବା ରହସ୍ୟମୟ କ୍ରିୟା କଳାପର ଚର୍ଚ୍ଚା ଆରମ୍ଭ ହୋଇଥିଲା । ସେଇ ସ୍ୱପ୍ନଦ୍ରଷ୍ଟା ଅଦ୍ଭୁତ ଓ ପର୍ଯ୍ୟବେକ୍ଷଣଶୀଳ ମସ୍ତିଷ୍କର କରିଆରେ ସତେ ଯେପରି ପ୍ରକୃତି ଜଗତର ସୀମିତ କ୍ଷେତ୍ରକୁ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା । ସେକାଳର ଆଦିମ ଶିକାରୀମାନେ ରାତିରେ ନିଆଁ ଘେରର ଚାରିପଟେ ଲଗାଲଗି ହୋଇ ବସିଲାବେଳେ ତାଙ୍କର ଆଖିରେ ନାଚୁଥିଲା କଳ୍ପନାର ଏଇ ଅଦୃଶ୍ୟ ଜଗତ । ଗୁହାକାନ୍ଥର ଛବିରେ ଓ ଉପାଖ୍ୟାନ ବା ଧର୍ମ ସମ୍ବନ୍ଧୀୟ କର୍ମ କାଣ୍ଡରେ ପଡ଼ୁଥିଲା ଏଇ କଳ୍ପନା ଜଗତର ପ୍ରଭାବ । କିନ୍ତୁ ଏସବୁ କ୍ଷେତ୍ର ବ୍ୟତୀତ ସେ କାଳର ବହୁ ମଣିଷର ମଗଜରେ ଖେଳୁଥିବା ଏଇ କଳ୍ପନାର ପ୍ରାପ୍ତ ଭୌତିକ ଜଗତର ସ୍ୱୀକୃତି ବା ପାର୍ଥିବ ଅସ୍ତିତ୍ୱ ନ ଥିଲା । ବହୁକାଳ ଧରି ପଶୁଙ୍କ ଜଗତ କେବଳ ବର୍ତ୍ତମାନ କାଳରେ ନିବଦ୍ଧ । ତାହା ବାହାରେ ସେମାନେ କିଛି ଭାବୁନଥିଲେ । ବର୍ତ୍ତମାନ ଅବସ୍ଥାକୁ ଘେରି ପଶୁଙ୍କ ଗଢ଼ା ସେଇ ସ୍ୱର୍ଗରାଜ୍ୟ ଅବଶେଷରେ ଚୂରମାର ହୋଇଗଲା । ମନ କରିଆରେ ଅତୀତ ଭବିଷ୍ୟତ, ଜ୍ଞାନ ଅଜ୍ଞାନ, ପାପପୁଣ୍ୟର ଧାରଣା ମଣିଷ ମୁଣ୍ଡରେ ପ୍ରଭାବ ବିସ୍ତାର କରିବାକୁ ଆରମ୍ଭ କଲା ।

ପଶୁ ସୁଲଭ ଜୀବନ ସଂଗ୍ରାମର ମଧ୍ୟରେ ଅତିବଶ୍ୱାସୀ ଉତ୍କଣ୍ଠୋଶୟ ଯୁଗର ପ୍ରାଣିବିଜ୍ଞାନୀମାନେ କେତେକାଂଶରେ ମଣିଷର ସମାଜକୁ ଭୁଲ ବୁଝିଥିଲେ । ସେମାନେ ଆଉର ଗୋଟିଏ ବିଷୟରେ ମଧ୍ୟ ଭୁଲ କରିଥିଲେ, ତାହା ହେଉଛି ମସ୍ତିଷ୍କ ବିକାଶ ଆଡ଼କୁ ସମାଜର ଅବଦାନ ସମ୍ବନ୍ଧରେ । ଏହି ବିକାଶ ଅବଶ୍ୟ ଘଟିଥିଲା ଅସରନ୍ତି ପ୍ରୟାସ ଫଳରେ । କିନ୍ତୁ ସେ ପ୍ରୟାସ ପ୍ରକୃତିର ଲଢ଼େଇରେ ବୃଦ୍ଧି ବା ବଞ୍ଚା ବ୍ୟବହାରରୁ ଆସି ନଥିଲା । ତାହା

(୩)

ଆସିଥିଲା ମଣିଷର ମଗଜରେ ଚିରଦିନ ଲୁଚିଥିବା ଚଳମାନ କଳ୍ପନାର ଜଗତରୁ । ପ୍ରତୀକ ଧର୍ମୀ ଭାବପ୍ରକାଶ ସଙ୍କାଶେ ଏଇ ପ୍ରୟାସ ସେ ଯୁଗର ନୂତନ ସମାଜର ଜଗତରେ ଅତ୍ୟାବଶ୍ୟକ ଥିଲା । ସତ୍ତ୍ୱଜାତବୋଧର ଜଗତ ସେତେବେଳେ ସର ଆସୁଥିଲା । ଏକ ନୂଆ ପ୍ରାଣୀ ଅର୍ଥାତ୍ ମଣିଷର ଅଭ୍ୟୁଦୟ ସେତେବେଳେ ଘଟୁଥିଲା । ସେଇ ମଣିଷ ଶିଶୁର ମସ୍ତିଷ୍କ ଥିଲା ନୂଆ ଜ୍ଞାନର ଆଧାର ହେବା ପାଇଁ ପ୍ରସ୍ତୁତ ଓ ଉତ୍ସୁକ । ତା'ର ଜୀବନବୃତ୍ତ ଯେଉଁ ସମାଜର ପରିଧିରେ ବଢ଼ୁଥିଲା, ସେଇ ଗୋଷ୍ଠୀ ବା ସମାଜର ସ୍ୱପ୍ନ—କଳ୍ପନା ସେଇ ମଗଜରେ ପୂରାପୂରି ବଦ୍ଧମୂଳ ନ ହେବା ଯାଏ ସେଇ ନୂଆ ପ୍ରାଣୀ ପୂର୍ଣ୍ଣ ପରିଣତ ହୋଇ ପାରୁ ନଥିଲା; ତାହାକୁ ପ୍ରକୃତ ମଣିଷ କୁହାଯାଉ ନଥିଲା ।

ସେ ମଗଜର ଉତ୍ପତ୍ତି ହେଲା କିପରି ? କେତେ ଶୀଘ୍ର ତା'ର ବିକାଶ ଘଟିଥିଲା ? ଏ ସବୁ ପ୍ରଶ୍ନର ଜବାବ ଖୁବ୍ କମ୍ ମିଳୁଛି । ଯଦିଓ ଏଥିପାଇଁ ଭଙ୍ଗାରୁଜା ଖପୁରି କଙ୍କାଳ ଓ ପାହାଡ଼ ପଥର ଭିତରେ ବୈଜ୍ଞାନିକମାନେ ଘାଶ ହୋଇଛନ୍ତି । ମଣିଷ ଯେଉଁ ବର୍ଗର ଅନ୍ତର୍ଗତ ସେଇ ମାଙ୍କଡ଼, ଲେମୁର ପ୍ରଭୃତି 'ପ୍ରାଇମେଟ୍'ମାନଙ୍କର ବର୍ଗରେ ଏପରି ଅନେକ ପ୍ରାଣୀ ଅଛନ୍ତି ଯେଉଁମାନେ ଗୋଷ୍ଠୀବଦ୍ଧ ଭାବରେ ବାସ କରନ୍ତି । କିନ୍ତୁ ସେମାନଙ୍କଠାରେ ମଣିଷ ହେବାର କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଆମ ମସ୍ତିଷ୍କ ସହିତ ତାଙ୍କ ମସ୍ତିଷ୍କର ପରିବାରଗତ ସାଦୃଶ୍ୟ ଥିଲେହେଁ, ତାଙ୍କ ମସ୍ତିଷ୍କ ମଣିଷ ମସ୍ତିଷ୍କ ନୁହେଁ । ବରଂ ସେଥିରେ କେବଳ ଧୂର୍ତ୍ତ, ବଣୁଆଁ ଭାବନା ସବୁ ଭର୍ତ୍ତି । ଏହି କଥା ଭାବିଲେ ଆମର ମନେପଡ଼େ ଯେ, ବହୁକାଳ ଆଗରେ ମହାବ୍ୟୋମ ମାର୍ଗରେ ଥରେ କେବେ ଆମ ପୃଥିବୀ ଖଗ୍ରପୂର୍ଣ୍ଣ କକ୍ଷ ପଥରେ ବୁଲିଲାବେଳେ ମାତ୍ର ଥରେ ମଣିଷ ମସ୍ତିଷ୍କର ବିକାଶ ପାଇଁ ସୁଯୋଗ ଘଟିଥିଲା ଯାହାକି ଅନ୍ୟ ପ୍ରାଣୀଙ୍କ କ୍ଷେତ୍ରରେ ଘଟି ନଥିଲା ।

ସେ କାହାଣୀର ଜଟିଳତା ବିଶ୍ଳେଷଣ କରିବାକୁ ଚେଷ୍ଟାକଲେ ମଣିଷ ଯେ କାହିଁକି ଏ ଗ୍ରହରେ ଏକାକୀ, ତାହା ବୁଝିବାକୁ କଷ୍ଟ ହୁଏ ନା । ବରଂ ଏ କଥା ଭାବି ମଣିଷର ଆଶ୍ଚର୍ଯ୍ୟ ହେବାର କାରଣ ଅଛି ଯେ ମଣିଷର ଉଦ୍ଭବ ଆଦୌ ଘଟିଲା କିପରି ? କାରଣ ଏଥିପାଇଁ ଦୁଇଗୋଟି ଜଟିଳ

ଦରକାର ଥିଲା ଏବଂ ଯଦି ସେଗୁଡ଼ିକ ଏକ ସଙ୍ଗେ ନ ଘଟି ଥାନ୍ତେ ଅଥବା ଅନ୍ତତଃ ପରସ୍ପର ସହିତ ସମାନ ତାଲରେ ଚାଲି ନଥାନ୍ତେ, ତେବେ ମଣିଷର ଜନ୍ମ ହୋଇ ନଥାନ୍ତା । ତା'ର ହାଡ଼ଗୁଡ଼ିକ ଅସ୍ଥଳା ହୋଇ ଅତୀତର ବାଲି ପଥରରେ ବସ୍ତୁୀଭୂତହୋଇ ରହିଥାନ୍ତା । ଏଇ ଘଟଣାଟି ଜଟିଳ:—

୧ । ତା'ର ମସ୍ତିଷ୍କ ଆକାରରେ ପ୍ରାପ୍ତ ଉନ୍ନତଗୁଣ ହୋଇଥିଲା ।

୨ । ଏଇ ଉନ୍ନତଗୁଣ ବୃଦ୍ଧି ଗର୍ଭରେ ନୁହେଁ, ଜନ୍ମ ପରେ କ୍ଷିପ୍ର ବେଗରେ ଘଟିଥିଲା ।

୩ । ଜନ୍ମବେଳେ ମଣିଷ ମସ୍ତିଷ୍କର କେତେକ ସୁନିର୍ଦ୍ଦିଷ୍ଟ ପ୍ରବୃତ୍ତି ଲକ୍ଷ୍ୟ କରାଯାଏ । କ୍ରମଶଃ ସେ ସବୁକୁ ବର୍ଜନ କରି ଶିଶୁର ମସ୍ତିଷ୍କ ଅନ୍ୟମାନଙ୍କଠାରୁ ଜ୍ଞାନ ଆହରଣ କରିବାକୁ ଓ ସଦ୍‌ବ୍ୟବହାର କରିବାକୁ ଶିଖେ । ଏପରି ଶିକ୍ଷାପାଇଁ ମଣିଷର ଶୈଶବ ଯଥେଷ୍ଟ ଦୀର୍ଘାୟିତ ହୋଇଥିଲା ।

୪ । ପଶୁମାନେ ବିଶେଷ ବିଶେଷ ଋତୁରେ ସ୍ତ୍ରୀ ସଙ୍ଗ କରିବାରେ ଅଭ୍ୟସ୍ତ । ଏପରି ସଙ୍ଗମ ଉପରୁ ମଧ୍ୟ ପାରିବାରିକ ବନ୍ଧନ ଗ୍ଲୁକ୍ ରହିଥିଲା ଓ ଚିରଜୀବ ହୋଇଥିଲା । ଏହାହିଁ ସେଇ ଅଦ୍ଭୁତ ନୂଆ ପ୍ରାଣୀ ଅର୍ଥାତ୍ ମଣିଷକୁ ପରିଣତ ବୟସର ଭୂମିକାରେ ଅଗ୍ରସର ହେବା ପାଇଁ ଦରକାର ଥିଲା ।

ଏଇ ସବୁ ପ୍ରଧାନ ପ୍ରଧାନ କାରଣମାନଙ୍କର ପ୍ରତ୍ୟେକଟି ସକାଶେ ଦେହବିଜ୍ଞାନଗତ ଅସଂଖ୍ୟ ଶ୍ରେଷ୍ଠ ଶ୍ରେଷ୍ଠ ସାମଞ୍ଜସ୍ୟ ବିଧାନ ଅତ୍ୟାବଶ୍ୟକ ଥିଲା । ତଥାପି ଏହାସବୁ ଯଥା—ବିକାଶର ଗତିବେଗରେ ପରିବର୍ତ୍ତନ, ଦୀର୍ଘାୟିତ ବୟୋବୃଦ୍ଧି, ମସ୍ତିଷ୍କରେ ଅଧିକା ରକ୍ତସରବରାହ—କ୍ଷିପ୍ର ଭାବରେ ଗ୍ଲୁ ହୋଇଥିଲା । ଏହା ଏପରି ଏକ ଦୃଶ୍ୟ ଥିଲା ଯାହା କଥା ଭାବିଲେ ମୁଣ୍ଡ ବୁଲିଯାଏ । ଏହା ସହିତ ତୁଳନା କଲାଭଳି ଅନ୍ୟକିଛି ଜଟିଳ ନାହିଁ । ଏଇ ଘଟନାର ଯେ କେବଳ ଅନେକ ଦିଗ ଥିଲା ତା ନୁହେଁ, ଏହା ଜଟିଳ ମଧ୍ୟ ଥିଲା । କେଉଁ ପରିସ୍ଥିତି ଏହା ଘଟାଇଥିଲା, ତାହା ଶହ ଶହ ବର୍ଷର ଗଛପଥର ଗଦା । ଆଜି ବି ଘୋଡ଼ାଇ ରଖିଛି ।

ହିମବାହ ଯୁଗର କୁହୁଡ଼ି ଘେରରେ ଥିବା ଅତୀତର କୌଣସି ଏକ ସମୟରେ ମସ୍ତିଷ୍କ କୋଷମାନଙ୍କର କ୍ଷିପ୍ର ଗତିରେ ସଂଖ୍ୟାବୃଦ୍ଧି କରିବାର ଏକ ଉପାୟ ପ୍ରକୃତି ଆବିଷ୍କାର କରିଥିଲା । ସେଇ ଉଦ୍ଦେଶ୍ୟ ସାଧନ ପଥରେ ଯାହା-କିଛି ଅଦରକାରୀ ଜଣାପଡ଼ିଲା, ପ୍ରକୃତି ସେ ସବୁକୁ ନିର୍ଦ୍ଦୟ ଭାବରେ ଲୋପକରି ଦେଇଥିଲା । ଆମ ଚମ ଉପରେ ବାଳ ଆଉ ରହିଲା ନାହିଁ, ଆମ ଗାଲପାଟି ଓ ଦାନ୍ତ ଆକାରରେ ଛୋଟହେଲା । ଆମ ଯୌନଜୀବନ ବିଲମ୍ବିତ ହେଲା, ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ଆମ ଶୈଶବ ସବୁଠାରୁ ଅସହାୟ ହେଲା । ଏପରି ଘଟିବାର କାରଣ, ଆମେ ମଗଜରେ କ୍ଷିପ୍ର ଗତିରେ ବେଙ୍ଗଛତୁ ପରି ବଢ଼ୁଥିବା କୋଷମାନଙ୍କର ବିକାଶପାଇଁ ସବୁକିଛି ସୁବିଧା ଯୋଗାଇବାକୁ ବାଧ୍ୟ ହେଲେ ।

ସବୁ ପ୍ରାଣୀଙ୍କଠାରୁ ମଣିଷ ବଡ଼ । ପୁଣି ମଣିଷର ସବୁ ବୈଶିଷ୍ଟ୍ୟ ମଧ୍ୟରେ ତା'ର ମସ୍ତିଷ୍କ ହେଉଛି ପ୍ରଧାନତମ । 'ବ୍ରିଟିଶ ମିଉଜିୟମ ଅଫ୍ ନ୍ୟାଚୁରାଲ୍ ହିଷ୍ଟ୍ରି'ର ପରିଚାଳକ ଗେଭିନ ଦ୍ୟ ବିଆର୍ ତାଙ୍କର ବହି (୧୯୫୧ ମସିହାରେ ପ୍ରକାଶିତ ସଂଶୋଧିତ ସଂସ୍କରଣ ) 'ମ୍ୟାଓଲ୍ ଆଣ୍ଡ୍ ଆନ୍‌ସେଷ୍ଟରସ୍'ରେ କହିଛନ୍ତି ଯେ, ଯଦି ଶୈଶବ ଦୀର୍ଘାୟିତ ହୁଏ ତେବେ ସେହି ଅନୁପାତରେ ଦୀର୍ଘ ଦିନ ପରିବର୍ତ୍ତନକ୍ଷମ ଭ୍ରୂଣସ୍ଥ ଜୀନ୍ର ଉପାଦାନମାନେ ସକ୍ରିୟ ରହିବାର ସମ୍ଭାବନା । ସ୍ପଷ୍ଟତଃ, ଏହି ପ୍ରକ୍ରିୟାରେ ମସ୍ତିଷ୍କ ବିକାଶ କ୍ଷିପ୍ରତର କରିବାର ଏକ ସମ୍ଭାବ୍ୟ ଉପାୟ ରହିଛି । ଆଦିମ 'ନିଉରୋନ୍‌ସ୍'ଟସ୍' ( ଅର୍ଥାତ୍ ଭ୍ରୂଣରେ ଯେଉଁ ସ୍ନାୟୁକୋଷମାନ ସ୍ଥାନ ପରିବର୍ତ୍ତନ କରନ୍ତି ସେମାନଙ୍କ )ର ପ୍ରାୟ ସମସ୍ତ ଅଂଶକୁ ସିମ୍ପାଞ୍ଜୀ, ଗରିଲା ପ୍ରଭୃତି ଲାଙ୍ଗୁଡ଼ହୀନ ବାନରମାନେ ସଦ୍‌ବ୍ୟବହାର କରନ୍ତି ନାହିଁ । କାରଣ, ତାଙ୍କର ଜୀବନଚକ୍ର ମଣିଷଠାରୁ କମ୍ ଓ ମସ୍ତିଷ୍କ ବିକାଶ ମଣିଷଠାରୁ ଧୀର ଗତିସମ୍ପନ୍ନ । ସେପରି ସଦ୍‌ବ୍ୟବହାର ମଣିଷ ପକ୍ଷରେ ସମ୍ଭବ ହୁଏ ମଣିଷ ଶିଶୁର ଦୀର୍ଘତର ଓ କ୍ଷିପ୍ରତର ମସ୍ତିଷ୍କ ବିକାଶରେ । ଯଦିଓ ଏପରି ବିକାଶ ଏକସଙ୍ଗେ ଦୀର୍ଘ ଓ କ୍ଷିପ୍ରହେବା ପରସ୍ପର ବିପରୀତ କଥା ବୋଲି ମନେହୋଇ ପାରେ । ଅର୍ଥାତ୍, ଦେହ ଭିତରେଥିବା ଘଣ୍ଟା ଲାଙ୍ଗୁଡ଼ହୀନ ବାନରଙ୍କ ମସ୍ତିଷ୍କ ବିକାଶର ଗତିକୁ ଗୋଟିଏ ସୀମା ଭିତରେ ବାନ୍ଧି ଦେଇଛି । ଆମେ ଦେଖି ସାରିଛୁ ଯେ, ମଣିଷର ପୂର୍ବପୁରୁଷମାନେ ସେଇ ସୀମାରୁ କୌଣସି

ପ୍ରକାରରେ ଖସି ଯାଇଛନ୍ତି । ଉପରେ ଯାହା କୁହାଗଲା ତାହା ଏକ ଜଟିଳ ସମସ୍ୟାକୁ ସରଳ ଭାବରେ ବିବୃତ କରିବାର ଚେଷ୍ଟା ମାତ୍ର । କିନ୍ତୁ ବହୁକାଳ ପୂର୍ବରେ ଓ୍ୱାଲେସ୍ ଯେଉଁ ପ୍ରଶ୍ନ କରିଥିଲେ ତାହାର ଜବାବର ଆଭାସ ଏଥିରୁ ମିଳେ । ସେ ପ୍ରଶ୍ନ ଥିଲା—ବଞ୍ଚିବା ପାଇଁ ଲଢ଼େଇରେ ଯେଉଁ ସବୁ ଗୁଣର ପ୍ରୟୋଜନ ହୁଏ, କାର୍ଯ୍ୟକ୍ଷେତ୍ରରେ ସେଥିରୁ କେତେକର ମୂଲ୍ୟ କମ୍ ହେଲେହେଁ କଳାସୃଷ୍ଟି ସମ୍ପର୍କିତ ସେଇ ସବୁ ଗୁଣରେ ମଣିଷର ମାନସିକ ଜୀବନ ଏତେ ସମୃଦ୍ଧ ଓ ଅଭିଭୂତ ହେଲା କିପରି ?

ମସ୍ତିଷ୍କ ବିକାଶର ଏଇସବୁ ସମ୍ଭାବନା ଯେତେବେଳେ ସକ୍ରିୟ ହେବାକୁ ଆରମ୍ଭ କଲା, ସେତେବେଳେ ସେଗୁଡ଼ିକ ମଣିଷକୁ ଏପରି ଏକ ନୂଆ ଜଗତକୁ ଘେନିଗଲେ ଯହିଁରେ ପୁରୁଣା ନିୟମମାନ ପୁରାପୁରି ଅଚଳ । ଭାଷା କ୍ଷେତ୍ରରେ ପ୍ରତୀକ ଧର୍ମୀ ବୃଦ୍ଧିର କ୍ଷେତ୍ରରେ ପ୍ରତ୍ୟେକ ଅଗ୍ରଗତି ସଙ୍ଗେ ସଙ୍ଗେ ମସ୍ତିଷ୍କ ଭିତରେ ଥିବା କୋଷଗୁଡ଼ିକର ସଂଖ୍ୟାବୃଦ୍ଧି ହେଲା । ଏହା ଖୁବ୍ ତାତ୍ପର୍ଯ୍ୟ-ମୂଳକ ଘଟନା ଯେ, ବିକାଶ ପଥରେ ପୂର୍ଣ୍ଣ ପରିଣତି ଆସିଲା ମସ୍ତିଷ୍କରେ ଥିବା ସେଇ ସବୁ ଗୁଣର ଯେଉଁଗୁଡ଼ିକ ସବୁଠାରୁ ପ୍ରାଚୀନ ଏବଂ ଜୀବନ ପଦ୍ଧତି ସହିତ ସବୁଠାରୁ ବେଶି ସମ୍ପୃକ୍ତ । ଏଥିରୁ କେତେକ ସ୍ନାୟୁତତ୍ତ୍ୱବିତ୍ ସନ୍ଦେହ କରନ୍ତି ଯେ, ମଣିଷ ଜାତିର ଭବିଷ୍ୟତରେ ଏପରି ଅନ୍ୟାନ୍ୟ ସମ୍ଭାବନାର ଅବକାଶ ଅଛି । ତାଙ୍କ ମତବାଦ ପଛରେ ଯେ ଯୁକ୍ତି ନାହିଁ, ତାହା କହି ହେବ ନାହିଁ ।

ଏବେ ବି ଆମେ ଦେଖିଛୁଁ ଯେ ବ୍ୟକ୍ତିବିଶେଷର ମସ୍ତିଷ୍କ କେତେ କେତେ ଗୁଣରେ ଅତି ସମୃଦ୍ଧ । ଏଇ ସମୃଦ୍ଧି ତା'ପକ୍ଷରେ ଅଚ୍ଛେଦ୍ୟ । କିନ୍ତୁ ବ୍ୟକ୍ତିବିଶେଷର ଏପରି ମସ୍ତିଷ୍କ ତ ଶ୍ରେଷ୍ଠ ଗୋଟିଏ କେନ୍ଦ୍ର ମାତ୍ର । ସମାଜର ଯଦି ଏକ ବିଶାଳ ମସ୍ତିଷ୍କ ଅଛି ବୋଲି କଳ୍ପନା କରାଯାଏ, ତେବେ ତାହା ଗଢ଼ି ଉଠିଛି ଏଇ ସବୁ ଶ୍ରେଷ୍ଠ ଶ୍ରେଷ୍ଠ କେନ୍ଦ୍ରମାନଙ୍କର ସମନ୍ୱୟରେ । ସେଇ ବିରାଟ ସାମାଜିକ ମସ୍ତିଷ୍କ ଚିରଦିନ ଅମର ରହିବାର ସମ୍ଭାବନା ଅଛି, ଯେଉଁ ମସ୍ତିଷ୍କର ସ୍ମୃତିଶକ୍ତି ଭିତରେ ଜମା ରହିଛି ପୃଥିବୀର ଚିନ୍ତାବୀରଙ୍କ ଜ୍ଞାନ । ଭବିଷ୍ୟତ ସମ୍ବନ୍ଧରେ ଚିନ୍ତାରେ ବିଭୋର ହୋଇ ବୈଜ୍ଞାନିକ ହ୍ୟାଲ୍‌ଡେନ୍

କଳ୍ପନା କରିଛନ୍ତି ଯେ, ଯଦି ଆମର ମସ୍ତିଷ୍କ ବିକାଶ ମନ୍ଥରହୁଏ ତାହାହେଲେ ଆମର ଶୈଶବ ଆୟୁର ଦୀର୍ଘ ଓ ପରିଣତ ବୁଦ୍ଧିର ଆବିର୍ଭାବ ବିଲମ୍ବିତ ହୋଇପାରେ ।

ଅବଶ୍ୟ, ବର୍ତ୍ତମାନର ଆରାମପ୍ରଦ ଅବସ୍ଥାରେ ଏହା ସମ୍ଭବବୋଲି କଳ୍ପନା କରି ହୁଏନା ଯେ, ମଣିଷଠାରେ ପରିବର୍ତ୍ତନର ଗତି ପୁଣି କେବେ ସେଇ କ୍ଷିପ୍ର ବେଗ ଅର୍ଜନ କରିବ ଯାହା ସେ ଜାଣିଥିଲା ବହୁପୂର୍ବରେ, ଯେତେବେଳେ ସେ ପୃଥିବୀରୁ ଲୋପ ପାଇବା ବିରୁଦ୍ଧରେ ଲଢ଼ୁଥିଲା । ସ୍ୱର୍ଗୋଦ୍ୟାନର ଆଖ୍ୟାୟିକାକୁ ଯେତେ ଶିକ୍ଷାପ୍ରଦ ବୋଲି ମଣିଷ ଭାବେ, ଏହା ତା'ଠାରୁ ଅଧିକ ତାତ୍ପର୍ଯ୍ୟମୂଳକ । କାରଣ, ପୃଥିବୀର ଉଷାକାଳରେ ଘୋର ଅନ୍ଧାର ଭିତରେ ସ୍ମୃତିଶକ୍ତିହୀନ ମଣିଷ ହିଁ ପ୍ରକୃତରେ ବୁଲୁ ବୁଲୁ ଠାଏ ବସି ଆଶ୍ଚର୍ଯ୍ୟ ହୋଇ ନିଜର ଚଉଡ଼ା କପାଳ ଉପରେ ହାତ ଆଉଁଶୁ ଥିଲା । ଭୂତ ଭବିଷ୍ୟତର ଜ୍ଞାନ, ଅଜ୍ଞାନର ଅନ୍ଧାର, ପାପ ପୁଣ୍ୟର ବିଚାର ସେଇଦିନୁ ତା ସଙ୍ଗେ ସଙ୍ଗେ ଚାଲିଛି । ପ୍ରଥମ ଓ ଦ୍ୱିତୀୟ ତୁଷାର ଯୁଗର ମଧ୍ୟବର୍ତ୍ତୀ ସ୍ୱଳ୍ପ ସମୟ ମଧ୍ୟରେ ମଣିଷ ଦେହ ଭିତରେ ଥିବା ପଶୁ ତା'ର ସେଇ ଭବିତବ୍ୟ ବାନ୍ଧି ଦେଇଥିଲା । ସେଇ ସ୍ୱଳ୍ପ କାଳୀନ ମଧ୍ୟବର୍ତ୍ତୀ ସମୟରେ ମଣିଷର ଆତ୍ମାର ଗହନରେ ଭୟ ଓ ଏକାକିତ୍ୱର ଏକ ନୂଆ ଜଗତ ସୃଷ୍ଟି ହୋଇଥିଲା ।

ଚାରି ଅର୍ବୁଦ ବର୍ଷ ଭିତରେ ସେଇ ପ୍ରଥମ ଥର ଗୋଟିଏ ଜୀବନ୍ତ ପ୍ରାଣୀ ନିଜ ସମ୍ବନ୍ଧରେ ଚିନ୍ତା କରିଥିଲା ଓ ହଠାତ୍ ନିଃସଙ୍ଗ ବୋଧ କରି ଘାସ ଭିତରେ ପବନର ଚୁପ ମର୍ମରଧ୍ୱନି ଶୁଣିଥିଲା । କାହିଁକି ସେ ନିଃସଙ୍ଗ ବୋଧ କରିଥିଲା, କହିହେବ ନାହିଁ । ବୋଧହୁଏ ସେ ଜାଣିଥିଲା ଯେ, ଥଣ୍ଡା ପାଣି ପାଖରେ ଥିବା ସେଇ ଘାସ ଭିତର ଦେଇ ତାକୁ ଏକ ପର୍ଯ୍ୟାପ୍ତ ପର୍ଯ୍ୟଟନ କରିବାକୁ ପଡ଼ିବ । ବୋଧହୁଏ ସେପରି ଭୟ ମିଶ୍ରିତ ଭାବନା ଆଜି ମଧ୍ୟ ସେଇ ଲୋକମାନଙ୍କର ହୃଦୟକୁ ବିଚଳିତ କରେ ଯେଉଁମାନେ ଲୋକାରଣ୍ୟ ଘର ଭିତରୁ ପଦାକୁ ଆସି ମହାବ୍ୟୋମକୁ ଅନାଇ ସ୍ୱସ୍ତି ପାନ୍ତି ଓ ବହୁ ମାଇଲ୍ ବ୍ୟାପୀ ଶୂନ୍ୟରେ ଯେ ପର୍ଯ୍ୟନ୍ତ ଗୋଟିଏ ମାତ୍ର ତାରା ଦିଶୁଥାଏ ସେ ପର୍ଯ୍ୟନ୍ତ ସେହିପରି ଅନାଇ ଥାନ୍ତି ।

# ଭବିଷ୍ୟତର ମଣିଷ

ଅନେକ ସମୟରେ ମଣିଷର ଭବିଷ୍ୟତ ସମ୍ବନ୍ଧରେ ମୁଁ ଅଯଥା ହତାଶ ହୋଇ ପଡ଼େ । ସମସ୍ୟାର ଧାରା ବିଶ୍ଳେଷଣ କରିବା ମୋର ବୃତ୍ତି । କିନ୍ତୁ ଖୋଲା ଖୋଲି ଭାବରେ ମୁଁ ସ୍ୱୀକାର କରୁଛି ଯେ କେବେ କେବେ ମୁଁ ପ୍ରତିଜ୍ଞା କରିଛି ଏପରି ବୃତ୍ତି ଗ୍ରହଣ କରିବି ନାହିଁ । ମହାକାଳର ରହସ୍ୟ ବ୍ୟାଖ୍ୟା କରୁଥିବା ଧାଡ଼ି ଧାଡ଼ି ବହିରେ ମୋ ଜ୍ଞାନ ଭର୍ତ୍ତି । ଚୂନମାଟିର ପଡ଼ିଆ ଗାତରେ ପଥର ଭିତରେ ଲୁଚିଥିବା ଫାଟରେ ଅନନ୍ତ କାଳର ଚିହ୍ନ ସନ୍ଧାନ କରି ଖୋଳୁ ଖୋଳୁ ମୋର ହାତ ଖଣ୍ଡିଆ ଖାବରା ହୋଇଯାଇଛି । ମୃତ ଅତୀତର ଜୀବାଶ୍ମଗୁଡ଼ାକ ଆଡ଼କୁ ଏକାଗ୍ରମନରେ ମୁଁ ଏତେ ଅନାଇଛି ଯେ ଖପୁରି କଙ୍କାଳ ଗୁଡ଼ାକର ମୁହଁରେ ମୃତ ପ୍ରାଣୀମାନେ ମୋ ପାଖରେ ମୂର୍ତ୍ତି ଧରି ଜୀବନ୍ତ ହୋଇ ଉଠିଛନ୍ତି । ମୁଁ ତାଙ୍କୁ ଚିହ୍ନି ପାରେ, ତାଙ୍କ ସହିତ କେବେ କେବେ ନିଜର ସାଦୃଶ୍ୟ ଅନୁଭବ କରେ, କେବେ ବା ଘୃଣାବୋଧ କରେ ।

ଏକ ବଡ଼ ସହରର ଯାଦୁଘରର ଆଲ୍‌ମାରିରେ ଏପରି ଏକ ଖପୁରି ଅଛି, ଯାହାର ପରିଚୟ ପତ୍ରରେ ଖାଲି ଲେଖାଅଛି 'ସ୍ତ୍ରାଣ୍ଡଲୁପାର, ଦକ୍ଷିଣ ଆଫ୍ରିକା," । ସେହି ଖପୁରିର ଗଠନ ବୈଶିଷ୍ଟ୍ୟକୁ ଅନାଇ ମୁଁ ଯେତେ ଦୀର୍ଘ ସମୟ ବ୍ୟୟ କରିଛି ସେତେ ସମୟ ଧରି କୌଣସି ଜୀବନ୍ତ ମଣିଷ ମୁଁ ଦେଖି ନାହିଁ । ମୁଁ ସେଠାକୁ ଅନେକ ଥର ଯାଇଛି, ଇଚ୍ଛା ନଥିଲେ ମଧ୍ୟ ଗୋଟାଏ ଆକର୍ଷଣରେ ଓଟାରି ହୋଇ ଚାଲି ଯାଇଛି । ଆମ ଶୈଶବରେ ଯେଉଁ ସବୁ ଅବିଶ୍ୱାସ୍ୟ ଗପ ଆମେ ଶୁଣୁଁ ତାହା ସେହି ଖପୁରି ମୁହଁରେ ବାସ୍ତବ ରୂପ ପରିଗ୍ରହ କଲପରି ମନେହୁଏ । ଓ୍ୱେଲ୍‌ସ୍‌ଙ୍କ ଲେଖା 'ଟାଇମ୍ ମେସିନ୍' ବହିରେ ଯେଉଁ ଲୋକମାନେ ବର୍ଣ୍ଣିତ, ସେହି ଖପୁରିରେ ତାଙ୍କର ଆଭାସ ମିଳେ । ସୁଦୂର ଭବିଷ୍ୟତରେ ଆମ ପୃଥିବୀ ଗ୍ରହର ମୁମୂର୍ଷୁ ଅବସ୍ଥାରେ ଥିବା

ସହରମାନଙ୍କର ହେମନ୍ତରତୁ ବାସିନ୍ଦା ସେଇ ସବୁ ଅସହାୟ ପିଲକଥା ଲୋକଙ୍କୁ ଓସ୍ୱେଲସ୍ ନିଖୁଣ ଭାବରେ ଚର୍ଚ୍ଚିତ କରିଛନ୍ତି ।

କିନ୍ତୁ ସମସ୍ତ ଯନ୍ତ୍ରର ସାହାଯ୍ୟରେ ଭାବୀଯୁଗ ଭିତରଦେଇ ଏଇ ଖବର ଆମ ପାଖକୁ ଫେରି ଆସି ନାହିଁ । ବରଂ ଏହା ବହୁ ଶତାବ୍ଦୀର ଅତୀତ ଯୁଗର କାହାଣୀ । ଏଥିରେ ଆଧୁନିକ ମଣିଷର ଯେଉଁ ବ୍ୟଙ୍ଗଚିତ୍ର ଅଛି ତାହାର କାରଣ ଏହାର ଆଦିମତା ନୁହେଁ, ବରଂ ଏହାର ବିସ୍ମୟକର ଆଧୁନିକତା । ନିଜର ଯୁଗସୀମା ଡେଇଁ ଏହା ଆଶ୍ଚର୍ଯ୍ୟ ଭାବରେ ଆଧୁନିକ । ଏଥିରେ ନିହିତ ଅଛି ଏକ ରହସ୍ୟମୟ ଭବିଷ୍ୟଦ୍‌ବାଣୀ ଓ ସାବଧାନ ହେବାର ସଙ୍କେତ । କାରଣ, ମଣିଷ ସମ୍ବନ୍ଧରେ ଗବେଷକ ଗ୍ରହମାନେ ଯେତେବେଳେ ଭାବୀ ମଣିଷ ବିଷୟରେ ତାଙ୍କର ଧାରଣା ପ୍ରସାରିତ କରୁଛନ୍ତି ସେତେବେଳେ ଏଇ ଖବର ଜରିଆରେ ଜଣାପଡ଼େ ଯେ, ଭବିଷ୍ୟତର ସେଇ ପ୍ରାଣୀ କାଳେ ଯେ ଆସି ସାରିଲେଣି ତାହା ନୁହେଁ ପୃଥିବୀରେ ବାସକରି ମରି ସାରିଲେଣି ମଧ୍ୟ ।

ଆଧୁନିକ ମଣିଷର ନିଜ ସମ୍ବନ୍ଧରେ କୌତୂହଳର ଶେଷ ନାହିଁ । ଆମେ ବାରମ୍ବାର ଆଶ୍ୱସ୍ତ ହେବାକୁ ମଧ୍ୟ ଇଚ୍ଛୁକ । ଆମର ଉଚ୍ଛ୍ୱସିତ ଆତ୍ମବିଶ୍ୱାସ ତଳେ ରହିଛି ଭୟ । ଯେଉଁ ଭବିଷ୍ୟତକୁ ଆମେ ନିଜେ ସୃଷ୍ଟି କରୁଛୁ ତାହାର ସମ୍ବନ୍ଧରେ ଆମର ଡର ବଢ଼ୁଛି । ଏହିପରି ମିଜାଜ୍ ଯୋଗୁ ଆମେ ଆମର ପ୍ରିୟ ସାମୟିକ ପତ୍ରର ପୃଷ୍ଠା ଓଲଟାଉ ଏବଂ ପ୍ରାୟତଃ ସେଥିରେ ଭାବୀ ମଣିଷର ବର୍ଣ୍ଣନା ଦେଖିବାକୁ ପାଉ ।

ସେସବୁ ବର୍ଣ୍ଣନା କେବେ ହେଲେ ନୈରାଶ୍ୟକର ନୁହେଁ । ଉଚ୍ଚ କୋଟିର ଆସ୍ଥା ସହ ସେସବୁ ବର୍ଣ୍ଣନା ଏକମାତ୍ର ଆମରି ପରି ମଣିଷ ଜାତିକୁ ନେଇ ଗଢ଼ି ଉଠିଛି ଓ ତାହା ସୂକ୍ଷ୍ମ ଭାବରେ ଆମର ପ୍ରଶଂସାରେ ପୂର୍ଣ୍ଣ । ମୋର ଜଣେ ବିଶିଷ୍ଟ ସହକର୍ମୀ ମଣିଷ ସମ୍ବନ୍ଧରେ ଏପରି ଭବିଷ୍ୟଦ୍‌ବାଣୀ କରିବାରେ ଧୁରନ୍ଧର; ନିଜର ଚଉଡ଼ା ଚନ୍ଦା କପାଳର ଏକପ୍ରକାର ଅପାର୍ଥିବ ବ୍ୟାଖ୍ୟା ଦେଇ ସେ ଥରେ କହିଥିଲେ ଯେ ଭାବୀ ମଣିଷର ଚେହେରା କିପରି ହୋଇବ ଏହା ତାହାର ଏକ ଦୃଷ୍ଟାନ୍ତ । ଚନ୍ଦା ମୁଣ୍ଡ ପାଇଁ ତାଙ୍କର ମୁଣ୍ଡ ବ୍ୟଥା ନାହିଁ—ଭବିଷ୍ୟତର ମଣିଷ ତ ଏକପ୍ରକାର ଚନ୍ଦା ହେବ !

କେବେ କେବେ ଗ୍ରହମାନଙ୍କୁ ମୁଁ ଏଇ ଚିତ୍ର ଦେଖାଏ । ସେମାନେ ସେଥିରୁ ଖୁବ ଆରାମ ପାଆନ୍ତି । ଯଥା ସମୟରେ କେହି ନା କେହି ଜଣେ ଖୁବ ମେଧାବୀ ପୁରୁଷ ମାନବ ଜାତିର ତ୍ରାଣ ଘଟାଇବ—ଏହାହିଁ ଆମର ଧାରଣା । ମୋର ବନ୍ଧୁଙ୍କ ଚିତ୍ରିତ ଖୁବୀ ମଣିଷର ଛବି ଦେଖି ଗ୍ରହମାନେ କହନ୍ତି— 'ଠିକ୍ ଅଛି । ଯଥାର୍ଥରେ କେହି ଜଣେ ସବୁ ଜିନିଷ ଉପରେ ନଜର ରଖୁଛି ଦେଖ ! ଆମର ମୁଣ୍ଡର ଆକାର କ୍ରମଶଃ ବଡ ଓ ଆମର ଦାନ୍ତ କ୍ରମଶଃ ଶ୍ରେଷ୍ଠ ହୋଇଛି ।'

ତାଙ୍କର ଏଇ ଉକ୍ତିରେ ଶୁଣିବାକୁ ମିଳିବ ତାରୁଣ୍ୟର ଆତ୍ମ ବିଶ୍ୱାସର ବାଣୀ—ସେ ବିଶ୍ୱାସ ମୋର ସହକର୍ମୀ ଓ ମୁଁ ବକ୍ତୃତା ଜରିଆରେ ତାଙ୍କ ମନରେ ଜନ୍ମାଇଛୁ । ଗ୍ରହଙ୍କ ମତ ପରିବର୍ତ୍ତନ କରାଇବାରେ ତ ମୋର ସହକର୍ମୀ ଓସ୍ତାଦ୍ । ସମସ୍ତ ସମୟରେ ମୋ ମନ ମଧ୍ୟ ତାଙ୍କର ଉତ୍ସାହରେ ଭରି ଉଠେ । ନୈରାଶ୍ୟ ବୋଧ କଲେ ମୁଁ ସେଇ ଆସ୍ଥା, ସେଇ ଉତ୍ସାହ ଫେରି ପାଇବାକୁ ବ୍ୟାକୁଳ ହୁଏ । କିନ୍ତୁ.........

ଗୋଟାଏ ଜିନିଷ ଉଲ୍ଲେଖ କରିବାରେ ଆମର ସାହସର ଅଭାବ ରହିଛି । ପାଠକେ ବିଶ୍ୱାସ କରନ୍ତୁ ବା ନ କରନ୍ତୁ, ଏହା ସତ ଯେ ଏପରି ଏକ ଘଟଣା ଇତିପୂର୍ବରେ ଘଟି ସାରିଛି ଏବଂ ତାହା ଘଟିଛି ଅତୀତରେ ଆଜିଠାରୁ ପ୍ରାୟ ଦଶ ହଜାର ବର୍ଷ ଆଗରୁ । ସେଥିରେ ସଂପୃକ୍ତ ଥିଲା ବଡ଼ ଆକାରର ମସ୍ତିଷ୍କ ଓ ଶ୍ରେଷ୍ଠ ଦାନ୍ତଥିବା ଖୁବୀ ମଣିଷ ।

ଏସବୁ ତାହାକୁ କୌଣସି ସିଦ୍ଧାନ୍ତରେ ପହଞ୍ଚାଇ ନ ଥିଲା ।ସୁତରାଂ କହି ହେବ ଯେ, ବୋଧହୁଏ ମଣିଷର କୌଣସି ଭବିଷ୍ୟତ ନାହିଁ କିମ୍ବା ଯଦି ବା ତାହା ଥାଏ ତେବେ ହୁଏତ ତାହା ମିଳିବ ଦକ୍ଷିଣ ଆଫ୍ରିକାର କୌଣସି ସମୁଦ୍ର କୂଳର ଏକ ଶ୍ରେଷ୍ଠ ହାଡ଼ଗଦା ଭିତରେ ।

ଏ ବହିର ପାଠକେ ଅନେକେ ହୁଏତ ଗୋରା ଜାତିର । ଆମକୁ ଏକଥା ଭାବିବାକୁ ସୁଖ ଲାଗେ ଯେ, ଖୁବୀ ମଣିଷ ଗୋରା ହେବ । ଏହା ଆମର ଅହଂ ଭାବକୁ ଖୁସୀ କରେ । କିନ୍ତୁ ମୁଁ ଅତୀତରେ ଥିବା ଯେଉଁ ଖୁବୀ ମଣିଷ କଥା କହୁଛି ସେ ଗୋରା ନ ଥିଲା । ସେ ଆଫ୍ରିକାର ବାସିନ୍ଦା ଥିଲା । ତୁମ ଆମର

ମସ୍ତିଷ୍କ ଠାରୁ ତା' ମସ୍ତିଷ୍କ ବଡ଼ ଥିଲା । ତା'ର ମୁଖ ମଣ୍ଡଳ ଥିଲା ପିଲାଳିଆ, ସିଧା ଓ ଗ୍ଲେଟ ।

'ଫୋଟାଲାଇଜେସନ୍' ବା 'ପେଡ଼ୋମର୍ଫିଜମ୍'ର ସରଳ ଅର୍ଥ— ପରିଣତ ବୟସରେ ମଧ୍ୟ ସେଇ ସବୁ ଦୈହିକ ବୈଶିଷ୍ଟ୍ୟ ରହିଲୁ ରହିଲା' ଯାହା କି ଉଦ୍‌ବର୍ତ୍ତନ ଇତିହାସର ଏକ ପୂର୍ବବର୍ତ୍ତୀ ପର୍ଯ୍ୟାୟରେ ପ୍ରକୃତରେ ଶିଶୁ ସୁଲଭ ଥିଲା । କୌଣସି ଜନ୍ତୁ ପରିଣତ ବୟସ୍କ ହେଲାବେଳକୁ ଏସବୁ ଲକ୍ଷଣ କ୍ଷିପ୍ର ଗତିରେ ଉଭେଇ ଯାଏ । ଅନେକ ପଣ୍ଡିତ ମନେ କରନ୍ତି ଯେ, 'ଫୋଟାଲାଇ-ଜେସନ୍' ଏପରି ଏକ ମୁଖ୍ୟ ପ୍ରକ୍ରିୟା ଯଦ୍ୱାରା ଆଜିର ମଣିଷ ତା'ର ଦଶ ଲକ୍ଷ ବର୍ଷ ଆଗର ହିଂସ୍ର ଚେହେରାକୁ ତ୍ୟାଗକରି ପାରିଛି । ଶୈଶବକୁ ଦୀର୍ଘାୟିତ କରି ପାରିଛି ଓ ମଗଜର ଆକାରକୁ ବଢ଼ାଇ ପାରିଛି ।

ଆଜିର ବଡ଼ ବଡ଼ ଲାଞ୍ଜହୀନ ବାନରଙ୍କ ଜୀବନେତିହାସ ବିଶ୍ଳେଷଣ କରି ତାଙ୍କର ବିକାଶ ଧାରା ସଙ୍ଗେ ଯଦି ଆମେ ମଣିଷର ବିକାଶ ଧାରା ତୁଳନା କରିବା, ତେବେ ଦେଖାଯିବ ଯେ ଉଭୟଙ୍କର ଶୈଶବ ଅବସ୍ଥା ଯେତେ ଅନୁରୂପ, ସେତେ ତାଙ୍କର ପରିଣତ ବୟସର ଅବସ୍ଥା ନୁହେଁ । ଜନ୍ମବେଳେ ଆମେ ଦେଖିଛୁଁ ଯେ, ଗରିଲାର ମଗଜ ମଣିଷ ଶିଶୁର ମଗଜର ପ୍ରାୟ ସମାନ । ମୁହଁର ଚେହେରାରେ ଗରିଲା ଏବଂ ମଣିଷ ଶିଶୁର ଖୁବ୍ ସାଦୃଶ୍ୟ ଥାଏ । ବୟସ ହେଲେ ଉଭୟଙ୍କର ସାଦୃଶ୍ୟ ସେତେ ରହେନାହିଁ । ଏହାର କାରଣ – କାଳକ୍ରମେ ଗରିଲା ଶିଶୁଠାରେ ଏକ ପ୍ରକାଣ୍ଡ ଶକ୍ତିଶାଳୀ ଓ ଆଗ ଆଡ଼େ ଲମ୍ବା ହୋଇଥିବା ମୁହଁର ବିକାଶ ଘଟେ । ତା'ର ଖପୁରିର ହାଡ଼ ଗୁଡ଼ାକ ଶୀଘ୍ର ଶୀଘ୍ର ଟାଣ ହୋଇଯାଏ, ତା'ର ମସ୍ତିଷ୍କ ଆଉ ଖୁବ୍ କମ୍ ବଢ଼େ ।

ମଣିଷ ମସ୍ତିଷ୍କର ବିକାଶ ଏହାର ଠିକ୍ ବିପରୀତ । ପ୍ରଥମେ ଏହା ଝଡ଼ର ଭଳି ହଠାତ୍ ଉନ୍ନତି ଲାଭ କରେ । ତା'ପରେ ଦୀର୍ଘ ଯୌବନ କାଳ ଭିତରେ ଏହାର ବିକାଶ ବଢ଼ି ଚାଲେ । ତା'ର ମଗଜର ହାଡ଼ ପରିଣତ ବୟସ ଯାଏ ନମନୀୟ ଥାଏ । ବିଳମ୍ବରେ ତା'ର ଦାନ୍ତ ବାହାରେ । ଅନ୍ତରେ ମଧ୍ୟ ତା'ଠାରେ ପୁରୁଷ ଗରିଲା ବା ଶିମ୍ପାଞ୍ଜୀ ସୁଲଭ ଲଢ଼ୁଆ ମନୋବୃତ୍ତିର ବିକାଶ ଓ ବଡ଼ ଆକାରର ଟାଣ ଖପୁରିର ବୃଦ୍ଧି ଅଟକି ରହିଯାଏ ।

ଏହା ପରବର୍ତ୍ତୀ ଦୀର୍ଘାୟିତ ଶୈଶବ ଜରିଆରେ ମଣିଷ ଶିଶୁ ଯେଉଁ ପରିଣତ ଅବସ୍ଥାକୁ ଆଗେଇ ଯାଏ ସେଥିରେ ପିଲାବେଳର ମସୃଣ କପାଳ ବିଶିଷ୍ଟ ଖପୁରି ତଥାପି ଦେଖାଯାଏ । କପାଳ ତଳେ ନଗଣ୍ୟ ହୋଇ ଖୋସା ହୋଇଥାଏ ତା'ର ଗାଲପାଟି । ଲାଞ୍ଜହୀନ ବାନରଙ୍କ ଗାଲପାଟି ଭଳି ତାହା ପ୍ରକାଣ୍ଡ ନୁହେଁ କି ସେଥିରେ ହାଡ଼ ପରି ମାଂସପେଶୀର ଚିହ୍ନ ଦିଶେନା । ଯେଉଁସବୁ ଗ୍ରନ୍ଥି ପ୍ରାଣୀର ବିକାଶକୁ ଶକ୍ତିଶାଳୀ କରନ୍ତି ଅଥବା ଦମିତ କରନ୍ତି, ମଣିଷର ଉଦ୍‌ବର୍ତ୍ତନ ଧାରାରେ ସେଗୁଡ଼ିକ ଉନ୍ନତର ଗତିକୁ କମାଇ ଦେଇ ତାର ଆୟୁକୁ ବଢ଼ାଇ ଦେଇଥିଲେ । ଏହା କିପରି ଭାବରେ ଘଟିଥିଲା, ତାହା ଆମକୁ ଅଜଣା । ଆମର ଅପହାସ୍ୟ କିନ୍ତୁ ସଯତ୍ନଲାଳିତ ଶୈଶବ ଯୋଗୁଁ ଆମର ମସ୍ତିଷ୍କ ବିକାଶ ସକାଶେ ଦୀର୍ଘତର ସମୟ ମିଳେ ଏବଂ ଏହାରି ଅପ୍ରତ୍ୟକ୍ଷ ଫଳସ୍ୱରୂପ—ବଡ଼ ଗାଲପାଟି ଥିବା ଆମ ପୂର୍ବପୁରୁଷ ଲାଞ୍ଜହୀନ ବାନର ସଦୃଶ ପରିଣତ ଅବସ୍ଥାଠାରୁ ମଣିଷର ବିକାଶ ଧୀରେ ଧୀରେ ଅଲଗା ହୋଇଯାଇଛି ।

ପରିଣତ ବୟସର ବହୁକାଳ ଯାଏ ଆଧୁନିକ ମଣିଷ ନିଜର ଯୌବନ ସୁଲଭ ପ୍ରଫୁଲ୍ଲତା ଓ ସଜାଗ ମାନସିକ ଅଭ୍ୟାସ ସବୁ ବଜାୟ ରଖେ । ବଡ଼ ବଡ଼ ପୁରୁଷ ଗରିଲା, ସିମ୍ପାଞ୍ଜୀ ପ୍ରଭୃତିଙ୍କ କ୍ଷେତ୍ରରେ ଏହାର ବିପରୀତ ଘଟେ । ସେମାନେ ପରିଣତ ବୟସରେ ଯୌବନର ବନ୍ଧୁଙ୍କ ସଙ୍ଗେ କ୍ରୀଡ଼ାକୌତୁକର ମନୋବୃତ୍ତି ହରାଇ ପକାନ୍ତି । ଅବଶେଷରେ ସେମାନଙ୍କର ଜଦା ବୃହଦାକାର ମଗଜ ଭର୍ତ୍ତି ହୁଏ ଏକ ଶ୍ଳଥ, ନୃଶଂସ ଏବଂ ପ୍ରାୟତଃ ବିଷର୍ଣ୍ଣ ମସ୍ତିଷ୍କରେ । ବୟସ ବଢ଼ୁଥିଲା ବେଳେ, ମୋଟା ଖପୁରି ଥିବା ଆମ ପୂର୍ବଗାମୀମାନେ ଜୀବନ ଆଡ଼କୁ ଖୁସି ମନରେ ଅନାଉଥିଲେ କି ନାହିଁ—ସନ୍ଦେହ ।

ସୁତରାଂ ଆମେ ପିଲାଳିଆ 'ପେଡ୍ରୋମର୍ଫସ୍' ହେଲେହେଁ ଗରିଲା, ସିମ୍ପାଞ୍ଜୀ ପ୍ରଭୃତିଙ୍କ ବଂଶଧାରାର ପରିଣତ ଫଳ । ସେ ଧାରାରେ ଆୟୁ ବଢ଼ିଛି ଏବଂ କୈଶୋର ଦୀର୍ଘାୟିତ ହୋଇଛି । ଆମର ଯୁଗ ପରିବେଶକୁ ଅନାଇ କହିହେବ ଯେ, ଆମେ ସଭ୍ୟ । ଆମେ ନରମ ଖାଦ୍ୟ ଖାଉ । ଏସ୍କିମୋ ଶିଶୁଟିଏ ଆମଠାରୁ ଟାଣ ଜିନିଷ ଚୋବାଇପାରେ । ଆମର ଗାଲପାଟି ଶ୍ଳଥ ହୋଇଆସୁଛି,

ଆମ ଜ୍ଞାନଦନ୍ତ ହଡେଇ ଯାଉଛି । ଏସବୁ ହେଲା ନୂଆ ଧରଣର ଲକ୍ଷଣ । ଆମ ମଗଜ ଆଖି ଉପରକୁ ମାଡ଼ିଆସୁଛି । ଆମ ଭିତରେ ଯେଉଁମାନଙ୍କ ଲଢ଼େଇ କରିବା ପେଶା ସେମାନଙ୍କଠାରେ ମଧ୍ୟ, ଭ୍ରୂଯୁଗଳ ମଧ୍ୟରେ ଯୁବକ ଗରିଲାର ଯେଉଁ ହାଡ଼ ଦେଖାଯାଏ ତାହା ନାହିଁ । ଏସବୁ ଲକ୍ଷଣରୁ କ୍ରମାଗତ ଓ ଅକାଟ୍ୟ ଇସାରା ମିଳୁଛି ଯେ, ଆମ ଖପୁରି ଖୋଳ ଆହୁରି ହାଲୁକା ହୋଇଯିବ ଓ ଗାଲପାଟି ବେଶି ଚେପା ହୋଇ ଆସିବ ।

ଅଧୁନିକ ମଣିଷଠାରେ ଏପରି ସମ୍ଭାବନା ବଜାୟ ରହିଲେ କି ପରିସ୍ଥିତି ଘଟିବ ତାହା ଭାବନ୍ତୁ ତ ! ସେ ଅବସ୍ଥାରେ ସାଧାରଣତଃ ଆମ ଖପୁରି ଖୋଳର ଯେଉଁ ଆୟତନ ଦେଖାଯାଏ ତାହା ଦୁଇ ଶହ ଘନ ସେଣ୍ଟିମିଟର ବଢ଼ିଯିବ ଓ ସଙ୍ଗେ ସଙ୍ଗେ ସେଇ ଅନୁପାତରେ ଆମ ମୁଖମଣ୍ଡଳ ଛୋଟ ହୋଇ ଆସିବ । ସୁତରାଂ ଏବେ ଆମ ମସ୍ତିଷ୍କର ଆକାର ଓ ମୁଖମଣ୍ଡଳର ଆକାର ଭିତରେ ଯେଉଁ ଅନୁପାତ ଅଛି ତାହା ଖୁବ୍ ବଢ଼ିଯିବ । ଦକ୍ଷିଣ ଆଫ୍ରିକାର ସେଇ ଆଦିମ ଅଧିବାସୀଙ୍କଠାରେ ତାହାହିଁ ଘଟିଥିଲା ।

କିନ୍ତୁ ନା, ପାଠକେ ଆପତ୍ତି ଉଠାଇ ପାରନ୍ତି ଯେ, ଏଇ ସମଗ୍ର ପ୍ରକ୍ରିୟାଟି କେତେକାଂଶରେ ସଭ୍ୟତା ଉପରେ ନିର୍ଭର କରେ ଓ ସଭ୍ୟତାରୁହିଁ ବାହାରିଛି । ମଣିଷର ଦେହ ଓ କୃଷ୍ଟି ପରସ୍ପରକୁ ପ୍ରଭାବିତ କରିଥାଏ । ଦେହଗତ ଭବିତବ୍ୟ ଉପରେ ସେତିକିଯାଏ ଆମର ପ୍ରଭୁତ୍ୱ ଅଛି । ଆମ ଦେହ ଭିତରେ ଏଇ ଯେଉଁ ରହସ୍ୟମୟ ପରିବର୍ତ୍ତନ ଘଟୁଛି ତାହା କେବଳ ଗୋଟିଏ ବିନ୍ଦୁରେ ସଙ୍କୁଚିତ ହୋଇଛି ବୋଲି କହି ହେବ । ବିନ୍ଦୁ ଭିତରେ ସିନ୍ଧୁ ପରି ପୃଥିବୀପୃଷ୍ଠରେ ଆମର ଶ୍ରେଷ୍ଠ କୀର୍ତ୍ତି ଅର୍ଥାତ୍ ଆମ ସଭ୍ୟତା ଏଇ ପରିବର୍ତ୍ତନର ଛୋଟ ପ୍ରତିବିମ୍ବ ।

ତେବେ ମୁଁ ଏପରି ମତ ବିଶ୍ୱାସ କରୁଥିଲି । ଏଥିରେ ମୋର ଆନ୍ତରିକ ଆସ୍ଥା ଥିଲା । ଅନେକ ସମୟରେ ଏହା ମୋ ପାଖରେ ଭାରି ଯୁକ୍ତିଯୁକ୍ତ ମନେ ହୁଏ । ମୋର ମନେପଡ଼େ ସହକର୍ମୀଙ୍କ ଚିତ୍ର । ସେ ଚିତ୍ରରୁ ଭାବୀ ମଣିଷର ପ୍ରଶସ୍ତ ଲଲାଟ, ସାଧୁ ସଦୃଶ ଭବ୍ୟ ମୁଖମଣ୍ଡଳ ମୋ ଆଡ଼କୁ ଅନାଇ ଥିଲା ପରି ମନେ ହୁଏ । ମୋର ବିଶ୍ୱାସ ବଢ଼ିଯାଏ । ସେ ମୁହଁରେ ଅଛି

ଆମ ମଣିଷ ଜାତିର ରୂପରେଖ । ମୋର ଗୋଷ୍ଠ ସେଇ ଜାତିର ଅନ୍ତର୍ଗତ । କିନ୍ତୁ ତଥାପି ମୁଁ ଜାଣିଛି ଯେ ସେ ମୁହିଁ ଏପରି କୌଣସି ଜାତିର ନୁହେଁ ଯାହା ଭିତରେ ସବୁଠାରୁ ବେଶି 'ହ୍ରୋଣ୍ଟାଲାଇଜେସାନ' ଘଟିଛି ଓ ଯେଉଁ ଜାତିର ମଣିଷର ମଗଜ ସବୁଠାରୁ ବଡ଼ । ଇତିହାସ ଲେଖା ଆରମ୍ଭ ହେବା ପୂର୍ବରୁ ସେ ଜାତିର ଲୀଳାଖେଳା ସଙ୍ଗୋଇଥିଲା । ସେ ଖେଳ ଚାଲିଥିଲା ପୃଥିବୀର ଏକ ଅଖ୍ୟାତ ସମୁଦ୍ର କୂଳରେ । ଆଫ୍ରିକାର ସେଇ ଖାଉଣ୍ଡିରେ ପାଳିଥିବା ଜାହାଜ ବି କେବେ ପହଞ୍ଚି ନଥିଲା । ସେଠାରେ ମଣିଷ ଦଳ ଦଳ ହୋଇ ପଥର କାଟି ମସୃଣ କରୁଥିଲେ, ଠିକ୍ ଯେପରି ଇଉରୋପର ଉତ୍ତର ପଟେ ଜମି ଉପରେ ବହୁତ ବରଫ ଧୂଳି ଜମିଥିଲା ବେଳେ ଆମ ଗୋତ୍ରମାନଙ୍କର ପୂର୍ବପୁରୁଷମାନେ କରୁଥିଲେ ।

ସେମାନେ ସଭ୍ୟ ଲୋକ ନଥିଲେ, ଗୋତ୍ର ମଧ୍ୟ ନଥିଲେ । କିନ୍ତୁ ଆସନ୍ତା କାଲିର ମଣିଷ ସାଙ୍ଗରେ ଦେହର ପ୍ରତ୍ୟେକ ପ୍ରଧାନ ପ୍ରଧାନ ଅଙ୍ଗରେ ତାଙ୍କର ସାଦୃଶ୍ୟ ଦେଖାଯାଏ । ଅସଭ୍ୟଙ୍କ ପରି ଆଦିମ ଖାଦ୍ୟ କଞ୍ଚା ଖାଇ ସେମାନେ ଭାବୀ ମଣିଷର ଉଚ୍ଚ ସାହାଯ୍ୟରେ ପହଞ୍ଚିଥିଲେ । ତାଙ୍କର ଦାନ୍ତ ଟାଣ ନଥିଲା । ସେସବୁ ଦାନ୍ତର ଆକାର ଶ୍ରେଷ୍ଠ ଓ ସୁନ୍ଦର ଥିଲା । ତାଙ୍କ ଗାଲପାଖି ଥିଲା ଭଙ୍ଗୁର । ସେମାନଙ୍କ ଭିତରେ ଅଦ୍ଭୁତ ଭାବରେ କ୍ଷିପ୍ର ବେଗରେ ଯେଉଁ ପରିବର୍ତ୍ତନ ଘଟୁଥିଲା ଏ ସବୁ ତାହାର ଲକ୍ଷ୍ୟଣୀୟ ପ୍ରମାଣ । ତାଙ୍କ ପାରିପାର୍ଶ୍ୱିକରୁ ଏସବୁ ଲକ୍ଷଣର କୌଣସି ବ୍ୟାଖ୍ୟା ଅନୁମାନ ମିଳିବ ନାହିଁ । ସେମାନେ ନିଶ୍ଚୟ ଆସନ୍ତା କାଲିର ସନ୍ତାନ—ଭୁଲ କରି ସିଂହ ଗହଳ ଥିବା ବର୍ଷା ଓ ବାଲିର ଦେଶରେ ଜନ୍ମିଥିଲେ ।

ସାଧାରଣତଃ ଆମେ ଭାବିବାକୁ ଅଭ୍ୟସ୍ତ ଯେ ଆଫ୍ରିକା କଳା ଲୋକଙ୍କର ମହାଦେଶ ; କିନ୍ତୁ ତାହା ସେପରି ନୁହେଁ । ଅନ୍ୟାନ୍ୟ ମହାଦେଶ ପରି ସେଥିରେ ମିଶିଛି ଏପରି ସବୁ ବିଚିତ୍ର ଉପାଦାନ ଯେ ଆମେ ତାର ସମାଧାନ କରିବାକୁ ବିବ୍ରତ ହେଉ । ଜନ୍ମ ସୂତ୍ରର ହିସାବରେ ସେଥିରେ ଅଛି ବିଭିନ୍ନ କୁଳ ଓ ବଂଶ । ସେଥିରେ ଏପରି ଅନେକ ଗୋଷ୍ଠପ୍ରବର ପରଂପରା ଅଛି, ଯାହାଙ୍କ ବଂଶ ରକ୍ତର ଧାରା ନିର୍ଣ୍ଣୟ କରିବା ଅସମ୍ଭବ । ତାଙ୍କ ବିଷୟରେ ଆମେ ସାମାନ୍ୟ

ମାତ୍ର ଜାଣିଛୁ । ଜାଣିଛୁ ଯେ, ସେମାନେ ଦକ୍ଷିଣ ଆଫ୍ରିକାର ଅନ୍ତରୀପ ପାଖ ସମୁଦ୍ର ଉପରେ ଚରୁଥିବା ପାଣି ଚଢ଼େଇମାନଙ୍କୁ ଘଉଡ଼ି ଦେଉଥିଲେ । ସେଇମାନେ କି ଥିଲେ ଅସଲରେ ପ୍ରଥମ ମଣିଷ । ଯେପରି ଲେଖକ ଆଉ କେବେ ହେଲେ ମଣିଷ ଜାତିର ଆଖିରେ ପଡ଼ି ନାହିଁ କେବଳ ଗୋଟିଏ ବ୍ୟତିକ୍ରମ ଛଡ଼ା, ସେ ବ୍ୟତିକ୍ରମ ହେଉଛି—କ୍ୱଚିତ୍‌କଦବା ତାଙ୍କର ବଂଶଧରଙ୍କର ଅଧସ୍ତନ ପୁରୁଷର ଜଣେ ଅଧେ ଭିତରେ ତାଙ୍କର ନମୁନା ମିଳୁଛି । ଆଫ୍ରିକାର କାଲାହାରି ମରୁଭୂମି ଅଞ୍ଚଳର ବାସିନ୍ଦା ଆଧୁନିକ 'ବୁଶ୍‌ମ୍ୟାନ' ଜାତୀୟ ଲୋକଙ୍କ ସଙ୍ଗେ ତାଙ୍କର କ୍ଷୀଣ ସମ୍ପର୍କ ଦେଖାଯାଏ । କିନ୍ତୁ 'ବୁଶମ୍ୟାନ' ଦେହ ଓ ବୁଦ୍ଧିରେ ବାମନ ଏବଂ ଚରମ ଅବଲୁପ୍ତି ପଥରେ ଶୀଘ୍ର ଶୀଘ୍ର ଅଗ୍ରସର । କିନ୍ତୁ ବୁଶମ୍ୟାନଙ୍କ ପୂର୍ବଗାମୀ ସେଇ ପ୍ରାଚୀନ ଆଫ୍ରିକାର ବାସିନ୍ଦାମାନେ ଓ୍ୱେଲସ୍‌ଙ୍କ ବହି 'ଟାଇମ ମେସିନ'ରେ ବର୍ଣ୍ଣିତ ଭାବୀ ଯୁଗର ଦୀର୍ଘାକାର 'ହଇନା' ପରି ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଚାଲି ପାରୁଥାନ୍ତେ ।

ଦକ୍ଷିଣ ଆଫ୍ରିକାର ସମୁଦ୍ରକୂଳ ଅଞ୍ଚଳ ସାରା ଅଛି ଏପରି ସବୁ ମଣିଷ ଜାତିର ହାଡ଼କଙ୍କାଳ—ଯାହାଙ୍କର କୌଣସି ତୁଳନା ନାହିଁ । ସେସବୁ କେବଳ ଯେ ପ୍ରାଚୀନ ପଥୁରିଆ ପାହାଡ଼ର ଗୁହାର ତଳ ସ୍ତରମାନଙ୍କରେ ମିଳେ ତାହା ନୁହେଁ, ସମୁଦ୍ରରୁ ଦୂରରେ, ମହାଦେଶର ଭିତରେ ତୁଷାର ଯୁଗର ବାଲିଗରଡ଼ା ଓ ଅନ୍ୟାନ୍ୟ ଆଦିମ ଭୂସ୍ତରମାନଙ୍କରେ ମଧ୍ୟ ଅଛି । ସମୟର ହିସାବରେ ସେମାନେ ଆମଠାରୁ ଏତେ ସୁଦୂର ଅତୀତର ଯେ, ତାଙ୍କ ବ୍ୟବହୃତ ଗୁହା ଓ ସମୁଦ୍ରକୂଳରେ ଥିବା ମାଟିଗଦା ଭିତରେ ଅନୁସନ୍ଧାନ ଚଲାଇ ଥିବା ପ୍ରଥମ ପ୍ରତ୍ନତାତ୍ତ୍ୱିକମାନେ ଆଶା କରିଥିଲେ ଯେ, 'ନିଆନ୍‌ଡାରଥାଲ୍ ମ୍ୟାନ୍' ପରି ବହୁପ୍ରାଚୀନ ଓ ମଣିଷର ଆଦିମ କୌଣସି ପୂର୍ବପୁରୁଷଙ୍କର ଅସ୍ତିତ୍ୱ ମିଳିବ । କିନ୍ତୁ ତାହା ପରିବର୍ତ୍ତେ ଖୋଳିଲାବେଳେ ତାଙ୍କ କୋଦାଳର ମୂନରେ ବାହାରିଥିଲା ମଣିଷ ଜାତିର ଏକ ଅଚହ୍ନା ଶାଖାର ଆଭାସ । ବିଖ୍ୟାତ ଇଂରେଜ ଶାରୀରବିଦ୍ୟା ବିଶେଷଜ୍ଞ ସାର ଆର୍‌.ଆର୍‌. କୀଥ୍‌ଙ୍କ ମତରେ 'ପ୍ରାଚୀନ ବା ଆଧୁନିକ ଯେ କୌଣସି ୟୁରୋପୀୟ ଜାତିର ମସ୍ତିଷ୍କ ଠାରୁ ପରିମାଣରେ' ସେଇ ଅଚହ୍ନା ଲୋକଙ୍କ ମସ୍ତିଷ୍କ ଖୁବ୍ ବେଶି ବଢ଼ିଯାଇ ଥିଲା ।

କିନ୍ତୁ, ଖାଲି ସେତିକି ନୁହେଁ, ଦକ୍ଷିଣ ଆଫ୍ରିକାର 'କେପ୍‌ଟାଉନ୍' ବିଶ୍ୱବିଦ୍ୟାଳୟର ଆର୍ଥର୍ ଡ୍ରେନାନ୍ ସେପରି ଏକ ଲୋକର କଙ୍କାଳ ସମ୍ବନ୍ଧରେ ମନ୍ତବ୍ୟ କରିଛନ୍ତି ଯେ, ଶରୀର ସଂସ୍ଥାନ ଦୃଷ୍ଟିରୁ ତାହା ଏକ ବିସ୍ମୟକର ନମୁନା । 'ପ୍ରାୟ ପ୍ରତି କ୍ଷେତ୍ରରେ ଏହା ୟୁରୋପୀୟମାନଙ୍କୁ ବଳିଯାଏ ଓ ଅତି ଆଧୁନିକ ପରି ମନେହୁଏ । ଅର୍ଥାତ୍ ଯେ କୌଣସି ଆଧୁନିକ ଖପୁରି ତୁଳନାରେ ସିମ୍ପାଞ୍ଜୀ ଗରିଲା ପ୍ରଭୃତିଙ୍କ ସଙ୍ଗେ ଏହାର ସାଦୃଶ୍ୟ କମ୍ । ଆର୍ଥର୍ ଡ୍ରେନାନ୍‌ଙ୍କ ମତରେ ମୁଁ ଯେଉଁ ଅଦ୍ଭୁତ 'ଫୋଟାଲାଇଜେସନ୍' କଥା ଆଗରୁ କହିଛି ତାହାହିଁ ସେଇ ଅତି ଆଧୁନିକତାର କାରଣ ।

ଜଣକ ମସ୍ତିଷ୍କର ବଡ଼ ଆୟତନ ଯୋଗୁ ସେ ଖପୁରି ବିଶେଷ ଚମକପ୍ରଦ । କିନ୍ତୁ ତାହାଠାରୁ ଅଧିକ ଚମକପ୍ରଦ ହେଉଛି ସେଇ ଖପୁରିର ଭିତ୍ତିଭୂମି ଓ ମୁଖମଣ୍ଡଳ ଅଂଶ ସହିତ ତା'ର ମଗଜ ଖୋଳର ସମ୍ପର୍କ । ନାକର ମୂଳଠାରୁ ମେରୁଦଣ୍ଡର ଉପର ଭାଗ ଯେଉଁଠାରେ ଫିଟିଛି, ସେ ପର୍ଯ୍ୟନ୍ତ ବ୍ୟାପୀ ଖପୁରିର ଭିତ୍ତିଭୂମି । ସେଇ ଅଚିହ୍ନା ଲୋକଙ୍କର ଖପୁରିର ଏଇ ଭିତ୍ତିଭୂମି ବଙ୍କା ଓ ଚେପ୍ଟ । ଏଇ ଲକ୍ଷଣ ଆଜିର ମଣିଷ ଶିଶୁଠାରେ ଦେଖାଯାଏ । ପରିଣତ ବୟସ୍କ ଲୋକର ମୁଖ ମଣ୍ଡଳ ଗଠନ କରିବାରେ ସାହାଯ୍ୟ କରିବା ସକାଶେ ବଢ଼ିଯିବା ପୂର୍ବରୁ ଆମ ଶିଶୁଙ୍କ ଖପୁରିର ଭିତ୍ତି ଠିକ୍ ସେହି ଅଚିହ୍ନା ପ୍ରାଚୀନ ଆଫ୍ରିକାବାସୀଙ୍କ ପରି ବଙ୍କା ଓ ଚେପ୍ଟ ଥାଏ । କିନ୍ତୁ ତାଙ୍କ ଖପୁରିର ଭିତ୍ତି ଚିରକାଳ ସେପରି ବଙ୍କା ଓ ଚେପ୍ଟ ଥିବାରୁ ତାହା ଉପରେ ମସ୍ତିଷ୍କ ବଢ଼ିଲାବେଳେ ତାଙ୍କ କପାଳ ଆଖି ଉପରେ ଖୁବ୍ ବେଶି ମାଡ଼ି ଆସୁଥିଲା । ତେଣୁ ତାଙ୍କ ମୁଖ ମଣ୍ଡଳ ସ୍ପଷ୍ଟ ଭାବରେ ଭ୍ରୂତଳେ ସଙ୍କୁଚିତ ହୋଇ ଯାଉଥିଲା । ସେ ମୁଖମଣ୍ଡଳରେ ଏପରି କିଛି ଲକ୍ଷଣ ନାହିଁ ଯାହା ସହିତ ଅସଲ ନିଗ୍ରୋମାନଙ୍କ ତଳ ଆଡ଼ୁ ବାହାରକୁ ବଢ଼ିଥିବା ମୁଖ କୋଣର ସମ୍ବନ୍ଧ କାଢ଼ି ହେବ । ଆର୍ଥର୍ ଡ୍ରେନାନ୍ ଯଥାର୍ଥ କହିଛନ୍ତି ଯେ 'କକେଶିୟ' ମଣିଷଜାତିର ନିକଟରେ ତୌଳିଲେ ମଧ୍ୟ ସେଇ ଅଚିହ୍ନା ଆଫ୍ରିକାବାସୀଙ୍କ ଖପୁରି 'ଅତି ଆଧୁନିକ' ମନେ ହେବ । ସେମାନଙ୍କ ଖପୁରିର ତଳ ଭାଗ ବଢ଼ୁଥିଲା ସ୍ପଷ୍ଟତଃ ଠିକ୍ ଆମ ଶିଶୁଙ୍କ ପରି ଧୀର ଭାବରେ । ସଙ୍ଗେ ସଙ୍ଗେ ତାଙ୍କ ମସ୍ତିଷ୍କ ଲମ୍ବ ଓସାରରେ ବିରାଟ

ହୋଇ ପୂର୍ଣ୍ଣ ପରିଣତ ହେଉଥିଲା । ଏହି ମସ୍ତିଷ୍କରେ ହିଁ ଲୁଚିଥିଲା ଗଢ଼ର ଧର୍ମ ।

'ବୋସ୍କୋପ୍'ଠାରେ ଏପରି ଖପୁରି ମିଳିଥିବାରୁ ସେହି ପ୍ରାଚୀନ ଆଫ୍ରିକାବାସୀଙ୍କୁ 'ବୋସ୍କୋପ' ବା 'ବୋସ୍କୋପଏଡ୍ସ' କୁହାଯାଏ । ଗଠନ ରୀତି ଓ ଅନୁପାତ ହିସାବ ଅନୁସାରେ ଏମାନଙ୍କ ପଥର ହୋଇ ଯାଇଥିବା ଖପୁରି ବିଶ୍ଳେଷଣ କଲେ ଆମେ ଦେଖୁ ଯେ ଖପୁରିର ଆୟତନ ଓ ମୁଖମଣ୍ଡଳ ଭିତରେ ଅନୁପାତ ପ୍ରାପ୍ତ ୫ : ୧; ଏହା ଭାରି ଆଶ୍ଚର୍ଯ୍ୟର କଥା । କାରଣ, ଆଧୁନିକ ୟୁରୋପୀୟଙ୍କଠାରେ ଦେଖାଯାଏ—ଏହି ଅନୁପାତ ପ୍ରାପ୍ତ ୩ : ୧ । ଏହି ହିସାବରୁ ଉଲ୍ଲେଖଯୋଗ୍ୟ ଭାବରେ ଜଣାପଡ଼େ ଯେ, ସେହି ପ୍ରାଚୀନ ଲୋକଙ୍କର ମୁଖ ମଣ୍ଡଳ କେତେ ବେଶୀ 'ଆଧୁନିକ' ହୋଇ ଉଠିଥିଲା ଓ ତାହା ସେମାନଙ୍କ ମସ୍ତିଷ୍କ ବିକାଶ ତୁଳନାରେ କେଡ଼େ ଅପ୍ରଧାନ ଥିଲା । ଏକଥା ସତ ଆଶ୍ଚର୍ଯ୍ୟ ରୋନାଲଡ୍ ସିଙ୍ଗର ସମ୍ପ୍ରତି ଯୁକ୍ତି କରିଛନ୍ତି ଯେ, 'ବୋସ୍କୋପ୍'ମାନଙ୍କୁ ବୁଶ-ମ୍ୟାନଙ୍କ ଠାରୁ ଅଲଗା ବୋଲି ବିଚାର ହେବ ନାହିଁ । କାରଣ, ବୁଶମ୍ୟାନ ସମ୍ପ୍ରଦାୟଠାରେ 'ବୋସ୍କୋପଏଡ୍' ଲକ୍ଷଣସବୁ ମିଳିପାରେ । କିନ୍ତୁ ବୋସ୍କୋପଙ୍କର ଯେଉଁ ଅଦ୍ଭୁତ ରକମର 'ପେଡୋମରଫିକ୍' ଓ ଅତି ଆଧୁନିକ ଲକ୍ଷଣ ସବୁ ଆମେ ଆଲୋଚନା କଲୁ ସେଗୁଡ଼ିକର ଅସ୍ତିତ୍ୱ ସେ ମଧ୍ୟ ଅସ୍ୱୀକାର କରି ନାହାନ୍ତି । ଖୁବ୍ ବେଶି ହେଲେ, କୀଥ୍ ଓ ଡ଼େନାନ୍ଙ୍କ ବିପକ୍ଷରେ ତାଙ୍କ ଯୁକ୍ତି ଏତିକି ଯେ ଦକ୍ଷିଣ ଆଫ୍ରିକାର ଜାତିମାନଙ୍କର ସମଗ୍ର ଇତିହାସରେ ଏପରି ସବୁ ଲକ୍ଷଣ କେବେ କେବେ ଅସଂଲଗ୍ନ ଭାବରେ ଏଠିସେଠି ବାହାରିଛି । କିନ୍ତୁ ଏବକାର କକେଶିୟାନ୍‌ମାନଙ୍କର ମୁହଁର ଗଠନ ଏହାର ବିପରୀତ; ଯଦିଓ ଆମେ ଏ ମୁହଁର ଗଠନ ଉନ୍ନତ ଧରଣର ମନେ କରୁ ଏହା ମଧ୍ୟ କୋଟିର ମାନ ।

ଏହାର ଦାନ୍ତଗୁଡ଼ିକ ଭାବୀ ମଣିଷର ଦାନ୍ତ ସମ୍ବନ୍ଧରେ ଆମର ଯେଉଁ ଧାରଣା ଅଛି ତାହାଠାରୁ ପୃଥକ୍ । ତଥାପି ଆଧୁନିକ ଆଜିର ମଣିଷ ସମ୍ବନ୍ଧରେ ଭବିଷ୍ୟଦ୍‌ବାଣୀରେ କଳ୍ପନା କରାଯାଏ ଯେ, କାଳକ୍ରମେ ଆମର କଲଦାନ୍ତଗୁଡ଼ିକ ଖସି ପଡ଼ିବ; ରହିବ ନାହିଁ । ଏହା

ସମ୍ଭବ ମନେହୁଏ କାରଣ, ଏ ଦାନ୍ତ ଅନେକ ସମୟରେ ବାହାରି ପାରେନାହିଁ, ଅନ୍ୟ ଦାନ୍ତ ଉପରେ ଚଢ଼ିଯାଏ ଓ ଆମକୁ କଷ୍ଟ ଦିଏ । 'ବୋସ୍କୋପ୍' ଜାତୀୟ ଲୋକଙ୍କର ଏପରି କ୍ଳେଶ ହେଉ ନଥିଲା । ତାଙ୍କର ଦାନ୍ତ ଥିଲା ଶ୍ରେଷ୍ଠ; ତାଙ୍କ ସୂକ୍ଷ୍ମ ଗାଲପାଟି ଅନୁପାତରେ ସେଗୁଡ଼ାକ ଥିଲା ପରିଷ୍କାର ଭାବରେ ଶ୍ରେଷ୍ଠ । ଆମକୁ ଯେଉଁ ସବୁ ଦନ୍ତରୋଗ କଷ୍ଟ ଦିଏ, ତାହା ତାଙ୍କର ନଥିଲା । ସେଇ ପ୍ରାଚୀନ ଆଫ୍ରିକା ଥିଲା ଶିକାରୀଙ୍କ ଜଗତ, ତେଣୁ ସେଠି ଦରକାର ଥିଲା—କଠୋର ନିଗ୍ରୋମାନଙ୍କ ପରି ବଳିଷ୍ଠ ଆଧୁନିକ ଧରଣର ଦାନ୍ତ । କିନ୍ତୁ ସେଠି ପ୍ରକୃତର ବସ୍ତୁର ଥିଲା ଅନ୍ୟ ରକମର । ଆଜିର ବିଳାସ ବହୁଳ ଆମେରିକାର ଶ୍ରେଷ୍ଠ ହୋଟେଲ 'ଓ୍ୱାଲଡର୍ଫ'ରେ ବସି ସେଇ ଦାନ୍ତ ଦ୍ୱାରା ଖାଦ୍ୟ ପଦାର୍ଥକୁ ସ୍ୱଚ୍ଛନ୍ଦରେ ଖାଇହେବ । ସେଥିରେ କିଛି କଡ଼ ମଡ଼ ଶବ୍ଦ ବାହାରି ହୋଟେଲରେ ଖାଉଥିବା ଅନ୍ୟାନ୍ୟ ଲୋକଙ୍କୁ ଡରାଇବ ନାହିଁ ।

କିନ୍ତୁ ତାଙ୍କ ମୁହଁ ଥିଲା ଅନ୍ୟ ରକମର । ଏହାର ଅଙ୍ଗପ୍ରତ୍ୟଙ୍ଗ ଗଠନରେ ଆମେ ଯେଉଁ ସବୁ ଲକ୍ଷଣ ଦେଖୁ, ତାହାଠାରେ ସମ୍ବନ୍ଧ ଅଛି ବାଙ୍ଗର ଆଧୁନିକ ବୁଶମ୍ୟାନ୍‌ମାନଙ୍କର ଓ ଆଫ୍ରିକାର ପଶ୍ଚିମ ଉପକୂଳର ବାସିନ୍ଦା କଳା ଲୋକଙ୍କ ଠାରୁ ସମ୍ପୂର୍ଣ୍ଣ ପୃଥକ୍ କେତେକ ପ୍ରାଚୀନ ନିଗ୍ରୋଜାତୀୟ ଉପବଂଶର । ବୁଶ-ମ୍ୟାନ୍‌ଙ୍କ ପରି ତାଙ୍କର ହଳଦିଆ ଧୂସର ରଙ୍ଗର ଚମ ଓ ମୁଣ୍ଡରେ ସିଧା ସଳଖ ଠିଆ ହୋଇଥିବା ଘନ ବାଳ ଥିଲା ବୋଲି ବିଶ୍ୱାସ କରିବାର କାରଣ ଅଛି । ସୁତରାଂ ନିଗ୍ରୋଜାତିର ଏକ ଶାଖା ପୃଥିବୀର ଇତିହାସରେ ସବୁଦିନ ପାଇଁ ଅତି ଆଧୁନିକତମ ମଣିଷ ସୃଷ୍ଟି କରିଥିଲା—ଅନ୍ତତଃ ଦେହ ସଂସ୍ଥାନ ଦୃଷ୍ଟିରୁ ବିଚାରିଲେ ଏହା କହି ହେବ । ଯଦି ସେମିତି ଲକ୍ଷଣ ସବୁ ଗୋରାଙ୍କ ଭିତରେ ଦେଖାଯାଇ ଥାନ୍ତା, ତେବେ ଏହା ନିଶ୍ଚିତ ଯେ, ଅନ୍ୟାନ୍ୟ ତଥାକଥିତ 'ନିକୃଷ୍ଟ' ଜାତିଙ୍କ ସଙ୍ଗେ ତୁଳନା କରି କୁହାଯାଇଥାନ୍ତା ଯେ, ସେମାନେ କେତେ ଶ୍ରେଷ୍ଠ ।

ଆମେ ଅବଶ୍ୟ ସେଇ ଚୂଡ଼ାନ୍ତ ପ୍ରଶ୍ନ ପୁଣି ଥରେ ପଚାରି ପାରୁ ଯାହାର କୌଣସି ଜବାବ ନାହିଁ—'ବୋସ୍କୋପ୍ ଜାତୀୟ ଲୋକଙ୍କ ପାଖରେ ଏଇ ବିସ୍ମୟକର ମସ୍ତିଷ୍କର କି ତାତ୍ପର୍ଯ୍ୟ ଥିଲା ? ତାଙ୍କର ଅଦ୍ଭୁତ ଓ ଅସାଧାରଣ

ଦେହ ଗଠନ ସମ୍ବନ୍ଧରେ ଆମେ ବିସ୍ତୃତ ପ୍ରକାଶ କରିପାରୁ । ଆମେ ଅବାକ୍ ହୋଇ ଭାବିପାରୁ ଯେ, ମଣିଷ ଦେହ ଭିତରେ କେତେ ରହସ୍ୟମୟ ଶକ୍ତି ଲୁଚି ରହିଛି । ସେଗୁଡ଼ିକର ଏତେ କ୍ଷମତା ଥିଲା ଯେ, ଅଚିରେମାତ୍ର ସକ୍ରିୟ ହେବାର ସୁଯୋଗ ପାଇଲା କ୍ଷଣି ତାହା ତୁଷାର ଯୁଗର ଠିକ୍ ଦ୍ୱାରଦେଶରେ ସେଇ ଅତି ଆଧୁନିକ ମଣିଷର ଆବିର୍ଭାବ ଘଟାଇଥିଲା ।

ସେଇ ଚମକପ୍ରଦ ଖପୁରିର ଖୋଲ ଭିତରେ ଭଗବାନଙ୍କ ଆଶୀର୍ବାଦ ସତ ପ୍ରକୃତରେ କୌଣସି ଉଚ୍ଚ କୋଟିର ମସ୍ତିଷ୍କ ଲୁଚିଥିଲା କି ନାହିଁ—ସେ ବିଷୟରେ ଆମେ ଦିନ ପରେ ଦିନ ବିତର୍କ ଚଳାଇପାରୁ । କରୁଣାର ହସ ହସି ଆମେ ତାର ତିଆରି ନିକୃଷ୍ଟ ଶାମୁକା ଗଦା ପ୍ରତି ଅନାଇ ପାରୁ, ଦେଖାଇପାରୁ ଯେ ତାର ଏକମାତ୍ର ଯନ୍ତ୍ରପାତି ଥିଲା ନିର୍ବୋଧ କେତେଗୁଡ଼ିଏ ପଥର । କିନ୍ତୁ ସେପରି ଦମ୍ଭର ହସ ହସିଲାବେଳେ, ଅନୁରୂପ ଯୁଗ ବା କାଳରେ ବାସ କରୁଥିବା ଆମର ନିଜର ବର୍ବର ପୂର୍ବପୁରୁଷଙ୍କୁ ଆମେ ଉପହାସ କରୁ ନା କି ? ୟୁରୋପର ତୁଷାର ଯୁଗର ଶେଷ ଆଡ଼କୁ କଳା କୃଷ୍ଟିର ଏକ ଉଚ୍ଚ ଧରଣର ଅନୁଭୂତି ଫୁଲ ପରି ମଣିଷ ମନରେ ଫୁଟିଉଠିଥିଲା । ଆମେ ଭୁଲିଯାଉ ଯେ ସେ ଅନୁଭୂତି ଆଫ୍ରିକାରେ ମଧ୍ୟ ଫୁଟିଥିଲା ଓ କାଲହାରି ମରୁଭୂମି ଅଞ୍ଚଳରେ ବାଙ୍ଗରି ବୁଶମ୍ୟାନଙ୍କ ମଧ୍ୟରେ ବି ବହୁକାଳ ତାଙ୍କ ଶାମୁକା ଗଦା ଓ ପଥର ଯନ୍ତ୍ରପାତି ସ୍ଥିର ରହିଥିଲା । ନା, ଏପରି କାରଣ ଦେଖାଇ ଆମେ ବୋସ୍କୋପ ଜାତୀୟ ଲୋକଙ୍କର ଦାବୀ ଉଡ଼ାଇ ଦେଇ ନପାରୁ । କାରଣ ଉଲ୍ଲେଖଯୋଗ୍ୟ ସମ୍ଭାବନା ମସ୍ତ କ୍ଷମତା ଥିଲେ ମଧ୍ୟ କେହି ଗତାଗତ ଉଚ୍ଚକୋଟିର ସଭ୍ୟତା ସୃଷ୍ଟି କରି ପାରେନା ।

କିନ୍ତୁ ଏହା ଆମେ ନିଶ୍ଚୟ କହିପାରୁ ଯେ, ବୋଧହୁଏ ତାଙ୍କର ମସ୍ତିଷ୍କର ଯାନ୍ତ୍ରିକ ବ୍ୟବସ୍ଥା ଖୁବ୍ ଶୀଘ୍ର ପ୍ରଗତି କରିଥିଲା । ବୋଧହୁଏ ଦୈହିକ ଦିଗରେ ସେମାନେ ସେତେ ପ୍ରସ୍ତୁତ ନ ଥିଲେ । ତେଣୁ ସେମାନେ ପ୍ରତିଯୋଗିତା କରି ନଥିଲେ ସେଇ ସବୁ ଅଧିକ ହିଂସ୍ର ଲୋକଙ୍କର ଅଭିଯାନ ବିରୁଦ୍ଧରେ । ତାହାଙ୍କ 'ଫୋଟାଲାଇଜେସନ' ଥିଲା ଗୁଣ । ଏକ ହିସାବରେ କହି ହେବ ଯେ, ଦେହ ଭିତରର ଗଢ଼ ସ୍ଥାନ କାଳ ଦୃଷ୍ଟିରେ ତାଙ୍କୁ ବହୁତ ବେଶି ଅଗ୍ରସର କରି

ଦେଇଥିଲା—ଦଶ ହଜାର ବର୍ଷ ପରେ ମଧ୍ୟ ତାଙ୍କ ପାଇଁ ଉପଯୁକ୍ତ ସମୟ ଆସି ନଥିଲା । ଆମେ ଏପରି କଳ୍ପନା ମଧ୍ୟ କରିପାରୁ ଯେ, ତାଙ୍କ ପ୍ରତିଦ୍ୱନ୍ଦୀଙ୍କ ତୁଳନାରେ ତାଙ୍କର ମନ ଭିତରେ ଅଧମ ନୃଶଂସତା ଉଣା ଥିଲା ।

ପ୍ରତିଷ୍ଠିତ କେତେକ ବିଶେଷଜ୍ଞଙ୍କ ମତ ଅନୁସାରେ ଯଦି ଆମେ ଆଜିର ବୁଶମ୍ୟାନମାନଙ୍କୁ ବୋସ୍କୋପ୍‌ମାନଙ୍କର ବଂଶଧର ବୋଲି ବିଚାରିବା, ତେବେ କହି ହେବ ଯେ, ବୋସ୍କୋପ୍‌ମାନଙ୍କ କ୍ଷେତ୍ରରେ ଉଦ୍‌ବର୍ତ୍ତନର ଦୁରନ୍ତ ବେଗ ସେମାନଙ୍କୁ ଅନ୍ୟ କେଉଁଠାକୁ ଚାଳିତ ନ କରି, ପରିଣତ କରିଥିଲା ଏକ ବାମନ ଓ ମୁମୂର୍ଷୁ ଜାତିରେ । ସୁତରାଂ ସମ୍ପୂର୍ଣ୍ଣ 'ଫୋଟୋଲାଇଜେସନ' ପଦ୍ଧତିର ଯୁକ୍ତିସଙ୍ଗତ ପରିଣତି ହେଲା ସଂଖ୍ୟାରେ ଅଧିକ ବର୍ଦ୍ଧିଷ୍ଣୁ ଓ ବେଶି ଆକ୍ରମଣେଚ୍ଛୁ ସମ୍ପ୍ରଦାୟଙ୍କ ପୃଷ୍ଠାବର୍ତ୍ତିଭାବରେ ବଞ୍ଚିବାର ଆପ୍ରାଣ ପ୍ରୟାସ । କିନ୍ତୁ ସେଇ ମହାନ୍ ପ୍ରଶ୍ନର ( ବୋସ୍କୋପ୍‌ଙ୍କ ଅସାଧାରଣ ମସ୍ତିଷ୍କ ସୃଷ୍ଟିର ଉଦ୍ଦେଶ୍ୟ କ'ଣ ଥିଲା ) କୌଣସି ଜବାବ, କୌଣସି ସୂତ୍ରରୁ ହେଲେ ଆଜିଯାଏ ମିଳିନାହିଁ । ଲାଇଟମାନେ ଲିଭିଯିବା ପରେ ଅନ୍ଧାର ହୋଇ ଆସୁଥିବା ଗବେଷଣାଗାର ଭିତରେ ପରଦାରେ ଝୁଲୁଥିବା ମୋର ସେଇ ବନ୍ଧୁଙ୍କ ପ୍ରଶଂସିତ ଅଲୋକଚିତ୍ରକୁ ମୁଁ ଅନାଇଥାଏ । ପୁଙ୍ଖାନୁପୁଙ୍ଖ ଭାବରେ ଲକ୍ଷ୍ୟ କରେ 'ଫୋଟାଲାଇଜେସନ' ପଦ୍ଧତିରୁ ଉଦ୍ଭୂତ ଉତ୍କର୍ଷର ବୈଶିଷ୍ଟ୍ୟଗୁଡ଼ିକୁ; ସେଇ ସବୁ ବୈଶିଷ୍ଟ୍ୟ ଜରିଆରେ ଚିତ୍ରଶିଳ୍ପୀ ଚେଷ୍ଟା କରିଛି ଭବିଷ୍ୟତ ବିକାଶର ଧାରା ଚିତ୍ରିତ କରିବାକୁ, ଯେଉଁ ବିକାଶ ଚିହ୍ନିତ—ପ୍ରସାରିତ ଖପୁରିରେ, ସୂକ୍ଷ୍ମ ମୁଖମଣ୍ଡଳରେ ।

ପଡ଼ି ପଡ଼ି କଳ୍ପନା କରିବାରେ ମୁଁ ବହୁକାଳରୁ ଅଭ୍ୟସ୍ତ । ତେଣୁ ସେଇ ଚିତ୍ର ଦେଖି ଦେଖି ମୋର ମନେହୁଏ ଯେ ଏହାର ସମସ୍ତ କିଛି ମୁଁ ଆଗରୁ ଦେଖିଛି । ଏପରି କି ସେଇ ଜୀବନ୍ତ ମଣିଷର ମାଂସ ଭିତର ଦେଇ ତା'ର ହାଡ଼ ଗୁଡ଼ାକ ବି ମୋର ନଜରକୁ ଆସିଛି । 'ଆଜି ପାସୋର ଯାଇଥିବା ଅନ୍ୟ ଏକ ଯୁଗର ଅନ୍ୟ ଏକ ଜାତିର ଛଦ୍ମବେଶ ଭିତରେ ମୁଁ ବୁଝିପାରେ ଯେ ଜୀବଦେହ ଅହରହ କେତେ ପରିବର୍ତ୍ତନ ଭିତର ଦେଇ କ୍ଷଣେ କ୍ଷଣେ ଗଢି କରୁଛି । ଜାଗତିକ ବୁଦ୍ଧିରେ ଆମେ ସିନା ଏହାକୁ ପ୍ରଗତି ବୋଲି ଆଖ୍ୟା ଦେଉ କିନ୍ତୁ ସବୁଦିନେ ଏହାର ତାତ୍ପର୍ଯ୍ୟ ଆମକୁ ଏଡ଼ିଯାଏ ।

ତେଣୁ କହିହେବ ଯେ, ଭାବୀ ମଣିଷ ଅଜ୍ଞାତରେ ଥରେ ଆସି ଆମର ଭିତରେ ରହି ସାରିଛି । ତା'ର ବୁଦ୍ଧି ଥିଲା ଅମାର୍ଜିତ, କିନ୍ତୁ ସେଥିରେ ଆଗ୍ରହର ଅଭାବ ନ ଥିଲା । ବିଦେଶ ଆଫ୍ରିକା ଭୂମିରେ ସେ ତା'ର ହାଡ଼ କଙ୍କାଳ ଛାଡ଼ିଯାଇଛି । ଉଦ୍‌ବର୍ତ୍ତନର ଧାରାକୁ ଆମେ ସଠିକ୍ ପାଠକଲେ ଜାଣିପାରିବା ଯେ ପୁଣି ଦଶ ଲକ୍ଷ ବର୍ଷପରେ ସେ ଆଉ ଥରେ ଆସି ପାରେ । ଉଦ୍‌ବର୍ତ୍ତନର ପ୍ରକ୍ରିୟା ହୁଏତ ତା'ର ଆବିର୍ଭାବର ଯୋଗ୍ୟତମ ମୁହୂର୍ତ୍ତ ଖୋଜୁଛି । କିମ୍ବା ତା'ର ଆବିର୍ଭାବ ମୁହୂର୍ତ୍ତରେ ବି ଏହା କଅଣ ସମ୍ଭବ ଯେ, ପୂର୍ବର ଏକ ଜାତି ଲୋପ ପାଇବ, ପୃଥିବୀରେ ତାଙ୍କର ଖେଳ ସରିଯିବ ? ସେ ଆସିବାର ଅର୍ଥ କଅଣ ଏହା ଯେ, ଆମେ ଲୋପ ପାଇଯିବା ?

ଆମ ଦେହ ଭିତରେ ଥିବା ଯେଉଁ ଯନ୍ତ୍ର କଥା ଆଗରୁ କହିଛି ତାହା ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା କିଛିମାତ୍ର ପ୍ରଭାବିତ ହୁଏ ନାହିଁ । ହୁଏତ ମଣିଷ ଜାତିର ଆୟୁ କେବେ ସରିଯିବ ତାହାର ସୀମା ନିର୍ଦ୍ଧାରିତ ହୋଇଛି । ମୋର ସହକର୍ମୀ ଭାବୀ ମଣିଷର ସୁନ୍ଦର ମୁହଁର ଯେଉଁ ଚିତ୍ର ଦେଇଛନ୍ତି ସେଥିରୁ ଏଇ ପ୍ରଶ୍ନହିଁ ପ୍ରକୃତରେ ଉଠେ । କେବେ କେବେ ମୋର ମନେ ହୁଏ, ବୋସ୍କୋପ୍ ଜାତିର ଲୋକେ ଏ ପ୍ରଶ୍ନର ଜବାବ ଦେଇ ଯାଇଛନ୍ତି । କିନ୍ତୁ ସେ ବିଷୟରେ ମୁଁ ନିଶ୍ଚିତ ନୁହେଁ, ନିଶ୍ଚିତରୂପେ ସେଇ ସତ୍ୟ ଜାଣିବାକୁ ମୁଁ ଭାରି ଉତ୍ସୁକ ।

ବୋସ୍କୋପ୍‌ମାନଙ୍କ ଖପୁରି ବା କଦବା କେତେବେଳେ ଦେଖାଯାଉଥିବା ତାଙ୍କର ଆଧୁନିକ ବଂଶଧରମାନେ ଆମକୁ ଅନ୍ୟତଃ ଗୋଟିଏ ତତ୍ତ୍ୱ ପରିଷ୍କାର ଭାବରେ ଜଣାଇ ଦିଅନ୍ତି ଯେ, ଯେଉଁମାନେ ଯୁକ୍ତି କରନ୍ତି ଯେ ମଣିଷର ବର୍ତ୍ତମାନ ମଗଜ ଖୋଲର ଆକାର ଓ ତା'ର ବସ୍ତି ଗହ୍ୱରର ସୀମିତ ହିସ୍ସା ଯୋଗୁଁ ମଣିଷର ମସ୍ତିଷ୍କ ଆଉ ବଢ଼ିବାର ସମ୍ଭାବନା ନାହିଁ, ସେମାନେ ଭୁଲ କରନ୍ତି । ବେଳେବେଳେ ବୋସ୍କୋପ୍‌ମାନଙ୍କ ଭିତରେ ଓ ତାଙ୍କ ଠାରୁ ଅଳ୍ପ 'ଫୋଟାଲାଇଜେସନ୍' ଘଟିଥିବା ଜାତିମାନଙ୍କ ଭିତରେ କ୍ୱଚିତ୍ କଦବା ଆଧୁନିକ ମଣିଷର ମଗଜ ଖୋଲର ହାରାହାରି ଆୟତନରୁ ଅନେକଗୁଣ ବଡ଼ ଆକାର ଦେଖାଯାଇଛି । ଜନ୍ମ ପୂର୍ବରୁ ମସ୍ତିଷ୍କର ଆକାର ବଢ଼ିବାରେ କିଛି ରହସ୍ୟ ନାହିଁ । ଆମେ ଦେଖିପାରିଛୁ ଯେ, ସେ ରହସ୍ୟ ବରଂ ଲୁଚି ରହିଛି ମଣିଷର

ଜନ୍ମ ପରବର୍ତ୍ତୀ ଏକବର୍ଷ ଜୀବନ ମଧ୍ୟରେ ଘଟୁଥିବା ଅଦ୍ଭୁତ କ୍ଷିପ୍ର ଗତି ଭିତରେ । ଏହାହିଁ ମଣିଷକୁ ଆହୁରି ଏକ ଉନ୍ନତ ଉନ୍ନତତର ସମାଜ ଜଗତକୁ ଘେନିଯାଏ ଯହିଁରେ ତା'ର ସାଥୀମାନଙ୍କର ପ୍ରବେଶ ନିଷେଧ । ଆଗାମୀ ଯୁଗମାନଙ୍କର ଦୀର୍ଘକାଳ ଭିତରେ ଜନ୍ମ ପରବର୍ତ୍ତୀ ଏଇ ବିକାଶ ଆହୁରି ବଢ଼ିଯିବା ସମ୍ଭବ କି ନୁହେଁ ତାହା କହିହେବ ନାହିଁ । କିନ୍ତୁ ସେଥିରେ ବୋଧହୁଏ ବେଶି କିଛି ଯାଏଆସେ ନାହିଁ । କାରଣ ମଣିଷ ଜଣଆରେ ପ୍ରକୃତ ଏକ ସମାଜ ପ୍ରେମୀ ମସ୍ତିଷ୍କ ସୃଷ୍ଟି କରିଛି । ପୃଥିବୀ ଗ୍ରହରେ ଅନ୍ୟାନ୍ୟ ସମସ୍ତ ପ୍ରାଣୀମାନେ ଯେଉଁ ଫାନ୍ଦରେ ବନ୍ଧା ହୋଇ ମରିଛନ୍ତି, ଏଇ ସୃଷ୍ଟି ଦ୍ୱାରା ପ୍ରକୃତ ମଣିଷ ପାଇଁ ତାହା ଏଡ଼ାଇ ପାରିଛି । ଆମର ମଗଜର ଯୁକ୍ତ ଯୁକ୍ତ ସୀମା ଭିତରେ ପ୍ରକୃତ ଥୋଇଛି ସଭ୍ୟ ଧରଣର ଧାରା ବାହକ ଏକ ସ୍ମରଣ ଶକ୍ତି । ସ୍ମୃତିର ଏଇ ଶକ୍ତି ଜମାହୋଇ ରହିଛି, ପୃଥିବୀର ବଡ଼ ବଡ଼ ଗ୍ରନ୍ଥାଗାର ଗୁଡ଼ିକରେ । ଏବେ ଆମର ମସ୍ତିଷ୍କର ସେତେ ବେଶି ଦରକାର ନାହିଁ; ଯେଉଁମାନେ ଶୀତଳୁ, ବାଘ ବରଫ ବିରୁଦ୍ଧରେ ଲଢ଼ି ଆମ ସକାଶେ ଜୀବନ ଯୁଦ୍ଧ ଜୟ କରିଥିଲେ ତାଙ୍କ ଅପେକ୍ଷା ମୃଦୁତର ଅଧିକ ସହିଷ୍ଣୁ ମଣିଷର ପ୍ରୟୋଜନ ଆଜି ଆମର ବେଶି । ମଣିଷର ହାତ ଦିନେ ଆଦରରେ ସହ କୁରାଢ଼ୀ ଚଳାଉ ଥିଲା । ଅତୀତ ପାଇଁ ଅନ୍ଧ ଓ ପୁରୁଣା ପ୍ରୀତି ବଶତଃ ଆଜି ସେଇ ହାତ ସମାନ ଆଦରରେ ମେସିନ୍ ଗନ୍ ଚଳାଉଛି । ଧ୍ୱଂସ ଏଡ଼ିବା ପାଇଁ ଏ ଅଭ୍ୟାସ ମଣିଷକୁ ଭାଙ୍ଗିବାକୁ ପଡ଼ିବ; କିନ୍ତୁ ଏ ଅଭ୍ୟାସର ମୂଳ ରହିଛି ବହୁ ଗଭୀରରେ ।

ବହୁକାଳ ଆଗରେ ମୋତେ ଥରେ ଯୁଦ୍ଧବନ୍ଦୀ ହେବାକୁ ପଡ଼ିଥିଲା । ମୋର ପ୍ରହରୀ ଥିଲା ଏକ ସିପାହୀ ପାଲଟି ଥିବା କୃଷୀ; ତାକୁ ସଦ୍ୟ ମିଳିଥାଏ ଏକ ଶ୍ରେଷ୍ଠ ମେସିନ୍ ଗନ୍ । ମୁଁ ବସିଥିଲି ବେଳେ ସେ ତା'ର ସେଇ ସୁନ୍ଦର ଅସ୍ତ୍ରଟିକୁ ଧୀରେ ଧୀରେ ମୋର ଦେହକୁ ଲକ୍ଷ୍ୟ କଲା । ସାମାନ୍ୟ କୁଣ୍ଠା ସହିତ ତାର ହାତ ଖେଳୁଥାଏ ସେଇ ବନ୍ଧୁକର ଘୋଡ଼ା ଉପରେ । ସେ ଅସ୍ତ୍ରର ବିଷମ କ୍ଷମତାର ସେ ହଠାତ୍ ମାଲିକ ହୋଇଥିଲେହେଁ ଯହିଁତହିଁ ତାହା ବ୍ୟବହାର କରିବାରେ ତା'କୁ ମନା ଥିଲା; ତେଣୁ ତା' ପକ୍ଷରେ ସେପରି ମନା ମାନି ଚଳିବା କଠିନ ଥିଲା । ମୋର ମନେପଡ଼େ—ପାଖରେ ଥିବା ଏକ

ସ୍ତ୍ରୀ ଲୋକର କଣ୍ଠସ୍ୱର ତା'ଙ୍କୁ ସେ ଅସ୍ତ୍ର ମୋ ଉପରେ ଚଳାଇବାରୁ ନିବର୍ତ୍ତାଇ-ଥିଲା—ଏହା ଥିଲା ନାରୀର ସେଇ ଚିରନ୍ତନ ସ୍ୱର, ଯାହା ମଣିଷକୁ ସଭ୍ୟ କରିଛି । ନାରୀ ଜାଣେ—ପୁରୁଷ କେତେ ବୋକା, ପିଲାଳିଆ ଓ ଦାୟିତ୍ୱହୀନ । ପ୍ରହରୀଟିକୁ ବୋଧ ହୁଏ ଲାଜ ମାଡ଼ିଲା; ଧୀରେ ଧୀରେ ସେ ମୋର ଗ୍ରୀବା ଉପରୁ ବନ୍ଧୁକର ମୁନ ଘୁଞ୍ଚାଇ ନେଲା । ମୁନ ପଛରୁ ଅନାଉଥିବା ପ୍ରହରୀର କଳା ଆଖି ଦୁଇଟିରେ କିଛିଏ ବଦମାସୀ ଖେଳୁଥିଲେ ହେଁ ମୋର ମନେ ହେଉଥାଏ ଯେ, ସେ ବନ୍ଧୁ ରୂପେ ବ୍ୟବହାର କରିବାକୁ କିଛିଏ ଉତ୍ସୁକ ମଧ୍ୟ ଥିଲା ।

ବନ୍ଧୁକର ନଳକୁ ସଗର୍ବେ ଆଉଁଶୁ ଆଉଁଶୁ ସେ ବାରମ୍ବାର ପାଟି କଲା 'ଟମସନ, ଟମେ-ସନ୍' ମୋ ମନରୁ ପ୍ରାଣଭୟ ପୁରାପୁରି ଯାଇ ନଥାଏ । ତଥାପି ପ୍ରାଣ ଫେରିପାଇବାରୁ ସ୍ୱସ୍ତିର ନିଶ୍ୱାସ ଛାଡ଼ି କିଛିଏ ଦୁର୍ବଳିଆ ସ୍ୱରରେ ମୁଁ କହିଲି—'ଟମେ-ସନ୍' ; ମୁଣ୍ଡ ହଲାଇ ସୂଚାଇଲି ସେ ବନ୍ଧୁକର ସେଇ ନାଁ ମୋତେ ଜଣା । ଯାହାହେଉ ପଛେ, ଆମେ ଉଭୟ ତ ସଙ୍ଗାତ ବସିଲା ଭଳି ଦୁଇ ଜଣ ପୁରୁଷ ଥିଲୁ ଉଭୟେ ମଧ୍ୟ ବୁଝୁଥିଲୁ ଯେ ବନ୍ଧୁକଟି କେଡ଼େ ଭୀଷଣ ଧ୍ୱଂସର ଅସ୍ତ୍ର ! ତାକୁ ବା ଦୋଷ ଦେବ କିପରି ? ସେଇ ବିଷମ ଅସ୍ତ୍ରର ଆବିଷ୍କାର ତ ସେଇ ଦେଶରେ ଘଟିଛି ଯହିଁରେ ମୁଁ ଜଣେ ନାଗରିକ । ତେଣୁ ମୁଁ ପୁଣି ମୁଣ୍ଡ ହଲାଇ ତା କଥାର ପଛେ ପଛେ ସତର୍କ ଭାବରେ କହିଲି—"ଟମ୍-ସନ, ଟମେ-ସନ୍ ଚମତ୍କାର, ଭାରି ଚମତ୍କାର ପରସ୍ପର ଆଡ଼କୁ ଅନାଇ ଆମେ ଉଭୟେ ପୁରୁଷସୁଲଭ ହସ ହସିଲୁ । ସେ ହସର ପରଂପରା ଅନୁସରଣ କରି ହଜାରହଜାର ବାଟେ ବାହୁଡ଼ି ଗଲେ ଆମେ ପହଞ୍ଚିବା ତୁଷାର ଯୁଗରେ । ସେ ଯୁଗର ଯୋଡ଼ାଏ ପୁରୁଷ ପରସ୍ପରକୁ ଦେଖିଲେ ଓ ବୁଝିଲେ ଏହିପରି ହସୁଥିଲେ ସିନା । ପାଠୁଆ ଲୋକ ରୁଣ୍ଡ ହୋଇଥିବା ସଭାଗୃହମାନଙ୍କରେ ମଣିଷର ଭବିଷ୍ୟତ ସମ୍ବନ୍ଧରେ ଆଲୋଚନା କଲାବେଳେ ସେଇ ପ୍ରହରୀର ହସର ସ୍ମୃତି ମୋତେ କେବେ ହେଲେ ଛାଡ଼ିଯାଇ ନାହିଁ । ପାସୋରି ଯାଇଥିବା ସେଇ ସବୁ ସୂକ୍ଷ୍ମ ଖପୁରୀରୁ ବୋଝାଏ ବି ମୋ ଟେବୁଲ୍ ଉପରେ ଥୁଆ ହେଲାକ୍ଷଣି, ମୁଁ ମନେ ମନେ ମଣିଷର ଭବିଷ୍ୟତ କଅଣ ହେବ ତାହା ଭାବିବା ପୂର୍ବରୁ ସେଇ ହସର କଥା ମନେ ପକାଏ ।

# ଛୋଟ ମଣିଷ ଓ ଉଡ଼ନ୍ତା ଚକି

ବୁଲି ବୁଲି ରାସ୍ତା କଡ଼ରେ ଆଲୁଅ ଜଳାଇବା ଗତ ଶତାବ୍ଦୀରେ କେତେକ ଲୋକଙ୍କର ବୃତ୍ତି ଥିଲା । କେବେ କେବେ ସେମାନେ ଆକାଶରେ ଜୁଳନ୍ତା ଜିନିଷ ଦେଖିଲେ ମଧ୍ୟ ଖାତର କରୁନଥିଲେ । କିନ୍ତୁ ଆମର ଏକ ପୁରୁଷ ଆୟୁଷକାଳ ଭିତରେ ଲୋକେ ବଢ଼ିଛନ୍ତି ଭିନ୍ନ ସ୍ୱବରେ । ଯୁଦ୍ଧ ବେଳେ ଆକାଶରୁ ଆକ୍ରମଣ ହେବାର ଠିକ୍ ପୂର୍ବରୁ ଆମକୁ ଚେତାଇଦେବା ପାଇଁ 'ସାଇରେନ୍'ର ଶବ୍ଦରେ ଆମେ ଅଭ୍ୟସ୍ତ । ଯେ କୌଣସି ମୁହୂର୍ତ୍ତରେ ପବନରୁ ଖସୁଥିବା ବୋମାରେ ଘରର ଛାତ ଭାଙ୍ଗି ପଡ଼ିପାରେ—ଏପରି ଅମଙ୍ଗଳୁଆ ଭୟ ଆମ ପକ୍ଷରେ ସହଜ । ଆଗରୁ ଏପରି କେବେ ହୋଇ ନଥିଲା—ଆଜି ଆକାଶ ଆମ ପାଖରେ ବିପଦରେ ପୂର୍ଣ୍ଣ । ଦିନବେଳେ ବା ପାଣିରେ ଭାସୁଥିବା 'ଡ୍ୟାଣ୍ଡେଲିଅନ୍' ଫୁଲର ହେନ ଉପରେ ଖରାର ଝେଲ କିମ୍ବା ଝରତଲେ ଚକ୍ ଚକ୍ କରୁଥିବା ବୁଢ଼ିଆଣୀ ଜାଲରେ ମାଙ୍କଡ଼ସାର ଚଢ଼ିବା—ଏପରି ସବୁ ଦୃଶ୍ୟ ଉତ୍ତେଜନାମୟ ପ୍ରଶ୍ନ ସୃଷ୍ଟିଏ ମଫସଲି ଲୋକଙ୍କର ମନରେ ଯେଉଁମାନେ ଆକାଶରୁ ଖସୁଥିବା ଜିନିଷମାନଙ୍କର ପ୍ରକୃତ ଓ ଦୂରତ୍ୱ ମାପିବାରେ ଅଭ୍ୟସ୍ତ ନୁହନ୍ତି ।

ଆକାଶ ମାର୍ଗରେ ଛଡ଼ା ଯାଉଥିବା ହ୍ୟାବେଲି ପରି ମାରଣାସ୍ତ୍ର ସମ୍ବନ୍ଧରେ ଆମେ ଏବେ ଅପରନ୍ତୁ ଆଲୋଚନା ଓ ଲେଖା ଲେଖି କରୁ, ଏପରି କି ସ୍ୱପ୍ନରେ ସେ ଗୁଡ଼ାକ ଦେଖୁ ମଧ୍ୟ । ତେଣୁ ଏପରି ଚିନ୍ତା ଓ କଳ୍ପନାରୁ ପ୍ରାପ୍ତ ବାପଗ୍ରସ୍ତ ସ୍ଥବନା ମଧ୍ୟ ଜନ୍ମେ ଯେ ପ୍ରଥମରେ ପୃଥିବୀ ବାହାରୁ କୌଣସି ଜାଗାରୁ

ବୋଧହୁଏ ଏପରି ହାବେଲୀ ବା ତାହା ଭଳି ଜୀବ ଆମ ଗ୍ରହକୁ ଆସିଥିଲେ ।
ଏ କଥା ମାନିବାକୁ ମୋର ଲଜ୍ଜା ନାହିଁ ଯେ, ଯୌବନକାଳରେ ମୁଁ ଅନେକ
ଥର ଆଶା କରି ବୁଢ଼ି ବସିଥିଲି ଏପରି ଏକ ଘଟଣା ଦେଖିବା ଅପେକ୍ଷାରେ ।
ଅନ୍ଧାର ମହାକାଶର ସେପଟେ ପ୍ରାଣର ଅସ୍ତିତ୍ୱ ବିଷୟରେ ଆମର ବିଶ୍ୱାସ ଖୁବ
ଗଭୀର । କେଣୁ ଆମେ ଭାବୁ ଯେ, ଯଦି ସେଠାରେ ପ୍ରାଣୀମାନେ ଆମଠାରୁ
ଉନ୍ନତ ହୋଇଥାନ୍ତି ତେବେ ବୋଧହୁଏ ଆମରି ଆୟୁକାଳ ଭିତରେ ମହାକାଶ
ଡେଇଁ ସେମାନେ ଯେ କୌଣସି ମୁହୂର୍ତ୍ତରେ ଆମ ପାଖରେ ଆସି ପହଞ୍ଚିପାରନ୍ତି ।
ଏପରି ଚିନ୍ତା ପରେ ପରେ ପୁଣି କେତେକ ଲୋକର ମନେ ପଡ଼େ ଯେ, ସମସ୍ତ
ତ ଅଶେଷ ! ତା' ହେଲେ ସେପରି ଗ୍ରହାନ୍ତରବାସୀଙ୍କ ବାର୍ତ୍ତା ଆଗରୁ ଆସି
ସାରି ନାହିଁ ତ ! ପ୍ରାଚୀନ ଯୁଗର ଜଙ୍ଗଲ ଗୁଡ଼ାକ ଯେତେବେଳେ ଉପାଡ଼ି
ହୋଇ ମାଟିତଳେ ସ୍ତୂପ ପଡ଼ି କୋଇଲା ହୋଇ ଯାଉଥିଲା, ସେତେବେଳେ
ଗ୍ରହାନ୍ତର ବାର୍ତ୍ତାର ସେପରି ଯନ୍ତ୍ରଟିଏ ଆସି ସେଇ ଧୂଆଁ ଉଠୁଥିବା କାଠମାଟି
ଗଦା ଭିତରେ ପୋତି ହୋଇଯାଇଥିବ । ଅଥବା ସେପରି ଚକ୍ ଚକିଆ
କ୍ଷେପଣାସ୍ତ୍ର ଉପରେ ପ୍ରାଗୈତିହାସିକ ଯୁଗର ସରୀସୃପମାନେ ଚଢ଼ି ଖେଳୁଥିଲେ
ପରା, କିମ୍ବା ସେ ସବୁ ଜନ୍ତୁଙ୍କ ପୃଷ୍ଠ ଦନ୍ତପାତ ଜାଃଗଦରେ ଯୁଗ ଯୁଗ ଧରି
ଖଡ଼ କରୁଥିଲେ ।

ଯୁବକ ବୟସରେ ପଶ୍ଚିମ ବ୍ୟାଡ୍ଲାଣ୍ଡସ୍ ଅଞ୍ଚଳରେ କଙ୍କାଳ ଖୋଜି
ଖୋଜି ମୁଁ ବହୁଥର ଭାବିଥିଲି ଯେ, 'ଟିଟେନୋଥେରସ୍' ନାମକ ପ୍ରାଗୈତି-
ହାସିକ ଜନ୍ତୁର ଭୟଙ୍କର ପାହୁଣ୍ଡତଳେ ଦିନେ ସବୁଜ ଥିବା 'ଟେର୍ଟିଆରି'
ଯୁଗର କାଦୁଅ ଭିତରେ ବନ୍ଦ ହୋଇ କଙ୍କ ଧରୁଥିବା ସେପରି ଯନ୍ତ୍ରଟିଏ
ମିଳି ପାରେ । ମହାକାଳର କଷ୍ଟଳା ଯୁଗମାନଙ୍କର ପ୍ରବାହ ଭିତରେ
କେତେ କେତେ ସୂର୍ଯ୍ୟପରି ଅଗ୍ନିପିଣ୍ଡ ନିଭି ଆସିଲାବେଳେ ଅଥବା
ଅନେକ ସୌରମଣ୍ଡଳର ଲୋପ ସମୟରେ ଏପରି ଗ୍ରହାନ୍ତର ଯାତାୟାତ
ସମ୍ଭବ ଥିଲା କି ନାହିଁ ସନ୍ଦେହ । ଯଦି ସମ୍ଭବ ଥିଲା ତେବେ ତାହା କଷ୍ଟସ୍ତ ସଫଳ
ହୋଇଥାନ୍ତା । କିନ୍ତୁ ସେପରି କୌଣସି ଚକ ଚକିଆ କ୍ଷେପଣାସ୍ତ୍ର ଏବେ ବି
ଆବିଷ୍କୃତ ହୋଇନାହିଁ ଏବଂ ଏବେ ପ୍ରୌଢ଼ ବୟସରେ ଅଣ୍ଡା ମୁଣ୍ଡରେ ବହୁଦିନ

ହେଲ ମୁଁ ସେ ଜନ୍ତୁ ଖୋଜିବା ଛାଡ଼ି ଦେଇଛି । ଆହୁରି ମଧ୍ୟ, ବିଶ୍ୱଜଗତର ବିସ୍ତାର ସମ୍ବନ୍ଧରେ ଏବର ମତବାଦ ହେତୁ ଆମ ପୁରୁଣା ଧାରଣା ଯେ ସମସ୍ତ ଅପରନ୍ତ—ତାହା ଆଜି ଅଚଳ । ଅଯୁତ ବର୍ଷ ଆଗରେ ଏକ ବୈପ୍ଳବିକ ମୁହୂର୍ତ୍ତରେ ଏଇ ସମସ୍ତ ବିଶ୍ୱ ସୃଷ୍ଟ ହୋଇଥିଲା ବୋଲି ଆଜି ଧରାଯାଏ । ଯଦି ତାହାହିଁ ହୁଏ, ତେବେ ବହୁବ୍ୟୋମର ନୀହାରିକାରେ ଥିବା ଜ୍ୟୋତିଷ୍କମାନଙ୍କ ସେପଟେ ପ୍ରାଣର ଜନ୍ମ ହେଲା ଭଳି ଯଥେଷ୍ଟ ସମୟ ମିଳି ନଥିବ । ଏପରି ବିଚାର ଫଳରେ ଏବେ ଏହା ଭାବିବା ସମ୍ଭବ ଯେ ମହାକାଶର କୌଣସିଠାରେ ଆମଠାରୁ ଉଚ୍ଚକୋଟିର ମନର ଅସ୍ତିତ୍ୱ ନାହିଁ ।

ଯଦି ବା ଏପରି ମନର ଅସ୍ତିତ୍ୱ ଥାଆନ୍ତା ତେବେ ବି ତାହା ଯେ ଶ୍ରେଷ୍ଠ ଗୋଟିଏ ମଣିଷର ଦେହ ଭିତରେ ଗଢ଼ି ପାଇନଥାଆନ୍ତା—ଏହା ପ୍ରମାଣ କରିବା ସକାଶେ ବହୁ କାରଣ ଦେଖାଇ ଦିଆଯାଇପାରେ । କିନ୍ତୁ ମଣିଷର ଶ୍ରେଷ୍ଠ ସଂସ୍କରଣ ସମ୍ବନ୍ଧରେ କଳ୍ପନା କରିବାକୁ ଆମ ମନ ଅତ୍ୟନ୍ତ ଆଗ୍ରହୀ । ଜନପ୍ରିୟ ଗଳ୍ପ କାହାଣୀକାରଙ୍କ କଲମରେ ଏମିତି ଗୋଟିଏ ବାମନର ବୃତ୍ତାନ୍ତ ଏପରି ଶୀଘ୍ର ଗତିରେ ବ୍ୟାପିଯାଏ ଯେ ତାହା ବିସ୍ମୟକର । ଶ୍ରେଷ୍ଠ ଜନ୍ତୁ ପାଇଁ ଆମର ଭାବାବେଗର ବ୍ୟାଖ୍ୟା କରିବା ଅସମ୍ଭବ । ମହାକାଶର ସୀମା ଭିତରେ ତାହା ଆବଦ୍ଧ ନୁହେଁ । କିମ୍ବା ପରମାଣୁରେ ଥିବା ଅପରନ୍ତ ବ୍ରହ୍ମମଧ୍ୟରେ ତାହା ତୃପ୍ତ ନୁହେ । ଆମର ଏସବୁ ସ୍ୱକୃତ ସ୍ୱପ୍ନ ଡେଣା ଉଡ଼ନ୍ତା ଚକ ଓ ବହୁବ୍ୟୋମରୁ ଆସିଥିବା ବହୁ ବାଞ୍ଛିତ ବାମନର କଳ୍ପନାରେ ରୂପାୟିତ ହୁଏ ।

ମୁଁ ଯେତେବେଳେ ଏପରି ଏକ ବାମନର ଖବର ପାଇଥିଲି ସେତେ-ବେଳେ ଉଡ଼ନ୍ତା ଚକର କଥା ଶୁଣାଯାଇ ନଥିଲା । ସେ ବାମନଟିର ମାଲିକ ମଧ୍ୟ ମୋତେ କହି ନଥିଲା ଯେ ବାମନଟି ପୃଥିବୀ ବାହାରୁ ଆସିଛି । ପଶ୍ଚିମ ଅଞ୍ଚଳରେ କଙ୍କାଳ-ହଞ୍ଚାନଙ୍କର ତମ୍ବୁରେ ଥିଲାବେଳେ, ଆଜିଠାରୁ ପ୍ରାୟ ପଚିଶ ବର୍ଷ ଆଗରେ ମୁଁ ତାହାକୁ ଭେଟିଥିଲି । ଗୋଟିଏ ବାକ୍ସ ଭିତରେ ସେଇ ବାମନକୁ ଏକ ବଡ଼ ବୃଦ୍ଧୀ ଆମ ପାଖକୁ ଆଣିଥିଲା । ସେ କହିଲା—"ମୋତେ ଲାଗୁଛି ତୁମେ ବୋଧହୁଏ ଏଇ ଜୀବଟିକୁ ଜାଣିଥିବ । କିନ୍ତୁ ଏହାପାଇଁ ତୁମକୁ ଦାମ ଦେବାକୁ ପଡ଼ିବ । ଏଇ ଶ୍ରେଷ୍ଠ ମଣିଷଟିକୁ ଦେଖିଲେ ବହୁତ ପଇସା ମିଳିବ ।"

ଆମେ ପଚ୍ଚାରିଲୁ—"ମଣିଷ ?"

ସେ ଜବାବ ଦେଲା—"ହଁ, ମଣିଷ; ଯାହାକୁ ତୁମେ ବାଲଖିଲ୍ୟ କୁହ । କିନ୍ତୁ ମୁଁ ଦେଖିଥିବା ବାମନମାନଙ୍କ ଅପେକ୍ଷା ଏହା ସାନ । ଏହାକୁ ମମି ମଧ୍ୟ କୁହାଯାଇପାରେ, ଶ୍ରେଷ୍ଠ ମଲ୍ଲ ମମୀ ହିଁ ଏ । ମୋର ତ ମନେ ହୁଏ ଏହା ଆମଠୁ ଭିନ୍ନ ଜୀବ; କିନ୍ତୁ ଶ୍ରେଷ୍ଠ । ମୁଁ ଏହାକୁ ଯେଉଁଠାରେ ପାଇଥିଲି ସେଠି କେହି ଏହାକୁ ଥୋଇଯାଇଥିବ । ହଜାର କି କେତେ ବର୍ଷ ଆଗରେ ତାହା ତୁମକୁ ଜଣାଥିବ ।"

ମୁଣ୍ଡ ନୁଆଇଁ ଆମେ ବାକସ ଭିତରକୁ ଅନାଇଲୁ ; ତା ଭିତରେ ଗୋଡ଼ା ହୋଇଥିବା ଶେଷ କାଗଜଟା କାଢ଼ାଗଲା । ଲେଜଟାଏ ହାତ ତାଙ୍କୁ ଉପରକୁ ଉଠିଆସିଲା । ସେଦିନୁ ମୁଁ କେତେ କଅଣ ଅଖାଡ଼ୁଆ ଜିନିଷ ଦେଖିଛୁ, କେତେ କୋଡ଼ି ଜାଲ ଜିନିଷ ମଧ୍ୟ ମୋର ନଜରରେ ପଡ଼ିଛୁ । କିନ୍ତୁ ସେଦିନ ସେଇ ଶ୍ରେଷ୍ଠ ମଣିଷଟିକୁ ଦେଖି ମୋ ମନରେ ଯେଉଁ ଶୃଙ୍ଖଳା ଖେଳିଯାଇଥିଲା ତାହା ଭୁଲି ହେବ ନାହିଁ । ଠିଆହେଲେ ତାହା ମାତ୍ର ଦୁଇ ଫୁଟ ଉଚ୍ଚା ହେବ । କେବେ ହେଲେ ସେଥିରୁ ବେଶି ଲମ୍ବା ନୁହେଁ । ଛାତି ଉପରେ ହାତ ଦୁଇଟି ଭାଙ୍ଗି ସାମନାକୁ ନଇଁପଡ଼ିବା ଭଙ୍ଗୀରେ ଏହାକୁ ମମୀ କରାଯାଇଥିଲା । ତାର ଆଖି ଦୁଇଟି ମୁଦି ହୋଇଥିଲା । ତାର ମୁହଁ କାହିଁକି କେଜାଣେ ମୋତେ ଅସ୍ପଷ୍ଟ ଭାବରେ ଅନିଷ୍ଟକର ମନେହେଲା । ମୋର ନିଶ୍ଚିତ ଧାରଣା ହେଲା ଯେ, ମୁଁ ସ୍ୱପ୍ନ ଦେଖୁଛି ।

ମୁଁ ତାହାକୁ ଛୁଇଁଲି । ସେତେବେଳେ ବି ତାହା ଦେହରେ ଅଜବ ତାଜା ମାଂସ ଥିଲା ପରି ମନେ ହେଲା । ଏହା ଗୋଟାଏ ଶୁଖିଲା ମମୀ ନଥିଲା । ବରଂ ଗୁହାବାସୀ ଏକ ସ୍ୱାଭାବିକ ମମୀ ପରି ଏହା ବୋଧ ହେବ । ଏହାର ଲଜ୍ଜା ନଥିଲା । ଦୈତ୍ୟଲକ୍ଷଣୀ ମୁଁ ତାହାକୁ ଚିହ୍ନିଲି ଓ ଆଜିଯାଏ ସେଇ ଶ୍ରେଷ୍ଠ ମଣିଷଟି ମୋର ମଗଜ ଭିତରେ ପଶିଛୁ । ଗତକାଲି ତାକୁ ଦେଖିଥିଲି ଭଳି ସ୍ପଷ୍ଟ ଭାବରେ ମୁଁ ଏବେବି ଦେଖେ ତାର ମୁହଁର କ୍ଷୀଣ ସ୍ମିତ ହସର ରେଖା । ଆଣ୍ଠୁ ଉପରେ ରଖା ହୋଇଥିବା ତାର ଶ୍ରେଷ୍ଠ ଶ୍ରେଷ୍ଠ କଳା ହାତ ଯୋଡ଼ିଏ ।

"ଦୁଇ ଶହ ଡଲାର ଦେଲେ ଏହା ତୁମେ ନେଇପାର" ଲୋକଟି କହିଲା । ଆମେ ଦୁହେଁ ପରସ୍ପରକୁ ଅନାଇଲୁ, ମୁଣ୍ଡ ହଲାଇଲୁ ଓ ହତାଶ ଭାବରେ ଦୀର୍ଘ ନିଶ୍ୱାସ ଛାଡ଼ିଲୁ । ମୁଁ କହିଲି "ଆମେ ତ ବଜାରକୁ ଜିନିଷ କିଣିବାକୁ ଆସିନାହୁଁ ଆମେ ହାଡ଼ ସଂଗ୍ରହ କରୁଛୁ, ହାଡ଼ଗୁଡ଼ାକ ସାଙ୍ଗରେ ରହିଛୁ ।"

ଲୋକଟି ଆମ ଆଡ଼କୁ ସିଧାସଳଖ ଅନାଇଲା, ବାକ୍ସଟି ବନ୍ଦ କଲା ଓ କହିଲା "ଠିକ୍ ଅଛି, ପାହାଡ଼ ଢାଲୁ ତଳେ ଗୋଟାଏ ସର୍କସ ଚାଲିଛି । ମୁଁ ସେଠାକୁ ଯିବି ଏଇ ଶ୍ରେଷ୍ଠ ମଣିଷଟି ବିକିଲେ ଟଙ୍କା ମିଳିବ, ବହୁତ ଟଙ୍କା ।"

ମୋର ମନେ ହୁଏ ଯେ ଜୀବଟିକୁ ନ କିଣିବା ଆମ ପକ୍ଷରେ ଭଲ ହୋଇଥିଲା । ଥରେ ଦେଖିଲେ ସେଇ ଶ୍ରେଷ୍ଠ ମଣିଷଟି ମୋତେ ଭଲ ଲାଗି ନଥିଲା । ସେ ଓ ତାର ମାଲିକ ଯେଉଁ ସର୍କସ୍‌କୁ ଯାଉଥିଲେ, ତାହାର ବର୍ଣ୍ଣନା ମଧ୍ୟ ମୋର ପସନ୍ଦ ହୋଇ ନଥିଲା । ମୁଁ ଭାବୁଥାଏ ଯେ, କେବେହେଲେ ଦିନେ ମରିବା ପୂର୍ବରୁ ମୁଁ କୌଣସି ଗାମୁଣ୍ଡ ଖଣ୍ଡା ମଝିରେ ରଙ୍ଗ ହୋଇଥିବା ସର୍କସ ତମ୍ବୁ ଭିତରେ ତାକୁ ଆଉଥରେ ଦେଖିବାକୁ ପାଇବି । କେତେ ବର୍ଷ ତଳେ ଗୋଟାଏ ଖବର ମୋ କାନକୁ ଆସିଥିଲା । ମନେ ହେଲା ତାହା ସେଇ ଶ୍ରେଷ୍ଠ ମଣିଷଟି ବିଷୟରେ । କିନ୍ତୁ ଖବରରୁ ଜଣା ପଡ଼ୁଥାଏ ସତେ ଯେପରି ତାହା ତାର ଛଦ୍ମବେଶ ବିଷୟରେ । ସେ ଖବର ପ୍ରାୟ ଗୋଟିଏ ଅବିଶ୍ୱାସ କାହାଣୀ । ଏବେ କିଏ ସବୁ 'ପ୍ୟାଲିଓଜୋଇକ୍' ପ୍ରାଣୀଟିଏ ଦେଖିଛି—ଏହାହିଁ ସେ ଗପର ବିଷୟବସ୍ତୁ ! ଅଥଚ ପ୍ରାଗୈତିହାସିକ ଯୁଗରେ ପୃଥିବୀ ଯେତେବେଳେ ଘନ ଘଡ଼ ସ୍ୱରରେ ଶବ୍ଦ କରୁଥିବା ଉଭୟଚର ଜୀବରେ ଭରିଥିଲା, ସେତେବେଳେ ସେପରି ପ୍ରାଣୀ ଜଙ୍ଗଲ ଗଛପତ୍ର ଭିତରେ ଶିକାର କରୁଥିଲେ । ମୁଁ ସେ ଗପକୁ ବିଶ୍ୱାସ କରିନଥିଲି । ସେତେବେଳକୁ ମୁଁ ଜାଣିପାରିଥାଏ ସେଇ ଶ୍ରେଷ୍ଠ ମଣିଷଟି ପ୍ରକୃତରେ କଅଣ । ଅସଲରେ ଏହା ଥିଲା ଏକ ମୃତଜାତ ଶିଶୁର ମମି । ଏହାର ମସ୍ତିଷ୍କ ଥିଲା ଅପରିଣତ ।

ଭିଡ଼ାନ୍ତା ଚଳ ବିଷୟକ ବହିମାନଙ୍କରେ ଯେ ପୁଣି ତାକୁ ଦେଖିବି, ତାହା ମୁଁ ଆଉ ଆଶା କରେ ନା । ସେଇ 'ଶ୍ରେଷ୍ଠ ମଣିଷ' ସଂଖ୍ୟାରେ ବୃଦ୍ଧି

ପାଇ ଏତେ ବେଶି ହେବ ଓ ସମସ୍ତଙ୍କର ଏତେ ଜଣାଶୁଣା ହୋଇପଡ଼ିବ ଯେ ଖବରକାଗଜର ସମ୍ବାଦ ସମ୍ପାଦକମାନେ ତାଙ୍କ ବିଷୟରେ ଲେଖିବେ— ଏହା ମଧ୍ୟ ଆଶା କରି ହେବ ନାହିଁ । ମୁଁ ଏହା ମଧ୍ୟ କେବେ ଭାବି ନଥିଲି ଯେ, ମୋର ଜୀବନକାଳ ଭିତରେ ମୁଁ ଦିନେ ଶୁଣିବି ସେଇ ଶ୍ରେଷ୍ଠ ମଣିଷଟିର ଜନ୍ମ ହୋଇଛି ପୃଥିବୀ ଭିନ୍ନ ଅନ୍ୟ କୌଣସି ଗ୍ରହରେ । ଅବଶ୍ୟ ଭଲରୂପେ ଜାଣି ବୁଝି ମୋ ପକ୍ଷେ ଏପରି ଆଶା କରିବା ଉଚିତ ଥିଲା । ଏହି ସତ ଯେ, ସେଇ ଜୀବର ଅସ୍ତିତ୍ୱ ପଛରେ ଗୋଟାଏ କାହାଣୀ ଅଛି । କିନ୍ତୁ ସେ କାହାଣୀ ଏଇ ପୃଥିବୀର, ପୃଥିବୀ ବାହାରର ନୁହେଁ । ଖୁବ୍ ଅସମ୍ଭବ ମନେ ହେଲେହେଁ ମହାନ୍ ବୈଜ୍ଞାନିକ ସୁର୍ଲିସ ତାରହାଇନଙ୍କ ନାଁ ସେ କାହାଣୀ ସଙ୍ଗେ ଜଡ଼ିତ । ଅବଶ୍ୟ ତାହା ପ୍ରତ୍ୟକ୍ଷଭାବରେ ନୁହେଁ, ଭାରି ବୁଲି ବାଟରେ ଓ ଅଦ୍ଭୁତ ଜଟିଳ ଭାବରେ ଜଡ଼ିତ ।

ମଣିଷ ଏତେ ଦିନଯାଏ ମଣିଷ ହୋଇ ରହିଛି ଯେ, ସେ ଅବିସମ୍ବାଦିତ ତଥ୍ୟକୁ ସନ୍ଦେହ କରିବାକୁ ଚାହେଁ ନାହିଁ । ଆମର ସମସ୍ତ ଅଭିଜ୍ଞତାରୁ ଆମେ ଭାବୁ ଯେ, ଆମ ସନ୍ତାନସନ୍ତତିମାନେ ଠିକ୍ ଆମ ପରି ହେବେ ଓ ବଳେଇଛୁଆ ବଳେଇ ହେବ ଏବଂ ବଳେଇ ପୁଣି ଛୁଆ ଦେବ । ଅଦ୍ଭୁତ ପଦ୍ଧତି ମନେ ହେଲେହେଁ ଶୁଆଁ ପୋକ କାଲେ ପ୍ରଜାପତି ହେବ ଏବଂ ପ୍ରଜାପତି ପୁଣି ଶୁଆଁ ପୋକକୁ ଜନ୍ମ ଦେବ । ଏହା ସବୁ ଏପରି ସର୍ବବ୍ୟାପ୍ତ ଘଟଣା ଯେ, ଆମେ ଥରେ ହେଲେ ଭାବିବା ଦରକାର ମନେ କରୁନା ଯେ କାହିଁକି ଏହା ଘଟୁଛି । ଅନେକ ସମୟରେ ଆମେ ଭାବୁ ଯେ ବିଶ୍ୱ-ସଂସାର ଆକସ୍ମିକ ସୁଯୋଗରେ ଭର୍ତ୍ତି ଓ ଅର୍ଥହୀନ । ତଥାପି ଉପରେ କୁହାଯାଇଥିବା ଘଟଣା ସବୁର ପଦ୍ଧତିରେ ପୂର୍ବନିର୍ଦ୍ଦିଷ୍ଟ ଫଳ ହେବାର ଦେଖି ଆମେ ଥରେ ହେଲେ ବିସ୍ମିତ ହୋଇ ବିଚାରୁ ନା—ସେଥିରୁ ଇଙ୍ଗିତ ମିଳୁ ନାହିଁ କି ଯେ ସଂସାରର ସବୁ କିଛିରେ ଏକ ଅଦ୍ଭୁତ ଶୃଙ୍ଖଳା ଅଛି ?

ଗ୍ରୀକ୍‌ମାନଙ୍କ ସମୟରୁ ଅଳ୍ପ କେତେକ ବିଜ୍ଞ ଲୋକ ଏଥିରେ ରହସ୍ୟର କାରଣ ଖୋଜି ପାଇଛନ୍ତି । କିନ୍ତୁ ସେମାନେ ନିହାତି ସଂଖ୍ୟାଳ୍ପ । ଅଧିକାଂଶ ଲୋକ ଏହାକୁ ତାଚ୍ଛଲ୍ୟ କରିଛନ୍ତି । ଅନ୍ୟମନସ୍କ ଭାବରେ କହିଛନ୍ତି ଯେ ଏହାର

କାରଣ ଦେଖାଗଲା; ଖ୍ରୀଷ୍ଟିଆନମାନଙ୍କ ପରି ଅନେକ ଲୋକ ବହୁକାଳ ଧରି ଏ ପ୍ରସଙ୍ଗରେ ପ୍ରତ୍ୟେକ ଜୀବଶ୍ରେଣୀ ଭିତରେ ବିଶେଷ ସୃଷ୍ଟିର କଥା ଶୁଣି ସନ୍ତୁଷ୍ଟ ହୋଇଛନ୍ତି । ତଥାପି ଜ୍ଞାନୀମାନେ ସଦାବେଳେ ଏ ବିଷୟରେ ବିସ୍ମୟ ପ୍ରକାଶ କରିଆସିଛନ୍ତି ।

ଜୀବନ୍ତ ପ୍ରାଣୀଜଗତର ଶ୍ରେଣୀ ବିଭାଗ ଓ ବିନ୍ୟାସ କରିବାରେ ତାଙ୍କର ଚେଷ୍ଟା ପ୍ରାୟ ଅନ୍ଧାରରେ ଅଣ୍ଡାଳିଲା ପରି ଥିଲା । କିନ୍ତୁ ସେପରି ଚେଷ୍ଟାରେ ମଧ୍ୟ ସେମାନେ ଦେଖିଲେ ଯେ, ପ୍ରତ୍ୟେକ ଜୀଇଁଥିବା ପ୍ରାଣୀ ଦୈବୀଶକ୍ତି ବା ଆଧିଭୌତିକ ହସ୍ତକ୍ଷେପ ଯୋଗୁଁ ଅଲଗା ଅଲଗା ସୃଷ୍ଟ ହୋଇଛନ୍ତି । ଏ କଥା ଧରିନେଲେ ବି ଅନେକ ପ୍ରକାର ଜୀବର ଗଠନରେ ମୂଳଗତ ସାଦୃଶ୍ୟ ଦେଖାଯାଏ । ପୃଥକ୍ ପୃଥକ୍ ସୃଷ୍ଟି ସମ୍ବନ୍ଧରେ ଲୋକଙ୍କର ଅନୁମାନ ପ୍ରସଙ୍ଗରେ ଏହା ଏକ ଉଲ୍ଲେଖଯୋଗ୍ୟ ଉପାଦାନ । ନ ବୁଝି କେହି କହିହେବ ଯେ, ବିଭିନ୍ନ ଜୀବବର୍ଗ ଭିତରେ ସାଦୃଶ୍ୟ ନୁହେଁ ବରଂ ଅଧିକ ନୂତନତ୍ୱ ସ୍ୱତଃ ଫୁଟି ଉଠିବା ସମ୍ଭବ ଥିଲା । ପ୍ରକୃତରେ ମଣିଷ ଦିନେ ନିଜକୁ ଏହିପରି ଏକ ବିଶେଷ ସୃଷ୍ଟିର ଅଙ୍ଗ ବୋଲି ମନେ କରିଥିଲା । ଏହା ସତ୍ୟ ହୋଇଥିଲେ, ସେପରି ଅସମ୍ଭବ,ଖାମଖିଆଲରେପୂର୍ଣ୍ଣ ସୃଷ୍ଟିର ସ୍ୱାଭାବିକ ଫଳ ହୋଇଥାନ୍ତା— ମତ୍ସ୍ୟକନ୍ୟା, 'ଗ୍ରାଫିନ୍'(ଅଧାସିଂହ ଓ ଅଧାଛଞ୍ଚାଣ), 'ସେଣ୍ଟୋର୍' (ଅଧାମଣିଷ ଓ ଅଧାଘୋଡ଼ା ) ଜାତୀୟ ଜନ୍ତୁ, ପ୍ରାଚୀନ ଉପାଖ୍ୟାନମାନଙ୍କରେ ବର୍ଣ୍ଣିତ ଅଦ୍ଭୁତ ପଶୁପକ୍ଷୀମାନେ ଏବଂ ଗପ କାହାଣୀର ସେଇ ସବୁ ମଣିଷ, ଯେଉଁମାନଙ୍କର କାନ ଲୁଆଡ଼େ ଏତେ ବଡ଼ ଥିଲା ଯେ, ତାଙ୍କର ମାଲିକମାନେ ତାହା ଭିତରେ ଶୋଇପାରୁଥିଲେ ।

କିନ୍ତୁ ଏସବୁଠାରୁ ବଳି ଥିଲା ଗଠନର ବିକାଶର ନକ୍ସା ବା ଢାଞ୍ଚା । ସେଥିରେ ମଣିଷ ଓ ଲାଞ୍ଜହୀନ ବାନରର ହାଡ଼କୁ ହାଡ଼ର ସାଦୃଶ୍ୟ, ସରୀସୃପ ଖାଲି ଗୋଟାଏ ନଥିଲା । ସରୀସୃପ ବର୍ଗର ଅନ୍ତର୍ଭୁକ୍ତ ହେଲେ ପ୍ରାଗୈତିହାସିକ 'ଡାଇନୋସରସ୍' ଠାରୁ ବଗିଚାର ସାପ । ଏଥିରୁ ଜଣାପଡ଼େ ସୃଷ୍ଟି କିପରି ନକ୍ସା ଅନୁସାରି । ସବୁ ପକ୍ଷୀଙ୍କର ପର ଅଛି, ତେଣା ଅଛି, ପଞ୍ଝା ମଧ୍ୟ ଅଛି । ପକ୍ଷୀ ଓ ପକ୍ଷୀ ଭିତରେ ପ୍ରଭେଦ ଥିଲେହେଁ, ସବୁ ପକ୍ଷୀ ଏକ ବର୍ଗର

ଅନୁଭୂତି । ତାଙ୍କର ଆକୃତି ବିଭିନ୍ନ ଗ୍ରହରେ ଗଢ଼ା ହେଲେହେଁ, ତାଙ୍କଠାରେ ଚିରନ୍ତନ 'ପକ୍ଷୀତ୍ୱ'ର ଅଭାବ ଘଟି ନାହିଁ । ଗୋଟିଏ ସାଧାରଣ ଛାଞ୍ଚରେ ସେମାନେ ତିଆରି । ମୋର ଟେବୁଲ ଉପରର ବାସିନ୍ଦା ଶ୍ରେଷ୍ଠ ମୂଷାଟି ଓ ମୋ ଠାରେ ମଧ୍ୟ ସେହିପରି ସ୍ତନ୍ୟପାୟୀଙ୍କର ଲକ୍ଷଣ ସବୁ ଅଛି । ଆଜିର ଏଇ ବିଶୃଙ୍ଖଳ ପୃଥିବୀରେ ଏପରି ସାମ୍ୟ ବ୍ୟାଖ୍ୟା କରିବା କଠିନ । ରଦ୍ଦି କାଗଜ ଝୁଡ଼ିରେ ଛପି ହୋଇ ଡରୁଥିବା ସେଇ ମୂଷାଟିକୁ ସମ୍ପ୍ରତି ଦିନେ ଦେଖି ଓ ତା ସହିତ ମୋର ସାଦୃଶ୍ୟ ଲକ୍ଷ୍ୟ କରି ମୁଁ ଏତେ ଅସହାୟ ଓ ଅଡୁଆ ବୋଧ କଲି ଯେ ତା'ର ପଳାଇବା ପ୍ରତି ଆଖି ମୁଦି ଦେଲି ।

ଅବଶ୍ୟ ଯେ ପର୍ଯ୍ୟନ୍ତ ଏ ସବୁ ଉଲ୍ଲେଖଯୋଗ୍ୟ ଛାଞ୍ଚ କେବଳ ଆମ ଗ୍ରହପୃଷ୍ଠରେ ଥିବା ଜୀବଜଗତରେ ଦେଖାଯାଉଥିଲା, ସେ ପର୍ଯ୍ୟନ୍ତ କୌଣସି ବିଶେଷ ଆତଙ୍କର କାରଣ ନଥିଲା । ୧୮୧୨ ମସିହାରେ କୁଭିଏର ଏକ ଚମକପ୍ରଦ ଚେଷ୍ଟା କରିଥିଲେ । ଜୀବଜଗତର ବିଭିନ୍ନ ବର୍ଗର ସଂଖ୍ୟା କମାଇ ସେ ଚାହିଁଥିଲେ ଚାରିଗୋଟି ପୃଥକ୍ ପୃଥକ୍ ମୂଳ ଶ୍ରେଣୀ ଗଢ଼ିବାକୁ । ତାଙ୍କର ଏପରି ଚେଷ୍ଟା ପରେ ମଧ୍ୟ କେହି ବିଶେଷ ଚିନ୍ତିତ ହୋଇ ନଥିଲେ । ଧର୍ମୀୟ ଦିଗରୁ ତ କୌଣସି ବିରକ୍ତିର ବିନ୍ଦୁମାତ୍ର କାରଣ ନଥିଲା । ଲୁଇ ଆଗାସିଜ୍ ନାମକ ବିଖ୍ୟାତ ନିସର୍ଗବେତ୍ତାଙ୍କ ମତରେ ଜଡ଼ଜଗତର ନିୟମମାନଙ୍କର ବାଧ୍ୟତାମୂଳକ କ୍ରିୟାରୁ ଏଇ ସୃଷ୍ଟିର ନକ୍ସା ଗଢ଼ିଉଠି ନାହିଁ । ବରଂ ଏଇ ନକସା ହେଉଛି ସର୍ବଶକ୍ତିମାନ୍ ଜ୍ଞାନସ୍ୱରୂପଙ୍କର ସ୍ୱାଧୀନ ଧାରଣାର ରୂପରେଖ, ସ୍ପର୍ଶଯୋଗ୍ୟ, ବାହ୍ୟ ଆକାରମାନଙ୍କରେ ପ୍ରକାଶିତ ହେବା ପୂର୍ବରୁ ଏହା ତାଙ୍କ ଚିନ୍ତା ଭିତରେ ପୂର୍ଣ୍ଣ ପରିଣତି ଲାଭ କରିଥିଲା ।

କିନ୍ତୁ ବେଶିଦିନ ବିତିବା ପୂର୍ବରୁ, ବର୍ତ୍ତମାନ ଜଗତରେ ପ୍ରଥମ କରି ଲକ୍ଷିତ ହୋଇଥିବା ଏଇ ଛାଞ୍ଚ ବା ଦୈବୀ ନକ୍ସାକୁ ପ୍ରାଣିବିଜ୍ଞାନୀମାନେ ଅତୀତର ଗହନ ତଳେ ଅନୁସରି ପଛକୁ ପ୍ରସାରିତ କରିଥିଲେ । ସେତେବେଳେ ପ୍ରାଚୀନ ଜନ୍ତୁ ଜଗତର ଆବିଷ୍କାର ଚାଲିଥିଲା । ସେ ଜଗତରେ ମସ୍ତିଷ୍କର ଅସ୍ତିତ୍ୱ ମିଳୁ ନଥିଲା । ଅଦ୍ଭୁତ ମନେ ହେଲେ ବି କିଛିଦିନ ଭିତରେ ଜଣାପଡ଼ିଥିଲା ଯେ ସେଇ ସବୁ ଲୁପ୍ତ ଜାନୋୱାରମାନେ ବର୍ତ୍ତମାନ ଜଗତର ମୂଳ ଶ୍ରେଣୀ-

ମାନଙ୍କର ଅନ୍ତର୍ଭୁକ୍ତ ହୋଇପାରିବେ, ଅର୍ଥାତ୍ ଲକ୍ଷଣ ଅନୁସାରେ ସେମାନେ ସ୍ତନ୍ୟପାୟୀ ଉଭୟଚର ବା ସରୀସୃପ ବର୍ଗର ଅନ୍ତର୍ଗତ । କୌଣସି ଜୀବିତ ମଣିଷର ଆଖି ସିନା ତାଙ୍କୁ ଦେଖି ନାହିଁ; କିନ୍ତୁ ଅତୀତର ବିଶାଳ କାଳସ୍ରୋତ ଅତିକ୍ରମ କରି ସେମାନେ ଜଣାପଡ଼ନ୍ତି ସେହି ଦିବ୍ୟ ସ୍ତବକାର, ଚିରନ୍ତନ ହାଙ୍ଗାର କ୍ରମପରିଣାମ ପରି ।

ସେଇ ଆବିଷ୍କାରର ଦ୍ୱିତୀୟ ତଥ୍ୟ ଥିଲା ଯେ, ମଣିଷ ପ୍ରାଚୀନତମ ଅତୀତରେ ନଥିଲା; ଏହା କ୍ଷୋଭର କାରଣ ଘଟାଇଥିଲା, କାରଣ ସେତେବେଳେ ମଣିଷକୁ ବିଶ୍ୱଜଗତର କେନ୍ଦ୍ର ବୋଲି ଧରା ହେଉଥିଲା । ତେଣୁ ସରୀସୃପ ଯୁଗର ଆବିଷ୍କର୍ତ୍ତା ରେଭରେଣ୍ଡ୍ କିର୍ବିଙ୍କର ମନୋବେଦନା ଆମେ ଅନୁଭବ କରିପାରୁ—"ଭଗବାନଙ୍କର ସେବା ଓ ଜୟଗାନ କରିବା ସକାଶେ ଗୋଟିଏ ହେଲେ ବିବେକବାନ୍ ଜୀବ ନଥିବା ଅତୀତର ସେହି ଜଗତ କେବଳ ଦାନବୀୟ ଜନ୍ତୁଙ୍କ ବିହାର ନିବାସ ପାଇଁ ଅସୀମ ଶକ୍ତି ଓ ଅମାପ ଜ୍ଞାନର ଅଧିକାରୀ ମଙ୍ଗଳମୟ ପ୍ରଭୁ ଯେ ସୃଷ୍ଟି କରିଥିଲେ—ଏହା କିଏ ଭାବିପାରେ ?" ଏହା ଥିଲା ମଣିଷର ଆହତ ଅହଂଭାବର ଆର୍ତ୍ତନାଦ । କାରଣ ପ୍ରାଚୀନ ପଙ୍କ ଉପରେ ତାର ପ୍ରଭୁତ୍ୱର ଚିହ୍ନମାତ୍ର ଆବିଷ୍କାର କରିନପାରି ସେ କ୍ଷୁବ୍ଧ ହୁଏ । ଏହା ଅପେକ୍ଷା ଅଧିକ ଶୋଚନୀୟ କଥା ଯେ, ମଣିଷର ଆବିର୍ଭାବ ସକାଶେ ତିଳେମାତ୍ର ଖାତିର ନକରି ଏଇ ଜଗତ ବହୁ ସହସ୍ରାବ୍ଦୀ ଧରି ବର୍ତ୍ତମାନ ଥିଲା । ଅଥଚ ଆମର ଧାରଣା ଯେ ମଣିଷର ଉପଭୋଗ ପାଇଁ ଏ ଜଗତର ସୃଷ୍ଟି ହୋଇଛି । ମାତ୍ର ଏବେ ମଣିଷର ମଗଜର ବନ୍ଦ କବାଟ ପଛରେ ସ୍ଥାନ ଓ ଓ କାଳ ସମ୍ବନ୍ଧୀୟ ଏପରି ପୁରୁଣା ଧୂଆଁ ସଫା ହୋଇ ଆସୁଛି ।

କିନ୍ତୁ ଭୂତାତ୍ତ୍ୱିକ ଭବିଷ୍ୟଦ୍‌ବାଣୀର ଚକ୍ଷୁ ମଣିଷ କାଢ଼ିଥିଲା ସେଇ ସମୟରେ ଯେତେବେଳେ ତାର ମନରେ କଠିଣ ସଙ୍କଟର ଛାୟା ଖେଳୁଥିଲା, ମଣିଷ ନଥିବା ଦାନବୀୟ ଜଗତର ଅଶୁଭ ଭବିଷ୍ୟତର ଛାୟା ରାତିର କଳା ଅନ୍ଧାର ପରି ସେ ମନରେ ପୋଷୁଥିଲା । ପରନ୍ତୁ ବର୍ଷ ଧରି ସମୟର ଯେ ପ୍ରସବକୁ ସେଇ ତତ୍ତ୍ୱ ଅଙ୍କିବାକୁ ଚାହିଁଥିଲା ଓ ସେ ତତ୍ତ୍ୱର ବ୍ୟାଖ୍ୟାତା-ମାନେ ଏକ ବିଶେଷ ଶେଷ ଚେଷ୍ଟା କରିଥିଲେ । ବୁଦ୍ଧିର ଖେଳ ଓ ଉପମା

ସାହାଯ୍ୟରେ ସେମାନେ ଗୁହିଁଥିଲେ ଅସୀମ ବ୍ୟୋମର ସେପଟେ ମଣିଷର ଜୀବନ ନାଟ୍ୟକୁ ପ୍ରସାରିତ କରିବା ପାଇଁ । ଉଡ଼ନ୍ତା ଚକରେ ଥିବା ଛୋଟ ମଣିଷର କାହାଣୀ ଆଜି ମଧ୍ୟ ତାହାର ପ୍ରତିଧ୍ୱନି ଆମ ମନରେ ଜଗାଇଥାଏ । ଭାବାବେଗବର୍ଜିତ ବିଜ୍ଞାନର ଗ୍ରନ୍ଥମାନଙ୍କରେ ଏହାଠାରୁ ବଳି ଉପାଖ୍ୟାନ ସୃଷ୍ଟିର ଦୁଃସାହସ ଆଉ କେବେ ହୋଇନଥିଲା ।

ମୋର ବହି ଆଲମାରିର ଥାକରେ 'ଦ ଟେଷ୍ଟିମନି ଅଫ୍ ଦ ରକ୍‌ସ' ନାମକ ହିଉମିଲର୍‌ଙ୍କର ଗୋଟିଏ ପୁରୁଣା ବହି ଅଛି । ସେଥିରେ ଏଇ ଅନୁଚ୍ଛେଦଟି ଅଛି—'ଟ୍ରିୟାସ୍' ଯୁଗର ଭୂସ୍ତରର କିଛି ଊର୍ଦ୍ଧ୍ୱରେ ଆମେ ଠାଏ ଏପରି ଗୋଟିଏ ଜିନିଷ ଦେଖି ଚମକି ପଡ଼ିଲୁ ତାହା ମନେ ହେଲା ମଣିଷ ହାତର ଛାପ ବୋଲି । ଆକାରରେ ଏହା ବିରାଟ ଓ କୁଣ୍ଡୀ ଥିଲା । କିନ୍ତୁ ମଣିଷହାତ ପରି ଏହାର ବୁଢ଼ା ଅଙ୍ଗୁଳି ମଧ୍ୟ ଅନ୍ୟ ଅଙ୍ଗୁଳିର ବିପରୀତ ଥିଲା ।''

ଏହି ଧାଡ଼ିଗୁଡ଼ିକ ବୁଝିବା ପାଇଁ ଗୋଟିଏ ମାତ୍ର ବାଟ ଅଛି । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପ୍ରାଣିବିଜ୍ଞାନୀମାନେ ଜାଣିସାରିଥିଲେ ଯେ, ପଶୁ ଜଗତର ସାଂଗଠନିକ ସଂହତି କିଛି ଅତୀତ ଯୁଗରେ ମଧ୍ୟ ଥିଲା ଏବଂ ସେତେବେଳେ ତାହା ଦେଖିଥିବା କୌଣସି ପ୍ରାଣୀ ଆଜିଯାଏ ନାହିଁ ନାହିଁ । ସେଇ ବିଜ୍ଞାନୀମାନେ ତାହାକୁ ଏକ ଅପାର୍ଥିବ ଓ ପ୍ରାକୃ ଭୌତିକ ଧାରା ବୋଲି ମନେ କରୁଥିଲେ । ଜଡ଼ ଜଗତର ପାରସ୍ପରିକ ସମ୍ପର୍କରୁ ଯେ ପ୍ରାଚୀନ ପ୍ରାଣୀମାନଙ୍କର ସାଂଗଠନିକ ସଂହତି ପ୍ରକୃତରେ ଗଢ଼ି ଉଠିଥିଲା, ଏହା ବିଶ୍ୱାସ କରିବାକୁ ସେମାନେ ଅସ୍ୱୀକାର କରୁଥିଲେ । ବରଂ ପ୍ରାଚୀନ ଜୀବମାନଙ୍କର ସୃଷ୍ଟି ଓ ସଂହାରର କ୍ରମ ଭିତରେ ସେମାନେ ଆବିଷ୍କାର କରୁଥିଲେ ଏକ ସୁସଙ୍ଗତ ଯୋଜନା, ଯାହାର ଅଦଳବଦଳ ଈଶ୍ୱରଙ୍କ ଇଚ୍ଛାରୁହିଁ ସମ୍ଭବ ଥିଲା । ଜଣେ ଲେଖକଙ୍କ ମତରେ ଭୂତତ୍ତ୍ୱ ଏକ ମାଦଳାପାଞ୍ଜି ପରି । ପରେ କଅଣ ଘଟିବ, ସେ ବିଷୟରେ ଚେତାବନୀ ମଧ୍ୟ ସେଥିରୁ ମିଳେ ।''

ଏପରି ତତ୍ତ୍ୱସବୁକୁ ଭୂତତ୍ତ୍ୱ ଜରିଆରେ ଧର୍ମ ବ୍ୟାଖ୍ୟା ବୋଲି କହି ହେବ । ଏଇ ପ୍ରଥା ଆରମ୍ଭ ହେବା ପୂର୍ବରୁ ୬୨୬ ମସୀହାରେ ଜୁଶରର

ଅଧ୍ୟାପକ ସ୍କିଉଚଜାର ଏକ ଉଭୟଚର ଜୀବର କଙ୍କାଳ ପାଇଥିଲେ । ଏହା ବହୁ ପୂର୍ବରୁ ଲୋପ ପାଇସାରିଲାଣି । ସେ ଏହାକୁ ବର୍ଣ୍ଣନା କରିଥିଲେ 'ହୋମୋ ଡାଲିଭି ଟେଷ୍ଟିସ୍' ଅର୍ଥାତ୍ ବାଇବେଲରେ କଥିତ 'ମହାପ୍ଲାବନ ଦେଖିଥିବା ମଣିଷ' । ସେଇ କଙ୍କାଳର ଭଗ୍ନାବଶେଷଗୁଡ଼ିକୁ ପ୍ରଥମରେ ଖୁବ୍ ଭକ୍ତିଭରେ କୁହାଯାଉଥିଲା ଅତୀତ ଜଗତର ଅଭିଶପ୍ତ ଜାତିର ଦୁର୍ଲଭ ନିଦର୍ଶନ ବୋଲି । ପରେ ତାହା ଏକ ଜନ୍ତୁ କଙ୍କାଳ ବୋଲି ଜଣାପଡ଼ିବାରୁ ସେ ବିଷୟରେ ଆଗ୍ରହ ସରିଯାଇଥିଲା । କିନ୍ତୁ ଭୂତାତ୍ତ୍ୱିକ ଭବିଷ୍ୟଦ୍‌ବାଣୀର ଜଟମାନ୍ୟତା ସଙ୍ଗେ ସଙ୍ଗେ ଏଇ ଅତିକାୟ 'ସାଲାମାଣ୍ଡର' ବା ଶ୍ରେଷ୍ଠ ଲଞ୍ଜଥିବା ସରୀସୃପର ପୁନରୁଲ୍ଲେଖ ମିଳେ ଗଣ୍ୟମାନ୍ୟ ସ୍କଟଲ୍ୟାଣ୍ଡବାସୀ ଦାର୍ଶନିକ ଜେମସ୍ ମ୍ୟାକ୍‌କୋସଙ୍କ ଲେଖାରେ । ସ୍କିଉଚ୍‌ଜାରଙ୍କୁ ମିଳିଥିବା ପ୍ରାଚୀନ ନିଦର୍ଶନ ଯେ ପ୍ରକୃତରେ ଜନ୍ତୁ କଙ୍କାଳ ଏହା ସ୍ୱୀକାର କରି ମଧ୍ୟ ହତୋତ୍ସାହ ନହୋଇ ମ୍ୟାକ୍‌କୋସ୍ ୧୮୫୭ ମସିହାରେ ଯୁକ୍ତି ବାଢ଼ିଥିଲେ ଯେ, "ମେରୁଦଣ୍ଡୀ ପ୍ରାଣୀଙ୍କର ପୂର୍ଣ୍ଣ ପରିଣତିର ଶିଖରରେ ପହଞ୍ଚିବା ପାଇଁ ତଥାପି ବହୁଯୁଗ ଗଡ଼ିଯିବା ଦରକାର ଥିଲା । ମଣିଷର ଆବିର୍ଭାବ ସକାଶେ ପ୍ରସ୍ତୁତ ହେବେ ବି ସରିନଥିଲା । ତଥାପି ସ୍କିଉଚ୍‌ଜାରଙ୍କୁ ମିଳିଥିବା କଙ୍କାଳରେ ମଣିଷର 'ଅସ୍ଥି ସଂସ୍ଥାନରୁ ତା'ର ଯେଉଁ ସମ୍ପୂର୍ଣ୍ଣ ଆକୃତି ଜଣାଯାଏ, ତାହାର ଏକ ପୂର୍ବସୂଚନା ଥିଲା ।"

ଏହିପରି ଦାର୍ଶନିକ ତତ୍ତ୍ୱର ଆଲୋକରେ ସେଇ କ୍ଷୁଦ୍ର ଓ ବିରାଟ ହାତର ବ୍ୟାଖ୍ୟା କରିବାକୁ ପଡ଼ିଥିଲା ମାଟି କାଦୁଅରେ ଗଡ଼ୁଥିବା ଉଭୟଚର ଜନ୍ତୁ ଓ ହାଇ ମାରୁଥିବା ଝିଟିପିଟିମାନଙ୍କ ଭିଡ଼ ଭିତରୁ; ତାହା କ୍ରମାନ୍ୱୟରେ ମଣିଷର ଅଭ୍ୟୁଦୟର ପଥ ନିର୍ଦ୍ଦେଶ କରୁଥିଲା । ପ୍ରାଚୀନ ଜଙ୍ଗଲର ଗଛପତ୍ର ଯେଉଁ ସନ୍ତସନ୍ତିଆ ଜମିରେ ସଢ଼ି କୋଇଲାରେ ପରିଣତ ହେଉଥିଲା, ସେଥିରେ ସରୀସୃପ ଜାତୀୟ ପଶୁମାନେ ବୁଲୁଥିଲେ । ଏହା ତାଙ୍କର କାହାର ପଦଚିହ୍ନ ମଧ୍ୟ ହୋଇଥାଇପାରେ । କିନ୍ତୁ ତାହା ସ୍ୱୀକାର କଲେ ମଧ୍ୟ ମନେ ରଖିବାକୁ ହେବ ଯେ ସେ ଜନ୍ତୁ ମେରୁଦଣ୍ଡୀ । ତାହାର ଶରୀରର ଗଠନ ପରବର୍ତ୍ତୀ ଭବିଷ୍ୟତର ଆଭାସ ଦେଉଥିଲା ।

ଆମର ଭୂତାତ୍ତ୍ୱିକ ଭବିଷ୍ୟଦ୍ରଷ୍ଟାମାନଙ୍କର ପ୍ରଧାନ ମନୋଯୋଗ ଯେ ସରୀସୃପମାନଙ୍କଠାରେ ଥିଲା ଏହା ଭାବିଲେ ଭୁଲ ହେବ । ସେମାନେ ମାଛ, ପକ୍ଷୀ, 'ସାଲମାଣ୍ଡାର' ଜାତୀୟ ଲାଞ୍ଜଥିବା ସରୀସୃପ ପ୍ରଭୃତିଙ୍କ ଅଙ୍ଗସଂସ୍ଥାନ ପରୀକ୍ଷା କରୁଥିଲେ । ସେମାନଙ୍କ କଙ୍କାଳସବୁରେ ଖୋଜୁଥିଲେ ମଣିଷର ପୂର୍ଣ୍ଣତର ଗଠନର ପୂର୍ବାଭାସ । ସବୁ ଧାରାର ଚରମ ଲକ୍ଷ୍ୟ ଥିଲା ମଣିଷ । ତାର ଆସିବା ପୂର୍ବରୁ ଜଗତର ନାଟମଞ୍ଚରେ କେବଳ ସାଜସଜ୍ଜା ଚାଲିଥିଲା । ଗତ ଶତାବ୍ଦୀରେ ମଣିଷର ଅହଂଭାବରେ ଯେଉଁ ଆଘାତ ଲାଗିବାର କଥା କୁହାଯାଇଛି, ଏହି ଭାବରେ ସେଥିରେ ପ୍ରଲେପ ଦିଆଯାଉଥିଲା । ସେତେବେଳେ ଧାରଣା ଥିଲା ଯେ, ମଣିଷର ମହାନାଟ୍ୟରେ ଅତୀତ କେବଳ ମୁଖବନ୍ଧ ମାତ୍ର । ସର୍ବଶେଷରେ ମଣିଷହିଁ ସମସ୍ତ ଜଗତର କେନ୍ଦ୍ର ।

ଡାରଉଇନଙ୍କ ମହାଗ୍ରନ୍ଥ 'ଅରିଜିନ ଅଫ୍ ସ୍ପିସିଜ୍' ପ୍ରକାଶିତ ହେବାର ପୂର୍ବବର୍ତ୍ତୀ ସେଇ ପଚାଶ ବର୍ଷ ପ୍ରତି ଯଦି ଆଜି ଆମେ ଦୃଷ୍ଟିପାତ କରୁ ତେବେ ତାହା ଏକ ଅଦ୍ଭୁତ 'ଅର୍ଦ୍ଧ ଶତାବ୍ଦୀ' ବୋଲି ମନେ ହେବ । ଯେଉଁ ଏକ ପୁରୁଷ ଆୟୁକାଳର ଲୋକମାନେ ସେଇ ସମୟରେ ପ୍ରାଧାନ୍ୟ କରୁଥିଲେ ସେମାନେ ଜଗତକୁ ଦେଖୁଥିଲେ ଏକ ଜଟିଳ,ପ୍ରତୀକମୟ ବ୍ୟବସ୍ଥାରୂପେ । ଏହାର ଚୂଡ଼ାନ୍ତ ଲକ୍ଷ୍ୟ ଥିଲା ମଣିଷ ଆତ୍ମାକୁ । ସୃଷ୍ଟିର ଆଦିରୁ ତାହାର ପୂର୍ବାଭାସ ମିଳୁଥିଲା ଏବଂ ତାହାର ଆକୃତି ମଧ୍ୟ ଆଗରୁ ଜଣାପଡ଼ୁଥିଲା । ଏଇ ଅଦ୍ଭୁତ ସୃଷ୍ଟିଚକ୍ରର ଶେଷ ସୋପାନ ହେଲା ମଣିଷ,ସେ ସମସ୍ତଙ୍କ ଶେଷରେ ଜଗତକୁ ଆସିଛି । ସେଇ ସବୁ ଚିନ୍ତାଶୀଳ ଲୋକଙ୍କ ମଧ୍ୟରୁ ଅନେକେ ମନେ କରୁଥିଲେ ଯେ, ବିକାଶର ପ୍ରଣାଳୀ ମଣିଷଠାରେହିଁ ସରିଯାଏ ଓ ଜୀବଜଗତରେ ଆଉ ଅଧିକ ପରିବର୍ତ୍ତନ ଆଶା କରିଯାଏ ନାହିଁ । ଏଇ ସବୁ ଅତୀନ୍ଦ୍ରିୟବାଦୀ ଉଦ୍‌ବର୍ତ୍ତନ ବୈଜ୍ଞାନିକଙ୍କର ପୂର୍ଣ୍ଣମନୋଯୋଗ ମଣିଷରେ କେନ୍ଦ୍ରୀଭୂତ ହୋଇଥିବାରୁ, ତାଙ୍କ ଧାରଣାରେ ବହିର୍ମୁଖୀ ବିକାଶ ବା ସାମଞ୍ଜସ୍ୟ ବିଧାନ ଜନିତ ପରିବର୍ତ୍ତନର ଅବକାଶ ସହଜ ନଥିଲା । ସେମାନେ ଅପାର୍ଥିବ, ଗୁଣବାଚକ ଓ 'ପ୍ଲେଟୋ'ଙ୍କ ମତାନୁଯାୟୀ ଧାରଣାର ବଶବର୍ତ୍ତୀ ହୋଇଥିବାରୁ ଏହା ଅବଧାରିତ ଥିଲା ଯେ ସେମାନେ ତାଙ୍କର ତତ୍ତ୍ୱକୁ ମହାବ୍ୟୋମର ସେପଟେ ପ୍ରସାରିତ କରିବାକୁ

ବୁଝିବେ । ତାଙ୍କର କଳ୍ପିତ ନକ୍ସାରେ ଅଦଳବଦଳର ଏପରି ସୁଯୋଗ ଥିଲା ଯେ ଅନ୍ୟ ଗ୍ରହମାନଙ୍କର ଶ୍ରେଷ୍ଠ ମଣିଷ, ବଡ଼ ମଣିଷ, ନାନା ରଙ୍ଗର ମଣିଷର ଅସ୍ତିତ୍ୱ ଅନୁମାନ କରିବାରେ ବାଧା ନ ଥିଲା । କିନ୍ତୁ ଗୋଟିଏ ଜିନିଷ ସୁନିର୍ଦ୍ଦିଷ୍ଟ ଥିଲା ଯେ, ସେହି ଗ୍ରହାନ୍ତର ପ୍ରାଣୀମାନେ ଅବଶ୍ୟ ମଣିଷ ହେବା ଉଚିତ । ଗୋଟିଏ କଥା ସେମାନେ ଭୁଲିଯାଇଥିଲେ ଯେ ମଣିଷ ଯେଉଁ ସବୁ କ୍ରମବିବର୍ତ୍ତନମୂଳକ ବିଶେଷ ଅବସ୍ଥାକ୍ରମ ଜରିଆରେ ନିଜସ୍ୱ ଦେହଗଠନ ଓ ସିଧା ହୋଇ ଚାଲିବାର ଅଭ୍ୟାସ ଅର୍ଜନ କରିଛି, ତାହା ସହଜରେ ଗ୍ରହାନ୍ତରରେ ବା ଅନ୍ୟତ୍ର ଆଉ ଥରେ ମିଳିବା ମୁସ୍କିଲ ।

ଆମ ଦୁନିଆ ଯେ ଗୋଟିଏ ମାତ୍ର ନୁହେଁ, ଏପରି ଅନ୍ୟ ବହୁ ଦୁନିଆ ଯେ ମହାଶୂନ୍ୟରେ ଅଛି—ଏଇ ମତବାଦ ଖୁବ୍ ପ୍ରାଚୀନ. ଅର୍ଥାତ୍ ମହାଶୂନ୍ୟରେ ଦିଶୁଥିବା ଆଲୋକ ବିନ୍ଦୁଗୁଡ଼ିକ ଆମେ ବାସକରୁଥିବା ଗ୍ରହପରି ହୋଇପାରନ୍ତି । କୋପର୍ନିକସ୍‌ଙ୍କ ସୌର୍ଯ୍ୟକେନ୍ଦ୍ରିକ ତତ୍ତ୍ୱର ଅଭ୍ୟୁଦୟ ପରେ ଆମ ପୃଥିବୀ ଯେ ଏକ କେନ୍ଦ୍ରସ୍ଥ ସୂର୍ଯ୍ୟର ଚାରିପଟେ ବୁଲୁଥିବା ଗ୍ରହମଣ୍ଡଳର ଅଂଶମାତ୍ର—ଏ ଧାରଣା ବଢ଼ିଥିଲା । ଏହାପରେ ଦାର୍ଶନିକମାନେ ଅଧିକରୁ ଅଧିକଭାବରେ କହିବାକୁ ଲାଗିଲେ ଯେ, ମହାଶୂନ୍ୟରେ ଦିଶୁଥିବା ତାରମାନେ ଜନବହୁଳ ଥିବା ଆମ ପୃଥିବୀର ଅବିକଳ ଅନୁରୂପ ।

ଏଥିରୁ କ୍ରମଶଃ ଦୁଇଟି ଦଳ ହେଲେ ଓ ତାଙ୍କ ଭିତରେ କଳି ବଢ଼ିଲା । ଗୋଟିଏ ଦଳ ବିଶ୍ୱାସ କରୁଥିଲେ ଯେ, ଈଶ୍ୱରଙ୍କ ଶକ୍ତିର ଅନନ୍ତ ସୃଷ୍ଟି କ୍ଷମତା ଗ୍ରହନକ୍ଷତ୍ରରେ ବ୍ୟାପ୍ତ ହୋଇଛି । ଅନ୍ୟ ଦଳଙ୍କ ମତରେ ଈଶ୍ୱରଙ୍କ ଅସୀମ ଲୀଳା ଯେ ଏଇ ଗ୍ରହର ବାସିନ୍ଦା ବ୍ୟତୀତ ଅନ୍ୟ କାହାଠାରେ ସମ୍ପୃକ୍ତ ହୋଇଛି—ଏହା ଅଗ୍ରୁମାତ୍ର ଅନୁମାନ କରିବା ବି ଧର୍ମବିରୋଧୀ ଓ ଖ୍ରୀଷ୍ଟିଆନ ଆଦର୍ଶ ପକ୍ଷେ ବିପଜ୍ଜନକ । ମଣିଷର ମାନସଦୃଷ୍ଟି ସେ ସମୟରେ ଅତି ବେଶି ପ୍ରସାରିତ ହୋଇଥିବାରୁ ଏଇ କଳହ ତୀବ୍ରତର ହୋଇଥିଲା । ସେ ଦୃଷ୍ଟି ଦୂରବୀକ୍ଷଣଯନ୍ତ୍ର ସାହାଯ୍ୟରେ ଅସୀମ ଦୂରତ୍ୱ ମାପିବାକୁ ଆରମ୍ଭ କରିଥିଲା ଓ ଅଣୁବୀକ୍ଷଣଯନ୍ତ୍ର ସାହାଯ୍ୟରେ କ୍ଷୁଦ୍ରାତିକ୍ଷୁଦ୍ର ଜିନିଷକୁ ପରୀକ୍ଷା କରି ପାରୁଥିଲା । ଏହିପରି ନୂଆ ଅଭିଜ୍ଞତା ମଣିଷକୁ ସମ୍ମୁଖୀନ କରି

ଦେଇଥିଲା । ଅନ୍ୟ କେତେକ ଲୋକଙ୍କର ନୂତନକୁ ସ୍ୱୀକାର କରିବାର ଆଗ୍ରହ ବେଶି ଥିଲା । ତଥାପି ସେମାନେ ନୂଆ ମିଳିଥିବା ଅଭିଜ୍ଞତା ସଙ୍ଗେ ପ୍ରାଚୀନ ବିଶ୍ୱାସର ସମନ୍ୱୟର ଚେଷ୍ଟାରେ 'ଜ୍ୟୋତିର୍ବିଦ୍ୟାମୂଳକ ଧର୍ମତତ୍ତ୍ୱ'ର ବ୍ୟାଖ୍ୟାନର ପ୍ରସ୍ତାବ କରିଥିଲେ ।

ଗତ ଶତାବ୍ଦୀର ମଧ୍ୟଭାଗରେ ଅନ୍ୟ ଦୁନିଆରେ ପ୍ରାଣୀଥିବାର ସମ୍ଭାବନା ସମ୍ବନ୍ଧରେ ଆଗ୍ରହ ବଢ଼ିଥିଲା । ବିଜ୍ଞାନର ନୂଆ ଆବିଷ୍କାରସବୁ ଓ ମରହଣି ଧର୍ମତତ୍ତ୍ୱ ପ୍ରତି ଲୋକଙ୍କର ଆସ୍ଥା ସେତେବେଳେ ଟଳୁଥିଲା । ଆମ ପୃଥିବୀ ଗ୍ରହର ଜୀବନେତିହାସ ସେତେବେଳେ ସମ୍ପ୍ରତି ଆବିଷ୍କୃତ ହୋଇଥିଲା । ଗ୍ରହ-ନକ୍ଷତ୍ର ନିରୀକ୍ଷଣ କରିବା ପାଇଁ ଯନ୍ତ୍ରମାନଙ୍କର ପ୍ରଚୁର ଉନ୍ନତି ମଧ୍ୟ କରାଯାଇଥିଲା । ଏହା ସବୁ ଜନସାଧାରଣଙ୍କ ମନରେ ଗଭୀର ଆଗ୍ରହ ସୃଷ୍ଟି କରିଥିଲା । ପ୍ରକୃତରେ ଯାହାସବୁ ଦୃଷ୍ଟିଗୋଚର ହେଉଥିଲା ତାହାଠାରୁ ବହୁଦୂର କଳ୍ପନା ଅନେକ କ୍ଷେତ୍ରରେ ମାଡ଼ି ଯାଉଥିଲା ।

୧୮୫୪ ମସିହାରେ ଉଇଲିଆମ୍ ହ୍ୱେଏଓ୍ୱେଲ୍ ଲେଖିଥିଲେ, 'ମୋର ମନେହୁଏ ବୃହସ୍ପତି ଗ୍ରହର ଅଧିବାସୀମାନେ ଜଳସ୍ଥ ତରଳ ରସ ଓ ଧଳା ଦାବର ଘଣ୍ଟି ଘଣ୍ଟି ପ୍ରାଣୀ ହୋଇଥିବେ । ଯଦି ସେଠି ପ୍ରାଣୀର ଅସ୍ତିତ୍ୱ ଥାଏ, ତେବେ ସେଇ ଜୀବମାନେ ଅସ୍ଥିହୀନ, ଜଳୀୟ, ମଣ୍ଡପରି ପ୍ରାଣୀଙ୍କ ସ୍ତରରୁ କୌଣସି କ୍ରମେ ଉନ୍ନତତର ଥିବାର ସମ୍ଭାବନା ନାହିଁ

ଏପରି ମନ୍ତବ୍ୟ କେବଳ ତତ୍ତ୍ୱାଲାପ ଉଦ୍ଦେଶ୍ୟରେ କରାହୋଇ ନଥିଲା । ହ୍ୱେଏଓ୍ୱେଲଙ୍କ ବହିର ନାମ 'ପ୍ଲୁରାଲିଟି ଅଫ୍ ଓ୍ୱାର୍ଲ୍ଡସ୍' । ସେଥିରେ ସେ ଦେଖାଇଛନ୍ତି ଯେ, ଅନ୍ୟ ଗ୍ରହମାନଙ୍କରେ ବା ଅପର ନୀହାରିକାପୁଞ୍ଜରେ ଥିବା ସୁଦୂର ଜଗତରେ ପ୍ରାଣର ଅସ୍ତିତ୍ୱ ସମ୍ବନ୍ଧୀୟ ଧାରଣାର ସେ ପରିପ୍ସାର ବିରୋଧୀ । ବେଶ୍ ବେଶି ହେଲେ ଉପରେ ଉଦ୍ଧୃତ ଅନୁଚ୍ଛେଦରେ ଉଲ୍ଲିଖିତ ରସଦ୍ରାବମୟ ପ୍ରାଣୀର ଅସ୍ତିତ୍ୱ ସେ ମାନି ପାରନ୍ତି । କିନ୍ତୁ ସେ ଅସ୍ୱୀକାର କରୁଥିଲେ ଯେ, ଅନ୍ୟତ୍ର ମଣିଷ ମିଳି ପାରନ୍ତି । ସେ ଯୁକ୍ତି କରିଥିଲେ ଯେ, ମହାଶୂନ୍ୟରେ ନିକୃଷ୍ଟ ଓ ଉଚ୍ଚ କୋଟିର ଅଞ୍ଚଳ ଅଛି । ଅସଂଖ୍ୟ ସହସ୍ରାବ୍ଦୀର ନିମ୍ନ ଶ୍ରେଣୀର ପ୍ରାଣୀମାନେ ମଣିଷର ପୂର୍ବବର୍ତ୍ତୀ ହେଲେ ହେଁ, ମଣିଷ ଏକ

ଉଚ୍ଚ ଶ୍ରେଣୀର ଜୀବ । ସେ ଆମର ମନୋଯୋଗ ଏହି ତଥ୍ୟ ପ୍ରତି ଆକର୍ଷଣ କରିଛନ୍ତି ଯେ, 'ଅସରନ୍ତି ଯୁଗସ୍ରୋତ ମଧ୍ୟରେ ମାତ୍ର କେତୋଟି ବର୍ଷ ଭିତରେ ସୃଷ୍ଟିର ବୃଦ୍ଧି ମଧ୍ୟ ରୂପ ସନ୍ନିବିଷ୍ଟ । ତେବେ କାହିଁକି ନ କହିବା ଯେ, ଏହି ବୃଦ୍ଧିର ସୃଷ୍ଟି ମାତ୍ର କେତୋଟି ମାଇଲର ପରିଧିରେ ସମାପ୍ତ ?' ଅତି ପ୍ରାକୃତ କୌଣସି ଶକ୍ତିର ହସ୍ତକ୍ଷେପ ଯୋଗୁଁ ପୃଥିବୀରେ ମଣିଷର ଆମଦାନୀ ଘଟିଛି, ତେଣୁ ଏଇ ଗ୍ରହ ଅଦ୍ୱିତୀୟ ।

ହ୍ୱାଏଓ୍ୱେଲ୍‌ଙ୍କ ପ୍ରବନ୍ଧ ଏକ ବିତର୍କର ଝଡ଼ ସୃଷ୍ଟି କରିଥିଲା । ସେ ଆଲୋଚନାର ଜନପ୍ରିୟ ଢଙ୍ଗକୁ ସେ ସମର୍ଥନ କରି ନ ଥିଲେ । ତାଙ୍କର ବିରୋଧ କରି ସାର୍ ଡ୍ୱର୍ଲସ୍ ବ୍ରୁଷ୍ଟାର ସ୍ୱନାମଧନ୍ୟ ବହି ଲେଖିଥିଲେ 'ମୋର୍ ଓ୍ୱାର୍ଲ୍ଡସ୍ ଦ୍ୟାନ୍ ଓ୍ୱାନ୍ ।' ସେଥିରେ ସେ ସ୍ପଷ୍ଟ ଲକ୍ଷଣ ସହି ଦାବୀ କରିଥିଲେ ଯେ, 'ଗୋଟିଏ ଉପଗ୍ରହର କିସ୍ସା ଯାହା, ସବୁ ଉପଗ୍ରହର କିସ୍ସା ନିଶ୍ଚୟ ତାହା । ପୃଥିବୀକୁ ଆଲୋକ ଦେବାରେ ଆମର ଜହ୍ନର ଯେଉଁ କିସ୍ସା, ନିଶ୍ଚୟ ତାହା ସୌରମଣ୍ଡଳରେ ଥିବା ଅନ୍ୟ ବାଇଶିଟି ଚନ୍ଦ୍ରର ମଧ୍ୟ ସେହି କିସ୍ସା ଏବଂ ବାସିନ୍ଦାମାନଙ୍କ ଜୀବନଧାରଣରେ ସାହାଯ୍ୟ କରିବାରେ ପୃଥିବୀର କିସ୍ସା ନିଶ୍ଚୟ ଅନ୍ୟ ଗ୍ରହମାନଙ୍କର କିସ୍ସା ସହିତ ସମାନ ହୋଇଥିବ । 'ଅସୀମ ପ୍ରାଣ ସହିତ ଅମାପ ଜଡ଼ ପଦାର୍ଥର ମହାନ୍ ସଂଯୋଗ' ସେ ବର୍ଣ୍ଣନା କରିଛନ୍ତି ।

ବ୍ରୁଷ୍ଟାର ଅଣୁବୀକ୍ଷଣ ଯନ୍ତ୍ର ଜରିଆରେ ପ୍ରକାଶିତ ଅଦୃଶ୍ୟ ଦୁନିଆ ପ୍ରତି ଆମର ମନୋଯୋଗ ଆକର୍ଷଣ କରି ସେଥିରୁ ଯୁକ୍ତି କରିଛନ୍ତି ଯେ, ଆମକୁ ଅଜଣା ଯେତେ ବିଭିନ୍ନ ଆକୃତିର ପ୍ରାଣୀ ଥିଲେ ତାଙ୍କର ସମସ୍ତଙ୍କ ପ୍ରତି ଈଶ୍ୱରଙ୍କ ମନୋଯୋଗ ସର୍ବଦା ବର୍ତ୍ତମାନ ଥିଲା । ଆଲୋଚନାର ଆପେକ୍ଷିକତ୍ୱ ଏତେ କୁଟିଳ ହୋଇ ଯାଇଥିଲା ଯେ, ଜଣେ ଲେଖକଙ୍କ ବହିର ଉପ-ଶିରୋନାମା ଥିଲା—'ସର୍ବଶେଷ ପରମାଣୁତତ୍ତ୍ୱ କଅଣ ପ୍ରାଣୀମୟ ଜଗତ ?' ଫିଜ୍‌ଜେମସ୍ ଓବ୍ରା-ଏନଙ୍କ 'ଦ ଡାଇମଣ୍ଡ୍ ଲେନ୍ସ' ଅଥବା ରସ୍ ଡାମ୍ଫିଙ୍ଗସ୍‌ଙ୍କର 'ଦ ଗାର୍ଲ ଇନ୍ ଦ ଗୋଲ୍ଡେନ୍ ଆଟମ୍' ପରି ଗପ ଏହି ଭଳି ଚିନ୍ତାପ୍ରସୂତ ।

ଅନ୍ୟ ଏକ ଲେଖକ ଉଇଲିଅମ୍ ଉଇଲିଅମ୍ସଙ୍କ ବହିର ନାମ 'ବିଶ୍ୱ ମରୁଭୂମି ନୁହେଁ କିମ୍ବା ପୃଥିବୀ ଏକଘରକିଆ ନୁହେଁ ।' ସେ ଉପରେ ଉଲ୍ଲିଖିତ

ବିତର୍କର ମୂଳରେ ଆଘାତ କରିଥିଲେ ଅଦ୍ଭୁତ ପ୍ରତ୍ୟକ୍ଷଭାବରେ । ଭୂତାତ୍ତ୍ୱିକ ଭବିଷ୍ୟଦ୍‌ବାଣୀର ଅବତାରଣା କରି ସେ ତାହାକୁ ସିଧାସଳଖ ମହାଶୂନ୍ୟର ଆର ପଟେ ପ୍ରସାରିତ କରି ଦେଇଥିଲେ । 'ତଳ ଶ୍ରେଣୀର ମେରୁଦଣ୍ଡୀ ପ୍ରାଣୀଙ୍କ ମଧ୍ୟରେ ମଣିଷର ଯେଉଁ ପ୍ରାଚୀନ ପୂର୍ବାଭାସ ପ୍ରକାଶିତ ତାହା ପ୍ରମାଣ କରେ ଯେ ମଣିଷ ସମ୍ବନ୍ଧରେ ଈଶ୍ୱରଙ୍କର ଆଗରୁଥା ଧାରଣା ଥିଲା । ଏଇ ମନ୍ତବ୍ୟ ପୃଥିବୀ ପୃଷ୍ଠର ମେରୁଦଣ୍ଡୀଙ୍କ ପ୍ରତି ଯେପରି ସେହିପରି ଓ ସମାନ ଭାବରେ ବୃହସ୍ପତି ବା ନେପ୍‌ଚୁନ୍ ଗ୍ରହର ମେରୁଦଣ୍ଡୀଙ୍କଠାରେ ମଧ୍ୟ ପ୍ରଯୋଜ୍ୟ ! ଏପରି ମଧ୍ୟ କହି ହେବ ଯେ, ଏଇ ମନ୍ତବ୍ୟ ବିଶ୍ୱଜଗତର ସବୁ ଅଂଶ ପ୍ରତି ପ୍ରଯୋଜ୍ୟ, କାରଣ ମେରୁଦଣ୍ଡୀ ପ୍ରାଣୀମାନେ ସମଗ୍ର ବିଶ୍ୱର ପରିଧିଭୁକ୍ତ ।'

ଏପରି ଭାବପ୍ରବଣତା ପ୍ରକାଶ କରିବାରେ ଉଇଲିଅମ୍‌ସ ପ୍ରଥମ ବା ଶେଷ ବ୍ୟକ୍ତି ନ ଥିଲେ । କିନ୍ତୁ, ଅନ୍ୟଙ୍କ ତୁଳନାରେ ତାଙ୍କଠାରେ ଉଦ୍ଦେଶ୍ୟର ଦାରୁଣ ଦୃଢ଼ତା ଥିଲା । ସେତେବେଳେ ଏବଂ ତାଙ୍କ ମତରେ ପ୍ରାଣର ପରିକଳ୍ପନା ସବୁ ଥିଲା ଅପାର୍ଥିବ, ସର୍ବବ୍ୟାପୀ ଓ ଭବିଷ୍ୟତର ସଙ୍କେତବାହୀ । ସୁତରାଂ ସେଗୁଡ଼ିକୁ ମହାବ୍ୟୋମର ଆର ପାରିକୁ ପ୍ରସାରିତ କରିବା ସମ୍ଭବ ଥିଲା । ସଗ୍ରସ୍ତୃପମାନଙ୍କ ଯୁଗ ପ୍ରତି ଯାଜକ କର୍ବୀ ସାହେବ ଯେପରି ଆତଙ୍କ ଦେଖାଇଥିଲେ, ଉଇଲି-ଅମ୍‌ସ ମଧ୍ୟ ସେହିପରି ଯୁକ୍ତି କରିଥିଲେ କାହିଁକି ଭଗବାନ୍ 'ନିଜର ପ୍ରତିମୂର୍ତ୍ତି' ଅର୍ଥାତ୍ ମଣିଷକୁ ଏକ ନିହାତି ଶ୍ଲେଷ୍ଟ ବୃତ୍ତ ଭିତରେ ନିର୍ବାସିତ କରି ରଖିବେ ଏବଂ ତଦନ୍ତରିକ୍ତ ନିୟୁତ ଅଞ୍ଚଳ ନିର୍ବୋଧ, ସ୍ଥୂଳ ଓ ଅର୍ଦ୍ଧପରିଣତ ଦାନବଙ୍କ ଦ୍ୱାରା ପୂର୍ଣ୍ଣ ରଖିବେ ?' ପୃଥିବୀରେ ଯଦି ମଣିଷକୁ ଏକ ସୁନ୍ଦର ସୃଷ୍ଟି ବୋଲି ସ୍ୱୀକାର କରାଯାଏ ତେବେ ବିଶ୍ୱଜଗତର ସବୁଠାରେ ତାହାର ଅଶେଷ ପ୍ରତିରୂପ ନିଶ୍ଚୟ ମିଳିବା ଉଚିତ । ପୃଥିବୀର ପଥର ପାହାଡ଼ରେ ଯେଉଁ ନକ୍ସା ଅଛି ତାହାହିଁ ବିଶ୍ୱଜଗତର ସର୍ବତ୍ରର ନକ୍ସା ।

ଅନେକ ଲୋକ ଭୂତାତ୍ତ୍ୱିକ ଭବିଷ୍ୟଦ୍‌ବାଣୀର ଏଇ ଯୋଜନାକୁ ଚୂର୍ଣ୍ଣ କରିବା ଦିଗରେ କାମ କରିଥିଲେ । କିନ୍ତୁ କେବଳ ଚାର୍ଲସ୍ ଡାରଉଇନ୍ ତାହା ସମ୍ପୂର୍ଣ୍ଣ ରୂପେ ଚୂରମାର କରିଥିଲେ । ମଣିଷର ଅହଂଭାବ ସବୁଠାରୁ ଦାରୁଣ ଆଘାତ ପାଇଥିଲା ତାଙ୍କର ହାତରେ, କାରଣ ସେ ତଳୁଆ ଜୀବଙ୍କ ଜଗତ

ସହିତ ମଣିଷର ଆନ୍ତଗତ ଆତ୍ମୀୟତାର ସୁସ୍ପଷ୍ଟ ପ୍ରମାଣ ଦେଇଥିଲେ । ଅବଶ୍ୟ ଏହା ଖୁବ୍ ସ୍ପଷ୍ଟ ଯେ ଡ଼ାର୍‌ଉଇନ୍‌ଙ୍କ ଆବିଷ୍କାରର ଗୋଟିଏ ଦିଗ କେବେହେଲେ ସାଧାରଣ ମଣିଷର ମଗଜରେ ପଶି ନାହିଁ । ତାହା ହେଉଛି ଯେ—ଲକ୍ଷ୍ୟହୀନ ବୈଚିତ୍ର୍ୟ ଓ ପ୍ରାକୃତିକ ବଛେଇକୁ ଯଦି ଉଦ୍ଭିଦ ଓ ପ୍ରାଣୀଙ୍କ ବିକାଶର ନିୟାମକ ନୀତି ବୋଲି ଧରାଯାଏ ତେବେ ମହାଶୂନ୍ୟରେ ଥିବା ପ୍ରତ୍ୟେକ ଦୁନିଆର ଉଦ୍‌ବର୍ତ୍ତନ ଗୋଟିଏ ଗୋଟିଏ ଅଦ୍ୱିତୀୟ ଐତିହାସିକ ଘଟଣା ହୋଇ ପଡ଼ିବ । ଏକହିଁ ପରିବେଶ ଭିତରେ ପ୍ରାଣର ଜଟିଳ ଆକାର ଦ୍ୱିତ୍ୱ ହେବାର ସମ୍ଭାବନା ଖୁବ୍ ଅଳ୍ପ । ବହୁ ଦୂରର ଦୁନିଆର ଭିନ୍ନ ପରିପାଶ ଭିତରେ ସେଇ ସମ୍ଭାବନା କେତେ ଅଛି, ତାହା ନ କହିବା ଭଲ ।

ମହାଶୂନ୍ୟରେ ଭ୍ରମଣ ସମ୍ବନ୍ଧୀୟ ଆଧୁନିକ ସାହିତ୍ୟ ବହିମାନଙ୍କରେ ମୁଁ ବନ୍ଧାକୋବି ମଣିଷ ଓ ଚଢ଼େଇ ମଣିଷ ବିଷୟରେ ପଢ଼ିଛି । ଝିଟିପିଟି ମଣିଷ ଓ ଗଛ ମଣିଷର ପ୍ରେମ ପ୍ରଣୟ ସମ୍ବନ୍ଧରେ ମୁଁ ଅନୁସନ୍ଧାନ ମଧ୍ୟ କରିଛି । କିନ୍ତୁ ଏଗୁଡ଼ିକର ପ୍ରତ୍ୟେକ କ୍ଷେତ୍ରରେ ମୁଁ ମୋହବର୍ଜିତ ହୋଇ କାମ କରିଛି । 'ହୋମୋ ସ୍ୟାପିଏନ୍ସ' ନାମକ ମଣିଷ ବିଷୟକ ବହି ମଧ୍ୟ ମୁଁ ପଢ଼ିଛି । ସେ ହେଉଛି ପୃଥିବୀର ସାଧାରଣ ବାସିନ୍ଦା । ତା' ଦେହରେ ପକ୍ଷୀ-ପରରେ ତିଆରି କୋଟ୍ ଠିକ୍ ଖାପ ଖାଉ ନାହିଁ । କିନ୍ତୁ ମଣିଷ ସୁଲଭ ସବୁ ମୌଳିକ ଗୁଣ ତା'ଠାରେ ଦେଖାଯାଏ । ଏପରି କି ମହାଶୂନ୍ୟ ପଥର ବ୍ୟୋମ ଯାନରୁ ଓହ୍ଲାଉଥିବା ସୁନ୍ଦରୀ ତରୁଣୀ ପ୍ରତି ତା'ର ନଜର ମଧ୍ୟ ମଣିଷ ସୁଲଭ । ଅଶ୍ଳୀଳତା ଓ ବ୍ୟଭିଚାର ପ୍ରତି ତା'ର ବାସନା ମଧ୍ୟ ମଣିଷ ପରି । ଗ୍ରହାନ୍ତରରେ ଯଦି ଏଇ ସବୁ ଜିନିଷ ମିଳେ, ତେବେ ମୁଁ ଅନ୍ତତଃ ପୃଥିବୀରେ ହିଁ ରହିବାକୁ ଚାହିଁବି । ସେପରି ଜିନିଷ ସବୁ ଆମ ପୃଥିବୀରେ ଯଥେଷ୍ଟ ଅଛି । ଗ୍ରହ ନକ୍ଷତ୍ରରେ ତାହା ସବୁ ବିସ୍ତୃତ କରିବାରେ ଉତ୍ସାହ ଊଣାହେବା ଦରକାର ।

ଅସଲରେ ମଣିଷର ବିକାଶ କେବଳ ଅଦ୍ଭୁତ ନୁହେଁ, ଏକକ ବା ଅଦ୍ୱିତୀୟ ମଧ୍ୟ । କାହାରି ପ୍ରତି ଅସମ୍ମାନ ବା ଘୃଣା କରାଇବା ଅର୍ଥରେ ମୁଁ ଏହା କହୁ ନାହିଁ । ମୁଁ କେବଳ ଦେଖାଇବାକୁ ଚାହେଁ ଯେ, ଚାର୍ଲସ୍ ଡ଼ାର୍‌ଉଇନ୍ ଓ ତାଙ୍କ ସହକର୍ମୀମାନେ ଯେତେବେଳେ ପ୍ରାଣୀଜଗତର ବଂଶ

ଧାରାରେ ସାଦୃଶ୍ୟ ପ୍ରତିଷ୍ଠା କରିଥିଲେ ଓ ପରିବେଶ ସହିତ ସାମଞ୍ଜସ୍ୟ ବିଧାନ ଘଟିତ ଉଦ୍‌ବର୍ତ୍ତନର ବର୍ଦ୍ଧନମୁଖୀ ଧାରାର ଉଲ୍ଲେଖ କରିଥିଲେ, ସେତେବେଳେ ତାଙ୍କ ହାତରେ ଭୂତାତ୍ତ୍ୱିକ ଭବିଷ୍ୟଦ୍‌ବାଣୀର କେବେଠାରୁ ମୃତ୍ୟୁ ଘଟିଥିଲା । ସେମାନେ ଅବଶ୍ୟ ଅନ୍ୟ ଦୁନିଆରେ ପ୍ରାଣ ଥିବାର ସମ୍ଭାବନାକୁ ଲୋପ କରି ଦେଇ ନଥିଲେ । କିନ୍ତୁ ପ୍ରାଣୀବିଜ୍ଞାନର ଯେଉଁ ନୀତି ସେ ପ୍ରତିଷ୍ଠିତ କରିଥିଲେ ତାହା ଯୋଗୁ ଆସନ୍ତା କେତେକ ଦଶକ ମଧ୍ୟରେ ମଙ୍ଗଳଗ୍ରହରୁ ଆସିଥିବା ଶ୍ରେଷ୍ଠ ମଣିଷଙ୍କୁ ଯେ ଆମେ ଚର୍ଚ୍ଚା କରି ପାରିବା ଏ ସମ୍ଭାବନା ପୂରାପୂରି ଦୂର ହୋଇଯାଇଛି । ଯେଉଁର କୃଷ୍ଣ ପଲିପ୍ କାଣ୍ଡିସ୍ତୁ ଜଳଜ ଉଦ୍ଭିଦ ପରି ପ୍ରାଣୀ ସଙ୍ଗେ ବରଂ ତପସ୍ୱୀ:/ଆ ଷ୍ଟେନନ କରିବାର ସମ୍ଭାବନା ବିସ୍ତର କରିବାକୁ ମୁଁ ବେଶି ରାଜି ଅଛି: ତାହାର ଅଙ୍ଗସଂସ୍ଥାନରେ ମଧ୍ୟ ଏହି ଗ୍ରହର ପ୍ରାଣୀସହିତ ସାଦୃଶ୍ୟ ଅଛି ।

ଭୂତାତ୍ତ୍ୱିକ ଭବିଷ୍ୟଦ୍‌ବାଣୀ ଦୁଇଗୋଟି ଜିନିଷ ଉପରେ ପ୍ରତିଷ୍ଠିତ ଥିଲା—ଆମେ ଦେଖିସାରିଛୁ ଯେ ପ୍ରଥମଟି ଥିଲା ବିଶ୍ୱବ୍ରହ୍ମାଣ୍ଡ ମଣିଷକୁ କେନ୍ଦ୍ର କରି ବିରାଜ କରୁଛି; ଏଇ ତତ୍ତ୍ୱ । ଦ୍ୱିତୀୟଟି ହେଲା—ଏପରି ଏକ ଧାରଣା ଯେ, ଯେହେତୁ ଅତୀତ ଓ ବର୍ତ୍ତମାନର ପ୍ରାଣୀମାନଙ୍କମଧ୍ୟରେ ଦେହଗତ ସମ୍ପର୍କ ନାହିଁ, ତେଣୁ ସ୍ରଷ୍ଟାଙ୍କ ମନର କୌଣସି ପ୍ରକାର ଦୈବୀ ଯୋଜନା ସେ ଦୁହିଁଙ୍କୁ ଯୁକ୍ତ କରିଥିଲା । ଊନବିଂଶଶତାବ୍ଦୀର ଆଦ୍ୟରେ ଚିନ୍ତାଶୀଳ ଲୋକମାନେ ଉଭୟଙ୍କ ଭିତରେ ଏକ ପ୍ରକୃତ ସମ୍ପର୍କର ଅସ୍ତିତ୍ୱ ଅନୁଭବ କରିଥିଲେ ହେଁ, ସେମାନେ 'ବିଶେଷ ସୃଷ୍ଟି'ର ଧାରଣାରେ ଖୁବ ଆସକ୍ତ ଥିଲେ । ତେଣୁ ସେମାନେ ବୁଝିପାରି ନ ଥିଲେ ଯେ, ଏଇ ସମ୍ପର୍କ ସରଳ ପ୍ରାଣୀତତ୍ତ୍ୱସମ୍ମତ 'ପରିବର୍ତ୍ତନାଧୀନ ବଂଶଧାରା' ତତ୍ତ୍ୱରୁ ଉଦ୍ଭୂତ ।

'ପ୍ୟାଲିଓଜୋଇକ୍' ଯୁଗର ମେରୁଦଣ୍ଡୀଙ୍କ ସଙ୍ଗେ କେତେକ ସମ୍ପର୍କ ଥିବାରୁ ପ୍ରମାଣ କରିହେବ ନାହିଁଯେ, ମଣିଷର ଜନ୍ମପୂର୍ବରୁ ଅବଧାରିତ ବା ତାର ଭାଗ୍ୟ ନିୟନ୍ତ୍ରିତ । ବରଂ,ମେରୁଦଣ୍ଡୀ ପ୍ରାଣୀଙ୍କ ଆଦ୍ୟ ଧାରାରୁ ଜନ୍ମିଥିବା ଅନେକ ବଂଶଧରଙ୍କ ଭିତରୁ ସେ ଗୋଟିଏ ଶାଖା ମାତ୍ର । ଆମେରିକାର ସବୁଠାରୁ ବଡ଼ ଜାତିର ହରିଣ ବା ନେଉଳ ମଧ୍ୟ ସମାନ ଯୁକ୍ତିରେ ତର୍କ କରି ପାରନ୍ତି ଯେ,

ଅଧୁନିକ ମେରୁଦଣ୍ଡୀ ହିସାବରେ ସୃଷ୍ଟିର ଅନ୍ତରୁ ତାଙ୍କର ପୂର୍ବାଭାସ ଥିଲା ଓ ତାହାଙ୍କ ପାଇଁ ଏଇ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହୋଇଛି ।

ଧରିଯାଉ ଅନେକ ଦର୍ପଣ ଝୁଲୁଥିବା ଗୋଟାଏ ବଡ଼ ବଖରା ଭିତରେ ଆମେ ବୁଲିଯାଉଛୁ ଓ ସେ ସବୁ ଦର୍ପଣରେ ନାନା କାରସାଦି ଥିବା ଫଳରେ ଆମର ଚେହେରା ବିକୃତ ଦେଖାଯାଉଛି । ସମସ୍ତର ଦର୍ପଣରେ ସବୁଜିନିଷର ଦଶା ସେହିପରି ହୁଏ ଏବଂ ସେଇ ବିକୃତ ଭାବରେ ପ୍ରତିଫଳିତ ଚେହେରାଗୁଡ଼ିକ ରହିଯାଏ । ତଥାପି କହିହେବ ଯେ, ଗୋଟିଏ ପ୍ରକାରର ଧାରା ରହିଛି । ତେଣୁ ସମସ୍ତର ଗୋଟିଏ ଦର୍ପଣରେ ଯଦି ମଣିଷର ଛବି ଫୁଟେ ଓ ତାହା ପଛକୁ ଥିବା ଅନ୍ୟ ଗୋଟାଏ ଦର୍ପଣରେ ଯଦି କଳା ବିଲେଇର ଚେହେରା ଦେଖାଯାଏ, ତେବେ ତାଙ୍କ ଭିତରେ ସେଇ ଧାରା ବିଦ୍ୟମାନ ଥିବାର ଦେଖାଯିବ । ମଣିଷ ଓ ବିଲେଇ ଭିତରେ ସମ୍ପର୍କ ରହିଛି । ଆଦ୍ୟତମ ପ୍ରାଣୀର ଆକୃତିର ଛିନ୍ନଭିନ୍ନ ଅଂଶର ସାମାନ୍ୟମାତ୍ର ଯେପରି ଉଭୟଙ୍କର ହାଡ଼ରେ ରହିଛି, ସେହିପରି ଆଦ୍ୟତମ ଚକ୍ଷୁରଚନାର ତଳତଳ ଖଣ୍ଡାଂଶ ଉଭୟଙ୍କର ଆଖିରେ ଲାଗିଛି ଓ ଉଭୟେ ପରସ୍ପରର ସେଇ ଚକ୍ଷୁ ବୁଝିପାରନ୍ତି । କିନ୍ତୁ ଅସଲ କଥା ଯେ, କେଉଁଠାରେ ହେଲେ ଗୋଟାଏ ମୂଳ ଧାରା ନିଶ୍ଚୟ ଅଛି । ସମସ୍ତର ସ୍ରୋତ ଧରି ବହୁ ପଛକୁ ଗଲେ ସେଇ ମୂଳ ଆକୃତି ମିଳିଯାରେ । କିନ୍ତୁ ତାହା ଆମଠାରୁ ଆଜି କେତେ ଦୂର ଅତୀତରେ, ତାହା ଧାରଣାତୀତ । ତାହା ଐତିହାସିକ; ସେଇ ଅର୍ଥରେ ଓ କେବଳ ସେଇ ଅର୍ଥରେ, ଗୋଟାଏ ମୂଳ ଧରଣର ଆକୃତି ଥିଲା ବୋଲି କହି ହେବ ।

ଡାର୍‌ଉଇନ ପଣ୍ଡିତ ଦେଖିଥିଲେ ଯେ ଆମ ଗ୍ରହରେ ପ୍ରାଣବିକାଶର କ୍ରମ ସମ୍ପୂର୍ଣ୍ଣ ଏକମୁଖୀ ନୁହେଁ ଓ ତାହା ବାହାରୁ ଲଦି ଦିଆ ହୋଇଥିବା ମାମୁଲି ଧାରା ମଧ୍ୟ ନୁହେଁ । ପ୍ରାଣସତ୍ତା ଆଜି ଯାହା ପଛେ ହେଉ ତାହା ସାମଞ୍ଜସ୍ୟକ୍ଷମ ଏବଂ କେବେ ହେଲେ ଅପରିବର୍ତ୍ତନୀୟ ନୁହେଁ । କଠିନ ପରିବେଶଗୁଡ଼ିକ ଜରିଆରେ ଏହା ଗତି କରିଛି । ଏହା ମାତ୍ର ଥରେ ନିଜକୁ ରୂପାନ୍ତରିତ କରିଛି ବୋଲି କହିହେବ ନାହିଁ । ଦରକାର ପଡ଼ିଲେ ବାରମ୍ବାର ବଦଳାଇଛି । ପରିବର୍ତ୍ତନର ସେସବୁ ପଥରେଖା ଆଜି ଚିହ୍ନିବା ଦୁଷ୍କର ।

ପ୍ରତ୍ୟେକ ଜୀବନ୍ତ ପ୍ରାଣୀ ଏକ ଅଦ୍ୱିତୀୟ ଇତିହାସରୁ ଉତ୍ପନ୍ନ । ଏହି ଇତିହାସ ପୁନରାବୃତ୍ତି ଗ୍ରହାନ୍ତରରେ ଘଟିବା ସମ୍ବନ୍ଧରେ ପରିସଂଖ୍ୟାନ ଦୃଷ୍ଟିରୁ ସମ୍ଭାବନା ଏତେ କମ୍ ଯେ ତାହା ଅର୍ଥହୀନ । ପ୍ରାଣତତ୍ତ୍ୱ, ଏପରି କି କୋଷମସ୍ତ ପ୍ରାଣ ଦୂର ମହାକାଶର ଅନ୍ଧାର ଭିତରେ ଥାଇପାରେ । କିନ୍ତୁ ଉଚ୍ଚ ବା ନିମ୍ନ ଯେକୌଣସି ପ୍ରକାର ତାହା ହେଉ, ମଣିଷର ଆକୃତି ତାହାଠାରେ ଥିବା ଅସମ୍ଭବ । ଜଙ୍ଗଲର ଗଛ ଉପରେ ଦୀର୍ଘକାଳ ଯାପନର ଉଦ୍‌ବର୍ତ୍ତନ ଧାରାରୁ ତାହାର ଉତ୍ପତ୍ତି । ସେହି ବକାଣ ଧାରାର ପଥ ଭିତରେ ପଦସ୍ଖଳନ ଓ ବ୍ୟର୍ଥତାର ସମ୍ଭାବନା ଏତେ ବେଶି ଯେ, ସର୍ବାଂଶରେ ଠିକ୍ ମଣିଷର ପ୍ରତିରୂପ ସେହି ପଥରେ ଆଉ କେବେ ହେବା ସମ୍ଭବ ହୋଇ ନପାରେ ।

ବହୁଦିନ ଆଗରେ ଦେଖିଥିବା ସେହି ଶ୍ରେଷ୍ଠ ମଣିଷଟିର କଥା ଆଜି ଲେଖିଲାବେଳେ ମୋର ମନେ ପଡ଼ିଯାଏ; ଆଗରୁ ମୁଁ କହିସାରିଛି ଯେ ତାହା ଥିଲା ଏକ ମୃତଜାତ ଶିଶୁର ମମି । ବହୁକାଳ ଆଗରେ ତାର ବୈଜ୍ଞାନିକ ବିଶ୍ଳେଷଣ ଓ ମୂଲ୍ୟ ନିରୂପଣ ହୋଇସାରିଛି । ମମିରେ ପରିଣତ ସେହି ଶିଶୁର ଶ୍ରେଷ୍ଠ ଖପୁରୀ ପୂର୍ଣ୍ଣ ପରିଣତ ବୋଲି ମନେ ହେଲେହେଁ ସେଥିରେ ଥିଲା ଏକ ଅପରିଣତ ମସ୍ତିଷ୍କ । ଦୁଇ ଫୁଟ ଉଚ୍ଚ ମଣିଷର କାହାଣୀ ଯେଉଁମାନେ ବର୍ଣ୍ଣନା କରନ୍ତି ସେମାନେ ଭୁଲିଯାଆନ୍ତି ଯେ ନଅ ଶହ ଘନ ସେଣ୍ଟିମିଟରରୁ ଊଣା ଆୟତନରେ ସାଧାରଣ ଜଣେ ମଣିଷର ମସ୍ତିଷ୍କ କ୍ରିୟା କରିପାରେନା । ଶହେ ଘନ ସେଣ୍ଟିମିଟର ଆୟତନର ମସ୍ତିଷ୍କ ଥିବା ମଣିଷ କେବେହେଲେ ଉଡ଼ନ୍ତା ଚକ ତିଆରି କରିନପାରନ୍ତି । ପାଠମାଙ୍କଡ଼ଠାରୁ ତାର ବୁଦ୍ଧି ଊଣା ହେବାର କଥା । ଅନ୍ତତଃ, ଏତିକି ନିଶ୍ଚିତ ଯେ ତାର ଅସ୍ତିତ୍ୱ ନାହିଁ ।

ମଣିଷର କଳ୍ପନାର ପରିସରରୁ ବହୁ ବଡ଼ ଆକାରର ଏହି ବିଶ୍ୱ-ବ୍ରହ୍ମାଣ୍ଡରେ ନିଶୀଥର ମହାଶୂନ୍ୟରେ ଆମ ଦୁନିଆ ଗୋଟାଏ ଧୂଳିକଣା ପରି ବୁଲୁଛି । ଏଥିରେ ମଣିଷ ଯେ କେତେ ଏକାକୀ, ଧାରଣା କରି ହୁଏନା । ଅଦୃଷ୍ଟର ଶୁଭ ବା ଅଶୁଭ ଇଙ୍ଗିତ ଜାଣିବାପାଇଁ ଆମେ ସମୟର ବୁଦ୍ଧି ଓ ଜୀବନ ଯନ୍ତ୍ରକୁ ବିଶ୍ଳେଷଣ କରୁ । ଚେତନାର ଭାର ଆମ ଉପରେ କ୍ରମଶଃ ବଢ଼ିଯାଉଛି, କାରଣ କେବଳ ଏ ଗ୍ରହରେ ନୁହେଁ ବୋଧହୁଏ ସମଗ୍ର ନକ୍ଷତ୍ର

ଜଗତରେ ଆମେ ଏକ ମାତ୍ର ସ୍ତନ୍ୟପାୟୀ ଜୀବ ଯାହାର ଚିନ୍ତାକ୍ଷମତା ଅଛି । ନକ୍ଷତ୍ରଗୁଡ଼ିକ ଆଡ଼େ ଆମେ ଅନାଉ, କିନ୍ତୁ ତାଙ୍କର ସଙ୍କେତ ନିର୍ଦ୍ଦିଷ୍ଟ କରି ପାରୁନା । ଅତୀତର କଙ୍କାଳ ଖୋଳି ଆମେ ନିଜର ଉତ୍ପତ୍ତିର ଉତ୍ସ ଖୋଜୁ । ଅତୀତ ଭିତରେ ହୁଏତ କୌଣସି ଅର୍ଥ ଅଛି । ଏହିପରି ଚିନ୍ତାରେ ଆମେ ନିଜକୁ ଉତ୍ପୀଡ଼ିତ କରୁ ।

ରାତିରେ ଆକାଶରେ ତାରାମାନେ ଯାଆଆସ କରନ୍ତି । ନିଜ ସୃଷ୍ଟ ସାମଗ୍ରୀ ଦ୍ୱାରା ବିବ୍ରତହୋଇ ଲୋକେ ନିଦ ଭିତରେ ଛଟପଟ ହୁଅନ୍ତି, ଦୁଃସ୍ୱପ୍ନ ଦେଖନ୍ତି, ଅଥବା ଚେଇଁ ରୋଇଥାନ୍ତି । ଯେତେବେଳେ ବାହାରେ ହୁଏତ ଉଲ୍‌କାପାତର ସତ୍ରୁକ ଛୋଟିଏ ଝଟଣେ, ହସ୍-ସ୍-ସ୍ ଶବ୍ଦ ଶୁଭେ । କିନ୍ତୁ ଅସଂଖ୍ୟ ନକ୍ଷତ୍ର ଜଗତରେ ବା ସମଗ୍ର ମହାଶୂନ୍ୟରେ, କେଉଁଠାରେ ହେଲେ ମଣିଷଟିଏ ନାହିଁ ଯେ ଆମର ଏକାକୀତ୍ୱର ଅଂଶୀଦାର ହେବ । ସେଠି ଜୀବନ ଥାଇପାରେ, ସେଠାରେ ଶକ୍ତି ଥାଇପାରେ, ମହାଶୂନ୍ୟର ସେପଟେ କୌଣସିଠାରେ ହେଲେ ବଡ଼ ବଡ଼ ଯନ୍ତ୍ର ଥାଇପାରେ । ସେଗୁଡ଼ିକ ଚଳାଉଥିବା ଅଦ୍ଭୁତ ନିପୁଣ ଅଣମନୁଷ୍ୟଙ୍କର ଅନ୍ୟାନ୍ୟ ଜୀବମାନେ ହୁଏତ ଆମର ଚଳଚଞ୍ଚଳ ବଉଦ ଆଡ଼କୁ ଆମ ଭଳି ପରି ଆଗ୍ରହ ସହିତ ଅଥଚ ବୃଥାରେ ଅନାନ୍ତି । ତଥାପି ପ୍ରାଣ-ସତ୍ତାର ପ୍ରକୃତିରେ ଓ ଉଦ୍‌ବର୍ତ୍ତନର ଗତିରେ ଆମେ ଏପରି ପ୍ରଶ୍ନର ଉତ୍ତର ପାଉଛୁ—କେବେହେଲେ ଅନ୍ୟ କୌଣସିଠାରେ, ଏପରି କି ଉର୍ଦ୍ଧ୍ୱଲୋକରେ ବି ମଣିଷର ସାକ୍ଷାତ ପାଇବାର ସମ୍ଭାବନା ଆଉ ନାହିଁ ।

---

# ଚଢ଼େଇର ବିଚାର

ସବୁ ଧର୍ମରେ ଏହା ସାଧାରଣ କଥା ଯେ, ଦିବ୍ୟ ଦର୍ଶନ ବା ଅନ୍ତର୍ଦୃଷ୍ଟି ଲାଭ ସମୟରେ ମଣିଷକୁ ସାଙ୍ଗସାଥୀଙ୍କଠାରୁ ଦୂରକୁ ଯିବାକୁ ପଡ଼େ । ଏହା ସବୁଠାରୁ ଆଦିମ ଧର୍ମରେ ମଧ୍ୟ କୁହାଯାଇଛି । ଯଦି ଯୋଗ୍ୟ ଲୋକ ଏପରି କରେ, ତେବେ ସେ ଦିବ୍ୟ ବାଣୀ ଲାଭ କରି ଫେରିଆସିବ । ଯେଉଁ ଈଶ୍ୱରଙ୍କୁ ଖୋଜିବାକୁ ସେ ଯାଇଥିଲା, ସେ ବାଣୀ ସେହି ଈଶ୍ୱରଙ୍କଠାରୁ ନ ଆସିପାରି ଥାଏ; କିନ୍ତୁ ସେଥିରେ ବିଫଳ ହେଲେ ମଧ୍ୟ ସେ ହୁଏତ ଏକ ଦିବ୍ୟଦର୍ଶନ ବା ଅଲୌକିକ ଜିନିଷର ସାକ୍ଷାତ କରିଥିବ । ତପସ୍ୟା ବା ସମାଧି ସମ୍ବନ୍ଧୀୟ ଏ ସବୁ କଥା ସଦାବେଳେ ଶୁଣିବାର ଓ ବିଶ୍ୱାସ କରିବାର ଯୋଗ୍ୟ ।

ମୁଁ ବିଶ୍ୱାସ କରିବାକୁ ଆରମ୍ଭ କରିସାରିଲିଣି ଯେ, ଆମ ପୃଥିବୀ ଏକ ଅତି ଅଦ୍ଭୁତ ଜାଗା । କିନ୍ତୁ ଆମେ ଏତେ ଦୀର୍ଘକାଳ ଏହି ଅଦ୍ଭୁତତ୍ୱର ଅଂଶସ୍ୱରୂପ ହୋଇ ରହିଲୁଣି ଯେ ଆମେ ଆଉ ଏହାକୁ ଅଦ୍ଭୁତ ମନେକରୁନା । 'ଆଲିସ୍ ଇନ୍ ଦ ୱଣ୍ଡର ଲ୍ୟାଣ୍ଡ' ନାମକ ପିଲାଙ୍କ ବହିରେ ପାଗଳ ଚା ପାର୍ଟିର ଯେଉଁ 'ମ୍ୟାଡ୍ ହ୍ୟାଟର' ଚରିତ୍ର ଅଛି, ତାହାରି ଭଳି ନିଜ ନିଜ କାମରେ ଆମେ ବ୍ୟସ୍ତ ହୋଇ ଏପଟସେପଟ ହେଉ ଓ ଭାବୁ ଯେ ଆମେ ସମ୍ପୂର୍ଣ୍ଣ ସ୍ୱାଭାବିକ ପ୍ରାଣୀ, କିନ୍ତୁ ଆମ ଘରପଟର ପରିବେଶ ବଡ଼ ନୀରସ । ପ୍ରକୃତରେ କିନ୍ତୁ ଦୁନିଆରେ ଏପରି କିଛି ନାହିଁ, ଯାହା ଏହି ଯୁକ୍ତିକୁ ସମର୍ଥନ କରିପାରେ । କିନ୍ତୁ ମଣିଷର ମନ ଏପରି ଯେ, ସେହି କାରଣରୁ କିଛି ସମୟ ପରେ ପରେ ଶୂନ୍ୟ ମାର୍ଗରେ ସେ ଦୂତ ପଠାଏ ଏହି ଆଶାରେ ଯେ ସେ କିଛି ମହାଘଟଣା କଥା ଜାଣି ପାରିବ ଅଥବା ମଣିଷ ପାଇଁ ଥୁଆହୋଇଥିବା ନୂଆ କୌଣସି ପରିକଳ୍ପନାର ଖବର ଆଣି ପାରିବ । ଏହି ଭାବରେ ଜୀବନ ପ୍ରତି ତା'ର ସ୍ତିମିତ ରୁଚିକୁ ସେ ପୁନରାୟ ଉଜ୍ଜୀବିତ କରିବାକୁ ଚାହେଁ । ବର୍ତ୍ତମାନ

କାଳର ବିରାଟ ସମ୍ବାଦ ସରବରାହ ସଂସ୍ଥାସବୁ ଓ ବିଶ୍ୱବ୍ୟାପୀ ବେତାରସଂଯୋଗ ତା'ର ଜୀବନ ପ୍ରତି ବିମୁଖତାକୁ ଦୂର କରିବ—ଏପରି ଆସ୍ଥା ପ୍ରାୟ ନାହିଁ କହିଲେ ଚଳେ । ବେତାରଟିରେ ଯାହା ଧରାପଡ଼େ ତାହା ଭିତରେ ଅସାଧାରଣତ୍ୱ ଆଉ କିଛି ନାହିଁ, ସୁତରାଂ ଯଦିବା ବେତାର ଜରିଆରେ କିଛି ଅଲୌକିକ ଜଣାଯାଏ ତାହା ଆଉ ସେପରି ଚମକପ୍ରଦ ହେବ ନାହିଁ । ତେଣୁ ଆମ ପାଖରେ କେବଳ ଏକ ନିରୋଳା ବାଟ ଫିଟାଅଛି—ତାହା ହେଲା ନିସର୍ଗ ଭିତରେ ଦିବ୍ୟ ଦର୍ଶନ ।

ଆଗରୁ ଏହା କହି ରଖିବା ଦରକାର ଯେ, ମୁଁ ସେପରି ଲୋକ ନୁହେଁ ଯାହା ପାଖକୁ ଭବିଷ୍ୟତ ଘଟଣାମାନଙ୍କ ବିଷୟରେ ଜ୍ଞାନ ସିଧାସଳଖ ଆସି ଥାଏ । କିନ୍ତୁ ଜଣେ ପ୍ରକୃତିବେତ୍ତାଙ୍କୁ ଜୀବନର ଅନେକ ସମୟ ଏକା କଟାଇବାକୁ ପଡ଼େ ଓ ମୁଁ ତହିଁରୁ ବ୍ୟତିକ୍ରମ ନୁହେଁ । ନ୍ୟୁୟର୍କ ସହରରେ ମଧ୍ୟ ଠାଏ ଠାଏ ଖୁବ ନିରୋଳା ସ୍ଥାନ ଅଛି ଏବଂ ସେଠାରେ ନିଃସଙ୍ଗ ଲୋକର ନିଶ୍ଚୟ ସେଇ ପ୍ରକାର ଅଭିଜ୍ଞତା ହେବ ଯାହା ବିଷୟରେ ମୁଁ କହିବାକୁ ଯାଉଛି । ମୁଁ ଯେଉଁ ବର୍ଣ୍ଣନା ଦେବି ତାହା ପାରୀଙ୍କ ବିଷୟରେ, କେତେକ ରସାୟନିକ ପଦାର୍ଥର ଉଡ଼ିବା ବିଷୟରେ ଓ ଚଢ଼େଇଙ୍କ ବଲ୍ଲଭ ସମ୍ବନ୍ଧରେ । ମୁଁ ଆଶାକରେ ଯେ ଏସବୁ ଉପଲବ୍ଧି ତାଙ୍କର ହେବ ଯେଉଁମାନେ ଅଲୌକିକ ରସର ଆସ୍ୱାଦ ଲଭ କରିବାକୁ ପ୍ରକୃତରେ ଆଗ୍ରହୀ ଓ ଯେଉଁମାନେ ସାଧାରଣ ଘଟଣା ପ୍ରବାହ ଭିତରେ ସେଇ ସନ୍ଧିସ୍ଥଳ ଦେଖିବାକୁ ସମର୍ଥ ଯେଉଁଠାରେ ଆମର ପାର୍ଥିବ ଦୁନିଆ ସମ୍ପୂର୍ଣ୍ଣ ଅନ୍ୟ ଏକ ସ୍ତରର ଦୁନିଆ ପାଲଟି ଯାଏ ।

ମୋଟାମୋଟି କହିବାକୁ ଗଲେ, ଆମ ଗ୍ରହର ବିରାଟ ଅଲୌକିକତ୍ୱ ଉପଭୋଗ କରିବା ପାଇଁ ନ୍ୟୁୟର୍କ ଶ୍ରେଷ୍ଠ ସ୍ଥାନ ନୁହେଁ । ମୁଁ ନିଃସନ୍ଦେହ ଯେ, ସେଠାରେ ଅନେକ ଚମକପ୍ରଦ କାହାଣୀ ଶୁଣାଯାଏ ଓ ବହୁ ଅଦ୍ଭୁତ ଦୃଶ୍ୟ ଦେଖାଯାଏ । କିନ୍ତୁ ଅଲୌକିକ କିଛି ପୂରାପୂରି ଉପଲବ୍ଧି କରିବାକୁ ହେଲେ ତାହାକୁ ସବୁଆଡ଼ୁ ଆସ୍ୱାଦ କରିବାକୁ ପଡ଼େ । ଭିଡ଼ଥିବା ବଡ଼ରାସ୍ତାରେ ପେଲାପେଲି ଓ ଠେଲାଠେଲି ଭିତରେ ଏହା ହୋଇ ପାରେନା । ତଥାପି ଯେ କୌଣସି ବଡ଼ ସହରରେ କେତେକ ପ୍ରକୃତ ନିଛାଟିଆ ସ୍ଥାନଥାଏ ଯେଉଁଠାରେ

ମଣିଷ ଏକାକୀ ହୋଇପାରେ । ହୋଟେଲରେ ଘର ଭିତରେ ଅଥବା ପ୍ରତ୍ୟେକର ଛାତ ଉପରେ ଏହା ସମ୍ଭବ ।

ନ୍ୟୁୟର୍କ ସହରର କେନ୍ଦ୍ରରେ ଥିବା ଏକ ହୋଟେଲ୍‌ର କୋଡ଼ିଏ ମହଲାର ଗୋଟିଏ ବଖରାରେ ମୁଁ ଥରେ ଅନ୍ଧାର ଭିତରେ ଚେଇଁ ଉଠି ଅସ୍ଥିର ବୋଧ କରିଥିଲି । ହଠାତ୍ ଭାବାବେଗ ବଶତଃ ମୁଁ ସେ ବଖରାର ପୁରୁଣା ଧରଣର ଚଉଡ଼ା ଝିଡ଼କି ଉପରେ ଉଠି ପର୍ଦ୍ଦା ଆଡ଼େଇ ବାହାରକୁ ଉଙ୍କି ମାରିଲି । ସମୟଟା ଥିଲା ଭୋର୍‌ର ଠିକ୍ ପୂର୍ବରୁ; ସେତେବେଳେ ନିଦରେ ଶୋଇ ଲୋକେ ଦୀର୍ଘ ନିଃଶ୍ୱାସ ଛାଡ଼ନ୍ତି ଅଥବା ଯଦି ଚେଇଁଥାନ୍ତି ତେବେ ଛାଇ ଅନ୍ଧାର ଭିତରୁ ବାହାରି ଆସୁଥିବା ଦୁନିଆ ପ୍ରତି ନିଜର ଅସ୍ଥିର ଦୃଷ୍ଟିକୁ କେନ୍ଦ୍ରୀଭୂତ କରନ୍ତି । ନିଦ ଭିତରେ ମୁଁ ଖୋଲା ଝିଡ଼କିବାଟେ ବାହାରକୁ ନଇଁ ଦେଖିଲି, ଖୁବ୍ ତଳଯାଏ ଦେଖିବି ବୋଲି ମୁଁ ଆଶା କରିଥିଲି; କିନ୍ତୁ ଯାହା ଦେଖିଲି ତାହା ଅପ୍ରତ୍ୟାଶିତ ।

ମୁଁ ଦେଖିଲି ଯେ ମୁଁ ଖୁବ୍ ଉଚ୍ଚ ସ୍ଥାନରୁ ଅନାଉଛି । ତଳେ ଥାଏ ଧାଡ଼ି ପରେ ଧାଡ଼ି ଅଦ୍ଭୁତ ଧରଣର ଗମ୍ବୁଜ ଓ ଛାତଉପରେ ଥିବା ବଖରାମାନ । ଅନ୍ଧାରରେ ମୁଁ ସେଗୁଡ଼ାକ ସ୍ପଷ୍ଟ ନଜର କରି ପାରୁ ନଥିଲି । ଦେଖୁ ଦେଖୁ ସେଇ ବଖରା ଗୁଡ଼ିକର ରୂପରେଖ କ୍ରମଶଃ ସ୍ପଷ୍ଟ ହୋଇ ଆସିଲା, କାରଣ କେତେକ ପାରାମାନଙ୍କର ଡେଣାରୁ ଆଲୁଅ ପ୍ରତିଫଳିତ ହେଉଥିଲା । ଗମ୍ଭୀର ନୈଃଶବ୍ଦ ଭିତରେ ସେମାନେ ସହର ଉପର ଦେଇ ବାହାରକୁ ଖସିଯିବା ଆରମ୍ଭ କରୁଥିଲେ । ଗମ୍ବୁଜ ଗୁଡ଼ାକ ଭିତରେ ଥିବା ଫାଙ୍କ ମଧ୍ୟରେ ସେଇ ଧଳା ଡେଣା ବିଶିଷ୍ଟ ପକ୍ଷୀମାନେ ତାଙ୍କର ରହସ୍ୟମୟ ଅଭିଯାନରେ ବାହାରି ଥିଲେ । ସେତେବେଳେ ସେମାନେହିଁ ସହରର ମାଲିକ ଥିଲେ ଏବଂ ଶାନ୍ତଭାବରେ ସେମାନେ ମ୍ୟାନ୍‌ହ୍ୟାଟାନ୍ ଅଞ୍ଚଳର ମିନାରଗୁଡ଼ାକ ଦଖଲ କରୁଥିଲେ । ଭୂତବସା ପରି ସେଇ ଉଚ୍ଚ ମିନାର ଗୁଡ଼ାକର ପଥରରେ ତାଙ୍କର ଡେଣାର ଗୋଟିଏ ହେଲେ ଅଂଶ ଘଷିହୋଇ ନଥିଲା । ମଣିଷ ଆଖିରେ ସେତେବେଳଯାଏ ଆଲୁଅ ଛୁଇଁ ନଥିଲା ତଥାପି ପାରାଗୁଡ଼ାକ ଉର୍ଦ୍ଧ୍ୱାକାଶର ସେଇ ଆଲୁଅ ଭିତରେ ଗତି କରୁଥିଲେ । ବସ୍ତୁତଳେ ସହରର ଗଳି ଅନ୍ଧାରରେ ସେତେବେଳଯାଏ ଥିଲା ମଧ୍ୟରାତ୍ରି ।

ଅନ୍ଧାର ଭିତରେ ଝିଡ଼କି ସେପଟେ ଛିଡ଼ାହୋଇ ମୁଁ ଅନାଇଲାବେଳେ ମୂହ ତ୍ରିକ ମୋହର ଘେର ଭିତରେ ମୋର ମନେ ହେଲା ସତେ ଯେପରି ଏକ ପ୍ରଚଣ୍ଡ ଭୂମ୍ପାଗ୍ର ପାଇଁ ଭିତରେ ଘଡ଼ାଘଡ଼ି ଆମ ଦୁନିଆ ବଦଳି ଯାଇଛି ଓ ମୁଁ ଯଦି ପଳାଇବାକୁ ଚାହେଁ ତେବେ ସହରର ବାସିନ୍ଦା ଏଇ ଚଢ଼େଇମାନଙ୍କ ପରି ଝିଡ଼କି ବାଟେ ମୋତେ ପଳାଇବାକୁ ହେବ । ଖୁବ୍ ଉପରକୁ ଉଠିଥିବା ଧୂଆଁ ବାହାରିବା ନଳ ଗୁଡ଼ାକରେ ବାଡ଼େଇ ହୋଇ ଅତଳ ଗମ୍ଭୀର ତଳକୁ ଖସି ପଡ଼ିବାର ଭୟ ଥିଲେହେଁ ଅତି ହଠରେ ଲଳିତ ହେବାରୁ ତାଙ୍କର ଜନ ଉପରେ ଆସ୍ଥା ଥିଲା । ମୋର ମନେହେଲା ସେହିପରି ଆସ୍ଥାଯୋଗ୍ୟ ମୋତେ ମଧ୍ୟ ସେଇ ଅତଳ ଶୂନ୍ୟରେ ଡେଇଁ ପଡ଼ିବାକୁ ହେବ ।

ମୁଁ ଆସ୍ତେଣି ବାହାରକୁ ଚାହିଁ ପଡ଼ିଲି । ଧଳା ରଙ୍ଗର ଡେଣାଥାଇ ଯାମନା ଓ ପକ୍ଷୀ କାଉଁରରେ ଯା ଆସ କରୁଥାନ୍ତି । ସେଇ ପାରାମାନେ ଜାଣିଥିଲେ ଯେ ଲୋକେ ଶୋଇଛନ୍ତି ଓ ଅଳ୍ପ ସମୟ ପାଇଁ ସେମାନେହିଁ ସେଇ ଆଲୁଅର ଅଧିକାରୀ । ଏପରି ବି ହୋଇପାରେ ଯେ, ସହରଟି ସେତେବେଳେ ପୂରାପୂରି ତାଙ୍କର ଥିଲା ଓ ମୁଁ ସେଥିରେ ମଣିଷର ଅସ୍ତିତ୍ୱ କଥା ସ୍ୱପ୍ନରେ କଳ୍ପନା କରୁଥିଲି । ସତେ ଯେପରି ଡେଣାରେ ଢାଆଣ ଏକ ସହର ମୋ ସାମନାରେ ଉଭା ହୋଇଥିଲା । ମଣିଷ ତ ଏପରି ସହର କେବେହେଲେ ଗଢ଼ି ପାରିବେନି । ସେମାନଙ୍କ ଭିତରେ ମୁଁ ଜଣେ ମଧ୍ୟ, ବୋଧହୁଏ ଗୋଟିଏ ଚଢ଼େଇ ଥିଲି ଓ ଝିଡ଼କିର କାର୍ନିସ୍ ଉପରେ ବସି ତଳେ ଖସି ପଡ଼ିବାର ସମ୍ଭାବନା ସମ୍ବନ୍ଧରେ ଡର ଡର ଭାବୁଥିଲି ।

ଡେଣା ମେଲି ସେଇ ପରାଯାକ ବାରମ୍ବାର ଘୂରି ବୁଲି ଉଡ଼ୁଥିଲେ । ଅଳ୍ପ ସାହସ ଥିଲେ, ଝିଡ଼କି କଡ଼ରୁ ଟିକିଏ ଖସିଯାଇ ଚଢ଼େଇମାନଙ୍କର ସେଇ ଆଲୁଅଭରା ସହରରେ ପଶି ହୋଇଥାନ୍ତା । ସେତେବେଳକୁ ମୋର ହାତର ମାଂସପେଶୀଗୁଡ଼ାକ ଜସ୍‌ପିସ୍ କରିବାକୁ ଆରମ୍ଭ କରିଥିଲା । ସେଇ ବନ୍ଦ ଘେରରେ ପାରାମାନଙ୍କ ଭିତରେ ଝାମ୍ପି ପଡ଼ି ସହରର ଗୁମ୍ବଜଗୁଡ଼ାକ ଉପରେ ଉଡ଼ିଯିବାକୁ ମୋର ଖୁବ ଇଚ୍ଛା ହେଉଥାଏ । ଝାମ୍ପିବାର ଇଚ୍ଛା ଏତେ ଅଦମ୍ୟ ହେଲା ଯେ ମୁଁ ସତର୍କ ହୋଇ ଘର ଭିତରକୁ ଫେରି ଆସିଲି ଓ ହଲ୍ ଘରର

ରବାଟ ଫିଟାଇଲି । ଚେୟାର୍ ଉପରେ ମୋର କୋଟ୍ ପାଇଲି ଓ କ୍ରମେ ଏହା ମୋ ପାଖରେ ପରିଷ୍କାର ହେଲା ଯେ ମହଲମାନଙ୍କ ଭିତର ଦେଇ ତଳକୁ ଓହ୍ଲାଇବାର ଏକ ରାସ୍ତା ଅଛି ଏବଂ ଯାହାକିଛି ହେଉ, ମୁଁ ଜଣାଜଣା ଜଣେ ମଣିଷ ଛଡ଼ା ଆଉକିଛି ନୁହେଁ ।

ପୋଷାକ ପିନ୍ଧି ମୁଁ ସାଥୀମାନଙ୍କ ସଙ୍ଗେ ଯାଇ ମିଶିଲି । ସେଇ ଦିନୁ ଶ୍ୱେତର ଆଲୁଅରେ ସହରକୁ ନ ଅନାଇବାରେ ମୁଁ ଆହୁରି ବେଶି ସତର୍କ ହୋଇଛି । ଅଦ୍ଭୁତ ଏକ ଓଲଟା କୋଣରୁ ମୁଁ ସେଇ ଥର ମାତ୍ର ମଣିଷର ଶ୍ରେଷ୍ଠ କୀର୍ତ୍ତି ସେ ସହରକୁ ଦେଖିଥିଲି ; ପ୍ରକୃତରେ ସେ ସହର କଅଣ ମଣିଷର ? କେବେହେଲେ ମୁଁ ଭୁଲି ପାରିବି ନାହିଁ କପରି ପାରାଙ୍କର ସେଇ ଡେଣାଗୁଡ଼ାକ ଘୂରି ଘୂରି ବୁଲୁଥିଲା ଓ କପରି ଆଙ୍ଗୁଳିର ସାମାନ୍ୟ ସ୍ପର୍ଶ ଏବଂ ପବନରେ ଉଡ଼ିବାର ବାସନା ମାତ୍ରେ ମୁଁ ହୁଏତ ଗୃହମାନଙ୍କ ଉପରେ ଉଡ଼ିଥାନ୍ତି । କିନ୍ତୁ ସେପରି ଅନୁଭୂତ ବାହାରେ ପ୍ରକାଶ ନ କରିବା ଭଲ । କେବେ କେବେ ମୁଁ ସେ ଅନୁଭୂତି ପରିଷ୍କାରରେ ମନେକରେ ଯେ, ମୋ ମନର ଗହନ ଅନ୍ଧାରରେ ସେଇ ଡେଣା ମେଲି ଉଡ଼ିବାର ଇଚ୍ଛା ଉପରକୁ ଉଠୁଥାଏ ଓ ଘୂରୁଥାଏ, ଯେ ପର୍ଯ୍ୟନ୍ତ ମୋର ସମଗ୍ର ମନ ସେଇ ଘୂରୁଥିବା ଆଲୁଅରେ ଉଦ୍ଭାସିତ ହୋଇ ଉଠେ ଓ ଦୁଇପଟେ ଥିବା ବସ୍ତୁ-ଗୁଡ଼ାକ ହାଲୁକା ହୋଇ ମୋ ପଛକୁ ଖସି ଯାଉଥିବା ଭଳି ବୋଧହୁଏ । ଠିକ୍ ଯେପରି ଉଡ଼ନ୍ତା ଚଢ଼େଇର ସାମନାର ବାଧାଯାକ ତା'ର ଡେଣା ପଛରେ ଖସିଯାଏ ।

ଓଲଟା କୋଣରୁ ଦେଖିବାର କ୍ଷମତା କିନ୍ତୁ ମଣିଷର କଳ୍ପନାର ଏକ ସୃଷ୍ଟିଆ ନୁହେଁ । ମୁଁ ସନ୍ଦେହ କରିବାକୁ ଆରମ୍ଭ କରିଛି ଯେ,କେତେକ ଅଂଶରେ ଏହା ପଶୁଙ୍କର ଅନୁଭୂତିରେ ମଧ୍ୟ ଅଛି । ଅବଶ୍ୟ ଯେପରି ମଣିଷଙ୍କଠାରେ ସେହିପରି ତାଙ୍କଠାରେ ମଧ୍ୟ ଏହା ସଚରାଚର ଦେଖାଯାଏ ନାହିଁ । ସେଥିପାଇଁ ଉପଯୁକ୍ତ ସମୟ ଦରକାର । ଦୈବାତ୍ ବା ଇଚ୍ଛାକ୍ରମେ ସେପରି ଦର୍ଶକ ସାମନାରେ ଦୁଇ ଜଗତର ସୀମା ମିଶିବା ଦରକାର । କେବେ କେବେ ଏଇ ଦୁଇ ସୀମା ସ୍ଥାନ ପରିବର୍ତ୍ତନ କରି ପାରନ୍ତି ଅଥବା ଗୋଟିଏ ଅନ୍ୟଟି ଭିତରେ ପଶିଯାଇ ପାରେ; ଏପରି କ୍ଷେତ୍ରରେ ଅଲୌକିକ ଦର୍ଶନ ସମ୍ଭବ ।

ଗୋଟିଏ 'କାଉ'ଠାରେ ମୁଁ ଥରେ ଏହା ଦେଖିଥିଲି ।

ସେଇ କାଉଟି ମୋ ଘର ପାଖରେ ଥାଏ । ମୁଁ କେବେ ତା'ର କ୍ଷତି କରି ନ ଥିଲେହେଁ ସେ ସବୁଠାରୁ ଉଚ୍ଚ ଗଛ ଗୁଡ଼ାକ ଉପରେ ରହିବାକୁ ଦୃଢ଼ପ୍ରତିଜ୍ଞ ଓ ମୋଟାମୋଟି ମଣିଷ ମାନଙ୍କୁ ଘୃଣା କରେ । ମୋର ଦୃଷ୍ଟିର ପ୍ରାନ୍ତ ସୀମାନ୍ତରେ ତା'ର ଜଗତର ଆରମ୍ଭ ।

ସେଉଁଦିନ ସକାଳେ ଘଟଣାଟି ଘଟିଥିଲା ସେଦିନ ଏତେ କୁହୁଡ଼ି ହୋଇଥିଲା ଯେ ବହୁବର୍ଷ ସେପରି କୁହୁଡ଼ି ଦେଖାଯାଇ ନଥିଲା । ସମସ୍ତ ଗାଁ ଅଞ୍ଚଳ ସେଇ କୁହୁଡ଼ିରେ ଆଚ୍ଛାଦିତ ହୋଇଥାଏ । କିଛି ଦିଶୁନଥାଏ । ବ୍ୟୋମଯାନଯାକ ଭୂଇଁରେ ରଖା ହୋଇଥାଏ । ଏପରି କି ସାମନାରେ ଝୁଲୁଥିବା ନିଜ ହାତ ବାଟୋଇକୁ ଦିଶୁନଥାଏ ।

ଗୋଟାଏ କ୍ଷେତ ଭିତର ଦେଇ ମୁଁ ଅନ୍ଦାଜରେ ରେଲବାଇ ଷ୍ଟେସନ୍ ଆଡ଼କୁ ଅଣ୍ଡାଳି ଅଣ୍ଡାଳି ଯାଉଥିଲି ; ମୋ ସାମନାରେ ଅସ୍ପଷ୍ଟ ପଥରେଖାର ଆଭାସ ଦିଶୁଥାଏ । ହଠାତ୍, କୁହୁଡ଼ି ଭିତରୁ ପ୍ରାୟ ମୋର ଆଖି ସମାନ ଉଚ୍ଚରେ ଯୋଡ଼ାଏ ବିରାଟ କଳାଡେଣା ଓ ଗୋଟାଏ ପ୍ରକାଣ୍ଡ ଥଣ୍ଟ ମୋର ଏତେ ପାଖକୁ ଲାଗି ଖେଳି ଗଲା ଯେ ମୁଁ ପଛକୁ ଘୁଞ୍ଚି ଗଲି । କାଉଟିର ପୂର୍ଣ୍ଣବେଗ ସଜୋରରେ ମୋ ମୁଣ୍ଡ ଉପରେ ଉଡ଼ିଗଲା । ସେ ଭୀଷଣ ଭୟରେ ପାଗଳ ପରି ପାଟି କରୁଥାଏ । 'କାଉ'ର ସେମିତି ରବ ମୁଁ ପୂର୍ବେ ଶୁଣି ନଥିଲି କି ପୁଣିଥରେ ଶୁଣିବି ବୋଲି ଆଶା କରେନା ।

କିଛି ସମୟ ପରେ ଧୀରସ୍ଥିର ହୋଇ ମୁଁ ଭାବିଲି ଯେ କାଉଟି କେବଳ ବାଟବଣା ହୋଇ ନଥିବ, ଚମକିତ ହୋଇଥିବ ମଧ୍ୟ । କୁହୁଡ଼ି ଭିତରେ ତା'ର ଉଡ଼ିବା ଉଚିତ ନ ଥିଲା, କେଉଁ କାନ୍ଥରେ ଧକ୍କା ଲାଗି ବୋକାଟାର ମୁଣ୍ଡ ଫାଟିଥିବ ।

ସାରା ଦିପହରର କାଉ'ର ସେଇ ଅଖାଡୁଆ ରବ ମୋ ମୁଣ୍ଡରେ ଖେଳୁଥାଏ । ଖାଲି କୁହୁଡ଼ିରେ ବାଟବଣା ହୋଇ ସେ ଯେ ଏପରି ପାଟି କରୁଥିଲା ତାହା ନୁହେଁ । କାରଣ, ମୁଁ ସେ କାଉଟିକୁ ଜାଣିଛି, ଆଚରଣରେ ସେ ଗୋଟାଏ ପୁରୁଣା ପାଜି କଳୁଆ ବୁଢ଼ୀଆ ଠକାଏତ ପରି । ଥରେ ଦର୍ପଣରେ ମୁଁ ନିଜର

ଚେହେରା ମଧ୍ୟ ଦେଖି ନେଲି, କାଳେ ସେଥିରେ କିଛିଥିବ ଯାହା ଦେଖି ସେ ଡରିଯାଇ ପଥର ଫିଙ୍ଗାଇଲା ପରି ପାଟି କରିଥିଲା !

ଅବଶେଷରେ, ଘରକୁ ଫେରିଲାବେଳେ ବାଟରେ ସମସ୍ୟାଟିର ସମାଧାନ ମୁଁ ପାଇଥିଲି । ଆଗରୁ ତାହା ମୋର ବୁଝିବା ଉଚିତ ଥିଲା, ଆମ ଉଭୟର ଜଗତର ସୀମା ତାଙ୍କ ସ୍ଥାନ ବଦଳାଇ ଥିଲେ—ଏହାହିଁ ଥିଲା ଏକମାତ୍ର କାରଣ । ମୋର ଭାସ୍ତବରେ ଚନ୍ଦ୍ରା ସେଇ କାହ୍ନିଟି ସାଧାରଣତଃ ଲୋକଙ୍କର ଏତେ ନିକଟରେ କେବେହେଲେ ଉଡ଼େ ନାହିଁ । ଅବଶ୍ୟ ସେ ବାଟବଣା ହୋଇଥିଲା ; କିନ୍ତୁ ତାହାଠାରୁ ଆହୁରି ବେଶି କିଛି ଘଟିଥିଲା । ସେ ସ୍ୱଚ୍ଛଆଏ ଯେ ସେ ବଣ୍ଡ ଉପରେ ଉଡ଼ୁଛି ; ଠିକ୍ ସେତିକିବେଳେ କୁହୁଡ଼ି ଭିତରେ ଦୈତ୍ୟପରି ମୋତେ ଚାଲିବାର ଦେଖି ତା ମନରେ ହଠାତ୍ ଭୂତ ଦେଖିଲା ପରି ଦାରୁଣ ଡର ଖେଳି ଯାଇଥିଲା । ତାକୁ ବୋଧ ହେଉଥିଲା ଯେ, ମଣିଷଟାଏ ପବନରେ ଚାଲିଛି ଓ କାହିଁ ରାଜ୍ୟକୁ ଅପବିତ୍ର କରି ପଶିଛି । ପବନରେ ଚାଲୁଥିବା ମଣିଷର ଧାରଣା ତା' ମନରେ ନଥିବାରୁ ସେ ସେଇ ମଣିଷକୁ ସବୁଠାରୁ ବେଶି ଅଶୁଭର ଦୂତ ବୋଲି ମନେ କରିଥିଲା । ଗୁଳି ଗୁଞ୍ଜନର ଶହେ ଫୁଟ ଉଚ୍ଚ'ରେ ଆମ ଉଭୟର ସାକ୍ଷାତ୍ ହୋଇଥିଲା ବୋଲି ସେ ଧରି ନେଇଥିଲା ।

ଏବେ ସକାଳୁ ମୋତେ ଷ୍ଟେସନ୍ ଯିବାର ଦେଖି ସେ ଭାବେ ; ମୋର ମନେହୁଏ ତା'ର ସେଇ ଭାବ ଭିତରେ ଫୁଟିଉଠେ ଏକ ଅନୁକମ୍ପତା—ତା'ର ମନେହୁଏ ଯେ ଜିନିଷସବୁ ଯେପରି ଦିଶନ୍ତି ହୁଏତ ଅସଲରେ ସେପରି ନୁହନ୍ତି । ପବନର ଉଚ୍ଚ ସ୍ତରରେ ସେ ଏକ ଅଲୌକିକ ଜିନିଷ ଦେଖିଥିଲା । ତେଣୁ ସେ ଆଉ ଅନ୍ୟ କାହାପରି ନଥିଲା । ଏକ ଅସମ୍ଭାବ୍ୟ ପରିପ୍ରେକ୍ଷୀରୁ ସେ ମଣିଷର ଜଗତକୁ ଦେଖିଛି । ତା'ର ଓ ମୋର ଦୃଷ୍ଟିଭଙ୍ଗୀ ଏକ ହିସାବରେ ସମାନ—ଆମ ଦୁହିଁର ଅଭିଜ୍ଞତାର ଜଗତ ପରସ୍ପର ଭିତରେ ପଶି ଯାଇଥାଏ ଓ ଉଭୟେ ଅଲୌକିକ ଢଙ୍ଗରେ ବିଶ୍ୱାସୀ ।

ମୋ ନିଜ କ୍ଷେତ୍ରରେ ଏଇ ବିଶ୍ୱାସ ଆହୁରି ଦୁଇଟି ଉଲ୍ଲେଖଯୋଗ୍ୟ ଦୃଶ୍ୟ ହେତୁ ବଢ଼ିଛି । ମୁଁ ଆଗରୁ କହିଛି ଯେ, ଥରେ ଗୋଟାଏ ବିସ୍ତୀର୍ଣ୍ଣ

ପଡ଼ିଆ ଉପରେ କେତେକ ସ୍ତର ଅଦ୍ଭୁତ ରାସାୟନିକ ଉପାଦାନ ଛଡ଼ିଯିବାର ଦୃଶ୍ୟ ମୁଁ ଦେଖିଛି । ସେ ପଡ଼ିଆଟି ଏପରି ଏକ ପୋଡ଼ାଭୂଇଁ ଯେ, ତାହା ଚନ୍ଦ୍ର ଲୋକରେ ଅବସ୍ଥିତ ବୋଲି କହିହେବ । ଆଉ ଥରେ, ତା'ଠାରୁ ଆହୁରି ଅଧିକ ଏପରି ସୌଭାଗ୍ୟ ମୋର ଘଟିଥିଲା ଯେ ତାହା ବିଶ୍ୱାସ କରିବା କଠିନ । ସେଥର ମୋ ସାମନାରେ ଦଳେ ଚଢ଼େଇ ଜୀବନ ସମ୍ବନ୍ଧରେ ତାଙ୍କର ସାକ୍ଷ୍ୟ ଦେଇଥିଲେ ।

ଉତ୍ତର ଆମେରିକାର ବରଫ ତରଳୁଥିବା ପାଣିନାଳ ଭିତରେ ଯେଉଁମାନେ ପୁରୁଣା କାଳରେ ଚଢ଼ି ଯା'ଆସ କରୁଥିଲେ ସେମାନଙ୍କ ମାନଚିତ୍ରରେ 'ମଉଭଇସେସ୍ ଟେରେସ୍' ବା ଅମଙ୍ଗଳୁଆ ଦ୍ୱୀପର ଉଲ୍ଲେଖ ମିଳେ । ଅନେକଲୋକଙ୍କ ମନ ଭିତରେ ଗଠକରି ସେଇ ନାଁ ଟିକିଏ ବଦଳି ଯାଇ ଆମକୁ ଜଣା 'ବ୍ୟାଡ୍ ଲ୍ୟାଣ୍ଡସ' ବା 'ଖରାପ ଜାଗା' ବୋଲି । ସେ ଅଞ୍ଚଳରେ ଗଳି କନ୍ଦରେ ରେଡ୍ ଇଣ୍ଡିଆନ ଜାତିର ଲୋକେ ଲଢ଼େଇ ଓ ହଣାହଣି କରିବା ପାଇଁ ଘୁଲବୁଲ କରୁଥିଲେ । କିନ୍ତୁ ସେ ସବୁ ପ୍ରାୟ ଦେଢ଼ବର୍ଷ ଆଗରୁ ବନ୍ଦ ହୋଇ ଯାଇଛି । ତା' ପରେ ସେଠାରେ ଅଛି ଏକ ନିର୍ଜନ ରାଜ୍ୟ ପ୍ରାଚୀନ ମିଶରର ରାଜାମାନଙ୍କର କବର ଯେଉଁ ଉପତ୍ୟକାରେ ଅଛି, ତାହାରି ପରି ସେ ଜାଗା ଶୂନ୍‌ଶାନ୍, କେବଳ ତାହାକୁ ଜାଗା କହିହେବ କି ନାହିଁ—ସନ୍ଦେହ । ଇଜିପ୍ଟର ସେଇ 'ଭ୍ୟାଲି ଅଫ୍ କିଙ୍ଗ୍‌ସ' ପରି ଏହାମଧ୍ୟ ଏକ କବରଖାନା କହିଲେ ଚଳେ—ଯେବେ ସେଠି ଜୀବନର ଲୀଳା ଥିଲା, କିନ୍ତୁ ଆଜି ଅଛି ଶୁଖିଲା ହାଡ଼ର ଗଦା । ଚନ୍ଦ୍ରର ପବନଶୂନ୍ୟ ଗହ୍ୱରଗୁଡ଼ାକ ପରି ତାହା ଗମ୍ଭୀର ନିର୍ଜନ ।

ସେଠାର ପାହାଡ଼ ଚୂଡ଼ାରେ କିଛି ଉଦ୍ଭିଦ ଜନ୍ମେ ନାହିଁ, କ୍ୱଚିତ୍ କଦବା ଛାୟାଥିବା ଜାଗା ମିଳେ । ବାଲି ପଥରର ମୁଣ୍ଡା ଉପରେ ବିଷାକ୍ତ ବେଙ୍ଗଛତୁ ଭଳି ଯାହା ଟିକିଏ ଛାୟା ଅଛି । ସେଇ ପଥର ମୁଣ୍ଡାର ତଳଦେଶ ପବନରେ କ୍ଷୟ ହୋଇ ମଦ ଗିଲାସର ଡଳକାନ ପରି ମୁନିଆଁ ହୋଇଯାଇଛି । ସେଠି ବହୁକାଳ ଧରି ସମସ୍ତର ପାଣିପାଗରେ ସବୁ କନ୍ଦର ଖଣ୍ଡିଆ ଖାବରା ହୋଇ ଫାଟି ରହିଛି, ଖସିପଡ଼ୁଛି ଅଥବା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଚୂନାହୋଇ

ଯାଉଛି । ସେଠାର ମାଟି ପ୍ରାଚୀନ ଆଗ୍ନେୟଗିରିର ପାଉଁଶ ହୋଇଥିବା ଲକ୍ଷଯୋଗ୍ୟ ଏବେ ଯାଏ ବନ୍ଧ୍ୟା । ପ୍ରାଣହୀନ ଗହ୍ୱର ଜବୋଲା ମାଟିରେ ସୂର୍ଯ୍ୟାସ୍ତର ରଙ୍ଗ ପରି ସେଇ ପୋଡ଼ା ଭୂଇଁର ରଙ୍ଗ ଜ୍ୱଳନ୍ତ ଲାଲ । ଦ୍ୱିଚକ୍ର କଦବା ଲୋକେ ସେଠାକୁ ଯାଆନ୍ତି ଗୋଟିଏ ମାତ୍ର ଉଦ୍ଦେଶ୍ୟରେ, ତାହା ହେଉଛି କଙ୍କାଳ ସନ୍ଧାନ ।

ହେମନ୍ତର ଏକ ଅଣ୍ଡା ସନ୍ଧ୍ୟାରେ ମୁଁ ସେଠାକୁ ଯାଇଥିଲି । ପ୍ରାଗୈତିହାସିକ ଜନ୍ତୁ 'ଡାଇନୋସୋର'ର ପିଠିପରି ଭେଡ଼ା ହୋଇଥିବା ଗୋଟାଏ ବଡ଼ ପାହାଡ଼ ଉପରେ ଚଢ଼ିସାରି ଚନ୍ଦ୍ର ଦେଖିବେଳକୁ ପବନ ଖୁବ ଜୋରରେ ବହୁଥିଲା । ଧୂଳିଆଡ଼େ ପଡ଼ିଆ ଜମି ସମୁଦ୍ରର ଢେଉପରି ସବୁଦିଗରେ ଖେଳି ପଡ଼ୁଥାଏ । ପବନରେ ଭାସୁଥିବା ନୀଳ ଧୂଳି କ୍ରମେକ୍ରମେ ପାହାଡ଼ତଳେ ଘୋର ଲାଲରଙ୍ଗ ମିଶା କଳା ଦିଶୁଥାଏ । ବହୁଯୁଗ ପୂର୍ବରୁ ଲୁପ୍ତ ଜନ୍ତୁଙ୍କର ସଢ଼ିଥିବା ହାଡ଼ରେ ବୋଝେଇ ମୋର ପିଠି ଝୁଲାକୁ ସମ୍ଭାଳି ମୁଁ ଦିଗନିର୍ଣ୍ଣୟ ଯନ୍ତ୍ରପ୍ରତି ଧ୍ୟାନଦେଲି । ସୂର୍ଯ୍ୟ ସେତେବେଳକୁ ପଶ୍ଚିମପଟେ ଢଳିଲେଣି; କିନ୍ତୁ ରାତିହେବା ପୂର୍ବରୁ ସେଠାରୁ ମୁଁ ଚାଲି ଆସିବାକୁ ଚାହୁଁଥିଲି ।

ସେତିକିବେଳେ ମୁଁ ସେଇ ଅଦ୍ଭୁତ ଦୃଶ୍ୟ ଦେଖିଲି । କେତେକ କଳା ବିନ୍ଦୁ ଏକାଠି ହୋଇ ନାଚ ନାଚ, ଓ ଡେଇଁ ପୁଣି ଏକାଠି ହୋଇ ଅଗେଇଲା ପରି ତାହା ଦିଶୁଥିଲା । ଉତ୍ତର ପଟୁ କ୍ରମଶଃ ବଢ଼ି ବଢ଼ି ଏହା ମୋ ଆଡ଼କୁ ଏପରି ସିଧା ଭାବରେ ଆସୁଥାଏ ଯେ ମନେ ହେଉଥାଏ ତାହା ଦିଗନିର୍ଣ୍ଣୟ ଯନ୍ତ୍ରର କଣ୍ଟାପରି ଟିକିଏ ବି ହଲଚଲ ନ ହେଉଥିବା ସରଳ ରେଖାଟିଏ । ଅସ୍ତ ସୂର୍ଯ୍ୟର ଲାଲରଙ୍ଗ ଭିତରେ ଏହା କେତେବେଳେ ଖାଲ ଉଚ୍ଚ ପାହାଡ଼ ଚୂଡ଼ା ଡେଇଁ ଆସୁଥିଲା ତ କେତେବେଳେ ସେଇ ଚୂଡ଼ାସବୁର ଛାୟାପଥରେ ମୁହୂର୍ତ୍ତିକ ପାଇଁ ଅଦୃଶ୍ୟ ହେଉଥିଲା । ଝଣମଡ଼ୁଥିବା ମାଟି ଓ ପବନରେ କ୍ଷୟ ହେଉଥିବା ପଥରରେ ଭର୍ତ୍ତି ମରୁଭୂମି ପରି ସେଇ ପୋଡ଼ାଭୂଇଁ ପାରହୋଇ ସେମାନେ ଆସୁଥିଲେ । ମୋତେ ପାରହୋଇ ସଣଦେ ରାତିର ଅନ୍ଧାରରେ ପଶୁଥିବା ଗ୍ଲେଟ ଜୀବନ୍ତ ଗୁଳିପରି ସେଇ ଚଢ଼େଇଙ୍କର ଡେଣାର କ୍ଷୀଣ ବନ୍ୟ ଆବାଜ୍ ମୋର ସ୍ୱେପଟର ପବନରେ ଖେଳିଗଲା ।

ପାଠକ ପାଖରେ ଏହା କିଛି ଅତ୍ୟାଶ୍ଚର୍ଯ୍ୟ ନ ହୋଇ ପାରେ । କିନ୍ତୁ ମୁଁ ସେଇ ସନ୍ଧ୍ୟାରେ ଠିଆ ହୋଇଥିଲି ଏକ ମୃତ ଜଗତର କେନ୍ଦ୍ରସ୍ଥଳରେ । ସେଠି ଠିଆ ନ ହେଲେ ଅବଶ୍ୟ ସେ ଦୃଶ୍ୟ ଅଲୌକିକ ମନେ ହେବାର କଥା ନୁହେଁ । ମୋର ଗୋଡ଼ତଳେ ବନ୍ଦେଇ ହୋଇଥାଏ ପାଞ୍ଚକୋଟି ବର୍ଷର ଅତୀତ । ସେଇ ପାଞ୍ଚକୋଟି ବର୍ଷକାଳ ଭିତରେ କେତେ ଦୈତ୍ୟ ଦାନବାକୃତି ଜନ୍ତୁ ସେତେବେଳର ସବୁଜ ପୃଥିବୀରେ ଗର୍ଜୁଥିଲେ । ସେ ପୃଥିବୀ ଆଜି ଏପରି ଲୁପ୍ତ ହୋଇଯାଇଛି ଯେ ତା'ର ଆଲୁଅ ମହାଶୂନ୍ୟର ସୁଦୂର ସୀମାରେ ବୁଲୁଛି ମାତ୍ର । ମୋ ତଳେ ସେଠାର ମାଟିରେ ସେଇ ଅନ୍ତର୍ହିତ [illegible] ଯୁଗର ଉପାଦାନମାନ ରହିଥାଏ । ମୋର ସ୍ମୃତିପଟେ ପଡ଼ିଥାଏ ମୃତ ପ୍ରାଗୈତିହାସିକ 'ଟିଟାନୋଥିରସ୍' ନାମକ ଜନ୍ତୁର ଗଜଦନ୍ତ, ଯାହାସବୁ କିଛି ଚର ଫାଡ଼ି ଦେଉଥିଲା; ଚୁପ୍‌ଚାପ ପାଦ ପକାଉଥିବା ମାର୍ଜାରଜାତୀୟ ଜନ୍ତୁର ଖଡ୍ଗ ଦନ୍ତ, ଅନେକ ଅଦ୍ଭୁତ, ଅବଲୁପ୍ତ ଜନ୍ତୁର ଡୋଳା ନଥିବା ମାଙ୍କା ଆଖି କୋଟର ! ସେ ସବୁ ଆଖି ଯେଉଁ ଦୁନିଆଁକୁ ଦେଖୁଥିଲେ ତାହା ଆମରି ପରି ବାସ୍ତବ । ସେଥିରେ ହିଂସ୍ର, ଅସଭ୍ୟ ଧରଣର ମସ୍ତିଷ୍କ ବିଶିଷ୍ଟ [illegible] କୁହୁଳୁଥିବା ରାତିବେଳେ ବୁଲୁଥିଲେ ଓ ରକ୍ତ ଖାଉଥିଲେ ।

ଏବେ ବି ସେମାନେ ଏଠାରେ ଅଛନ୍ତି, ଅଥବା—ପକ୍ଷାନ୍ତରରେ—ଯେଉଁ ରାସାୟନିକ ଉପାଦାନରୁ ସେମାନେ ଜନ୍ମିଥିଲେ ତାହା ସବୁ ଏଠାରେ ମୋ ସ୍ମୃତିପଟେ ବନ୍ଧା ହୋଇଛି । କ୍ଷୟ ହେଉଥିବା ପଥରରେ ବୋଳାହୋଇ ମାଡ଼ି ବସିଛି ସେଇ ଅଙ୍ଗାରାମ୍ଳ ଯାହା ସେମାନଙ୍କୁ ସୃଜିତ କରୁଥିଲା । ଲୁହାର ଉପାଦାନ ଧାତୁହୋଇ ପଥର ଭିତରେ ରହିଛି । ଲୁହାର ସେ ଉପାଦାନ ଭୁଲି ଯାଇଛି କେଉଁ ରକ୍ତରେ ତାହା ଦିନେ ବହମାନ ଥିଲା । ଦିନେ କୌଣସି ଅସଭ୍ୟର ମସ୍ତିଷ୍କରେ ଯେଉଁ ଦୀପକ ଦ୍ରାବ ଥିଲା ଆଜି ତାହା ସେ କଥା ଭୁଲି ଯାଇଛି । ରାସାୟନିକ ଉପାଦାନ ଦୈବାତ୍ ଏକ ମୁହୂର୍ତ୍ତରେ ଏପରି ଅଦ୍ଭୁତ ଭାବରେ ସମିଶ୍ରିତ ହୁଅନ୍ତି ଯେ ତହିଁରୁ ନିର୍ଦ୍ଦିଷ୍ଟ ପ୍ରକାର ପ୍ରାଣୀଜନ୍ମ ସମ୍ଭବ ହୁଏ; ସେଠାରେ ଥିବା ସେଇ ସବୁ ଉପାଦାନକୁ ସେପରି ମୁହୂର୍ତ୍ତର ସୁଯୋଗ କ୍ରମଶଃ

ଲୋପ ପାଇଛି । ଠିକ୍ ଯେପରି ଆମ ଦେହରେ ଥିବା ରସାତ୍ମକ ଉପାଦାନ-ଗୁଡ଼ିକ ଧୋଇ ହୋଇ ଆଗାମୀ କାଳର ସମୟର ନାଳରେ କ୍ଷୀଣ ହୋଇ ଆସିବ ।

ସେ ମାଟିରୁ ମୁଠାଏ ମୁଁ ହାତରେ ଧରି ଉଠାଇଲି । ମୁଁ ତାହା ଧରି ଠିଆହୋଇ ରହିଲା ବେଳେ ଦକ୍ଷିଣ ମୁଖୀ ସେଇ ଚଢ଼େଇ ଦଳ ମୃଦୁ ସ୍ୱରରେ ରଡ଼ି ରଡ଼ି ମୋ ମୁଣ୍ଡ ଉପର ଦେଇ ଅନ୍ଧାର ଘେର ଭିତରେ ପଶି ଗଲେ । ଅତି ଚଞ୍ଚଳ ସେଇ ସବୁ ଚଢ଼େଇଙ୍କ ଡେଣାରେ ଉଡ଼ି ଯାଉଥିଲା ଦୀପକ ଦ୍ରାବ, ଲୁହାର ଉପାଦାନ, ଅଙ୍ଗାରାମ୍ଳ ଓ ଚୂନର ଧାତବ ଅଂଶ । ଏକ ମୃତ ଗ୍ରହ ଉପରେ ଠିଆହୋଇ ମୁଁ ଚଞ୍ଚଳ ଗୁଳିଯାଉଥିବା ସେଇ ଅବିଶ୍ୱାସ୍ୟ ଅଲୌକିକ ଘଟଣା ଦେଖୁଥିଲି । ଏକ ସଠିକ ଉଦ୍ଭିଦଶୂନ୍ୟ ଘନ ପାହାଡ୍ୟରେ ସେଇ ଚଢ଼େଇ ଦଳ କ୍ଷେତ ଓ ପଡ଼ିଆ ଉପର ଦେଇ ଧାଉଁଥିଲେ । ଦଳ ଭିତରୁ ପ୍ରତ୍ୟେକ ଚଢ଼େଇ ଆନନ୍ଦର ଆତିଶଯ୍ୟରେ ରଡ଼ୁଥିଲେ ଓ ସେଇ ସ୍ୱର ପାହାଡ଼ ଫାଙ୍କରେ ପ୍ରତିଧ୍ୱନିତ ହେଉଥିଲା । ବାଙ୍କ ପାଖରେ ସମଗ୍ର ଦଳଟି ଗୋଟାଏ ଜିନ୍ଦା ଦେହପରି ମୋଡ଼ ବୁଲୁଥିଲା । ରାତି ପାଖେଇ ଆସୁଛି ଜାଣି ପ୍ରତ୍ୟେକ ଚଢ଼େଇ ଠେସାଠେସି ହୋଇ ଘନ ଭାବରେ ଅନ୍ଧାର ଆଗରେ ଧାଉଁଥିଲେ । ଏହି ପରି ଏକେ ଅନ୍ୟକୁ ପାଟି କରି ଡାକି, ଦଳଟି ମୋ ଦୃଷ୍ଟି ପଥରୁ ଉଭେଇଗଲା ।

ମୋ ମୁଠାରେ ଥିବା ମାଟିଯାକ ମୁଁ ପକାଇ ଦେଲି । ନିଷ୍ପ୍ରାଣ ସେଇ ଧୂଳିଗୁଣ୍ଡ ପାହାଡ଼ତଳେ ଥିବା ପଥର ଫାଙ୍କ ଭିତରକୁ ଗଡ଼ିଗଲା । ତା'ର ଆବାଜ ମୁଁ ଶୁଣୁଥାଏ । ସେଥିରେ ଥିଲା ଲୁହାର ଉପାଦାନ । ଅଙ୍ଗାରାମ୍ଳ ଓ ପ୍ରାଣ ପାଇଁ ପ୍ରୟୋଜନ ରସାୟନିକ ପଦାର୍ଥ ସବୁ । ବହୁକାଳ ପୂର୍ବରେ ଜଙ୍ଗଲୀ ଜାତିର ଲୋକେ ସବୁ ପାହାଡ଼ରେ ବାସ କରୁଥିଲେ । ଦିବ୍ୟ ଦର୍ଶନ ଆଶାରେ ତାଙ୍କରି ପରି ମୁଁ ମଧ୍ୟ ଅନ୍ଧାର ଆକାଶ ଆଡ଼କୁ ହାତ ଟେକି ମେଲି ଦେଲି । ମୋ ପକ୍ଷରେ ସେପରି ଭଙ୍ଗୀରେ କିଛି ଥଟ୍ଟାର କଥା ନଥିଲା । ମୋର ସେ ଭଙ୍ଗୀ ଦେଖି କେହି ମୋତେ ଥଟ୍ଟା କରୁଛି ବୋଲି ବୋଧ ହେଲା ନାହିଁ ମଧ୍ୟ । ସେଠାରୁ ଫେରି ଅନେକ ରାତିରେ ତମ୍ବୁ ଭିତରେ ପଶିଲା ବେଳେ, ନିଆଁ ପାଖରେ କମ୍ବଳ ତଳୁ ନିଦରୁ ଉଠି ଜଣେ ବନ୍ଧୁ ପଚାରିଲେ 'କଅଣ ଦେଖିଲ ?'

'ଅଲୌକିକ ଦର୍ଶନ ବୋଧହୁଏ' ମୁଁ କହିଲି, କିନ୍ତୁ ଏତେ ଆସ୍ତେ କହିଲି ଯେ ବୋଧହେବ ଯେତେ ଯେପରି ମୁଁ ମନେ ମନେ ତାହା କହିଲି । ମୋ ପଛରେ ଜହ୍ନ ଉଠି ଆସୁଥାଏ ; ତା'ର କିରଣରେ ସେଇ ବିଶାଳ ପଡ଼ିଆ ଝଲସୁ ଥିଲା ।

ଆଗରୁ କହିଛି ଯେ, ଜୀବନ ସମ୍ପର୍କରେ ଏକ ବିସ୍ମୟ ମୁଁ ଦେଖିଛି; କିନ୍ତୁ ତାହା ମଣିଷଙ୍କ ବିଷୟର ନଥିଲା । ଯେଉଁମାନେ ପିଞ୍ଜରାରେ ଥିବା ଚଢ଼େଇକୁ ଦେଖନ୍ତି ବା ଯେଉଁମାନେ ଚଢ଼େଇର ମନ ମଣିଷର ମନର କେତେ ଘନିଷ୍ଠ ତାହା ପରୀକ୍ଷା କରନ୍ତି ସେମାନେ ଏହା ପାଇଁ ଖାତିର କରିବେ ନାହିଁ । ଦୀର୍ଘକାଳ ଆଗରେ ଏକ ପାର୍ଟିଂର ପାଖରେ ସବୁଜ ପଦର ସ୍ତରରେ ମୋର ସେ ଅଭିଜ୍ଞତା ହୋଇଥିଲା । ଶହେ ବର୍ଷ ବଞ୍ଚିଲେ ସୁଦ୍ଧା ମୁଁ କେବେ ହେଲେ ସେ ଘଟଣା ଭୁଲି ପାରିବି ନାହିଁ । ଯେଉଁଠି ମୁଁ ତାହା ଦେଖିଥିଲି ସେଇ ଜଙ୍ଗଲା ଜାଗାକୁ ଲୋକେ କେବେ ହେଲେ ଯାଆନ୍ତି ନାହିଁ ; ତେଣୁ ଦଶ ଲକ୍ଷ ଲୋକଙ୍କ ଭିତରେ ଜଣେ ବି ସେପରି ଦୃଶ୍ୟ ଦେଖିଥିବ ବୋଲି ମୋର ମନେହୁଏ ନା । ସେଥିପାଇଁ ଯେତିକି ଦରକାର ସେତିକି ଆଲୁଅ ଥିବା ଆବଶ୍ୟକ ଓ ଦର୍ଶକ ଅଦୃଶ୍ୟ ରହିବା ଉଚିତ । କେହି ଏପରି ଏକ ପରୀକ୍ଷାର ବନ୍ଦୋବସ୍ତ ଆଗରୁ କରି ନପାରେ , ଦୈବାତ୍ ସେ ଏପରି ଦୃଶ୍ୟ ଦେଖିପାରେ ମାତ୍ର ।

ପାଠକେ ଧରିନେଇ ପାରନ୍ତି ଯେ, ମୁଁ ଗୋଟାଏ ପାହାଡ଼ ପାରିହୋଇ ଆସିଥିଲି ଓ ପ୍ରାୟ ଗୋଟାଏ ଓଲି ଫାର୍ଣ୍ଣଗଛ ଓ କଣ୍ଟା ପରି ପାଇନ ଗଛର ଡାଳ ଭିତରେ ବୁଲିପାରି କ୍ଳାନ୍ତ ଥିଲି । ତେଣୁ ଗୋଟିଏ ଛୋଟ ଫାଙ୍କା ଜାଗାର ସୀମାରେ ବସି ମୁଁ ଟିକିଏ ବିଶ୍ରାମ ନେଉଥିଲି । ଗୋଟିଏ ଗଛର କାଣ୍ଡରେ ମୁଁ ପିଠି ଆଉଜେଇ ଥାଏ ଓ ମୋ ମୁଣ୍ଡ ଉପରେ ଏପଟୁ ସେପଟ ପର୍ଯ୍ୟନ୍ତ ଗୋଟାଏ ବଙ୍କା ଡାଳ ମାଡ଼ିଯାଇଥାଏ । ହଠାତ୍ ଫାଙ୍କା ଜାଗା ଭିତରୁ ମୁଁ ଦେଖା ପଡ଼ୁନଥାଏ, କିନ୍ତୁ ମୁଁ ସେଇ ଫାଙ୍କା ଜାଗାକୁ ସ୍ପଷ୍ଟ ଦେଖି ପାରୁଥାଏ ।

ସୂର୍ଯ୍ୟକିରଣ ତଥାପି ଟିକିଏ ଉଷ୍ମ ଥିଲା । ଜଙ୍ଗଲର ପ୍ରାଣୀମାନଙ୍କର ଫୁସ୍‌ଫାସ୍ ଆସ୍ତେ ଆସ୍ତେ ମୋର ନିଦ ଦେହ ଭିତରେ ପଶି ଯାଉଥିଲା । ଫାଙ୍କା ଜାଗା ଭିତରେ ଏକ ବିଶୃଙ୍ଖଳ ଓ ଗୋଳମାଳ ହେବାରୁ ମୋର ନିଦ ଧୀରେ

ଧୀରେ ଖସି ଗଲା । ପାଇନ୍ ଗଛ ଭିତରୁ ସେତେବେଳେ ଖସ ଏମିତି ଢ଼ାଳ ପଡ଼ୁଥାଏ ଯେ, ସମସ୍ତ ଫାଙ୍କା ଜାଗାଟି ଦିଶୁଥାଏ ଗୋଟାଏ ଆଲୋକିତ ଗୀର୍ଜା ଘର ପରି । ସୂର୍ଯ୍ୟ ରଶ୍ମିର ଧାରମାନଙ୍କରେ ମୋତେ ଦିଶୁଥାଏ ଫୁଲର ପରାଗ-ଧୂଳିର ବିନ୍ଦୁଗୁଡ଼ାକ । ସେଇ ଲମ୍ବା ଡାଳର ଅଗରେ ବସିଥାଏ ଗୋଟାଏ ପ୍ରକାଣ୍ଡ ଡାମରକାଉ, ଆଉ ତା ଥଣ୍ଟରେ ଥାଏ ଗୋଟାଏ ବୋବାଉଥିବା ଚଢ଼େଇ ଛୁଆ ।

ସେଇ ଚଢ଼େଇ ଛୁଆର ବାପ ମା ଅସହାୟ ଭାବରେ ଫାଙ୍କା ଜାଗାର ଚାରିପଟେ ଉଡ଼ୁଥାନ୍ତି । ତାଙ୍କର ଆର୍ତ୍ତନାଦରେ ମୋର ନିଦ ଭାଙ୍ଗି ଯାଇଥାଏ । କିନ୍ତୁ ସେଇ କଳା ଶୈତାନ ସେଥିପ୍ରତି ପୂରା ବେଖାତିର କରି ଛୁଆଟିକୁ ଖୁମ୍ପୁଥାଏ, ଗିଳୁଥାଏ ଓ ଅରକୁଥିବା ଡାଳରେ ନିଜ ଥଣ୍ଟ ପୋଛୁଥାଏ । ସେଇ ସାମାନ୍ୟ ଶୋଚନୀୟ ଘଟଣା ସେ ପର୍ଯ୍ୟନ୍ତ ସାଧାରଣ ଭାବରେ ଚାଲିଥାଏ; କିନ୍ତୁ ହଠାତ୍ ସମଗ୍ର ଜଙ୍ଗଲ ଇଲାକାରୁ ପ୍ରତିବାଦର ଏକ ମୃଦୁ ଆବାଜ୍ ଉଠିଲା । ଫାଙ୍କା ଜାଗାକୁ ପ୍ରାୟ ଅଧ ଡଜନ୍ ବିଭିନ୍ନ ପ୍ରକାରର ଛୋଟ ଚଢ଼େଇ ମାଡ଼ି ଆସିଲେ । ଛୁଆଟିର ବାପ ମା'ଙ୍କ ବେଦନାର୍ତ୍ତ ସ୍ୱର ତାଙ୍କୁ ଟାଣି ଆଣିଲା ।

କେହି ସେ ଡାମରା ଉପରେ ଚଢ଼ାଉ କରିବାକୁ ସାହସ କଲେ ନାହିଁ । ଭିତରେ କେତେକ ଥିଲେ ଶୋକାର୍ତ୍ତ ଏବଂ ଅନ୍ୟ କେତେକ ସେପରି ନଥିଲେ । କିନ୍ତୁ ସେମାନେ ସମସ୍ତେ ଏକ ସହଜାତ ସମାନ ଦୁଃଖରେ ରହିଥାନ୍ତି । ସେଇ ଫାଙ୍କା ଜାଗାଟି ତାଙ୍କର ଡେଣାର ଶବ୍ଦ ଓ ପାଟିରେ ଭରି ଗଲା । ସେମାନେ ଉଡ଼ୁଥିଲା ବେଳେ ମନେ ହେଉଥାଏ ସତେ ଯେପରି ଡେଣା ଦ୍ୱାରା ପ୍ରତ୍ୟେକ ସେଇ ଖୁନୀକୁ ଦେଖାଇ ଦେବାକୁ ଚାହୁଁଥିଲେ । ସେମାନେ ଅନୁଭବ କରୁଥିଲେ ଯେ ଖୁନଟା ଏକ ମୂଳ ନୀତି ଭାଙ୍ଗୁଛି । ସେ ନୀତି କଅଣ ତାହା ପୂରା ବୁଝିହେବ ନାହିଁ କି ବୁଝାଇ ହେବ ନାହିଁ । ସେ ଥିଲା ମୃତ୍ୟୁର ଦୂତ ।

ପ୍ରାଣୀମଣ୍ଡଳୀର କେନ୍ଦ୍ରରେ ସେଇ କଳା ଖୁନୀ ବସିଥାଏ, ସେ ଦିଶୁଥାଏ ଅଟଳ, ଅଚଞ୍ଚଳ ଓ ଭୟଙ୍କର । ଛୋଟ ଚଢ଼େଇଙ୍କ ଚାରିପଟେ ଯେଉଁ ଆଲୁଅ ଖେଳୁଥାଏ, ସେଇ ଆଲୁଅରେହିଁ ଡାମରାର ଦେହବର୍ଣ୍ଣ ଚକ୍ ଚକ୍ କରୁଥାଏ ।

କ୍ରମଶଃ, ସେଇ ଦୀର୍ଘଶ୍ୱାସ ଥମି ଆସିଲା । ସେଇ ସମୟରେ ମୁଁ ସେଇ ବିସ୍ମୟ ଦେଖିଲି । ମୃତ୍ୟୁ ବିରୁଦ୍ଧରେ ତାହା ଥିଲା ଜୀବନର ଜୟ । ଏପରି ଜୟର

ଅଧିକ ବଳିଷ୍ଠ ପ୍ରକାଶ ମୁଁ ଆଉ କେବେ ଦେଖିବି ନାହିଁ । ଏହାଠାରୁ ଅଧିକ ଶୋକାର୍ତ୍ତ ଭାବରେ ଆଉକେବେ ମୁଁ ସେ ଗୀତ ଶୁଣିବି ନାହିଁ, କାରଣ ପ୍ରତିବାଦ କରୁ କରୁ ସେଇ ଚଢ଼େଇମାନେ ସଂସାର କଥା ଭୁଲି ଯାଉଥିଲେ । ସେଇ ଶାନ୍ତଶୀତଳ ପଡ଼ିଆରେ ଘରଚଟିଆର ଗୋଟାଏ ଗୀତ ଇତସ୍ତତଃ ଦିନ ଶେଷରେ ଜାଗି ଉଠିଥିଲା । ବହୁ ସମୟ ଧରି ଉଡ଼ିବାରୁ କ୍ଳାନ୍ତ ହୋଇଥିବା ଆଉ ଗୋଟିଏ ଚଢ଼େଇ ସେ ଗୀତ ସଙ୍ଗେ ନିଜର ସ୍ୱର ମିଶାଇ ଦେଇଥିଲା । ଏହିପରି ଭାବରେ ସେ ଗୀତ ଗୋଟାଏ ଚଢ଼େଇ ଠାରୁ ଅପର ଚଢ଼େଇର କଣ୍ଠରେ ବିସ୍ତୃତ ହୋଇଥିଲା । ପ୍ରଥମେ ଏହା ମୃଦୁ ଥିଲା, ସତେ ଯେପରି ଏକ ଅଶୁଭ ଜନ୍ମକୁ ସେମାନେ ଧୀରେ ଧୀରେ ଭୁଲୁଥିଲେ । ତା'ପରେ ହଠାତ୍ ସେମାନଙ୍କର ସାହସ ବଢ଼ିଗଲା ଓ ଅନେକ କଣ୍ଠରୁ ସାଧାରଣ ପକ୍ଷୀଗୀତ ପରି ଖୁସି ଭରା ଗୀତ ଜାଗି ଉଠିଲା । ସେମାନେ ଗାଉଥିଲେ, କାରଣ ଜୀବନ ଯେପରି ମିଠା, ଖରା ସେପରି ସୁନ୍ଦର । 'ଜାହ୍ନ'ର ଅମଙ୍ଗଳୁଆ ଗ୍ରସ୍ତାତଲେ ତାଙ୍କର ସଙ୍ଗୀତ ବୁଲିଥାଏ । ଏହା ନିଶ୍ଚିତ ସତ୍ୟ ଯେ, ଡାମରାକୁ ସେମାନେ ଭୁଲି ପାରିଲେନି, କାରଣ ସେମାନେ ମୃତ୍ୟୁର ନୁହେଁ, ଜୀବନର ଜୟଗାନ କରୁଥିଲେ ।

ପବନଶିହାଣ୍ଡି ସେ ଦଳ ଭିତରେ ମୁଁ ତ ନ ଥିଲି । ମାଟିରେ ବନ୍ଧା ମୋର ଅଙ୍ଗପ୍ରତ୍ୟଙ୍ଗର ଯଥେଷ୍ଟ ଚେଷ୍ଟା ଓ ବଳବତୀ ଇଚ୍ଛାବଳରେହିଁ ମୁଁ ପାହାଡ଼ ଏପରି କି କଳ୍ପନାର ପାହାଡ଼ ଚଢ଼ି ପାରେ । ମୁଁ ଜାଣିଲି ଯେ ଅଲୌକିକ କିଛି ମୁଁ ଦେଖିଲି । ମୃତ୍ୟୁ ବିରୁଦ୍ଧରେ ଜୀବନର ଗୀତ ମଧ୍ୟ ଶୁଣିଲି । କିନ୍ତୁ ମୋର ତ ପୁଣି ମଣିଷର ମନ ! ସେ ମନ ସେଇ ଗୀତକୁ ମାନିବ ନାହିଁ, ଦିନ ପରେ ଦିନ ସେ ଗୀତ ବିପକ୍ଷରେ ନିଜର ବିଦ୍ରୋହ ଜଣାଇବ । ଅବଶେଷରେ ମୁଁ ସନ୍ଦେହ କରିବାକୁ ଆରମ୍ଭକରିବି—ସେଇ ଅଲୌକିକ ଦର୍ଶନର ଯେଉଁ ଅର୍ଥ ବୁଝିଥିଲି ତାହା ଠିକ୍ ତ ! ଏହିପରି ଭାବରେ ସୂକ୍ଷ୍ମ ତର୍କ ଓ ଅଜ୍ଞାନ ମୋତେ ପୁଣି ଘେରି ଧରିବ ।

ଠିକ୍ ତାହାହିଁ ଘଟିଥିଲା ଯେ ପର୍ଯ୍ୟନ୍ତ ମୁଁ ଗୋଟାଏ ନିଶୁଣି ଉପରୁ ପୁଣି ଥରେ ଜୀବନକୁ ନଜର କରିନଥିଲି । ଏକ ଅଣ୍ଡ୍ରା ହେମନ୍ତ ସନ୍ଧ୍ୟାରେ ଗଛରୁ

ଅଜସ୍ର ପୁରୁଣା ପତ୍ର ଓ ପବନଙ୍କେ ବରଫ ଝରିଲାବେଳେ ମୁଁ ଏକ ସହରତଳୀର ରାସ୍ତା କଡ ଆଲୁଅ ପାଖରେ ଠିଆ ହୋଇଥିଲି । ହଠାତ୍ ମୋର ମନେହେଲା ଯେ ରାସ୍ତାର ଫୁଟ୍‌ପାଥ ଉପରେ କେତେକ ପ୍ରକାଣ୍ଡ, ଲୋମଶ ଛାୟା ନାଚୁଛି । ବୋଧ ହେଲା ଯେ ତାହା ଏକ ଅଖାଡ଼ୁଆ ବୃତ୍ତାକାର ଜନ୍ତୁର ଛାୟା ଓ ସେ ଗୁଡ଼ାକର ଆକାର ମୋର ମୁଣ୍ଡ ଉପରେ ଆଲୁଅ ତଳେ ବହୁଗୁଣ ବଢ଼ି ଯାଇଛି । ସେଥିରେ କିଛି ମାତ୍ର ଭୁଲ ହେବାର କଥା ନ ଥିଲା । ମୁଁ ଠିଆ ହୋଇଥାଏ ଗୋଟାଏ ନାଲି ବୁଲୁଥିବା ପ୍ରକାଣ୍ଡ ବୁଢ଼ିଆଣୀର ଛାୟା ତଳେ । ସବୁ ଜନ୍ତୁ ଯେତେବେଳେ ବରଫ ତଳେ ଚାପା ପଡ଼ି ଯାଉଥିଲେ, ସେତେବେଳେ ସେ ବୁଣିବାରେ ବ୍ୟସ୍ତ ଥିଲା । ରାସ୍ତା ଉପରେ ତା'ର ଛାୟା ଆଲୁଅ ଯୋଗୁଁ ଦୈତ୍ୟାକାର ମନେ ହେଉଥାଏ । ଫୁଟପାଥ ଓ ରାସ୍ତା କଡ଼ରେ ତା'ର ତନ୍ତୁ ଗୁଡ଼ାକ ମଧ୍ୟ ପ୍ରତିବିମ୍ବିତ ହୋଇଥାଏ ଅତିକାୟ ଆକାରରେ ସେଇ ସବୁ ଛାୟା ତଳେ ମୁଁ ପ୍ରାୟ ଘୋଡ଼ାଇ ହୋଇ ଯାଉଥିଲି ।

'ହା, ଭଗବାନ୍ !' ମୁଁ ଭାବିଲି, 'ସେ ଯାନ ସୁଫିଟିଏ ଖୋଜି କାଢ଼ିଛି ଏବଂ ପ୍ରକୃତିର ଧାରା ବଦଳାଇବାକୁ ଯାଉଛି ।'

ମୋ ଅଗଣାରୁ ଗୋଟାଏ ନିଶୁଣି ମଗାଇ ତା' ଉପରେ ମୁଁ ଚଢ଼ିଗଲି ବ୍ୟାପାରଟା କଅଣ ତଦନ୍ତ କରି ଦେଖିବା ପାଇଁ । ଦେଖିଲି ତା'ର ଲୁଗାପଟେ ସାରା ପୃଥିବୀ ଝର ଝର ତଳେ ପଡ଼ିଲାବେଳେ ସେଇ ବୁଢ଼ିଆଣୀ ଉତ୍ସାହ ସହକାରେ କଳା ଓ ହଳଦିଆ ରଙ୍ଗର ଏକ ବିରାଟ ପ୍ରାଣ ଶକ୍ତିର ପ୍ରତିମୂର୍ତ୍ତି ଗଢ଼ୁଛି । ଆଲୁଅ ଖୁମ୍ବର ଲୁହାତାରମାନଙ୍କରେ ନଜର ଚିଆର ନମନୀୟ ରଶି ଦ୍ୱାରା ସେ ଏଇ ପ୍ରତିମୂର୍ତ୍ତି ଝୁଲାଇବାରେ ବ୍ୟସ୍ତ ଥିଲାବେଳେ ଝରୁଥିବା ବରଫ ବା ତଳେଥିବା ନିଶୁଣି ପ୍ରତି ତିଲ୍‌କୁଲୁ ଖାତିର କରୁ ନ ଥିଲା । ମୋର ଉପସ୍ଥିତିକୁ ଗ୍ରାହ୍ୟ ନ କରି ସେ ତା'ର ଜାଲକୁ ଟାଣି କରିବାରେ ଓ ସୁନ୍ଦର କରିବାରେ ବ୍ୟସ୍ତ ରହିଲା ।

ନିଶୁଣି ଉପରେ ତା'ପାଖରେ ଠିଆ ହୋଇ ମୁଁ ତାକୁ ନଜର କରିବାକୁ ଲାଗିଲି । ମୋର ଗାଲରେ ବରଫଝରି ଲାଗି ରହୁଥାଏ ; କିନ୍ତୁ ମୁଁ ବୁଢ଼ିଆଣୀର ଜଗତ ପ୍ରତି ଧ୍ୟାନ ଦେଇଥାଏ । ସେଥିରେ ଝୁଲୁଥାଏ ଚକଚକିଆ ଦୁଇଟି

ସାଗୁଆ ପୋକର ଖୋଲ, ଉଜ୍ଜ୍ୱଳ ଆଖି ପରି ପତଙ୍ଗର ଡେଣାରୁ ଫାଳେ ଓ ଆଉ ଗୋଟାଏ ବଡ଼ ବସ୍ତୁ ଯାହାର ଠିକଣା ବାରିହେବ ନାହିଁ । ବୋଧହୁଏ ତାହା କଟ୍ କଟ୍ ଶବ୍ଦ କରୁଥିବା 'ସିକାଡ଼ା' ନାମକ କୀଟଟିଏ । ସେ ଜାଲ ଭିତରେ ଖୁବ୍ ଲଢ଼ିଥିବ ବୋଲି ଜଣା ପଡ଼ୁଥିଲା କିନ୍ତୁ ଏବେ ତା'କୁ ସିଲ୍‌କ ସୂତାର ମାଳ ମାଡ଼ିବସି ଥାଏ । ଛୋଟ ଛୋଟ ଅଦ୍ଭୁତ କେତେକ ଜିନିଷର ଖଣ୍ଡ, ପଶମର କିଛି ସୂତା, ଲାଲ୍ ନୀଳ ରଙ୍ଗର ମଲା ପତଙ୍ଗ ଡେଣାର ଅଂଶ, ଅଜଣା ପୋକର ହାଡ଼ ଗୋଡ଼ ଇତ୍ୟାଦି ମଧ୍ୟ ସେ ଜାଲରେ ଝୁଲୁଥାଏ ।

ମୁଁ ଭାବିଲି ଯେ ଦିନେ ସେ ସବୁ ଜିନିଷର ରଙ୍ଗ ଛାଡ଼ିଯିବ, ସେଗୁଡ଼ାକ ମଳିନ ହୋଇଯିବ । ତା' ପରେ କାକର ପୁଣି ସେ ସବୁକୁ ପାଲିଶ୍ କରିବ ଓ ବୁନ୍ଦା ବୁନ୍ଦା ଶିଶିର ସେଇ ଜାଲର ସିଲ୍‌କ ସୂତା ଉପରେ ଚକ୍ ଚକ୍ କରିବ; ଆଲୁଅରେ ସେଇ ଜଗତ ସାରା ଝଲମଲ ହୋଇ ଉଠିବ । ଅସଲରେ ତାହା ଠିକ୍ ମନର ଜଗତ ପରି ଯହିଁରେ ସବୁ ଜିନିଷ ବଦଳେ, କିନ୍ତୁ ରହିଯାଏ । ଶେଷରେ ଜାଲରେ ଝୁଲୁଥିବା ମଲା ପୋକଙ୍କର ଦେହାଂଶ ପରି ଅଭିଜ୍ଞତାର ଫାଳେ ଅଂଧ ଆମ ମନର କୋଣରେ ଲାଗିଥାଏ ।

ଆହୁରି ମୁହୂର୍ତ୍ତେ ମୁଁ ଡେରି କଲି ତା'କୁ ନଜର କରିବାକୁ । ଶୀତର ପ୍ରଚଣ୍ଡ ଅନ୍ଧ ଶକ୍ତି ଝାବୁଡ଼ିରେ ତା'ର ଅଭିଯାନକୁ ବୁଝିବାକୁ ଚେଷ୍ଟା କଲି । ଉତ୍ତମ ଆଲୁଅର ଶ୍ରେଷ୍ଠ ରାଜ୍ୟଟିଏ ସେ ଦଖଲ କଲା ସିନା, କିନ୍ତୁ ଏହାର ଭବିଷ୍ୟତ ତ କିଛି ନାହିଁ, ଏହା ତ ନିରର୍ଥକ ! ଇଚ୍ଛା ନ କଲେ ମଧ୍ୟ, ଏପରି ଭାବନା ମୋର ମନରେ ଖେଳି ଗଲା । ତଥାପି, ଏହା ମୋର ମନେ ପକାଇ ଦେଲା ସେଇ ଚଢ଼େଇମାନଙ୍କ ସୁଦୂର ସଙ୍ଗୀତ ଯାହା କେତେ ବର୍ଷ ଆଗରେ ମୁଁ ଶୁଣିଥିଲି । ଜଙ୍ଗଲ ଭିତରେ ସେଇ ଖୋଲା ଜାଗାରୁ ଆଜି ତାହା ଭାସି ଆସୁଥାଏ କ୍ରମଶଃ ବେଶି ବଳିଷ୍ଠ ସ୍ୱରରେ । ସେ ସ୍ୱର ବୀରତ୍ୱର, ଦୁଃସାହସର ; ସେ ସ୍ୱର ଏଇ ଜଗତର ଯହିଁ ନକ୍ଷତ୍ର ପରି ଆଲୁଅ ଟିକରେ ଯଦି ରଶ୍ମିଟିଏ ବାନ୍ଧିବାର ସମ୍ଭାବନା ଥାଏ, ତେବେ ବୁଢ଼ିଆଣୀଟି ବି ଆତ୍ମ ସମର୍ପଣ କରିବାକୁ ବା ମରିବାକୁ ରାଜି ନୁହେଁ । ହୁଏତ ଶେଷଯାଏ ମଣିଷ ବି ଏହିପରି ଲଢ଼ିବ : କିନ୍ତୁ ବୁଢ଼ିଆଣୀଟି ତ ମୁହୂର୍ତ୍ତେ ପାଇଁ ମୋର କୁହୁଡ଼ି ଭରା ମଗଜରେ ଜଳି ଜଳି ହୋଇ ସରି ଯାଇଛି ! କେବଳ ସେଇ ଜାଲ ଓ ତା'ର ହଳଦିଆ ରଙ୍ଗର ଭୟାନକ ବାସିନ୍ଦା ଚିରଦିନପାଇଁ ମୋର ସ୍ମୃତିର ଭଣ୍ଡାରରେ ଉଜ୍ଜ୍ୱଳ ରହିବ । ଏ ଭାବନା ମୋର ମନରେ ଧୀରେ ଧୀରେ ଖେଳିଗଲା ।

ହିସାବରେ ମସ୍ତିଷ୍କ ନିଜ ସମ୍ବନ୍ଧରେ ଧାରଣା ଗଢ଼ୁଥିଲା । ନିଜ ସୃଷ୍ଟ ସଖି କଣ୍ଢେଇ ପରି ସେ ମଧ୍ୟ ତିଆରି ହୋଇଛି । ପ୍ରଭେଦ କେବଳ ଏତିକି ଯେ, ସେ ଆହୁରି ଚଲକ୍ କଣ୍ଢେଇ ଓ ତାକୁ ତିଆରି କରିଛି ଏକ ମହାନ୍ କାରିଗର ।

ତା'ପରେ ଊନବିଂଶ ଶତାବ୍ଦୀରେ ପ୍ରାଣିମୟ କୋଷ ଆବିଷ୍କୃତ ହୋଇଥିଲା । ଦେଖାଗଲା ଯେ, ମସ୍ତିଷ୍କରୂପକ ଯନ୍ତ୍ର ଅପରନ୍ତୁ କ୍ଷୁଦ୍ରାତିକ୍ଷୁଦ୍ର ଯନ୍ତ୍ର ଅର୍ଥାତ୍ କୋଷରୁ ଉତ୍ପନ୍ନ । ଅବଶେଷରେ ଏବେ କୋଷତତ୍ତ୍ୱ ମଧ୍ୟ ଲୋପପାଇ, ଏକ ଗୁଣବାଚକ ରାସାୟନିକ ଯନ୍ତ୍ରର ଧାରଣା ଆମଦାନୀ ହେଉଛି । ତାହା ପୁଣି ଅବର୍ଣ୍ଣନୀୟ ଓ ଦେହେନ୍ଦ୍ରିୟର ଅତୀତ ଏକ ଶକ୍ତିର ପ୍ରବାହରେ ପରିଣତ ହୁଏ ବୋଲି କଳ୍ପନା କରାଯାଉଛି । ଏହାର ରହସ୍ୟ ସ୍ୱର୍ଗଆଡ଼େ ଛପି ରହିଛି ବୋଲି ମନେହୁଏ । ଦେହ ଭିତରର ଚକ ପରି ଯନ୍ତ୍ରାଂଶ ସବୁ କ୍ରମଶଃ ଆହୁରି ଛୋଟ ଓ ଆହୁରି ଚଞ୍ଚଳ ଘୂରନ୍ତି ବୋଲି ଜଣା ପଡ଼ୁଛି । କିନ୍ତୁ ସେ ରହସ୍ୟ ପୁରାପୁରି ଧରା ପଡ଼ିବାର ଉପକ୍ରମ ହେଲାକ୍ଷଣି, ପ୍ରାଣର ଧାରଣା ଉଭେଇଯାଏ । ସୁତରାଂ, ସାଧାରଣ ଲୋକେ ଭାବନ୍ତି ଯେ, ପ୍ରଥମରେ ପ୍ରାଣ ଆଦୌ ନଥିଲା; ବରଂ ସେଇ ଚକ ଓ ବୋଲ୍ଟ ପରି ଯନ୍ତ୍ରାଂଶଗୁଡ଼ାକ ହିଁ ରହସ୍ୟର ପ୍ରକୃତ ବସ୍ତୁ ଓ କାଳକ୍ରମେ ଆମେ ସେଗୁଡ଼ାକୁ ଉନ୍ନତ କରି ପାରିବା; ତା' ହେଲେ ସ୍ୱାଭାବିକ ମସ୍ତିଷ୍କ ଠାରୁ ଏପରି ଉନ୍ନତ ଯନ୍ତ୍ର ତିଆରି ହେବ ଯାହା ଆମଠାରୁ ଅଧିକ ଦ୍ରୁତ ଓ ଅଧିକ ସଠିକ୍ ଭାବରେ କାମକରିବ ।

ଏହା ଯେ ସମ୍ଭବ, ସେ ବିଷୟରେ ମୁଁ ନିଃସନ୍ଦେହ । କିନ୍ତୁ ଗୋଟିଏ ଜଟିଳ କଳ ଚଳାଉଥିବା ଏକ ସ୍ୱୟଂକ୍ରିୟ ଯନ୍ତ୍ର-ମାନବ ମୁଁ ଦେଖିଛି । ତାହା ଅପେକ୍ଷା ହେମନ୍ତ କାଳର କଣ୍ଟା ଝୋପରୁ ବିହନ ଗୋଟାଉଥିବା ମୂଷାଟିଏ ମୋ ପାଖରେ ଅଧିକ ଚମତ୍କାର ଓ ଅଧିକ ଜଟିଳ ମନେହୁଏ, କାରଣ, ତା'ର କାର୍ଯ୍ୟାବଳୀ ବହୁ ବିଚିତ୍ର । ଆହୁରି ମଧ୍ୟ, ମୋତେ ଭାବିବାକୁ ଭଲ ଲାଗେ ଯେ ଭାବୀ ମସ୍ତିଷ୍କର ଆକୃତି ମୂଷାଙ୍କ ଭିତରେ ଛପି ରହିଛି, ଠିକ୍ ଯେପରି ଅତୀତର ସାଧାରଣ ମୂଷା ଜାତୀୟ କୀଟଖାଦକ ପ୍ରାଣୀ ଭିତରେ ଏବର ମସ୍ତିଷ୍କର ଆକାର ଲୁଚିଥିଲା । ଏପରି ତତ୍ତ୍ୱରେ ଯେଉଁ ଚମତ୍କାର ସୁନ୍ଦର ବସ୍ତୁସ୍ୱରୂପର ଅବକାଶ ଅଛି 'ବୈଦ୍ୟୁତ୍-ଚାଳିତ ମସ୍ତିଷ୍କ'ରେ ତାହା ନାହିଁ; କାରଣ, ସମସ୍ତଙ୍କୁ ଜଣା ଯେ

ମଣିଷର ହାତ ନ ବାଜିଲେ ସେପରି ମନ୍ତ୍ରିସ୍ୱପ୍ନ ତିଳମାତ୍ର ବଦଳି ନପାରେ । କିନ୍ତୁ ନିଜପ୍ରତି ମଣିଷ କଅଣ କରିବ ତାହା ମଣିଷକୁ ଜଣାନାହିଁ । ଘଡ଼ିଭିତରେ ଟିକ୍ ଟିକ୍ ଶବ୍ଦ ପରି କାଳକ୍ରମ ଓ ଆମ ପଞ୍ଚେନ୍ଦ୍ରିୟର ଆୟତ୍ତାତୀତ ପରିବର୍ତ୍ତନର ଭୌତିକ ପ୍ରସ୍ତାବ ମଣିଷ ଭିତରେ ଅବିଶ୍ରାନ୍ତ କ୍ରିୟା କରୁଛି । ପ୍ରତ୍ୟେକ ଜୀବ ଭିତରେ ମହାବୃକ୍ଷ ପରି ତା'ଠାରେ ଅଛି ଶକ୍ତି ଓ ସମ୍ଭାବନାର ପ୍ରତିଶ୍ରୁତି, ନଚେତ୍ ତା' କପାଳରେ ରହିଛି ରକ୍ତାକ୍ତ ଭୟଙ୍କର ଧ୍ୱଂସ । ଏ ଦୃଷ୍ଟିରୁ ଯେ କୌଣସି ଆଡ଼ୁ ଦେଖିଲେ ମଣିଷର ସ୍ୱସ୍ଥିତି ମହତ୍ତ୍ୱପୂର୍ଣ୍ଣ ; ମୂଷାଠାରେ ମଧ୍ୟ ଏହା ଦେଖାଯାଏ । ସେଇ ଯେଉଁ ଚଢ଼େଇଗୁଡ଼ାକ କଥା ମୁଁ କେବେହେଲେ ଭୁଲିପାରିବିନାହିଁ, ସେମାନଙ୍କଠାରେ ମଧ୍ୟ ଏହା ଅଛି । କିନ୍ତୁ ସେଇ ଚଢ଼େଇଙ୍କର ତାତ୍ପର୍ଯ୍ୟ ବୁଝିବା ପୂର୍ବରୁ ମୁଁ ସବା ଆଗରେ ସମୟର ଶିକ୍ଷା ସମ୍ବନ୍ଧରେ ଜାଣି ପାରିଥିଲି । ଯୌବନ ବୟସରେ ଏକ ବଡ଼ ମରୁଭୂମିରେ ମୋତେ ଏକା ରହିବାକୁ ପଡ଼ିଥିଲା । ମୁଁ ଥିଲି ଅଭିଯାତ୍ରୀ ଦଳର ଜଣେ । ସଫଳ ଗବେଷଣା ସକାଶେ ଦଳର ଲୋକଙ୍କୁ ଅନେକ ଶହ ମାଇଲ୍ ବ୍ୟାପି ବଣ୍ଟି ଦିଆଯାଇଥିଲା । ମୁଁ ସେଠାରେ ବୁଝି ପାରିଥିଲି ଯେ ସମୟ କେତେକ ସ୍ତରର ସମାହାର ; ଏକ ଓ ଅଭିନ୍ନ ବଣରେ ସେସବୁ ସ୍ତରର କେବଳ ବାହ୍ୟସ୍ଥିତି ଅଛି । ଏ କାଳର ଗତି ମଣିଷ ସୃଷ୍ଟ ମାୟାମାତ୍ର ; କେବଳ ମଣିଷ ଜାତିର ପ୍ରାଣକୋଷରେ ସମୟର କାଳ୍ପନିକ ଘଡ଼ି ଟିକ୍ ଟିକ୍ କରେ ।

ଦୀର୍ଘ ମାସଗୁଡ଼ାକ ସେଠି ବିତିଲାବେଳେ ମୁଁ ସମୟର ଅପେକ୍ଷାକୃତ ଧୀରଗତି ସ୍ତରମାନଙ୍କରେ ବାସକରିବାକୁ ଆରମ୍ଭ କଲି ଏବଂ ସେଠାରେ ଜୀବନ ବୋଲି ଯାହା କୁହାଯାଉଥିଲା ତାହା ଦେଖିଲି ଏଣି ବୁଝିପାରିଲି । ଋତୁଆଡ଼େ ଖୁବ୍ ବୁଲିଲି ; ପାହାଡ଼ ପଥ ଓ ଶୁଖି ଯାଇଥିବା ଗର୍ତ୍ତମାନଙ୍କରେ ଖୁବ ଧୀରେ ଧୀରେ ଚଢ଼ିଲି ଓ ଓହ୍ଲାଇଲି । ସେତେବେଳେ ଗ୍ରୀଷ୍ମ ଋତୁର ଅନ୍ତ ହୋଇଥାଏ, ଶୁଖିଲା କରେଇରେ ସେଙ୍କାଲାପରି ଗରମ ହେଉଥାଏ । ସମତଳ ଜାଗାମାନଙ୍କରେ ଠେଙ୍ଗା ଭାବରେ ଗଦା ହୋଇଥାଏ ଧୂସର ରଙ୍ଗର ପ୍ରକାଣ୍ଡ ଶିଳା ସବୁ ; ତାଙ୍କର ଛାଇତଳେ ମୁଁ ଘଣ୍ଟା ଘଣ୍ଟା ଧରି ନିଦରେ ଶୋଉଥିଲି । ମଣିଷର ଜଗତକୁ ମୁଁ ଭୁଲି ଯାଇଥିଲି ଓ ସେ ଜଗତ ମଧ୍ୟ ମୋତେ ଭୁଲି ଯାଇଥିଲା । ଗିର

(୯)

ସେସବୁ ଯନ୍ତ୍ର କୁଆଡ଼େ ଆକ୍ରମଣ କେତେ କଅଣ କରି ପାରିବେ, ଅନ୍ୟ ଯନ୍ତ୍ର ମଧ୍ୟ ବନେଇ ପାରିବେ । ସେଇ ବିଷୟରେ ଲେଖାଟିଏ ମୁଁ 'ଟାଇମସ୍' ଖବର କାଗଜରେ ଏବେ ପଢ଼ୁଥିଲି । କିଏ ଜାଣେ, ଏପରି ବି ହୋଇପାରେ ଯେ, ସେ ସବୁ ଯନ୍ତ୍ର ଆକ୍ରମଣ କଅଣ ନ କରିବେ ! କିନ୍ତୁ ଏସବୁ ବିଷୟରେ ଅଧିକ ଖବର ଆମେ ସମସ୍ତେ ପଢ଼ୁ ସିନା, କେହି ତା'ର ପ୍ରତିବାଦ କରୁନା । ଏବେ ତ ସେ ସବୁ ଯନ୍ତ୍ର ଆମଠାରୁ ଭଲଭାବରେ ମିଶାଣ କରିପାରନ୍ତି, ଅନ୍ଧାର ଭିତରେ କେତେ ସଙ୍କେତ ମଧ୍ୟ ଶୁଣି ପାରନ୍ତି ଓ ରାତିର ଆକାଶ ତଳେ ଚୋପବନ୍ଦ କରି ଘୋଡ଼ାଟିପି ଗୁଳିମାରି ପାରନ୍ତି ।

ସକାଳେ ଚାହା ପିଇ ପିଇ, ଜଳଖିଆ ଖାଇ ଖାଇ ମୁଁ ଏଇ ନୂଆ ଦୁନିଆର ଖବର ପଢ଼େ । ପ୍ରାଣୀତତ୍ତ୍ୱ ସମ୍ବନ୍ଧୀୟ ପତ୍ରିକା ଓ ବହିମାନଙ୍କରେ ଏଇ ନୂଆ ଦୁନିଆ ମୋ ସାମନାରେ ହାଜର ହୁଏ । ଯେ ସବୁ ପଢ଼ୁ ପଢ଼ୁ ଶେଷରେ ମୁଁ ଚୁପହୋଇ ମୋ ଚେୟାରରେ ବସିଯାଏ, ଶୁଣିବାକୁ ଚେଷ୍ଟା କରେ ମୋର ମୁଣ୍ଡ ଭିତରେ ଛୋଟ ଛୋଟ ଯନ୍ତ୍ରର ଗୋଲ ଗୋଲ ଚକ ସବୁ ଘୂରୁ ଘୂରୁ କିପରି ଆବାଜ୍ କରୁଛନ୍ତି । ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ ଖବର ପଠାଇଲା ପରି ମୋର ମୁଣ୍ଡରେ ଥିବା ଛୋଟ ଛୋଟ ନଳଗୁଡ଼ାକ ଜଳିଉଠି ପରି ଯାଆନ୍ତି, ଶକ୍ତିକେନ୍ଦ୍ରଗୁଡ଼ାକ ବନ୍ଦ ହୁଏ ବା ଫିଟିଯାଏ ; ଏହାହିଁ ହେଉଛି ଆମର ମହାନ୍ ଯୁଗ । ଏ ବିଷୟରେ ଭୁଲ କରିବାର ଅବକାଶ ନାହିଁ ; ଏହା ଯୁକ୍ତିଯୁକ୍ତ କଥା ଯେ, ଏ ଯୁଗରେ ସ୍ୱୟଂକ୍ରିୟ ଯନ୍ତ୍ର ସଙ୍ଗେ ସଙ୍ଗେ ପରମାଣୁ ବୋମା ମଧ୍ୟ ଆସି ପହଞ୍ଚିଛି । ଲୋକେ ଏପରି ବି କହିଲେଣି ଯେ ଆମ ମସ୍ତିଷ୍କ କୁଆଡ଼େ ସେଇ ସବୁ ଯନ୍ତ୍ରର ଅନ୍ୟ ଏକ ଜଟିଳ ସଂସ୍କରଣ ମାତ୍ର । ସାମନାପଟେ ଜିନିଷ ସରିଗଲେ ଏ ଯନ୍ତ୍ରରେ ପଛପଟୁ ଆପେ ଆପେ ସରବରାହର ବ୍ୟବସ୍ଥା ଅଛି । ଇଞ୍ଜିନିଅର୍‌ମାନେ ଏ ଯନ୍ତ୍ରର ମୂଳଗତ ନୀତିସବୁ ଜାଣି ସାରିଲେଣି । ଅର୍ଥାତ୍, ମନେରଖିବାକୁ ପଡ଼ିବ ଯେ, ଏଇ ମସ୍ତିଷ୍କ ଏକ ଯାନ୍ତ୍ରିକ ବ୍ୟବସ୍ଥା । ଏଥିରେ କୁସଂସ୍କାରର ଅବକାଶ ମାତ୍ର ନାହିଁ ; ପ୍ରକୃତି ସିନା ଏହା ଗଢ଼ିଛି, କିନ୍ତୁ ମଣିଷ ନିଶ୍ଚୟ ଏହାର ଉନ୍ନତି କରିପାରେ, ଯଦି ଏହା ଗଢ଼ିବାର ଧାରଣା ତା'ର ଆୟତ୍ତ ହୁଏ । ସେ ଧାରଣା କୁଆଡ଼େ ମଣିଷକୁ ମିଳି ଗଲାଣି ବୋଲି ଏସବୁ

ଖବରକାଗଜରେ ଲୋକେ କହୁଛନ୍ତି । ତେଣୁ ସେଇ ନୀଳ ପାହାଡ଼ରେ ଖରାରେ ଦେଖିଥିବା ଚଢ଼େଇ ଗୁଡ଼ାକର କଥା ମନେ ପକାଇ ପକାଇ ମୁଁ ଏଇ ଖବର କାଗଜର ପ୍ରବନ୍ଧଟା ହାତରେ ଧରି ବସି ରହିଛି । ମୋ ପାଖରେ ଟେବୁଲ୍ ଉପରେ ରହିଛି ଆଉ ଗୋଟିଏ ପତ୍ରିକାର ପ୍ରବନ୍ଧ । ତା'ର ଶିରୋନାମା—"ଦିନକୁ ଦିନ ଯନ୍ତ୍ରସବୁ ଅଧିକ ଚାଲାକ୍ ହେଲେଣି ।" ଏହା ମୁଁ ଅସ୍ୱୀକାର କରି ନ ପାରେ, କିନ୍ତୁ ମୋର ମନୋଯୋଗ ଘେରି ରହିବେ ସେଇ ଚଢ଼େଇଯାକ ; ଜୀବନରେହିଁ ମୋର ବିଶ୍ୱାସ ଅଛି, ଯନ୍ତ୍ରରେ ନୁହେଁ ।

ପାଠକେ ଭାବି ପାରନ୍ତି ଯେ, ସେଥିରେ କିଛି ପ୍ରଭେଦ ନାହିଁ । କଙ୍କାଳରେ ଅବଶ୍ୟ କେବଳ ଅସ୍ଥି ସନ୍ଧି ଓ ଜୋଡ଼େଇ ଅଛି, ଏହା ମୁଁ ମାନୁଛି । ଅଠର ଶତାବ୍ଦୀରେ ଲୋକେ କଳକାରଖାନା ଜଟିଳ ଭାବରେ ତିଆରି କରିବାକୁ ଜାଣି ନଥିଲେ । ତେଣୁ, ସେତେବେଳେ କଙ୍କାଳ ଓ ଯନ୍ତ୍ରର ସାଦୃଶ୍ୟ ନିଷ୍ପଳ ଜଣା ପଡ଼ୁଥିଲା । ସେ କାଳେ ହବସ୍ କହିଥିଲେ 'ହୃଦ୍‌ଯନ୍ତ୍ର ସ୍ପ୍ରିଙ୍ଗ୍ ଛଡ଼ା ଆଉ କଅଣ ? ସ୍ନାୟୁଗୁଡ଼ାକ ତ କେତେକ ସୂତାମାତ୍ର, ହାଡ଼ ଯେଉଁଠାରେ ଜୋଡ଼େଇ ହୋଇଛି ତାହା ତ ଚକ ମାତ୍ର । ଏସବୁ ଖାଲି ସମସ୍ତ ଦେହକୁ ଗତି ଦେବାପାଇଁ ରହିଛି ।' ଛୋଟ ଛୋଟ କାରଖାନା ମାତ୍ର ସେ ସମୟରେ ଲୋକେ ଗଢ଼ି ପାରୁଥିଲେ । ତେଣୁ, ସେମାନେ ଦୁନିଆଟାକୁ ଗୋଟାଏ ବଡ଼ ଯନ୍ତ୍ର ଛଡ଼ା ଆଉ କିଛି ଭାବି ପାରୁ ନଥିଲେ । ସେଇ ଯନ୍ତ୍ର 'ପୁଣି ଅସଂଖ୍ୟ ଛୋଟ ଛୋଟ ଯନ୍ତ୍ରରେ ବିଭକ୍ତ ହୋଇଥିଲା ।

ଏପରି ଧାରଣା ସେତେବେଳେ ଲୋକଙ୍କ ମନରେ ରୂପି ବସିଥିଲା । ଦେଶସାରା ଲୋକେ ବୁଲୁଥିଲେ ସ୍ପ୍ରିଙ୍ଗ୍-ଚାଳିତ କଣ୍ଢେଇ ଖେଳ ଦେଖାଇ ; ଏଗୁଡ଼ାକୁ ଛୋଟ ଛୋଟ ସ୍ୱୟଂକ୍ରିୟ ଯନ୍ତ୍ର କହିହେବ । ସେ ସବୁ କଣ୍ଢେଇ ଖେଳରେ ନାନା ଉଲ୍ଲେଖ ଯୋଗ୍ୟ କୌଶଳ ଥାଏ, ଯଥା—ଚାଲବୁଲ କରୁଥିବା କଣ୍ଢେଇ, ଦୃଶ୍ୟପଟ ବଦଳାଇବା ବ୍ୟବସ୍ଥା ପ୍ରଭୃତି । ଦେହ ଭିତରେ ଥିବା ପ୍ରାଣର କଥା ସେତେବେଳେ ଅଜଣା ଥିଲା । ମଣିଷର ଆତ୍ମା ଥିବା କଥା ସର୍ବବାଦୀସମ୍ମତ ନଥିଲା । କିନ୍ତୁ ସମସ୍ତଙ୍କ ଧାରଣାରେ, ମଣିଷ ସେଇ ଛୋଟଛୋଟ ସଖି କଣ୍ଢେଇ ପରି ବୁଲୁଥିଲା, ଜେଉଁଥିଲା । ନିଜର 'ତିଆରି ଯନ୍ତ୍ରପାତିର

ହିସାବରେ ମସ୍ତିଷ୍କ କଳ ସମ୍ବନ୍ଧରେ ଧାରଣା ଗଢ଼ିଥିଲି । କଳ ସୃଷ୍ଟି ସକ୍ଷି କରିଦେଇ ପରେ ସେ ମଧ୍ୟ ତିଆରି ହୋଇଛି । ପ୍ରଭେଦ କେବଳ ଏତିକି ଯେ, ସେ ଆହୁରି ଚଳାକ୍ କରିଦେଇ ଓ ତାକୁ ତିଆରି କରିଛି ଏକ ମହାନ୍ କାରିଗର ।

ତା'ପରେ ଊନବିଂଶ ଶତାବ୍ଦୀରେ ପ୍ରାଣମୟ କୋଷ ଆବିଷ୍କୃତ ହୋଇଥିଲି । ଦେଖାଗଲି ଯେ, ମସ୍ତିଷ୍କରୂପକ ଯନ୍ତ୍ର ଅସରନ୍ତି କ୍ଷୁଦ୍ରାତିକ୍ଷୁଦ୍ର ଯନ୍ତ୍ର ଅର୍ଥାତ୍ କୋଷରୁ ଉତ୍ପନ୍ନ । ଅବଶେଷରେ ଏବେ କୋଷତତ୍ତ୍ୱ ମଧ୍ୟ ଲୋପପାଇ, ଏକ ଗୁଣବାଚକ ସମାପ୍ତିନକ ଯନ୍ତ୍ରର ଧାରଣା ଆମଦାନୀ ହେଉଛି । ତାହା ପୂର୍ଣ୍ଣ ଅବର୍ଣ୍ଣନୀୟ ଓ ଦେହେନ୍ଦ୍ରିୟର ଅଗୋଚର ଏକ ଶକ୍ତିର ପ୍ରବାହରେ ପରିଣତ ହୁଏ ବୋଲି କଳ୍ପନା କରାଯାଉଛି । ଏହାର ରହସ୍ୟ ସୃଷ୍ଟିଆଡ଼େ ଛପି ରହିଛି ବୋଲି ମନେହୁଏ । ଦେହ ଭିତରର ଚକ ପରି ଯନ୍ତ୍ରାଂଶ ସବୁ କ୍ରମଶଃ ଆହୁରି ଶ୍ରେଷ୍ଠ ଓ ଆହୁରି ଚଞ୍ଚଳ ସୂକ୍ଷ୍ମ ବୋଲି ଜଣାପଡ଼ୁଛି । କିନ୍ତୁ ସେ ରହସ୍ୟ ପୁରାପୁରି ଧରା ପଡ଼ିବାର ଉପକ୍ରମ ହେଲାକ୍ଷଣି, ପ୍ରାଣର ଧାରଣା ଉଭେଇଯାଏ । ସୁତରାଂ, ସାଧାରଣ ଲୋକେ ଭାବନ୍ତି ଯେ, ପ୍ରଥମରେ ପ୍ରାଣ ଆଦୌ ନଥିଲା; ବରଂ ସେଇ ଚକ ଓ ବୋଲ୍ଟ୍ ପରି ଯନ୍ତ୍ରାଂଶଗୁଡ଼ାକ ହିଁ ରହସ୍ୟର ପ୍ରକୃତ ଉତ୍ସ ଓ କାଳକ୍ରମେ ଆମେ ସେଗୁଡ଼ାକୁ ଉନ୍ନତ କରିପାରିବା; ତା' ହେଲେ ସ୍ୱାଭାବିକ ମସ୍ତିଷ୍କ ଠାରୁ ଢେର ଉନ୍ନତ ଯନ୍ତ୍ର ତିଆରି ହେବ ଯାହା ଆମଠାରୁ ଅଧିକ ଦ୍ରୁତ ଓ ଅଧିକ ସଠିକ୍ ଭାବରେ କାମକରିବ ।

ଏହା ଯେ ସମ୍ଭବ, ସେ ବିଷୟରେ ମୁଁ ନିଃସନ୍ଦେହ । କିନ୍ତୁ ଗୋଟିଏ ଜଟିଳ କଳ ଚଳାଉଥିବା ଏକ ସ୍ୱୟଂକ୍ରିୟ ଯନ୍ତ୍ର-ମାନବ ମୁଁ ଦେଖିଛି । ତାହା ଅପେକ୍ଷା ହେମନ୍ତ କାଳର କଣ୍ଟା ଝୋପରୁ ବିହନ ଗୋଟାଉଥିବା ମୂଷାଟିଏ ମୋ ପାଖରେ ଅଧିକ ଚମତ୍କାର ଓ ଅଧିକ ଜଟିଳ ମନେହୁଏ, କାରଣ, ତା'ର କାର୍ଯ୍ୟାବଳୀ ବହୁ ବିଚିତ୍ର । ଆହୁରି ମଧ୍ୟ, ମୋତେ ଭାବିବାକୁ ଭଲ ଲାଗେ ଯେ ଭାବୀ ମସ୍ତିଷ୍କର ଆକୃତି ମୂଷାଙ୍କ ଭିତରେ ଛପି ରହିଛି, ଠିକ୍ ଯେପରି ଅତୀତର ସାଧାରଣ ମୂଷା ଜାତୀୟ କୀଟଖାଦକ ପ୍ରାଣୀ ଭିତରେ ଏବର ମସ୍ତିଷ୍କର ଆକାର ଲୁଚିଥିଲା । ଏପରି ତତ୍ତ୍ୱରେ ଯେଉଁ ଚମତ୍କାର ସୁନ୍ଦର ବସ୍ତୁସ୍ୱରୂପର ଅବକାଶ ଅଛି 'ବିଦ୍ୟୁତ୍-ଚାଳିତ ମସ୍ତିଷ୍କ'ରେ ତାହା ନାହିଁ; କାରଣ, ସମସ୍ତଙ୍କୁ ଜଣା ଯେ

ମଣିଷର ହାତ ନ ବାଜିଲେ ସେପରି ମସ୍ତିଷ୍କଯନ୍ତ୍ର ତିଳେମାତ୍ର ବଦଳି ନପାରେ । କିନ୍ତୁ ନିଜପ୍ରତି ମଣିଷ କଅଣ କରିବ ତାହା ମଣିଷକୁ ଜଣାନାହିଁ । ଘଣ୍ଟାଭିତରେ ଟିକ୍ ଟିକ୍ ଶବ୍ଦ ପରି କାଳକ୍ରମ ଓ ଆମ ପଞ୍ଚେନ୍ଦ୍ରିୟର ଆୟତ୍ତାତୀତ ପରିବର୍ତ୍ତନର ଭୌତିକ ପ୍ରଭାବ ମଣିଷ ଭିତରେ ଅବିଶ୍ରାନ୍ତ କ୍ରିୟା କରୁଛି । ପ୍ରତ୍ୟେକ ବୀଜ ଭିତରେ ମହାବୃକ୍ଷ ପରି ତା'ଠାରେ ଅଛି ଶକ୍ତି ଓ ସମ୍ଭାବନାର ପ୍ରତିଶ୍ରୁତି, ନଚେତ୍ ତା' କପାଳରେ ରହିଛି ରକ୍ତାକ୍ତ ଭୟଙ୍କର ଧ୍ୱଂସ । ଏ ଦୁହିଁର ଯେ କୌଣସି ଆଡ଼କୁ ଦେଖିଲେ ମଣିଷର ସ୍ୱୀ ସ୍ଥିତି ମହତ୍ତ୍ୱପୂର୍ଣ୍ଣ ; ମୂଷାଠାରେ ମଧ୍ୟ ଏହା ଦେଖାଯାଏ । ସେଇ ଯେଉଁ ଚଢ଼େଇଗୁଡ଼ାକ କଥା ମୁଁ କେବେହେଲେ ଭୁଲିପାରିବିନାହିଁ, ସେମାନଙ୍କଠାରେ ମଧ୍ୟ ଏହା ଅଛି । କିନ୍ତୁ ସେଇ ଚଢ଼େଇଙ୍କର ତାତ୍ପର୍ଯ୍ୟ ବୁଝିବା ପୂର୍ବରୁ ମୁଁ ସବା ଆଗରେ ସମୟର ଶିକ୍ଷା ସମ୍ବନ୍ଧରେ ଜାଣି ପାରିଥିଲି । ଯୌବନ ବୟସରେ ଏକ ବଡ଼ ମରୁଭୂମିରେ ମୋତେ ଏକା ରହିବାକୁ ପଡ଼ିଥିଲା । ମୁଁ ଥିଲି ଅଭିଯାତ୍ରୀ ଦଳର ଜଣେ । ସ୍ଥଳ ଗବେଷଣା ସକାଶେ ଦଳର ଲୋକଙ୍କୁ ଅନେକ ଶହ ମାଇଲ୍ ବ୍ୟାପି ବଣ୍ଟି ଦିଆଯାଇଥିଲା । ମୁଁ ସେଠାରେ ବୁଝି ପାରିଥିଲି ଯେ ସମୟ କେତେକ ଧ୍ରୁବର ସମାହାର ; ଏକ ଓ ଅଭିନ୍ନ ବୃତ୍ତରେ ସେସବୁ ଧ୍ରୁବର କେବଳ ବାହ୍ୟସ୍ଥିତି ଅଛି । ଏ କାଳର ଗତି ମଣିଷ ସୃଷ୍ଟ ମାୟାମାତ୍ର ; କେବଳ ମଣିଷ ଜାତିର ପ୍ରାଣକୋଷରେ ସମୟର କାଳଜ୍ଞାପକ ଘଣ୍ଟା ଟିକ୍ ଟିକ୍ କରେ ।

ଦୀର୍ଘ ମାସଗୁଡ଼ାକ ସେଠି ବିତିଲାବେଳେ ମୁଁ ସମୟର ଅପେକ୍ଷାକୃତ ଧୀରଗତି ପ୍ରଭାବମାନଙ୍କରେ ବାସକରିବାକୁ ଆରମ୍ଭ କଲି ଏବଂ ସେଠାରେ ଜୀବନ ବୋଲି ଯାହା କୁହାଯାଉଥିଲା ତାହା ଦେଖିଲି ଷଣୀ ବୁଝିପାରିଲି । ଋତୁଆଡ଼େ ଖୁବ୍ ବୁଲିଲି ; ପାହାଡ଼ ସବୁ ଓ ଶୁଖି ଯାଇଥିବା ଗଣ୍ଡମାନଙ୍କରେ ଖୁବ୍ ଧୀରେ ଧୀରେ ଚଢ଼ିଲି ଓ ଓହ୍ଲାଇଲି । ସେତେବେଳେ ଗ୍ରୀଷ୍ମ ଋତୁର ଅନ୍ତ ସରିଥାଏ, ଶୁଖିଲା କରେଇରେ ସେକାଳପରି ଗରମ ହେଉଥାଏ । ସମତଳ ଜାଗାମାନଙ୍କରେ ତେଢ଼ା ସ୍ତବରେ ଗଦା ହୋଇଥାଏ ଧୂଳି ରଙ୍ଗର ପ୍ରକାଣ୍ଡ ଶିଳା ସବୁ ; ତାଙ୍କର ଛାଇତଳେ ମୁଁ ଘଣ୍ଟା ଘଣ୍ଟା ଧରି ନଦରେ ଶୋଉଥିଲି । ମଣିଷର ଜଗତକୁ ମୁଁ ଭୁଲି ଯାଇଥିଲି ଓ ସେ ଜଗତ ମଧ୍ୟ ମୋତେ ଭୁଲି ଯାଇଥିଲା । ଗିର

ସନ୍ଧିରେ କେବେ କେବେ କଙ୍କାଳଟିଏ ମିଳୁଥିଲା, ତାହାହିଁ ମୋର ସେଠାରେ ରହିବାର କାରଣ ଥିଲା । ସେ ସବୁର ଆବିଷ୍କାରରେ ମୋର ଆଗ୍ରହ ଅଣ୍ଡା ଓ ନିର୍ବିକାର ହୋଇ ଆସିଥିଲା । ମୋ ଆଗରୁ ଅନେକ ନିସର୍ଗବିତ୍‌ଙ୍କ ପରି, ମୁଁ ମଧ୍ୟ ସତର୍କ ଓ ସପତଦୃଷ୍ଟିରେ ଜୀବନକୁ ଦେଖିବାକୁ ଆରମ୍ଭ କରିଥିଲି, ମାଂସ ଲାଗି ନ ଥିବା ହାଡ଼ଦେଖି ମୁଁ ଖୁସି ହେଉଥାଏ ।

ସୁରପଟର ବାଲି ପାହାଡ଼ ଉଠି ଏକ ବିରାଟ ପଞ୍ଝା ଭିତରକୁ ଢାଲୁ-ହୋଇ ଠିଆ ହୋଇଥିବା ଏକ ଉଚ୍ଚ ହୁଡ଼ା ଉପରେ ମୁଁ ଥରେ ବସିଥିଲି । ସେଇ ଦୀର୍ଘ ଅପରାହ୍ଣରେ ଘଣ୍ଟା ପରେ ଘଣ୍ଟା ସେମିତି ବସି ମୁଁ ସେଠି କଟାଇ ଥିଲି । ଶେଷରେ ମୋର ବୃହତ୍‌ଜୋତାକୁ ଲାଗି ଏକ ଅସ୍ପଷ୍ଟ ଅବୟବ ମୋ ଆଖିରେ ପଡ଼ିଲା । ଗୋଲ ହୋଇ ଶୋଇଥିବା ସେଇ ଭୀଷଣ ବିଷାକ୍ତ 'ର୍ୟାଟଲ୍' ସାପ ବେଶ୍ ବଡ଼ ଆକାରର ଥିଲା । ସେ ଯେ କେତେବେଳ ଯାଏ ମୋ ପାଖରେ ବସିଥିଲା, ମୁଁ ଜାଣେ ନା । ଯେଉଁ ପାହାଡ଼ିଆ ପବନ ଓ ଖରାତଳେ ଆମେ ଉଭୟେ ଉତ୍ତପ୍ତ ହେଉଥିଲୁ ତାହା ଥିଲା ଏକ ଓ ଅଭିନ୍ନ । ଉଭୟେ ବନ୍ଧା ପଡ଼ିଥିଲୁ ପୁରୁଣା ପୃଥିବୀର ସ୍ୱପ୍ନ ସ୍ମରଣାର ଗଢ଼ ଭିତରେ । ହୁଏତ ମୁଁ ଆସିଲା ବେଳକୁ ସେ ସେଠି ଆଗରୁ ଥିଲା ; ମୁଁ ଚାଲି ଆସିଲାବେଳେ ମଧ୍ୟ ସେ ସେଠି ଶୋଇଥାଏ । ଫେରିଲାବେଳେ ଦେଖିଲି କପର ପଥର ଓ ଗୋଡ଼ ଭିତରେ ପଶି ଥରେ ତା'ର ଦେହର ଘେର ମିଶି ଯାଉଥାଏ ; ତାହା ଭିତରୁ ଚେଷ୍ଟା ତା'କୁ ମୁଁ ମୋଟେ ବାରି ପାରୁନଥାଏ ।

ଆଉଥରେ ଆହୁରି ଉଚ୍ଚ ଗୋଟିଏ ହୁଡ଼ା ଉପରେ ମୁଁ ଚଢ଼ିଥାଏ । ସେଠାରେ କେତେକ ସ୍ତ୍ରେଟ ଝାଗୁଆ 'ପାଇନ୍' ଗଛ ଥିଲା; ଦେଖିବାକୁ ତଳ ପରି ଗୋଟାଏ ତଳୁଆ ଜମିରେ ଥିବାରୁ ପବନ ସେଗୁଡ଼ାକ ଦେହରେ ବାଡ଼େଇ ହେଉଥିଲା ଓ ବାଲିରେ ସେଗୁଡ଼ାକ ଅଧା ପୋତିହୋଇ ଯାଇଥିଲେ । ସେଇ ବାଲିପରି ପବନରେ ଉପରକୁ ଉଡ଼ି ଯାଉଥିବା ସବୁ କାଠର କାଠ ଅଂଶ ସେ ତଳୁଆ ଜମିରେ ଅଟକି ଯାଉଥାଏ । ସେଠାରେ ଅଲଗା କେତେକ ସବୁଆ ଚଟେଇ ହାଡ଼ ଓ ଫଟା ଶାମୁକା ଥିଲା ; ଏଇ ଶାମୁକାଗୁଡ଼ାକ କେଉଁ ଯୁଗର

ତାହା ବାଉହେବ ନାହିଁ । 'ପାଇନ୍' ଗଛ ଚେରସବୁ ପଥରର ଫାଟ ଜାଗାରେ ମାଡ଼ି ଯାଇଥିଲେ । ସେଗୁଡ଼ାକ ଆଙ୍ଗୁଳି ଦେଇ ପଥରକୁ ମୁଠେଇ ଧରିଲା ପରି ଦିଶୁଥାନ୍ତି । ସେଇ 'ପାଇନ୍' ଗଛତଳେ ପଡ଼ିଲା ଛାୟାଭିତରେ ମୁଁ ଶୋଇଥିଲି ପୁଣି ଥରେ ମୋତେ ନିଦ ଆସିଥାଏ ।

ହେମନ୍ତ ଋତୁ ସେତେବେଳକୁ ପ୍ରାୟ ଆସି ସାରିଥିବାରୁ, ପବନରେ ଥଣ୍ଡା ବହୁଥାଏ । ସେଠାରେଥିବା ସବୁ କଞ୍ଚ ତଳକୁ ଝରିପଡ଼ୁଥିଲେ, ତଳେ ଥାଏ ଆହୁରି ଥଣ୍ଡା ସମୟର ଏକ ସ୍ତର । ନିଦ ଓ ଚେଇଁବା ମଧ୍ୟରେ ସାମାନ୍ୟ ସମୟ ଧରି ମୁଁ ସେଇ ଚେରଗୁଡ଼ାକୁ ନଜର କରୁଥିଲି । ସେଗୁଡ଼ାକ ମୋର ଶରୀରପଟେ ମାଡ଼ି ଯାଇଥିଲେ ; ନିଦରେ ମୋର ହାତ ଟିକଏ ଅସଜାଡ଼ି ହୋଇ ଯାଇଥାଏ । ଧୀରେ ଧୀରେ ମୁଁ ସେଇ ହାତ ସେଇ ଚେରମୂଳର ଗ୍ରନ୍ଥି ଉପରେ ଚଳାଇ ଦେଲି । ଗ୍ରନ୍ଥିଗୁଡ଼ାକ ମାଛ କାତିପରି ଦିଶୁଥାନ୍ତି ; ଏତେ ଧୀରେ ହାତ ଚଳାଇଲି ଯେ ଫୁଟେ ହାତ ବଢ଼ାଇବାରେ କେତେ ଶତାବ୍ଦୀ ଲାଗିଲା ପରି ମନେ ହେଉଥାଏ । ସେ ଚେରଯାକ ସମସ୍ତର ସେଇ ଗତିରେ ବଢ଼ିଥିଲେ ପରା ! ତାଙ୍କରି ପରି ମୋର ମୁହଁକୁ ଖରା ଆଡ଼କୁ ଟେକି ଧରିଲି । ସୂର୍ଯ୍ୟ ସେତେବେଳେ ଅସ୍ତ ଗିରି ଉପରେ; 'ମନେ ହେଉଥାଏ ମୁଁ ସେଠାର ଥିବା 'ପାଇନ୍' ଗଛର ମୂଳ ପାଲଟିଯାଇଛି । ତାହାରି ଚେର ମୋର ହାତ ଗଣ୍ଠିରେ ଭର୍ତ୍ତି ; ଶାଗୁଆ ପଥରକୁ ଜାକି ଧରି ଧରି ମୋର ଅଙ୍ଗୁଳିଗୁଡ଼ିକ ପର୍ଣ ହୋଇଯାଇ ଥାଏ । ଦୀର୍ଘକାଳ ଅସୀମ ଧୈର୍ଯ୍ୟରେ ଜୀବନ୍ତ ଅଙ୍ଗୁଳି ପରି ସେସବୁ ଚେର ପଥର ଭିତରେ ପଶିଥାନ୍ତି । ବହୁ କଷ୍ଟରେ, ଅତି ଧୀରେ, କାଳକ୍ରମେ ପଥର ଫଟାଇ ସେଗୁଡ଼ାକ ବଢ଼ିଥିଲେ । ଆପ୍ରାଣ ଚେଷ୍ଟାକରି ଖରାକୁ ମୁହଁ ଟେକି ଜୀଇଁବାର ସାଧନା କରିଥିଲେ । 'ଏ କଥା ଭାବୁ ଭାବୁ ମୋର ନାଡ଼ୀର ଗତି ଏତେ ଧୀର ହୋଇ ଗଲାପରି ବୋଧ ହେଉଥାଏ ଯେ, ମୋର ମନେହେଲା ମୁଁ ଆହୁରି ଧୀର ସମୟର ସ୍ତରକୁ ପଶିଯାଇ କ୍ରମେ କ୍ରମେ ବୁଡ଼ି ଯାଉଥିଲି ବରଫର ଗହ୍ୱରରେ, ଚକ ଚକିଆ ବାଲି ଗରଡ଼ା ଭିତରେ, ତୁଷାର ଫୁଲର ପାଖୁଡ଼ାରେ ଅଥବା ଦୁଇ ଗ୍ରହ ଭିତରେ ଯା ଆସ କରୁଥିବା ଉଲ୍‌କା-ପିଣ୍ଡର ଲୁହାମିଶା ଉପାଦାନରେ ।

ସ୍ୱପ୍ନରେ ମୁଁ ସେସବୁ ଅସ୍ପଷ୍ଟ ଗଣ୍ଠିର ସ୍ତରମାନଙ୍କ ଭିତରେ ଓହ୍ଲାଉଥିଲି କିନ୍ତୁ ସମସ୍ତ ତ ମୋ ପାଖେ ଥିଲା । ସମୟର ସେ ସବୁ ସ୍ତରର ଠାଏ ମୋର ମନେହେଲା—ଓଲଟା ଆଡ଼ୁ ବି ଆସି ହେବ ତ । ତାହାର ଅଳ୍ପ କେତେ ମାସ ପରେ ମୁଁ କେତେକ ସହକର୍ମୀଙ୍କ ସଙ୍ଗେ ଆହୁରି ଉଚ୍ଚ ଅଠ ଦୂରର ଏକ ଅଧିତ୍ୟକା ଉପରକୁ ଚଢ଼ିବାକୁ ଯାଉଥିଲି । ତାହା ଉପରେ ଜୋର ପବନ ବହୁଥାଏ । ସମୁଦ୍ର କୂଳର ଫେଣ ଭିତରେ ବସିଥିବା ପ୍ରକାଣ୍ଡ ପଥରମାନଙ୍କ ପରି ସେଠି ବଡ଼ ବଡ଼ ହାଡ଼ ଚଟାଣ ଭିତରୁ ବାହାରି ଆସିଥିବା କଥା ଶୁଣାଯାଇ ଥିଲା । 'ର୍ୟାଟ୍‌ଲ' ସାପ ପରି ସରୀସୃପ ସଙ୍ଗେ ମୁଁ ତ ଝିମେଇ ପାରିଥିଲି । ଶହ ଶହ ବର୍ଷଧରି ମାଡ଼ିଥିବା ଗଛର ଚେର ମୂଳ ବା ନାଡ଼ୀ ସଙ୍ଗେ ମୁଁ ବଢ଼ି ପାରିଥାଏ । ଅଳସ ଭାବରେ ଏବେ, ଦ୍ରୁତ ଆରୋହୁଥିବା ସମୟର ଏକ ଅଦୃଶ୍ୟ ଶ୍ରେଣୀ ଉପରେ ମୁଁ ପଛକୁ ଫେରୁଥାଏ । ସେଠ ମୋର କାମ ଭିତରେ ଚଢ଼େଇଙ୍କ ପ୍ରସଙ୍ଗ ଥିଲା । ଚଢ଼େଇ ତ ଭାରି କ୍ଷିପ୍ର ଗତିରେ ବଢ଼ୁଥିବା ପ୍ରାଣୀ; ସମୟର ଘନ ଜଙ୍ଗଲ ତଳେ ଚାପା ପଡ଼ିଥିବା ସରୀସୃପ ଜୀବନରୁ ସେମାନେ ରକ୍ଷା ପାଇଛନ୍ତି ବୋଲି କୁହାଯାଇ ପାରେ । ଖରାଭରା ଘାସଜମି ଉପରେ ଡେଉଁଥିବା ବେଳେ ସେମାନେ ପକ୍ଷୀ ପାଲଟି ଯାଆନ୍ତି । ଅବଶ୍ୟ ଏହା ମୋର ଯୌବନ ସୁଲଭ କଳ୍ପନା ବୋଲି କୁହାଯାଇ ପାରେ । କିନ୍ତୁ, ସେଇ ଅଧିତ୍ୟକାର ପାହାଡ଼ ଶ୍ରେଣୀର ଢ଼ାଲୁରେ ଘଟିଥିବା ଏକ ଅଭିଜ୍ଞତାରୁ ଏମିତି ଧାରଣା ଚିରଦିନ ମୋର ସ୍ମୃତିରେ ଖେଳିବ । କେବେହେଲେ ପକ୍ଷୀଟିଏ ବନ୍ଧା ପଡ଼ିଥିବା ଦୃଶ୍ୟ ମୁଁ ସହି ପାରିବି ନାହିଁ ।

ଆମେ ସେଠାକୁ ଯାଇଥିଲୁ ଏକ ବସନ୍ତ ରାତିରେ କୁହୁଡ଼ି ଘେର ଭିତର ଦେଇ । ସେ ଜାଗାରେ, କେବେହେଲେ ମଣିଷର ପାଦ ପଡ଼ିଛି ବୋଲି ଜଣା ପଡୁ ନଥିଲା । ଆମ ଆଗରୁ ଦଳର ଚରମାନେ ସେଠାକାର ସବୁ ଖବର ଧରି ଆସିଥିଲେ । ସେଠାର ପାହାଡ଼ ଢ଼ାଲୁରେ ଥିବା ଗୋଟାଏ ପଥର ଘରର ଆଖି ସ୍କଟଦେର ବିଷୟରେ ସବୁ କଥା ଆମେ ତାଙ୍କଠାରୁ ଜାଣି ପାରିଥିଲୁ । ଗତ ଶତାବ୍ଦୀରେ ସେ ଅଞ୍ଚଳରେ ମାଗଣା ଜମି ମାଡ଼ି ବସବାସ କରିବା ପାଇଁ ବହୁତ ଲୋକ ଆସି ଜମିଥିଲେ । କିନ୍ତୁ ଚଷିବା ପରେ ସେ ଜମି ଉର୍ବର ନୁହେଁ ବୋଲି,

ଜଣାପଡ଼ିବାରୁ ଲୋକେ ଏଇ ଇଲାକା ଛାଡ଼ି ଯାଇଥିଲେ । ତାଙ୍କର ଭିତରେ କୌଣସି ପଶୁପାଳକର ହୁଏତ ସେଇ ଘରଟି ଥିଲା ।

ଅମେରିକାର ପ୍ରଦେଶମାନଙ୍କରେ ଏପରି ଅନେକ ଜାଗା ଅଛି । ତହିଁରେ ହୁଏତ ମିଳିବ ପରିତ୍ୟକ୍ତ କବରସବୁ; ସେଗୁଡ଼ିକୁ ଲାଗି ସ୍ମୃତି ସ୍ତମ୍ଭ ସ୍ୱରୂପ ପଥର ହୁଏତ ଥିବ, କିନ୍ତୁ ସେଥିରେ କିଛି ଲେଖା ନାହିଁ । ସେଠି ଉପତ୍ୟକା ଅଞ୍ଚଳର ଧାରେ ଧାରେ ପ୍ରକାଣ୍ଡ ପ୍ରକାଣ୍ଡ ପଥର ଥିଲା ; ହୁଏତ ସେଠି କେହି ଶତ୍ରୁକୁ ଦିନେ ରୋକିଥିଲା । ତାହାର ଚିହ୍ନ ପରି ବନ୍ଧୁକ ଟୋଟାର ଖୋଳ ଜଙ୍କ ଧରି ଆଜି ବି ସେଠି ପଡ଼ି ରହିଛି । ସେ କାଳରେ ସେଠି ଘଟିଥିବା ଆଞ୍ଚଳିକ ଲଢ଼େଇର ସେତିକି ମାତ୍ର ନିଦର୍ଶନ ଆଜି ମିଳେ । ସେ ଲଢ଼େଇରେ ଯେଉଁମାନେ ମରିଥିଲେ, ସେମାନଙ୍କର ମଡ ଅଛି ସେଠାରୁ ପଥର ତଳେ । ଅଧିତ୍ୟକା ଉପରେ ଠିଆହୋଇ ଆମର ଦଳବଳ ଆସିବା ମୁଁ ଦେଖୁଥାଏ । ସେମାନେ ଆସୁଥାନ୍ତି ଟ୍ରକ୍‌ରେ ; ଟ୍ରକ୍‌ଗୁଡ଼ାକ କୁହୁଡ଼ି ଭିତରେ ବୁଲି ବୁଲି ଆସୁଥାନ୍ତି; କେତେବେଳେ ଦେଖାପଡ଼ୁଥାନ୍ତି ତ କେତେବେଳେ ଲୁଚି ଯାଉଥାନ୍ତି । ମନେ ହେଉଥାଏ ସତେଯେପରି ମଶାଲ ଜଳାଇ ଏକ ଘୋଡ଼ସବାର ଦଳ ଆସୁଥିଲେ । ଟ୍ରକ୍‌ର ଆଲୁଅ ହାଡ଼ ଗୋଟାଇବାର ତାବଲ ସବୁର ଦେହରେ ପ୍ରତିଫଳିତ ହେଉଥାଏ । ଟର୍ଚ୍ଚ ଲାଇଟ୍ ଜଳୁଥାଏ; ଟ୍ରକ୍ ପଛରେ ମାଲ୍‌ବୁହା ଗାଡ଼ିରେ ଥିବା 'ଡାଇନୋସୋ'ର ନାମକ ପ୍ରାଗୈତିହାସିକ ଜନ୍ତୁର ଜଙ୍ଘ ହାଡ଼ ମାଲ୍‌ଗାଡ଼ି କଡ଼ରେ ବାଜି ଦୂରକୁ ଆବାଜ୍ କରୁଥାଏ । ଗୋଟାଏ ପଥର ଉପରେ ଉଠି ମୁହୂର୍ତ୍ତେ ଠିଆହୋଇ ତଳକୁ ଅନାଇ ଭାବିଲି—ଅତୀତକୁ ବନ୍ଦୀ କରିବାକୁ କେତେଟଙ୍କା ଓ କେତେ ଯନ୍ତ୍ରପାତି ଖର୍ଚ୍ଚ ହୁଏ ।

ବର୍ତ୍ତମାନର ଜନ୍ତୁ ମଧ୍ୟ ଯୋଗାଡ଼ କରିବା ପାଇଁ ଆମ ଉପରେ ହୁକୁମ ଥିଲେ । ନିର୍ଦ୍ଦେଶ ମିଳିଥିଲା ଯେ, ଜୀବନ୍ତ ପକ୍ଷୀ, ସରୀସୃପ, ଯାହାକିଛି ହେଉ ଧରିବାକୁ ହେବ । ସାଗରପାରେ ଏକ ଚିଡ଼ିଆଖାନାରେ ନୂଆ ନୂଆ ଜନ୍ତୁ ଲୋଡ଼ାଥିଲେ । ବିଜ୍ଞାନ ଜଗତରେ ଏପରି ଦିଆ ନିଆ ହୁଏ; ହୁଏତ ଆମ ଯାଦୁଘରରେ ଗୋଟାଏ 'ଅଷ୍ଟ୍ରିଚ୍' ପକ୍ଷୀର ଅଣ୍ଡା ପ୍ରୟୋଜନ । ଏଠାରୁ କିଛି ଧରି ପଠାଇଲେ ସେ ଦେଶରୁ ହୁଏତ ତାହା ବଦଳରେ ସେଇ ଅଣ୍ଡା ମିଳିବ ।

ଯାହାହେଉ, କେତେକ ଚଢ଼େଇ ଧରିବାରେ ସାହାଯ୍ୟ କରିବା କାମ ମୋ ଭାଗରେ ପଡ଼ିଥାଏ । ତେଣୁ, ମୁଁ ଟ୍ରକ୍ ଗୁଡ଼ାକ ଆସିବା ଆଗରୁ ସେଠି ପହଞ୍ଚି ଥାଏ ।

ବର୍ଷ ବର୍ଷଧରି ସେଇ ଗ୍ରେଟ ପଥର ଘରେ କେହି ନଥିଲେ । ଆମର ଇଚ୍ଛା ଥାଏ ସେଟାକୁ ସଫାକରି ଭଲିରେ ରହିବାକୁ । କିନ୍ତୁ ତାହାର ଗ୍ରୁଣ୍ଟରେ ଅନେକ କଣା ହୋଇ ଯାଇଥାଏ ଓ ଚଢ଼େଇମାନେ ପଣି କଡ଼ ଉପରେ ବସାକରିଥାନ୍ତି, ଅବଶ୍ୟ ସେପରି ଜାଗାରେ ପଥରର ଗ୍ରେଟ ଘରଟି ଉପରେ ଭରସା ରଖି ହେବ । କାରଣ, ଜୋର ପବନ ସେଠି ସବୁ ଉଡ଼ାଇ ନିଏ, ଏପରି କି ପାଣି ପବନ ଓ ଗଧିଆ ହାତରୁ ରକ୍ଷା ପାଇବା ପାଇଁ ଚଢ଼େଇମାନଙ୍କର ଏକ ନିରାପଦ ଜାଗା ଦରକାର । ଜଙ୍ଗଲ ଜାଗାମାନଙ୍କରେ କାଠ ପଟାରେ ତିଆରି ଗ୍ରେଟ ଘରଟିଏ ଲେକେ ଛାଡ଼ି ଆସିବା ପରେ ତାହା କ୍ରମଶଃ ପ୍ରକୃତିର ଅଙ୍ଗ ହୋଇଯାଏ । ଲତା ପତର ତା' ଉପରେ ମାଡ଼ିଯାଏ; ଚଢ଼େଇମାନେ ପ୍ରଥମେ ତା'ର ଛାତ କନାରେ ବସି ମନଦେଇ ଶୁଣନ୍ତି କିଛି ଆବାଜ୍ ମିଳୁଛି କି ନାହିଁ ତା' ପରେ ଅସ୍ତେ ଆସ୍ତେ ପଟାକୁ ଖୁମ୍ପନ୍ତି । କ୍ରମେ କଣାଟିଏ ହେଲେ ହଠାତ୍ ପଶିଯାନ୍ତି—ସେ ଘର ତାଙ୍କର ହୋଇଯାଏ, ମଣିଷକୁ ଆଉ କେହି ସେଠି ମନେ ରଖନ୍ତି ନାହିଁ ।

କେବେ କେବେ ମୁଁ ଭାବେ ଜଗତର ସବୁଠାରୁ ବଳି ସୁନ୍ଦର ଦୃଶ୍ୟ କଅଣ ହୋଇପାରେ ? ଧରିଯାଉ ନ୍ୟୁୟର୍କରୁ ଶେଷ ମଣିଷଟି ସହର ଛାଡ଼ି ପାହାଡ଼ ଉପରେ ଯାଇଉଠିଛି । ଚଢ଼େଇମାନେ ସହରଟିକୁ ଅଧିକାର କରି ନେଇଛନ୍ତି ; ତାହାହିଁ ତ ସବୁଠାରୁ ସୁନ୍ଦର ଦୃଶ୍ୟ ହେବ । ମୋର ଜୀବନକାଳ ଭିତରେ ଅବଶ୍ୟ ଏହା ଘଟିବ ନାହିଁ, କିନ୍ତୁ ସେ ଦୃଶ୍ୟ କିପରି ହେବ ତାହା ମୁଁ ଅନ୍ଦାଜ କରିପାରେ । କାରଣ, ଅନେକ ଉଚ୍ଚ ସ୍ଥାନମାନଙ୍କରେ ମୁଁ ବାସ କରିଛି ଓ ମୁଁ ଜାଣିଛି ଯେ, ଚଢ଼େଇମାନେ ଆମ ଉପରେ କିପରି ନଜର ରଖନ୍ତି । ଅନେକ ସମୟରେ ମୁଁ ଦେଖିଛି ଯେ ଶୀତାତପନିୟନ୍ତ୍ରଣ ଯନ୍ତ୍ରକୁ ବାହାର ପଟୁ ଚଢ଼େଇମାନେ କିପରି ଅନୁସନ୍ଧିତ୍ସୁ ଭାବରେ ଖୁମ୍ପନ୍ତି, ସେମାନେ ତା' ଆଗରୁ ଦେଖି ନିଅନ୍ତି କେହି ତାଙ୍କୁ ଲକ୍ଷ୍ୟ କରୁଛନ୍ତି କି ନାହିଁ । ଭିତ

ଉପରେ ଝୁଲା ହୋଇଥିବା ଟେଲିଭିଜନର ତାର ଦେହରୁ କିପରି ସ୍ପନ୍ଦନ ଆସେ ତାହା ମଧ୍ୟ କେତେକ ଚଢ଼େଇ ପରୀକ୍ଷା କରନ୍ତି ।

'ଲେକଷ୍ଟା ପାଉଛନ୍ତ !' ସେମାନେ ପଚାରିଲା ପରି ମନେହୁଏ; ଉତ୍ତର ସ୍ପନ୍ଦନ ଆସେ 'ଏବେ ବି ପାଉଛ, ଏବେ ବି ପାଉଛ ।'

ଏଥର ସ୍କୁଲରୁ ପଥର ଘର ପ୍ରସଙ୍ଗକୁ ଫେରିଯିବା । ମୁଁ ତା'ର କବାଟ ଆସ୍ତେ ଆସ୍ତେ ଫିଟାଇଲି ; ଉତ୍ତାପିତ କଳ ଭଳି ଆଲୁଅ ସୁଇଚ୍ ପ୍ରସ୍ତୁତ କରି ରଖିଲି । ତାହା ଜଳାଇଲା କ୍ଷଣି ଯେ କୌଣସି ଚଢ଼େଇ ସେ ଘରେ ଥାନ୍ତୁ, ସେମାନେ ନିଶ୍ଚୟ ବାଟବଣା ହୋଇଯିବେ ଓ ସୁତରାଂ କଣାବାଟେ ପଳାଇ ପାରିବେ ନାହିଁ । ଘରର ଆରପଟ କାନ୍ଥରେ, ମୋ ଠାରୁ ଦୂରରେ ଗୋଟାଏ ଥାକ ଥିଲା । ସେଇଠି ସବୁଠାରୁ ବେଶି ଚଢ଼େଇ ମିଳିବେ ବୋଲି ମୁଁ ଆଶା କରିଥିଲି; ସେଠାକୁ ଉଠିବା ପାଇଁ ମୋ ପାଖରେ ଗୋଟାଏ ଷ୍ଟେପ୍ ନିଶୁଣି ଥିଲା । ଦକ୍ଷ ଖୁଜା ପରି ମୁଁ ସବୁ ଖବର ଆଗରୁ ଯୋଗାଡ଼ କରି ପାରିଥାଏ । କବାଟକୁ ମୁଁ ପ୍ରଥମେ ପେଲି ଫିଟାଇଲି । କବ୍‌ଜାଗୁଡ଼ାକ ଟିକିଏ କେଁ କେଁ ହେଲେ । ମୁଁ ଶୁଣି ପାରିଲି ଗୋଟାଏ ବା ଯୋଡ଼ାଏ ଚଢ଼େଇର ହଲଚଲ ହେବା ଆବାଜ୍, କିନ୍ତୁ କେହୁହେଲେ ଉଡ଼ି ବାହାରି ଆସିଲେ ନାହିଁ । କେବଳ ସୁତ ସନ୍ଧି ବାଟେ ତାରାଙ୍କ ମ୍ଳାନ ଆଲୁଅ ଦିଶୁଥାଏ ।

ଚଟାଣ ଉପରେ ରବର ଜୋତାପିନ୍ଧା ଗୋଡ଼ ପକାଇ ମୁଁ ଆସ୍ତେ ଆସ୍ତେ କବାଟରୁ ଦୂରରେ ଥିବା କାନ୍ଥ ପାଖରେ ପହଞ୍ଚିଲି । ନିଶୁଣିକୁ କାନ୍ଥରେ ଲଗାଇଲି, ଆଲୁଅ ଠିକ୍ କାଟାରେ ରଖିଲି ଓ ତା' ପରେ ସିଡ଼ି ଉପରକୁ ଉଠିଗଲି । କ୍ରମେ ମୋ ମୁଣ୍ଡ ଓ ବାହା ଥାକ ଉପରେ ପହଞ୍ଚିଲା; ଥାକ ଉପରେ ସୁତ ଫାଙ୍କ ପାଖରେ ସାମାନ୍ୟ ଜାଗାରେ ତାରାଙ୍କ ଆଲୁଅ ଛଡ଼ା ସାରା ଘର ପିଚ୍ ପରି ଅନ୍ଧାର ଥିଲା । ମୁଁ ଭାବିଲି ଯେ, ପ୍ରଖର ଆଲୁଅ ଜଳାଇଲେ ଚଢ଼େଇଗୁଡ଼ାକର ଆଖି ନିଶ୍ଚୟ ଝଲସି ଯିବାରୁ ସେମାନେ ପଳାଇ ପାରିବେ ନାହିଁ ଓ ତାଙ୍କୁ ଧରିବା ସହଜ ହେବ । ଯାହାକିଛି ମିଳିବ ତାହା ଧରିବାକୁ ମୁଁ ସତର୍କ ଭାବରେ ହାତ ବଢ଼ାଇ ଦେଲି ଓ 'ଫ୍ଲାଶ୍‌ଲାଇଟ୍'ଟି ଥାକର କିନାରରେ ରଖି ଦେଲି ଯେପରି ମୋତେ ଆଉ ତାହା ଧରିବାକୁ ପଡ଼ିବ ନାହିଁ । ତେଣୁ, ମୋର ଦୁଇଟିଯାକ ହାତ ବ୍ୟବହାର କରିହେବ ।

ଗୋଟାଏ ସାମାନ୍ୟ ବିପତ୍ତି ଛଡ଼ା ସବୁକିଛି ଠିକ୍ ଠାକ୍ ଚାଲିଲା ମୁଁ ଖାଲି ଜାଣି ନଥାଏ କି ପ୍ରକାରର ଚଢ଼େଇ ସେଠି ମିଳିବେ । ମୁଁ ସେକଥା ଚିନ୍ତା ସୁଦ୍ଧା କରି ନ ଥିଲି ; ଚିନ୍ତା କଲେ ବା କଅଣ ହୋଇଥାନ୍ତା ? ମୋ ଉପରେ ହୁକୁମ ଥାଏ କିଛି ଚିତ୍ତାକର୍ଷକ ଜିନିଷ ଆଣିବାପାଇଁ । ମୁଁ ଆଲୁଅ ଜଳାଇଦେଲି, ଯେପରି ଭାବିଥିଲି ଠିକ୍ ସେହିପରି ଜୋର କ୍ରେଙ୍କା ପିଟିବା ଓ ଫର ଫର ଫର ହେବା ଶବ୍ଦ ହେଲା । କିନ୍ତୁ ମୁଁ ତାଙ୍କୁ ଧରିବା ପରିବର୍ତ୍ତେ, ସେମାନେ— ଅଥବା ସେ ମୋତେ ଧରିଲେ । ମୋର ମୁଠାରୁ ବଡ଼ ହେବ ନାହିଁ, ଏପରି ଏକ ଶ୍ରେଷ୍ଠ ଛଞ୍ଚାଣ ମୋର ହାତକୁ ମାଡ଼ି ବସିଥାଏ । ଶ୍ରେଷ୍ଠ ହେଲେ କଅଣ ହେବ, ସେ ମୋତେ ଯଥେଷ୍ଟ କାବୁ କରିଥାଏ । ଆଲୁଅ ଜଳିଲା କ୍ଷଣି ସେ ଏକ ଗାବ୍ର ଚିତ୍କାର କରିବା ମୁଁ ଶୁଣିଥିଲି । ସାଙ୍ଗେ ସାଙ୍ଗେ ମୋ ହାତ ମଧ୍ୟସ୍ଥ ଥାଏ ତା' ପାଖରେ ଥିବା ଆଉ ଗୋଟାଏ ଚଢ଼େଇ ଉପରେ । ସେହିକ୍ଷଣି ସେ ମୋତେ ତା'ର ନଖରେ ରାମ୍ପୁଡ଼ିବାକୁ ଆରମ୍ଭ କରି ଦେଇଥିଲା ଓ ତା'ର ଥଣ୍ଟ ମୋ ହାତର ବୁଢ଼ା ଆଙ୍ଗୁଳି ଭିତରେ ଭୁସି ଦେଇଥିଲା । ତା' ସଙ୍ଗେ ଲଢ଼ୁ ଲଢ଼ୁ ମୋର ହାତ ବାଜି ଆଲୁଅଟା ଥାକ ଉପରେ ଓଲଟି ପଡ଼ିଥିଲା । ତେଣୁ, ସ୍ୱାଭାବିକ ଦୃଷ୍ଟି ଫେରି ପାଇ ତା'ର ସାଥୀ ଭାରି ସୁବିଧାରେ ଗୁହାର କଣାବାଟେ ବାହାରକୁ ଉଡ଼ିଯାଇ ଆକାଶରେ ପହଞ୍ଚି ଥିଲା । ସମସ୍ତ ବ୍ୟାପର ଘଟିବାରେ ପନ୍ଦର ସେକେଣ୍ଡ ଲାଗିଥିଲା କି ନାହିଁ ସନ୍ଦେହ ଏବଂ ପାଠକେ ଭାବି ପାରନ୍ତି ଯେ, ମୁଁ ହୁଏତ ଓଲଟି ପଡ଼ିଥିଲି । କିନ୍ତୁ ମୁଁ ତ ପୁଣି ଜଣେ ପେଶାଦାର ଖୁନୀ ଥିଲି । ଚଢ଼େଇଟା ବି ଭୁଲ କରି ଭାବିଥିଲା ଯେ, ମୁଁ ବା ମୋର ଆଖି ନୁହେଁ, ମୋର ହାତହିଁ ତା'ର ଶତ୍ରୁ । ସେ ମୋର ବୁଢ଼ା ଆଙ୍ଗୁଳିଟି ଚୋବାଉ ଥିଲା ଓ ନଖ ଦେଇ ମୋର ହାତକୁ ଖଣ୍ଡିଆ କରି ସାରିଥିଲା ; କିନ୍ତୁ ମୋର ଯୋଡ଼ାଏ ହାତ ଥିବାରୁ ମୁଁ ଶେଷରେ ତା'କୁ ମାଡ଼ି ବସିଥିଲି ।

ସେ ଛଞ୍ଚାଣଟି ଥିଲା 'ସ୍ପ୍ୟାରୋହକ୍' ଜାତୀୟ ପୁରୁଷ ଚଢ଼େଇ, ଯୁବା ବୟସର ତାରୁଣ୍ୟରେ ଭରପୂର । ତା'ର ଜୋଡ଼ାକୁ ନଧରି ପାରିବାରୁ ମୁଁ କ୍ଷୁଣ୍ଣ ହୋଇଥିଲି କିନ୍ତୁ ମୋର କ୍ଷୋଭର କାରଣ ନ ଥିଲା । ମୋ ହାତରୁ ରକ୍ତ ବହୁଥାଏ ; ତଥାପି ସତର୍କ ଭାବରେ ତା'ର ଡେଣା ସଜାଡ଼ି, ତା'ର ମୁଣ୍ଡରୁ

ତଳ ପଟେ ଓହ୍ଲାଇ ଧରିଲାବେଳେ ମୁଁ ସ୍ମରୁଥାଏ—ଯୋଡ଼ାକଯାକ ଧରିବା ଏକା ମୋ ପକ୍ଷରେ ସେ ଅବସ୍ଥାରେ ସମ୍ଭବ ହୋଇଥାନ୍ତା କି ? ମୋର ମନୋଯୋଗ ନିଜ ଆଡ଼କୁ ଟାଣି ନେଇ ସେ ତା'ର ସାଥୀକୁ ବଞ୍ଚାଇ ଥିଲା – ଏହାହିଁ ଥିଲା ସେ ଘଟଣାର ସାର କଥା । ସେପରି ବ୍ୟବହାର ତା'ର ଜନ୍ମଗତ ଅଭ୍ୟାସ ଏବଂ ତେଣୁ ସେ ଏବେ ଶାନ୍ତ ଓ ନିସ୍ତେଜ ହୋଇ ମୋ ହାତରେ ଝୁଲୁଥାଏ । କିନ୍ତୁ, ଆଲୁଅର ପଛପଟେ ଗ୍ରୀବା ଭିତରେ ମୋ ଆଡ଼କୁ ସେ ବେଖାତିର ଓ ହିଂସ୍ର ଭାବରେ ଅନାଇ ଥାଏ । ଦୟାଦେବା ବା ନେବା ତା'ର ପ୍ରକୃତିର ବାହାର ଥିଲା । ତା'ଠାରେ ଯେଉଁ ଉଚ୍ଚସ୍ତର ମନୋବୃତ୍ତି ଥାଏ ତାହା ମୋତେ ସାମାନ୍ୟ ବିବ୍ରତ କରୁଥିଲା ।

ତା' ଆଖିରୁ ମୋର ଦୃଷ୍ଟି ଘୁଞ୍ଚାଇ ନେଇ ମୁଁ ହାତମୁଠା ଭିତରେ ମୋର ସେଇ ଶିକାର ଧରି ନିଶୁଣି ବାଟେ ତଳକୁ ଓହ୍ଲାଇ ଆସିଲି । ଗୋଟିଏ ଶ୍ଳେଟ ବାକ୍ସରେ ମୁଁ ତାକୁ ବନ୍ଦ କଲି ଯେପରି କି ପଳାଇବାର ଚେଷ୍ଟା କରି ସେ ନିଜକୁ ଖଣ୍ଡିଆ କରି ନ ପାରିବ । ଆମର ଟ୍ରକ୍‌ଗୁଡ଼ାକ ସେତେବେଳକୁ ପହଞ୍ଚିଥାନ୍ତି ; ତେଣୁ ମୁଁ ସେ ଘରୁ ବାହାରି ଆସିଲି ସେଗୁଡ଼ାକୁ ଅଭ୍ୟର୍ଥନା କରିବାକୁ । ଦଳସାରା ଖୁବ ଖଟଣି ହୋଇଥାଏ ; ଅନ୍ଧାରରେ ପୁଣି ତମ୍ବୁ ଲଗାଇବାକୁ ପଡ଼ିବ । ସକାଳୁ ତ ଚଢ଼େଇଟାର କାହାଣୀ ହୋଇଯିବ ଅନ୍ୟ ପ୍ରକାରର । ଟ୍ରକ୍‌ରେ ହାଳ ଗଦା ସହିତ ସେ ଯିବ ସହରକୁ ; ସେଠି ଗୋଟାଏ ଶ୍ଳେଟ ପିଞ୍ଜରାରେ ରହି ସେ ସାରା ଜୀବନ କଟାଇବ । ତା' ପାଇଁ ଏହା ଠିକ୍ ହେବ । ମୋର ବଢ଼ିଥିବା ବୁଢ଼ା ଆଙ୍ଗୁଳି ଚିପି ମୁଁ ଥୋକେ ରକ୍ତର ଛେପ ପକାଇଲି । ଖୁନୀକୁ କ୍ରମଶଃ ଏପରି ଘଟଣାରେ ଅଭ୍ୟସ୍ତ ହେବାକୁ ପଡ଼େ । ଆଘାତ ହେଉ କାତର ହେବା ମୋ ମର୍ଯ୍ୟାଦାହାନି କରିଥାନ୍ତା !

ସେଇ ଉଚ୍ଚ ଭୂଇଁରେ ସକାଳ ହେଲାବେଳକୁ ହଠାତ୍ ବହୁତ କିଛି ବଦଳି ଯାଇଥାଏ । ଉପତ୍ୟକାକୁ ଘୋଡ଼ାଇଥିବା କୁହୁଡ଼ି ଉଭେଇ ଯାଇଥାଏ; ଆକାଶ ହୋଇଥାଏ ଘନ ନୀଳ । ମାଇଲ୍ ପରେ ମାଇଲ୍ ପଥର ମୁଣ୍ଡା ସବୁ ଡେଇଁ ମଣିଷର ଦୃଷ୍ଟି ଯାଇ ପାରୁଥାଏ । ମୁଁ ସକାଳୁ ନିଦରୁ ଉଠିଥାଏ ଓ ବାହାରେ ଗୋଟାଏ ପିଣ୍ଡିରି ବନାଉଥାଏ ; ଯେଉଁ ବାକ୍ସରେ

ଛୁଆଣ୍ଟା ବନ୍ଦୀ ହୋଇଥିଲା ତାହା ସେଠାକୁ ଆଣିଥାଏ । ଘାସ ଉପରେ ମାଡ଼ିଥିବା ପାହାଡ଼ର ଝର ପଶ ଥଣ୍ଡା ପବନ ମୋର ମୁଣ୍ଡର ବାଳକୁ ଆଉଁଶୁଥାଏ । ଏପରି ଖୋଲା ବନରେ ବସିଥିବା କେଡ଼େ ଖୁସିର କଥା ! ମୁଁ ଝୁଣପଟକୁ ଓ ଉପରକୁ ଅନାଇଲି । ସ୍ଲେଟ ପଥର ଘର ଛାତର ଯେଉଁ କଣାବାଟେ ଆର ଛୁଆଣ୍ଟା ପଳାଇ ଥାଏ ତାହା ମଧ୍ୟ ଦେଖିଲି । କିନ୍ତୁ ମୋ ଦେଖିବାରେ ସେଇ ସ୍ତ୍ରୀ ଚଢ଼େଇଟାର କୌଣସିଠାରେ ପତ୍ତା ନଥାଏ ।

ସାମାନ୍ୟ ଦେଖଭାଳ ଭାବରେ ମୁଁ ମନେକଲି 'ବୋଧହୁଏ ସେ ଏତେ-ବେଳକୁ ଆର, ଜଙ୍ଗଲରେ ଯାଇ ପହଞ୍ଚିଥିବ ।' କିନ୍ତୁ, କାମ ଆରମ୍ଭ କରିବା ପୂର୍ବରୁ ଗତ ବର୍ଷର ବନ୍ଦୀକୁ ଥରେ ଦେଖିବାପାଇଁ ସ୍ଥିରକଲି ।

ଖୁବ୍ ଗୋପନରେ ମୁଁ ପୁଣିଥରେ ତମ୍ବୁର ଝୁଣପଟେ, ଉପରେ ଓ ତଳେ ଅନାଇଲି ଓ ତା'ପରେ ବାକ୍ସଟି ଖୋଲିଲି । ତା'ର ଡେଣା ଦିଓଟି ସଜାଡ଼ି ଧରି ମୁଁ ତାକୁ କାଢ଼ିଆଣି ମୋର ହାତ ଉପରେ ଥୋଇଲି । ଏପରି ସତର୍କ ଭାବେ ଏସବୁ କଲି ଯେପରି କି ସେ ଚମକିବ ନାହିଁ । ମୋ ମୁଠା ଭିତରେ ସେ ନିଶ୍ଚଳ ହୋଇ ରହିଥାଏ । ପରକ୍ଷଣେ ତା'ର ଛାତି ଧକ୍ ଧକ୍ ହେବା ମୁଁ ଅନୁଭବ କରି ପାରୁଥାଏ । କିନ୍ତୁ ସେ ଖାଲି ମୋତେ ଅତିକ୍ରମ କରି ଉପରକୁ ଅନାଉ ଥାଏ ।

ଶେଷଥର ପାଇଁ ମୋତେ ଡେଇଁ ଖସିଯିବା ଆକାଶକୁ ସେ ଅନାଇଲା-ବେଳେ ମୁଁ ତା'ର ଚାହାଣୀ ପଛେ ପଛେ ଅନାଇଲି କିନ୍ତୁ କିଛି ଦେଖି ପାରିଲି ନାହିଁ । ଫୁଲଫୁଲିଆ ପବନ ପୁଣି ମୋ ଉପରେ ବହିଗଲା ; ପାଖରେ ଗୋଟାଏ ପାହାଡ଼ିଆ 'ଆସ୍ପେନ୍' ଗଛରୁ ପତ୍ରଯାକ ଝରି ପଡ଼ିଲା । ମୋ ମନର ଗହନରେ ଏକ ଚିନ୍ତା ଖେଳୁଥାଏ, ଅସ୍ପଷ୍ଟଭାବରେ ମନେ ହେଉଥାଏ ମୁଁ କଅଣ କରିବାକୁ ଯାଉଛି । ତଥାପି ସେ ବିଷୟରେ ମୁଁ ପୁରାପୁରି ସଚେତ ନଥାଏ । ମୁ ଖାଲି ଛୁଆଣ୍ଟାକୁ ଘାସଉପରେ ଥୋଇଦେଲି ।

ମିନିଟିଏ ଧରି ସେ ସେଠି ହତାଶ ଓ ନିଶ୍ଚଳ ହୋଇ ରହିଲା, କିନ୍ତୁ ତା'ର ଆଖି ତଥାପି ନୀଳ ଆକାଶ ପଟରେ ନିବିଷ୍ଟ ହୋଇଥାଏ । ବୋଧହୁଏ ମନେ ମନେ ସେ ଏତେ ଦୂରକୁ ଭୁଲି ଯାଇଥିଲା ଯେ ମୋ ହାତରୁ ମୁକ୍ତ

ପାଇଛି, ଏ ଅନୁଭୂତ ତା'ର ହୋଇ ନଥିଲା । ଏପରି କି, ସେ ଗୋଡ଼ ଉପରେ ଠିଆ ମଧ୍ୟ ହୋଇ ନଥିଲା । ଛାତିକୁ ଘାସ ସଙ୍ଗେ ଲଗାଇ ସେ ଶୋଇଥାଏ ।

ସେଇ ଦୀର୍ଘ ମିନିଟକର ପରବର୍ତ୍ତୀ ସେକେଣ୍ଡରେ ସେ ଉଭେଇ ଯାଇଥିଲା । ମୋର ପୂରା ନଜର ତା' ଉପରେ ଥିବା ସତ୍ତ୍ୱେ ଉଡ଼ିବା ପୂର୍ବରୁ ତା'ର ଥରେ ବି ଡେଣା ହଲାଇବା ମୋ ଆଖିରେ ପଡ଼ି ନଥିଲା । ବିଦ୍ୟୁତ୍ ଚମକ ପରି ସେ ଅଦୃଶ୍ୟ ହୋଇଗଲା ଏପରି ଅତି ଉଚ୍ଚର ସ୍ଫଟିକ ସ୍ୱଚ୍ଛ ଆଲୁଅର ଶୂନ୍ୟ ଭିତରେ ଯେ ମୋର ଆଖି ପକ୍ଷରେ ତାହା ଭେଦ କରିବା ସମ୍ଭବ ନ ଥିଲା । ଆହୁରି ଗୋଟିଏ ମୁହୂର୍ତ୍ତ ବିତିଗଲା ନିଃଶବ୍ଦରେ ; ତଥାପି ମୁଁ ତା'କୁ ଦେଖିବାକୁ ପାଉ ନଥାଏ । ଆଲୁଅ ଖୁବ୍ ଉଜ୍ଜ୍ୱଳ ଥିଲା, ତାପରେ କେଉଁଠାରୁ ଭାସିଆସିଲା ଗୋଟାଏ ସ୍ୱର ।

ସେତେବେଳେ ମୁଁ ଯୁବକ ଥିଲି, ଦୁନିଆର ଖୁବ୍ କମ୍ କଥା ଜାଣିଥିଲି; କିନ୍ତୁ ସେଇ ଶବ୍ଦ ଶୁଣିବା ମାତ୍ରେ ମୋର ଛାତି ଚମକି ପଡ଼ିଲା । ତାହା ମୋର ବନ୍ଦୀ ଛକ୍ଷାଣରେ ନଥିଲା ; କାରଣ, ଖରା ଆଡ଼େଇ ଅନାଇବାରୁ ମୁଁ ସେତେବେଳକୁ ଆହୁରି ଉପର ପର୍ଯ୍ୟନ୍ତ ଦେଖି ପାରୁଥିଲି । ବସ୍ତୁତ ସମସ୍ତ ଧରି ତା'ର ସ୍ତ୍ରୀ ସାଥୀ ଲକ୍ଷସ୍ଥ ଅସ୍ଥିର ଭାବରେ ଉଡ଼ୁଥିଲା ସୂର୍ଯ୍ୟର ଆଖିର ଠିକ୍ ତଳେ । ସେଠାରୁ ସେ ଓହ୍ଲାଇ ଆସିଲା ତୀବ୍ର ଗତିରେ; ଏବଂ ଆମଠାରୁ ଅନେକ ଦୂରରେ ଏକ ତୃଣଶିଖରରୁ ଆଉ ତୃଣଶିଖର ପର୍ଯ୍ୟନ୍ତ ପ୍ରତିଧ୍ୱନି ତୋଳି ଏପରି ଏକ ଅନିର୍ବଚନୀୟ ମହାନନ୍ଦର ଗୀତ ଝରି ପଡ଼ୁଥାଏ ଯେ ତାହା ବହୁବର୍ଷ ପାରହୋଇ ଆଜି ବି ମୋର ସକାଳ ଜଳଖିଆ ଟେବୁଲ୍‌ର ଶାନ୍ତ ପିଆଲାରେ ବାଜି ଠନ୍ ଠନ୍ ଆବାଜ କରୁଛି ।

ସେତେବେଳେ ମୁଁ ସେ ଦୁହିଁଙ୍କୁ ଦେଖି ପାରୁଥିଲି । ସେ ଉପରକୁ ବେଗରେ ଉଠୁଥାଏ ସଙ୍ଗିନୀ ସନ୍ନିକଟ ମିଳିବ ବୋଲି, । ଶେଷରେ, ଅତି ଉଚ୍ଚରେ ଏକ ଉନ୍ମତ୍ତା ଭଉଁରି ଭିତରେ ଫୁଟିଉଠିଲା ତାଙ୍କର ଡେଣାର ବୃତ୍ତାକାର ନାଚ । ଆହୁରି ଥରେମାତ୍ର ଉଭୟଙ୍କର ସ୍ୱର ମିଶିଗଲା ପ୍ରଶ୍ନ ଓ ଉତ୍ତରର ଜଟିଳ ଆବର୍ତ୍ତରେ । ତା'ର ପ୍ରତିଧ୍ୱନି ଜାଗିଲା ଆସି ଉପତ୍ୟକାର ପାହାଡ଼ ଚୂଡ଼ାରେ, ତା'ପରେ ସେ ଦୁହେଁ ମଣିଷର ଆଖିର ସୀମା ଡେଇଁ ସବୁଦିନ ପାଇଁ ମିଶିଗଲେ ଊର୍ଦ୍ଧ୍ୱାକାଶର କେଉଁ ରାଜ୍ୟରେ, କେ ଜାଣେ !

ଆଜି ମୁଁ ବୁଢ଼ା ହୋଇଛି, ଆଖିରେ ନଜର ନାହିଁ । ଦେଖିବାର ଯେତେ ଜିନିଷ ଅଛି, ପ୍ରାୟ ସବୁ ଦେଖି ସାରିଛି । କିନ୍ତୁ, କୌଣସି ଜିନିଷରେ ଆଉ ମନ ବଳାଏ ନାହିଁ । ସକାଳର ଖବର କାଗଜରେ ଶିରୋନାମା ପଢ଼େ—'ଯନ୍ତ୍ରର ପରବର୍ତ୍ତୀ ଗୁଣ କଅଣ ହେବ ? ହୁଏତ ଯନ୍ତ୍ରର ପ୍ରଜନନଶକ୍ତି ।'

କାଗଜଟା ମୁଁ ଥୋଇ ଦିଏ ଏବଂ ମୋ ମନର ଏପଟ ସେପଟ ଧାଏ ନାଲିଶ କଲା ଭଳି କେତେଗୁଡ଼ାକ କଥା ଖେଳେ—'ମଣିଷର ଗଠନ ଉପାଦାନରେ ଓ ଆଚରଣରେ ହୁଏତ ଏପରି କିଛି ନାହିଁ, ଯାହା ବିଜ୍ଞାନ ପକ୍ଷରେ ସୃଷ୍ଟି କରିବା ବା ସମନ୍ୱିତ କରିବା ଅସମ୍ଭବ । କିନ୍ତୁ………"

ସକାଳୁ ସାରା ସହରର କଳ କାରଖାନା, ଯନ୍ତ୍ରମାନଙ୍କରେ ଚକ୍ ଚକ୍ ନଟ୍, ବୋଲ୍ଟ, ଚକ ପ୍ରଭୃତି ବୁଲିବା ଆରମ୍ଭ କଲେଣି । ଯାନ୍ତ୍ରିକ ହିସାବ କଳରେ ସଂଖ୍ୟାମାନ ଘୂରୁଛନ୍ତି, ନାମର ଦକାନ ବାହାରି ଆସୁଛି । ହଜାରେ ଅଙ୍ଗୁଳି ଛାପା ଭିତରୁ ଗୋଟାଏ ଯନ୍ତ୍ର, ଖୋଜା ଯାଉଥିବା ଗୋଟିଏ ଦାଗୀର ଛାପା କାଢ଼ି ଆଣିଛି । ତା'ର କୁଆଡ଼େ ଚିନ୍ତା କରିବାର କ୍ଷମତା ଅଛି ଗବେଷଣାଗାରରେ ଏକ ବିଦ୍ୟୁତ୍‌ଶକ୍ତି ଚାଳିତ ମୂଷା ଗୋଟାଏ ଗୋଳକ ଧନ୍ଦା ଭିତରେ ପଶି ଚଞ୍ଚଳ ବାହାରି ପଡ଼ି ଏପରି ଏକ ଛେନାମଣ୍ଡ ଆଡ଼କୁ ଦୌଡ଼ୁଛି ଯାହାର ଆସ୍ୱାଦ ବା ଉପଭୋଗ ତା' ପକ୍ଷରେ ସମ୍ଭବ ନୁହେଁ ।

'କିନ୍ତୁ, ଅପର ପକ୍ଷରେ………।' ଏଇ ଅପର ପକ୍ଷର ସୂତ୍ର ଧରି ମୋର ମନ ଗତି କରେ—ଅପର ପକ୍ଷରେ, ଯନ୍ତ୍ରକୁ ରକ୍ତ ବହିବ ନାହିଁ, ସେ ବେଦନା ଅନୁଭବ କରିବ ନାହିଁ । ଘଣ୍ଟା ଘଣ୍ଟା ଧରି ଶୂନ୍ୟ ଆକାଶରେ ଉଡ଼ି ଉଡ଼ି ଆଉ ଗୋଟାଏ ଯନ୍ତ୍ରର ସଖ୍ୟରେ କଅଣ ଘଟିଲା ଭଳି ଆଶାନିରାଶାର ଯନ୍ତ୍ରଣା ସହିବ ନାହିଁ । ପକ୍ଷୀ ପରି ଦୁରନ୍ତ ଆବେଗରେ ଖୁସି ହୋଇ ପାଟି କରିବ ନାହିଁ କି ପବନରେ ନାଚିବ ନାହିଁ । ବହୁଦୂରରୁ ମହାଶୂନ୍ୟର ନକ୍ଷତ୍ର-ଠାରୁ ଆହୁରି ବେଶି ଦୂରତ୍ୱ ଡେଇଁ ଆକାଶର ହୃଦୟ ଭିତରୁ ସେଇ ଅସ୍ପଷ୍ଟ ସ୍ୱର ମୋର ଦ୍ୱାରପାଖରେ ଗୁଞ୍ଜନ ତୋଳି ପୁଣି ଦୂରକୁ, ଆହୁରି ଆଗକୁ ଚାଲିଯାଏ ।

———

# ପ୍ରାଣର ରହସ୍ୟ

ଏବେ ମୁଁ ପ୍ରୌଢ଼ ; କିନ୍ତୁ ତଥାପି ମୁଁ ହେମନ୍ତକାଳରେ ପୁଣି ଏଣାରେ ଆନନ୍ଦଭର ହୋଇ ତାହାର ସନ୍ଧାନ କରେ । ଦିନେ ଦିନେ ଯେତେବେଳେ ଗଛ ପତ୍ର ସବୁ ଲାଲ ହୋଇ ଆସେ ଅବା ଝଡ଼ିପଡ଼େ, ଚଢ଼େଇମାନେ ଚାଲି ଯିବାର ଠିକ୍ ପରେ ପରେ, ପୁରୁଣା 'ଜ୍ୟାକେଟ୍' ଓ ଟୋପି ପିନ୍ଧି ମୁଁ ସେଇ ଅନୁସନ୍ଧାନରେ ବାହାରି ପଡ଼େ । ବୃଥାରେ ମୋର ସ୍ତ୍ରୀ ମନାକରନ୍ତି, କହନ୍ତି ମୋତେ ଥଣ୍ଡା ଧରିବ । ମୋର ରହିବା ଘରର ପିଣ୍ଡିରେ ସତର୍କଭାବରେ ଓହ୍ଲାଇ ପାଚିରି ଉପରେ ଚଢ଼େ, ଆଗ ପଛ କିଛି ମାତ୍ର ଭାବେ ନାହିଁ । ଆଉ କିଛିଏ ଦୂରକୁ ଯାଇ ଏକ ପଡ଼ିଆରେ ପଶେ—ସେଥିରେ ଧୂସର ରଙ୍ଗର ଗଛ ଓ ଖାଲି ମଞ୍ଜି ଖୋଳ ଭର୍ତ୍ତି । କେହି ସେ ପଡ଼ିଆର ଯତ୍ନ ନିଅନ୍ତି ନାହିଁ ।

ଜଙ୍ଗଲ ପାଖରେ ପହଞ୍ଚିଲା ବେଳକୁ ସବୁ ରକମର ବାହନ ହୁଏତ ମୋର କୋଟରେ ଲାଗିଥାନ୍ତି, ମୋଜାରେ ଫୁଟିଥାନ୍ତି ଅଥବା ଭାରି ବୁଦ୍ଧିକ ଓ କୌଶଳରେ ମୋର ଜୋତାର ଫିତାରେ ଖୋସି ହୋଇଥାନ୍ତି । ମୁଁ ତାଙ୍କର ବାହନ ହୋଇଥାଏ ; ଏପରି କୌଶଳୀ ଯାତ୍ରୀଙ୍କ ବାହନ ହେବାକୁ କିଏ ବା ମନା କରିବ ? ମୋର ମନେହେଲା—ପ୍ରକୃତ ବା ତା'ର ଅଂଶବିଶେଷ ଏଇ ସବୁ ମଞ୍ଜିର ଆକାର ଧରି ବୁଲୁଛି ଏହି ପଡ଼ିଆ ଛାଡ଼ି ମୋ ସଙ୍ଗେ ଭ୍ରମଣରେ ଯିବାକୁ ।

ସେଇ ବାହନଯାକ ଓ ମୁଁ ଏକସଙ୍ଗେ ଆଉ ଗୋଟାଏ ପାଚିରି ପାରି ହେଲୁ ଓ ବିଶ୍ରାମ କରିବା ସକାଶେ କିଛିଏ ବସିଲୁ । ସେତେବେଳେ ମୁଁ ଭାବୁଥାଏ ପ୍ରାଣର ରହସ୍ୟ ଖୋଜିବାର ଶ୍ରେଷ୍ଠ ବାଟ କଅଣ ? ସେଇ ମଞ୍ଜିଯାକ କିନ୍ତୁ ଚୁପ୍‌ଚାପ ଥାନ୍ତି ଏବଂ ତନ୍ମଧ୍ୟରୁ କେତେକ ପଥରର ସୂକ୍ଷ୍ମ ଫାଟ ଭିତରେ ଖସି ପଡ଼ିଥାନ୍ତି । ପାଖ ପଥର କଡ଼ରେ ଗୋଟାଏ ଶୁଆଁପୋକ ଭରଭର

ହୋଇ ଯାଉଥାଏ ; ତା'ଦେହ ଘନ ଲୋମରେ ଭର୍ତ୍ତି । ବହୁକାଳ ପରେ ତାର ଯେ କି ବିରାଟ ପରିବର୍ତ୍ତନ ଘଟିବ ସେ କଥା ତା'କୁ ଓ ମୋତେ ଅଜଣା ।

ଆଜି ମୋ କାମର ଶୁଭ ଆରମ୍ଭ ହୋଇ ନଥାଏ । ଜୀବନ୍ତ ପ୍ରାଣୀମାନେ ତ ପ୍ରାଣର ରହସ୍ୟ ଜାଣନ୍ତି ନାହିଁ । ପୁଣି ଏବେ ତ ବର୍ଷ ସରି ଆସୁଛି, ଗଛପତ୍ର ମରିବା ଉପରେ । ଏପରି ସମୟରେ ଜୀର୍ଣ୍ଣ, ମଳିନ ଚକ୍ଷୁ କୋଟର ଭିତରେ ସେ ପ୍ରଶ୍ନର ଉତ୍ତର ଖୋଜିବାର ସାର୍ଥକତା କଅଣ ? ଯେଉଁମାନେ ଏପରି ମନ୍ତବ୍ୟ କରନ୍ତି ତାଙ୍କ ମତରେ ଉପଯୁକ୍ତ ସମୟ ହେଉଛି—ବସନ୍ତକାଳ । ସେତେବେଳେ ପାଣିରେ ଥିବା ମୂଷା ଜାତୀୟ ପ୍ରାଣୀ ବା ପଥର ଅଢୁଆଳରେ ପତଙ୍ଗର ଝଙ୍କାର ଶବ୍ଦଠାରୁ ସେ ପ୍ରଶ୍ନର ସମାଧାନ ଦିଗରେ ସାହାଯ୍ୟ ମିଳିପାରେ । ସମ୍ପ୍ରତି କେତେବର୍ଷ ହେଲା ମୋର କିନ୍ତୁ ସନ୍ଦେହ ଜନ୍ମିଛି ଯେ, ଯେପରି ବିହନରେ, ସେହିପରି ଶୁଖିଲା ସଙ୍କୁଚିତ ନିଷ୍ପ୍ରାଣ ମଞ୍ଜି ଖୋଳରେ ମଧ୍ୟ ସେ ରହସ୍ୟର ସମାଧାନ ମିଳିପାରେ ।

ହେମନ୍ତ କାଳରେ ସବୁଜ ପତ୍ର ବା ପ୍ରକୃତି ସନ୍ତାନ ଜୀବନମାନଙ୍କର ପ୍ରାଣ ସ୍ପନ୍ଦନ ଆମର ମନୋଯୋଗ ବିକ୍ଷିପ୍ତ କରିବାକୁ ନଥାଏ । ବରଂ ପ୍ରକୃତିର ଅନ୍ଦର ମହଲରେ ଥିବା ଯନ୍ତ୍ରପାତି ଯଥା:—କଣ୍ଟା, ଡେମ୍ଫ, ବୃନ୍ତ, ପିଆଜ ପରି ଫୁଲ ପାଖୁଡ଼ା, ସରୁ ତାରପରି ତନ୍ତୁ, ଚକ୍ ଚକ୍ କରୁଥିବା କାଚର ଭର୍ତ୍ତି ପତ୍ରର ଥଳୀ ପ୍ରଭୃତି ପଦାକୁ ପଡ଼ିଯାନ୍ତି । ମନେହୁଏ କିଏ ସତେ ଏକ ବିରାଟ ବ୍ୟବଚ୍ଛେଦ କରିଆରେ ଚିରି ଫାଡ଼ି ଦେଇଛି । ଏଇଗୁଡ଼ାକ ହିଁ ସବୁଠାରୁ ବେଶି ପ୍ରୟୋଜନୀୟ । ଏସବୁରୁ ପ୍ରାଣ ଉଡ଼ିଯାଇଛି ବୋଲି ଏହାଙ୍କୁ ହେଳା କରିହେବ ନାହିଁ । ସେ ପ୍ରାଣ ବସନ୍ତ ବେଳକୁ ପୁଣି ଫେରିଆସିବ । ଲତା ପତ୍ର ଓ ସବୁଜର ଘେର ଭିତରେ ଏହାସବୁ ପୁଣି ଲୁଚି ପଡ଼ିବେ । କିନ୍ତୁ ତାହା ପୂର୍ବରୁ ଆମକୁ ମିଳେ ଏକ ଅତୁଳନୀୟ ସୁଯୋଗ । ରସ ଓ ଡାଳ ପତ୍ରର ଜଞ୍ଜାଳ ଏବେ ନ ଥିବାରୁ ଆମେ ଏଇ ଅବସରରେ ତୀକ୍ଷ୍ଣ ଦୃଷ୍ଟିରେ ପ୍ରାଣର ଆକାର ପରୀକ୍ଷା କରିପାରୁ । କ୍ରମଶଃ ବୁଢ଼ା ହେବାରୁ ମୁଁ ବେଶି ଶକ୍ତି ବ୍ୟୟ କରି ପାରେନା । ତେଣୁ ଏଇ ଋତୁରେ ମୁଁ ସବୁଠାରୁ ବେଶି ମନୋଯୋଗ ଦେଇ ଚୂଡ଼ାନ୍ତ ଚେଷ୍ଟା କରିବି ବୋଲି ଭାବୁଛି । ଝିଣ୍ଟିକାର ଶୁଖିଲା ଗୋଡ଼ରେ ଥିବା କରତ ପରି

ଦାନ୍ତଗୁଡ଼ାକର ରହସ୍ୟ ମୁଁ ଲକ୍ଷ୍ୟ କରିବି । ଅଥବା ଧୂଳି ରଙ୍ଗର ଛୋଟ ଛୋଟ ଗଛର ଶୁଖିଲା ଖଣ୍ଡରେ ଭର୍ତ୍ତି ସମୁଦ୍ରପରି ପଡ଼ିଆରେ ମୁଁ ଠିଆହୋଇ ଅନେକ ସମୟ ଧରି ଭାବିବି । ଏଇ ସବୁ ଅନାଦୃତ ମାଲମସଲାରୁ ହୁଏତ ରହସ୍ୟର ସୂତ୍ର ମିଳିବ । ଅଧ୍ୟବସାୟର ଅଭାବ ବା ବଡ଼ ଲୋକଙ୍କ ଉପହାସ ସକାଶେ ମୁଁ ଏ ସୁଯୋଗ ହରାଇବି ନାହିଁ । ଏବେ ମୁଁ ନିଶ୍ଚିତ ଜାଣେ ଯେ, ପ୍ରାଣ ସମ୍ବନ୍ଧରେ ଆଗର ଧାରଣା ଓଲଟି ଯାଇଛି । ସ୍କଟ୍‌ଲାଣ୍ଡର ଏକ ଯାଜକ କହିଲା ଭଳି ପ୍ରକୃତ 'ଯେତେ ସ୍ୱାଭାବିକ ହୁଏ ସେତେ ସ୍ୱାଭାବିକ ନୁହେଁ ।' ବହୁ ବର୍ଷ ଅଧିକ ଅଗମ୍ୟ ଅଞ୍ଚଳସବୁରେ ଆହୁରି କମ୍ ଅବିଶ୍ୱାସ୍ୟ ନମ୍ବର ଅନୁସନ୍ଧାନ କରିସାରି ସହର ତଳୀର ଏକ ଛୋଟ ପଡ଼ିଆରେ, ଏ ସତ୍ୟ ମୁଁ ଉପଲବ୍ଧି କରିଥିଲି ।

ଦିନେ ମଣିଷର ଧାରଣା ଥିଲା ଯେ ପୁରୁଣା କପଡ଼ାର ବୁଜୁଲାରୁ ଆପେ ଆପେ ମୂଷାମାନେ ଜନ୍ମି ପାରନ୍ତି । ଏଥିରେ ଖୁସି ଓ ଖାମଖିଆଲର ଉପାଦାନ ଏତେ ବେଶି ଥିଲା ଯେ ଲୋକେ ସେ ଧାରଣା ଛାଡ଼ିବାକୁ ଇଚ୍ଛୁକ ନ ଥିଲେ । ବିଶ୍ୱବ୍ରହ୍ମାଣ୍ଡରେ ଏତେ ଓଲଟପାଲଟ ହୁଏ ଯେ, ଏପରି ଆକସ୍ମିକ ଘଟଣାର ସମ୍ଭାବନା ସ୍ୱୀକାର କରି ହେଉଥିଲା । ଏଥିପାଇଁ ସ୍ଥିର କରିବାକୁ ପଡ଼ୁ ନ ଥିଲା ଯେ କେଉଁ ବକଲସ୍ ହାଡ଼ରେ ବା କେଉଁ ବୋତାମ ଆଖିରେ ପରିଣତ ହେଲା । ବାରିପଟ ଘରେ, ଧୋବାକୁ ଦେଇଥିବା ଲୁଗାପଟା ଭିତରେ ଏପରି ପରିବର୍ତ୍ତନ ନଜର କରି, ସେଥିଭିତରେ ଜୁଳୁ ଜୁଳୁ କରୁଥିବା ଆଖିଟିଏ ବା ହଲଚଲ ହେଉଥିବା ପ୍ରାଣୀକୁ ଲକ୍ଷ୍ୟକରି ହତବୁଦ୍ଧି ନହୋଇ ବରଂ ମାନିବା ସମ୍ଭବ ଯେ ଜୀବନ ଏକ ଅବିଶ୍ୱାସ୍ୟ ଇନ୍ଦ୍ରଜାଲ ।

ପ୍ରାଣିତତ୍ତ୍ୱର ଆଧୁନିକ ଓ ଉନ୍ନତ ପର୍ଯ୍ୟାୟ ଏବେ ଆରମ୍ଭ ହୋଇଛି । ଏହା ମଧ୍ୟ ଆବିଷ୍କୃତ ହୋଇଛି ଯେ, ପ୍ରାଣ ବିକାଶର ସୂତ୍ର ଧରି ପଛକୁ ଗଲେ, ଯାଇ ପହଞ୍ଚି ହେବ ପ୍ରାଗୈତିହାସିକ ଜଳାଭୂମିମାନଙ୍କରେ । ସେଇଠି ଆରମ୍ଭ ହୋଇଥିଲା କ୍ଷୁଦ୍ରାତିକ୍ଷୁଦ୍ର ପ୍ରାଣୀର ଜନ୍ମ । ଏହି ଦୁଇ କାରଣରୁ ଲୋକେ ମନୋଯୋଗ ଦେଇ ଆରମ୍ଭ କଲେ—କୋଷର ବିଶ୍ଳେଷଣ ଓ ବ୍ୟବଚ୍ଛେଦ । ସାମାନ୍ୟ ଏକ ଅସତର୍କ ମୁହୂର୍ତ୍ତରେ ଡାରୱିନ୍ ଆଶା କରି କହିଥିଲେ ଯେ,

ସମ୍ଭବତଃ କୌଣସି 'ଉଷ୍ମ ଶ୍ଳେଷ୍ମ ଗଡ଼ିଆ'ରେ ଅଜୈବ ପଦାର୍ଥରୁ ପ୍ରାଣର ଜନ୍ମ ହୋଇଥିଲା । ସେବନୁ ଆଜଯାଏ ପ୍ରାଣୀବିଜ୍ଞାନୀମାନେ ଜଡ଼ ପଦାର୍ଥରୁ ପ୍ରାଣ ସୃଷ୍ଟିର ବ୍ୟର୍ଥ ଚେଷ୍ଟାରେ ପ୍ରାଣସତ୍ତ୍ୱର ମୂଳ ପଦାର୍ଥକୁ ଚାଳି, ବିଶ୍ଳେଷଣ କରି ଛିନ୍ନଭିନ୍ନ କରି, ଚିରଫାଡ଼ି ଦେଖିଛନ୍ତି । ତଥାପି ସେ ପଦାର୍ଥ ମଣିଷକୁ ବେଖାତିର କରି ରହିଥାଏ । ସେତେବେଳେ ମନେହେଉଥିଲା ଯେ, ଖରି ସାଦାସିଧା ସ୍ତରମାନଙ୍କ ଭିତର ଦେଇ ଯଦି ଆମେ ପ୍ରାଣର ଅନ୍ୱେଷଣ କରୁ ତେବେ ଅନିବାର୍ଯ୍ୟ ଭାବରେ ନିଶ୍ଚୟ ଶେଷରେ ସେଇ ବିନ୍ଦୁରେ ପହଞ୍ଚିବା ଯେଉଁଠାରେ ସଠିକ୍ ରସାୟନିକ ଅବସ୍ଥା ଯୋଗୁ ଜଡ଼ ଓ ପ୍ରାଣ ଭିତରେ ଥିବା ରହସ୍ୟମୟ ସୀମରେଖା ହଟେଇ ଯିବ । ପ୍ରାଣ ସେ ପଦାର୍ଥର ବହିଃପ୍ରକାଶ—ଏହା ସ୍ପଷ୍ଟ ବୋଲି ବୋଧ ହେଉଥିଲା । କୌଣସିଠାରେ, କୌଣସି ସମୟରେ, କୌଣସି ପ୍ରକାରେ ଅଙ୍ଗାରାମ୍ଳର ରହସ୍ୟ ଘନ ରସାୟନରେ ଜନ୍ମର ସୁଦୀର୍ଘ ବିକାଶ ଆରମ୍ଭ ହୋଇଥିଲା ।

ଆଜିଠାରୁ ଶହେବର୍ଷ ଆଗରେ ଲୋକେ ଆଶା କରୁଥିଲେ ଯେ ସେ ରହସ୍ୟର ସମାଧାନ ତାଙ୍କର ଜୀବନକାଳରେ ଅଥବା ତାଙ୍କର ପୁଅଙ୍କ ଅମଳରେ ସମ୍ଭବ ହେବ । କିଛି ସମୟ ପରେ ପରେ ଲୋକେ ଦାବୀ କରୁଥିଲେ ଯେ ଜଡ଼ ପଦାର୍ଥରୁ ପ୍ରାଣର ଜନ୍ମ ଦେଖା ପଡ଼ିଛି । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରମାଣ ହେଉଥିଲା ଯେ, ତାହା ଦେଖିଥିବା ଲୋକ ଆତ୍ମପ୍ରତାରିତ ହୋଇଛନ୍ତି । ଏହା ସ୍ପଷ୍ଟ ହୋଇଛି ଯେ, ପ୍ରାଣର ରହସ୍ୟ ଖାମଖିଆଲି ଗବେଷଣାରେ ଧରା ପଡ଼ିବାର ନୁହେଁ ଓ ପ୍ରାଣର ବର୍ତ୍ତମାନ ରୂପ ପୂର୍ବବର୍ତ୍ତୀ ପ୍ରାଣ ଜରିଆରେ ବିକଶିତ ହୋଇଥିବା ସମ୍ଭବ । ତଥାପି, ପ୍ରାଣର ଉଦ୍ଭବ କିପରି ହେଲା ତାହା ବ୍ୟାଖ୍ୟା କରିବାର ପ୍ରବଳ ପ୍ରୟୋଜନ ଥିଲା । କାରଣ, ସେତେବେଳେ ବିଜ୍ଞାନକୁ ବିବ୍ରତ କରୁଥିଲା ଦୁଇଟି ଜିନିଷ—ପ୍ରଥମତଃ, ମନ ଓ ଜଡ଼ର ଦ୍ୱୈତତତ୍ତ୍ୱ ଓ ଦ୍ୱିତୀୟତଃ ଜୀବନ ଓ ଜଡ଼ଜଗତ ଭିତରେ ସମ୍ପୂର୍ଣ୍ଣ ଓ ଅଯୌକ୍ତିକ ସମ୍ପର୍କ ଛେଦ । ଯେତେଯେତେ ବର୍ଷ ବିତୁଥାଏ, ସେତେ ବଡ଼ ବଡ଼ ଅଣୁବୀକ୍ଷଣ ଯନ୍ତ୍ର ଓ ଆହୁରି ବଡ଼ ବିଶ୍ଳେଷଣର କଳପତ୍ର ଉଦ୍ଭାବିତ ହେଉଥାଏ । ତଥାପି, ଏସବୁ ସତ୍ତ୍ୱେ କେଲି ଟିଏ ଜୀବନ୍ତ ଅର୍ଦ୍ଧତରଳ ପଦାର୍ଥରେ ପ୍ରାଣର ରହସ୍ୟ ଲୁଚି

ରହିଥାଏ । ପ୍ରକୃତରେ ସେ ରହସ୍ୟ ଆହୁରି ଘନୀଭୂତ ହୋଇଥିଲା । କାରଣ, ଏହି ସବୁ ତୀବ୍ର ଚେଷ୍ଟା ଦେଖାଇ ଦେଲା ଯେ, ଯେଉଁ ଜୀବାଣୁକୁ ଲୋକେ ସାଦାସିଧା ବୋଲି ମଣୁଥିଲେ ତାହା ମଧ୍ୟ ଏକ ଜଟିଳ ସ୍ୱୟଂଶୃଙ୍ଖଳିତ ରାସାୟନିକ କାରଖାନାବିଶେଷ । ଆଗରେ ଧାରଣା ଥିଲା ଯେ, ତାହା ଏକା ସରଳ ରସପିଣ୍ଡ ମାତ୍ର, ତାହାର ରାସାୟନିକ ଉପାଦାନ ଜାଣିଲା ପରି ଆମେ ପ୍ରାଣ-ରହସ୍ୟ ସନ୍ଧିସ୍ଥ କରି ପାରିବୁ । କିନ୍ତୁ ସେ ଧାରଣା ସତ୍ୟର ଏକ ଦାରୁଣ ପରିହାସରେ ପରିଣତ ହେଲା ।

ଏଇସବୁ ଅନେକ ପ୍ରୟାସର ବିଫଳତା ହେତୁ ବିଜ୍ଞାନ ସାମନାରେ ଏକ ବିଭ୍ରାନ୍ତିକର ଅବସ୍ଥା ଉପୁଜିଲା । ପ୍ରାଣର ଉତ୍ସ ସମ୍ପର୍କରେ ଏପରି ସବୁ ତତ୍ତ୍ୱ ବତେଇବାକୁ ପଡ଼ିଲା ଯାହାକୁ ବିଜ୍ଞାନ ସୁସ୍ପଷ୍ଟଭାବରେ ପ୍ରମାଣ କରିବାକୁ ଅପାରଗ । ଉପାଖ୍ୟାନ ଓ ଅଲୌକିକ ଘଟଣା ଉପରେ ବିଶ୍ୱାସ ରଖିବାହେତୁ ଧର୍ମତାତ୍ତ୍ୱିକମାନଙ୍କୁ ବିଜ୍ଞାନ ସମାଲୋଚନା କରିଥାଏ । କିନ୍ତୁ ଏବେ ବିଜ୍ଞାନକୁ ନିଜର ଉପାଖ୍ୟାନ ଆରମ୍ଭ କରିବାକୁ ପଡ଼ିଲା ; ଯଥା—ବହୁ ଚେଷ୍ଟାରେ ଯାହା ସପ୍ରମାଣ ହୋଇପାରି ନ ଥାଏ, ତାହା ଆଦିମତମ ପ୍ରାଚୀନ କାଳରେ ଘଟି ଯାଇଥିଲା । ଏପରି କହିବା ବିଜ୍ଞାନ ପକ୍ଷରେ ଏକ ଅସହନୀୟ ଆସ୍ଥା—ସନ୍ଦେହ ନାହିଁ ।

ବିଜ୍ଞାନ ନିଜର 'ଉପାଖ୍ୟାନ' ରଚିଲା କହିବା ମୋ ପକ୍ଷରେ ଟିକିଏ ରୂଢ଼ ହୋଇପାରେ । କିନ୍ତୁ ପ୍ରାଣୀତତ୍ତ୍ୱର ଯେଉଁ ପ୍ରାଥମିକ ବହିସବୁ ସେତେବେଳେ ଲେଖାହୋଇ ଥିଲା ସେସବୁରୁ ଦେଖାଯାଏ ଯେ, ବେଳେ ବେଳେ ସେଇ ବିଜ୍ଞାନୀ ଲେଖକମାନଙ୍କର ସେପରି ଝୁଙ୍କ ଥିଲା—ଅସତର୍କ ପାଠକକୁ ସେମାନେ ବୁଝାଉଥିଲେ ଯେ ପ୍ରାଣର ଉତ୍ସ ବିଷୟରେ ରହସ୍ୟ କିଛି ନାହିଁ, ଯଦିବା କିଛି ଥାଏ ତେବେ ତାହା ଯତ୍‌ସାମାନ୍ୟ । ଏ ବିଷୟରେ ସେମାନେ ସେପରି ପାଠକଙ୍କ ମନରେ ଅତି ଦ୍ରୁତ କିନ୍ତୁ ଖୁବ୍ ନିଶ୍ଚିତ ଏକ ଧାରଣାର ସୃଷ୍ଟି କରୁଥିଲେ । ପ୍ରସଙ୍ଗ ନିର୍ଦ୍ଦେଶ ନକରି ଓ ମଧ୍ୟବର୍ତ୍ତୀ ସ୍ତରସବୁ ଉହ୍ୟରଖି ସେମାନେ ସେଇ ପାଠକ ମନରେ ଏକ ସହଜ ବୋଧ ଜାତ କରୁଥିଲେ ଯେ ଆଦିମ ପୃଥିବୀର କୁହୁଳୁଥିବା ଅବସ୍ଥାରୁ ବା ରାସାୟନିକ

ସମ୍ଭବତଃ କୌଣସି 'ଉଷ୍ମ ଛୋଟ ଗଡ଼ିଆ'ରେ ଅଜୈବ ପଦାର୍ଥରୁ ପ୍ରାଣର ଜନ୍ମ ହୋଇଥିଲା । ସେଦିନୁ ଆଜଯାଏ ପ୍ରାଣୀବିଜ୍ଞାନୀମାନେ ଜଡ଼ ପଦାର୍ଥରୁ ପ୍ରାଣ ସୃଷ୍ଟିର ବ୍ୟର୍ଥ ଚେଷ୍ଟାରେ ପ୍ରାଣସତ୍ତ୍ୱାର ମୂଳ ପଦାର୍ଥକୁ ଚାଳି, ବିଶ୍ଳେଷଣ କରି ଛିନ୍ନଭିନ୍ନ କରି, ଚିରଫାଡ଼ି ଦେଖିଛନ୍ତି । ତଥାପି ସେ ପଦାର୍ଥ ମଣିଷକୁ ବେଖାତିର କରି ଚାଲିଥାଏ । ସେତେବେଳେ ମନେହେଉଥିଲା ଯେ, ଖାଲି ସାଦାସିଧା ସ୍ତରମାନଙ୍କ ଭିତର ଦେଇ ଯଦି ଆମେ ପ୍ରାଣର ଅନ୍ୱେଷଣ କରୁ ତେବେ ଅନିବାର୍ଯ୍ୟ ଭାବରେ ନିଶ୍ଚୟ ଶେଷରେ ସେଇ ବିନ୍ଦୁରେ ପହଞ୍ଚିବା ଯେଉଁଠାରେ ସଠିକ୍ ରସାୟନିକ ଅବସ୍ଥା ଯୋଗୁ ଜଡ଼ ଓ ପ୍ରାଣ ଭିତରେ ଥିବା ରହସ୍ୟମୟ ସୀମରେଖା ଉଭେଇ ଯିବ । ପ୍ରାଣ ଯେ ପଦାର୍ଥର ବହିଃପ୍ରକାଶ—ଏହା ସ୍ପଷ୍ଟ ବୋଲି ବୋଧ ହେଉଥିଲା । କୌଣସିଠାରେ, କୌଣସି ସମୟରେ, କୌଣସି ପ୍ରକାରେ ଅଙ୍ଗାରାମ୍ଳର ରହସ୍ୟ ଘନ ରସାୟନରେ ଜନ୍ତୁର ସୁଦୀର୍ଘ ବିକାଶ ଆରମ୍ଭ ହୋଇଥିଲା ।

ଆଜିଠାରୁ ଶହେବର୍ଷ ଆଗରେ ଲୋକେ ଆଶା କରୁଥିଲେ ଯେ ସେ ରହସ୍ୟର ସମାଧାନ ତାଙ୍କର ଜୀବନକାଳରେ ଅଥବା ତାଙ୍କର ପୁଅଙ୍କ ଅମଳରେ ସମ୍ଭବ ହେବ । କିନ୍ତୁ ସମୟ ପରେ ପରେ ଲୋକେ ଦାବୀ କରୁଥିଲେ ଯେ ଜଡ଼ ପଦାର୍ଥରୁ ପ୍ରାଣର ଜନ୍ମ ଦେଖା ପଡ଼ିଛି । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରମାଣ ହେଉଥିଲା ଯେ, ତାହା ଦେଖିଥିବା ଲୋକ ଆତ୍ମପ୍ରତାରିତ ହୋଇଛନ୍ତି । ଏହା ସ୍ପଷ୍ଟ ହୋଇଛି ଯେ, ପ୍ରାଣର ରହସ୍ୟ ଖାମଖିଆଲି ଗବେଷଣାରେ ଧରା ପଡ଼ିବାର ନୁହେଁ ଓ ପ୍ରାଣର ବର୍ତ୍ତମାନ ରୂପ ପୂର୍ବବର୍ତ୍ତୀ ପ୍ରାଣ ଜରିଆରେ ବିକଶିତ ହୋଇଥିବା ସମ୍ଭବ । ତଥାପି, ପ୍ରାଣର ଉଦ୍ଭବ କିପରି ହେଲା ତାହା ବ୍ୟାଖ୍ୟା କରିବାର ପ୍ରବଳ ପ୍ରୟୋଜନ ଥିଲା । କାରଣ, ସେତେବେଳେ ବିଜ୍ଞାନକୁ ବିବ୍ରତ କରୁଥିଲା ଦୁଇଟି ଜିନିଷ—ପ୍ରଥମତଃ, ମନ ଓ ଜଡ଼ର ଦ୍ୱୈତତତ୍ତ୍ୱ ଓ ଦ୍ୱିତୀୟତଃ ଜୀବନ ଓ ଜଡ଼ଜଗତ ଭିତରେ ସମ୍ପୂର୍ଣ୍ଣ ଓ ଅଲୌକିକ ସମ୍ପର୍କ ଛେଦ । ଯେତେଯେତେ ବର୍ଷ ବିତୁଥାଏ, ସେତେ ବଡ଼ ବଡ଼ ଅଣୁବୀକ୍ଷଣ ଯନ୍ତ୍ର ଓ ଆହୁରି ବଡ଼ ବିଶ୍ଳେଷଣର କଳସବୁ ଉଦ୍ଭାବିତ ହେଉଥାଏ । ତଥାପି, ଏସବୁ ସତ୍ତ୍ୱେ କୋଷ ଭିତର ଜୀବନ୍ତ ଅର୍ଦ୍ଧତରଳ ପଦାର୍ଥରେ ପ୍ରାଣର ରହସ୍ୟ ଲୁଚି

ରହିଥାଏ । ପ୍ରକୃତରେ ସେ ରହସ୍ୟ ଆହୁରି ଘନୀଭୂତ ହୋଇଥିଲା । କାରଣ, ଏହି ସବୁ ତୀବ୍ର ଚେଷ୍ଟା ଦେଖାଇ ଦେଲା ଯେ, ଯେଉଁ ଜୀବାଣୁକୁ ଲୋକେ ସାଦାସିଧା ବୋଲି ମଣୁଥିଲେ ତାହା ମଧ୍ୟ ଏକ ଜଟିଳ ସ୍ୱୟଂଚାଳିତ ରାସାୟନିକ କାରଖାନାବିଶେଷ । ଆଗରୁ ଧାରଣା ଥିଲା ଯେ, ତାହା ଏକା ସରଳ ଜୀବପିଣ୍ଡ ମାତ୍ର, ତାହାର ରାସାୟନିକ ଉପାଦାନ ଜାଣିଲା କ୍ଷଣି ଆମେ ପ୍ରାଣ-ସୃଷ୍ଟିର ସନ୍ଧିସ୍ଥ କରି ପାରିବୁ । କିନ୍ତୁ ସେ ଧାରଣା ସଙ୍ଗୀର ଏକ ଦାରୁଣ ପରିହାସରେ ପରିଣତ ହେଲା ।

ଏଇସବୁ ଅନେକ ପ୍ରୟାସର ବିଫଳତା ହେତୁ ବିଜ୍ଞାନ ସାମନାରେ ଏକ ବିଭ୍ରାନ୍ତିକର ଅବସ୍ଥା ଉପୁଜିଲା । ପ୍ରାଣର ଉତ୍ସ ସମ୍ପର୍କରେ ଏପରି ସବୁ ତତ୍ତ୍ୱ ବଢ଼େଇବାକୁ ପଡ଼ିଲା ଯାହାକୁ ବିଜ୍ଞାନ ବିଶୁଦ୍ଧଭାବରେ ପ୍ରମାଣ କରିବାକୁ ଅପାରଗ । ଉପାଖ୍ୟାନ ଓ ଅଲୌକିକ ଘଟଣା ଉପରେ ବିଶ୍ୱାସ ରଖିବା ହେତୁ ଧର୍ମତାତ୍ତ୍ୱିକମାନଙ୍କୁ ବିଜ୍ଞାନ ସମାଲୋଚନା କରିଥାଏ । କିନ୍ତୁ ଏବେ ବିଜ୍ଞାନକୁ ନିଜର ଉପାଖ୍ୟାନ ଆରମ୍ଭ କରିବାକୁ ପଡ଼ିଲା ; ଯଥା—ବହୁ ଚେଷ୍ଟାରେ ଯାହା ସପ୍ରମାଣ ହୋଇପାରି ନ ଥାଏ, ତାହା ଆଦିମତମ ପ୍ରାଚୀନ କାଳରେ ଘଟି ଯାଇଥିଲା । ଏପରି କହିବା ବିଜ୍ଞାନ ପକ୍ଷରେ ଏକ ଅସହନୀୟ ଆସ୍ଥା—ସନ୍ଦେହ ନାହିଁ ।

ବିଜ୍ଞାନ ନିଜର 'ଉପାଖ୍ୟାନ' ରଚିଲା କହିବା ମୋ ପକ୍ଷରେ ଟିକିଏ ରୂଢ଼ ହୋଇପାରେ । କିନ୍ତୁ ପ୍ରାଣୀତତ୍ତ୍ୱର ଯେଉଁ ପ୍ରାଥମିକ ବହିସବୁ ସେତେବେଳେ ଲେଖାହୋଇ ଥିଲା ସେସବୁରୁ ଦେଖାଯାଏ ଯେ, ବେଳେ ବେଳେ ସେଇ ବିଜ୍ଞାନୀ ଲେଖକମାନଙ୍କର ସେପରି ଝୁଙ୍କ ଥିଲା—ଅସତର୍କ ପାଠକକୁ ସେମାନେ ବୁଝାଉଥିଲେ ଯେ ପ୍ରାଣର ଉତ୍ସ ବିଷୟରେ ରହସ୍ୟ କିଛି ନାହିଁ, ଯଦିବା କିଛି ଥାଏ ତେବେ ତାହା ଯତ୍ସାମାନ୍ୟ । ଏ ବିଷୟରେ ସେମାନେ ସେପରି ପାଠକଙ୍କ ମନରେ ଅତି ଭ୍ରାନ୍ତ କିନ୍ତୁ ଖୁବ୍ ନିଶ୍ଚିତ ଏକ ଧାରଣାର ସୃଷ୍ଟି କରୁଥିଲେ । ପ୍ରସଙ୍ଗ ନିର୍ଦ୍ଦେଶ ନକରି ଓ ମଧ୍ୟବର୍ତ୍ତୀ ସ୍ତରସବୁ ଉହ୍ୟ ରଖି ସେମାନେ ସେଇ ପାଠକ ମନରେ ଏକ ସହଜ ବୋଧ ଜାତ କରୁଥିଲେ ଯେ ଆଦିମ ପୃଥିବୀର ଫୁଟୁଥିବା ଅବସ୍ଥାରୁ ବା ରାସାୟନିକ

ଉପାଦାନର ସବୁ ଭଣ୍ଡାର ପରି ସମୁଦ୍ର ଗର୍ଭରୁ ପ୍ରାଣର ଉତ୍ପତ୍ତି ଜୀପର ନିମ୍ନ ଶ୍ରେଣୀର ଜୀବର ଜନ୍ମ ଦେଇଥିଲା ।

ଉଡ୍‌ଗାର ନାମକ ବିଶିଷ୍ଟ ଇଂରେଜ ପ୍ରାଣୀବିଜ୍ଞାନୀ ଏଇ ମନୋଭାବକୁ ଖର ସମାଲୋଚନା କରିଛନ୍ତି । କେତେକ ବର୍ଷତଳେ ସେ ମନ୍ତବ୍ୟ କରିଥିଲେ ଯେ, 'ଆଜି ଅଜୈବ ଜୈବ ଉପାଦାନର ସମିଶ୍ରଣ ବା ପର୍ଣ୍ଣଶ୍ୟାମ କଣିକା ପ୍ରକୃତି ରାଜ୍ୟରେ ଆପେ ଆପେ ଉତ୍ପନ୍ନ ହୁଏନା କିମ୍ବା ବଞ୍ଚି ରହିବାର ଚେଷ୍ଟା କରେ ନା । ତେଣୁ, ଏପରି ତତ୍ତ୍ୱ ଗଢ଼ି ତୋଳିବାର ପ୍ରୟୋଜନ ଅଛି ଯେ, ପ୍ରକୃତିର ରାଜ୍ୟରେ ଏପରି ଏକ ଅବସ୍ଥା ଥିଲା ଯହିଁରେ ଉପରୋକ୍ତ ଘଟଣା ଘଟିଥିଲା । ଯଦିଓ ପ୍ରକୃତି ସମ୍ବନ୍ଧରେ ଆମର ବର୍ତ୍ତମାନ ଜ୍ଞାନରୁ, ଏପରି ଅନୁମାନ କରିବାର ଅବକାଶ ସ୍ୱଳ୍ପ । ଏହା ମତାନ୍ଧତା ଛଡ଼ା ଆଉ କିଛିନୁହେଁ ; କଳ୍ପନାରେ ଯାହା ଘଟିଛି ବୋଲି ବିଶ୍ୱାସ କରୁ,ତାହା ପ୍ରକୃତରେ ଘଟିଛିବୋଲି ଦାବୀ କରିବା ମତାନ୍ଧତା ଛଡ଼ା ଆଉ କଅଣ ?'

ତଥାପି, ଯଦି ଆମେ ପୃଥିବୀ ପୃଷ୍ଠରେ ପ୍ରାଣଜନ୍ମ ସମ୍ବନ୍ଧରେ ଅତି ପ୍ରକୃତ ବ୍ୟାଖ୍ୟା ନ ଦେବା ବା ବୈଜ୍ଞାନିକ ମତରେ ସନ୍ଦେହ ଜନକ ଦ୍ୱୈତ-ତତ୍ତ୍ୱର ପୁଣି ଅବତାରଣା ନ କରିବା, ତେବେ ଅନିବାର୍ଯ୍ୟ ଭାବରେ ସେ ସମ୍ବନ୍ଧରେ ମାତ୍ର ଦୁଇଟି ମାତ୍ର ସମ୍ଭାବ୍ୟ କାରଣର ବିଚାର କରିବାକୁ ଆମେ ବାଧ୍ୟ ହେବୁ— ଏହାର ପ୍ରଥମଟି ଏବେ ବି ପୂରାପୂରି ବାତିଲ୍ ନ ହେଲେହେଁ ବର୍ତ୍ତମାନ ଚାଲୁ ରଖିବା କଷ୍ଟକର । ଯେତେବେଳେ ଏ ତତ୍ତ୍ୱ ପ୍ରଥମେ ଅବତାରଣା କରାଯାଇଥିଲା ସେତେବେଳ ଅପେକ୍ଷା ଏହା ଗ୍ରାହ୍ୟ ହେବା ବିପକ୍ଷରେ ଆହୁରି କଠିନ ଯୁକ୍ତି ଏବେ ଜୁଟିଲାଣି । ଏ ତତ୍ତ୍ୱ ହେଲା—ଲର୍ଡ କେଲ୍‌ଭିନ ଓ ସ୍ୱାଣ୍ଟେ ଆର୍ହେନି-ଆସଙ୍କର ଧାରଣା । ତାଙ୍କ ମତରେ ପ୍ରାଣର ଉତ୍ପତ୍ତି ଏ ପୃଥିବୀରେ ଘଟି ନାହିଁ । ମହାକାଶର ଗଭୀରରୁ ତାହା ଏଠାକୁ ଭାସି ଆସିଛି । ସେମାନଙ୍କର ଯୁକ୍ତିରେ— କ୍ଷୁଦ୍ରାତିକ୍ଷୁଦ୍ର ଅଣୁପରିମାଣ ରେଣୁ କଠିନତମ ଥଣ୍ଡା ସହ୍ୟ କରିପାରେ ଏବଂ ତାହା ଉଲ୍‌କା ପିଣ୍ଡର ଧୂଳିସଙ୍ଗେ ଆମ ବାୟୁମଣ୍ଡଳ ଭିତରେ ପଶିଥିବ ଅଥବା ଆଲୋକର ଚାପ ଯୋଗୁଁ ପୃଥିବୀର କକ୍ଷପଥ ଭିତରକୁ ଆସି ଯାଇଥିବ । ଏଇ ମତ ଅନୁସାରେ ଜୀବର ବଢ଼ିବା ପାଇଁ ସୁବିଧା ଥିବା ଜମିରେ 'ପୋତା' ହୋଇ

ସେଇ ବୀଜ ନିଜର ଉଦ୍‌ବର୍ତ୍ତନ, ପରିବର୍ଦ୍ଧନ ଓ ପାରିପାର୍ଶ୍ୱିକ ସଙ୍ଗେ ସାମଞ୍ଜସ୍ୟ ସାଧନ କରି ଚାଲିଥିଲା ଓ ତହିଁରୁ ପରେ ଉଚ୍ଚତର ଶ୍ରେଣୀର ସଜୀବ ପଦାର୍ଥର ଉତ୍ପତ୍ତି ହେଉଥିଲା ।

ସେ ଯୁଗର ବିଜ୍ଞାନୀମାନଙ୍କୁ ବିବ୍ରତ କରୁଥିବା ଏକ ସମସ୍ୟାରୁ ପରିତ୍ରାଣର ପଥ ଦେଖାଇଥିବାରୁ ଏପରି ମତବାଦ ଯଥେଷ୍ଟ ଚିତ୍ତାକର୍ଷକ ଥିଲା । କିନ୍ତୁ ସତ୍ୟ ହୋଇଥିଲେ ବି ଏହା କିଛି ହେଲେ ବ୍ୟାଖ୍ୟା କରେ ନାହିଁ ! ପ୍ରାଣର ସ୍ୱରୂପକୁ ଏହା ପ୍ରାଞ୍ଜଳ କରେ ନାହିଁ । କେବଳ ଉତ୍ପତ୍ତିର ଅସୁବିଧାଜନକ ସମସ୍ୟାକୁ ଏହା ସେଇ ସୁଦୂର ବ୍ୟୋମ ବା ତହିଁରେ ଥିବା ଗ୍ରହମାନଙ୍କୁ ଘେନିଯାଏ ମାତ୍ର, ଯେଉଁଠାକୁ ଆମେ କେବେହେଲେ ପଶି ପାରିବୁ ନାହିଁ । ପୃଥିବୀର ରାସାୟନିକ ଉପାଦାନମାନଙ୍କର ସମ୍ମିଶ୍ରଣ ତ ପ୍ରାଣ ନିଶ୍ଚୟ ବ୍ୟବହାର କରେ । ତେଣୁ, ପ୍ରାଣର ଜନ୍ମ ପ୍ରକୃତରେ ଏଇ ପୃଥିବୀରେ ଘଟିଥିଲା — ଏପରି ମତବାଦ ଘେନି ଆଗେଇବା ଶ୍ରେୟସ୍କର ମନେହୁଏ, ଅନ୍ତତଃ ଯେତେଦିନ ପର୍ଯ୍ୟନ୍ତ ଅକାଟ୍ୟ ଯୁକ୍ତି ଏହା ଖଣ୍ଡନ କରେ । ବର୍ତ୍ତମାନର ବିଶ୍ୱବ୍ରହ୍ମାଣ୍ଡର ସ୍ଥିତି ସୀମିତ କାଳପରିଧିରେ ଆବଦ୍ଧ ଥିବା କଥା ଏବେ ବହୁ ପ୍ରଚଳିତ । ଆହୁରି ମଧ୍ୟ ସୂର୍ଯ୍ୟରୁ ବିଚ୍ଛୁରିତ ଆଲୁଅ କୌଣସି ଆବରଣର ଭିତର ଦେଇ ନ ଆସିଲେ ନିଶ୍ଚୟ ପ୍ରାଣସଂହାରକ ହେବ । ବ୍ୟୋମର ଅସୀମ ମହାଶୂନ୍ୟ ପାରିହୋଇ ପୃଥିବୀକୁ ପ୍ରାଣର ଆମଦାନୀ ହେବାର ସମ୍ଭାବନା ଏ ଦୁଇଟି ତତ୍ତ୍ୱ ଖୁବ୍ ଊଣା କରିଦିଏ । ତେଣୁ, ପୁଣି ଆମେ ଯେଉଁ ଅବଶିଷ୍ଟ ତତ୍ତ୍ୱଟିକୁ ପରୀକ୍ଷା କରିବାକୁ ବାଧ ହେଉ, ତାହା ହେଲା—ପ୍ରାଣ ଓ ଜଡ଼ପଦାର୍ଥ ସମାର୍ଥକ ନ ହେଲେହେଁ, ପ୍ରାଣ ଜଡ଼ପଦାର୍ଥରୁହିଁ ଜନ୍ମିଛି ।

ଗୋଟିଏ ମାତ୍ର ପ୍ରାଣକୋଷବିଶିଷ୍ଟ ଯେଉଁ ସବୁ ଜୀବନିକା ରାସ୍ତା କଡ଼ର ଗାଡ଼ିଆମାନଙ୍କରେ କଲବଲ କରନ୍ତି, ସେମାନେ ପ୍ରାଣର ସରଳତମ ଆକୃତି ନୁହନ୍ତି । ଯଦିଓ ଅଣୁ ପରିମାଣ ହେଲେହେଁ, ଆଜି ଆମେ ଜାଣିବାମତେ ଏମାନେ ପ୍ରକୃତରେ ଜଟିଳ ଓ ପାରିପାର୍ଶ୍ୱିକ ସଙ୍ଗେ ଉଚ୍ଚାଙ୍ଗର ସାମଞ୍ଜସ୍ୟ କରି ସାରିଛନ୍ତି, ତେବେ ଜୀବନ୍ତ ଓ ଜଡ଼ ପଦାର୍ଥ ଭିତରେ ମିଳୁ ନଥିବା ଯୋଗସୂତ୍ର ହେଲା ଭଳି ଜିନିଷଟିଏ ଖୋଜିବାକୁ ଆମେ କେଉଁଆଡ଼େ ମନ

ବଳାଇବା ? ମିଳୁନଥିବା ଯେତେ ଯେତେ ଯୋଗସୂତ୍ର ଅଛି, ଏହା ତ ସେଥିମଧ୍ୟରେ ସବୁଠାରୁ ବଡ଼ । ଏଇ ସମସ୍ୟା ଲାଗିହିଁ ମୁଁ ସୁଇଚ୍‌ବୋର୍ଡ଼ରେ ଓ ବୁଦା ହୋପ ଭିତରେ ନିରର୍ଥକ ଭାବରେ ବୁଲେ, ହେମନ୍ତ ଶେଷର ଝଡ଼ପଡ଼ ଅଣ୍ଡ୍ରାଟେଲ, ଶୁଖି ଆସୁଥିବା ଗଛ ଗୁଳ ଭିତରେ ପୋକମାନଙ୍କୁ ପଚାରିବାକୁ ଚେଷ୍ଟା କରେ । ମୁଁ ଜାଣେ ଯେ ଏହା ସବୁ ପୁରୁଣା ଧରଣର ପ୍ରକୃତିବେତ୍ତାଙ୍କ ପ୍ରଣାଳୀ ଓ ଗବେଷଣାଗାରରେ କାର୍ଯ୍ୟବ୍ୟସ୍ତ ତରୁଣମାନଙ୍କର ଏଥିପାଇଁ ଧୈର୍ଯ୍ୟ ନାହିଁ । ଆହୁରିମଧ୍ୟ ଏମାନଙ୍କମଧ୍ୟରୁ ଅନେକେ ସ୍ଫଟିକସ୍ୱଚ୍ଛ ବିଷାକ୍ତ ଜୀବାଣୁମାନଙ୍କୁ ବିଶ୍ଳେଷଣ କରି ଚମତ୍କୃତ ହୁଅନ୍ତି ଏବଂ ଆଜିଯାଏ ମଣିଷ ନ ଦେଖିଥିବା ଅଜଣା ପରମାଣୁ ପ୍ରମାଣ ଜୀବମାନଙ୍କ ଉପରେ 'ଇଲେକ୍‌ଟ୍ରନ୍' ଅଣୁବୀକ୍ଷଣ ନାମକ ଚମକପ୍ରଦ ଯନ୍ତ୍ର ବୁଲାଇ ଦେଖନ୍ତି । ପ୍ରାଣକୋଷର ଅଧ୍ୟୟନ ପ୍ରବର ଏହି ଦୃଶ୍ୟ ଦେଖି ସେମାନଙ୍କ ମଧ୍ୟରୁ କେତେକ ସନ୍ତୁଷ୍ଟ ହୁଅନ୍ତି ଏବଂ ପ୍ରାଣର ଚୂଡ଼ାନ୍ତ ପରିଣତି ପଥରେ ବିଷାକ୍ତ ଜୀବାଣୁମାନଙ୍କୁ ମଧ୍ୟବର୍ତ୍ତୀ ଅବସ୍ଥା ବୋଲି ମନେ କରନ୍ତି । ତାହା ହୋଇପାରେ; କିନ୍ତୁ ଝଡ଼ିପଡ଼ୁଥିବା ଡେଙ୍ଗ ଓ ଭଙ୍ଗାରୁନା ବୁଢ଼ିଅଣୀ ଜାଲରେ ଯେତେବେଳେ ପତଳା କୁହୁଡ଼ିର ଘେର ସୃଷ୍ଟି ବସୁଥାଏ ଓ ତାହା ମଧ୍ୟରେ ମୁଁ ବୁଲୁଥାଏ, ସେତେବେଳେ ମୋର ମନରେ ଏକ ଅସ୍ୱସ୍ତିତା ଖେଳୁଥାଏ, ମୁଁ ସାନ୍ତ୍ୱନା ପାଏ ନାହିଁ ।

ମୋ ମନରେ ସନ୍ଦେହ ହେଲାଣି ଯେ, ବିକାଶର ସୋପାନଶ୍ରେଣୀ ଧରି ତଳକୁ ଓହ୍ଲାଇ ପ୍ରାଣର ଉତ୍ପତ୍ତି ଖୋଜିବାରେ ଏଇ ପନ୍ଥା ସୁନ୍ଦର ଓ ଶିକ୍ଷାମୂଳକ ହେଲେହେଁ, ହୁଏତ ଆମକୁ ଚରମ ରହସ୍ୟର ସମାଧାନରେ ସାହାଯ୍ୟ କରିବ ନାହିଁ । ପ୍ରକୃତରେ ପ୍ରାଣର ଜନ୍ମ ଯେ ଆଦିମ ଅର୍ଦ୍ଧତରଳ ଦ୍ରାବରେ ବା ଶେଷତମ ରସାୟନିକ ଉପାଦାନ ଭିତରେ ହୋଇଥିଲା—ଏ ବିଷୟରେ ମୋର ଆଉ ବିଶ୍ୱାସ ନାହିଁ । ମୁଁ ଜାଣେ ଯେ ଏପରି କହିବାର ଅର୍ଥ ହେଉଛି ପ୍ରତିଷ୍ଠିତ ମତ ବିରୁଦ୍ଧରେ ବିଦ୍ରୋହ କରିବା ଓ ସୂକ୍ଷ୍ମତମ ଇସ୍ପାତରେ ତିଆରି ଅଣୁବୀକ୍ଷଣ ଯନ୍ତ୍ର ଏବଂ ତହିଁରେ ନିଯୁକ୍ତ ଗବେଷକମାନଙ୍କଠାରେ ଆସ୍ଥାର ଅଭାବ ଘୋଷଣା କରିବା । ବୈଜ୍ଞାନିକ ଉଦ୍ୟମର ନିନ୍ଦା କରି କିଛି କହିବା ଆଦୌ ମୋର ଉଦ୍ଦେଶ୍ୟ ନୁହେଁ । କାରଣ ଏହା ସରଳ ସତ୍ୟ ଯେ, ସୂକ୍ଷ୍ମତମ ଇସ୍ପାତ

ଓ ଅଣୁବୀକ୍ଷଣ ଯନ୍ତ୍ର ବ୍ୟତୀତ ମୁଁ ଆଉ କିଛି କହି ନପାରେ । କିନ୍ତୁ ମୁଁ ଏତିକି ମାତ୍ର କହିବି ଯେ, ଏଇ ସବୁ ମଞ୍ଜି, ପୋକଙ୍କର ଗୋଳ ଓ ଲମ୍ବା ହୋଇଥିବା ଡିମ୍ବିକାର ଗୋଡ଼ମାନଙ୍କରେ ମୁଁ ଏପରି କିଛି ଆବିଷ୍କାର କରେ ଯାହାର ପ୍ରାଞ୍ଜଳ ବ୍ୟାଖ୍ୟା ଚରମ ବିପାକ୍ତ ଜୀବାଣୁ ବା ସ୍ଫଟିକ-ସ୍ଥୂଳ ଜୀବାଣୁ କିମ୍ବା ପ୍ରୋଟିନ କଣିକାର ସନ୍ଧାନରେ ଏବେ କରାଯାଉଥିବା ବିଶ୍ଳେଷଣ ଭିତରେ ମିଳିବ ନାହିଁ । ଅର୍ଥାତ୍ ପ୍ରାଣଜନ୍ମର ରହସ୍ୟ ଯଦିବା ଏଇସବୁ ବସ୍ତୁମାନଙ୍କରେ ନିହିତ ଥାଏ, ତଥାପି ମୋର ମନେ ହୁଏ ନାହିଁ ଯେ ଆମେ ଯେଉଁ ଧରଣର ବୈଜ୍ଞାନିକ ବିଶ୍ଳେଷଣ କରିବାକୁ ସମର୍ଥ ସେଥିରେ ସେ ରହସ୍ୟର ଆବିଷ୍କାର ସମ୍ଭବ ।

ଧରାଯାଉ ଆମେ ଏକ ଯାଦୁକରର ଶିଳ୍ପରୁ ଐନ୍ଦ୍ରଜାଲିକ ତରଳ ପଦାର୍ଥ ପାନ କରିଛୁ । ସେଇ ଶକ୍ତିବଳରେ ସମୟଧାରାର ଓଲଟାଆଡ଼େ ଅତୀତକୁ ଆମେ ଗତି କଲୁ । ଯେଉଁ ପ୍ରକାର ପାହାଚଗୁଡ଼ାକ ଧରି ମଣିଷ ଜାତି ବିକାଶ ପଥରେ ଉପରକୁ ଉଠିଛି, ତାହା ସାହାଯ୍ୟରେ ଆମେ ସମସ୍ତ ଗର୍ଭର ତଳକୁ ଓହ୍ଲାଇ ଗଲୁ । ସମସ୍ତର ସବୁଠାରୁ ତଳ ପାହାଚରେ ପହଞ୍ଚିବା ପାଇଁ ଆମକୁ କଅଣ ନ କରିବାକୁ ପଡ଼ିବ ! ପେଟେଇ ହୋଇ, ସରୀସୃପ ପରି ପେଟ ଉପରେ ମାଡ଼ି ମାଛର କାତି ଓ ଡେଣା ପରି ଅଙ୍ଗ ସାହାଯ୍ୟରେ ହୁଏତ ଆମେ ସବୁଠାରୁ ଆଦିମ ସେଇ କାଦୁଅ ଓ ଚକଟା ରସରେ ପହଞ୍ଚିଲୁ ଯହିଁରୁ ଦିନେ ପ୍ରାଣର ବିକାଶ ଆରମ୍ଭ ହୋଇଥିଲା । ଓହ୍ଲାଉ ଓହ୍ଲାଉ ଆମେ ଶୁଣିବୁ ଦୂରର ପରି ପ୍ରାଣୀର ଶୁଁ ଶୁଁ ସ୍ୱର ବା ଶେଷହୋଇ ଆସୁଥିବା 'ଫର୍ଣ୍ଣ' ଜାତୀୟ ଗଛର ପତ୍ରତଳେ ସରୀସୃପଙ୍କର ଅବ୍ୟକ୍ତ ଫଁ ଫଁ ଧ୍ୱନି । ଦୃଷ୍ଟି ଓ ଶ୍ରବଣ ଶକ୍ତିହୀନ ହୋଇ ଆମେ ପ୍ରାଚୀନତମ ପୃଥିବୀର ପାଣିରେ ଖୋଜି ଖୋଜି ଖାଦ୍ୟ ସିନା ଅନୁଭବ କରୁଥିବୁ କିନ୍ତୁ ଦେଖିପାରୁ ନ ଥିବୁ । ସରୁ ଓ ଲମ୍ବା ଶୁଣ୍ଢ ବିସ୍ତାର କରି ସେଇ ପାଣିରେ ଭାସୁଥିବା ଜୀବାଣୁମାନଙ୍କର ଆସ୍ୱାଦର ଆଭାସ ପାଉଥିବୁ । ତଥାପି, ସେଇ କମୂତକମାକାର ଅବସ୍ଥାମାନଙ୍କରେ ବି ଆମର 'ଅହଂ' ଭାବ ରହିବ । ପିଚ୍ଛିଳ କଣିକା, ରସଦ୍ରାବ ଓ ଉଦ୍‌ବର୍ତ୍ତନ ଧାରାରେ ବିଭିନ୍ନ ପରିବର୍ତ୍ତନ ଶୀଳ ଆକାର ସବୁରେ ଏକ ସୁନ୍ଦର ଭାବରେ ଖଞ୍ଜା ହୋଇଥିବା

ପରିକଳ୍ପନାର ଆସ୍ୱାଦ ମିଳିବ । ସେ ପରିକଳ୍ପନାର ଏକମାତ୍ର ଲକ୍ଷ୍ୟ — ଆମର ସଂରକ୍ଷଣ । ଏଇ 'ଆମ'ର ସତ୍ତା-ସେତେବେଳେ ନିହିତ ଥିଲା ଏକ ଜୀବାଣୁ ଭିତରେ, ତାହିଁରେ ଥିଲା ଅକଳ୍ପନୀୟ ଭବିଷ୍ୟତର ସମ୍ଭାବନା । ଠିକ୍ ଏହିପରି ଭାବରେ ଆଦିମ ପାଣିରୁ ପ୍ରତ୍ୟେକ ମଣିଷ ଉପରକୁ ଉଠିଆସେ ।

କିନ୍ତୁ ଯଦି କୌଣସି ଏକ ମୁହୂର୍ତ୍ତରେ ସେଇ ଯାଦୁକର କୂଅ ଭିତରେ ନଇଁ ଚଳେ ଥିବା ଆମକୁ ଡ଼ାକି ପାଟି କରିବ 'କହ ! କେଉଁ ରାସ୍ତାରେ ଓହ୍ଲାଇଲ, କହ ।' ତେବେ ଆମେ ତ ତାକୁ ଜବାବ ଦେଇ ପାରିବୁ ନାହିଁ ! ଏହାହିଁ ହେଉଛି ସବୁଠାରୁ ବଡ଼ ରହସ୍ୟ ! ଆମକୁ ଅନୁଭୂତ ସବୁ ଯିନା ଜଣାପଡ଼େ, କିନ୍ତୁ ଦେହର ପ୍ରକ୍ରିୟା ଆମର ଆୟତ୍ତ ନୁହେଁ । ଯେଉଁ ଦେହ ଭିତରେ ଆମ ସତ୍ତାର ବାସ, ସେଇ ଆମର ଦେହର କ୍ରିୟାସବୁ ଆମେ ବର୍ଣ୍ଣନା କରିବାକୁ ଅକ୍ଷମ । ଯେଉଁସବୁ ଅଣୁପରମାଣୁରେ ଆମ ଦେହ ଗଢ଼ା, ସେମାନଙ୍କର ଡେଇଁବା ବୁଲିବା, ନାଚିବା ଆୟତ୍ତ କରିବା ଦୂରରେ ଥାଉ, ତାଙ୍କର ଚରିତ୍ର ମଧ୍ୟ ଆମେ କହି ପାରୁନା । ଆମେ କହି ନପାରୁ କାହିଁକି ଏକ ବିଶେଷ ଧାରାରେ ସେମାନେ ନାଚନ୍ତି, ଅଥଚ ଆମେ ପ୍ରତ୍ୟେକ ସେଇ ବିଭିନ୍ନ ନର୍ତ୍ତନର ସମଷ୍ଟି ଛଡ଼ା ଆଉ କଅଣ ? ଆମେ ଏକଥା ମଧ୍ୟ କହିପାରୁ ନା ଯେ, ଶତାବ୍ଦୀ ସହସ୍ରାବ୍ଦୀ ଧରି ଉଦ୍‌ବର୍ତ୍ତନର ଦୀର୍ଘ ଯାତ୍ରାପଥରେ ସେମାନଙ୍କର ନର୍ତ୍ତନ ବିଭିନ୍ନ ରକମର ପ୍ରାଣୀଦେହ ଭିତରେ ପରିବର୍ତ୍ତିତ ହୋଇ ଆସିଛି । ଏଇ ହେତୁରୁ ମୁଁ ଆଉ ପ୍ରାଣ ଉତ୍ସର ଆଦିମତମ କଣିକା ସମ୍ବନ୍ଧରେ ଉତ୍ସୁକ ନୁହେଁ । ତାହାର ସନ୍ଧାନରେ ଆମେ ଯେତେ ଖୁସି ବ୍ୟସ୍ତ ହୋଇପାରୁ, ଯେତେକାଳ ଖୁସି ଆମେ ତା'କୁ ଅନ୍ୱେଷଣ କରିପାରୁ । ସେଇ ଗବେଷଣାରୁ ଆମେ ଜାଣିପାରୁ ଯେ, ତାହା ଝିଟିକ ଖଣ୍ଡ ପରି 'ପ୍ରୋଟିନ୍' ପଦାର୍ଥରେ କିପରି ପରିଣତ ହୁଏ ଏବଂ ଏଇ ପରିବର୍ତ୍ତିତ ରୂପରେ ତାହାକୁ କେତେଦୂର ଯାଏ ପ୍ରାଣର ପ୍ରାୟ ପ୍ରଥମରୂପ ବୋଲି କହି ହେବ । ଆମର ସମସ୍ତ ମନୀଷା ନିୟୋଜିତ କରି ଆମେ ସେଇ ପ୍ରାଚୀନ, ଆଦିମ ଅତୀତକୁ ଫେରି ଯାଇପାରୁ । ଏପରି କି ସେଥିରେ ସଫଳ ହୋଇ ଆହୁରି ଅତୀତରେ ସୂର୍ଯ୍ୟ ଯେଉଁ ଉଦଯାନ ଦେହରୁ ଜନ୍ମିଥିଲା ସେଥିରେ ମଧ୍ୟ ଆମର ଅସ୍ତିତ୍ୱ ଆବିଷ୍କାର କରିପାରୁ । ତା' ହେଲେ, ଏଇ ବିଶ୍ଳେଷଣର

ଯୁଗର ବୈଶିଷ୍ଟ୍ୟ ଅନୁଯାୟୀ, ଆମେ ନିଶ୍ଚୟ ଚୂଡ଼ାନ୍ତ ବିଶ୍ଳେଷଣରେ କୃତକାର୍ଯ୍ୟ ହୋଇପାରୁ । କିନ୍ତୁ, ତଥାପି ମେଘର ଘେର ସେଇ ରହସ୍ୟକୁ ଘୋଡ଼ାଇ ରଖିବ । ଅସଭ୍ୟ ଆଦିବାସୀଙ୍କ ଭାଷାରେ କହିହେବ ଯେ—ସେ ରହସ୍ୟ 'ଅନ୍ଧାରର ଅଣ୍ଡା' ଭିତରେ ରହିଛି ।

କେବଳ ଗୃହିନ ପଡ଼ିବା ପରେ ଏଇ ପଡ଼ିଆର କଡ଼େ କଡ଼େ ତାହାର ସାମାନ୍ୟ ଫୁସ୍‌ଫାସ୍ ଶୁଣାଯାଏ । ଗୋଟିଏ ଅପରାହ୍ଣର କଥା ତ ମୁଁ କେବେ ହେଲେ ଭୁଲି ପାରିବି ନାହିଁ । ଗୋଟାଏ କଳାସାପ ପଡ଼ିଆର ଘାସ ଭିତରେ ଖସିଗଲେ ଉତ୍ପନ୍ନ ହେଉ ହେଉ କଅଣ କେଜାଣି ଭାବୁଥିଲି । ଆଦିମ ଅନ୍ଧାର ଗର୍ଭର ଏକ ଗୁପ୍ତସ୍ୱପ୍ନ ପରି ତାହା ମୋତେ ବୋଧହେଲା । ସେ ତରବର ନ ହୋଇ ଧୀରେ ସୁସ୍ଥେ ଖସି ଚାଲିଗଲା । ଚମତ୍କୃତ ହୋଇ ତା'ଠାରୁ ସାମାନ୍ୟ ଦୂରରେ ରହି ମୁଁ ତାର ପଛେ ପଛେ ଗଲି । କାରଣ, ପ୍ରାଣ—ରହସ୍ୟର ଯେଉଁ ନିଜସ୍ୱ ଗୋପନ କଥା ଯେବେ ସେ ଚାଲିଯାଉଥାଏ ତା' ସଙ୍ଗେ ସଙ୍ଗେ ଯାଏ ତା'ର ଚିକ୍‌କଣ ଚମର ଏପରି ଏକ ଭୟପ୍ରଦ ଔଜ୍ଜ୍ୱଲ୍ୟ ଯେ ମୁଁ ମନେ ମନେ ଦବି ଯାଉଥାଏ । କିନ୍ତୁ ମୁଁ ତା'କୁ ଭଲ ଭାବରେ ଲକ୍ଷ୍ୟ କରିଥିଲି, ମୋର ପଡ଼ୋଶୀ ଘରର ପାଚୀରେ ପଥରଗୁଡ଼ାକ ଭିତରେ ସେ ଲୁଚିଗଲା । ତା' ସଙ୍ଗେ ଘେନିଗଲା ପ୍ରାଣର ସାଧାରଣ ରହସ୍ୟରୁ ତା'ର ନିଜସ୍ୱ ଟିକିଏ ଅଂଶ । ନିଶ୍ଚୟ ସେ ସାରା ଶୀତଋତୁ ସେଇ ଅନ୍ଧାରରେ ଅସରନ୍ତି ନିଦରେ ଶୋଇଥିବ । ତା'ର ଚକ୍ ଚକିଆ ମୁଣ୍ଡ ବୁଣିପଟେ ଗୁଡ଼ାଇ ହୋଇଥିବ ତା'ର ସରୁ, ଲମ୍ବା ଦେହ । ମନ ଭିତରେ ସେ ଗର୍ଭର ଅନ୍ଧାର ବା ଶୂନ୍ୟତାକୁ ସଯତ୍ନେ ସଞ୍ଚିରଖେ କି ? ନା, ବରଂ ସେ ଏକ ଅଦ୍ଭୁତ ସରୀସୃପ ସୁଲଭ ଅନ୍ଧାରୁଆ ମନୋବୃତ୍ତି ମନେ ମନେ ସଜାଡ଼ି ଥାଏ । ହୁଏତ କେତେକ ମୁହୂର୍ତ୍ତରେ ତା ମନରେ ପ୍ରାଣଧାରାର ସୁଅ ଭିତରେ ମୃଦୁ ଧର୍ଷଣର ଜୁଆର ଭଟ୍ଟାର ଉତ୍ଥାନ ପତନ ଯୋଗୁ ସ୍ୱପ୍ନ ଦେଖୁଥିବ—ମୂଷା ହାଡ଼ର ସ୍ୱପ୍ନ, ଚଢ଼େଇଙ୍କ ଅଣ୍ଡାର ସ୍ୱପ୍ନ ! କିନ୍ତୁ ସେ ସାପଟି ମୋର ମନୋଯୋଗ ବିକ୍ଷିପ୍ତ କରିଛି । ବର୍ତ୍ତମାନ ଯୁଗ ଯେପରି ବିଶ୍ଳେଷଣ ଦରକାର କରେ, ଏଇ ପଡ଼ିଆରେ ପ୍ରାଣର ରହସ୍ୟ ସନ୍ଧାନରେ ସେହିପରି ବିଶ୍ଳେଷଣ କରିବାକୁ ତ ମୁଁ ଆସିଥିଲି ।

ସେଥିରେ ମୋର ମନୋଯୋଗ ଥିବାର କଥା, କିନ୍ତୁ ଯାପଟି ମୋତେ ବିଚଳିତ କରି ଦେଲା ।

ପ୍ରଧାନ ପ୍ରଧାନ ସାମୟିକ ପତ୍ରମାନଙ୍କରେ ଆମେ ଆଜିକାଲି ସଚରାଚର ଦେଖିବାକୁ ପାଉ ନାନା ପ୍ରବନ୍ଧ, ଯାହାର ଶିରୋନାମା ଏହିପରି—'ପ୍ରାଣର ସ୍ଫୁରଣ', 'ପ୍ରାଣର ରହସ୍ୟ', 'ଜୀବନୀଶକ୍ତି ବର୍ଦ୍ଧକ ରଶ୍ମିରସ କ୍ଷରଣ ଜରିଆରେ ପ୍ରାଣ ସମ୍ବନ୍ଧରେ ନୂଆ ସୂତ୍ର ।' ଏହିପରି ଆହୁରି ଅନେକ ଆଶାବାଦୀ ଘୋଷଣା ମଧ୍ୟ ମିଳେ । ଦୃଷ୍ଟାନ୍ତ ସ୍ୱରୂପ, ଗତକାଲି ନ୍ୟୁୟର୍କ ଟାଇମସ୍ ନାମକ ସମ୍ବାଦ ପତ୍ରରେ ମୁଁ ଏକ ଅଗ୍ରଲେଖ ଆବିଷ୍କାର କଲି—'ବିଜ୍ଞାନ ଭବିଷ୍ୟଦ୍‌ବାଣୀ କରୁଛି ଯେ ଗବେଷଣାଗାରରେ ପ୍ରାଣ ସୃଷ୍ଟି ସମ୍ଭବ ।' ଖବରଟିରେ ମସ୍କୋର ତାରିଖ ଦିଆହୋଇଛି । ରୁଷ ଦେଶର ସର୍ବୋଚ୍ଚ ବିଜ୍ଞାନ ସଂସ୍ଥାର ସଭ୍ୟା ଓଲ୍‌ଗା ଲେପେଷିନ୍‌ସ୍କାୟା ଭବିଷ୍ୟଦ୍‌ବାଣୀ କରି ସେଥିରେ କହିଛନ୍ତି ଯେ, 'ଅଦୂର ଭବିଷ୍ୟତରେ ସୋଭିଏଟ୍ ବୈଜ୍ଞାନିକମାନେ ପ୍ରାଣ ସୃଷ୍ଟି କରି ପାରିବେ ।' ସେଇ ଜବରଦସ୍ତ ମହିଳା ଶ୍ରୀମତୀ ଓଲ୍‌ଗା ଆମକୁ ତୁଷିସ୍କାର କରି ଦେଇ କହିଛନ୍ତି—'ସେଦିନ ଦୂର ନୁହେଁ ଯେବେ ଆମେ କୃତ୍ରିମ ଭାବରେ ପ୍ରାଣର ମୂଳ ପଦାର୍ଥ ପାଇ ପାରିବୁ ।' ସେ ଏତେ ସଜୋରେ କହିଛନ୍ତି ଯେ, ଆଣବିକ ବୋମାର ଘୋଷଣାରେ ମୋ ମନ ଭିତରେ ଯେପରି ପ୍ରତିକ୍ରିୟା ହୁଏ, ଏଥିରେ ମଧ୍ୟ ପ୍ରାୟ ତାହାହିଁ ହୋଇଥିଲା । ପ୍ରକୃତରେ, କାଲେ ରୁଷ ଦେଶରୁ ଜୀବନକାର ଜୁଆର ମୋ ଉପରେ ମାଡ଼ିଆସିବ, ଏଇ ଭୟରେ ମୁଁ କବାଟ କିଳିବାକୁ ପ୍ରାୟ ଉଠି ସାରିଥିଲି ।

କିନ୍ତୁ ଶେଷରେ ମୋର ଭଗ୍ନ ମନୋବଳ ଏଣ୍ଡ଼ି ନିଜ ଉପରେ ଆସ୍ଥା ଫେରି ପାଇଲି, କାରଣ ମୋର ମନେ ପଡ଼ିଲା ଯେ, ଏପରି ଘୋଷଣା ଆଜିକୁ ପ୍ରାୟ ଶହେବର୍ଷ ପୂର୍ବରୁ ହୋଇ ଆସୁଛି । ତେବେ ଆଜି କାହିଁକି ରୁଷ ଦେଶର ବିଜ୍ଞାନୀମାନେ ଏପରି ଚମକପ୍ରଦ ଘୋଷଣା କରିବାରେ ବିଶେଷ ଆଗ୍ରହୀ ହେଲେ ? କାରଣ, ବିଜ୍ଞାନର ଖୁବ୍ ଶିଶୁ ଅବସ୍ଥାରେ ଅହଂକାର ବୋଧ ଜନ୍ମେ, ତା' ଛଡ଼ା ରାଜନୈତିକ ଦୃଷ୍ଟି କୋଣରୁ ସେମାନେ ଜଡ଼ବାଦରେ ଏତେ ବଦ୍ଧମୂଳ ଯେ ସେ ବିଷୟରେ କୌଣସି ରଫା ବରଦାସ୍ତ କରିବାକୁ ରାଜି ନୁହନ୍ତି । ଅଧିକନ୍ତୁ,

ଖବର କାଗଜରେ ପ୍ରକାଶିତ ଶ୍ରୀମତୀ ଲେପେସିନ୍ସ୍କାଙ୍କ ଘୋଷଣାରେ ଏକ ପୁରୁଣା ଧରଣର ଆସ୍ୱାଦ ମିଳେ । ଜୀବନକଣା ସମ୍ବନ୍ଧରେ ସେ ଯାହା କହୁଛନ୍ତି ସେଥିରୁ ମନେହୁଏ ଯେ ହେକେଲ୍‌ଙ୍କର ମରହୁଣ୍ଠି ଧାରଣା 'ଉର୍‌ସ୍ଲେଇମ୍' ବା 'ଅଟୋପ୍ଲାସନ୍' ସହିତ ତା'ର ଆଶ୍ଚର୍ଯ୍ୟ ସାଦୃଶ୍ୟ ଅଛି । ଅଥଚ ବୀଜାଣୁ ଭର୍ତ୍ତି ଶ୍ଳେଷ୍ମା ପରି କାଦୁଅର ତାହା ଏକ ସରଳ ରୂପ ଓ କେହି ଏବେ ତାହାକୁ ଗମ୍ଭୀର ବିଷୟର ଯୋଗ୍ୟ ବସ୍ତୁ ବୋଲି ମନେ କରନ୍ତି ନାହିଁ । ବିଜ୍ଞାନୀଙ୍କ ଉକ୍ତିର ଯଥାର୍ଥ ଉଦ୍ଧୃତି ନ ଦେଇ ତାଙ୍କର ଗବେଷଣାର ସାମ୍ପ୍ରତିକ ଧୂଳିଭ ସ୍ପଷ୍ଟ ଦେବା ଏବେ ଅଧିକାଂଶ ଖବର କାଗଜବାଲାଙ୍କର ଅଭ୍ୟାସ ହେଲଣି । ସେ କଥା ମନେ ରଖିଲେ କହିହେବ ଯେ, ପ୍ରାଣ ସମ୍ବନ୍ଧରେ ଆମେରିକାର ବୈଜ୍ଞାନିକଙ୍କ ଉକ୍ତି ସବୁ ଅନ୍ୟ ଏକ ଧରଣର । ଜଣେ ବିଜ୍ଞାନୀ ଭିଟାମିନ୍ ନାମକ ଏକ ନୂଆ ରସାୟନିକ ଉପାଦାନ ଅଥବା ସେହିପରି ଏକ ଉପାଦାନ ପାଇଛନ୍ତି ଯାହାଛଡ଼ା ଜୀବନ ଚଳି ନପାରେ । ଲୋମହର୍ଷକ ଖବର ଛପାଉଥିବା ସମ୍ବାଦ ପତ୍ର ଏହାକୁ 'ପ୍ରାଣର ଗୋପନ ରହସ୍ୟ' ବୋଲି ଅଭିହିତ କରିବେ । ଅନଭିଜ୍ଞ ପାଠକ ହୁଏତ ଏକଥା ବୁଝିବେ ନାହିଁ ଯେ, ଏହାର କୌଣସି ଗୋଟିଏ, ଏପରି କି ସମସ୍ତ ଯାହା ସର୍ବଶେଷରେ ଆବିଷ୍କୃତ ହୋଇଛି ତାହା ମଧ୍ୟ ପ୍ରାଣର ପ୍ରକୃତ ରହସ୍ୟ ନୁହେଁ । ବରଂ, ଏସବୁ ପଦାର୍ଥ ହୁଏତ ଏକ ବୃହତ୍ତର ଧନ୍ଦାର ଅଂଶମାତ୍ର ଓ ଖୁବ୍ ଛୋଟ ଅଂଶ । ସେ ଧନ୍ଦା ପୂର୍ବପରି ଏବେ ବି ସମାନ ଦୁର୍ବୋଧ ହୋଇ ରହିଛି । ପୂର୍ବଠାରୁ କେବଳ ମାତ୍ର ପ୍ରଭେଦ ଯେ, ସେଇ ରହସ୍ୟର ବିରାଟ ଜଟିଳତାକୁ ଆହୁରି ପରିସ୍ଫୁଟ କରୁଛି ପ୍ରାଣ ପ୍ରକ୍ରିୟା ସହିତ ସଂପୃକ୍ତ ନୂଆ ନୂଆ ଅବୋଧ ପଦାର୍ଥ ସବୁ, ଯଥା — ଜୀବନୀଶକ୍ତିଦାୟକ ଗ୍ରନ୍ଥିରସ, ବିଭିନ୍ନ ବର୍ଗର ରକ୍ତକଣିକା ଓ ଅଦୃଶ୍ୟ ଭାବରେ ଦେହ ମନରେ ପ୍ରଭୂତ ପରିବର୍ତ୍ତନ ଘଟାଉଥିବା ଅଜଣା ବସ୍ତୁ ସବୁ । ଜର୍ମାନ୍ ପ୍ରାଣୀବିଜ୍ଞାନୀ ଭନ୍ ବାର୍ଟାଲାନ୍‌ଫି କହନ୍ତି:—'ସବୁଠାରୁ ସରଳ ପ୍ରାଣକୋଷର ଜୈବ-ରସାୟନିକ ସଂହତିକୁ ପୁଙ୍ଖାନୁପୁଙ୍ଖ ବୁଝିବା ଆମର ସାଧ୍ୟାତୀତ ।'

ଗବେଷଣାଗାରରେ ଗ୍ୟାସର ଧୂଆଁ, ନାନା ଗନ୍ଧ ଓ ତରଳଦ୍ରବ୍ୟ ମାପିବା ଯନ୍ତ୍ର 'ପିପେଟ୍' ପ୍ରଭୃତିର ଜଙ୍ଗଲ ଭିତରେ ଅତି ଧୈର୍ଯ୍ୟଶୀଳ ସେଇ

ସବୁ ବୈଜ୍ଞାନୀ ନିଜକୁ ଭୁଲିଯାଇ ଆପଣାକୁ ଉତ୍ସର୍ଗ କରି ଦେଇଛନ୍ତି, ସେମାନେ ପ୍ରଶଂସାର୍ହ । ପାଠକେ ବୁଝିପାରୁଥିବେ ଯେ, ତାଙ୍କ ପ୍ରତି ଅଶ୍ରଦ୍ଧାବଶତଃ ମୁଁ ବୃଦାଷ୍ଟୋପର ଏଇ ବର୍ଣ୍ଣନେ ଉଚ୍ଚସ୍ତରୀ ପର୍ଯ୍ୟଟନରେ ବାହାରି ନାହିଁ । ବରଂ ମୁଁ ବାହାରିଛି, କାରଣ ମୁଁ ଜାଣେ ଯେ ସେ ରହସ୍ୟର ସମାଧାନ ମୋର ଜୀବନକାଳ ଭିତରେ ଦେଖିପାରି ପାରିବି ନାହିଁ ଓ ତେଣୁ ମୁଁ ନିଜକୁ ଏକାକୀ ବୋଧ କରେ । ଆହୁରି ମଧ୍ୟ ମୁଁ ବିଶ୍ୱାସ କରି ସାରିଲିଣି ଯେ, ଯଦିବା କେବେ ମଣିଷର ତିଆରି ରସାୟନିକ କଣିକାଟିଏ ଏକ ଅଜଣା ସମ୍ମିଶ୍ରଣ ଭିତରେ ନିଜର ବଂଶବୃଦ୍ଧି କରିପାରେ ତେବେ ବି ଏ ରହସ୍ୟର ସମାଧାନ ହେବ ନାହିଁ ।

ମୋର ମନେହୁଏ ଯେ, ଏହା ସେଇ ଧରଣର ପ୍ରଶ୍ନ ଯାହା ମଣିଷ ନିଜେ ନିଜକୁ ପଚାରେ । ହୁଏତ ଦିନେ ଆମେ ଆସ୍ଥାର ସହିତ କହିପାରିବା ଯେ, "ଆମର ଉତ୍ପତ୍ତି ହୋଇଛି ଅମୁକ ଅମୁକ ପ୍ରୋଟିନ କଣିକାରୁ । କେତେକ ନିର୍ଦ୍ଦିଷ୍ଟ ଅବସ୍ଥାଚକ୍ରରେ ତାହା ନିଜକୁ ଏପରି ଭାବରେ ସଜିତ କରିବାର ଶକ୍ତି ରଖେ ଯେ, ତହିଁରୁ ପ୍ରାଣକୋଷ ନାମକ ଜଟିଳ ପଦାର୍ଥର ଉଦ୍ଭବ ଘଟେ ଓ ସେଇ ପ୍ରାଣକୋଷରୁ ଆଗକୁ ବଢ଼ି ବିଭିନ୍ନ ପଦ୍ଧତିରେ ବହୁସଂଖ୍ୟକ ପ୍ରାଣକୋଷବିଶିଷ୍ଟ ଜୀବ ଜନ୍ମେ ।" ମୋର କହିବାର ଅର୍ଥ ଏତିକି ଯେ, ବହୁ ବିସ୍ତୃତ ଟିକିନିଖି ବର୍ଣ୍ଣନା ଓ ଗଭୀର ନିଶ୍ଚିତତା ସଙ୍ଗେ ଆମେ ଏହା ସବୁ କହିପାରୁ ସିନା ; କିନ୍ତୁ ଏହା ସବୁ ପ୍ରାଞ୍ଜଳ କରିପାରେନା ବହୁ ଜିନିଷ, ଯଥା—ମୋ ହାତରେ ଥିବା କଳା ଓ ଧୂଳି ରଙ୍ଗର, କରତ ପରି ଦାନ୍ତ ଥିବା, ଝିଣ୍ଟିକାର ଗୋଡ଼, ଜଦ୍‌ଖୋର ପରି ଏବେ ବି ମୋ କୋଟରେ ଲାଗିରହିଥିବା ମଞ୍ଜିଗୁଡ଼ାକ, କିମ୍ବା ଏଇ ପଡ଼ିଆ, ଅଥବା ମୋର ମସ୍ତିଷ୍କର ପତଳା ତନ୍ତୁମାନଙ୍କରେ ଖେଳୁଥିବା ଆନନ୍ଦର ଅନୁଭୂତି, ସ୍ମୃତିର ମୃଷ୍ଟ ନିର୍ଯ୍ୟାସ ଓ ମନର ମୃଗତୃଷ୍ଣା ।

ମୋର ୪୫ ବର୍ଷ ଜୀବନ ମଧ୍ୟରେ ମନେ ହୁଏ ଯେ, ଯେଉଁସବୁ ଅଣୁପରମାଣୁ ମୋର ଦେହ ଗଢ଼ିଛନ୍ତି, ସେଗୁଡ଼ିକ ପ୍ରତ୍ୟେକ ନିଜ ନିଜ ସ୍ଥାନ ବଦଳାଇଛନ୍ତି, ସ୍ୱସ୍ଥାନଠାରୁ ନାଚି ନାଚି ହୁଏତ ଦୂରକୁ ଅଥବା ଉପରକୁ ଚାଲିଯାଇଛନ୍ତି ଅନ୍ୟ ପଦାର୍ଥର ଅଂଶ ହେବା ପାଇଁ । ଘାସରୁ ଅର୍ଥାତ୍

ପନିପରିବାରୁ ଏବଂ ପଶୁ ଦେହରୁ ଅର୍ଥାତ୍ ମାଂସରୁ ନୂଆ ଅଣୁପରମାଣୁ କିଛି କାଳପାଇଁ ମୋର ଦେହର ଅଂଶ ହୋଇଛନ୍ତି ; କିନ୍ତୁ ସୂର୍ଯ୍ୟର ଗୋଟିଏ ମାତ୍ର ରଶ୍ମି ଧାର ଭିତରେ ଯେପରି ଅସଂଖ୍ୟ ଛୋଟ -ଧୋଳି ହାଲୁକା ପବନ ପରି ଖେଳୁଥାନ୍ତି ସେହିପରି ମୋର ଦେହର ଅଣୁପରମାଣୁଙ୍କର ଆବର୍ତ୍ତନ ଭିତରେ ମୋର ସ୍ମୃତିର ଭଣ୍ଡାର କେତେ କଥା ସଞ୍ଚି ରଖେ । କୋଡ଼ିଏ ବର୍ଷ ଆଗର ଗଭୀର ପ୍ରେମର ପରିଚୟ ଦେଇ ଗୋଟିଏ ମୁହଁ ଏବେ ବି ମୋ ସାମନାରେ ରହିଛି । ଗୋଟାଏ ନିଷ୍ପ୍ରାଣ ଆଲୋକ ଚିତ୍ରର ଯଥାଯଥ ରେଖାବଳି ପରି ସେଇ ମୁହଁ ବା ଗତ ୪୫ ବର୍ଷ ଜୀବନର ଅଭିଜ୍ଞତା ସବୁ ମୋର ପ୍ରାଣକୋଷରେ ଏକ ସ୍ଥୂଳ, ଯାନ୍ତ୍ରିକ ପୁନରାବୃତ୍ତିରୂପେ ନାହିଁ । ଅତୀତକୁ ମୋର ସ୍ମୃତି ଧରି ରଖିଛି ସିନା, ତଥାପି ଆପାତ ବିରୋଧୀ ଭାବରେ । ତତ୍ସଙ୍ଗେ ମୋର ସ୍ମୃତିକୁ ଜଣା ଯେ, ଅତୀତ ଚାଲିଯାଇଛି, ଆଉ ଫେରି ଆସିବ ନାହିଁ । ହିଁ, କେତେ ମୃତ ଆତ୍ମୀୟ ବନ୍ଧୁଙ୍କ ମୁହଁ, ସଂଯୋଇଥିବା କଣ୍ଠସ୍ୱର ଓ ହଜିଯାଇଥିବା ଶୈଶବର ସନ୍ଧ୍ୟା ସବୁ ଏହା ଗଭୀର ମମତାରେ ସଞ୍ଚି ରଖେ । ସ୍ଥୂଳ ଜଗତରେ ସ୍ଥିତି ନଥିଲେ ହେଁ, ଟିକି ଟିକି ହୋଇ ଇଟା କାଠ ସହିତ ଭାଙ୍ଗି ଯାଇଥିବା କେତେ ଘର ଓ ବଗିଚାସବୁ ଏଥିରେ ଏବେ ବି ବିରାଜ କରେ । ଏହା ଅଦ୍ଭୁତ ନୁହେଁ କି ? ଖପ୍ରର ରେଖାଟି ଭିତରେ ନାଚୁଥିବା ଅଣୁପ୍ରମାଣ ପୋକଙ୍କ ପରି ସ୍ମୃତିର ଖୋଳ ଭିତରେ ଏସବୁ ବାସ୍ତବ ଜଗତ ଅପେକ୍ଷା ଅଧିକ ବେଶି ଚିରନ୍ତନ । ତେଣୁ, ଖୋଲା ପଡ଼ିଆରେ ଜଣେ ଲୋକର ମନରେ ଯେପରି ପ୍ରଶ୍ନ ଖେଳୁଥାଏ ରୁଷ ଦେଶର ଉଚ୍ଚତମ ବିଜ୍ଞାନ ସଂସ୍ଥାର ସଭ୍ୟ ଓଲ୍‌ଗା ଲେପେସିନ୍‌ସ୍କାୟା ସେ ଧରଣର ପ୍ରଶ୍ନର ଉତ୍ତର ଦେଇ ନାହାନ୍ତି ।

ଯଦି ଏପରି ଦିନ ଆସେ ଯେବେ ଗବେଷଣାଗାରର ରସଦ୍ରାବ ମଣିଷର ହୁକୁମରେ ପ୍ରଥମ କରି ହାମୁଡ଼େଇ ଚାଲିବ, ତେବେ ସେଦିନ ଆମେ ଖୁବ ବିନୀତ ହେବା ଉଚିତ୍ । ସେପରି କୀର୍ତ୍ତି ଅର୍ଜନ କରିବାର ଅହଂକାରରେ ଆମ ପକ୍ଷରେ ବିଶ୍ୱାସ କରିବା କଠିନ ହେବ ଯେ, ପ୍ରାଣର ରହସ୍ୟ ଆମ ଆଙ୍ଗୁଳି ଫାଙ୍କରେ ଖସି ଯାଇଛି ଓ ତେବେ ବି ଆମର ଆୟତ୍ତ ବାହାରେ ଅଛି । ଅବଶ୍ୟ ସେଦିନ ଆମେ ରାସାୟନିକ ଉପାଦାନସବୁ ଓ ସେମାନଙ୍କର ପ୍ରତିକ୍ରିୟା ସମୂହର ତାଲିକା

କରିବା । ସେଦିନର ସଫଳ ବୈଜ୍ଞାନିକମାନଙ୍କର ଛବି ନେବାପାଇଁ ଖବରକାଗଜ-ମାନଙ୍କର ଆଲୋକଚିତ୍ର ଶିଳ୍ପୀଙ୍କର ବହୁତ ବିଦ୍ୟୁତ୍ ବତୀ ଜଳିବ । ସଙ୍ଗତରେ ସେହି ବୈଜ୍ଞାନିକମାନେ ତାଙ୍କ ସାମନାରେ ଦେବତା ପରି ଗମ୍ଭୀର ଭଙ୍ଗୀ କରି ଠିଆ ହେବେ । ଆମ ଯୁଗର ମନୋଭଙ୍ଗୀ ଏପରି ବଦ୍ଧମୂଳ ଯେ, ଅଧିକାଂଶ ଲୋକ ଜଡ଼ ସହିତ ଜୀବନର ଯୋଗାଯୋଗ ସ୍ଥାପନର ଆଗ୍ରହରେ ଅନ୍ଧହୋଇ ଭୁଲିଯିବେ ଯେ ଉଭୟଙ୍କର ଗୁଣଗତ ବୈଶିଷ୍ଟ୍ୟ ଆହୁରି କେତେ ବେଶି ଉଲ୍ଲେଖ ଯୋଗ୍ୟ ।

ସେଦିନ ଯଦି ମୁଁ ବଞ୍ଚିଥାଏ, ତେବେ ମୋର ପୁରୁଣାକାଳିଆ ଟୋପି ମୁଣ୍ଡରେ ଦେଇ ମୁଁ ଆଗପରି ପାଚୀର ଡେଇଁ ପଡ଼ିଆମାନଙ୍କରେ ବୁଲୁଥିବି । ହେମନ୍ତର ବୃଷ୍ଟିକଣା ଭିତରେ ମୁଁ ଦେଖୁଥିବି ଅଦ୍ଭୁତ କେତେ ଯାନ୍ତ୍ରିକ ବ୍ୟବସ୍ଥା ଏଠିସେଠି ବସା ହୋଇଛି, ଯଥା—କମ୍ବୁତକମାକାର ନଳ ବାଟେ କିପରି ପ୍ରାଣରେ ସାରାଂଶ ବୁହାହୋଇଛି, ଜଟିଳ ମସ୍ତିଷ୍କ ଖୋଳସବୁ, ଯାହା ଭିତରୁ ପ୍ରାଣ ପଦାର୍ଥ ଉଡ଼ି ଯାଇଛି । ଗଛ ପତ୍ରର ତଳୁ କୂପକୁ ବାହାରୁଥିବା କ୍ଷୀଣ ପ୍ରଶ୍ୱାସ, ପବନରେ ଭାସୁଥିବା ବାଷ୍ପର ସୂକ୍ଷ୍ମ ଯାତାୟାତ ବା କୌଣସି ସବୁଜ ଜୀବନ୍ତ ମୋ ଆଖିରେ ପଡ଼ିବ ନାହିଁ । ପର୍ଣ୍ଣଶ୍ୟାମ ବାହିକା ଉଦ୍ଭିଦକଣିକାର ସୂର୍ଯ୍ୟସ୍ନାତ ଛୋଟ ଛୋଟ କାରଖାନାଗୁଡ଼ିକ ଆମର ଅତିଚିହ୍ନା ପୃଥିବୀର ଧୂଳିରେ ମିଶି ଯାଇଥିବ ।

ଆଜି ଯେପରି, ସେଦିନ ମଧ୍ୟ ସେମିତି ଜୀବନର ଜଲକବିକା ସବୁ ମୋ ଆଖି ସାମନାରେ ମେଲା ହୋଇ ପଡ଼ିଥିବ ଓ ଉଲଗ୍ନ, ସୁନ୍ଦର, କୋଣବୈଶିଷ୍ଟ ଦିଶୁଥିବ । ଗୋଟିଏ ଛୋଟ ଗଦାଭିତରେ ହୁଏତ ଥିବ କୌଣସି ଠେକୁଆର ସରୁ, ନୀଳରଙ୍ଗର କଙ୍କାଳଟିଏ । ଆଣୁମାଡ଼ି ତା' ଉପରେ ନଇଁପଡ଼ି, ଅଳ୍ପପରି, ସେଦିନ ମଧ୍ୟ ମୁଁ ଆଶ୍ଚର୍ଯ୍ୟ ବୋଧ କରିବି—ତା'ର ବିଭିନ୍ନ ଅଙ୍ଗସଂସ୍ଥାନ ଭିତରେ କିପରି ଘନିଷ୍ଠ ସମ୍ପର୍କ ରହିଛି ଓ ସେ ସବୁଯାକ କିପରି ଗୋଟିଏ ମାତ୍ର ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ସମନ୍ୱିତ ହୋଇଛି । ବ୍ୟକ୍ତିଗତଭାବେ ସେଇ ଠେକୁଆ ଆଜି ଅଦୃଶ୍ୟ କିନ୍ତୁ ତାହାର ଗୋଡ଼—ଧାଉ ଆଜି ବି ଅନ୍ୟ କୌଣସି ପାହାଡ଼ ଉପରେ ଡେଉଁଥିବ । ଯଦ୍ରୂଦିନ ପରି ସେଦିନ ମଧ୍ୟ ମୁଁ ଅବାକ୍ ହୋଇ

ଭାବିବ ଯେ, 'ଅଣୁ' ସବୁ କେଉଁ ସୂତ୍ରରେ ଏପରି କୁଟିଳ ଯୋଜନା ଓ ସାମଞ୍ଜସ୍ୟ ବିଧାନର ବ୍ୟବସ୍ଥାସମୂହକୁ ଅନୁସରଣ କରନ୍ତି । ସମୟର ସ୍ରୋତରେ ଗୋଟିଏ ଧୂଳି କଣିକା ଏକ ଇତିହାସର ଧାରା ବହନ କରି ଏପରି ସବୁ ଅତୁଳନୀୟ ସ୍ରଷ୍ଟା ମୂର୍ତ୍ତି ଗଢ଼ିବାର ସୂତ୍ରପାତ କରେ ଯାହାଙ୍କର ପ୍ରତ୍ୟେକଟି ଭବିଷ୍ୟତରେ ମଧ୍ୟ ଅଦ୍ୱିତୀୟ ରହିବ, କୌଣସି ଦୁଇଟି ପ୍ରାଣୀମୂର୍ତ୍ତି କେବେହେଲେ ସର୍ବାଂଶରେ ଠିକ୍ ଏକରକମ ହେବ ନାହିଁ । କିପରି ଏଇ ପ୍ରକ୍ରିୟା ନିଷ୍ପନ୍ନ ହୁଏ ମୁଁ ତାହା ଆଉ ଥରେ ନିଜକୁ ପଚାରିବି । ବିସ୍ମୟରେ ଅଭିଭୂତ ହୋଇ ମୁଁ ଭାବିବି ଜଡ଼ବସ୍ତୁର ଅଭ୍ୟନ୍ତରରେ ଥିବା କେଉଁ ଅଦ୍ଭୁତ ଶକ୍ତିସବୁ ଠେକୁଆର ହୃତ୍ପିଣ୍ଡ ଭିତରେ ଶ୍ରେଷ୍ଠ ଶ୍ରେଷ୍ଠ ସ୍ପନ୍ଦନ ନିୟନ୍ତ୍ରଣ କରେ ଅଥବା 'ମିଲ୍‌କୱିଡ଼୍'ର ମଞ୍ଜି ଖୋଳ ଭିତରେ ଘୁଇ ଅଙ୍କାର ଯେଉଁ ଫୁଲର ସ୍ୱପ୍ନ ରଚନା କରେ ।

ଏସବୁ ବିଷୟରେ ଜାଣିଥିବା ଲୋକେ କହନ୍ତି ଯେ, ସବୁଠାରୁ ଶ୍ରେଷ୍ଠ ପ୍ରାଣକୋଷ ଭିତରେ ବୋଧହୁଏ ଅଢ଼େଇ ଲକ୍ଷରୁ ଅଧିକ ପ୍ରୋଟିନ୍ ପରମାଣୁ ଥାନ୍ତି । ସେମାନେ ଅଜସ୍ର କାର୍ଯ୍ୟକଳାପର ସମନ୍ୱୟ ଜରିଆରେ ପ୍ରାଣର ସଙ୍ଗଠନ କରିବାରେ ବ୍ୟସ୍ତ । ମଣିଷ ବା ଜୀବାଣୁର ମୃତ୍ୟୁ ମୁହୂର୍ତ୍ତରେ ସେଇ ଶୃଙ୍ଖଳା ବନ୍ଦ, ଅବିଶ୍ୱାସ୍ୟ ପୁନର୍ବର୍ତ୍ତନ ପ୍ରକ୍ରିୟା ମାଧ୍ୟମରେ ପ୍ରାଣ ସଙ୍ଗଠନ ସରିଯାଏ ଓ ପ୍ରାୟ ଦାରୁଣ ଦ୍ରୁତ ଗତିରେ ସେଇ ସବୁ ପରମାଣୁ ପୁଣି ବିଶୃଙ୍ଖଳ, ଯୋଜନାହୀନ ପୃଥିବୀକୁ ଫେରିଯିବାକୁ ବାହାନ୍ତି ।

ଧରିଯାଉ, ସବୁଠାରୁ ଶ୍ରେଷ୍ଠ ଓ ତୁଚ୍ଛ ପ୍ରାଣ ଭଣ୍ଡାରର ସବୁ କେହି ଜଣେ ଚୂଡ଼ାନ୍ତ ଭାବରେ ବୁଝାଇବାରେ ସଫଳ ହେଲେ । ତଥାପି, ମୋର ମନେହୁଏ ନା ଯେ, ଏସବୁ ପ୍ରଶ୍ନମଧ୍ୟରୁ ଅନେକଗୁଡ଼ିକର ସମାଧାନ ହୋଇଯିବ ଅଥବା ସମୁଦ୍ରର ଗଭୀରରେ ବତି ଜଳାଉଥିବା ଅଜଣା ଶକ୍ତି ସମୂହ, ଗ୍ରୀଷ୍ମମଣ୍ଡଳର ସନ୍ତସନ୍ତିଆ ଜମିର ପାଣିରେ ଥିବା ଜୀବନ ଜୋଗାଉଥିବା ପ୍ରାଣଭଣ୍ଡାର, ସବୁ ଭୟାଳୁ ପରଜୀବୀ ପ୍ରାଣୀଚକ୍ର ଅଥବା ମଣିଷ ମସ୍ତିଷ୍କର ମହତ୍ତମ କାର୍ଯ୍ୟାବଳୀର ଅନେକ କିଛି ପ୍ରକାଶିତ ହୋଇଯିବ । ବରଂ ରାବୁଥିବା ଘରଚଟିଆ, ଚିଲାଉଥିବା ଝିଣ୍ଟିକା ଓ ସେମାନଙ୍କ ଶବ୍ଦରେ ଅବାକ୍ ସବୁ

ମଣିଷ ସମନ୍ୱିତ ଅଦ୍ଭୁତ ଭୂମିଶ୍ରୀ ସହ ପ୍ରାଣହୀନ ଜଡ଼ ପଦାର୍ଥ ଦ୍ୱାରା ସୃଷ୍ଟ ହୋଇଛି ବୋଲି ଧରାଯାଏ, ତେବେ ମୁଁ କହିବି ଯେ, ସବୁଠାରୁ ବେଶି ନିଷ୍ଠାବାନ୍ ଜଡ଼ୋପାସକ କ୍ଷେତ୍ରରେ ବି ଏହା ସହଜରେ ବୁଝାଯିବ ଯେ, ଯେଉଁ ଜଡ଼ ପିଣ୍ଡ ବିଷୟରେ ସେ କହୁଛନ୍ତି ତାହାର ଉପାସକର ନ ହେଲେହେଁ ଅନ୍ତତଃ ଚମକପ୍ରଦ, କ୍ଷମତା ଅଛି । ଏହା ଅସମ୍ଭବ ନ ହୋଇ ପାରେ ଯେ, କବି ହାର୍ଡ଼ିଙ୍କ ଇଙ୍ଗିତ ଅନୁଯାୟୀ ସେହି ଜଡ଼ ପିଣ୍ଡ ବୋଧହୁଏ 'ପଶ୍ଚାତ୍‌ପଟରେ ଥିବା ଈଶ୍ୱରଙ୍କର ବିରାଟ ମୂର୍ତ୍ତିର ବହୁ ମୁଖା ମଧ୍ୟରେ ଗୋଟିଏ ମାତ୍ର ।'

ମୁଦ୍ରାକର—ଶ୍ରୀ ରାମକୃଷ୍ଣ ମହାପାତ୍ର
ଲୋକସାହିତ୍ୟ ପ୍ରିଣ୍ଟିଂ କମ୍ପାନୀ, କଟକ-୨

# ଅନନ୍ତ ପଥର ଯାତ୍ରୀ

ବୈଜ୍ଞାନିକ ଜ୍ଞାନ ଓ କଳ୍ପନାତ୍ମକ ଦୃଷ୍ଟିର ଏକ ଅସାଧାରଣ ସମାବେଶରେ ଲରେନ ଆଇସ୍‌ଲି ମନୁଷ୍ୟର ଜୀବନ କାହାଣୀ ଏଥିରେ ପରିବେଷଣ କରିଛନ୍ତି । ଡକ୍ଟର ଲରେନ ଆଇସ୍‌ଲି ହେଉଛନ୍ତି ଜଣେ ନୃତତ୍ତ୍ୱବିତ୍ ଓ ପ୍ରକୃତିତତ୍ତ୍ୱବିତ୍ । ପ୍ରକୃତିକୁ ନିରୀକ୍ଷଣ କରି ଭ୍ରମଣ କଲାବେଳେ ସେ ସୁଦୂର ଅତୀତ କଥା ଚିନ୍ତା କରିଛନ୍ତି ଏବଂ ସେହି କାଳରୁ ଆଜି ପର୍ଯ୍ୟନ୍ତ ସମୟର ଗତି ଅନୁସାରେ ଜୀବଜଗତରେ ଯେଉଁସବୁ କ୍ରମପରିବର୍ତ୍ତନ ହୋଇଛି ତାହା ସେ ନିଜେ ଦେଖିଲା ପରି ବର୍ଣ୍ଣନା କରିଛନ୍ତି । ବିଜ୍ଞାନର ବିଷୟସବୁ ସେ ଏପରି ସୁନ୍ଦରଭାବରେ ବର୍ଣ୍ଣନା କରିଛନ୍ତି ଯେ, ଯେ କୌଣସି ପାଠକ ତାହା ପଢ଼ି ମୁଗ୍ଧ ହୋଇଯିବ ।